କବିସମ୍ରାଟ ୬ ଉପେନ୍ଦ୍ରଭଞ୍ଜଙ୍କ

# କୋଟିବ୍ରହ୍ମାଣ୍ଡ ସୁନ୍ଦରୀ

## ଶ୍ରୀ ଅନନ୍ତ ପ୍ରସାଦ ଘୋଷଙ୍କ କୃତ

### ସୁବୋଧିନୀ ଟୀକାସହ

ଚତୁର୍ଥବାର ପ୍ରକାଶିତ

୧୯୬୩

ପଣ୍ଡିତ ଶ୍ରୀ ଶ୍ୟାମସୁନ୍ଦର ନାୟକଙ୍କ ଦ୍ୱାରା ସଂଶୋଧିତ

ପ୍ରାପ୍ତିସ୍ଥାନ :—

**ଓଡ଼ିଶା ଜଗନ୍ନାଥ କମ୍ପାନୀ**
**ଶ୍ରୀ ଜଗନ୍ନାଥ ସିଂହ**
**ବାଲୁବଜାର ପୋଃ ଚାନ୍ଦନୀଚୌକ**
**କଟକ**

ମୂଲ୍ୟ—ଛ' ଟଙ୍କା ମାତ୍ର

କବିସମ୍ରାଟ

୰ ଉପେନ୍ଦ୍ର ଭଞ୍ଜଙ୍କ

ଏଙ୍କର ଅନ୍ୟାନ୍ୟ

ପୁସ୍ତକାବଳୀ ନିମନ୍ତେ

ନିମ୍ନଠିକଣାରେ

ଅନୁସନ୍ଧାନ କରନ୍ତୁ ।


ଓଡ଼ିଶା
ଜଗନ୍ନାଥ କୋମ୍ପାନୀ
କଟକ—୨

| ବିଷୟ | ପୃଷ୍ଠା |
| --- | --- |
| ୧୪ଶ ସ୍କନ୍ଦ—କୃପାଧାମ୍ନୀ ଓ ଅବଧୂତାଙ୍କ ରୂପକେମା ନିକଟରୁ ଅନ୍ତର୍ହିତ ହୋଇ ସ୍ୱଭଦ୍ରକର ପ୍ରେମପତ୍ର ସମ୍ବନ୍ଧେ ଆଲୋଚନା | ୧୦୪ |
| ୧୫ଶ ସ୍କନ୍ଦ—ବର୍ଷାକାଳ ବର୍ଣ୍ଣନା | ୧୧୦ |
| ୧୬ଶ ସ୍କନ୍ଦ—ମାଳିନୀ ନଗରର ରାଜା ରୂପକେମା ସମ୍ବନ୍ଧେ ମନ୍ତ୍ରୀମାନଙ୍କଠାରେ ଆଳାପ କରୁଥିବା ବେଳେ ନାରଦଙ୍କ ପ୍ରବେଶ | ୧୧୯ |
| ୧୭ଶ ସ୍କନ୍ଦ—ରୂପକେମାଙ୍କ ସମ୍ବନ୍ଧେ ଯୋଗୀ ଗୁରୁମାନଙ୍କ ଦେଶବିଦେଶ ଭ୍ରମଣ | ୧୩୧ |
| ୧୮ଶ ସ୍କନ୍ଦ—ଧନୁର୍ଦ୍ଧାରୀ ରାଜାମାନେ କନ୍ୟାଲାଭ ଆଶାରେ ଚମ୍ପାବତୀ ପୁରରେ ପ୍ରବେଶ | ୧୪୨ |
| ୧୯ଶ ସ୍କନ୍ଦ—ସ୍ୱାଙ୍ଗ ସାଥିମାନେ ରାଜାରୂପକେମାଙ୍କ ଶଙ୍କାରୁ ଲେଖିବା ସମ୍ବନ୍ଧେ ପରାମର୍ଶ ଦେବା | ୧୬୩ |
| ୨୦ଶ ସ୍କନ୍ଦ—ଅଗତ ରାଜାମାନେ ପ୍ରଭାତ ସମୟେ ରାଜମାର୍ଗକୁ ଭ୍ରମିବା ଦେଖି ଗୁରୁଙ୍କୁ ପଚାରିବା | ୧୭୧ |
| ୨୧ଶ ସ୍କନ୍ଦ—ରାଜାମାନେ ବଣ୍ଠାନନ୍ଦରାଜାଙ୍କ ସିଂହଦ୍ୱାର ଅଗଣାରେ ଅଷ୍ଟର୍ଣ ମୁଣ୍ଡକାଣ୍ଡା ଦେଖିବା | ୧୮୧ |
| ୨୨ଶ ସ୍କନ୍ଦ—ରୂପକେମାଙ୍କ ଜାତକ ବିଚାର | ୧୯୬ |
| ୨୩ଶ ସ୍କନ୍ଦ—ଜ୍ୟୋତିଷର ବିବାହ ସମୟ ନିରୂପଣ | ୨୦୫ |
| ୨୪ଶ ସ୍କନ୍ଦ—ସହଚରୀଙ୍କ ମଧ୍ୟସ୍ଥତା ସୁନ୍ଦମଣ୍ଡଳ ଓ ବାଦ୍ୟ ପ୍ରଚାର | ୨୧୯ |
| ୨୫ଶ ସ୍କନ୍ଦ—କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଓ ରୂପକେମାଙ୍କ ମିଳନ ଦେଖି ସଖୀମାନଙ୍କର ଆନନ୍ଦ | ୨୨୮ |



କବିସମ୍ରାଟ ୰ ଉପେନ୍ଦ୍ରଭଞ୍ଜ

# କୋଟିବ୍ରହ୍ମାଣ୍ଡ ସୁନ୍ଦରୀ

## ପ୍ରଥମ ଛାନ୍ଦ

( ମଙ୍ଗଳାଚରଣ )

ରାଗ—ମଙ୍ଗଳଗୁର୍ଜ୍ଜରୀ

ଶୁଣି କୋବିଦେ ଭରତଖଣ୍ଡେ ପୁଣ୍ୟଧାମ ।
ଯେଣୁ ନାରାୟଣଦେହୀ ତେଣୁ ସେହି ନାମ ହେ ॥ ୧
ଗୀର୍ବାଣମତେ ନିର୍ବାଣ ସାରୂପ୍ୟକୁ ଦେଇ ।
ସାକ୍ଷୀ ଯହିଁ କରନ୍ତି ହନୁମାନରୂପେ ଥାଇ ଯେ ॥ ୨
ଯେ ବ୍ରହ୍ମହତ୍ୟା-ପାତକ-ନିପାତକ ମହୀ ।
କପାଳମୋଚନ ଶିବେଶ୍ୱରନ ସାକ୍ଷୀ ଯହିଁ ଯେ ॥ ୩

---

୧—ହେ ପଣ୍ଡିତମାନେ ଭାରତବର୍ଷରେ ପୁଣ୍ୟ ସ୍ଥାନ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ବିଷୟ ଶୁଣ । ନାରାୟଣ ଦେହ ଧାରଣ କରି ସେଠାରେ ବାସ କରିଥିବା ତାହାଙ୍କର ପୁରୁଷୋତ୍ତମ ନାମରେ କ୍ଷେତ୍ରର ନାମ ପୁରୁଷୋତ୍ତମ ହୋଇଅଛି ।

୨—ଦେବ ମତରେ ସାରୂପ୍ୟ ମୁକ୍ତି ପ୍ରଦାନ କରନ୍ତି, କାକପକ୍ଷୀ ପ୍ରତିମାରୂପେ ତାହାର ସାକ୍ଷୀ ରହିଅଛି । ଗୀର୍ବାଣ (ଦେବତା) ନିର୍ବାଣ (ମୁକ୍ତି), ୪ପ୍ରକାର ସାରୂପ୍ୟ, ସାଲୋକ୍ୟ, ସାଯୁଜ୍ୟ, ସାମୀପ୍ୟ ) କରନ୍ତି (କାକ, ଭୁଷଣ୍ଡି କାକ ରୋହିଣୀକୁଣ୍ଡରେ ଚତୁର୍ଭୁଜ ହୋଇ ଦେବଙ୍କୁ ଲଭିଥିବା ଏହାକୁ ସାକ୍ଷୀ ଅଛି) ।

୩—ଯେଉଁ କ୍ଷେତ୍ର ବ୍ରହ୍ମହତ୍ୟା ପାପକୁ ନିପାତ କରେ, ଏ ବିଷୟରେ ଯାହାଙ୍କ ହସ୍ତରୁ କପାଳ ଖସି ପଡ଼ିଥିଲା ସେହି ମହାଦେବ ସାକ୍ଷୀ ଅଛନ୍ତି । ( ପୂର୍ବ କାଳରେ ମହାଦେବ ଏକ ବ୍ରାହ୍ମଣକୁ ଗୁପ୍ତରେ ମାରିବାରୁ ବ୍ରାହ୍ମଣ ମରିଗଲା ଏବଂ ବ୍ରାହ୍ମଣର କପାଳ ତାଙ୍କ ହସ୍ତରେ ଲାଗିବାରୁ ସେ ଏ କ୍ଷେତ୍ରକୁ ଆସିବାରୁ ବ୍ରହ୍ମହତ୍ୟା ପାତକରୁ ମୁକ୍ତି ଲଭିଥିଲେ ଏବଂ ତାଙ୍କ ହାତରୁ କପାଳ ଛାଡ଼ିଗଲା ) ।

ଅଟନ୍ତି କାଶୀଶ୍ୱର ବାସ କଲେ ଏହା ଜାଣି ।
ଅନ୍ୟ କ୍ଷେତ୍ର ସମସ୍ତଙ୍କ ଏ ମସ୍ତକମଣି ହେ ॥ ୪
ଏଣୁ କ୍ଷେତ୍ର ନରେନ୍ଦ୍ର ପଦତ ସମ୍ଭାବିତ ।
ବିନାଶେ ଭୁଜଙ୍ଗ ଦୋଷ ତାଙ୍କୁ କେତେମାନ ହେ ॥ ୫
ଅବିଦ୍ୟା ସ୍ୱରୂପ ଅଶୀବିଷଘାତୀ ଜନେ ।
ଜ୍ଞାନାଞ୍ଜନେ ପରାଧୀନେ ସେ ସ୍ଥାନ ଗମନେ ହେ ॥ ୬
ଶ୍ରୀମହାପ୍ରସାଦ ଗଦ ପଦ ଘଣ୍ଟଘୋଷ ।
ଭକ୍ଷଣେ ଶ୍ରବଣେ ଯେ କ୍ଷ୍ୱେଲ୍‌ବିଷ ବିଷ ନାଶ ହେ ॥ ୭
ଜଳଭ ପ୍ରାସାଦଶିଖ ପତାକା ଉଡ଼ାଇ ।
ଏ ପ୍ରଦେଶେ ଯମବର୍ତ୍ତୀପଣ ନାହିଁ ନାହିଁ ହେ ॥ ୮
ବଟବୃକ୍ଷ ଶାଖା ବେଦ ନିଗମ ସାକ୍ଷାତ ।
ପାପ ତାପ ପଶୁ ନାଶ ସୁକର୍ମ ଉଦିତ ଯେ ॥ ୯

---

୪—ସମସ୍ତ କ୍ଷେତ୍ର ମାନଙ୍କର ଏ ମୁକୁଟମଣି, ଏହା ଜାଣି କାଶୀଶ୍ୱର ଆସି ଏଠାରେ ବାସ କଲେ ।

୫—ତେଣୁ ଏହାର କ୍ଷେତ୍ରରାଜ ପଦ ସମ୍ଭବ । ବିଷବୈଦ୍ୟ ( ଗୁଣିଆ ) ସର୍ପ-ବିଷ ନାଶ କଲାପରି ବାହ୍ୟ ପ୍ରଭୁତ୍ୱମାନଙ୍କର ଗାଦ ନାଶିବା: ଏ କ୍ଷେତ୍ର ପକ୍ଷରେ କେତେ ମାତ୍ର । କ୍ଷେତ୍ରନରେନ୍ଦ୍ର ( କ୍ଷେତ୍ରରାଜ ଓ ବିଷବୈଦ୍ୟ ) ଭୁଜଙ୍ଗ ଦୋଷ ( ସର୍ପଦୋଷ, ବାହ୍ୟ ପ୍ରଭୁତ୍ୱଦୋଷ ) ।

୬—ଅଜ୍ଞାନରୂପୀ କାଳସର୍ପକୁ ଦଳନ କରିଥିବା ଲୋକମାନେ ସେ ସ୍ଥାନ ଗମନ ମାତ୍ରେ ଜ୍ଞାନାଞ୍ଜନର ପରାଧୀନ ହୋଇ ମୁକ୍ତି ଲଭି କରନ୍ତି । ଅଶୀବିଷ ( ସର୍ପ )

୭—ଶ୍ରୀମହାପ୍ରସାଦ ରୂପକ ଗଦ ଭକ୍ଷଣରେ ଏବଂ ଘଣ୍ଟା ଧ୍ୱନିରୂପକ ମନ୍ତ୍ର-ଶ୍ରବଣରେ ପାପବିଷ ନଷ୍ଟହୁଏ । ପଦ ( ମନ୍ତ୍ର )

୮—ଜଳଭ ବଡ଼ ଦେଉଳରେ ପତାକା ଉଡ଼ୁଥିବାରୁ "ଏ ପ୍ରଦେଶରେ ଯମର ଅଧିକାର ନାହିଁ" ଏହା ଜଣାଉ ଅଛି । ଯମବର୍ତ୍ତୀପଣ ( ଯମ ଅଧିକାର ) ।

୯—ବଟବୃକ୍ଷ ( କଳ୍ପବଟ ) ଶାଖାବେଦନ, ସାକ୍ଷାତ ସାଙ୍ଗୋପାଙ୍ଗ ବେଦ ହୋଇ ରହିଅଛି । ବେଦବିଧିରେ ଯଜ୍ଞରେ ପଶୁ ନାଶ କଲେ ସୁକର୍ମ ଉଦୟ ହୁଏ, କଳ୍ପବଟରେ ପାପ ତାପ ରୂପକ ପଶୁ ନଷ୍ଟହୋଇ ସୁକର୍ମର ଉଦୟ ହୁଏ । ଶାଖା ( ଡାଳ ଓ ବେଦ ପ୍ରଭେଦ ), ନିଗମ ( ବେଦ )

ଯହିଁ ଘୂର୍ଣ୍ଣ-ପକ୍ଷୀଯା ତୀର୍ଥରାଜ ଗର୍ଜନରେ ।
କହେ ଅବଗାହେ ପାପଭୂୟିଷ୍ଠ ଦହ ନରେ ହେ ॥ ୧୦
ଦହି ସବୁ ବାଡ଼ବରେ ଦେବ ଏ ପକାଇ ।
ଏ ଦାଉବାଣକୁ ଦୂରୁ ହୁରୁଡ଼ ପଳାଇ ହେ ॥ ୧୧
ଯହିଁ ଜମ୍ବୁ କଣ୍ଠେ ରାଜା ନାମ ଜଗନ୍ନାଥ ।
ଚାତୁର୍ବର୍ଣ୍ଣେ ଚତୁର୍ବର୍ଗ ଦେବାକୁ ସମର୍ଥ ସେ ॥ ୧୨
ଭକ୍ତି ଦେବୀ ଗୁପ୍ତ ହୋଇଅଛି ଯୁକ୍ତାନ୍ତରେ ।
ବୈଷ୍ଣବ ବାଖ୍ୟାନେ ଏହା ଜାଣିବ ଯଥାର୍ଥରେ ସେ ॥ ୧୩
ପାଦେ ବନ୍ଦେ ସାର୍ବଭୌମ ହୋଇବା କି ଯଶ ।
ବୃଷାସନଙ୍କର ଶିର ଲଗିବାକୁ ଆଶ ସେ ॥ ୧୪
ଯାହା କଠୋର-କୁଠାର ପତନମାତ୍ରରେ ।
ଅନେକ ଦୁଃଖ-ଅନୋକହକୁ ଛେଦ ପାରେ ସେ ॥ ୧୫

---

୧୦—ସମୁଦ୍ର ସେହିଠାରେ ଗଡ଼ଖାଇ ରୂପେ ବିରାଜିତ ହୋଇ ଗର୍ଜନ ଛଳରେ କହୁଅଛି—ହେ ନରେ ଏଥିରେ ସ୍ନାନ କରି ପାପ ସମୂହ ଦହନ କର । ଘୂର୍ଣ୍ଣ ପକ୍ଷୀ ( ଗଡ଼ଖାଇ ) ତୀର୍ଥରାଜ ( ସମୁଦ୍ର ) ପାପଭୂୟିଷ୍ଠ ( ପାପରାଶି ) ।

୧୧—ଏ ସବୁପ୍ରକାର ପାପକୁ ବାଡ଼ବାଗ୍ନିରେ ପୋଡ଼ି ପକାଏ । ଏହି ଭୟରେ ପାପ ଦୂରରୁ ପଳାଏ । ବାଡ଼ବ ( ସମୁଦ୍ରରେ ଥିବା ଅଗ୍ନି ) ହୁରୁଡ଼ ( ପାପ ) ।

୧୨—ସେହି ଜମ୍ବୁକଣ୍ଠରେ ରାଜା ଜଗନ୍ନାଥ—ଯେ ରାଜା ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଏହି ଚାତୁର୍ବର୍ଣ୍ଣଙ୍କୁ ଧର୍ମ, ଅର୍ଥ, କାମ, ମୋକ୍ଷ ଏହି ଚତୁର୍ବର୍ଗ ଦେବାକୁ ସମର୍ଥ ଅଟନ୍ତି । ( ପୁରୁଷୋତ୍ତମର ନାମ ଶଙ୍ଖ କ୍ଷେତ୍ରରେ ପ୍ରସିଦ୍ଧ) ।

୧୩—ବୈଷ୍ଣବମାନଙ୍କ ମତରେ ଜଗତ ଶବ୍ଦର ଅର୍ଥ ରାଧା ଓ ନାଥ ଶବ୍ଦର ଅର୍ଥ କୃଷ୍ଣ, ଅତଏବ ଜଗନ୍ନାଥ ଏହି ଶବ୍ଦର ଅର୍ଥ ରାଧାକୃଷ୍ଣ, ଏ କଥା ବୈଷ୍ଣବମାନଙ୍କ ଛଡ଼ା ଆଉ କିଏ ଯଥାର୍ଥରେ ଜାଣିବ ? ଅତଏବ ଭକ୍ତିଦେବୀ ( ଭକ୍ତିଦାୟିନୀ ରାଧା ) ଯୁକ୍ତାକ୍ଷରରେ ଲୁଚିଅଛି ( ଅର୍ଥାତ୍ ଜଗତ୍ ଏହି ଶବ୍ଦର ଶେଷାକ୍ଷର "ତ"ଟି ସନ୍ଧି ଅନୁସାରେ "ନ" ହୋଇ ଯୁକ୍ତ ହୋଇ ରହିଅଛି ) ।

୧୪—ସେହି ସମ୍ରାଟଙ୍କର ପାଦରେ ବନ୍ଦୁଅଛି, ଏହା କହିଲେ ମୋହର ବିଶେଷ କିଛି ଯଶ ହେବ ନାହିଁ; ଯେ ହେତୁ ମହାଦେବ ସେହି ପାଦରେ ଶିର ଲଗାଇବାକୁ ଆଶା କରି ରହିଅଛନ୍ତି, ( ମୁଁ ବା କେତେମାତ୍ର ) । ବୃଷାସନ ( ମହାଦେବ )

୧୫—ଯାହାଙ୍କର କଠୋର-କୁଠାରପାତ ମାତ୍ରେ ନାନାବିଧ ଦୁଃଖ ଦ୍ରୁମ ଛିଣ୍ଡି ଯାଇ ପାରେ । ଅନୋକହ ( ବୃକ୍ଷ )

ଯେଉଁ ପାଦପଦ୍ମସଙ୍ଗୀ ପାଞ୍ଚ ମହାଦେବୀ ।
ଅଷ୍ଟ ଐଶ୍ୱର୍ଯ୍ୟଦାୟିନୀ ଅଷ୍ଟଶକ୍ତି ସେବା ହେ ॥ ୧୬
ଭରସା କରି ଅଛନ୍ତି ହୃଦଦେଶୁଁ ପ୍ରାଣୀ ।
ଅଧମ ଭଞ୍ଜନ ଦୀନବନ୍ଧୁ ନାମ ଶୁଣି ହେ ॥ ୧୭
କର ଯୋଡ଼ି ଶ୍ରୀମୁଖେ ଜଣାଇ ପଟିଧର ।
ଅକିଞ୍ଚନ ଗୁହାରିକି ସାବଧାନ ହେବ ହେ ॥ ୧୮
କୋଟି-କନ୍ଦର୍ପ-ଲାବଣ୍ୟ-ମୂର୍ତ୍ତି ଦରଶନେ ।
ଦେବାକୁ ସୁବେଶେ ବସିଛ ରତ୍ନସିଂହାସନ ହେ ॥ ୧୯
ଶିରେ ହେମ-ରତନ-ମୁକୁଟ ସପ୍ତଶାଖା ।
ଲବଣା-ସିନ୍ଧୁରେ କି ବଡ଼ବାନଳ ଶିଖା ହେ ॥ ୨୦
ତୁମ୍ଭଠାଇଁ ସାର୍ଥ ନୋହିବ ଏମନ୍ତ ବାରୁଧ ।
ପୁଣି ମଞ୍ଜୁଳ କୁଣ୍ଡଳ ମକର ଆକାର ହେ ॥ ୨୧
ପ୍ରବାଳତରଣୀ ଦୃଷ୍ଟି ଓଷ୍ଠାଧରେ ଅଛି ।
ବିଶେଷେ ଯହିଁ ଲାବଣ୍ୟ ଲକ୍ଷ୍ମୀ ସମ୍ଭବନ୍ତି ହେ ॥ ୨୨

---

୧୬—ଯେଉଁ ଜଗନ୍ନାଥଙ୍କର ପାଦ ପଦ୍ମରେ ରହି ଅଷ୍ଟ ଐଶ୍ୱର୍ଯ୍ୟ ଦାୟିନୀ କମଳା ପ୍ରଭୃତି ଅଷ୍ଟ ମହାଦେବୀମାନେ ସେବା କରୁଅଛନ୍ତି । ଅଷ୍ଟ ଐଶ୍ୱର୍ଯ୍ୟ (ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ, ବଶିତ୍ୱ, କାମା ବଶାୟିତା )

୧୭—ଅଧମ ଭଞ୍ଜନ ଦୀନବନ୍ଧୁ ନାମ ଶୁଣି ପ୍ରାଣୀମାନେ ହୃଦଦେଶକୁ ଭରସା କରି ଅଛନ୍ତି ।

୧୮—ଅକିଞ୍ଚନ ମାନଙ୍କର ଗୁହାରିକୁ ସାବଧାନ ହୋଇ ଏହା ଶଙ୍ଖ ଶ୍ରୀମୁଖରେ ହାତ ଯୋଡ଼ି ଜଣାନ୍ତି । ପଟିଧର ( ଶଙ୍ଖ )

୧୯—କୋଟିଏ କନ୍ଦର୍ପଙ୍କ ଲାବଣ୍ୟ ମୂର୍ତ୍ତି ଦର୍ଶନ ଦେବା ପାଇଁ ରତ୍ନ ସିଂହାସନରେ ଉତ୍ତମ ବେଶରେ ବସି ରହିଅଛନ୍ତି ।

୨୦—ଲବଣ ସାଗରଙ୍କର ମସ୍ତକରେ ବାଡ଼ବାଗ୍ନିର ଶିଖାପରି ସୁବର୍ଣ୍ଣ ମୁକୁଟ ସପ୍ତଶାଖାରେ ଶୋଭା ପାଉଅଛି, ( ଅର୍ଥାତ୍ ସମୁଦ୍ରରେ ବାଡ଼ବାଗ୍ନି ଥିବାର ପ୍ରସିଦ୍ଧ ଏବଂ ଅଗ୍ନିର ସାତଶିଖା ଥିବାରୁ ତାହାର ନାମ ସପ୍ତାର୍ଚ୍ଚି ହୋଇଅଛି ) । ( ସାଗର ସହିତ ଜଗନ୍ନାଥଙ୍କର ତୁଳନା );

୨୧—ସାଗର ଯେ ଜଗନ୍ନାଥଙ୍କଠାରେ କାହିଁକି ସାର୍ଥକ ନୋହିବ, ଭାବୁଥିଲେ ସେଠାରେ ସୁନ୍ଦର କୁଣ୍ଡଳ ମକରାକାର ଧରିଅଛି । ମକର ( ମଗର )

୨୨—ସୁରଙ୍ଗ ଓଷ୍ଠ ପୋହଳାନୌକା ପରି ଦିଶୁଅଛି, ପୁଣି ଯହିଁରେ ଶୋଭା-ରୂପିଣୀ ଲକ୍ଷ୍ମୀଦେବୀ ବିଶେଷ ଭାବରେ ସମ୍ଭୂତ ଅଛନ୍ତି । ପ୍ରବାଳ (ପୋହଳା) ତରଣୀ ( ନୌକା ) ଲକ୍ଷ୍ମୀ ( ସମୁଦ୍ରଙ୍କ ଜାତ ) ।

# କୋଟିବ୍ରହ୍ମାଣ୍ଡ ସୁନ୍ଦରୀ

ଦଶଅବତାର ଲୀଳା ଯାତ୍ରା ବିରଚନ ।
ଜନଙ୍କୁ ଦେଖାନ୍ତି ଯୁଗାନ୍ତର କଥାମାନ ।
ସ୍ନାନ ଗୁଣ୍ଡିଚା ଏ ବେନି ସୁସଂଲୀଳା ଯାଇଁ
ପତିତ ପାବନ ଅର୍ଥେ ହୁଅନ୍ତି ବାହାର ହୋଇଁ ॥ ୧୪
ଜ୍ୟେଷ୍ଠ ପୌର୍ଣ୍ଣମାସୀ ପୂର୍ବଦିନ ଅବଶେଷେ ।
ସେବକ ଭକ୍ତେ ମିଳି ମହାପ୍ରଭୁ ପାଶେ ହେ । ୧୫
ସେ କାଳକୁ ଅନୁସରି ଯାତ୍ରୀ ନର ନାରୀ ।
ଯେ ଯାହାର ନିତ୍ୟକର୍ମ ଶୀଘ୍ର ହୋଇ ସାରି ହେ । ୧୬
ଆସି ହରି-ଦ୍ୱାରେ ମିଳି ହରି-ଧ୍ୱନି କଲେ ।
ହରିତ ପୂରିତ ଶୀଘ୍ରତରେ ତହୁଁ ହେଲେ ହେ । ୧୭
ଚନ୍ଦ୍ରକ ଡୁଲୀ ପାହାଡ଼ା ବିଜୟେ ନିମିତ୍ତେ ।
ବାଜିଲା ମେଘ ମୃଦଙ୍ଗ ମର୍ଦ୍ଦଳ ସହିତେ ହେ । ୧୮
କଂସାଳ ତାଳ ଭର୍ଣ୍ଣାଳ ପଟହ ଝର୍ଝର ।
ତମା ପରେ ବିଜେ କରିବେ ଶୁଣି ତୋଷ ଧରା ହେ ॥ ୧୯

---

୧୩—ଦଶ ଅବତାର ମାନଙ୍କର ଯାତ୍ରା ବାହାର ହେଉଥିବାରୁ ଲୋକମାନଙ୍କୁ ସେହି ସେହି ଯୁଗର କଥା ମାନ ଦେଖାଉ ଅଛନ୍ତି ।

୧୪—ଯାହାଙ୍କର ସ୍ନାନ ଓ ଗୁଣ୍ଡିଚା ଏହି ଶୋଭନୀୟ ନୀଳଲୀଳା ଅର୍ଥ—ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଏହି ଦୁଇ ଯାତରେ ଦେଉଳରୁ ବାହାର ହୁଅନ୍ତି ।

୧୫—ଜ୍ୟେଷ୍ଠ ପୂର୍ଣ୍ଣିମାର ପୂର୍ବଦିନ ରାତ୍ରିଠାରୁ ସେବକମାନେ ଏକମନରେ ମହାପ୍ରଭୁଙ୍କ ପାଖରେ ମିଳନ୍ତି ।

୧୬।୧୭—ସେ ସମୟକୁ ଲକ୍ଷ୍ୟକରି ନରନାରୀ ଯାତ୍ରୀମାନେ ଆପଣାର ନିତ୍ୟକର୍ମ ଶୀଘ୍ର ଶେଷକରି ଜଗନ୍ନାଥଙ୍କ ସିଂହଦ୍ୱାରରେ ପହଞ୍ଚି ହରିଧ୍ୱନି କରନ୍ତି । ସେହି ହରିଧ୍ୱନିରେ ଦଶଦିଗ ଶୀଘ୍ର ପୂର୍ଣ୍ଣ ହୋଇଯାଏ । ହରି ( ଜଗନ୍ନାଥ ) ହରିଦ୍ୱାର ( ସିଂହଦ୍ୱାର ) ହରିତ ( ଦିଗ ) ।

୧୮।୧୯—ଜଗନ୍ନାଥଙ୍କର ବିଜୟ ନିମିତ୍ତ ପାଟସୂତୁଲା ପଡ଼ିଲା । ମେଘ, ମୃଦଙ୍ଗ, ମର୍ଦ୍ଦଳ ସହିତ ଝାଞ୍ଜ, ଭେରୀ, ପଟହ, ଶଙ୍ଖଣୀ ପ୍ରଭୃତି ବାଦ୍ୟମାନ ବାଜିଲା । ତମା ଉପରେ ଜଗନ୍ନାଥ ବିଜେ କରିବେ ଏହା ଶୁଣି ପୃଥିବୀ ଆନନ୍ଦିତା ହେଲା । ଡୁଲୀ ( ପାଟ ସୂତୁଲା ) କଂସାଳ ( ଝାଞ୍ଜ ) ଭର୍ଣ୍ଣାଳ ( ଭେରୀ ) ଝର୍ଝର ( ଶଙ୍ଖଣୀ ) ଧରା ( ପୃଥିବୀ ) ।

ଶୋହୁରବେ ସର୍ବାଙ୍ଗ କାହିଁ ଶୂକର-ପରିବାର ।
ଜାଣିଲେ କଣ୍ଠପୁ ପ୍ରଭୁ ଦକ୍ଷିଣ-କୁଞ୍ଜର ହେ । ୩୦
ପୂର୍ବଜରେ ପୂର୍ବଗଜ ଭାବ କଳ୍ପନାରେ ।
ପଣ୍ଡା ବାଳକୁ କଲେ ଝୁଲାଇ ଝୁଲାଇ ଯେ । ୩୧
ଏମନ୍ତ ନୋହୁଁଲେ କି ପ୍ରାସାଦ-ଦରୀ ତେଜି ।
ମଣ୍ଡପ-ସର ଅବଗାହନରେ ରତି ମଜ୍ଜି ହେ । ୩୨
ସାର ଗନ୍ଧସାର-ପଙ୍କେ ଭୂଷିତ ହୋଇବେ ।
ଜନ-ପଙ୍କ-ପଙ୍କଜ-ବନକୁ ଭଙ୍ଗାଇବେ ହେ । ୩୩
ସବୁଦିନେ ଲୀଳାସ୍ଥାନ ନୀଳମହୀଧର ।
ଭକ୍ତଭାବ-ରଜ୍ଜୁରେ ବନ୍ଧନ ଉଚ୍ଛୁ ଯାର ହେ । ୩୪
ଜଡ଼ ହେଉଛ ଛତ୍ର ଏତେ ଭାବ କି ଜାଣିବେ ।
ବାହୁଡ଼ିବା ବେଳେ ବେଶେ ବଂଧିତ ହୋଇବେ ହେ । ୩୫

---

୩୦।୩୧—ଭଗବାନଙ୍କର ଶୂକରମାନେ କାହିଁକି ସର୍ବାଙ୍ଗ ନହେବେ । ସେମାନେ ଜାଣିପାରିଲେ ଯେ, ପ୍ରଭୁ ଜଗନ୍ନାଥ କଣ୍ଠପୁ ଦକ୍ଷିଣ କୁଞ୍ଜର ଓ ତାହାଙ୍କର ବଡ଼ଭାଇ ବଳଦେବଙ୍କଠାରେ ଐରାବତ ଭାବ ଅଛି ଝୁଲାଇ ଝୁଲାଇ ପଣ୍ଡା ବାଳେ କରାଇଲେ; ଅର୍ଥାତ୍ ପଣ୍ଡାମାନେ ଜଗନ୍ନାଥ ଓ ବଳଦେବଙ୍କୁ ଦାଣ୍ଡ ପଣି ଝୁଲାଇ ଝୁଲାଇ ବାଳେ କରାଇଲେ । ଶୂକରପରିକର ( ମହାପ୍ରଭୁଙ୍କର ଶୂକର ) ଦକ୍ଷିଣ କୁଞ୍ଜର (ଦକ୍ଷିଣ ଦିଗ ହସ୍ତୀ ବାମନନାମା କୃଷ୍ଣବର୍ଣ୍ଣ ହେତୁ-ଜଗନ୍ନାଥଙ୍କ ସମାନ ) ପୂର୍ବଜ ( ବଡ଼ଭାଇ ) ପୂର୍ବଗଜ ( ଐରାବତ ଶୁକ୍ଳବର୍ଣ୍ଣ ହେତୁ ବଳଦେବଙ୍କ ସମାନ )

୩୨—ହସ୍ତୀ ନୋହିଥିଲେ କାହିଁକି ଦେଉଳରୂପକ ଗୁହା ଛାଡ଼ି ମଣ୍ଡପରୂପକ ପୁଷ୍କରିଣୀରେ ସ୍ନାନ କରିବାକୁ ମନ ବଳାଇଥାନ୍ତେ । ପ୍ରାସାଦ ( ଦେଉଳ ) ଦରୀ ( ଗୁହା ) ମଣ୍ଡପ ( ସ୍ନାନ ମଣ୍ଡପ ) ସର ( ପୁଷ୍କରିଣୀ ) ।

୩୩—ସର୍ବଶ୍ରେଷ୍ଠ ଚନ୍ଦନରୂପ ପଙ୍କରେ ଭୂଷିତ ହୋଇବେ ଏବଂ ଲୋକମାନଙ୍କର ପାତକରୂପକ ପଦ୍ମବନକୁ ଭଙ୍ଗାଇଦେବେ । ( ହସ୍ତୀମାନେ ମଧ୍ୟ ସ୍ନାନପରେ ପଙ୍କ ଲେପି ହୁଅନ୍ତି ଏବଂ ପଦ୍ମବନକୁ ଦଳି ଦିଅନ୍ତି ) ଗନ୍ଧସାର ( ଚନ୍ଦନ ) ପଙ୍କ [ ପାପ ] ।

୩୪—ନୀଳଗିରି ଯାହାଙ୍କର ସବୁଦିନେ ଲୀଳାସ୍ଥାନ ଅଟେ ଏବଂ ସେ ଭକ୍ତମାନଙ୍କର ଭକ୍ତିରୂପ ରଜ୍ଜୁରେ ବାନ୍ଧି ହୁଅନ୍ତି । ନୀଳମହୀଧର ( ବଡ଼ଦେଉଳକୁ ) ।

୩୫—ଅଜ୍ଞଲୋକମାନେ ଏତେ କଥା କାହୁଁ ବୁଝିଲେ, କେବଳ ବଡ଼ଦେଉଳକୁ ବାହୁଡ଼ିବା ସମୟରେ ହସ୍ତୀବେଶ ଧାରଣ କରିବାକୁ ପ୍ରଭୁଙ୍କର ହସ୍ତୀଭାବ ପ୍ରକାଶ ପାଏ ( ବଡ଼ଦେଉଳକୁ ଯିବାବେଳେ ଜଗନ୍ନାଥ ହସ୍ତୀ ବେଶ ଧରନ୍ତି )

ଭବ-ସାଗର-ସୁବର୍ଣ୍ଣ ତରଣୀ ବାଗୁର ।
ସୁଭଦ୍ରାଙ୍କୁ ବଳେ କରାଇଲେ ତଥା ଧର ହେ । ୩୬
ତାପ-ତ୍ରୟ-ଖଣ୍ଡ-ଖଣ୍ଡନକୁ ଦଣ୍ଡଧର ।
ସୁଦର୍ଶନଙ୍କ ବଳେ ସେହି ପରକାର ହେ । ୩୭
ଇନ୍ଦ୍ରପଦ ଦାତା ଯେ ରାଜାଧିରାଜେଶ୍ୱର ।
ରାଜେ କରେ ଦ୍ୱିଜେ ଦେଇ ନିଜ କରବର ହେ । ୩୮
ଝାଳନ୍ତି ଚାମର ଶ୍ୱେତଛତ୍ର ଟେକା ତହିଁ ।
କ୍ଷୀର ସାଗର-ଲହରୀ ଭ୍ରମ ଉପୁଜାଇ ହେ । ୩୯
ପଟ୍ଟଳ ଦୋହଲି ଝଲାଝଳ ଶୋଭା ଦିଶି ।
ତୁଙ୍ଗ ଶିଖରୀ ପରେ କି ଜଳଦ ଆଉରି ହେ । ୪୦
ମହାବାଦ୍ୟ ବାଜନ୍ତି ସେତେକ ଶୂନ୍ୟେ ଗୀରଧାର ।
କଷ୍ଟପାଣ୍ଡଲେ ଛଟେ ନାରଦିନୁ ଉଦ୍ଧାର ହେ । ୪୧
ରଞ୍ଜିଲାଖେଳା ଖଳିବା ଶବ୍ଦ ଶୀତବାସ ।
ତୃପିତ ଦ୍ୱିଜ-ଗୁରୁଙ୍କ କାଳପାତେ ତୋଷ ହେ । ୪୨

---

୩୬—ଯେପରି ଲୋକେ ଶ୍ରେଷ୍ଠ ନୌକାକୁ ଟେକି ନିଅନ୍ତି, ଲୋକେ ସେହିପରି ସୁଭଦ୍ରାଙ୍କୁ ସଂସାର ସାଗର ତରିବାପାଇଁ ଏହା ସୁବର୍ଣ୍ଣ ନୌକା ବୋଲି ଟେକି ନେଇ ବଳେ କରାଇଲେ । ତରଣୀ ( ନୌକା )

୩୭—ଜୀବମାନଙ୍କ ଖଣ୍ଡ ଖଣ୍ଡିବାକୁ ଯେଉଁ ସୁଦର୍ଶନଚକ୍ର ଦଣ୍ଡରୂପଧର ଅଛନ୍ତି, ତାହାଙ୍କୁ ଦଣ୍ଡପରି ତାହାରେ ପଚାଇଦେଇ ବଳେ କରାଇଲେ । ତାପତ୍ରୟ ( ଆଧ୍ୟାତ୍ମିକ, ଆଧିଦୈବିକ, ଆଧିଭୌତିକ ) ଖଣ୍ଡ ( ଦାଣ୍ଡି ) ।

୩୮—ଇନ୍ଦ୍ରପଦ ଦାତା ସ୍ୱୟଂ ପ୍ରଭୁ ରାଜାଧିରାଜ ପରି ବ୍ରାହ୍ମଣମାନଙ୍କ ଉପରେ ହାତରଖିଦେଇ ବଳେ କଲେ ।

୩୯—ବ୍ରାହ୍ମଣମାନେ ଚାମର ଝାଳନ୍ତି ଏବଂ ଶ୍ୱେତଛତ୍ର ଟେକି ଧରିଥାନ୍ତି, ଶ୍ୱେତ-ଚାମର ଦୋହଲିବାବେଳେ ତାହା କ୍ଷୀରସମୁଦ୍ରର ଲହରୀପରି ଜଣା ଯାଉଥାଏ ।

୪୦—ଲୋକଗହଳ ହେତୁ ଝଲାଝଳ ଉଚ୍ଚ ପର୍ବତ ଉପରେ ମେଘ ଯୋଡି ଗଲାପରି ଶୋଭା ଦିଶେ । ତୁଙ୍ଗ ( ଉଚ୍ଚ ) ଶିଖରୀ ( ପର୍ବତ ) ।

୪୧—ମହାବାଦ୍ୟ ଝଙ୍କାରରେ ଶୂନ୍ୟରେ ସେହି ମେଘ ଜଳଧାରା ତ୍ୟାଗ କରି ସ୍ୱେଦ ( ଝାଳ ) ଛଳରେ ଲୋକମାନଙ୍କର ଶରୀରକୁ ଓଦା କରୁଥାଏ । ( ଝାଳ ବୋହି ଲୋକମାନଙ୍କର ଶରୀର ଓଦା ହୋଇଥାଏ ) ତନୁ ( ଶରୀର ) ।

୪୨।୪୩—ଜଗନ୍ନାଥ ବଳେ ଚାଲିବାବେଳେ ଲୋକେ ଫୁଲଦଅଲ୍ଲିଆ ପିନ୍ଧିଥିବାରୁ ସେହି ଫୁଲଦଅଲ୍ଲିଆ ଝୁଲି ମେଘ ତୋଳରେ ବିଜୁଳି ଖେଳିଲାପରି ଜଣାପଡ଼େ ।

ଏ ପ୍ରମାଣ ବରହୁଣ ପୁଚ୍ଛ ଦେଖୁ ଚାଲି ।
ଗଣାଣି ମଣ୍ଡୁକ ନାଦେ ଦଗନ୍ତ ବ୍ୟାକୁଳ ଯେ । ୪୩
ପ୍ରଭୁ ଚଳନ୍ତ ଶବଦ ଘନାଘ ସ୍ତନନ୍ତ ।
ପୁଷ୍ପାଞ୍ଜଳି ବଳାବଳୀ ଭଳି ଶୋଭେ ସତ ହେ । ୪୪
ଏମନ୍ତେ ସ୍ନାନମଣ୍ଡପେ ସିଂହାସନ ପର ।
ବସିଲେ ମହାପ୍ରଭୁ ଘେନି ଭଗ୍ନୀ ସହୋଦର ହେ । ୪୫
ନାଗ ନର କିନ୍ନର ଗନ୍ଧର୍ବ ଛତ୍ର ଗୃହି ।
ଅନେକ କନକଘଟେ ପୂର୍ଣ୍ଣ କରି ବହିଁ ହେ । ୪୬
ଢାଳିଲେ ଭୂସୁରେ ନୀର ଶ୍ରୀମୁଖମଣ୍ଡଳେ ।
ଧାରମାନ ପଡନ୍ତି ଶୋଭିଲା ମହୋତ୍ପଳେ ହେ । ୪୭
କି ମେରୁ-ହୀରା-ମାରକତ ହେମ-ଶୃଙ୍ଗୁ ଖସି ।
ଜାହ୍ନବୀ ଯମୁନା ହରିତାଳ-ଧାର ଅସି ଯେ । ୪୮

---

ଭୃଙ୍ଗାରି ଗୁଡ଼ିଚପକ୍ଷୀ ମେଘ ଜଳପାନ କରି ସନ୍ତୁଷ୍ଟ ହେଲାପରି ଜଗନ୍ନାଥଙ୍କର ପାଦୋଦକ ପାନକରି ବ୍ରାହ୍ମଣମାନେ ସନ୍ତୁଷ୍ଟ ହୁଅନ୍ତି । ଏହିପ୍ରକାର ବର୍ଷାକାଳ ପ୍ରମାଣିତ ହେବାରୁ ମୟୂରମାନେ ଅଧିକ ପରିମାଣରେ ପୁଚ୍ଛ ତ୍ୟାଗ କରନ୍ତି । ( ବାଦେ ହେଲାବେଳେ ଲୋକେ ମୟୂରପୁଚ୍ଛ ବାଡ଼ାବାନ୍ଧ ପକାନ୍ତି ) ନିଶାଣି ଓ ମଣ୍ଡୁକ ଶବ୍ଦରେ ଦିଗନ୍ତ ବ୍ୟାକୁଳିତହେଁ । ନିଶାଣି ( ବାଦ୍ୟ ବିଶେଷ ) ମଣ୍ଡୁକ ( ବେଙ୍ଗ ) ।

୪୪—ମହାପ୍ରଭୁଙ୍କ ଚଳନରେ ହେଉଥିବା ଶବ୍ଦ ମେଘଗର୍ଜ୍ଜନ ଏବଂ ପୁଷ୍ପାଞ୍ଜଳି ବକପଂକ୍ତି ମେଘ ନିକଟରେ ଉଡ଼ିଲା ପରି ଜଣାପଡ଼ି ଘୁରି ଚଳନ୍ତି ଖସି-ପଡ଼ୁଅଛି । ସ୍ତନନ୍ତ ( ମେଘ ଗର୍ଜନ ) ବଳାବଳୀ ( ବକଶ୍ରେଣୀ ) ।

୪୫—ସ୍ନାନ ମଣ୍ଡପରେ ଏହିପରି ମହାପ୍ରଭୁ ସଙ୍ଗରେ ଭାଇ ଭଉଣୀଙ୍କୁ ଘେନି ସିଂହାସନ ଉପରେ ବିଜେ କରିଅଛନ୍ତି । ସହୋଦର (ଭାଇ) ।

୪୬—ସବୁ ନାଗ, ନର, କିନ୍ନର ଓ ଗନ୍ଧର୍ବ ସମସ୍ତେ ଅନେକ ସୁବର୍ଣ୍ଣ କଳଶରେ ଜଳପୂର୍ଣ୍ଣ କରି ଗୃହି ବହିଅଛନ୍ତି ।

୪୭—ପଣ୍ଡାମାନେ ଶ୍ରୀମୁଖମଣ୍ଡଳରେ ଜଳ ଢାଳିଲେ, ଅର୍ଥାତ୍ ଜଳଧାର ସବୁ ଉଠିଲେ ପଡ଼ିଲା । ଭୂସୁର ( ବ୍ରାହ୍ମଣ )

୪୮—ବଳରାମ, ଜଗନ୍ନାଥ ଓ ସୁଭଦ୍ରାଙ୍କ ଶରୀରରୁ ଜଳଧାର ବହି ମେରୁ ପର୍ବତର ହୀରା, ମାରକତ ଓ ସୁବର୍ଣ୍ଣ ଶୃଙ୍ଗ ମାନଙ୍କରୁ ଯେମେ ଗଙ୍ଗା, ଯମୁନା ଓ ହରିତାଳ ଧାର ଖସିଲା ପରି ଜଣାଗଲା । ଏଠାରେ ବଳରାମଙ୍କ ଶରୀର, ମେରୁର ହୀରା ଶୃଙ୍ଗ, ତହିଁରୁ ଗଙ୍ଗାଧାର, ଜଗନ୍ନାଥଙ୍କ ଦେହ, ମାରକତ ( କଳା ) ତହିଁରୁ ଯମୁନା ଧାର, ପୁଣି ସୁଭଦ୍ରାଙ୍କ ଦେହ, ସୁବର୍ଣ୍ଣଶୃଙ୍ଗ ତହିଁରୁ ହରିତାଳ ଧାର ।

ଲେପନ ଚନ୍ଦନ ଶଶି ଦିଶିଲା ଏମନ୍ତ ।
ସେ ତନୁଶୃଙ୍ଗ କି ଜାତ ଉଜ୍ଜ୍ୱଳ-ରଜତ ଯେ ॥ ୪୯
ଦେଖିଲା ଆଖିରେ ଦାରିଦ୍ରତା ନ ରହିଲା ।
ମନରୁ ଦୁଃସହ ଦୁଃଖମାନ ଉପେକ୍ଷିଲା ହେ । ୫୦
ହରି ଚନ୍ଦନ ସଙ୍ଗରୁ ସେହୁ ବୋଲି ଘେନି ।
ଭକ୍ତଙ୍କର ହେବେ ଏତ ବାଞ୍ଛା ବରଦାତା ହେ ॥ ୫୧
ସମ୍ମୁଖରେ ଏ ଉପମା ଉତ୍ତମ ସମ୍ଭବେ ।
ବାସ୍ତବିକ ଭୁଜ-ଶାଖା ଅଧର-ପଲ୍ଲବେ ହେ ॥ ୫୨
ଭକ୍ତି ମୁକ୍ତି ଫଳ ଅଛି ନ ଦେଖନ୍ତି କେହୁ ।
ସ୍ୱଭାବରେ ବୃକ୍ଷ-ଦାରୁ ବ୍ୟସ୍ତପଦେ ରହୁ ହେ ॥ ୫୩
ସୁରଭିର ସ୍ଥାନ ସେନାପଟା ବାଲୁଜଳ ।
ଯାହା ପଦେ ସଦା ଢଳଢଳ ଗଙ୍ଗାଜଳ ହେ । ୫୪

---

୪୯—ଚନ୍ଦନ ଲେପନ ସମୟରେ ଚନ୍ଦନ ଖଣ୍ଡି ମେରୁର ସେହି ତନୁ ଶୃଙ୍ଗକୁ ଅକୃଟା ରୂପା ଜନ୍ମିଲା ପରି ଦେଖାଗଲା । ଉଜ୍ଜ୍ୱଳରଜତ ( ଅକୁଟା ରୂପା )

୫୦—ତାହାଙ୍କୁ ଦର୍ଶନ କରିଥିବା ଚକ୍ଷୁର ଅଭାବ ରହିଲା ( ଅର୍ଥାତ୍ ସଂସାରରେ ସେ ଆଖିରେ ଦେଖିବା ପଦାର୍ଥ ଆଉ କିଛି ବିଶେଷ ରହିଲା ନାହିଁ) ମନମଧ୍ୟ ଅସହ୍ୟ ଦୁଃଖ ସବୁ ଦୂର ହେଲା ।

୫୧—ହରି (ଜଗନ୍ନାଥ) ଚନ୍ଦନ ସଙ୍ଗରୁ ହରି ଚନ୍ଦନ ( କଳ୍ପତରୁ ) ହେଲେ ଏହା ଅନେକ ମନରେ ଘେନୁଅଛନ୍ତି । ଅତଏବ ସମସ୍ତ ଭକ୍ତ ଏ ବାଞ୍ଛାର ପ୍ରଦାନ କରିବେ ।

୫୨।୫୩—ଦାରୁବ୍ରହ୍ମ ଜଗନ୍ନାଥ ବ୍ୟସ୍ତ ପଦରେ ବୃକ୍ଷଦାରୁ (କଳ୍ପତରୁ) ଅଟନ୍ତି । ଏ ଉପମା ସବୁ ଅପେକ୍ଷା ଉତ୍ତମ ଜଣାଯାଉଅଛି । ଭୁଜ ଶାଖା ରୂପେ ବାସ୍ତବିକ, ଅଧର ନୂତନ ପତ୍ର ରୂପେ, ଭକ୍ତି ଓ ମୁକ୍ତି ଫଳରୂପେ ଏଠାରେ ଅଛି; କିନ୍ତୁ ତାହାକୁ କେହି ଦେଖି ପାରନ୍ତି ନାହିଁ ( କଳ୍ପତରୁ ଫଳ ମଧ୍ୟ ଦେଖାଯାଏ ନାହିଁ ) । ପଲ୍ଲବ ( ପତ୍ର ) ବୃକ୍ଷଦାରୁ ( କଳ୍ପତରୁ ) ବ୍ୟସ୍ତପଦ ( ବିପର୍ଯ୍ୟସ୍ତପଦ । )

୫୪—ଯେଉଁଠି କଳ୍ପବୃକ୍ଷ ସୁରଭୀ ( କାମଧେନୁ )ମାନଙ୍କର ଆଶ୍ରୟ ସ୍ଥାନ, ବାଲୁକା-ଭୂମି ଏବଂ ତାହାର ପାଦ ପ୍ରଦେଶରେ ( ମୂଳରେ ) ସ୍ୱର୍ଗଙ୍ଗା ସର୍ବଦା ପ୍ରବାହିତା, ସେହିପରି ମଧ୍ୟ ସୁରଭି ( ସୁଗନ୍ଧ )ର ଆଶ୍ରୟ ସ୍ଥାନ ସେନାପଟା ( ଚନ୍ଦନ ବିଶେଷ ) ଦ୍ୱାରା ଆବୃତ ଏବଂ ଏହାଙ୍କର ନଖ କୋଣରେ ଗଙ୍ଗା ରହି ସବୁବେଳେ ଢଳ ଢଳ ହେଉଅଛନ୍ତି, ଅତଏବ ଏ ସ୍ୱୟଂ କଳ୍ପବୃକ୍ଷ ।

ଭାଗ୍ୟରୁ ଏ ଜଗମାତାରତ ମୁଁ ଯେ ହେଲି ।
ପୁଲକିତ-ଶରୀରେ ହରଷରେ ସ୍ତୁତି କଲି ହେ ॥ ୫୫
ମହିମା ଅନନ୍ତ ପ୍ରଭୋ ମହୀମା ଅନନ୍ତ ।
ମନୋହାରୀ ସହୋଦର ହୋଇ ଯାର ଶଯ୍ୟା ହେ ॥ ୫୬
ଅରି-ଦର-କର ପ୍ରଭୋ ଅରି-ଦର-କର ।
ଯୁଗେ ଯୁଗେ ଧର ନାନାବିଧ ଅବତାର ହେ ॥ ୫୭
ବିଭୀଷଣ-ଅଘ ବିଭୀଷଣ-ଅଘ-ହର ।
ସ୍ଥାନ କରି ଦେଲ ଲଙ୍କା ନିଜ କଳେବର ହେ ॥ ୫୮
ଭବ-ବିରଞ୍ଚି-ପୂଜିତ ହେ ଭବ-ବିରଞ୍ଚି ।
ଶୁଚି-ଭକ୍ଷକ ସଦାନନ୍ଦ ସଦା ଶୁଚି ହେ ॥ ୫୯
ରଚିବ "କୋଟି ବ୍ରହ୍ମାଣ୍ଡ-ସୁନ୍ଦରୀ" ଚରିତ ।
ସୁଜାତ ସୁମନାପରି ହୋଇବ ଏ ଗୀତ ହେ ॥ ୬୦

---

୫୫—ଭାଗ୍ୟ ବଳରୁ ମୁଁ ଜଗମାତାଙ୍କୁ ଭଜି, ରୋମାଞ୍ଚିତ ଶରୀରରେ ପ୍ରଭୁଙ୍କୁ ସ୍ତୁତି କଲି । ପୁଲକିତ (ରୋମାଞ୍ଚିତ)

୫୬—ହେ ପ୍ରଭୋ, ଆପଣଙ୍କର ମହିମାରେ ସୀମା ନାହିଁ, ମହୀ ( ପୃଥ୍ୱୀ ) ଏବଂ ମା ( ଲକ୍ଷ୍ମୀ ) ଏ ଦୁହେଁ ଆପଣଙ୍କର ମନୋହାରିଣୀ ଅଟନ୍ତି । ଅନନ୍ତ [ ଶେଷ-ଦେବ ] ଆପଣଙ୍କର ଭାଇ ହୋଇ ଶଯ୍ୟା ହୋଇଅଛନ୍ତି । ( ଶେଷଦେବ ବଳଭଦ୍ର ଅବତାର ହୋଇଥିବାରୁ ସହୋଦର ଶଯ୍ୟା )

୫୭—ହେ ପ୍ରଭୋ, ଆପଣ ଅରି ( ଚକ୍ର ) ଦର ( ଶଙ୍ଖ ) ଏ ଦୁହିଙ୍କୁ ହସ୍ତରେ ଧରିଅଛନ୍ତି ଏବଂ ଅରିଦର-କର ( ଶତ୍ରୁଭୟ କାରକ ) ଅଟନ୍ତି, ଯୁଗେ ଯୁଗେ ନାନା ପ୍ରକାର ଅବତାର ଧରନ୍ତି ।

୫୮—ବିଭୀଷଣର ପାପ ନାଶି ତାହାଙ୍କୁ ଲଙ୍କାରେ ସ୍ଥାନ ଦେଲେ, ପୁଣି ଅଭୀଷଣ ଅଘାସୁରକୁ ବଧକରି ସାୟୁଜ୍ୟ ମୁକ୍ତି ପ୍ରଦାନ କରିବାରୁ ସେ ଆପଣଙ୍କ ଦେହରେ ମିଶିଗଲା । ବିଭୀଷଣ ( ରାବଣ ଭାଇ ଓ ଭୟଙ୍କର ) ଅଘ (ପାପ ଓ ଓ ଅଘାସୁର ) କଳେବର ( ଦେହ ) ।

୫୯—ଆପଣ ଭବ ଓ ବ୍ରହ୍ମାଙ୍କଦ୍ୱାରା ପୂଜିତ ଏବଂ ସଂସାରର କର୍ତ୍ତା ଅଟ, ଆପଣ ଅଗ୍ନିକୁ ଗ୍ରାସ କରିଅଛନ୍ତି ଏବଂ ସର୍ବ ପବିତ୍ର ଅଟନ୍ତି । ଭବବିରଞ୍ଚି ( ଭବ, ବ୍ରହ୍ମା ଓ ସଂସାର କର୍ତ୍ତା ) ( ଶୁଚି ) ଅଗ୍ନି ଭକ୍ଷକ ( ଗ୍ରାସକାରୀ ) ।

୬୦—ହେ ପ୍ରଭୁ, ମୁଁ କୋଟିବ୍ରହ୍ମାଣ୍ଡସୁନ୍ଦରୀ ଚରିତ ରଚନା କରିବି; ଏ ଗୀତ ଉତ୍ତମ ଜାଈଫୁଲ ପରି ହେବ । ସୁଜାତ (ଉତ୍ତମ) ସୁମନା ( ଜାଈଫୁଲ ) ।

ସୁରଭିରେ ମୋହିତ-ମାନସ ହେବେ ସବେ୍ୟ ।
ଗୁଣିବନ୍ତେ ହୃଦେ ମାଳା କରିଣ ଧରିବେ ହେ । ୬୧
ରସିକ-ଭ୍ରମରେ ହେବେ ରସ ସେବି ବଶ ।
ମୂର୍ଖ ଏ ଦେଖିଲେ ନ ଦେଖିଲେ ଅଛି କିସ ହେ । ୬୨
କବି କୃପଚନ୍ଦ୍ର ତବ କୃପାରେ ହୋଇଛି ।
ଏତେ ମନୋରଥ ସାର୍ଥେ କି ସଂଶୟ ଅଛି ହେ । ୬୩

---

## ଦ୍ୱିତୀୟ ଛାନ୍ଦ

( ଚମ୍ପାନଗର ବର୍ଣ୍ଣନା ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ଜନ୍ମବୃତ୍ତାନ୍ତ )

ରାଗ—ମାଳବ । ଚୋଖି ବାଣୀ ।

ପୁରଣ ଅଭିଧାନ ଜାଣିଥିଲେ । ଜାଣି କିସ ହେବ ବହୃଦ ହେଲେ ।
ସାବଧାନ ହୋଇ ସୁବୁଦ୍ଧିଗଣ । ନଗର ବର୍ଣ୍ଣନା ମନକୁ ଅଣ ।୧।

---

୬୧—ଏହାର ସୁଗନ୍ଧରେ ଉତ୍ତମ ଲୋକମାନଙ୍କ ମନ ମୁଗ୍ଧ ହେବ ଏବଂ ଗୁଣୀ ଲୋକମାନେ ମାଳାକରି ଏହାକୁ ହୃଦୟରେ ଧରିବେ । ସୁରଭି ( ସୁଗନ୍ଧ ) ସବେ୍ୟ ( ଉତ୍ତମ ଲୋକେ ) ।

୬୨—ରସିକମାନେ ଭ୍ରମରଭଳି ଏହି ଫୁଲରୁ ରସ ଗ୍ରହଣ କରି ବଶୀଭୂତ ହେବେ । ମୂର୍ଖମାନେ ଆଦର କରନ୍ତୁ ବା ନ କରନ୍ତୁ ତହିଁରେ କଣ ଅଛି ।

୬୩—କୃପଚନ୍ଦ୍ର ଆପଣଙ୍କ କୃପାରୁ କବି ହୋଇଅଛି । ଆପଣଙ୍କ କୃପାରୁ ତାହାର ଏହି ମନୋରଥ ପୂର୍ଣ୍ଣହେବ ଏଥିରେ ସଂଶୟ କଣ ?

---

## ଦ୍ୱିତୀୟ ଛାନ୍ଦ

୧—ଯାହାର ହୃଦୟ ନାହିଁ, ତାହାର ପୁରାଣ ତା ଅଭିଧାନ ଜାଣିବା ବ୍ୟର୍ଥ ଅଟେ । ହେ ସୁବୁଦ୍ଧି ଗଣ, ସାବଧାନ ହୋଇ ନଗର ବର୍ଣ୍ଣନାକୁ ମନକୁ ଅଣ ।

ରମ୍ଭା ଯେ ବସା-ଯୋଷା ଶିରେ ବନ୍ଧ । ଶିବ ଯହିଁରେ ସୁଲୁବ୍ଧ-ସୌଗନ୍ଧ ।
ଜନ-ମନୋହର ସୁବାସ ଅଛି । ଭ୍ରମର ଅବଲମ୍ବ ନାହିଁ କାହିଁ ॥ ୨
ଦେଖିବାକୁ ଯାହା ରୁଚିରରୁଚି । ଶଙ୍କା ଲଭି ଲଙ୍କା ଅଳକା କାଞ୍ଚୀ ।
ରହୁ ଭରଣୀରେ ଶରଣ ପଶି । କମ୍ପ ସ୍ତମ୍ଭ ଲଜ୍ଜା ଛେଦେ ନ ଚେଷ୍ଟା ॥ ୩
ବଡ଼ଭୀ ବଡ଼-ଭୀ ଜନମ କରେ । ହରିହୟ ହରି-ହୟ ଚିତ୍ତରେ ।
ବୈଜୟନ୍ତୀକୁ ଜିଣିବ ବୋଲି । ବୈଜୟନ୍ତୀରେ ଛନ୍ଦ ନ ଭୁଲି ॥ ୪
ଦିଶାଇ ଏସନ ପ୍ରସନ୍ନ ଧରେ । ଯେସନ ଗଗନ ଶାରଦୀକାଳରେ ।
ଚନ୍ଦ୍ରମଣ୍ଡଳ କରେ ପ୍ରକାଶିତ । ମୁକ୍ତା ତାର ତାର-ରାଜି ରାଜିତ ॥ ୫

---

୨—ଏ ନଗରୀର ନାମ ରମ୍ଭା—ରମ୍ଭା ଫୁଲକୁ ନାରୀମାନେ ମସ୍ତକରେ ବେଣି ଥାଆନ୍ତି, ମହାଦେବ ଯହିଁରେ ବିଶେଷ ବସତି କରନ୍ତି, ଯାହାର ମନୋମୁଗ୍ଧକର ସୁଗନ୍ଧଥାଏ ଏବଂ ଭ୍ରମର ଯହିଁରେ ବସେ ନାହିଁ । ଏହି ରମ୍ଭାନାମ୍ନୀ ନଗରୀକୁ ପୃଥିବୀରୂପା ସ୍ତ୍ରୀ ମସ୍ତକରେ ଧରି ରଖିଅଛି । ଶିବ (ମଙ୍ଗଳ) ସର୍ବଦା ଏଠାରେ ବନ୍ଧୁଅଛି, ଅର୍ଥାତ୍ ଏ ନଗରୀରେ ଅମଙ୍ଗଳ ଶଙ୍କା ଅଦୌ ନାହିଁ । ଲୋକମାନଙ୍କର ମନୋମୁଗ୍ଧକର ଉତ୍ତମ ଗୃହମାନ ଏଠାରେ ଅଛି । ଭ୍ରମ (ଭ୍ରାନ୍ତି)ର ଆଶଙ୍କା ନାହିଁ (ଅର୍ଥାତ୍ କାହାର କୌଣସି ବିଷୟରେ ଭ୍ରମ ନାହିଁ ) । ବସା (ପୃଥିବୀ) ଯୋଷା (ସ୍ତ୍ରୀ) ଶିବ (ମହାଦେବ ଓ ମଙ୍ଗଳ) ସୁବାସ ( ସୁଗନ୍ଧ ଓ ଉତ୍ତମ ଗୃହ ) ଭ୍ରମର ( ଭଅଁର ଓ ଭ୍ରାନ୍ତିର ) ।

୩—ଯାହାର ମନୋହର ସୌନ୍ଦର୍ଯ୍ୟ ଦେଖି ଲଙ୍କା, ଅଳକା ଓ କାଞ୍ଚୀ ନଗରୀମାନେ ଭୂଷଣରେ ଏବଂ ସ୍ତ୍ରୀଠାରେ ଶରଣ ପଶି ସୁଦ୍ଧା, କମ୍ପିବା, ସ୍ତମ୍ଭୀଭୂତ ହେବା ଓ ଲଜ୍ଜା ପକାଇବାକୁ ଛାଡ଼ୁନାହାନ୍ତି । ଅର୍ଥାତ୍ ଲଙ୍କା ନଗରୀ ଲଙ୍କା (ତାଳ) ରୂପରେ ଭୂଷଣକୁ ଆଶ୍ରୟ କରି ସୁଦ୍ଧା ଭୟରେ କମ୍ପୁଅଛି । ଅଳକା ଅର୍ଥାତ୍ ଚୂର୍ଣ୍ଣ କୁନ୍ତଳ ରୂପେ ନାରୀ ଅଙ୍ଗକୁ ଆଶ୍ରୟ କରି ସୁଦ୍ଧା ଭୟରେ ସ୍ଥିର ହୋଇ ରହିଅଛି । କାଞ୍ଚୀ ନଗରୀ ମଧ୍ୟ କାଞ୍ଚୀ (କଟି କିଙ୍କିଣୀ) ରୂପେ ନାରୀକୁ ଆଶ୍ରୟ କରି ମଧ୍ୟ ଲଜ୍ଜା ପକାଉଛି । ରୁଚିର ରୁଚି ( ମନୋହର କାନ୍ତି ) ।

୪—ଯେ ନଗରୀର ଅଟ୍ଟାଳିକା ଇନ୍ଦ୍ରପୁରୀକୁ ଜିଣିବ ବୋଲି ଇନ୍ଦ୍ରଙ୍କ ମନରେ ଭୟ ଜନ୍ମାଉଅଛି ଏବଂ ଏ ନଗରୀ ପତାକାଦ୍ୱାରା ଅଶ୍ୱଙ୍କୁ ଛନ୍ଦ ପକାଇବ ଏହା ଭାବି ସୂର୍ଯ୍ୟଙ୍କର ଘୋଡ଼ାମାନେ ମନରେ ଭୟ କରନ୍ତି (ଅର୍ଥାତ୍ ଏହାର ପତାକା ଆକାଶ ସ୍ପର୍ଶ କରୁଅଛି) । ବଡଭୀ ( ଅଟ୍ଟାଳିକା ଓ ବହୁତ ଭୟ ) ହରିହୟ (ଇନ୍ଦ୍ର ଓ ସୂର୍ଯ୍ୟଙ୍କର ଅଶ୍ୱ) ବୈଜୟନ୍ତୀ (ଅମରାବତୀ ଓ ପତାକା) ।

୫—ଯେପରି ଶରତ୍କାଳରେ ଆକାଶ ନିର୍ମଳ, ସେହିପରି ଶୁଦ୍ଧ ଓ ନିର୍ମଳ ଅକାଶ ଚନ୍ଦ୍ରମଣ୍ଡଳକୁ ପ୍ରକାଶ କରେ । ଏ ମଧ୍ୟ ମଧ୍ୟସ୍ଥିତ ସୁବର୍ଣ୍ଣଗୃହକୁ ପ୍ରକାଶ କରୁଅଛି, ଆକାଶ ଉଜ୍ଜ୍ୱଳ ନକ୍ଷତ୍ରମାଳରେ ମଣ୍ଡିତ, ଏହା ମଧ୍ୟ ଉଜ୍ଜ୍ୱଳ ମୁକ୍ତାମାନଙ୍କରେ

ଯେଉଁ ପୁର ହାଟ ଅମରାବତୀ । ଉପରେ କରିଛି ଅନେକ ଅତି ।
କେତେ ରମ୍ଭା-ଉର୍ବ୍ବଶୀ ଅଛନ୍ତି । ଐରାବତ ଗଡ଼ାଗଡ଼ି ଯାଆନ୍ତି ॥ ୬
କେତେ ଚିତ୍ର-ରଥ ଗନ୍ଧର୍ବ-ବସ୍ତୁ । ଅଳପ ଧନେ ବିକୁଛନ୍ତି ସେହୁ ।
ମାଳି-ପସରାଟି ସୁଧର୍ମସଭା । ସୁମନା-ବଳୀରେ ହୋଇଛି ଶୋଭା ॥ ୭
ତହିଁ ଭୋଗବତୀ କେତେମାତର । କଥା କେ କହୁ ଦେଇଛି ଉତ୍ତର ।
ଅନନ୍ତ-ମଣିରେ ସେ କେଉଁ ଭାଗ ନାହିଁ । ଅନନ୍ତମଣି କିଣା ବିକା ଯହିଁ ॥ ୮
ଯେଉଁ ପୁରେ ପଢ଼େ ଶୁକ-ବିହଙ୍ଗ । ଶୁକ-ଭାରତୀୟ ଚରିତ ଶ୍ଳୋକ ।
ସୁକବିମାନେ ତା ଅର୍ଥ କରନ୍ତି । ବିଚାର କରି ବାହୁଁକି ସେମାନେ ॥ ୯

---

ଖଣ୍ଡିତ । ବିତାନ ( ଚାନ୍ଦୁଆ ) ତାର ( ଉଜ୍ଜ୍ୱଳ ) ତାର ସିଜ ( ତାରକା ସମୂହ ଓ ମୁକ୍ତାପନ୍ତି ) ।

୬—ଚମ୍ପା ନଗରୀର ହାଟ ଅମରାବତୀ ଉପରେ ଅତ୍ୟନ୍ତ ହେୟ ଦୃଷ୍ଟି ପକାଉଅଛି । ଯେଣୁ ଅମରାବତୀରେ ରମ୍ଭା, ଉର୍ବଶୀ, ଐରାବତ ଗୋଟିଏ ଗୋଟିଏ ଅଛନ୍ତି, କିନ୍ତୁ ଏହି ହାଟରେ ଅନେକ ରମ୍ଭୋରୁ ସ୍ତ୍ରୀମାନେ ବସି ରହି ଅଛନ୍ତି, ଏବଂ ଐରାବତ ( ନାରଙ୍ଗଫଳ ) ବହୁତ ଏଣେ ତେଣେ ଗଡ଼ୁଅଛି । ଅପେକ୍ଷ ( ହେୟଦୃଷ୍ଟି ) ରମ୍ଭା ଉର୍ବ୍ବଶୀ ( ରମ୍ଭାନାମ୍ନୀ ଓ ଉର୍ବଶୀ ନାମ୍ନୀ ସ୍ୱର୍ଗ-ବେଶ୍ୟା ) ଏବଂ ରମ୍ଭା ( କଦଳୀ ବୃକ୍ଷ ) ପରି, ଉରୁ (ଜଙ୍ଘ) ଯେଉଁମାନଙ୍କର, ସେହି ସ୍ତ୍ରୀମାନେ, ବସି ( ବାସକରି ) ଐରାବତ ( ଇନ୍ଦ୍ରଙ୍କ ହସ୍ତୀ ଏବଂ ନାରଙ୍ଗଫଳ ) ।

୭—ଇନ୍ଦ୍ରପୁରରେ ଚିତ୍ରରଥ ନାମକ ଗୋଟିଏ ମାତ୍ର ଗନ୍ଧର୍ବଅଛି, କିନ୍ତୁ ଏ ହାଟରେ ବିଚିତ୍ର ରଥ ଓ ଘୋଡ଼ା ସବୁ ଅଳ୍ପ ଧନରେ କିଣା ହେଉଅଛନ୍ତି । ଏଠାରେ ମାଳୁଣିର ପସରା ସୁଧର୍ମାସଭା ହେବ, ଯେପରି ସୁଧର୍ମା-ସଭାକୁ ଦେବତାମାନେ ଶୋଭିତ କରୁଅଛନ୍ତି, ସେହିପରି ମାଳୁଣୀ ପସରା ପୁଷ୍ପ ସମୂହ ଦ୍ୱାରା ଶୋଭିତ ହୋଇଅଛି । ଚିତ୍ରରଥ ( ତନ୍ନାମକ ଗନ୍ଧର୍ବ ଓ ବିଚିତ୍ର ରଥ ) । ଗନ୍ଧର୍ବ (ଘୋଟକ) ସୁଧର୍ମାସଭା (ଇନ୍ଦ୍ରସଭା), ସୁମନାବଳୀ ( ଦେବତା ସମୂହ ଓ ପୁଷ୍ପ ସମୂହ ) ।

୮—ସେଠାରେ ପାତାଳ ପୁରୀ ଅବା କେତେ ମାତ୍ର, ଏ ପୁରୀ ଗୋଟିଏ କଥାରେ ପାତାଳ ପୁରୀକୁ ତୁଚ୍ଛ କରି ଦେଉଅଛି । ଶେଷଦେବଙ୍କର ମସ୍ତକରେ ଯେଉଁ ମଣି ଅଛି ତାହାର ସେ କେଉଁଠି କାହିଁ ? ଯେଉଁ ଅସଂଖ୍ୟ ମଣି ସବୁ ଏଠାରେ କିଣାବିକା ହେଉଅଛି । ଭୋଗବତୀ ( ପାତାଳପୁରୀ ) ଅନନ୍ତ ( ଶେଷଦେବ ଓ ଅସଂଖ୍ୟ ) ।

୯—ଯେଉଁ ନଗରୀରେ ଶୁକଦେବଙ୍କ ଭାରତୀୟ ଶ୍ଳୋକ ସବୁ ଶୁକ ପକ୍ଷୀମାନେ ପଢ଼ୁଅଛନ୍ତି । ସୁକବି ଲୋକ ଭଜନ କରି ଏହି ଅର୍ଥକଲେ ମନରେ ବିଚାରି ସ୍ଥିର ଅଛି ନାହିଁ । ବି ( ପକ୍ଷୀ ) ଶୁକ ( ତନ୍ନାମକ ପକ୍ଷୀ ଓ ଶୁକଦେବ ) ସୁକବି ( ଭକ୍ତିମନ୍ତ )

ବୈଦ୍ୟ ଶାର୍ଦ୍ଦୂଳ ଅଶ୍ୱିନୀ କୁମାରେ । ମୃଗ ଭଳି ଗଣେ ବିବେକ କରେ ।
ଥିଲେ ତାଙ୍କର ତରକ୍ଷ ସୁଶ୍ରୁତ । ଭୁଞ୍ଜିଥାନ୍ତେ ଅପି ଅମୃ ପୁରତ । ୧୦
ଗଣିକା-ଗଣଙ୍କ ଏମନ୍ତ ହୃଦ । ଗୁରୁ-ଗୁରୁ ହେବା ପଣ୍ଡିଲେ ବାଦ ।
ଧନୀ-ଜନ ମତେ ଧନଦ ଊଣା । ନ ଥିବାରୁ ତାଙ୍କ ପୁଷ୍ପକ ଘଣା । ୧୧
ସୁ-ନାସୀରଙ୍କର ଏହୁ ଗୁମାନ । ଏକ ଭଗ୍ନ ଅମ୍ବୁ ପଦ ଇନ୍ଦ୍ର ଦାନ ।
ବହୁତ ବଳ ଭୟ କରୁନାହୁଁ । ବଜ୍ର-ସାର-ବାର କୁପଣେ ବହୁଁ । ୧୨
କଟକ ନିର୍ମାଣ ଛଟକ ଦେଖି । ବିଶ୍ୱକର୍ମା ମୟ ଭୁଜନ୍ତି ଅଖି ।
ଭଲ ଶିଳ୍ପୀ ବୋଲି ହୋଇବା କଥା । ଭସ୍ତ୍ର ହୋଇ ବଢେ ହୃଦକୁ ବ୍ୟଥା । ୧୩

---

୧୦—ସେହି ନଗରର ପ୍ରଧାନ ବୈଦ୍ୟମାନେ ସ୍ୱର୍ଗବୈଦ୍ୟ ଅଶ୍ୱିନୀ କୁମାରଙ୍କୁ ମୃଗ ଭଳି ମନରେ ଏହିପରି ବିଚାର କରନ୍ତି ଯେ ଯଦ୍ୟପି ପୂର୍ବରେ ତରକ୍ଷ ଓ ସୁଶ୍ରୁତ ଗ୍ରନ୍ଥ ଥାଅନ୍ତା, ତାହାହେଲେ ଏମାନେ ଅପି ଅମୃତାକୁ ଭୁଞ୍ଜି ଥାଅନ୍ତେ । ଶାର୍ଦ୍ଦୂଳ ( ଶ୍ରେଷ୍ଠ ) ମୃଗ ( ନିକୃଷ୍ଟ ) ।

୧୧—ସେଠାରେ ଗଣିକାମାନେ ଏହିପରି ହୃଦୟରେ ବିଚାର କରନ୍ତି ଯେ ବାଦ ପଣ୍ଡିଲେ ଅମ୍ଭେମାନେ ବୃହସ୍ପତିଙ୍କର ମଧ୍ୟ ଗୁରୁହେବା । ଧନୀ ଜନମାନଙ୍କର ମତରେ ମଧ୍ୟ କୁବେର ସେମାନଙ୍କଠାରୁ ଊଣା ଅଟନ୍ତି । ଯେଣୁ ହେତୁ ତାହାଙ୍କର ଗୋଟିଏ ମାତ୍ରକ ପୁଷ୍ପକ ( ବିମାନ ) ଅଛି । କିନ୍ତୁ ଏମାନଙ୍କର ଅସଂଖ୍ୟ ପୁଷ୍ପକ ( ରତ୍ନକଙ୍କଣ ) ଅଛି । ଗଣିକାଗଣ ( ନାୟିକା ସମୂହ ) ଗୁରୁଗୁରୁ ( ବୃହସ୍ପତିଙ୍କର ଗୁରୁ ) ଧନଦ ( କୁବେର ) ପୁଷ୍ପକ ( ଯାନ ଓ ରତ୍ନକଙ୍କଣ ) ।

୧୨—ଉତ୍ତମ ଯୋଦ୍ଧାମାନେ ମନରେ ଏହି ଚିନ୍ତା କରନ୍ତି ଯେ ଅମ୍ଭର ସୁନାସୀର ପଦକୁ କିଏ ଇନ୍ଦ୍ରଙ୍କୁ ଦେଲା । ଇନ୍ଦ୍ର ଗୋଟିଏ ମାତ୍ର ବଳ ନାମକ ରାକ୍ଷସର ଭୟ କରୁଥିଲେ କିନ୍ତୁ ଅମ୍ଭେ ଅସଂଖ୍ୟ ଶତ୍ରୁବଳ ( ସୈନ୍ୟ ) ର ଭୟ କରୁନାହୁଁ । ସେ ଗୋଟିଏ ମାତ୍ର ବଜ୍ରସାର ( ବଜ୍ରାସ୍ତ୍ର ) ଧରି ଅଛନ୍ତି । ଅମ୍ଭେମାନେ କୁପଣରେ ବଜ୍ର ସାର ବାର ( ଉତ୍ତମହାର ସମୂହ ଧରି ଅଛୁ ) ସୁନାସୀର ( ଉତ୍ତମ ଅଗ୍ରଗାମୀ ଯୋଦ୍ଧା ଓ ଇନ୍ଦ୍ର ) ବଳ ( ବଳନାମକ ରାକ୍ଷସ ଓ ଶତ୍ରୁ ସୈନ୍ୟ ) ବଜ୍ରସାର ( ବଜ୍ରାସ୍ତ୍ର ଉତ୍ତମ ଖଡ୍ଗ ) । ବାର ( ସମୂହ ) ।

୧୩—ସେହି ନଗରର ନିର୍ମାଣ କୌଶଳ ଦେଖି ବିଶ୍ୱକର୍ମା ( ଦେବ ଶିଳ୍ପୀ ) ଓ ମୟ ( ଦାନବ ଶିଳ୍ପୀ ) ଏ ଦୁହେଁ ଅଖି ଭୁଜି ମନରେ ଏହିପରି ଭାବୁଛନ୍ତି ଯେ ଅମ୍ଭର ଭଲ ଶିଳ୍ପୀ ବୋଲିବା କଥା ଭସ୍ତ୍ରାସ୍ତ୍ର ପରି ( ଶୂଳଅସ୍ତ୍ର ) ହୃଦୟରେ ବ୍ୟଥା ଦେଉଅଛି । କଟକ (ନଗର) ।

ବହନ୍ତି ଯେ ବାସ୍ତୁ-ଜାନୁ ଅନୁମାନ । ସର୍ବଦା ଲକ୍ଷ୍ମୀ କରିବାରୁ ସ୍ଥାନ ।
ନିଶାନ୍ତ-ରତନ ଜ୍ୟୋତି ପ୍ରକାଶେ । ନିଶାନ୍ତ ପ୍ରାୟ ସବୁବେଳେ ଦିଶେ । ୧୪
ଭଞ୍ଜନ-ହଟ୍ଟେ ନର୍ତ୍ତକୀ କି ରତନ । କଳସ କୁଚ ଗୋଣାସ୍ତମ୍ଭ ଭୁଜନ ।
ଶବଦ ନାଗରପଦ-ନୂପୁର ବାଦ୍ୟ । ସମ୍ଭବେ ଟଙ୍କି ଭଲ୍ଲ ଭଲ୍ଲ ପଦ । ୧୫
ମୁଖ ଝଲପତି ଦର୍ପଣ-ଭିତ୍ତି । ଅଛି ଲକ୍ଷିବା ଗବାକ୍ଷ ଅଛନ୍ତି ।
ଭ୍ରମର ଛଡ଼ାଇ ଚିକୁର ଛଟା । ବସନ ପ୍ରସନ୍ନକୁ ଯବନିକା । ୧୬
ରୂପାଜୀବୀ ତୁଳ୍ୟ ରୂପା ହୋଇଣ । ଦେହରେ ଧନ୍ୟା କନ୍ୟା-ସ୍ତମ୍ଭ-ଗଣ ।
କରାଇ ଭ୍ରମ ବେଢ଼ିତେ ରାଗ ଜାତ । ବଂଶୀ-ସ୍ୱର ତରେ ଆଳାପ ଗୀତ । ୧୭

---

୧୪—ସେ ନଗରରେ ସର୍ବଦା ଲକ୍ଷ୍ମୀ ବାସ କରିଥିବାରୁ ବାସ୍ତୁଙ୍କର ଜାନୁକୁ ବହନ କରିଥିବାର ଅନୁମାନ ହୁଏ ( ବାସ୍ତୁଙ୍କର ଜାନୁରେ ଲକ୍ଷ୍ମୀ ସର୍ବଦା ଥାନ୍ତି ) ଗୃହରେ ଥିବା ରତ୍ନମାନଙ୍କର ଜ୍ୟୋତି ପ୍ରକାଶ ପାଉଅଛି । ଅତଏବ ସବୁବେଳେ ପ୍ରଭାତ କାଳର ସୁନ୍ଦର ଦିଶୁଅଛି । ନିଶାନ୍ତ ( ଗୃହମଧ୍ୟ ପ୍ରଭାତ କାଳ )

୧୫—ସେ ନଗରର ବହିର୍ଦ୍ୱାରର ଶୋଭା ନର୍ତ୍ତକୀ ନାଟପରି ଦିଶୁଅଛି । ନର୍ତ୍ତକୀମାନେ ଠିଆ ହୋଇ ଗୋଡ଼ରେ ହାତ ଲଗାଇ ନାଚ କରନ୍ତି । ବହିର୍ଦ୍ୱାର ସ୍ତମ୍ଭମାନ ହସ୍ତ ତୁଲ୍ୟ । ସୁବର୍ଣ୍ଣ କଳସ ସ୍ତନ ତୁଲ୍ୟ । ନୂପୁର ଶବ୍ଦ ବାଦ୍ୟ ତୁଲ୍ୟ । ଲୋକମାନଙ୍କର ଭଲ ଭଲ ଶବ୍ଦ ନର୍ତ୍ତକୀମାନଙ୍କ ଭଲ ଭଲ ଶବ୍ଦପରି । ଭଞ୍ଜନହଟ୍ଟେ ( ଠିଆ ହୋଇ ନାଚିବା ବେଳେ ) ଗୋଣାସ୍ତମ୍ଭ ( ବହିର୍ଦ୍ୱାର ସ୍ତମ୍ଭ ) ।

୧୬—ନର୍ତ୍ତକୀ ମୁଖର ଉଜ୍ଜ୍ୱଳତା ଭିତ କାନ୍ଥରେ, ଚକ୍ଷୁର ଶୋଭା ଗବାକ୍ଷରେ, କେଶ ପାଶ ଭ୍ରମରରେ, ବସନର ପ୍ରସନ୍ନତା ପରଦାରେ ଲକ୍ଷିତ ହେଉଅଛି । ମୁଖଝଲ ( ମୁଖର ଉଜ୍ଜ୍ୱଳତା ) ଦର୍ପଣ ଭିତ୍ତି ( ଭିତକାନ୍ଥ ) ଗବାକ୍ଷ ( ଜାଲାଭଡ଼ାଟି ) ଚିକୁର ( କେଶପାଶ ) ଯବନିକା (ପରଦା) ।

୧୭—ଗୃହର ସ୍ତମ୍ଭ ସବୁ ସ୍ତ୍ରୀ ଆକୃତିରେ ଗଢ଼ା ହୋଇ ଥିବାରୁ ବେଶ୍ୟା ଭ୍ରମ କରାଉଅଛନ୍ତି । ବେଶ୍ୟାମାନେ ବଂଶୀ ତୁଲ୍ୟ ସ୍ୱରରେ ଆଳାପ କରି ନାନା ପ୍ରକାର ସ୍ନେହ ଜାତ କରନ୍ତି । ଗୃହମଧ୍ୟରେ ବଂଶୀବାଦ୍ୟ ସହିତ ଗାନ ହେଉଥିବାରୁ ସ୍ତମ୍ଭ ସ୍ତ୍ରୀ ଗାଉଛନ୍ତି ବୋଧ ହେଉଅଛି । ସୁତରାଂ ସ୍ନେହ ଜନ୍ମୁଅଛି । ରୂପା ରୂପାଜୀବୀ (ବେଶ୍ୟା) କନ୍ୟାସ୍ତମ୍ଭ (କନ୍ୟାକାରରେ ଗଢ଼ା ହୋଇ ଥିବା ଖୁଣ୍ଟ) ରାଗ (ସ୍ନେହ) ।

ଦୂରଦେଶ ଜନ ଦେଖିଲେ ଆନାଇ । ମଦନ ବସରେ ମନ ମନାଇ ।
ଧନ-ସାରଣୀ କେତେ କହିବାକୁ । ତାଙ୍କ ଧନବ୍ୟୟ ଭଞ୍ଜିଲ ତାଙ୍କୁ ॥ ୧୮
କାଚ ଚଲ୍ଲର ସନ୍ଧିରେ ନ ପଶି । ଗଡ଼ା-କୀର ପଢ଼ାଇବାକୁ ବସି ।
ବେଣୀ-ପରିହାସୀ ଅଟେ ଯେ ପନ୍ତି । ହ୍ରୀ ସାଗରରେ ବୁଡ଼ଇ ଭୁକ୍ତି ॥ ୧୯
ଏଣୁ ସେ ପୁର ରହସ୍ୟ ଆବାସ । ତହିଁ ନରେଶ୍ୱର ଉପମା କାସ ।
ନୃପତିମାନେ ମହାଦେବ କହନ୍ତି । ରାଜା-ଚୂଡ଼ାମଣି ହେବାରୁ ସେହି ॥ ୨୦
ପ୍ରଣି ତ୍ରିପୁର-ସୁନ୍ଦରୀ ସ୍ୱଭାବେ । କୁମାର ଗଣ ପଦତଳେ ସେବେ ।
ମହିମା ତାଙ୍କ ଅନୁପଲେ ଶୋଭେ । ବିଶ୍ୱାନନ୍ଦଙ୍କ ହୋଇ ନାମ ଶୋଭେ ॥ ୨୧
ପାଟମହାଦେବୀ ଚଣ୍ଡକଳା । ପାର୍ବତୀ କରେ କି କ୍ଷିତିରେ ଲୀଳା ।
ଗହିଣୀ ହୋଇ ପ୍ରଶଂସା ଯାହାର । ଦେବୀବୃନ୍ଦରେ ତ ସହଜେ ସାର ॥ ୨୨

---

୧୮—ଦୂରଦେଶୀ ଲୋକ ତେହ୍ନ ଗୃହିଁଦେଲେ, କାମାନ୍ଧ ହୋଇଯାଏ । ସେ ନଗରର ଧନବ୍ୟୟ କିଏ କହିପାରିବ ।

୧୯—କାଚ ଅଟଣାରେ ସେମାନଙ୍କର ଧନବ୍ୟୟ ପଡ଼ିବାରୁ ସେମାନେ ଉପରେ ହଟାଇ ଭିତରକୁ ଯାଆନ୍ତି ନାହିଁ । ଗଡ଼ାଶୁକପକ୍ଷୀକୁ ପଢ଼ାଇବାକୁ ଅଭ୍ୟାସ କରନ୍ତି । ସେଠାଁ ଲୋକ ବେଣୀ ପରିହାସୀ ଅଟେ ଯେ ଲଜ୍ଜା ସାଗରରେ ବୁଡ଼ିଯାଏ । ଧନ ସାରଣୀ ( ଧନବ୍ୟୟ ) ଚଲ୍ଲର ( ଅଟଣା ) କୀର ( ଶୁକପକ୍ଷୀ ) ହ୍ରୀ ( ଲଜ୍ଜା )

୨୦—ସେ ନଗର ଏହି ହେତୁରୁ ସମସ୍ତ ପ୍ରକାର ରହସ୍ୟର ଆଧାର ହୋଇଅଛି । ତହିଁରେ ଥିବା ନରେଶ୍ୱରଙ୍କର ( ରାଜାଙ୍କର ) କି ଉପମା ଦେବା । ସେ ରାଜା ଚୂଡ଼ାମଣି ( ରାଜାଧିରାଜ ) ହେବାରୁ ଅନ୍ୟ ରାଜାମାନେ ତାହାଙ୍କୁ ମହାଦେବ ବୋଲି କହନ୍ତି । ମହାଦେବ ମଧ୍ୟ ରାଜାଚୂଡ଼ାମଣି । ରାଜା (ଚନ୍ଦ୍ର) ଚୂଡ଼ାମଣି ( ଶିରୋଭୂଷଣ )

୨୧—ମହାଦେବ ତ୍ରିପୁରସୁନ୍ଦରୀକୁ ଭଜିଥିଲେ । ଏ ରାଜା ଜନ ସୁନ୍ଦରୀକୁ ଭଜି ଅଛନ୍ତି । କୁମାର ( କାର୍ତ୍ତିକେୟ ) ଗଣ (ଭୂତ ପ୍ରେତାଦି) ମହାଦେବଙ୍କର ପଦତଳେ ସେବା କରନ୍ତି । କୁମାର ଗଣ ( ପୁତ୍ର ସମୂହ ) ଏହାଙ୍କର ପାଦ ସେବୁଅଛନ୍ତି । ମହିମା ତାଙ୍କ ଦେହଠାରେ ସର୍ବଦା ଶୁଦ୍ଧ ଥାଏ । ଏଠାରେ ମଧ୍ୟ ରାଜାଙ୍କୁ ଲୋକେ ମହିମା ବୋଲି ଡାକୁ ଅଛନ୍ତି । ମହାଦେବ ବିଶ୍ୱାନନ୍ଦ ( ସଂସାର ଆନନ୍ଦକାରୀ ) ଏ ରାଜାଙ୍କର ନାମ ବିଶ୍ୱାନନ୍ଦ ।

୨୨—ଚଣ୍ଡ-କଳାନାମ୍ନୀ ପାଟ ମହାଦେବୀଙ୍କୁ ଦେଖିଲେ ବୋଧହୁଏ ପାର୍ବତୀ ପୃଥିବୀରେ କ୍ରୀଡ଼ା କରୁ ଅଛନ୍ତି କି । ଗୌରୀ । ( ଗୌରାଙ୍ଗୀ ଓ ପାର୍ବତୀ ) ହେବାରୁ ଯାହାଙ୍କର ପ୍ରଶଂସା ହେଉଅଛି ସେ ପ୍ରକୃତି ଦେବୀ ମାନଙ୍କ ମଧ୍ୟରେ ଶ୍ରେଷ୍ଠା ଅଛନ୍ତି । ଏ ମଧ୍ୟ ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠା ।

ରାଜା ରାଣୀଙ୍କ ନନ୍ଦନୀ ପ୍ରାପତ । ଇଚ୍ଛାକୁ ଏକା ନ ଛାଡ଼ନ୍ତ ତାହୁ ।
ସଚିବ ନାମ ଯେ ବୁଦ୍ଧିସାଗର । ସେ ଦିନେ ଜଣାଇଲା ଯୋଗ୍ୟ ବର ॥ ୨୩
ଭୂଦେବମାନେ ଯଜ୍ଞ କରିବାରେ । ବହୁତ ସୁବର୍ଣ୍ଣ ରାଶି ଦେବାରେ ।
ଘନମୟ ପରି ସଦା ଆକାଶ । ଅତିଥି ପୂଜନେ ଧର୍ମ ପ୍ରକାଶ ॥ ୨୪
ଯାଚକ କାମନା ସଂପୂର୍ଣ୍ଣ କରି । ବଇରି-ବୃନ୍ଦର ଅର୍ଥକୁ ହରି ।
ଉଦିତ ତ୍ରିବର୍ଗ ଅମ୍ବୁପୁରରେ । ସମର୍ଥ ତ୍ରିତାପ ନାଶିବାରେ ॥ ୨୫
ରାମନାମକୁ ଜପ କରୁଥାଇ । ମୋକ୍ଷରେ ଅଛି ଯେ ସଂଶୟ ନାହିଁ ।
ସାକ୍ଷାତେ କରନ୍ତାଇ ଦରଶନ । ଯିବା କି ବାରେ ବଦରିକା-ବନ ॥ ୨୬
ସୁରେ ଅସିଆନ୍ତି ସେହୁ ନଗରେ । ଶ୍ରେଷ୍ଠ ହୋଇବା ତାହାଙ୍କ ସଙ୍ଗରେ ।
ଯଥେ ଅରିଷ୍ଟ ଥିଲେ କେହୁ କେହୁ । ମହିମା ଅଛନ୍ତି କହିବା ତହିଁ ॥ ୨୭
କିଛୁର ଯୋଗାଇ ଅବଧାନକୁ । ରାଜା ଡାକେ କଲେ ସାଜି ସୈନ୍ୟଙ୍କୁ ।
ପଦାତି-ପନ୍ତି ଯେ ମହାଭୈରବ । କରିବାରେ ବଜଗତ ତାଣ୍ଡବ ॥ ୨୮

---

୨୩—ରାଜାରାଣୀଙ୍କର ମନ କନ୍ୟାପାଇବା ଇଚ୍ଛାକୁ ଛାଡ଼େନା । ଦିନେ ବୁଦ୍ଧିସାଗର ନାମକ ମନ୍ତ୍ରୀ ହାଜ ଯୋଗ୍ୟ ଜଣାଇଲେ ।

୨୪—ବ୍ରାହ୍ମଣମାନେ ଯଜ୍ଞ କରିବାରୁ ଧୂମରେ ଆକାଶ ମେଘାଚ୍ଛନ୍ନ ପରି ଦେଖାଯାଉଅଛି । ବହୁତ ସୁବର୍ଣ୍ଣ ରାଶି ଦେଇ ଅତିଥିମାନଙ୍କ ପୂଜା କରିବାରୁ ଧର୍ମର ପ୍ରକାଶ ହୋଇଅଛି । ଭୂଦେବ ( ବ୍ରାହ୍ମଣ ) ଘନମୟ ( ମେଘପୂର୍ଣ୍ଣ ) ।

୨୫—ଯାଚକମାନଙ୍କର କାମନା ପୂରଣ କରିବାରୁ ଓ ଶତ୍ରୁମାନଙ୍କର ଧନ ଲୁଟିଆଣିବାରୁ ଅମ୍ବୁର ନଗରରେ ତ୍ରିବର୍ଗ ( ଧର୍ମ, ଅର୍ଥ, କାମ ) ଉଦିତ ହୋଇଅଛି । ଏବଂ ତ୍ରିତାପ ( ଆଧ୍ୟାତ୍ମିକ, ଆଧିଦୈବିକ, ଆଧିଭୌତିକ ) ନାଶିବାକୁ ଏନଗର ସକ୍ଷମ ।

୨୬—ରାମ ନାମକୁ ଜପ କରୁଥିବାରୁ ମୋକ୍ଷରେ ସନ୍ଦେହ ନାହିଁ, ଅରେ ବଦରିକା ତୀର୍ଥକୁ ଯାଇଁ ସାକ୍ଷାତ୍ ଦର୍ଶନ କରିବାକୁ ଇଚ୍ଛା ହେଉଅଛି ।

୨୭—ଦେବତାମାନେ ସେହି ତୀର୍ଥକୁ ଆସନ୍ତି । ତାହାଙ୍କ ସହିତ ଶ୍ରେଷ୍ଠ ହେବ । ଦୋଷଟି ବାହାରେ କେହୁ ଶତ୍ରୁ ଥିବ ତାହାହେଲେ ତାହାକୁ (ଶତ୍ରୁକୁ)ମାରି ମହିମା ପ୍ରକାଶ କରିବା ।

୨୮—ଏ କଥାର ରାଜାଙ୍କର ମନକୁ ଆସିବାରୁ ସୈନ୍ୟମାନଙ୍କୁ ସଜାଇ ରାଜା ଡାକେ କଲେ । ପାଦଚାରୀ ସୈନ୍ୟଗଣ ବଜ୍ରବତ ଏବଂ ତାଣ୍ଡବ ( କୋଳିଗୁଳବା) କରିବାକୁ ଅତ୍ୟନ୍ତ ସକ୍ଷମ ହେଲେ ।

ଜିଣି ହୋଇ ନଦୀ ଅରଣ୍ୟ ସଙ୍ଗେ । ମଞ୍ଜୁଳ ସଫର ଖଡ଼ଗ-ରଙ୍ଗେ ।
ସ୍ୱର-ସଂଯୁକ୍ତରୁ ଉତ୍ତମ ଗୀତ । ହୁଁ ହୁଁ କରିବାରେ ମଣିକପୋତ ॥ ୨୯
ପେଚକ କରଟ କଟକେ କରି । ମହାଗିରି ପ୍ରାୟେ କୁଞ୍ଜର ବରୀ ।
ଦାନ-ବାରିରୁ ଘନାଘନ ପଦ । ଲୁଣ୍ଠିତ ସିନା ଦେବାରି ବୋଧାଦ ॥ ୩୦
ହୟ ହରିନାମ ବିକ୍ରମବଶେ । ଖୁର ମାରିବାରୁ ଜ୍ୟୋତିଷ କି ସେ ।
ଗୁଣ ଲୁଣ୍ଠିତ ଦ୍ୱିଜାସ୍ୟ କଥିକ । ବାଜଣୀ ନୂପୁର ବାନ୍ଧ ନଟିକା ॥ ୩୧
କଣ୍ଠ-ମଣି ଦେଖି ଯେମନ୍ତ ରବି । ବାଜି ବନ୍ଧିବାରୁ ଶିକ୍ଷାସ୍ଥ ଛବି ।
ରଥଚକ୍ର ମହାପୁରୁଷପଦ । ଭଳ ଗାତକରେ ଅଶ୍ୱ-ସେବାତ ॥ ୩୨

---

୨୯—ଏଠାରେ ସୈନ୍ୟମାନେ ନଦୀ ଅରଣ୍ୟ ସହିତ ସମାନ ହେଲେ । ନଦୀ ସଫରୀ ( ପୋଣ୍ଡିକାର ମାଛ ) ରେ ମନୋହର ହୋଇଥାଏ । ସୈନ୍ୟମାନେ ସଫରୀ ( ଫରୀ ସହିତ ) ହେବାରୁ ସୁନ୍ଦର ହୋଇ ଅଛନ୍ତି, ଅରଣ୍ୟ ଖଡ୍ଗ(ଗଣ୍ଡା) ର ରଙ୍ଗରେ ସୁନ୍ଦର ହୋଇଥାଏ । ସୈନ୍ୟମାନେ ଖଡ୍ଗ (ଖଣ୍ଡା) ରଙ୍ଗରେ ସୁନ୍ଦର ହୋଇଅଛନ୍ତି । ସୈନ୍ୟମାନେ ସ୍ୱର ମିଳାଇ ଉତ୍ତମ ଗୀତ ଗାଉଅଛନ୍ତି । ଅରଣ୍ୟରେ ମଣିକପୋତ ପକ୍ଷୀ ହୁଁକାର କରି ଗୀତ ଗାଉଥାଏ ।

୩୦—କୁମ୍ଭୀ ହସ୍ତିମାନେ ମହାଗିରି ପରି, ଯେହେତୁ ମହାଗିରି ପେଚକ ( ପେଚା ) କରଟ ( କାକ ) କଟକ ( ପର୍ବତମଧ୍ୟଦେଶ ) ଏ ମାନଙ୍କରେ ଶୋଭିତ ହୋଇଥାଏ, ହସ୍ତିମାନେ ମଧ୍ୟ ପେଚକ ( ଲାଙ୍ଗୁଳ ମୂଳଦେଶ ) କରଟ ( ଗଣ୍ଡଦେଶ ) କଟକ ( ଦନ୍ତବଳୟ ) ମାନଙ୍କରେ ଶୋଭିତ । ହେ ପଣ୍ଡିତମାନେ ଆଉ ମଧ୍ୟ ହସ୍ତିମାନଙ୍କର ଗଣ୍ଡସ୍ଥଳରୁ ମଦଜଳ ଅଜସ୍ର ସ୍ରବା-ହିତ ହେବାରୁ ସେମାନଙ୍କୁ ଘନାଘନ ( ବର୍ଷାକାଳ ମେଘ, ଓ ମତ୍ତହସ୍ତୀ ) ବୋଲିବା ଉଚିତ ହୋଇଅଛି । ଦାନବାରି ( ମଦଜଳ ) ।

୩୧—ଘୋଡ଼ାମାନଙ୍କର ନାମ ହରି ( ଘୋଟକ ଓ ପବନ ) ଥିବାରୁ ପବନ ପରି ବେଗରେ ଖୁରା ଚଳାଉ ଅଛନ୍ତି, ଜ୍ୟୋତିଷମାନେ ଯେପରି ଖୁରିମାନଙ୍କ ( ଅର୍ଥାତ୍ ଜଳରେ ପଡ଼ିଲେ ସମୟ ନିରୂପକ ତମ୍ବାପାତ୍ର ଦ୍ୱାରା ସମୟ ଠିକ କରି ଘଣ୍ଟା ପିଟନ୍ତି ) ଘୋଡ଼ାମାନେ ଖୁରିମାନଙ୍କୁ ଥିବାରୁ ଜ୍ୟୋତିଷ ମାନଙ୍କ ତୁଲ୍ୟ ଦ୍ୱିଜାସ୍ୟ କଥିବେ କହିଲେ ତତ୍ପର ଘୋଡ଼ାମାନଙ୍କର ଗୋଡ଼ରେ ନୂପୁର ବନ୍ଧା ହୋଇ ବାଜୁଅଛି, ନାଟୁଆ ଗୋଡ଼ରେ ନୂପୁର ବନ୍ଧାହେଲେ ପରି ଜଣା ଯାଉଅଛି । ହୟ ( ଘୋଡ଼ା ) ବିକ୍ରମ ( ପରାକ୍ରମ ) ।

୩୨—ସୂର୍ଯ୍ୟଙ୍କ କଣ୍ଠରେ ଯେପରି ମଣି ଥାଏ ସେହିପରି ଘୋଡ଼ାଙ୍କ କଣ୍ଠରେ ମଣିଅଛି । ସେମାନଙ୍କ ମୁଖରୁ ବାଜ ( ଫେଣ ଓ ବାଜପକ୍ଷୀ ) ହୋଇବାରୁ ବାଜପକ୍ଷୀପରି ଶିକ୍ଷାସ୍ଥ ହୋଇ ଅଛନ୍ତି । ରଥଚକ୍ର ମହାପୁରୁଷମାନଙ୍କପରି ଉଜ୍ଜ୍ୱଳ ଏବଂ

ଦିବ୍ୟ ନାୟିକା ପ୍ରୀତି ଅଲଙ୍କୃତ । ସୂତ-କ୍ରୀଡ଼ାରେ ହୋଇଛନ୍ତି ରତ ।
ଗର୍ବ ଭର ଉର୍ଦ୍ଧ୍ୱେ ନାନା ଭଙ୍ଗୀର । ଏମନ୍ତେ ଚତୁରଙ୍ଗ ଚଳି ଯାଇ ॥ ୩୩
କ୍ଷୋଦବଶରେ ଭାନୁ-ତେଜ ଯିବେ । ତମ-ଗ୍ରସ୍ତ ଏ ଭ୍ରମ ବ୍ୟୋମପଥରେ ।
ତମ-ଗ୍ରସ୍ତରେ ଗୃହନାରୀ ମାନ । ଦୀପ ଘଟଇ କହିବା ବଚନ ॥ ୩୪
ନିଶାଣେ ଦ୍ୱିପମାନେ ଚମକିଲେ । ଦିଗେ ଥିବା ଦ୍ୱିପମାନେ ଶଙ୍କିଲେ ।
ଶ୍ରୀନଗରୁ ଅଦ୍ୟବର୍ଣ୍ଣ ଲୁଟିଲେ । ଘୋଷବାସୀ ପ୍ରାପ୍ୟ ଅସି ଭେଟିଲେ ॥ ୩୫
ଅଗ୍ର ହୋଇଲେ ସେ ମାର୍ଗ ଦେଖାଇ । ପାପହା ଗଙ୍ଗାକୂଳେ ହେଲେ ଯାଇ ।
ସ୍ୱର୍ଗତଳ ସୀତା ପାତାଳଗାମିନୀ । ହିମନଗଜା ଶିବ-ମୋହିନୀ ॥ ୩୬

---

ଚତୁର୍ଯୁକ୍ତ ମହାପୁରୁଷମାନଙ୍କର ମଧ୍ୟ ଦୃଷ୍ଟି ଗାଢ଼ବ (ହଳଧର ବୋଲି) ଅଶ୍ୱ-ସେବକ ( ଶତ୍ରୁସେବକ ) ବାଜ ( ଶ୍ୟେନ ଓ ଛଞ୍ଚାଣ ପକ୍ଷୀ ) ରଥପତ୍ନୁ ( ରଥ ସମୂହ ) ଅଶ୍ୱ ( ଘୋଡ଼ା ଓ ଶତ୍ରୁ )

୩୩—ସେପରି ମହାପୁରୁଷମାନେ ଉତ୍ତମ ସ୍ତ୍ରୀଯୁକ୍ତ ହୋଇ ଦ୍ୟୂତକ୍ରୀଡ଼ାରେ ରତ ହୋଇ ଥାଆନ୍ତି, ରଥମାନେ ସେହିପରି ଉତ୍ତମ ନାୟିକାସ୍ତମ୍ଭରେ ଯୁକ୍ତ ହୋଇ ସାରଥିର କ୍ରୀଡ଼ାରେ ପ୍ରକାଶିତ ହୋଇ ଅଛନ୍ତି । ଚତୁରଙ୍ଗ ସୈନ୍ୟ ଗର୍ବରେ ଉପରେ ନାନା ଭଙ୍ଗୀରେ ଏହିପ୍ରକାର ଚାଲି ଯାଆନ୍ତି । ନାୟିକା ( ସ୍ତ୍ରୀ ଓ ନାୟିକାକାର ସ୍ତମ୍ଭ ) ସୂତ ( ଦ୍ୟୂତ ଓ ସାରଥି ) ଚତୁରଙ୍ଗ ( ସୈନ୍ୟ ହସ୍ତୀଶ୍ରେଣୀ, ଅଶ୍ୱଶ୍ରେଣୀ, ରଥଶ୍ରେଣୀ, ପଦାତି )

୩୪—ସୈନ୍ୟମାନଙ୍କର ଗମନରେ ଉଠୁଥିବା ଧୂଳିରେ ସୂର୍ଯ୍ୟଙ୍କ ତେଜ ଲୁପ୍ତହୋଇ ଅଛି । ବ୍ୟୋମପଥରେ ରାହୁ ସୂର୍ଯ୍ୟଙ୍କୁ ଗ୍ରାସ କରୁ ଅଛି ଏହା ଭ୍ରମାତ୍ମକ, ରାହୁ ସୂର୍ଯ୍ୟଙ୍କୁ ଗ୍ରାସକଲେ ଗୃହନାରୀମାନେ ଦୀପ ଜାଳନ୍ତି ନାହିଁ କିନ୍ତୁ ସୈନ୍ୟ-ଙ୍କର ପାଦ ଧୂଳିରେ ଏପରି ଅନ୍ଧକାର ଗ୍ରାସ କଲା ଯେ ଗୃହ ନାରୀମାନେ ଦୀପ ଜାଳିଲେ ଏହା ଆଶ୍ଚର୍ଯ୍ୟ ଅଟେ । କ୍ଷୋଦ [ ଧୂଳି ] ଭାନୁ ( ସୂର୍ଯ୍ୟ ) ତମ [ ରାହୁ, ଅନ୍ଧକାର ] ।

୩୫—ନିଶାଣ ଦେଖି ହାତୀମାନେ ଚମକିଲେ । ଦିଗ୍‌ଗଜ ମାନେ ମଧ୍ୟ ଶଙ୍କାକଲେ । ଶ୍ରୀନଗରର ଅଦ୍ୟବର୍ଣ୍ଣ ( ଶ୍ରୀ, ସମ୍ପତ୍ତି ) କୁ ଲୁଟି କଲେ ତହୁଁ ସେ ନଗର ବାସୀମାନେ ଗଉଡ଼ମାନଙ୍କପରି ଦାନ ଭାବରେ ଆସି ସାକ୍ଷାତ କଲେ । ଦ୍ୱିପ (ହସ୍ତୀ) ଶ୍ରୀନଗର (କାଶ୍ମୀର) ଘୋଷବାସୀ (ଗଉଡ଼)

୩୬—ସେ ନଗରବାସୀମାନେ ବାଟ ଦେଖାଇବାକୁ ଆଗରେ ଚାଲିଲେ, ପାପ-ହାରିଣୀ ଗଙ୍ଗାକୂଳରେ ଯାଇ ଉପସ୍ଥିତ ହେଲେ । ସେ ଗଙ୍ଗା ସ୍ୱର୍ଗଠାରୁ ପରେ ପାତାଳକୁ ଗମନ କରିଅଛନ୍ତି । ଦୁର୍ଗା ହିମାଳୟର କନ୍ୟା ଏବଂ ଶିବଙ୍କୁ ମୋହିତ କରୁ ଅଛନ୍ତି, ଏ ଗଙ୍ଗା ମଧ୍ୟ ହିମାଳୟରୁ ବାହାରି ଅଛନ୍ତି ଓ ଶିବଙ୍କୁ ମୋହିତ କରୁଅଛନ୍ତି ।

ଶୁକ୍ଳ-ଧାରା ଯେ ବୃଷା-ନନ୍ଦଦାୟୀ । ଅମୃତ-ନିଧି ବିଷ୍ଣୁ-ପଦସ୍ଥାୟୀ ।
ସିନ୍ଧୁର-ବର-ତୋଷ-ଦାନ-କାରୀ । ଭୀଷ୍ମ-ପ୍ରସୂରେ ପତିତ ତାରିଣୀ ॥ ୪୭
ସ୍ମରଣ କରୁଁ ଦରଶନ ପାଇ । ଏକ ଉତ୍ସପେ ଦିବ୍ୟ ହଂସ ଠାଇ ।
ଖଃପୁର-ମାର୍ଗେ କରି ବଦନ । ଅଜସ୍ର ହୋଇ କରୁଛି ଗମନ ॥ ୪୮
ଟେକାଲୁଛି ରଣ୍ଡ ଧାତା ବାହୁବଳେ । ପଡ଼ିଲୁ ମୋ ମୁଖେ ଅବୋଟ କାଳେ ।
ସୃଷ୍ଟି ଥୋଇବାକୁ ମୁଁ ନୁହେ ଶଙ୍ଖ । ହେଲୁ ପାଦଗତ ଚତୁରମୁଖ ॥ ୪୯
ନରେଶ ଏ ବାଣୀ ଯହୁଁ ଶୁଣିଲେ । ତୁରଙ୍ଗମକୁ ଚୁଆଇଁ ଧାଇଁଲେ ।
ସୁବେଗରେ ହୋଇ ତରବାରି । ଦିଶିଲା କିଂଶୁକ-କଳିକା ପରି ॥ ୫୦

---

୪୭—ଗଙ୍ଗା ଗୌରପକ୍ଷ, ଶଚୀ ଦେବୀଙ୍କର ନାମ ଶୁକ୍ଳଧାରା, ଏ ସ୍ଥଳରେ ପ୍ରବାହ ସ୍ୱରୂପା ଶଚୀ ଇନ୍ଦ୍ରଙ୍କର ଆନନ୍ଦ ଦାୟିନୀ, ଏ ପକ୍ଷ ବୃଷଭଙ୍କ ଆନନ୍ଦଦାୟିନୀ, ଯେପରି ଚନ୍ଦ୍ର ଅମୃତ ( ସୁଧା) ନିଧି ଏ ସେପରି ଅମୃତ ( ଜଳ ) ନିଧି ଚନ୍ଦ୍ର ବିଷ୍ଣୁପଦ ( ଆକାଶ ) ସ୍ଥାୟୀ, ଗଙ୍ଗା ବିଷ୍ଣୁ ପଦ ( ବିଷ୍ଣୁଙ୍କର ପାଦ ) ସ୍ଥାୟିନୀ, ଚନ୍ଦ୍ର ସିନ୍ଧୁର ( ସମୁଦ୍ରର ) ବର ( ଶ୍ରେଷ୍ଠ ) ସନ୍ତୋଷ ଦାନକାରୀ ଗଙ୍ଗା ସିନ୍ଧୁର ବର (ଐରାବତର) ତୋଷ ଦାନ କାରିଣୀ (ସନ୍ତୋଷ ଶାନ୍ତ୍ରନ କାରିଣୀ ) । ପୁଣି ଯେପରି ଗଙ୍ଗା ଭୀଷ୍ମଙ୍କ ଜନନୀ ହୋଇ ଶାନ୍ତନୁଙ୍କୁ ଉଦ୍ଧାର କରିଥିଲେ ଏବେ ପକ୍ଷ ସେହିପରି ପାପୀମାନଙ୍କୁ ଉଦ୍ଧାର କରୁ ଅଛନ୍ତି । ବୃଷା ( ଇନ୍ଦ୍ର ଓ ଶ୍ରେଷ୍ଠ ) ଭୀଷ୍ମପ୍ରସୂ ( ଭୀଷ୍ମଙ୍କ ଜନନୀ)

୪୮—ରାଜା ଏହିରୂପେ ଗଙ୍ଗାଙ୍କୁ ଦର୍ଶନ କରି ସ୍ନାନ କରିବାକୁ ଯାଉଥିବେ ଗୋଟିଏ ଶ୍ୱେତ ଦିବ୍ୟ ହଂସଟିଏ ଧରି ଆକାଶକୁ ମୁଖ କରି ସର୍ବଦା ଧାଉଡ଼ି ଅଛି । ଉତ୍ସପ (ଶ୍ୱେତ) ଖଃପୁରମାର୍ଗ (ଆକାଶ) ଅଜସ୍ର (ସର୍ବଦା)

୪୯—ହେସନ୍ତୁ ଟ୍ରାସକ କହୁଅଛି ଯେ ବିଧାତା ! ତୋତେ ବାହୁବଳରେ ଉଠାଇବାକୁ ପାରିଧି କରିଦେଲେ ମୋ ମୁଖରେ ପଡ଼ିଅଛୁ । ଶଙ୍ଖାସୁର ବେଦ ଚୋରିକରି ନେଇ ସମୁଦ୍ର ମଧ୍ୟରେ ପଶିଯାଇ ରହିଥିଲା କିନ୍ତୁ ମୁଁ ସେପରି ନୁହେ ଯେ ତୋତେ ସୃଷ୍ଟି କରି ରଖିବ, ଚତୁର୍ମୁଖ ବ୍ରହ୍ମା ଅଜଠାରୁ ପାଦରେ ଗମନ କରିବ । ଅବୋଟ (ଗାରିଧି) ଶଙ୍ଖ (ଶଙ୍ଖାସୁର ) ଚତୁର୍ମୁଖ (ବ୍ରହ୍ମା).

୫୦—ରାଜା ଏ କଥା ଶୁଣିଲା ମାତ୍ରେ ଘୋଡ଼ାକୁ ଦଉଡ଼ାଇ ଦେଇ ହଂସକୁ ଧାଇଁ ପଡ଼ାଇଲେ । ତରବାରି ଅତ୍ୟନ୍ତ ଲାଲ ହୋଇ ପଳାଶ କଢ଼ିପରି ଦେଖା ଗଲା । ତୁରଙ୍ଗମ (ଘୋଡ଼ା) କିଂଶୁକକଳିକା ( ପଳାଶକଢ଼ି )

ମୁଣ୍ଡ ପଡ଼େ ଖଣ୍ଡଶୈଳ ପର୍ଯ୍ୟନ୍ତେ । ରକ୍ତରେ ବ୍ୟାପ୍ତ ଗୈରିକ ଧାତୁ ଏ ।
ରାଜା ପୁଚ୍ଛା କଲେ କହୁଁ ହଂସ । ହେ କଳ୍ମଷପାଦ-ବଂଶ-ଅବତଂଶ । ୪୧
ଅବ୍ଜଭୂ ନାରାୟଣଙ୍କ ପୂଜନେ । ଯାଇଅଛନ୍ତି ବଦରିକାବନେ ।
ମୁଁ ଯେ ରହନ୍ତୁ ଜମ୍ବୁନଦୀ-ସରେ । କେଳି ଏ କରନ୍ତେ ଏ ହଂସୀରେ । ୪୨
ବଜ୍ରପୁରରେ ପୂର୍ବେ ଅନେକ ଭେଦ । କଲାରୁ ଏହା ବଂଶ ଶିରଚ୍ଛେଦ ।
ସେ ମରାଳରାଜ ନେଲା ଗଗନେ । ଭୂପତି ମିଳିଲେ ନିକୁଞ୍ଜତଳେ । ୪୩
ସ୍ୱୟମ୍ଭୁପାଦେ ପ୍ରଣାମ କରିଣ । ଏ କଥାମାନ କାଦମ୍ବ କହିଲା ।
ହରଷେ ଆଶିଷଦେଲେ ହଂସ-ରଥ । ମାଗ ବୋଲେ ରାଜା ଯେ ତୋ ମନୋରଥ । ୪୪
ପ୍ରଜେଶ୍ୱର କରଯୋଡ଼ି ରହିଲେ । ପ୍ରଜାପତି ମନ ଜାଣି କହିଲେ ।
ମନ୍ଦକର୍ଣ୍ଣି କଥା ଶୁଣି ପ୍ରସଙ୍ଗେ । ତପ ଟଳିଲେ ଅପସରା ସଙ୍ଗେ । ୪୫
ପ୍ରଧାନ ସେହିଠୁ ସ୍ୱର୍ଗ-ଭୋଗନ । ଅଧିକ ସୁଖ ସେ କର ଶ୍ରବଣ ।
ଲଭିବ ଦେବ ସୌଭାଗ୍ୟବତୀ ନନ୍ଦନା । ପୂର୍ଣ୍ଣ କରିବା ତୋର କୁଳ କାମନା । ୪୬

---

୪୧—ସେହି ବନରେ ମୁଣ୍ଡ ଖଣ୍ଡି ହୋଇ ପଡ଼ି ପଡ଼ିଲା । ଗୈରିକ ଧାତୁ ପରି ରକ୍ତ ଧାର ସବୁ ବୋହିଲା । ରାଜା ସେହି ହଂସକୁ ପଚାରନ୍ତେ ସେ କହିଲା, ହେ କଳ୍ମଷପାଦବଂଶଚୂଡ଼ାମଣି । ଖଣ୍ଡଶୈଳ ( ପର୍ବତରୁ ଖସିବା ପ୍ରସ୍ତର ଖଣ୍ଡ ) ଗୈରିକ ଧାତୁ ( ଗେରୁଧାତୁ ) ଅବତଂଶ ( ମୁକୁଟମଣି )

୪୨—ବ୍ରହ୍ମା ନାରାୟଣଙ୍କ ପୂଜାପାଇଁ ବଦରିକା ଯାଇଛନ୍ତି । ମୁଁ ଜମ୍ବୁନଦୀ ସରୋବରରେ ଖେଳି ଖେଳି ଏହି ଗ୍ରୀଷ୍ମ ସମୟ ହଂସୀରେ କଟାଉଥିଲି । ଅବ୍ଜଭୂ ( ବ୍ରହ୍ମା )

୪୩—ବ୍ରହ୍ମାଙ୍କ ହଂସ କହିଲା, ପୂର୍ବରେ ବଜ୍ର ନାମକ ଅସୁରପୁରରେ ଅନେକ ଭେଦ ଘଟାଇବାରୁ ସୂର୍ଯ୍ୟବଂଶର ଶିରଚ୍ଛେଦ ହୋଇ ଅଛି । ସେହି ହଂସୀରେ ଏ ମୋତେ ଦେଇଥିଲା । ସେହି ରାଜହଂସ ରାଜାଙ୍କୁ ସେଠି ଶୀଘ୍ର ନିକୁଞ୍ଜତଳରେ ଦେଖାଇଲା । ମରାଳରାଜ ( ରାଜହଂସ ଶ୍ରେଷ୍ଠ )

୪୪—ହଂସ ବ୍ରହ୍ମାଙ୍କ ପାଦତଳେ ପଡ଼ି ଏ କଥାସବୁ କହିବାରୁ ବ୍ରହ୍ମା ଆନନ୍ଦରେ ଆଶିଷ ଦେଲେ. ହେ ନରନାଥ । ତୁମ୍ଭର ଯାହା ଇଚ୍ଛା ତାହା ପ୍ରାର୍ଥନା କର । ସ୍ୱୟମ୍ଭୂ ( ବ୍ରହ୍ମା ) କାଦମ୍ବ ( ରାଜହଂସ ) ହଂସରଥ ( ବ୍ରହ୍ମା ) ।

୪୫।୪୬—ରାଜା ହାତଯୋଡ଼ି ରହିବାରୁ ବ୍ରହ୍ମା ତାହାଙ୍କର ମନ ଜାଣି କହିଲେ, ତୁମ୍ଭେ ମନ୍ଦକର୍ଣ୍ଣିଋଷି ତପସ୍ୟା ଛାଡ଼ି ସରୋବର ମଧ୍ୟରେ ଅପ୍ସରାଙ୍କ ସଙ୍ଗେ ଏକାନ୍ତରେ ବିହାର କରି ଯେ ସୁଖକୁ ସ୍ୱର୍ଗ ସୁଖ ଅପେକ୍ଷା ଅଧିକ ବୋଲି ଭାବିଥିବା କଥା ପ୍ରସଙ୍ଗକ୍ରମେ ଶୁଣି ସେହିପରି ଭୋଗ କରିବାକୁ ଏବଂ ସୁନ୍ଦରୀ କନ୍ୟା ପାଇବାକୁ ଇଚ୍ଛୁଅଛ, ତୁମ୍ଭର ଏ କୁଳକାମନା ପୂର୍ଣ୍ଣ କରିବା । ପ୍ରଜେଶ୍ୱର ( ରାଜା ) ପ୍ରଜାପତି ( ବ୍ରହ୍ମା ) ।

ଗନ୍ଧମାଦନର୍ଦ୍ଧ ଅଟନ୍ତି ବସନ୍ତେ । ଗୁପ୍ତ ହୋଇଥାଇ ଶ୍ୟାମ ବସନ୍ତେ ।
ଭଗମର୍ଦ୍ଧା ସେ ଅପସବ୍ୟଦାର । ଶବ କି ତାଙ୍କୁ ଅପସବଦାର ।। ୪୭
ତାଙ୍କୁ କଣ୍ଠଧନ ସେବା କରବ । ସୁତା ଜନ୍ମଜାଇ ପୁରକୁ ନେବ ।
ନ ଥିଲେ କାହିଁ ନୋହିବ ଏ ବାଣୀ । କୁମାରୀଠାରେ ସମ୍ଭବ ସ୍ତୁଣି ।। ୪୮
ବୋଲିବ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ । ପ୍ରେମ ଅଙ୍କରସ୍ତୁ ପ୍ରେମ ମଞ୍ଜରୀ ।
ଏ ଆଜ୍ଞା ଦେଇ ବ୍ରହ୍ମା ଅନ୍ତଗତ । ନାରାୟଣଙ୍କୁ କରି ପ୍ରଣିପାତ ।। ୪୯
ଦେଖିଲେ ସ୍ଥାନ ମହାଗଦା ସ୍ଥାୟୁ । କୁଣ୍ଡଳ ଗମନେ କରନ୍ତି ଭୟୁ ।
ଦୂଷ୍ଟବେ ସ୍ବର୍ଗ ପୁରକୁ ନିଶ୍ରେଣୀ । ଅପୂର୍ବ ଫଳୀରେ ଲୁଚେଇ ସ୍ତୁଣି ।। ୫୦
ସଉଧ ଯୋଗବାନ୍ତୁ ଦିବ୍ୟବାସ । ମାନସେ ବାହରେ ପରମହଂସ ।
ତଥି ସେ ଶ୍ୟାମ ଶୁଣି ଗାଉଁ କରେ । ହସାଇ ହୁଅଇ ଜ୍ୟୋତ୍ସ୍ନା ପ୍ରଭାରେ ।। ୫୧

---

୪୭—ଭଗମର୍ଦ୍ଦୀନାମରେ କୋଟିଏ ଅତି ସୁନ୍ଦରୀ ସ୍ତ୍ରୀ ଅଛି, ସେ ଅନ୍ୟ ସମୟରେ ଗୁପ୍ତହୋଇ ଥାଏ, ବସନ୍ତ ସମୟରେ ଅଟେ ଗନ୍ଧମାଦନ ପର୍ବତରେ ବାସ କରନ୍ତେ ସେ ପ୍ରକାଶ ପାଏ, ଅପ୍ସରାମାନେ ତାର ସୁନ୍ଦରପଣରେ ହାରି ଯିବାର ଆଶ୍ଚର୍ଯ୍ୟ ନୁହେଁ । ଅପ୍ସରା ବା ( ଅପ୍ସରାସମୂହ ଓ ହାରିଯିବା )

୪୮—ତୁମ୍ଭେ ତାଙ୍କୁ କଣ୍ଠ ଧନ ସେବା କର । ତାହାଠାରେ ଏକ କନ୍ୟା ଜନ୍ମାଇ ତାହାକୁ ନିଜପୁରକୁ ନେବ । ସେ କୁମାରୀଠାରେ ନ ଥିଲେ, କାହିଁ ନୋହିବ ଏଥିରେ ନିଷ୍ଫଳ ବାକ୍ୟସମ୍ଭବ ହେବ ।

୪୯—କୋଟିବ୍ରହ୍ମାଣ୍ଡରେ ଏକମାତ୍ର ସୁନ୍ଦରୀ ହେବାରୁ ତାହାର ନାମ କୋଟି-ବ୍ରହ୍ମାଣ୍ଡ ସୁନ୍ଦରୀ ହେବ , ପ୍ରେମ କୁଟିରୁ ପ୍ରେମ ମଞ୍ଜରୀ ଜନ୍ମିଲପରି ସେହିକନ୍ୟାକୁ ସମସ୍ତେ ଅନୁମାନ କରିବେ । ବ୍ରହ୍ମା ଏପରି ଆଜ୍ଞା ଦେବାରୁ ରାଜା ଅନ୍ତଗତ ହୋଇ ନାରାୟଣଙ୍କୁ ପ୍ରଣାମ କଲେ ।

୫୦—ସେହି ବଡ଼ବଡ଼ା ବନର ଶୋଭା ଦେଖିଲେ, ସେ ସ୍ଥାନ ମହାଗଦାଗଣ ହୋଇ ଥିବାରୁ ସର୍ପମାନେ ଯିବାକୁ ଡରନ୍ତି । ବଣିଆମାନେ ମଧ୍ୟ ଅଭୟପ୍ରଦ ହୋଇ ଥିବାରୁ ସେଠାକୁ ଯାଆନ୍ତି ନାହିଁ । ଏକସମୟରେ କୌଣସି ବଣିଆ ସ୍ବର୍ଣ୍ଣମଣି ନିର୍ମିତ ନାରାୟଣଙ୍କର ଅଙ୍ଗୁଠି ଭାଙ୍ଗି ଅଣିଥିବାରୁ ଅଭିଶାପ ଅଛି, ସେସ୍ଥାନ ସ୍ବଭାବତଃ ସ୍ବର୍ଗକୁ ଯିବାର ନିଶ୍ରେଣୀ, ଅପୂର୍ବ ଫଳୀରେ ମନୋହର ( ଏସ୍ଥାନ ଅପୂର୍ବ ବୃକ୍ଷମାନଙ୍କରେ ମନୋହର ) । କୁଣ୍ଡଳ (ସର୍ପ ଓ ବଣିଆ) ନିଶ୍ରେଣୀ (ନିଶୁଣି) ଫଳୀ (ନିଶୁଣୀଫଳୀ ଓ ବୃକ୍ଷ)

୫୧—ସେ ବନ ସୌଧ ( ମୁନିମାନଙ୍କ ଯୋଗଥିବାରୁ ଦିବ୍ୟବାସ (ସ୍ବର୍ଗପୁର) ପରି ହୋଇଅଛି । ସ୍ବର୍ଗରେ ମଧ୍ୟ ସୌଧ (ଅଟ୍ଟାଳିକା) ଅଛି, ମାନସରୋବରରେ ପରମହଂସ (ରାଜହଂସ) ମାନେ ବାହାର କଲାପରି ଏ ବନରେ ପରମ-ହଂସ [ଦଣ୍ଡୀ] ମାନେ ବୁଲୁଅଛନ୍ତି । ଏ ବନ ଜ୍ୟୋତ୍ସ୍ନାସପର୍ଶ-ଭଳ ( ପୂର୍ଣ୍ଣ

ରାଜା ଭ୍ରମି ତହିଁ କାର୍ଯ୍ୟ ଗମନ । କେଦାରେଶ୍ୱରଙ୍କ ନିକଟ ସ୍ଥାନ ।
ସ୍ୱର୍ଣ୍ଣ-ସର-ତୀର ଉପନ-ବନ । 'ଉ' କାଟି ଯହିଁ 'ନ' ଯୋଗାଇ ମନ ॥ ୫୧
ସମାନ ଭଜନ୍ତେ ଏ କନ୍ୟାକୁ ଯେନି । ବିହାର କରାଇଲେ ପଦ୍ମଯୋନି ।
ସେ ବନ ସେବନେ ସେହୁ ଦମ୍ପତି । କାରଣ କଲେ ଅଭେଦ ପ୍ରୀତି ॥ ୫୨
ମାଳା କର କଲେ କେବଳ କର । ହେଳା କରିଦେଲେ ଜପସୂତ୍ରାର ।
ପାନ କରି ମାଗି କଲେ ଅଧର । ଧ୍ୟାନ କରି କଲେ ଭାବବାସୁର ॥ ୫୩
ଦାନ କରି କଲେ ସର୍ବୁ ଚୁମ୍ବନ । ଭଳି କରି ଦେଲେ ଛିନବସନ ।
ଘାତ କରି ଯହିଁ ଦଶନ ନଖ । ଜାତ କରି ତହିଁ ପରମ ସୁଖ ॥ ୫୪
ପାଠ କଲେ ଯେନାଯେନି ବଚନ । ହଠ କଲେ ଜିଣିବାକୁ ମଦନ ।
ଏକାନ୍ତ ସେ କାନ୍ତ କାନ୍ତା ତରୁଣୀ । ଏମନ୍ତ ପଥ କି ଅଧିକ ଗୁଣୀ ॥ ୫୫
ବଗିଚ ଜନାଉ ଅନଙ୍ଗ କରେ । ମନ୍ଦ ମନ୍ଦ ଗନ୍ଧବହ ବିହାରେ ।
ପୁଷ୍ପ ପୁଷ୍ପରସ ପତନ ଅତି । ଗୁଣିଗୁଣି ବୋଲେ ଭ୍ରମରପନ୍ତି ॥ ୫୬

---

ଉପରଙ୍କ ଓ ତପସ୍ୟା ) ରେ ଶ୍ୟାମ ହୋଇଅଛି ଏବଂ ସୁରି ( ଅର୍ଦ୍ଧ ଓ ପରିଣତା ) କୁ ଜନ୍ମାଇଅଛି ।

୫୧।୫୨—ସେ ରାଜା ବଦରିକା ବନକୁ ଦେଖି ଏହିପରି ନାନା କଥା ଭାବି ପ୍ରତ୍ୟହ ଯାଆନ୍ତି । ତହିଁ ବ୍ରହ୍ମା କେଦାରେଶ୍ୱରଙ୍କ ନିକଟବର୍ତ୍ତୀ ସ୍ୱର୍ଣ୍ଣସରୋବର ତୀରସ୍ଥ ଉପନବନରେ ଏହି କନ୍ୟା ସହିତ ବିହାର କରି, ଏହାଙ୍କୁ ରତି-ମର୍ଦ୍ଦାଙ୍କୁ ଅର୍ପଣ କରି ସ୍ୱର୍ଗକୁ ଗଲେ । ଯେଉଁ ଉପନବନକୁ ଦେଖି ମନ, ଉ, କାଟି, ନ, ଅକ୍ଷର ଯୋଗ କରି ( ଅର୍ଥାତ୍ ନନ୍ଦନବନ ) ସମାନ ହେଉଅଛି । ସେହି ଦମ୍ପତୀ ( ରାଜା ଓ ରତିମର୍ଦ୍ଦା ) ସେହି ବନରେ ବିହାର କରି ଅଭେଦପ୍ରୀତି ଜନ୍ମାଇଲେ । ପଦ୍ମଯୋନି ( ବ୍ରହ୍ମା ) ।

୫୩—ପରସ୍ପର ହାତକୁ କେବଳ ହାର କଲେ, ଜପସୂତ୍ରକୁ ତ୍ୟାଗ କଲେ, ପରସ୍ପର ଅଧରକୁ ପାନପାତ୍ର କଲେ, ହୃଦକୁ ସର୍ବଦା ଧ୍ୟାନ କଲେ ।

୫୪—ମଧୁର ଚୁମ୍ବନକୁ ପରସ୍ପର ଦାନ କଲେ, ଛିନବସନ ପରିତ୍ୟାଗ କଲେ, ଯେଉଁ ସ୍ଥାନରେ ଦନ୍ତାଘାତ ବା ନଖାଘାତ କଲେ ସେ, ସ୍ଥାନରେ ପରମ ସୁଖ ଜନ୍ମାଇଲେ ।

୫୫—ପରସ୍ପର ଯେନାଯେନି ବାକ୍ୟ ( ଗୁଢ଼ବାକ୍ୟ ) କୁ ପାଠ କଲେ । କାମକୁ ଜୟ କରିବାକୁ ହଠ କଲେ । ସେ ତରୁଣୀ କାନ୍ତ ଓ କାନ୍ତା ଦୁହେଁ ଏକାନ୍ତ ହେଲେ । ଏହା ଅଛି ବିଶେଷ କଥା ନୁହେଁ ।

୫୬—ସେହି ଉପନବନ କାମକୁ ଜନ୍ମାଉଅଛି, ମନ୍ଦ ୨ ପବନ ବହୁଅଛି, ଅତଏବ ଫୁଲ ଓ ଫୁଲମଧୁ ପଡ଼ୁଅଛି । ଭ୍ରମରମାନେ ଗୁଣୁ ଗୁଣୁ ଶବ୍ଦ କରୁଅଛନ୍ତି । ବଗି ( ବଗିଚା ) ଅନଙ୍ଗ ( କାମ ) ଗନ୍ଧବହ ( ପବନ ) ।

କୁହୁକୁହୁ କରୁଛନ୍ତି କୋକିଳ । ହୁଁହୁଁ ହୁଁହୁଁ କରେ କପୋତକୁଳ ।
ଶୁଭୁଅଛି ପୁଣି କଳହଂସ-ଗୀତ । ଦେଖୁଅଛି ତହିଁ ବିଶେଷ ଶୋଭ । ୫୮
ତହୁଁ ଅଳବାଳ ଜାମ୍ବୁ-ଜମ୍ବାଳ । ଶୁଷ୍କ ଭୂମିବାକୁ ଶୀତଳ ଜଳ ।
ମଧ୍ୟରେ ରେଣୁ କେବଳ କର୍ପୂର । ତହିଁରେ ପଙ୍କ କସ୍ତୁରୀକର । ୫୯
ବର୍ଣ୍ଣିତ ଏମନ୍ତେ ପଦ୍ମିନୀ କେତେ । ଗୁପ୍ତ ସୁକୁମାରୀ କୁମାରୀ ଜାତେ ।
ଶୋଚନା କରନ୍ତେ ନୃପତିମଣି । ବଚନା କଲା ମନ୍ତ୍ରୀ ବୋଧବାଣୀ । ୬୦
ନନ୍ଦନୀ ଶୋଇ ରତନ-ପଲଙ୍କେ । ବିବାଦ ଦେଖିଲା ଅଖି ପଲକେ ।
ବେଦନମ୍ବନ ଯେତେଶି ସେତେଶି ରତ । ପିକେ ଦେଖନ୍ତି ମୂକଭୂତ ଯାତ । ୬୧
ଭୂତଳେ ସମାନ ନୋହିବ ଭୂତ । ଯତି ଯେ ଦେଖିଲେ ରଖିବ ଧୃତି ।
ଯୁବାକାଳେ ଏ ବା ହେବ କେମନ୍ତ । କହିବାରେ ଜନମ ଯହିଁ ଏମନ୍ତ । ୬୨
ସମାନେ କାହୁଁ ଖୋଜିବା ବର । ଏମାନେ ସଚିବ ଚିତ୍ତ ଅଧୀର ।
ଆକାଶରୁ ସ୍ୱରେ ଏମନ୍ତ ଗୀର । ପ୍ରକାଶ ହେଲାଣି ବର ଏହାର । ୬୩

---

୫୮—କୋକିଳମାନେ କୁହୁ ୨ ଶବ୍ଦ କରୁଅଛନ୍ତି । କପୋତପକ୍ଷୀ ହୁଁ କାର୍ ଶବ୍ଦ କରୁଅଛନ୍ତି । କଳହଂସମାନଙ୍କ ଗୀତ ପୁଣି ଶୁଭୁ ଅଛି । ଏଥିରେ ତାହା ବିଶେଷରେ ଶୋଭା ହେଉଅଛି ।

୫୯—ସୁବର୍ଣ୍ଣପଙ୍କ ବୃକ୍ଷମାନଙ୍କର ମଦା ହୋଇ ଅଛି, ତହିଁରେ ଶୀତଳ ଜଳ ବହୁ ସୁନ୍ଦର ଦିଶୁଅଛି । ସେ ସ୍ଥାନରେ ଧୂଳିସବୁ କେବଳ କର୍ପୂର ଅଟେ । ମୃଗନାଭି କସ୍ତୁରୀ ସେଠାରେ ପଙ୍କ ହୋଇଅଛି । ଅଳବାଳ (ମଦା) ଜାମ୍ବୁ-ଜମ୍ବାଳ (ସୁବର୍ଣ୍ଣପଙ୍କ) ।

୬୦—ସୁକୁମାରୀ ରତ୍ନମର୍ଦ୍ଧୀ ଏହିପରି କେତେକାଳ ରହୁ କନ୍ୟାଟିଏ ଜନ୍ମିବାରୁ ଗୁପ୍ତ ହୋଇଗଲେ, ରାଜା ଶୋଚନା କରିବାରୁ ମନ୍ତ୍ରୀ ବୋଧବାଣୀ ବଚନ କଲେ ।

୬୧—ସେହି କନ୍ୟା ରତ୍ନପଲ୍ୟଙ୍କରେ ଶୋଇ ଦେଖିବା ଲୋକର ପଲକ ପଡ଼ିବାରେ ବିବାଦ ହେଲା । ଅର୍ଥାତ୍ ତାଙ୍କୁ ଦେଖି ପଲକ ପଡ଼ିଲା ନାହିଁ । ସେ କନ୍ୟା ଯେତେ ୨ ବେଦନ କରି ପିକଙ୍କୁ ମୂକଭୂତ (ମୂକତା) ଯାତକରି ଦେଉଅଛି । ଅର୍ଥାତ୍ ତାହାର ସୁମଧୁର ସ୍ୱର ଶୁଣି ପିକମାନେ ମୂକ ହେଲେ ।

୬୨—ଭୂତଦେହୀ ଭୂତଳେ ମାନ ଏହାର ସମାନ ହେବେ ନାହିଁ । କେଉଁ ଯତୀ ଏହାକୁ ଦେଖି ଧୈର୍ଯ୍ୟ ରଖିପାରିବ । ସେ ଜନ୍ମିବା ମାତ୍ରେ ଏପରି, ସେ ପୁଣି ଯୌବନାବସ୍ଥାରେ କଣ ନ ହେବ ।

୬୩—ଏହାର ସମାନ ବର କେଉଁଠାରୁ ଆଣିବା ଏହାଭାବି ମନ୍ତ୍ରୀଙ୍କ ମନ ଅଧୀର ହେଲା । ଏହାର ବର ପ୍ରକାଶ ହେଲାଣି ଏହିପରି ଆକାଶବାଣୀ ହେଲା ।

ଏଣୁ ସ୍ଥିର-ଚିତ୍ତ ପୁତ୍ରୀଙ୍କ ସେନା । ସକଳେ ପ୍ରବେଶ ରାଜଧାନୀ
ପାଳିତ ହୋଇଲ ରାଣୀବୃନ୍ଦରେ । ଜେମା ଲଳିତ ବାଲ୍ୟ ଅବସ୍ଥାରେ ॥ ୨୪
ବଦ୍ରୀନାଥ କୃପାଇନ୍ଦ୍ର ଚିନ୍ତେ । ଶୁଦ୍ଧ ସୁବର୍ଣ୍ଣ-ସଦୃଶ-ପଦ ଜାତେ ।
ଧ୍ୟାନେ ସ୍ମରଣ କରିବେ ହୃଦୟ । ସ୍ପର୍ଶ ମଣିରେ ନିର୍ମିତ କାୟ ॥ ୨୫

---

## ତୃତୀୟ ଛାନ୍ଦ

( କୋଟିବ୍ରହ୍ମାଣ୍ଡସୁନ୍ଦରୀର ବାଲ୍ୟ ପୌଗଣ୍ଡ ଏବଂ ଯୌବନାବସ୍ଥା ବର୍ଣ୍ଣନ )

ରାଗ—କେଦାର—ଚକ୍ରକେଳୀ ବାଣୀ

ନାନା ଶବ୍ଦାର୍ଥରେ ଯେ ବିଚକ୍ଷଣ । ଯେହୁ ଜାଣେ ଅଳଙ୍କାର ଲକ୍ଷଣ ।
ସେହୁ କରନ୍ତୁ ଏ ଛାନ୍ଦ ବିବେଚନା । ବାଲ୍ୟ ପୌଗଣ୍ଡ ଯୌବନରଚନା ।
ନବବିଧାତା ମଦନ ହୋଇଲା । ନବ ଯୌବନସୃଷ୍ଟି ଉପୁଜିଲା ।
ବାଲ୍ୟ ପୌଗଣ୍ଡ ଯୌବନ-ଚିହ୍ନକୁ । ଅନ ଅନ ସ୍ଥାନେ ଦେଲା ସ୍ଥିତିକି ॥ ୨

---

୨୪—ରାଜା ଏହା ଶୁଣି ସ୍ଥିର ମନରେ କନ୍ୟାଙ୍କୁ ନେଇ ସସୈନ୍ୟରେ ରାଜଧାନୀରେ ପ୍ରବେଶ କଲେ । ଜେମାମଣି ମନୋହର ବାଲ୍ୟାବସ୍ଥାରେ ରାଣୀମାନଙ୍କଦ୍ୱାରା ପାଳିତ ହେଲେ ।

୨୫—ଉପେନ୍ଦ୍ର ଭଞ୍ଜ ଶୁଦ୍ଧ ସୁବର୍ଣ୍ଣ ସଦୃଶ ପଦ ସମୂହରେ ବଦ୍ରୀନାଥ ନାରାୟଣଙ୍କୁ ଚିନ୍ତା କରନ୍ତି । ବଦ୍ରୀନାରାୟଣଙ୍କର ଶରୀର ସ୍ପର୍ଶମଣିରେ ନିର୍ମିତ ହୋଇ ଥିବାରୁ ତାହାଙ୍କୁ ଧ୍ୟାନକଲେ । ସ୍ପର୍ଶମଣି ଲୌହକୁ ସ୍ୱର୍ଣ୍ଣ-କଲାପରି ସେ ହୃଦୟକୁ ସ୍ୱର୍ଣ୍ଣକରିବେ । ହୃଦୟ (ହୃତ୍-ହୃଦୟ) ଅୟ (ଲୌହ)

---

୧—ଯେ ନାନାପ୍ରକାର ଶବ୍ଦାର୍ଥ ଜାଣେ, ଯେ ଅଳଙ୍କାର ଲକ୍ଷଣ ଜାଣେ, ସେହି ଲୋକ ଏ ଛାନ୍ଦକୁ ବିଚାର କରନ୍ତୁ । ଏ ଛାନ୍ଦରେ ବାଲ୍ୟ ପୌଗଣ୍ଡ ଓ ଯୌବନ ବର୍ଣ୍ଣିତ ହୋଇଅଛି ।

୨—କାମ ନୂତନ ସୃଷ୍ଟିକର୍ତ୍ତା ହୋଇ ନବଯୌବନକୁ ସୃଷ୍ଟି କଲା । ବାଲ୍ୟ ପୌଗଣ୍ଡ ଓ ଯୌବନର ଚିହ୍ନମାନଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ରଖାଇଲା ।

ରଜନୀକର ମାଗିଲା ଖେଳିଲା । ରଜନୀକର ସ୍ନେହେ ତା ଗ୍ରହିଲା ।
ଧାତ୍ରୀମଣ୍ଡନା ହେବାକୁ ଭୁଲିଲ । ଧାତ୍ରୀମଣ୍ଡନା ନାମ ଯେ ବୋଲିଲ ॥ ୩
ନେତ୍ର-ଗଣ୍ଡରେ ଥିଲା ଅଧୀରତା । ନେତ୍ର-ଗଣ୍ଡରେ ଆଣି କଲା ରତା ।
କନ୍ୟାବର କରିବାର କଣ୍ଠାଇ । କନ୍ୟାବର ଖଞ୍ଜୁ ଦେଲା ଛଡାଇ ॥ ୪
ଗୀତ-ବନ୍ଧ ଧରଣେନେ ଥୋଇଲା । ଗୀତ-ବନ୍ଧନ ଚିତ୍ତକୁ ହୋଇଲା ।
ବନ୍ଦୀ ଲକ୍ଷେ ଶୋଭା-କୀର୍ତ୍ତି କୁହାଇ । ବନ୍ଦୀ ଲକ୍ଷେ ଅବରୋଧ ରୁହାଇ ॥ ୫
ସୁଷମାକୁ ନଷ୍ଟ କରି ଧିକ । ସୁଷମାକୁ ବଢ଼ାଇଲା ଅଧିକ ।
ପୁନ୍ନାଗଚୂଡ଼ ପତ୍ରେ ରଞ୍ଜନ । ପୁନ୍ନାଗ-ଶୃଙ୍ଗ ଧୈର୍ଯ୍ୟ ବର୍ଜନ ॥ ୬

---

୩—ବାଲ୍ୟାବସ୍ଥାରେ ରଜନୀକର (ଚନ୍ଦ୍ର) କୁ ମାଗିଲା, ପୌଗଣ୍ଡରେ ରଜନୀକର (ଧୂଳି) ରେ ଖେଳିଲା । ଏବଂ ଧାଈମାନଙ୍କଠାରେ ରାଗ ହେଲା, ଯୌବନରେ ରଜନୀକର (କର୍ପୂର) ସ୍ନେହରେ ପୂର୍ବ କଥାମାନ ଗ୍ରହିଲା ଏବଂ ଧାଈମାନଙ୍କୁ ଭୁଲିଲା ରାଗ ନ ହୋଇ ଧାତ୍ରୀମଣ୍ଡନା (ପୃଥିବୀର ଅଳଙ୍କାର ସ୍ୱରୂପା) ବୋଲାଇଲା । ରଜନୀକର (ଚନ୍ଦ୍ର, ଧୂଳି, ଓ କର୍ପୂର) ଧାତ୍ରୀ (ଧାଈ ଓ ପୃଥିବୀ)

୪—ଅଦ୍ୟ ଭୁଜ ଅବସ୍ଥାରେ ଚଞ୍ଚଳତା ନେତ୍ର (ଚକ୍ଷୁ) ଠିକାରେ ଓ ଗଣ୍ଡ (ଗାଲ) ରେ ଥିଲା । ଯୌବନରେ ସେହି ଅଧୀରତାକୁ ନେତ୍ର ଗଣ୍ଡରେ (ଗୁର୍ଦ୍ଦାଣୀରେ) ଆଣି ରଖିଲା । ପ୍ରଥମରେ କୁରୁଣ୍ଡିକୁ ବରକନ୍ୟା କରି ଖେଳୁଥିଲେ, ଯୌବନରେ ସେହି କନ୍ୟାବର (କନ୍ୟାଶ୍ରେଷ୍ଠା) ମନକୁ ତାହା (ସେ ଖେଳ) ଦୂର କଲା ।

୫—ଅଗ୍ରଭାଗରେ ଚତୁଃଷଷ୍ଠି ଗାଢ଼ବନ୍ଧପୂର୍ଣ୍ଣ ଗୀତପଦ, ଲେଖିଲା, ଲୋକମାନଙ୍କର ମନକୁ ବାନ୍ଧିବା ଭାବରେ ବାନ୍ଧିଲା । ଲକ୍ଷ ଲକ୍ଷ ବନ୍ଦୀ (ଭାଟ) ମାନେ ସେ କନ୍ୟାର ଶୋଭା ଓ କୀର୍ତ୍ତିଗାନ କରି ବୁଲିଲେ ଏବଂ ଯୌବନାବସ୍ଥା ଅସିବାରୁ ସେ କନ୍ୟା ବନ୍ଦୀଲକ୍ଷେ (କଏଦୀ ପରି) ଅନ୍ତଃପୁରରେ ରହିଲେ ଅବରୋଧ (ଅନ୍ତଃପୁର (

୬—ସ୍ତନକୁ ସୁଷମା (ସମତା) କୁ ତୁଚ୍ଛ କରି ଦେଲା (ସ୍ତନ ଅଙ୍କୁରିତ ହେବାରୁ ସ୍ତନରେ ସମତା ରହିଲା ନାହିଁ) ସୁଷମାକୁ (ଉତ୍ତମ ଶୋଭାକୁ) ଅଧିକ ବଢ଼ାଇଲା । ସ୍ତନ ପୁନ୍ନାଗ ଓ ଗୁବାକ ଫଳ ଶୋଭା ପାଇ ପୁନ୍ନାଗ (ପୁରୁଷଶ୍ରେଷ୍ଠ) ଶୃଙ୍ଗ (ସମୂହ) ର ଧୈର୍ଯ୍ୟ ଭଙ୍ଗି ଦେଲା ।

ହେଲା ସେ ସୁମନାଳୟ ଉଦୟ । ରସ-ବାସ ହେବ ହେଲ ହୃଦୟ ।
ବଳୀ ସଦନ ହୋଇଲା ଉଦର । ତ୍ରିଭୁବନ ସରଞ୍ଜନ ଅଧର ॥ ୭
ଉକ୍ତ ରାଜିଲା ନୂତନେ ରୋମାଳୀ । ସୁତ ପ୍ରଥମ-ରସ ବର୍ଣ୍ଣାବଳୀ ।
ଅନ୍ତେ ଶୋଭ ନାଭି ଏକ ଛକାର । ଧାଡ଼ିପ୍ରାନ୍ତେ ଲଗିଅଛି ଠକାର ॥ ୮
ଅଳ ଭଙ୍ଗୁର ତ୍ରିସ୍ରୋତେ ଲଗିଲା । ଥିଲା ଅସ୍ତବ୍ୟସ୍ତ ସମେ ଲେଖିଲା ।
ହ୍ରସ୍ୱ ଦୀର୍ଘ ପ୍ଲୁତ ଜଙ୍ଘ ଗୁଲ୍ଫରେ । ଜଣ ପ୍ରସ୍ତାବ ଦେଖାଇ ଭୁଲୁରେ ॥ ୯
ଜଙ୍ଘା ନିତମ୍ବ ପୃଥୁ ଚକ୍ରବର୍ତ୍ତୀ । ବେଗେ ଅନାବେକ ତଳ ନିବର୍ତ୍ତୀ ।
ଜଳ ନୂପୁର ଚରଣୁ ବାଜନ୍ତି । ଟିକା ଡମ୍ବୁରେ ଘଣ୍ଟି ସାଜନ୍ତି ॥ ୧୦

---

୭—ସେ ପୁଣ ସୁମନାଳୟ (ମେରୁ) ପରି ଉଦୟ ହେବାରୁ ସୁମନାଳୟ (ସ୍ୱର୍ଗ) ତୁଲ୍ୟା ହେଲା । ତାହାର ହୃଦୟ ରସାବାସ (ଶୃଙ୍ଗାରରସର ସ୍ଥାନ) ହେବାରୁ ସେ ରସା (ପୃଥ୍ୱୀ) ତୁଲ୍ୟା, ଉଦର ବଳିସଦନ (ତ୍ରିବଳିର ସ୍ଥାନ) ହେବାରୁ ବଳିସଦନ (ପାତାଳ) ତୁଲ୍ୟା, ଫଳତଃ ସେ କନ୍ୟା ତ୍ରିଭୁବନର ଅନୁରାଗ ଉତ୍ପାଦକା ହୋଇ ଆଦରଣୀୟା ହେଲା ।

୮—ତାମ ସେ କନ୍ୟାର ଉଦରେ ଯେଉଁ ନୂତନ ରୋମରାଜି ଅଙ୍କୁରିତ ହୋଇଲା ତାହା ପ୍ରଥମରସ (ଶୃଙ୍ଗାରରସ) ଲିଖିତ କୃଷ୍ଣବର୍ଣ୍ଣ ଅକ୍ଷରଧାଡ଼ି ଏବଂ ତାହାର ଶେଷରେ ଥିବା ଅତିସୁନ୍ଦର ନାଭିଟି ଧାଡ଼ିଶେଷରେ ଥିବା 'ଠ' ଅକ୍ଷର ପରି ଦିଶିଲେ ।

୯—ଜଙ୍ଘିତ କ୍ଷୁଦ୍ର ଚରଣ ସବୁ ଅନ୍ୟାନ୍ୟ ବର୍ଣ୍ଣ ହେଲେ, ସେହିବର୍ଣ୍ଣ କ୍ରମଶଃ ଉନ୍ନତ ହୋଇଯାଇ ଇତସ୍ତତଃ ବିକ୍ଷିପ୍ତ ହୋଇଥିଲେ ତାହାକୁ କରୁଣ୍ୟରେ ଜାଣି ସମାନ କରିଦେବାକୁ ସମାନ ଧାଡ଼ିରେ ଅକ୍ଷର ଲେଖାହେଲା ପରି ଦେଖାଗଲେ । ବିଭିନ୍ନ ଭୂଲତାରେ ଥିବା ହ୍ରସ୍ୱ ବଡ଼ ଓ ମଧ୍ୟମପ୍ରକାର ସୁନ୍ଦର ରେଖା ସବୁ ହ୍ରସ୍ୱ, ଦୀର୍ଘ, ପ୍ଲୁତ ଅକ୍ଷର ହେଲେ ।

୧୦—ନିତମ୍ବ (କଟିପଶ୍ଚାଦ୍ଭାଗ) କୁ ପୃଥୁ ଚକ୍ରବର୍ତ୍ତୀ (ଉଦାହରଣରେ ବଡ଼ ଓ ପୃଥୁରାଜା) ଜୟକରିବାକୁ ଅବାରେ ଶୀଘ୍ର ନିବର୍ତ୍ତିଗଲା, ପୃଥୁରାଜାଙ୍କ ଶାସନରେ ଲୋକମାନଙ୍କର ଅଭାବ ନ ଥିଲା । ଏବଂ ସେ ଜୀବବାଦ୍ୟ ବଜାଇ ସୁଖସାଧନ କରୁଥିଲେ ଏ ମଧ୍ୟ ଯେଉଁ ନୂପୁର ଚରଣରେ ତାହା ତୂର୍ଯ୍ୟର ବାଜିଲା, କଟି ଡମ୍ବରୁ ବାଦ୍ୟ ପରି ଉର୍ଦ୍ଧ୍ୱରେ ଘଣ୍ଟି ଶୋଭା ପାଇଲା ।

ଯଥା କବିକରେ ପାଣି ମନୋହରେ । ମନ ଅଙ୍ଗୀମାତ୍ରେ ଆସି ବାନ୍ଧରେ ।
କ୍ଷୀଣମୋକ୍ଷ ନାଶାରେ ଯେ ବସନ୍ତ । ଯେଣୁ ଲଗ୍ନ ଭୃତେ ଭାବ୍ୟ ଉଦିତ ।। ୧୧
ଅଙ୍ଗଦେଶରେ ଶୋଭା-ଅଙ୍କୁରେ । ବୃଦ୍ଧି ଅବଧିତ ହୋଇ ସଞ୍ଚରେ ।
କାନ୍ତି କରଣୀ ପ୍ରଭୃତି ଛଟରେ । ଅଧିକାର କଲା ହେମ-କଟକେ ।  ୧୨
ଦୀପ୍ତି ପ୍ରଧାନ ପ୍ରକାଶ କବନେ । କରେଣ୍ଡୁ ମଣି ତ ଯେ ସର୍ବମୋହନେ ।
ମାଧୁର୍ଯ୍ୟ ତା ହୃତ ପୁଣି ଉତ୍ତୁଙ୍ଗେ । ରାଜ ଲେଖନ ବିନା ଅନ୍ୟ ପ୍ରୂଟେ ।  ୧୩
ପ୍ରନଳ୍ପକୃତା ବାହୁଯଷ୍ଟି ସଙ୍ଗତ । ଜାତ ପଦ୍ମରାଗ ସୁବଳୟ ଭଙ୍ଗ ।
ସ୍ଵଭ ବାନ୍ଧୁକ ଅଭଶ୍ରୟ ଅଧରେ । ସାର କରି ମଞ୍ଜିଷ୍ଠାକୁ ଜଳରେ ।  ୧୪
କଣ୍ଠ କି ସ୍ଵଚ୍ଛ କମ୍ବୁ ନ ସ୍ଫୁରିଲା । ଭଲ-ଜାଳ ଏରୂପେ ଜିନାଇଲା ।
ସୁଗ୍ରୀବରେ ଯେ ଚନ୍ଦନ ମିଶ୍ରିତ । ରାମ-ଲକ୍ଷ୍ମଣ ମୁଖେ ପ୍ରଶଂସିତ ।  ୧୫

---

୧୧।୧୨—କାମଦେବର ସୁବର୍ଣ୍ଣପୁର ସଦୃଶ ତାହାର ଦେହ ଅଧିକାର କରିବାକୁ ଯଥା (ଯେପରି) ଶାସ୍ତ୍ରମତରେ ଯାଇ ହୋଇ ସେହି କନ୍ୟାର ମନକୁ ଆଗେ ସର୍ବଦା ଆନନ୍ଦରେ ବାନ୍ଧିବା କଲା, କଣ୍ଠ ଲ ମୁକ୍ତାହିଁ ନାସାରେ ରହିବାକୁ ଭାବ୍ୟ (ଶୁଭ) ଲଗ୍ନବୃତ୍ତେ (ଉଚ୍ଚସ୍ଥାନରେ ଲଗ୍ନ ହୋଇ) ଲଗ୍ନର ଉଚ୍ଚରେ ଶୁଭ ଗ୍ରହ ଯେପରି ସମସ୍ତ ଶୁଭ ଫଳ ପ୍ରଦାନ କରନ୍ତି, ଏଠାରେ ତାହା ଘଟିଲା । ସର୍ବାଙ୍ଗରେ ଶୋଭାରୂପ କାମ ରାଜାର ଅନୁଚର ବର୍ଗ ଯେମେ ବଢ଼ି ବଢ଼ି ଅବଧିତ ରୂପେ (କେହି ନ କହିଲେ ମଧ୍ୟ) ସ୍ୱେଚ୍ଛାରେ ସଞ୍ଚାର କଲେ । କାନ୍ତି (ଲାବଣ୍ୟ) ରୂପୀ କରଣୀ ପ୍ରଥମ ପ୍ରକାଶ ପାଇଲେ ।

୧୩—ଦୀପ୍ତି (ଦେହର ପ୍ରଭା) ପ୍ରଧାନ ହେବ ଶୀଘ୍ର ପ୍ରକାଶପାଇ, ସମସ୍ତଙ୍କୁ ନିଶ୍ଚୟ ବଶ କରିବ ବୋଲି ଭାବିଲା । ମଧୁରତା ହୃତ (ଛାତିଅ) ହେଲା, ତାକୁ ରାଜଲେଖନ ବିନା (ବିନାଚିହ୍ନରେ) ଲୋକେ ମାନ୍ୟକଲେ ।

୧୪—ପ୍ରନଳ୍ପକୃତା (ବାହୁଲତା) ମିଳି ବାହୁମଣପଦ୍ମ ପଦ୍ମରାଗ ଓ ବଳୟାଙ୍କୁ ନଲ୍ଲାଇବାକୁ ଅଧରରେ ଅତଶୟ ରାଗ (ସ୍ନେହ ଓ ରକ୍ତିମା) ଜନ୍ମିଲା । ତେଣୁ ସେ ଅଧର ମଞ୍ଜିଷ୍ଠା (ରକ୍ତବର୍ଣ୍ଣଲତା) ସହ ଉପମାକୁ ପାଇ ସେ ଲତାକୁ ସାର କରି ଜଳାଇଲା ।

୧୫—କଥାଟା କି ସୃଷ୍ଟି କଲା, କିଛି ବୁଝିଲା ନାହିଁ, ଏ କନ୍ୟାଠାରେ ହରିଲୀଳା (ବିଷ୍ଣୁଙ୍କ ଲୀଳା) ଏରୂପରେ ପ୍ରକାଶ ପାଇଲା । ତର ସମାବଳୀରେ ସୁଗ୍ରୀବ ଓ ଚନ୍ଦନ ନାମକ ମର୍କଟ ହନୁଙ୍କ ସହିତ ମିଳିଥିଲେ, ଏବଂ ସେ ଦୁହିଙ୍କ ମୁଖରେ ରାମ ଓ ଲକ୍ଷ୍ମଣଙ୍କର ପ୍ରଶଂସା ହେଉଥିଲା । ଏ କନ୍ୟାର ସୁଗ୍ରୀବ (ଉତ୍ତମଗ୍ରୀବା) ରେ ଚନ୍ଦନ ଯୁକ୍ତହେଲା, ମୁଖରେ ରାମଲକ୍ଷ୍ମଣ (ଚନ୍ଦ୍ର) ପ୍ରଶଂସିତ ହେଲା, ଏହାଙ୍କର ମୁଖ ଚନ୍ଦ୍ର ପରି ହେବାରୁ ଚନ୍ଦ୍ର ଧନ୍ୟ ହେଲା ।

ପ୍ରକାଶିତ ଚନ୍ଦ୍ରହାସ-ଫଳକ । ମନ୍ଦୋଦରୀ-ବର ଶକ୍ତି- ଫଳକ ।
ମେଘନାଦ ଶିଖା ଲକ୍ଷ୍ୟ ଫଳକ । ଦକ୍ଷ ଧରି ସେ ସୁମନା-ବଳୀକ । ୧୬
ସଦା ଅଙ୍ଗଦ ବାହୁରେ ବହରେ । କୁଚ-କୁମ୍ଭ ଉନ୍ନତ ଚିତ୍ତ ହରେ ।
ଏଣୁ କରି ପୁଷ୍ପ-ଲଙ୍କା କମ୍ପନ । ଏତ କଳ୍ପକ କଥା ଉଦ୍ଦୀପନ । ୧୭
ନେତ୍ରେ ସୁଭାରତ ଦେଖା କରୁଛି । କୃଷ୍ଣ ଅର୍ଜୁନ ରଙ୍ଗ କରୁଅଛି ।
ଗୁଣୀ ଅଞ୍ଜନ ଧନୁକ କମାଣି । ବାଣପ୍ରୟୋଗ କଟାକ୍ଷ ପ୍ରମାଣି । ୧୮
କର୍ଣ୍ଣ ବକ୍ର-ମଞ୍ଜୀରକା ବହିଲ । ସୁତାଟଙ୍କ ଅଢ଼ଣୀରେ ଶୋଭିଲ ।
ଦ୍ରୋଣସୁତ ଉତ୍ତରହିଁ ଖ୍ୟାତ । ଏଣୁ କି ଉପଲକ୍ଷଣା ସାକ୍ଷାତ । ୧୯

---

୧୬—ଭୃମଲ୍ଲତାରେ ମନ୍ଦୋଦରୀ ବର (ରାବଣ) ଚନ୍ଦ୍ରହାସ (ଖଡ୍ଗ) ଫଳକ ଏବଂ ଶକ୍ତି ଫଳକ (ଲକ୍ଷ୍ମଣ ଶକ୍ତି ଅସ୍ତ୍ର) ରେ ପ୍ରକାଶିତ ହୋଇଥିଲା । ମେଘନାଦ (ଇନ୍ଦ୍ରଜିତ) ର ଶିଖାଫଳ (ବାଣମୁକ୍ତ ପକ୍ଷ) କୁ କରି ଲକ୍ଷ୍ୟ କରିଥିଲା, ଏବଂ ସେ ସୁମନାବଳୀ (ଦେବସମୂହ) କୁ ଧରିବାକୁ ଦକ୍ଷ ହୋଇ ଥିଲା । ଏଠାରେ ଚନ୍ଦ୍ର ତୁଲ୍ୟ ହାସ୍ୟ ଫଳକ ପ୍ରକାଶିତ ଏବଂ ଏ ମନ୍ଦୋଦରୀବର (କ୍ଷୀଣମଧ୍ୟାଶ୍ରେଷ୍ଠା) ଶକ୍ତି ଅସ୍ତ୍ରପରି ଫଳକଲକ୍ ଲାଗିଲା । ଏହାର ଶିଖା (କେଶଗୁଚ୍ଛ) ର ଫଳ (ପକ୍ଷ) ସଦୃଶ ମେଘନାଦ (ମୟୂର) ଲକ୍ଷ୍ୟ ଅଟେ, ତହିଁରେ ସୁମନାବଳୀକି (ପୁଷ୍ପ ସମୂହକୁ) ଧରିବାରେ ଏ ଦକ୍ଷା ହେଲା ।

୧୭—ଭୃମଲ୍ଲତାରେ ଅଙ୍ଗଦ ନାମକ ମର୍କଟ ସଦା ବାହୁବଳରେ କ୍ରୀଡ଼ା କରୁଥିଲା, କୁମ୍ଭକର୍ଣ୍ଣ ଉନ୍ନତାରେ ବାନର ମାନଙ୍କର ଧୈର୍ଯ୍ୟ ହରଣ କରୁଥିଲା, ଏଠାରେ ଅଙ୍ଗଦ (ଅଳଙ୍କାର ବିଶେଷ) ସର୍ବଦା ବାହୁରେ ବହୁଛି, କୁଚ କୁମ୍ଭ ଉନ୍ନତାରେ ଲୋକଙ୍କର ମନକୁ ହରୁଛି କଲା । ପୁଣି ସେ ଲଙ୍କାରେ ପୁଷ୍ପକ ବିମାନ କମ୍ପୁଥିଲା, ଏଣୁ ଏ ପୁଷ୍ପଲଙ୍କା (ପୁଷ୍ପ ସମୂହ) କୁ କେଶରେ କମ୍ପାଇଲା, ଏହିପରି କଳ୍ପକ (ସୁଗାତ୍ରର) କଥା ପ୍ରକାଶ ପାଇଲା ।

୧୮—ଏ ନେତ୍ରରେ ଉଭୟ ମହାଭାରତ-ଯୁଦ୍ଧକୁ ପ୍ରକାଶ କରୁଛି, ମହାଭାରତ ଯୁଦ୍ଧରେ କୃଷ୍ଣ ଓ ଅର୍ଜୁନ ଯୁଦ୍ଧରଙ୍ଗ କରୁଥିଲେ, ଏ ନେତ୍ରରେ କୃଷ୍ଣ (କଳା) ଅର୍ଜୁନ (ଶୁକ୍ଳ) ଓ ରଙ୍ଗ (ରକ୍ତ ବର୍ଣ୍ଣମାନଙ୍କୁ) ପ୍ରକାଶ କରୁଅଛି । ଏଠାରେ ଅଞ୍ଜନ ଧନୁର୍ଗୁଣ ଭଳି ଧନୁରେଖା, କଟାକ୍ଷ ଗୁଳକା ବାଣ ପ୍ରୟୋଗ ହେଲା ।

୧୯—ସେଠାରେ କର୍ଣ୍ଣ ବକ୍ର ଧରିଥିଲେ ଏବଂ ଅଢ଼ଣୀ (ଢାଲ) ରେ ଶୋଭିତ ହୋଇଥିଲେ, ଅଳ୍ପ ଦ୍ରୋଣସୁତ (ଅଶ୍ୱତ୍ଥାମା) ଓ ବିରାଟ ଯୁବକ ସର୍ବ ଉତ୍ତର ଏ ଯୁଦ୍ଧରେ ଖ୍ୟାତ ହୋଇ ଥିଲେ । ଏ କର୍ଣ୍ଣରେ ବକ୍ରତୁଲ୍ୟ ମଞ୍ଜୀରକା ଓ ଢାଲପରି ଉତ୍ତମ ତାଟଙ୍କ ଧାରଣ କରି ଶୋଭି ପାଇଲେ । ପୁଣି ଦ୍ରୋଣସୁତ (କୋକିଳ) ପରି ଉତ୍ତର (ବାକ୍ୟ) କହିବାରେ ଖ୍ୟାତ ହେଲେ । ମହାଭାରତ ଯୁଦ୍ଧରେ ଯୁଦ୍ଧ ସବୁ ଏହିପରି ଉପଲକ୍ଷ ପ୍ରତ୍ୟକ୍ଷ ହେଲା ।

ବୃଦ୍ଧ ଯୌବନ ସୃଷ୍ଟି ସଜାଡ଼ିଲା । ଆଉ ଜରମା-ସୃଷ୍ଟି ଉଜାଡ଼ିଲା ।
ଯୋଗୀ-ସୃଷ୍ଟିରେ ପ୍ରଳୟ କାଣ୍ଡବ । ଯୁବା-ସୃଷ୍ଟି ଅଜ କେଣୁ ରହିବ ॥ ୧୦
ଅଛି ଏତେ ଦେବାଦାଏ ଦର୍ଶନ । କରିମାତ୍ର ସେହୁ ଶୋଭା-ପ୍ରସନ୍ନ ।
ଯୋଗୀଗଣେ ମୁଁ ଗଣେ ଗଣତି ଭାଳି । ଶମ୍ଭୁ ଶିଳା ହେଲେ ଦେହ ସମ୍ଭାଳି ॥ ୧୧
ଟୋଣ୍ଡିବ କି ଦ୍ରବଣ ଶିଳାଙ୍କର । କେଣୁଁ ସୁରଗୁରୁ ଭଜେ ଶଙ୍କର ।
ଦିବ୍ୟ ସୃଷ୍ଟି ଭଲ ଭାବି ମଦନ । ମନୋରମ ସ୍ଥାନେ କଲା ସଦନ ॥ ୧୨
ଅନବରତେ ମନ୍ତ୍ରିତ ସୁ-ରେବ । ଭଲ୍ଲୁ ଅର୍ଗଳ-ଦ୍ୱାରୁ ହିଁ ଲୁଚିବ ।
ରତି ଗୁପ୍ତ ବସେ ତହିଁ ସନ୍ଧ୍ୟାର । ମହୋଜ୍ଜ୍ୱଳ ସୁ-ଶଦନ ଚତ୍ୱର ॥ ୧୩
ଝିଲମିଲ ମାଳୀ କି ଶୋଭାକର । ଏକାଦଶ ଘରେ ଗ୍ରହନିକର ।
ହେମବନ୍ଦ୍ରୁ ମର୍କତ ମୋତିରେ । ଭଡେ ଯେ ମାଡ଼ି ନିଜ ଜ୍ୟୋତିରେ ॥ ୧୪
ମୀନ-କେତନ ଖଞ୍ଜି ନିକେତନେ । ରଙ୍ଗ କେତନ ବାନ୍ଧିଲା ଯତନେ ।
ଲକ୍ଷପତ୍ର ରେ ହୋଇଥିବ ପଣ । ପୁଷ୍ପ ବୋଲାଇ ଅଛି ପରମ୍ପରା ॥ ୧୫

---

୧୦—ବିଧାତା ଅଜ୍ଞା ଯୌବନ ସୃଷ୍ଟି ସଜେଇଲା, ବୃଥମତର ଜରମା ସୃଷ୍ଟିଯାକ ଉଜାଡ଼ିଦେଲା, ଯେ ଯୋଗୀନାଙ୍କର ମଧ୍ୟ ପ୍ରଳୟ ଭୟ ପାଇବ ସେଠାରେ ତା ଯୁବା ସୃଷ୍ଟି କିପରି ରହିବ ।

୧୧—ଏବେଭ ଦୂର ଦେବା ପର୍ଯ୍ୟନ୍ତ ଦେଖାଯାଉ ଅଛି ଯେ ଶିବ ସେ ଶୋଭାରେ ଭାମୁଗ୍ଧହୋଇ "ମୁଁ ଯୋଗୀମାନଙ୍କ ମଧ୍ୟରେ ଜଣେ ହେବି" ଏହା ମନରେ ଭାବି ପଥର ହୋଇ ସମ୍ଭାଳି ଗଲେ ।

୧୨—ଯେଉଁର କଣ ଉପାୟ ନାହିଁ, ମହାଦେବ କାହିଁକି ଏ ବାଗୁର ହେଲେ, କାମ ଭାବି ୨ କୃତ୍ରିମ ସୃଷ୍ଟି ଆରମ୍ଭ କଲା, ସେହି ମନୋରମ ସ୍ଥାନରେ ଅଣ୍ଡସୁ ନେଲା ।

୧୩—ଅନବରତ କୃତ୍ରିମ ବସ୍ତୁ ନିର୍ମିତ ଗୃହଅଟେ ସେହି ଗୃହକୁ ମଣ୍ଡିତ କରି ଦ୍ୱାର ଦେଶରେ ମନୋରମ ଭଲ୍ଲୁକୁ ଅର୍ଗଳ କରି ନିଜ ପତ୍ନୀ ରତିଦେବୀଙ୍କ ସହ ସେଠାରେ ଗୁପ୍ତ ଭାବରେ ବାସ କଲେ । କୃତ୍ରିମଶୟନ ସେହି ଗୃହର ଉଜ୍ଜ୍ୱଳ ଅଗଣାରୁ ଯେ ଶୋଭା ପାଇଛି । ସଦନ ( ଗୃହ ) ସୁ-ଶଦ ( ସୁ କୃତ୍ରିମ ବସ୍ତୁ ) ଚତ୍ୱର [ ଅଗଣା ]

୧୪—ଝିଲମିଲ ମାଳୀ ( ଅଳଙ୍କା ) ରେ ସୁବର୍ଣ୍ଣ ଯୋଡ଼ିଲା, ମର୍କତମଣି ଓ ମୁକ୍ତା ଥିବାରୁ ଏକାଦଶ ସ୍ଥାନରେ ଗ୍ରହମାନେ ନିଜ ନିଜ ଜ୍ୟୋତି ଧରି ରାଜେ କଲା ପରି ଶୋଭା ପାଇଲା । ବନ୍ଦ୍ରୁମ ( ଯୋଡ଼ିଲା ) ।

୧୫—ମୀନକେତନ ( କାମ ) ନିଜଘରେ ନାଲି ପତାକା ଅତି ଯତ୍ନରେ ବାନ୍ଧିଲା । ବୋଧହୁଏ ସେ ଲକ୍ଷପତ୍ର ହୋଇଥିବ ଯେ ହେତୁ ପରମ୍ପରା କ୍ରମରେ ସେ ପୁଷ୍ପ ( ଫୁଲ ଓ ରକ୍ତ ) ନାମରେ ବିଖ୍ୟାତ ହୋଇଅଛି । ନିକେତନ ( ଗୃହ ) କେତନ ( ପତାକା )

ପୃଥ୍ୱୀ ପୁଷ୍ପଶର ନାମ ଯାହାର । ଅନ ଭେଦନ କି ହେବ ତାହାର ।
ବାସେ ଅନୁସରିଲେ ଭୃଙ୍ଗମାନେ । ଏଣୁ ହେଲାଟ ପୁଷ୍ପ ଅନୁମାନେ । ୧୬
ବାଳା ପଦ୍ମିନୀ ହେବାର ସକାଶେ । ନାହିଁ ସଂଶୟ ପୁଷ୍ପବିକାଶେ
ଥିଲେ ସଜନୀ-ମାଳୀ ସନ୍ନିଧିରେ । ନେଲେ ବାସ ସୁମନସ ଅର୍ଥରେ । ୧୭
ଥିଲେ ତହିଁ ଦୈବଜ୍ଞ ଉପାଧ୍ୟାୟୀ । ଶୁଭାଶୁଭ ବୁଝିଲେ ସବୁ ଯାଇଁ ।
କାତ୍ୟାୟିନୀ ଥିଲା ତାଙ୍କ ସଙ୍ଗରେ । ପୁଷ୍ପ ସ୍ଫୁଟି କହି ନୃତ୍ୟରଙ୍ଗରେ । ୧୮
ଶ୍ରୁତିବିଧିରେ କାର୍ଯ୍ୟ ସାରିଲେ । ଏହା ମଙ୍ଗଳ-ମହୁରୀ ବାଇଲେ ।
ନାମ ଯା 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' । ପୁଷ୍ପରଜା ପଦ ଏବେ ଆଦରି । ୧୯
ଯେଣୁ ଏ ପଦ ହିତସୁବଶରେ । କୁତୁକତା ସବୁ ଲୁଚେ ନା ପରେ ।
ବାତୁଳିଲେ କୋଟିଏ ଏହା ହେଳରେ । ଅମ୍ଭ ଜୀବ ବହନ୍ତି କାମ-ଭରେ । ୨୦

---

୧୬—ପୃଥ୍ୱୀ ଯାହାର ନାମ ଫୁଲଶର ତାହାର ଅନ୍ୟ ପଦାର୍ଥ କାହିଁକି ହେବ । ପୁଷ୍ପ ସୁବାସରେ ଭୃଙ୍ଗମାନେ (ଭ୍ରମର ଓ କାମପୁରୁଷ) ମାନେ ଅନୁସରଣ କଲେ ଏହି ହେତୁ ପୁଷ୍ପର ଅନୁମାନ ହେଲା ।

୧୭—ସେହି ବାଳା ପଦ୍ମିନୀ ହୋଇଥିବାରୁ ପୁଷ୍ପିତା ହେବାରେ ସନ୍ଦେହ ହେଉନାହିଁ । ସଜନୀ ମାଳୀ ( ସୁନ୍ଦରୀ ସ୍ତ୍ରୀ ) ସେହିମାନଙ୍କ ନିକଟରେ ଥିଲେ, ମାଳୁଣୀ ଫୁଲ ନେଲାପରି ସେହି ବସନକୁ ସଖୀମାନେ ନେଲେ । ସୁମନସ (ପୁଷ୍ପ) ।

୧୮—ସେଠାରେ ଦୈବଜ୍ଞ ( ଜ୍ୟୋତିଷ କନ୍ୟା ) ଉପାଧ୍ୟାୟୀ ( ଶିକ୍ଷୟିତ୍ରୀ ) ଥିଲେ, ତତ୍ପରତାରୁ ଶାସ୍ତ୍ରୀୟ ସମସ୍ତ ଶୁଭାଶୁଭ ବୁଝିନେଲେ । ତାଙ୍କ ସଙ୍ଗରେ କାତ୍ୟାୟନୀ ( ସନ୍ନ୍ୟାସିନୀ, ବଧବା ନାରୀ ) ଥିଲେ ଫୁଲ ଫୁଟିଲା ଏହା କହି ନାନାରଙ୍ଗରେ ନୃତ୍ୟ କଲେ ।

୧୯—ବେଦ ବିଧିରେ ସମସ୍ତ କାର୍ଯ୍ୟ ସମାପ୍ତ କଲେ । ଯାହାର ନାମ "କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ" ସେ ଏବେ ପୁଷ୍ପରଜା (ନବପୁଷ୍ପବତୀ) ପଦ ପାଇଲେ, ଏହି ମଙ୍ଗଳମହୁରୀ ବଜାଇଲେ ।

୨୦—ଏହିପଦ ( ପୁଷ୍ପରଜା ) ବଶ ହେବାରୁ ସେମାନଙ୍କ ଏପରି ବ୍ୟାକୁଳତା ( ବ୍ରଜସ୍ତ୍ରୀ ଓ ପୁଷ୍ପରଜା ) ବଶ ହେବାରୁ ସେମାନଙ୍କ ଏପରି ବ୍ୟାକୁଳତା କରିଲି ଯେ କୌଣସିମତେ ତାହା ସହିଲା ନାହିଁ ( ଧୈର୍ଯ୍ୟ ନାହିଁ ) ସେତେବେଳେ ବାତୁଳିଲେ ଏହି ପୁଷ୍ପରଜାର ହେଳରେ ( ଲୁହାଣୀରେ ) ଅମ୍ଭମାନଙ୍କର ଜୀବ କାମଭାରରେ ରହିଲା । ପୁଷ୍ପରଜାର ଦେବାଳି ଭରେ ( ସ୍ତ୍ରୀସ୍ପର୍ଶରେ ) କାମ ( ଇଚ୍ଛା ) ଥାଏ ।

ନବଚଣ୍ଡୀ ଅର୍ଚ୍ଚନ ଅବସରେ । ପଞ୍ଚ ଭାବନା କରନ୍ତି ଅମ୍ଭରେ ।
କନ୍ୟା ସମସ୍ତ ହେଲେ କି ଫଳସ୍ତୁ । ତୁଳା ହେବାକୁଁ ହୁଏ ଅଭିଳସ୍ତୁ । ୩୧
ଚନ୍ଦ୍ରା ଜନମ ଉପମା ଲେଖାର । ତାଙ୍କ ଇଚ୍ଛାରେ ହେଲେ ନାରଖାର ।
କାନ୍ତ୍ୟ ଅତିର ପ୍ରତିଷ୍ଠା ଲକ୍ଷରେ । ଚନ୍ଦ୍ରକ୍ଷୀଣ ହୋଇଗଲା ପକ୍ଷରେ । ୩୨
ଘନ ଜୀବନୁ ଅଗ୍ନି ଜଳାଇ । ଧୂମ-ବିବର୍ଣ୍ଣ ହେଲା ଜଳି ଯାଇ ।
ଭକ୍ଷ କଲା ସୁପର୍ଣ୍ଣ କାକୋଦର । ମଦ ନାମରେ ବାନ୍ଧିଲା ମଦର । ୩୩
ପଦ୍ମ ମୃଣାଳ କଣ୍ଟକକୁ ଧରି । ହୁଏ ପଙ୍କଜ ପଦେ ସେ ଜିଣିବ ।
ବିମ୍ବ ହୋଇଲା ଉପରେ ଲେପନ । ବୃକ୍ଷରାଜ-ଦଳ ବହେ କମ୍ପନ । ୩୪
ଫଳେ ଅଧୋମୁଖ ହେଲା କଦଳୀ । ଜବା ଲାଲିମା-ରଙ୍ଗେ ଶୋଭି ଦଳି ।
ତେଣୁଁ ଲଜନ ହୋଇଲା ଚନ୍ଦନ । କଲା ମୁକ୍ତା ଶାମୁକେ ସଦନ । ୩୫

---

୩୧—ଭାଦ୍ରବରେ ନବଚଣ୍ଡୀ ( ବୋହିବୁଡ଼ାଣ୍ଡ ସୁନ୍ଦରୀ ) ର ପୂଜା ଅବସ୍ଥା କରନ୍ତେ ସ୍ତ୍ରୀମାନେ ପାଞ୍ଚିଲେ ଏ ନବଚଣ୍ଡୀ ( ନବଦୁର୍ଗା ) ପୂଜାରେ ଅମ୍ଭମାନଙ୍କ ବଳୀପଣ ଲୁଚିଛି ପରା ? କିନ୍ତୁ ଦୁର୍ଗାପୂଜା କନ୍ୟା ମାସରେ ହୁଏ, ଏହାର କନ୍ୟାସମସ୍ତ ଦୂର ହୋଇଅଛି ଏବଂ ପ୍ରଶଂସା ହେବାକୁ ଯୌବନରେ ତୁଳା ( ତୁଳନା ) ଅଛିଅଛି । ଅତଏବ ଏ ତୁଳାମାସ ପୂଜାସମସ୍ତକୁ ବଳି ପଡ଼ୁଥିବାର ଭାବି କାହିଁର ଅଶ୍ରୁ ହେଲେ ।

୩୨—ଉପମାମାନ ଏହାର ସମାନ ହୋଇ ପାରିବେ ନାହିଁ ଏହି ଚନ୍ଦ୍ରା କଳିବାକୁ ଆପଣା ଗୁଣ ନାରଖାର ହେଲେ । କାନ୍ତିକି ଲକ୍ଷ୍ୟ ହେବାମାନେ ସମାନ ନ ହେବାକୁ ବାହୁଲୀ ଅଶାନ୍ତି ହେବ । ଚନ୍ଦ୍ର ମଧ୍ୟ ମୁଖର ତୁଳନା ନ ପାଇ ପକ୍ଷରେ ( ଦିନ୧୫ ନରେ ) କ୍ଷୀଣ ହୋଇଗଲା ।

୩୩—ଘନ ( ମେଘ ) କେଶ ସହ ସମାନ ନ ହୋଇ ଆପଣା ଜୀବନ ( ଜଳ )କୁ ଅଗ୍ନି ଜଳାଇ ଦୋହଟାଇ ଧୂମପରି ବିବର୍ଣ୍ଣ ହୋଇ ଗଲା, ସୁପର୍ଣ୍ଣ ( ଗରୁଡ଼ ) ନାସା ସମାନ ନ ହେବାକୁଁ କ୍ରୋଧ ବୁଦ୍ଧିରେ କାକୋଦର ( ସର୍ପ )କୁ ଭକ୍ଷଣ କଲା । ମଦରଙ୍ଗର କୁଚସମାନ ନହେବାକୁ ମଦଶବ୍ଦକୁ ନାମରେ ବାନ୍ଧିଲା ।

୩୪—ପଦ୍ମମୃଣାଳ ବାହୁର ତୁଳନା ନ ପାଇ କଣ୍ଟକ ମସ୍ତ ହେଲା, ପଦ୍ମ ତାହାର ପାଦସମାନ ହୋଇ [ପାରିଲା] । ବିମ୍ବ ( ଗୋଲ୍ଲିଅଫଳ ) ଅଧରର ଉପମା ନ ପାଇ ବୃକ୍ଷଲେପି ହେଲା, ବୃକ୍ଷରାଜ ଦଳ ( ଅଶ୍ୱତ୍ଥ ପତ୍ର ) ସମାନ ନ ହୋଇ କେବଳ କମ୍ପରେ ଥିଲା ।

୩୫—କଦଳୀବୃକ୍ଷ ଉରୁର ସମାନ ନ ହୋଇ ଫଳରେ ଅଧୋମୁଖ ହେଲା । ଜବାପୁଷ୍ପ ଅଧରର ସମାନ ନ ହୋଇ ଲାଳଶୋଭିକୁ ଦଳହୋଇ କଲା ପଡ଼ିଲେ, ଚନ୍ଦନ ଦେହର ଶୀତଳତାକୁ ନ ପାଇ ଦୁଃଖରେ ଲଜ୍ଜନ (କାଠ) ହୋଇଗଲା । ମୁକ୍ତା ଦନ୍ତ ସମ ନୋହି ଶାମୁକାକୁ ଆଶ୍ରା କଲା । ସଦନ ( ଗୃହ )।

ବାଣୀ ସ୍ୱନ କଲା ପରବଶକର । ସିଂହ ଲୁଚିଲା କେଉଁ ପ୍ରଦେଶରେ ।
ବାସ ଶବଦୁଁ ମୃଣାଳ-ଅଭ୍ୟାସ । ଦେଖି ହୋଇଲା ମାନସ ନିବାସ । ୩୬
ଏହିରୂପେ ସୁଲପଣୀ ମାତର । ହେଲେ ସ୍ଥାଣୁ ନ ପାରିଲେ କାତର ।
ଊର୍ଦ୍ଧ୍ୱେ ଅଧୋମୁଖେ କରି ବାୟୁର । ଭଜବନ୍ଧ ଭ୍ରମର କଲା ଦୂର । ୩୭
ବାଳା ସମ୍ମୁଖେ ଆସିବ ଜଣାଇ । ସ୍ୱଇଚ୍ଛାରେ ସମ ହୋଇ ମଣାଇ ।
ସବୁ ଦୋଷ ଏ କବିମାନଙ୍କର । ତାଙ୍କୁ କାହିଁରେ କୋପ ନ କର ୩୮
ଅଳୀ ଗୁଞ୍ଜି ଧ୍ୱନି ଧରେ ବ୍ୟଜନ । ତହିଁ ଥାଇ ଜଣାଇ ପ୍ରଭଞ୍ଜନ ।
ଯେଉଁସ୍ଥାନେ ଝଳସୁ ନାସାଗ୍ର । ସେଠାକୁ ଜଣାଇ ଭୃଙ୍ଗ ଅନୁସର । ୩୯
କାଣ୍ଡ-ଗୃହେ ବସିଲେ ଅନୁରୂପ । ବାଳା କାମକାଣ୍ଡ ଏହା ସ୍ୱରୂପ ।
ନୋହେ ଲୋହ ଫୁଲ ଏଥୁ ବାହାର । ରୂପ ମୋହନାସ୍ତ୍ର ନିଶ୍ଚେ ଏହାର । ୪୦

---

୩୬—ବାଣୀ ସ୍ୱର ସମାନ ନ ହେବାରୁ ପରାଜିତ ହୋଇ ବଶ କଲା । ସିଂହକଟି ସାମ୍ୟ ନ ପାଇ କୁଆଡ଼େ ଲୁଚିଲା । ମାନସ ନିବାସୀ (ରାଜହଂସ) ଗତି ସାମ୍ୟ ନ ପାଇ ମୃଣାଳର ବାସ ନାମ ଥିବାରୁ ଭ୍ରମରେ ତାହା ଭକ୍ଷଣ କଲା । ବାସ (ପଦ୍ମନାଡ଼) ।

୩୭—ଊର୍ଦ୍ଧ୍ୱରେ ଅଧୋଭାଗରେ ଥିବା ସମସ୍ତ ଉତ୍ତମ ଉପମାମାନେ ଏହିପରି ହୋଇ କାତରଭାବେ ସ୍ଥାଣୁ ନ ପାରୁଥିବାର ଦେଖି ପବନ ବାୟୁର କରି ଭ୍ରମରକୁ ଦୂର କରି ପଠାଇଲା । ସୁଲପଣୀ (ଉତ୍ତମ ଉପମା)

୩୮—ଏହି ବାଳାର ଶ୍ୱାସ ପବନ ସଂଯୋଗ ଦ୍ୱାରା ସୁରଭିତ ହେବାରୁ ନିଜ ଇଚ୍ଛାରେ ପବନର ସମାନ ହେଲା ନାହିଁ । ପବନ ତାହାକୁ ମଣାଇବାକୁ (ମନୋନୀତ କରାଇବାକୁ) ବାଳା ସମ୍ମୁଖେ ଭ୍ରମର ଜଣାଇ ଆସିବ । କବିମାନଙ୍କର ଏହିପରି ବର୍ଣ୍ଣନା କରିବା ଦୋଷ ଥାଏ, ତାହାପ୍ରତି ଲେଶ ମାତ୍ର କୋପ କରିବା ଉଚିତ ନୁହେଁ ।

୩୯—ଅଳୀ (ସଖୀ) ବ୍ୟଜନ (ବିଞ୍ଚଣା) ସଞ୍ଚାଳନକରନ୍ତେ ତହିଁରୁ ଯେଉଁ ଶବ୍ଦ ହେଉଅଛି, ପ୍ରଭଞ୍ଜନ (ବାୟୁ) ସେଠାରେ ରହି ସ୍ୱୟଂ ସେହି ଧ୍ୱନି ଛଳରେ ଜଣାଉ ଅଛି । ସେ ନାସାରନ୍ଧ୍ର ଯେଉଁଠାରେ ବିକଶିତ ଭୃଙ୍ଗ (ଭ୍ରମର) ମାନେ ସେ ସ୍ଥାନକୁ ଯାଇ ଗୁଣୁ ଗୁଣୁ ଶବ୍ଦ (ଧ୍ୱନି) କରି ପବନ ବାସ୍ତବ ଜଣାନ୍ତି ।

୪୦—ସଖୀମାନେ, ଏ ବାଳା କାମ ଦେବଙ୍କର କାଣ୍ଡ (ମୋହନାସ୍ତ୍ର) ଏହା ମନରେ ଭାବି କାଣ୍ଡ ନିର୍ମିତ ଗୃହରେ ଏହାଙ୍କୁ ନେଇ ବସିଲେ । (ପୁଷ୍ପ ପ୍ରକାଶ ହେଲେ ରାଜ କନ୍ୟାମାନେ ୭ ଦିନପାଇଁ କାଣ୍ଡ ନିର୍ମିତ ଘରେ ରହନ୍ତି) । କିନ୍ତୁ ଏ ବାଳରୂପ କାଣ୍ଡ ଲୌହ ନିର୍ମିତ ନୁହେଁ, ଯେହେତୁ ଏଥିରୁ ପୁଷ୍ପ ପ୍ରକାଶ ପାଉଅଛି । ଏହାର ରୂପ ନିଶ୍ଚୟ ମୋହନାସ୍ତ୍ର ।

କାମ ରୂପାସ୍ତ୍ର ନୋହୁଲେ ତାହାଙ୍କ । ଆଗୁଁ ଗୋଚର ଥିଲା ଏ ବାହ୍ଲିକ ।
ଏବେ ଗୋଚର ହୋଇଲା ଭବକ । ବର୍ଣ୍ଣିବାକୁ ତା ମଞ୍ଜୁଳ ଛବିକ ॥ ୪୧
ସାତଦ୍ୱୀପରେ ଯାହା ବନ୍ଦାଇଲେ । ସାତଦ୍ୱୀପରେ କି ଅଛି ବୋଇଲେ ।
ସାତଦ୍ୱିଗୁଣ-ଭୁବନ-ସୁନ୍ଦରୀ । ଭୂତେ ହୋଇଲା ସିନା ପ୍ରଭେଦରୀ ॥ ୪୨
ସାତଦ୍ୱୀପାନ୍ତରେ କର ବସୁନ୍ଧା । ଭଲେ ଚଳାଇ ଅଶୋକ ବସୁଧା ।
ଗୁରୁ ପ୍ରପଦ-କଳିକା ଧଇଲା । ପଦ-ପଲ୍ଲବେ ଦୋହଦ ହୋଇଲା ॥ ୪୩
ଉନ୍ନତ ସ୍ଥଳକମଳ ଫୁଟିଲେ । ଚୁମ୍ବ ଦେବାକୁ ରୋଲମ୍ବ ଯୋଗିଲେ ।
ଭବବାଟେ ରବି ଅର୍ଘ୍ୟ ବନ୍ଦନ । ଓଷ୍ଠ କଲା ପ୍ରାତୋଦୟ ଜିତନ ॥ ୪୪
ଏଥୁ ଅଙ୍ଗରେ ମନ୍ଦରେ ପ୍ରବେଶ । ସଖୀଗଣେ ବେଢ଼ି କଲେ ସୁବେଶ ।
ବେଶ ବେଶକୁ ଯେବଣି ସୁନ୍ଦରୀ । କିଏ ବର୍ଣ୍ଣିବ ତା ବେଶ ଚାତୁରୀ ॥ ୪୫

---

୪୧—ଏହା ନୋହୁଲେ କାମର ଗୋଟିଏ ନାମ "ରୂପାସ୍ତ୍ର" ତାହାଙ୍କ ହୋଇ ଥାଆନ୍ତା, ପୂର୍ବରୁ ସେଥିପାଇଁ ଏ ବିଷୟ ଜଣାଥିଲା । କିନ୍ତୁ ବର୍ତ୍ତମାନ ତାହାର ମନୋହର ରୂପଛବି ବର୍ଣ୍ଣିବାକୁ ଜାଣି ପାରିଲେ ଯେ ଏଣୁ କାମର ନାମ "ରୂପାସ୍ତ୍ର" ।

୪୨—ସାତ ଦ୍ୱୀପରେ ବନ୍ଦାପନା କରିବା ଦ୍ୱାରା ଜଣାଇଲେ ସପ୍ତଦ୍ୱୀପରେ ଏହାପରି କେହି ନାହିଁ । ସୁନ୍ଦରୀ ସାତଦ୍ୱିଗୁଣ ( ଚଉଦ ୧୦ ) ଭୁବନରେ ଯେତେ ସୁନ୍ଦରୀ ଅଛନ୍ତି ସେମାନଙ୍କ ମଧ୍ୟରେ ପ୍ରଭେଦରୀ ( ଶ୍ରେଷ୍ଠାହେଲା )

୪୩—ସାତଦ୍ୱୀପରେ ଶୁଦ୍ଧସ୍ନାନ କରାଇ ପୃଥିବୀରେ ଚଳାଇଲେ, ତହିଁରେ ବସୁଧା ( ପୃଥିବୀ ) ଅଶୋକା (ଶୋକରହିତା ଓ ଅଶୋକବୃକ୍ଷ ) ହେଲା । ଯେପରି ସ୍ତ୍ରୀମାନଙ୍କର ପାଦାଘାତରେ ଅଶୋକ ବୃକ୍ଷ ବିକଶିତ ହୁଏ, ଏଠାରେ ସେହିପରି ପୃଥିବୀ ରୂପ ଅଶୋକ ବୃକ୍ଷ ପଦପଲ୍ଲବ ରୂପଦୋହଦ ପାଇ ସୁନ୍ଦର ପଦାଙ୍ଗୁଳିରୂପ କଢ଼ି ଧଇଲା ।

୪୪—ତା'ପରେ ସ୍ଥଳକମଳମାନେ ଫୁଟି ଆସିଲେ । ରୋଲମ୍ବ ( ଭ୍ରମର ) ମାନେ ଗୃହଅଙ୍କୁ ଚୁମ୍ବିବାକୁ ଆସିଲେ । ଯେତେବେଳେ ସେହି ସୁନ୍ଦରୀ ବାଳ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ବନ୍ଦନା କରନ୍ତି ସେତେବେଳେ ଓଷ୍ଠ ବାଳ ସୂର୍ଯ୍ୟଙ୍କୁ ରକ୍ତିମାରେ ଜିତା କଲା ।

୪୫—ଏହାପରେ ଗୃହରେ ପ୍ରବେଶ ମାତ୍ରେ ସଖୀମାନେ ବେଶ କରିବାକୁ ଗୃହ-ଅଙ୍ଗ ବେଢ଼ିଗଲେ; ସୁନ୍ଦରୀ ଅଳଙ୍କାର ମାନଙ୍କ ମଣ୍ଡିତ ହୋଇ ପରି ଜଣାପଡ଼ିଲା, ତାହାର ବେଶଚାତୁରୀ ଅବର୍ଣ୍ଣନୀୟ ହେଲା ।

ଯେ ଲକ୍ଷ୍ମୀ ଶେଷାଞ୍ଚଳ-ବିହାରୀ । ଜନ ଅଭୀଷ୍ଟ ଦାତା ଦୁଃଖହାରୀ ।
ମନୋରଥ ପୂର୍ଣ୍ଣ ହେବା କାରଣ । ଉପେନ୍ଦ୍ର ଭଞ୍ଜ ପଦେ ଶରଣ । ୪୨

---

## ଚତୁର୍ଥ ଛାନ୍ଦ

[ ପାଟଳିପୁର ବା ପୁଷ୍ପପୁର ନଗର ବର୍ଣ୍ଣନା ଏବଂ ତହିଁର
ରାଜପୁତ୍ର ପୁଷ୍ପକେତୁଙ୍କର ରୂପ ଗୁଣ ବର୍ଣ୍ଣନା ]

ରାଗ—ମଙ୍ଗଳଗୁଜ୍ଜରୀ । ମୁନିବର ବାଣୀ

ଶୁଣ ବୁଧଗଧ ଜନ । ମଗଧ ଦେଶ ରଞ୍ଜନ ।
ମାଗଧ-ମାଗଧେ ଭଣି । ଦେଶ ଅଗ୍ରଣୀ ଏ ॥ ୧

ପୁଚ୍ଛିଲେ ନିଷେଧ କହି । ସ୍ୱଦେଶୀ ସେ ସମ ନୋହି ।
ଏ ବାଣୀ ମରୁ ମଲ୍ଲାରେ । କହେ ବେଗରେ ଯେ ॥ ୨
ଯହିଁ ବିଷ୍ଣୁପଦୀ ସ୍ଥିତ । ଖଦେହେ ଗତି ବାଞ୍ଛିତ ।
ବ୍ରହ୍ମଯୋନି ପ୍ରେତଶିଳା । ଶୋଭାଇଛି ମେଳା ଯେ ॥ ୩

---

୪୨—ଯେଉଁ ଲକ୍ଷ୍ମୀ ଶେଷଦେବଙ୍କ ମସ୍ତକ ବିହାରୀ, ଲୋକମାନଙ୍କର ଅଭୀଷ୍ଟ ଦାତା ଓ ଦୁଃଖହାରୀ ମନୋରଥ ପୂର୍ଣ୍ଣ ଆଶରେ ଉପେନ୍ଦ୍ରଭଞ୍ଜ ତାହାଙ୍କର ପାଦରେ ଶରଣ ଗଲେ ।

---

୧—ହେ ପଣ୍ଡିତ ମାନେ ମଗଧ ଦେଶର ମନୋହାରିତାକୁ ଶୁଣ, ମଗଧଦେଶ-ବାସୀ ଲୋକମାନେ ନାନାସ୍ଥାନ ଭ୍ରମଣ କରି ଆସି କହନ୍ତି, ଏ ଦେଶ ସବୁ ଦେଶଠାରୁ ଶ୍ରେଷ୍ଠ । ବୁଧଗଧ ( ପଣ୍ଡିତ ) ମାଗଧ-ମାଗଧ ( ମଗଧ ଦେଶ-ବାସୀ ଲୋକ )

୨—କେହୁ ସ୍ୱଦେଶୀ (ମଗଧ ବାସୀ) ନିଷେଧ ବାସୀଙ୍କୁ "ଆମ୍ଭ ଦେଶ ପରି ତୁମ୍ଭ ଦେଶନା" ଏ କଥା ପଚାରିଲେ ସେ ସେହିନାମରେ ( ନିଷେଧ ନାମରେ ) କହନ୍ତି ( ନିଷେଧ କରନ୍ତି ) ମରୁ ଏବଂ ମଲ୍ଲାର ଦେଶ ବାସୀଙ୍କୁ ପଚାରିଲେ ସେମାନେ କହନ୍ତି "ଆମ୍ଭଦେଶ ଏହା ଆଗରେ ମରୁଭୂମି ଓ ମନ୍ଦତର ।"

୩—ଯେଉଁଠାରେ ବିଷ୍ଣୁପଦୀ (ଗଙ୍ଗା) ଅଛନ୍ତି, ସେହିଠାରେ ଲୋକେ ଖଦେହେ ( ମୃତ୍ୟୁରେ ) ଗତି (ମୁକ୍ତି) କୁ ଇଚ୍ଛା କରନ୍ତି । ଯହିଁରେ ବ୍ରହ୍ମଯୋନି (ସବ ସ୍ୱର୍ଗ ନିବାସପ୍ରଦ ତୀର୍ଥ ) ପ୍ରେତଶିଳା (ପିଣ୍ଡ ଦାନାର୍ଥ ସମ୍ମାନିତ ତୀର୍ଥ ) ବିଦ୍ୟମାନ ।

ଫଲ୍‌ଗୁ ସଲିଳ ନିର୍ମଳ । ବିଦାରିଲେ ତାର ଗାତ୍ର ।
ମନ୍ଦ୍ରସ୍ୱନ ସ୍ୱଚ୍ଛଜଳ । ଜାତ ତତ୍କାଳ ଯେ । ୪
ଏକ ପିଣ୍ଡଦାନେ ମୋକ୍ଷ । ରହସ୍ୟ ଯହିଁ ପ୍ରତ୍ୟକ୍ଷ ।
ଶୁଦ୍ଧାଶୁଦ୍ଧ ଭାଳ ନାହିଁ । ସାକ୍ଷୀ ବୈଦେହୀ ଯେ । ୫
ତହିଁ ପିଣ୍ଡଦାନମାନ । ଅଗୋଚର କରି ଘେନ ।
ପାତକୀ କରେ ପାବନ । ସେ ବ୍ୟୋମତେଣ ଯେ । ୬
ରାଜଧାନୀ ପୁଷ୍ପପୁର । ସହିତେ କୁନ୍ତଳ ପର ।
ଶୈଳ କାଞ୍ଚୀ ତାର ତଳ । ଏତେ ମଣ୍ଡଳ ଯେ । ୭
ବଦବଧ ରକ୍ଷପୁରୀ । ଅପମାନ-ମାନ୍ ଭରି ।
ନଗରମାନଙ୍କ ମୋହ । ତହିଁକି ଲକ୍ଷ୍ୟ ଯେ । ୮
ଛଦ୍ମ ନୁହଇ ଏ ପୁରୀ । ସଦ୍ମ ରତନେ ନିର୍ମାଣ ।
ପଦ୍ମ ସକାଶେ କାନ୍ତି । ଦିବା ରଜନୀ ଯେ ॥ ୯
ନାନାରତ୍ନ ଛବି ଧର । ନବ ଶିଳବାଡ଼ି ସର ।
ଦେଖାଇବେ ଭେଣ୍ଡି ଜ୍ୟୋତି । ଧାରକା ପନ୍ତି ଯେ । ୧୦

---

୪—ଫଲ୍‌ଗୁ ନଦୀ ଅତି ନିର୍ମଳ, ତାହାର ଗାତ୍ର (ଦେହ) ଖୋଳିଦେଲେ ମାତ୍ର ସ୍ୱଚ୍ଛ ନିର୍ମଳ ଜଳ ବାହାରି ପଡ଼େ ।

୫—ତୀର୍ଥଠାରେ ବାଲୁକା ପିଣ୍ଡ ଦାନରେ ମୋକ୍ଷ ହେବାର ରହସ୍ୟ ପ୍ରତ୍ୟକ୍ଷ ହୋଇ ଅଛି । ଶୁଦ୍ଧାଶୁଦ୍ଧର ମଧ୍ୟ ବିଗ୍ଭର ତୀର୍ଥଠାରେ ନାହିଁ, ଏ ବିଷୟରେ ସୀତା ଦେବୀ ସାକ୍ଷୀ ଅଛନ୍ତି । ସୀତା ଦେବୀ ଋତୁବତୀ ହୋଇଥିବା ଅବସ୍ଥାରେ କୌତୁକରେ ଫଲ୍‌ଗୁନଦୀ ବାଲିରେ ପିଣ୍ଡକରି ପିତୃଲୋକଙ୍କୁ ଦେବାରୁ ଦଶରଥ ହାତ ପତାଇ ନେଇଥିଲେ ।

୬—ଏଥିରେ ପିଣ୍ଡଦାନ ଫଳ ଅସୀମ ଅଟେ, ସେ ଯେଣ ପାପୀମାନଙ୍କୁ ପବିତ୍ର କରେ ।

୭—ସେ ମଗଧ ଦେଶର ରାଜଧାନୀ ପୁଷ୍ପପୁର ଅଟେ । ପୁଷ୍ପପୁର (ଫୁଲରସ୍ଥାନ) କୁନ୍ତଳ (କେଶ) ର ଉପରେ, ଶୈଳ (ତଳାପଡ଼ ପୁର ଓ ଭାଗଲ) କାଞ୍ଚୀ (ପୁରୀ ଓ କଟିକିଙ୍କିଣି) ସହିତରେ ପୁଷ୍ପପୁରର ତଳ ଅଛନ୍ତି ।

୮—ରକ୍ଷପୁରୀ (ଲଙ୍କା) ସମାନ ନ ହେବାରୁ ଅପମାନରେ ବଦବଧ (ପୋଡ଼ି) ହୋଇଅଛି । ଅନ୍ୟ ନଗରମାନଙ୍କର ମୋହ (ଶ୍ରେଷ୍ଠତ୍ୱ) ତାହାକୁ ଲକ୍ଷ୍ୟନୁହେଁ ।

୯—ଏ ଛଦ୍ମ (କପଟ) କଥା ନୁହେଁ, ତାହାର ସଦ୍ମ (ଗୃହ) ସବୁ ରତ୍ନରେ ନିର୍ମିତ । ସେମାନଙ୍କର ଜ୍ୟୋତିରେ ଦିନରାତ୍ରି ଜଣା ପଡ଼ୁନାହିଁ, କେବଳ ପୁଷ୍କରିଣୀ ସ୍ଥିତ ପଦ୍ମ ସକାଶୁ ଦିନରାତ୍ରି ଜଣା ପଡ଼ୁଅଛି ।

୧୦—ଶିଳବାଡ଼ି (ଶିଳିତ କାନ୍ଥ) ସବୁ ନାନାପ୍ରକାର ରତ୍ନମାନଙ୍କର ଛବିକୁ

ଘନାଘନ ପ୍ରସ୍ତରକ । ଶୃଙ୍ଖଳୀ କୁଞ୍ଚିକା ପାଇ ।
ଜଡ଼ାଇ କାଳତରଙ୍ଗ । ଏମନ୍ତ ତର୍କି ହେ ॥ ୧୧
କନକ-କଳାପୀ ଶ୍ରମା । ସରିବେ ସାଞ୍ଜି ଲତୁମା ।
ଭୁବନ୍ତି ଯେ ଅପାରଣ । ସ୍ନାନ ପାରସ ଯେ ॥ ୧୨
ଦୋରଣା କବଅ ବହେ । ଶ୍ରୀସାଦର ଶଞ୍ଜିତ ସହେ ।
ବଲ୍ଲୀକରେ ଇନ୍ଦ୍ରଚାପ । କାନ୍ତ ସ୍ୱରୂପ ଯେ ॥ ୧୩
ମନ୍ଦିରେ ମଣ୍ଡପମାନ । ନଅ ପୁଷ୍ପକବିମାନ ।
ଘେନି ପୂର୍ଣ୍ଣଚନ୍ଦ୍ରକର । କି ଶୋଭାକର ଯେ ॥ ୧୪
ଗୃହେ ମଣିମୟ ଗୃହ । ବଳଭୀସ୍ତମ୍ଭ ପ୍ରବାଳ ।
ମହାରଜତ ରଜତ । ଦ୍ୱାର ନିର୍ମିତ ଯେ ॥ ୧୫
ମାଣିକ୍ୟ ମରକତ ମିଶା । ଚିତ୍ରୁଳୀ ଲତା ରଚନା ।
ଲତା ଗୁଳ୍ମଭାଳୀ । ଭିତ୍ତିରେ ଝଳ ଯେ ॥ ୧୬
କଳଶ ସ୍ୱର୍ଣ୍ଣ ବୈଦୂର୍ଯ୍ୟ । ପ୍ରକାଶମାନ ଶୁଭ ଉଚ୍ଚ ।
କି ଶୁକ୍ଳ ନୀଳ ପତାକା । ଏମନ୍ତ ଶଙ୍କା ଯେ ॥ ୧୭

---

ଧରିଥିବାରୁ ନଭ (ଆକାଶ) ପରି ଦିଶୁଅଛନ୍ତି । ତାହାର ଶ୍ରେଣୀ ବା ସେ ବନ୍ଧୁମାନଙ୍କ ଆଗରେ ଟେକିଛି ତେଲ ଦେଖାଉଛି ।

୧୧—ସେ ବାଟେ ପୃଥିବୀରେ ଯାଉଥିଲେ ନଗରର କନ୍ଦୁଅମାନଙ୍କ ଶାଖାରୂପ ହୋଇ ଦୌଡ଼ୁଥିବା ଲୋକମାନେ ଧରିଥିବା ବେଢ଼ାଇ ଜଡ଼ାଇଥିବା କାଳତରଙ୍ଗ (କାଗଜ ନିର୍ମିତ ଦୋଳି) ପରି ଜଣା ପଡ଼ୁଅଛି ।

୧୨—ସେ ନଗରର ଅଟ୍ଟାଳିକା ଉପରେ ବାହାର ଭଳିଥିବା ରମଣୀମାନେ ଜଳ-ଦେବେ ସାଜିଥିବା ଚନ୍ଦ୍ରଙ୍କୁ ଦେଖି ପାଦନ୍ତ୍ର ଟାଳିଥିବା (ଝଲକ ଥିବାରୁ) ଦର୍ପଣ ସମାନ ଦଣ୍ଡୁଅଛନ୍ତି । ଧାରଣ [ ଦର୍ପଣ ]

୧୩—କୋଠାବୁଜ ମାନଙ୍କରେ ନାନାପ୍ରକାର ରତ୍ନମୟ ତୋରଣମାନ ଟଙ୍ଗାହୋଇ ଥିବାରୁ ଇନ୍ଦ୍ରଧନୁ ଜନ୍ମିଲା ପରି ଦିଶୁଅଛି । ଏହା ଲୁକାଇବା ଇନ୍ଦ୍ରଧନୁ ଜନ୍ମିବା ସ୍ୱରୂପ ।

୧୪—ନଅଟି ନଗରର ମଣ୍ଡପ ସବୁ ପୁଷ୍ପକ ବିମାନପରି ପୂର୍ଣ୍ଣଚନ୍ଦ୍ରର (କୁବେର ଓ ପୂର୍ଣ୍ଣଚନ୍ଦ୍ରଙ୍କ ମଧ୍ୟରେ ଯେଉଁ )ମାନ ବହନ କରି ଶୋଭା ପାଉଅଛି ।

୧୫—ଗୃହମାନଙ୍କର ସ୍ତମ୍ଭ ସବୁ ମଣିରେ, ବଳଭୀସ୍ତମ୍ଭ ପ୍ରବାଳ (ପୋହଳା) ରେ ଦ୍ୱାରମାନ ମହାରଜତ (ସୁବର୍ଣ୍ଣ) ଓ ରଜତ (ରୁପା) ରେ ନିର୍ମିତ ।

୧୬—ସେ ଭିତ୍ତିରେ ମାଣିକ୍ୟ ଓ ମରକତ ମଣିର ମିଶା (ଜଡ଼ାଉ) କାର୍ଯ୍ୟଦ୍ୱାରା ଚିତ୍ରୁଳୀ, ଲତା, ଗୁଳ୍ମଭାଳ, ଝଳରେ ରଚିତ ହୋଇଅଛି ।

୧୭—ସ୍ୱର୍ଣ୍ଣ ଓ ବୈଦୂର୍ଯ୍ୟ ମଣି ନିର୍ମିତ କଳଶମାନଙ୍କର ତେଜ ପ୍ରକାଶ ପାଇ ଶୁକ୍ଳ ଓ ନୀଳବର୍ଣ୍ଣ ପତାକାର ଶଙ୍କା ଜନ୍ମାଉଅଛି ।

ନୀଳମଣି ସ୍ଫଟିକର । ଯହିଁ ପାବଚ୍ଛ ଚତ୍ବର ।
ମୁକ୍ତା ଗୁଚ୍ଛା ଗୁମ୍ବର । ବିତାନ ଭାର ଯେ ॥ ୧୮
କାଣି ବଦର ସଙ୍ଗତେ । ଶିଶୁ ଖେଳଣି କରନ୍ତେ ।
ମାତଙ୍ଗୀ ଯୋଗ୍ୟ ହୁଅନ୍ତି । ମାତଙ୍ଗ-ମୋତି ଯେ ॥ ୧୯
ଯହିଁ ଅବଗାହ ସର । ବାପୀଶ୍ରେଣୀ ମନୋହର ।
ତହିଁ ସ୍ନାନ କରି ସାରି । ସେ ପୁରନାରୀ ଯେ ॥ ୨୦
ପୁଚ୍ଛିଲେ କୁଟ୍ଟଣୀଗଣ । ନ ଦେଖାନ୍ତି ସମ୍ମୁଖ ।
ଅର୍ଦ୍ଧ ଢାଙ୍କେ ସ୍ତନ ଚାହିଁ । ଅଟଙ୍କ ବନ୍ଧ ଯେ ॥ ୨୧
ଅସିଲେ ପୁଲିନ୍ଦବାର । ମଧୁରବୃକ୍ଷ ଗୁମର ।
ବାରନ୍ଧ ବେଶ ଅନାଇ । ବେଗେ ଲୁଚାଇ ଯେ ॥ ୨୨
ରାଜା ନ ଶିବ ଏ ବ୍ୟଥା । ଜାଣି ପରସ୍ପର କଥା ।
ଭାଠ ବ୍ୟାଘ୍ର ନଖକୁଳ । ବାନ୍ଧବା ସ୍ଥଳ ତଳ ॥ ୨୩
ସେ ପାଟଳିପୁରପୁର । ନୃପତି ଧାତ୍ରିସାଗର ।
ବଂଶକରଣ ଲଭିଲ । ତାହାର ସୁତ ଯେ ॥ ୨୪

---

୧୮—ଯାହାର ଅଗଣାମାନଙ୍କର ପାଦାଚ ନୀଳମଣି ପ୍ରସ୍ତରରେ ନିର୍ମିତ; ଏବଂ ଗୁମ୍ବୁଜମାନ ମୁକ୍ତାଗୁଚ୍ଛା ଗୁମ୍ବରେ ଉଜ୍ଜ୍ୱଳ ଦେଖାଉଅଛି ।

୧୯—ସେଠାରେ ମାତଙ୍ଗ ମୋତି ( ଗଜମୁକ୍ତା ) ଏତେ ପଡ଼ିଥାଏ ଯେ ଶବରଣୀମାନେ ବରକୋଳି ସଙ୍ଗେ ଗୋଟାଇ ଆଣି ଥାଆନ୍ତି କିନ୍ତୁ ପିଲାମାନେ ବରକୋଳି କାଣି ସେ ମୁକ୍ତା ବାଛି ପକାଇ ଦିଅନ୍ତି । ସେ ମୁକ୍ତା କେବଳ ମାତଙ୍ଗୀ ( ଶବରଣୀ ) ମାନଙ୍କର ଘେନିବା ଯୋଗ୍ୟ ହୁଏ ।

୨୦।୨୧—ସେଠାରେ ଅନେକ ସ୍ନାନ ପୁଷ୍କରିଣୀ ହୋଇଅଛି । ତହିଁରେ ପୁରସ୍ତ୍ରୀମାନେ ସ୍ନାନ ସାରି ଆସିବାବେଳେ କୁଟଣୀମାନଙ୍କୁ "ଫଳୁଆ ଅଛି କି" ପଚାରିଲେ ସେମାନେ ଓଢ଼ଣା ଲୁଗା ମଧ୍ୟରେ ଦିଶୁଥିବା ସ୍ତନଙ୍କୁ ଚାହିଁ ତାହା ଅଟପେଣ୍ଡା ଫଳୁଅଛି ନିକଟସ୍ଥ ମଣି ବସ୍ତୁରେ ଦେଖାନ୍ତି ନାହିଁ ।

୨୨-୨୩—ପୁଲିନ୍ଦବାର ( ଭେଳାସମୂହ ) ମଧୁବୃକ୍ଷ ଓ ରସଁର ଅସିଥିଲେ କିନ୍ତୁ ସେ ସ୍ତ୍ରୀମାନଙ୍କର ଉନ୍ମୁକ୍ତ ବେଶ ଦେଖି ଶୀଘ୍ର ସେ ବୃକ୍ଷକୁ ଲୁଚାଇଲେ ଏବଂ ଏ ରାଜା ଶିବନାହିଁ ଏହାପରି ପରସ୍ପର କଥୋପକଥନ କରି ବ୍ରୁଷିତ ହୋଇ ଭାଠ, ଏବଂ ବାଘନଖ ବାନ୍ଧି କରିବାକୁ ବସିଲେ ।

୨୪—ସେ ପାଟଳିପୁର ନଗରର ରାଜା ଧାତ୍ରିସାଗର କୋଡ଼ିଏ ବର୍ଷ ବୟସରେ ପୁତ୍ର ଲାଭ କଲେ ।

ଏମନ୍ତ ସୁନ୍ଦର ଲକ୍ଷଣ । କାମଦେବ ତାହା ଦେଖଣ ।
ଅଛି ସୁନ୍ଦର ବୋଲାଏ । ପୌଣ୍ଡ୍ରୀକ ପ୍ରାୟେ ସେ ॥ ୨୫
ପୁଂସ ଲକ୍ଷଣେ ମକର- । କେତୁରେ ବହୁଛି ମାର ।
ପୁଷ୍ପକେତୁ ନାମ ସିଦ୍ଧ । ସେ ପୁଷ୍ପାୟୁଧ ସେ ॥ ୨୬
ଏମନ୍ତ ତସ ବୀରପଣେ । ଭୀମ ବୋଲି ଯେବେ ଶୁଣେ ।
ଯୋଦ୍ଧୃ ବୃନ୍ଦକୁ ନିନ୍ଦଇ । ଗଦା ଭାଙ୍ଗଇ ସେ ॥ ୨୭
ଭୈରବ ନ ସଧାଇଲେ । ଏମନ୍ତ ଠାଏ ଧାଇଁଲେ ।
ପଦାଙ୍କ ବନ୍ଧବ କେନ୍ଦ୍ର । ପାଞ୍ଚିଲେ ଏଣ୍ଡୁ ସେ ॥ ୨୮
ଶୁଣି ଧନୁର୍ଦ୍ଧର ପଣ । ଲଜ୍ଜ୍ୟ ଭାବିଲେ ଲକ୍ଷ୍ମଣ ।
ହୋଇଥିବ ଇନ୍ଦ୍ରଜିତ । ଅବଶ୍ୟ ଜାଣ ସେ ॥ ୨୯
କଣ୍ଠିପଣ ବ୍ୟାକରଣେ । ପାଣିନୀୟ ମନେ ଗୁଣେ ।
କରିବା ଏହା ସଙ୍ଗତ । ହେବ ବ୍ୟୁତ୍ପତ୍ତି ସେ ॥ ୩୦

---

୨୫—ସେ ପୁଣି ଏପରି ସୁନ୍ଦର ଯେଣୁ ସେ କନ୍ଦର୍ପ ତାହାଙ୍କ ରୂପ ଧରି ପୁଣ୍ଡରୀକରାଜାପରି ସୁନ୍ଦର ବୋଲାଉଅଛି । ପୌଣ୍ଡ୍ରକରାଜା ବାସୁଦେବଙ୍କ ପରି ହେବା ଇଚ୍ଛାରେ ତାଙ୍କ ସଦୃଶ ବେଶଭୂଷା ଧରି ଶେଷରେ ହାସ୍ୟାସ୍ପଦ ହୋଇ "ପୌଣ୍ଡ୍ରକ ବାସୁଦେବ" ନାମ ପାଇଥିଲେ ।

୨୬—ପୁରୁଷ ଲକ୍ଷଣ ମଧ୍ୟରେ ଶ୍ରେଷ୍ଠ ଲକ୍ଷଣ ମତ୍ସ୍ୟରେଖା ବକ୍ଷସ୍ଥଳଠାରେ ଥିବାରୁ ଜାଣି କାମ ନିଜ ପତାକାରେ ମକରଚିହ୍ନ ବହୁଛି । କୁମାରର ପୁଷ୍ପକେତୁ ନାମ ଜାଣି ସେ ପୁଷ୍ପାୟୁଧ ହୋଇଅଛି । ମକର ( ମତ୍ସ୍ୟ ) କେତୁ (ପତାକା) ଆୟୁଧ ( ଅସ୍ତ୍ର ) ।

୨୭—ସେ ବୀରପଣରେ ଏପରି ସେ ଯୋଦ୍ଧାମାନଙ୍କଠାରୁ ଭୀମ ବଳବାନ ବୋଲି ଶୁଣେ ସେମାନଙ୍କୁ ନିନ୍ଦାକରେ ଓ ଭୀମର ପ୍ରଧାନ ଅସ୍ତ୍ର ଗଦାକୁ ଅନାୟାସରେ ଭାଙ୍ଗି ପକାଏ ।

୨୮—ଭୈରବ ସାଧନା ନ କଲେ କିମ୍ବା ଏକ ପାଦରେ ଠିଆ ହୋଇ ଖଡ୍ଗଧାର ଚଲାନ୍ତି ଏହି କଥା ଯୋଗୀମାନେ ପାଞ୍ଚିଲେ ।

୨୯—ବୀରମାନେ ଏହାଙ୍କର ବାକ୍ୟ ଶୁଣି ଭାବିଲେ ଏ ଧନୁର୍ଦ୍ଧର ପଣରେ ଲକ୍ଷ୍ମଣଙ୍କ ପରି, ତେବେ ନିଶ୍ଚୟ ଇନ୍ଦ୍ରଜିତ ଜନ୍ମିଥିବ ।

୩୦—ବ୍ୟାକରଣ ଶାସ୍ତ୍ରର କଣ୍ଠି ପଣ ଏହାଙ୍କ ଜାଣି ପାଣିନୀୟ ( ବ୍ୟାକରଣ ରଚୟିତା ) ମନରେ ଭାବିଲେ ଏହାଙ୍କର ସଙ୍ଗତ କରିବା ତାହାହେଲେ ଆମ୍ଭର ବ୍ୟୁତ୍ପତ୍ତି ହେବ ।

ମୀମାଂସା ବେଦ ବେଦାନ୍ତେ । ଟୀକାପୁସ୍ତକ ଏ ସବେ ।
ଜୈମିନି ବ୍ରାହ୍ମଣ ବ୍ୟାସ । ପ୍ରଶଂସି ତୋଷ ଯେ ॥ ୩୧
କଲ୍ୟାଣେ କର ଅଞ୍ଜଳି । କରେ ଶ୍ରୁତି ପତଞ୍ଜଳି ।
ବୈଶେଷିକ ସାଂଖ୍ୟରେ । ସାକ୍ଷୀ ପ୍ରକାରେ ଯେ ॥ ୩୨
ଦେଖିଲୁଟେ ନ୍ୟାୟବନ୍ତ । ଏଥିଲୁଟେ ଜାଣେଁମନ୍ତ ।
ଅଳଙ୍କାର ଅଳଙ୍କାର । ଭୂଷ ପ୍ରକାର ସେ ॥ ୩୩
ତୁରଙ୍ଗାରୋହଣେ ଦୃଷ୍ଟି । ହେଳ କାଶ୍ୟପିକ କହି ।
ଦେଖନ୍ତୁ ଅଶ୍ୱୀୟ ସାଦ । ସପ୍ତି ସମାଧେ କପ ॥ ୩୪
ତେଡ଼ି ନ ଜାଣନ୍ତି ରଙ୍ଗ । ଏହାପରି ସୁରଙ୍ଗ ।
ହୟ ହସ୍ତୀ ନାହିଁ ମିଳ । ଅସନ ଭଳ ଯେ ॥ ୩୫
ସୁମେରୁ ଦାନକୁ ଯୋଗ୍ୟ । କରି ହେଲା ଦେବାଳୟ ।
ତେଣୁ ଏହି ଶବେ । ମହାଧାର୍ମିକ ଏ ॥ ୩୬

---

୩୧—ଜୈମିନି ( ମୀମାଂସା ଶାସ୍ତ୍ର ପ୍ରଣେତା ) ବ୍ରାହ୍ମଣ ( ବେଦ ପ୍ରଣେତା ବ୍ରହ୍ମା ) ବ୍ୟାସ ( ବେଦାନ୍ତ ପ୍ରଣେତା ) ଏମାନେ ନିଜ ନିଜ ଶାସ୍ତ୍ରମାନଙ୍କର ଟୀକା ପୁସ୍ତକ ବୋଲି ଏହାଙ୍କୁ ପ୍ରଶଂସା କରି ତୁଷ୍ଟ ହେଲେ ।

୩୨—ପତଞ୍ଜଳି ( ଯୋଗ ଶାସ୍ତ୍ର ପ୍ରଣେତା ) ରାଜକୁମାରଙ୍କୁ ନିଜ ଶାସ୍ତ୍ରରେ ପ୍ରବୀଣ ଦେଖି ସନ୍ତୁଷ୍ଟ ହୋଇ କଲ୍ୟାଣ କରିବାକୁ ହାତ ଅଞ୍ଜଳି କରନ୍ତି । ବୈଶେଷିକ ( କଣାଦମୁନି ପ୍ରଣୀତ ଦର୍ଶନ ) ରେ ଏବଂ ସାଂଖ୍ୟ ( କପିଳମୁନି ପ୍ରଣୀତ ଦର୍ଶନ ) ରେ ସାକ୍ଷୀ ସ୍ୱରୂପ ।

୩୩—ଭୂଷ ମଣ୍ଡଳର ନ୍ୟାୟବାନ ( ନ୍ୟାୟ ଶାସ୍ତ୍ରଜ୍ଞ ) ଓ ବାଗ୍ମୀଗଣଙ୍କ ଏଥିପାଇଁ ମନ୍ତ୍ର ମନ୍ତ୍ର ( ଗୁପ୍ତ ବାଗ୍ମୀର ଓ କୁହୁକ ବିଦ୍ୟା ) କୁ ଜାଣନ୍ତି । ଅଳଙ୍କାର ( ଭୂଷଣ ଧର୍ମ ) ଏବଂ ଅଳଙ୍କାର ଶାସ୍ତ୍ର ଜାଣନ୍ତି, ଅଥବା ଅଳଙ୍କାରର ଅଳଙ୍କାର ସୌନ୍ଦର୍ଯ୍ୟରେ ( ଭୂଷଣର ଭୂଷଣ ) ଏବଂ ଅଳଙ୍କାର ଶାସ୍ତ୍ରର ଅଳଙ୍କାର ( ଭୂଷଣ ସ୍ୱରୂପ ) ।

୩୪—ଏହାର ଅଶ୍ୱାରୋହଣ ଦେଖି ହେଳ ( ସୂର୍ଯ୍ୟ ) କାଶ୍ୟପିକ ( ସାରଥି ) ଅରୁଣଙ୍କୁ କହିଲେ, ସପ୍ତି ସମାଧ ( ଚଢା ) କପର ଅଶ୍ୱୀୟ ସାଦ ( ଅଶ୍ୱାରୋହୀ ) ଦେଖ ।

୩୫—ସୁରଙ୍ଗ ( ଦେବରଙ୍ଗ ) ମଧ୍ୟ ଏହାଙ୍କପରି ହାତୀ ଚଢି ଜାଣନ୍ତି ନାହିଁ, ଏହାଙ୍କର ଅସନ ସମାନ ଘୋଡ଼ା ହାତୀ ମିଳନ୍ତି ନାହିଁ । ହୟ (ଘୋଡ଼ା) ।

୩୬—ସୁମେରୁ ପର୍ବତ ଏହାଙ୍କର ଦାନକୁ ଯୋଗ୍ୟ କରି ଦେବତା ମାନଙ୍କର ବାସ ସ୍ଥାନ ହୋଇ ଅଛି, ଏହି ବାସ୍ତବ ଜାଣୁଅଛି, ଏ ଅତ୍ୟନ୍ତ ଧାର୍ମିକ ।

ଯାହାର କୀରତି-ସୁଧା । ଧବଳ ସାରି ବସୁଧା ।
ହଂସ ହୋଇଲା ମାନସେ । କ୍ରୀଡ଼ା ମାନସେ ଯେ ॥ ୩୭
ସେ ପୁଣି କ୍ଷୀର ହୋଇଲା । ବ୍ରହ୍ମାଣ୍ଡ-ଖଣ୍ଡ ପୂରିଲା ।
ଶ୍ରୁତି-ମୁଖରେ ପିଇଣ । ପୁଷ୍ଟ ମାର୍ଗଣ ଯେ ॥ ୩୮
ବୀଣା ଶ୍ରବଣେ ନାରଦ । ସନ୍ତୋଷେ ହେଲେ ବରଦ ।
ହେଉ ତବ ମନୋହାରୀ । ଧବ୍ୟ ସୁନ୍ଦରୀ ଯେ ॥ ୩୯
ଯା'ଙ୍କୁ ଭୁବ ଲୋଚନ । ଦେଖି ନ ଥିବ ସ୍ୱପନ ।
ଏରୂପ କଳ୍ପନା ହୋଇ । ସମ୍ଭବ ଯେଣୁ ଯେ ॥ ୪୦
ଅଳୀକ କଳପନା । ନୋହେ ଯେଣୁ ସୁଲପନା ।
କଳ୍ପ କଳ୍ପ କଳ୍ପ ହୋଇ । ଯାହା ଧ୍ୟାଇ ଯେ ॥ ୪୧
ଋଷି କହି ତିରୋହିତ । ଶଶି ଶୂନ୍ୟଙ୍କୁ ତ୍ୱରିତ ।
ମିଳେ ଅଦ୍ଭୁତ ପୁରୁଷ । ମସ୍କରୀ ବେଶ ଯେ ॥ ୪୨
କୁମାର ପ୍ରଣାମ୍ୟ ଶେଷେ । ଦର୍ଭାସନ ଦାଇ ବସେ ।
ସେ ବୀର ସମ ବୟସ । ହେଲା ବୟସ୍ୟ ଯେ ॥ ୪୩
ଚନ୍ଦ୍ରାନନ୍ଦ ଯଶୋଚନ୍ଦ୍ର । ପୁରୋହିତ ମନ୍ତ୍ରୀ-ସୁତ ।
ପୁଚ୍ଛିଲେ କାହିଁ ଆଗତ । କେଉଁ ତପୋବନୁ ଯେ ॥ ୪୪

---

୩୭---ଯାହାଙ୍କର କୀର୍ତ୍ତିସୁଧା ସମସ୍ତ ପୃଥିବୀକୁ ଧବଳ ବର୍ଣ୍ଣ କରି ଦେଇ କ୍ରୀଡ଼ା କରିବା ମାନସରେ ମାନସରେ ( ଲୋକ ମାନଙ୍କ ମନୋରୂପକ ମାନସ ସରୋବରରେ ) ହଂସ ସ୍ୱରୂପ ହେଲା ।
୩୮—ପୁଣି ସେହି କୀର୍ତ୍ତି କ୍ଷୀର ( ଦୁଗ୍ଧ ) ହୋଇ ବ୍ରହ୍ମାଣ୍ଡ ଭାଣ୍ଡରେ ପୂରିଗଲା, ମାର୍ଗଣ ( ଯାଚକ ) ମାନେ ତାହାକୁ କର୍ଣ୍ଣରେ ପାନକରି ପୁଷ୍ଟ ହେଲେ ।
୩୯—ନାରଦ ତାହାଙ୍କର ବୀଣା ବାଦ୍ୟ ଶୁଣି ପ୍ରୀତ ହୋଇ "ତୁମ୍ଭର ଧବ୍ୟସୁନ୍ଦରୀ ଲାଭ ହେଉ" ଏହି ବର ଦେଲେ ।
୪୦—ଭୁବଲୋଚନ ( ବ୍ରହ୍ମା ) ଯାହାପରି ସୁନ୍ଦରୀ ସ୍ୱପ୍ନରେ ସୁଦ୍ଧା ଦେଖି ନ ଥିବେ ଏପରି ନାରୀ ଯେ କି ବ୍ରହ୍ମାଙ୍କର କଳ୍ପନାରେ ସମ୍ଭବିଛି ।
୪୧—ସେହି ସୁଲପନା ( ସୁନ୍ଦର ବଦନା ) ଅଳୀକ କଳ୍ପନାରେ ହୋଇନାହିଁ ; ବ୍ରହ୍ମା କଳ୍ପ ଏ ଧ୍ୟାନକରି ଯାହାକୁ ସୃଷ୍ଟି କରି ଅଛନ୍ତି ।
୪୨—ଦେବର୍ଷି ନାରଦ ଏହା କହି ଅନ୍ତର୍ହିତ ହୁଅନ୍ତେ ସୂର୍ଯ୍ୟଙ୍କୁ ଏବଂ ଅଦ୍ଭୁତ ପୁରୁଷ ମସ୍କରୀ ( ସନ୍ନ୍ୟାସୀ ) ବେଶ ଧରି ପହଞ୍ଚିଲେ ।
୪୩—୪୪—କୁମାର ତାହାଙ୍କୁ ପ୍ରଣାମ କରି ଦର୍ଭ ଆସନରେ ବସାଇଲେ । ସେ ବୀରଙ୍କର ସମବୟସ୍କ ହୋଇ ସଖା ଯେ କି ପୁରୋହିତପୁତ୍ର ଚନ୍ଦ୍ରାନନ୍ଦ ଏବଂ ମନ୍ତ୍ରୀପୁତ୍ର ଯଶୋଚନ୍ଦ୍ର ଏ ଦୁହିଁଜଣ ସେ ତପୋବନରୁ କାହିଁ ଆସିଲ ବୋଲି ପଚାରିଲେ ।

କହୁଥିଲେ ସେ ପରିବ୍ରାଟ । ମଠ ଗଡ଼ସର ତଟ ।
ଏ ବାଳ ଗୁଣୀ ପ୍ରକଟ । ହୋଇଲେ ଭେଟ ସେ । ୪୫
ଜାଣି ବହୁତ ମେଳାର । ଏଣୁ ସେ ପାଇ ଆଦର ।
ବସିଲେ ତାହାଙ୍କ ସଙ୍ଗେ । ଅଣୁଧି ରଙ୍ଗେ ଯେ । ୪୬
କଠିନ ଦୋଷ ହରଣ । ସିଲାକୁ ଅବଳା କଲ ।
ସେ ପଦ-ପ୍ରସାଦେ ପଦ । ସ୍ଫୁରିଲେ ମୋର ମୁଁ । ୪୭
ଭୃତେନ୍ଦ୍ର ଭଞ୍ଜ କବି । ଶିବରେ ଚିତ୍ତରେ ଭାବି ।
ହୋଇବ ଅର୍ଥେ ସରସ । ନୋହିବ ଦୋଷ ଯେ । ୪୮

---

# ପଞ୍ଚମ ଛାନ୍ଦ

( କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ଶୋଭା,
ଯଶ ପ୍ରକାଶ ଏବଂ ସଖୀ ପ୍ରାପ୍ତି ବିଷୟ ବର୍ଣ୍ଣନ )

ରାଗ—ଗୁଜ୍ଜରୀ

ଯେଉଁ ଯତ୍ନବଳାକ ଧର । ଧରଣୀ ହୋଇଲା ଭଙ୍ଗୁର ।
ତନୁ ତାର ମାପ ପ୍ରମାଣ । ଅଦ୍ଭୁତରେ ସେ ନିର୍ମାଣ ।୧।

---

୪୫—ସେ ପର୍ଯ୍ୟଟନଶୀଳ ସନ୍ୟାସୀ କହୁଥିଲେ, ଆମ୍ଭର ମଠ ଗଡ଼ସରଖଣ୍ଡରେ ଏ ବାଳକଙ୍କର ଗୁଣ ଗୁଣଅଟେ ପ୍ରକଟ ହେବାରୁ ଏହାଙ୍କୁ ଭେଟିବା ପାଇଁ ଆସିଲୁ ।

୪୬—ଆମ୍ଭେ ବହୁତ ମେଳାର ବିଷୟ ଜାଣୁ, ଏଣୁ ସେ ବହୁତ ଆଦର ପାଇ ବସି ଖେଳରେ କୁମାରଙ୍କ ସଙ୍ଗରେ ବସୁଥିଲେ ।

୪୭—ଯେଉଁପଦ କାଠିନ୍ୟ ଦୋଷ ହରଣକରି ପଥରକୁ ସ୍ତ୍ରୀ କରିଥିଲେ, ସେହିପଦ ପ୍ରସାଦରୁ ମୋହର ଏ ପଦମାନ ସ୍ଫୁରିଲା । ତେଣୁ ମୁଁ ଆନନ୍ଦିତ ହେଲି । ମୋଦ (ଆନନ୍ଦ) ।

୪୮—ଭୃତେନ୍ଦ୍ରଭଞ୍ଜ କବି ସର୍ବଦା ମନରେ ଭାବନ୍ତି ଯେ ମୋହର କବିତାମାନ ଅର୍ଥରେ ସରସ ହେବ ଏବଂ ଦୋଷ ରହିବ ନାହିଁ ।

---

୧—ଯେଉଁ ସୁନ୍ଦରୀଙ୍କ ଧରଣୀ ( ପୃଥିବୀ ) ଧରି ଭଙ୍ଗୁର, ଯାହାର ତନୁ ( ଶରୀର ) ମାପହେଲା ପ୍ରାୟ ( ସେମାନଙ୍କର ସେତିକି ହେବାର କଥିତ ତଦନୁରୂପ ) ସେ ଅସ୍ତୁର୍ଣ୍ଣଭାବରେ ନିର୍ମିତ ହୋଇଅଛି ।

ସେ କଳାନିଧି କଳା ବୃଦ୍ଧି । କରନ୍ତେ ବାଲ୍ୟରୁ ଅବଧି ।
ଯୌବନେ ପୂର୍ଣ୍ଣତା ପାଇଲା । ଲକ୍ଷ୍ମଣେ ମହତ ବଳିଲା ॥ ୨
ସେ ବଶୀକରଣ ତ୍ରିବିଧି । ପ୍ରକାଶେ ହାସ ଅଉଷଧି ।
ମୋହନ-ମନ୍ତ୍ର-ମୃଦୁ-ବାଣୀ । ବୋଲନ୍ତି ରମଣୀଙ୍କ ମଣି ॥ ୩
ନବବୟସ ସଙ୍ଗେ ମେଳ । ହୋଇ ହେବାରୁ କୋଳାକୋଳ ।
ଶୋଭା ପ୍ରଭାଏ ଭିଡ଼ାଭିଡ଼ି । ହରଷ ରସ ଜଡ଼ାଜଡ଼ି ॥ ୪
ଭାବ ଲାଜ ଏ କସାକସି । ହାବ ନୟନ ମିଶାମିଶି ।
ଲୀଳା ବିଳାସ ବଳିଗଲେ । ପ୍ରସନ୍ନ-ସାଗର ଉଛୁଳେ ॥ ୫
ନୋହେ ଯୋଗୀଏ ହେଲେ ଚାହିଁ । ପଲକ ଝପିଯିବ ନାହିଁ ।
ଭୁଲାଇବେ ସେ ଗୁଣି ଜ୍ଞାନ । ବଢ଼ାଇ ଯାହାର ଏସନ ॥ ୬
ଜଗତ୍-ବିଳାସରେ ଥାଇ । ଜଗତ ବିଳାସକୁ ଦେଇ ।
ଏସନ କାନ୍ତିସମୂହକୁ । ଯେ ସ୍ତୁତେ ଭଜେ ରସ ମୋହକୁ ॥ ୭

---

୨—ସେ ସୁନ୍ଦରୀ ବାଲ୍ୟ କାଳରୁ ଆରମ୍ଭ କରି ଚନ୍ଦ୍ରଙ୍କ ପରି କଳାଏ କଳାଏ ବଢି ବଢି ଯୌବନରେ ପୂର୍ଣ୍ଣ ହେଲା । ପୂର୍ଣ୍ଣ ହେବାରୁ ଚନ୍ଦ୍ର ଯେପରି ଲକ୍ଷ୍ମଣ (କଳଙ୍କକୁ) ବହୁଥାଆନ୍ତି ସେହିପରି ଏ ଉତ୍ତମ ଚିହ୍ନସବୁ ବହନ କଲା ।

୩—ଏ ସୁନ୍ଦରୀ ତ୍ରିବିଧ ବଶୀକରଣର ଉପାୟ ( ଔଷଧ, ମନ୍ତ୍ର ଓ ମଣି ) । ସୁନ୍ଦରୀର ହାସ ଔଷଧ, କୋମଳବାକ୍ୟ ମୋହନ ମନ୍ତ୍ର ନିଜେ ରମଣୀମାନଙ୍କ ମଧ୍ୟରେ ମଣି ।

୪—ନବବୟସ (ଯୌବନ) ସହିତ ମିଶି କୋଳାକୋଳି ହେବାରୁ ଶୋଭା, ( ସୌନ୍ଦର୍ଯ୍ୟ ) ପ୍ରଭା ( ଦୀପ୍ତି ) ଦୁହେଁ ଭିଡ଼ାଭିଡ଼ି ହେଲେ, ହର୍ଷ ( ଆନନ୍ଦ ) ରସ (ଶୃଙ୍ଗାର) ଦୁହେଁ ପରସ୍ପର ଜଡ଼ି ରହିଲେ ।

୫—ମନୋଗତ ଭାବ ଓ ଲଜ୍ଜା ଏ ଦୁହେଁ କସାକସି ହେଲେ । ହାବ, ବକ୍ରଦୃଷ୍ଟି, (ଭ୍ରୂଭଙ୍ଗାଦି ବିକାର, ) ଓ ନୟନ ଏ ଦୁହେଁ ମିଶାମିଶି ହେଲେ । ଲୀଳା ( ଶୃଙ୍ଗାର ଭାବଜାତ ଚେଷ୍ଟା ) ଓ ବିଳାସ ( ଅଙ୍ଗଭଙ୍ଗି ) ଏ ଦୁହେଁ ଏକାପ୍ରକାର ହୋଇଗଲେ ପ୍ରସନ୍ନ ରସ ସାଗର ଉଚ୍ଛୁଳି ପଡ଼େ ।

୬—ଯେଉଁ ସୁନ୍ଦରୀ ଏପରି ବଢ଼ାଇ ଦେ ଯେବେ କୌଣସି ପ୍ରକାର ଯୋଗୀମାନେ ତାହାକୁ ଚାହିଁବେ ତେବେ ସେମାନଙ୍କର ପଲକ ଆଉ ପଡ଼ିବ ନାହିଁ । ସେମାନେ ଜ୍ଞାନ ହରାଇବେ ।

୭—ଜଗନ୍ନାଥ ବିଳାସରେ (ଅଟ୍ଟାଳିକା ବିହାରରେ) ରହି ଜଗତକୁ ଆନନ୍ଦ ପ୍ରଦାନ କରେ, ଏପରି ତାହାଙ୍କର କାନ୍ତି ଯେଉଁମାନେ ସ୍ତୁତନ୍ତି ସେମାନେ ମୁଗ୍ଧ ହୁଅନ୍ତି ।

କମ୍ବୁ ଡମ୍ବରୁ ବାସ୍ତୁ ଶିବେ । ତାଣ୍ଡି କା କରନ୍ତୁ ଏବେ ।
ଯୌବନ କୁଟଜ କୁଚ ହେଲା । କାମ-ହେମ-ଯନ୍ତ୍ର-ପିତୁଳା ॥ ୮

ସେ ଯେଣୁ ନିଜ ଧୈର୍ଯ୍ୟ ବାଧ । ଏକ ଶପୂନ ସିନ୍ଧୁ ମଧ୍ୟ ।
ଏକ କୃତ୍ତିକି ଯୋଡ଼ି ହେଲେ । ତାକୁ ଲୁଚାଇ ସେ ଲୁଚିଲେ ॥ ୯

ମୁଖ ଛବି ଧ୍ୟାନରେ ଲୀନ । ସଙ୍କୋଚେ ନଳିନ ମଳିନ ।
ଦିନାନ୍ତେ ଭଜିଲା ସେ ସ୍ମୃତି । ନିତି ନିତି ଘଟେ ସେ ସ୍ଥିତି ॥ ୧୦

ଚତୁର-ମୁଖ-ଯେ ଚତୁର । ଜାଣିଲା ଆସନରୁ ତାର ।
ଏବେ ଲକ୍ଷଣକୁ ଖୋଜେ । କୋଟିବ୍ରହ୍ମାଣ୍ଡସୁନ୍ଦରୀ ସେ ।

ନିଜ ବାହନ-ଦୁହିତାକୁ । ଦେଲା ସେ ମାନବୀ ମୂର୍ତ୍ତିକି ।
ନାମ ତା ଦେଲା କାଦମ୍ବିନୀ । କହେ ସାଉସେ ନୀଅ ଘେନି ॥ ୧୨

ସେ କନ୍ୟା ସଖୀ ଏ ହୋଇବ । ମାଙ୍କଲ୍ୟା ଭେଟ କରାଇବ ।
ସେ ବେନି କରନ୍ତେ ଗମନ । ମାର୍ଗରେ ଦେଖନ୍ତି ଏମାନ ॥ ୧୩

---

୮—ସୁନ୍ଦରୀର କଣ୍ଠ ଶଙ୍ଖ ଅପେକ୍ଷା ସୁନ୍ଦର ହେବାରୁ କଟି ମଧ୍ୟ ଡମ୍ବରୁ ଅପେକ୍ଷା ଅଧିକସରୁ ହେବାରୁ ଦୁହେଁ ଅର୍ଥାତ୍ କମ୍ବୁ (ଶଙ୍ଖ) ଶ୍ରୀକୃଷ୍ଣଙ୍କ, ଡମ୍ବରୁ ମହାଦେବଙ୍କ ଜଣାଇଲେ "ଏ ସୁନ୍ଦରୀ ଯୌବନ କୁଟଜରେ କୁଚହୋଇ କାମଦେବଙ୍କର ସୁବର୍ଣ୍ଣ ଯନ୍ତ୍ରରେ ନିର୍ମିତ ପିତୁଳାପରି ଦିଶୁଅଛି" ।

୯—ସେ ଦୁହେଁ ଏହା ଶୁଣି ନିଜ ଧୈର୍ଯ୍ୟର ବାଧା ଘଟିବାର ଜାଣି, ଜଣେ (ଶ୍ରୀକୃଷ୍ଣ) ସମୁଦ୍ରରେ, ଅନ୍ୟ ଜଣେ ବାଘଚର୍ମରେ ପଶି ସେ କମ୍ବୁ ଓ ଡମ୍ବରୁକୁ ଲୁଚାଇ ନିଜେ ଲୁଚି ରହିଲେ । କୃତ୍ତି (ବ୍ୟାଘ୍ରଚର୍ମ)

୧୦—ନଳିନ (ପଦ୍ମ) ଦିନଯାକ ଏହାଙ୍କର ମୁଖଛବି ଧ୍ୟାନ କରି କରି ଦିନଶେଷରେ ମଳିନ ହୋଇ ସଙ୍କୁଚିତ ହେଲା, ସେହି ଭଳି ପ୍ରତିଦିନ ସେହି ଦିନ ଶେଷରେ ମଳିନ ହୋଇ ସଙ୍କୁଚିତ ହେଉଅଛି ।

୧୧—ଚତୁର ମୁଖ (ବ୍ରହ୍ମା) ଚତୁର ନିଜ ବାହନଠାରୁ (ହଂସଠାରୁ) ଜାଣିଲେ ଯେ ସେ କୋଟିବ୍ରହ୍ମାଣ୍ଡସୁନ୍ଦରୀ ଏବେ ଲକ୍ଷଣକୁ ଖୋଜୁଅଛି ।

୧୨—ନିଜ ବାହନ-ଦୁହିତାକୁ (ହଂସ କନ୍ୟାକୁ) ମାନବୀ ମୂର୍ତ୍ତିଦେଲେ, ତାହାର ନାମ କାଦମ୍ବିନୀ ଦେଇ ହଂସକୁ କହିଲେ ନେଇଯାଅ ।

୧୩—ଏ, ସେ କନ୍ୟାର ସଖୀହେବ, ମାଙ୍କଲ୍ୟା (ଏକ ତପସ୍ୱିନୀ) ଭେଟ କରାଇଦେବ । ସେ ଦୁହେଁ ଗମନ କରନ୍ତେ ମାର୍ଗରେ ଏହିସବୁ ଦେଖିଲେ ।

ଘୋଟ-ମୁଖ ଅଶ୍ୱିନୀ-ସୁତ । ଶଶୀ ମାରୁଛନ୍ତି ହୃଦେ ହାତ ।
ମଘବା ମୁକୁରକୁ ଚାହିଁ । ହରଷ ବରଷ ଦୁଅଇ ॥ ୧୪
ଲୁଚିଛି ଥାଏ ଚୋରାହେ ମରୁତ । ଭାବି ମୁଁ ଦିତୀ ଗର୍ଭଜାତ ।
କାବେଶ କୁବେରର ତନୁକୁ । ନୈର୍ଋତ ଚାହେଁ ଆସନକୁ ॥ ୧୫
ଦିନ ନେଉଛନ୍ତି ମ୍ଳାନ ହୋଇ । ଯମ ପଦରେ ଲମ୍ବି ଦେଇ ।
ବରୁଣ ପାଶେ ଦେଇ ଦୃଷ୍ଟି । ଏ ବୁଦ୍ଧି ହେବ ବୋଲି କଷ୍ଟି ॥ ୧୬
ସଙ୍କ୍ରାନ୍ତି ଦକ୍ଷିଣାୟନେ । ତଥା ସେ ବେନି ବିରୋଚନେ ।
ବଢ଼ାଇବାରୁ ଏ ତେଜମାନ । ହେଲେ ସିନା ବିରୋଚନ ॥ ୧୭
କୁମାରେ ଏହି ଚିନ୍ତା ଘୋର । ସ୍ୱବଶୁ କମ ଶୋଭା ମୋର ।
ଅନ କି ରୂପମା ସେ ଯୋଗ୍ୟା । ଜାନକୀ ରୂପକୁ ସଦୃଶା ॥ ୧୮
ଗଙ୍ଗା କେ ନଦୀ ଦନ୍ତୀଙ୍କରୁ । ଦନ୍ତୀରେ ଆଦର ନ କରୁ ।
ସେହି କପାଳ କର୍ମେ ହେଲି । ମାଳୀ ଘେନି ଗଣେଶ ଭାଳି ॥ ୧୯

---

୧୪—ଅଶ୍ୱିନୀକୁମାର ଘୋଡ଼ାମୁହାଁ ହୋଇଥିବାରୁ ଦୁଃଖିତ ହେଲେ, ଚନ୍ଦ୍ର ନିଜର କଳଙ୍କ ଥିବା ଜାଣି ହୃଦୟରେ ମାରୁଥିଲେ । ଇନ୍ଦ୍ର ଦର୍ପଣରେ ନିଜକୁ ଚାହିଁ ସହସ୍ରନୟନରେ ସୁନ୍ଦରୀର ରୂପ ଦେଖିପାରିବେ ଭାବି ଆନନ୍ଦିତ ହେଲେ । ସହସ୍ର ନେତ୍ର ହେତୁ ବିରୂପ ଭାବି ବିମୁଖ ହେଲେ ।

୧୫—ମରୁତ ( ବାୟୁ ) ଅସୁର ମାତା ଦିତୀଙ୍କ ଗର୍ଭରୁ ଜନ୍ମିଥିବାରୁ ଦେବତାମାନଙ୍କ ଅସ୍ପୃଶ୍ୟ ହୋଇ ବ୍ୟାକୁଳ ହେଉଅଛନ୍ତି । କୁବେର ଯାଦୁଆ ହୋଇଥିବାରୁ ନିଜ ଶରୀରକୁ ଚାହିଁଲେ, ନୈର୍ଋତ ଶବ ବାହନ ହେତୁ ନିଜ ଆସନକୁ ଚାହିଁଲେ ।

୧୬—ଯମ ଚୋଦର ହୋଇ ଚୋଡ଼ରେ ଲମ୍ବିଦେଇ ଅତି ଦୁଃଖରେ ଦିନ ଯାପନ କଲେ, ବରୁଣ ପାଶ ଅସ୍ତ୍ରରେ ଦୃଷ୍ଟିଦେଇ ଭାଳେ ତାହାର ଏ ବୁଦ୍ଧିହେବ ଏହା ଭାବି କଷ୍ଟ ପାଉ ଅଛନ୍ତି ।

୧୭—ଦକ୍ଷିଣାୟନ ସଙ୍କ୍ରାନ୍ତି ହେଲେ ଦୁଇ ବିରୋଚନ ( ସୂର୍ଯ୍ୟ ଓ ବାଡ଼ବାଗ୍ନି ) ଏପରି ପ୍ରଚଣ୍ଡ ତେଜ ବଢ଼ାଇବାର କଥା ଥିବାରୁ ବିରୋଚନ ( ଅସୁରଙ୍କର ) ହେଲେ ।

୧୮—କୁମାରଙ୍କୁ ଏହି ଘୋର ଚିନ୍ତା ହେଲା ଯେ ସ୍ୱବଂଶଠାରୁ ମୋହର ଶୋଭା କମ, ଅନ୍ୟ କି ରୂପମାନେବା ସେ ସୁନ୍ଦରୀ ସୀତାଦେବୀଙ୍କପରି ।

୧୯—ଐରାବତ ହସ୍ତୀ ଗଙ୍ଗାଙ୍କୁ ବିବାହ ହେବାପାଇଁ ଆଶାୟୀ ହୋଇ ପଛ ଧାଇଁ ଗଲେ ତଥାପି ଗଙ୍ଗା ତାଙ୍କୁ ଆଦର କଲେ ନାହିଁ । ମୁଁ କର୍ମବଶରୁ ହସ୍ତୀମୁଖ ହେଲି, ଗଣେଶ ମାଳୀ ଘେନି ଏହି କଥା ଭାବିଲେ ।

ଅନ୍ୟ ଦେବତାମାନେ ଭ୍ରାନ୍ତ । ଅମ୍ଭେ ତ ଏମାନଙ୍କ ଭୃତ୍ୟ ।
ଏମନ୍ତ ହେଲେ ଲୋକତ୍ରୟ । ନ ଚେତେ ଜ ହୃଦୟ-ମାଳୟ ॥ ୧୦
ବିରହ ନାମରେ ବହ୍ନି । ମନୁ ଜନମି ତାହା ଦହି ।
ସନ୍ତାପ ଅଙ୍ଗେ ଜାତ ହୋଇ । ମଦନ ଜ୍ୱର ସେ ବୋଲାଇ ॥ ୧୧
ବଢ଼ାଇ ତୃଷ୍ଣା ଅତ୍ୟନ୍ତ । ଦାହ-ଜନିତ ଅପ୍ରମେୟ ।
କଣ୍ଠ କପାଳେ ଦେଇ ସ୍ୱେଦ । କମ୍ପ କ୍ଷଣ କ୍ଷଣେ ତେମନ ॥ ୧୨
ନ ଲଭେ ଦେଖିଲେ ବେଳେ ନାଡ଼ି । ପ୍ରଲାପ କାଳ ଘଡ଼ି ଘଡ଼ି ।
ଫୁଟିଲି ତନୁ ଖରଶ୍ୱାସ । ପାଣ୍ଡୁର କରଇ ଅଶେଷ ॥ ୧୩
ତା ଦେଖି କହୁ ହେଲା ହଂସ । ନବୈଦ୍ୟ-ବ୍ୟାଧିକି ଯା ରସ ।
ସେହି ଭୂର୍ଜିତ ଏହାଙ୍କର । ଶଣ୍ଟିଲେ ଏରମ୍ଭ ଅହାର ॥ ୧୪
କାଏ ଖୁଣ୍ଟିଲି ସୁତା ତାର । କହେ ଶ୍ୱେତ ଗରୁଡ଼ବର ।
ପ୍ରେମମଞ୍ଜରୀ ବାଳା ନାମ । ଅଙ୍କୁରାଏ ଚିତ୍ତରେ ପ୍ରେମ ॥ ୧୫

---

୧୦—ଅନ୍ୟ ଦେବତାମାନେ ଭ୍ରାନ୍ତିରେ ଅମ୍ଭେମାନେତ ଏମାନଙ୍କ ଭୃତ୍ୟ, ଅମ୍ଭେ ବା କଣ ପାରିବା, ତଥାପି ଲୋକ ହୃଦୟକୁ ଛାଡ଼େନା ।

୧୧—ବହ୍ନି ( ଅଗ୍ନି ) ବିରହ ନାମରେ ମନରୁ ଜନ୍ମି ମନକୁ ପୋଡ଼ୁଥାଏ । ତାହାର ସନ୍ତାପ ଶରୀରରେ ଜାତ ହେବାରୁ ମଦନ ଜ୍ୱର ନାମରେ କଥିତ ହୁଏ ।

୧୨—ସେ ବିରହ ଜ୍ୱରରେ ଅତ୍ୟନ୍ତ ତୃଷା ବଢ଼େ, ଅପରିମିତ ଦାହ ଜନ୍ମେ, କଣ୍ଠ ଓ କପାଳରେ ସ୍ୱେଦ ଦିଏ, କ୍ଷଣେ କ୍ଷଣେ କମ୍ପ ଜାତ ହୁଏ ।

୧୩—ଦେଖିଲେ ବେଳେ ନାଡ଼ି ମିଳେନା, ଘଡ଼ି ଘଡ଼ି ପ୍ରଳାପ କରନ୍ତି, ଖରନିଶ୍ୱାସ ବହେ, ଜ୍ୱରରୁ ପାଣ୍ଡୁରୋଗ ଜନ୍ମିଲାପରି ଦେବତାମାନଙ୍କର ଦେହ ବିରହରୁ ପାଣ୍ଡୁରବର୍ଣ୍ଣ ହୋଇ ବିବର୍ଣ୍ଣ ହେଲା ।

୧୪—ତାହା ଦେଖି ହଂସ କହୁ ହେଲା ଏ ନବୈଦ୍ୟବ୍ୟାଧିକି ( ଅସାଧ୍ୟରୋଗକୁ ) ଉପଶମ କରିବା ପାଇଁ ଯେଉଁ ସୁନ୍ଦରର ରସ ( ଶୃଙ୍ଗାର ରସ ) ( ଚିକିତ୍ସା-ବିଶେଷ ) ତାହା ସେ ଏ ଦେବତାମାନଙ୍କର ଭୂର୍ଜିତ ଅଟେ, କେବଳ ଏମାନେ ଅମ୍ଭମାନଙ୍କର ସେ ଆହାର ମୃଣାଳ ତାହାକୁ ଶୋଷିଲେ । ବିରହୀମାନେ ପଦ୍ମପତ୍ରରେ ଶୟନ କରନ୍ତି ଏବଂ ପଦ୍ମନାଡ଼ ମାଳ କରନ୍ତି ।

୧୫—କୌଣସି ଶ୍ୱେତ ଗରୁଡ଼ବର ( ରାଜହଂସଶ୍ରେଷ୍ଠର ) କନ୍ୟା ବାଳାର ନାମ-ପଣ୍ଡୁରିବାରୁ ସେ କହିଲା ବାଳାନାମ ପ୍ରେମ ମଞ୍ଜରୀ, ସେ ଚିତ୍ତରେ ପ୍ରେମକୁ ଅଙ୍କୁରିତ କରେ ।

ସଙ୍କଳ୍ପଭବ ନାମ କାମ । ସ୍ୱାର୍ଥେ ଏ କାଳେ ହେଲା କ୍ଷମ ।
ଏମନ୍ତ କଥା ହେଉଁ ହେଉଁ । ନଭେ ପକ୍ଷୀଏ ଯାନ୍ତି ଯାନ୍ତି ॥ ୧୬
ପ୍ରିୟ ଅପ୍ରିୟ ହେବା ଯୋଗେ । ଏ ଦୁହେଁ କଥା ବାମାବେଗେ ।
ହେଲି ସନ୍ଧ୍ୟାଗାମୀ ମୁଁ ଶଚୀ । ଦେଖିମା କୁତ୍ର କେଉଁଠନେ ଲୁଚି ॥ ୧୭
ସୁପଟେ ଭାବି ମୁଁ ସାରଦା । ଲକ୍ଷ୍ମୀଙ୍କର ଦେଇଛନ୍ତି ବିଦ୍ୟା ।
ଶୁଣିଲି ଦୋହିଙ୍କ ମରାଳ । ଜାଣିଲି ଯହିଁକି ଆକୁଳ ॥ ୧୮
ଯହିଁକି ବାଳା ଦୁଃଖପାତ । ଖାଣ୍ଟି କି ହେବ କଦାଚିତ ।
ଯେ ଗାନ୍ଧର୍ବୀ ଗନ୍ଧର୍ବସଖୀ । ଷୋଡ଼ଶୀ ଏକ ପଞ୍ଚଶାଖିତା ॥ ୧୯
ବିଧାତା ଅନୁକୂଳ ଥିବ । ଯେ ଅନୁକୂଳ ପୁଂସ ହେବ ।
ଶୋଭା ଗୁଣ କୁଳ ବୟସେ । ସମେ ମିଳିବ ଭାଗ୍ୟବଶେ ॥ ୨୦
ବିବାହମଣ୍ଡପ ତୁଳପାଦେ । ବସିବେ ସୀତା ରାମ ମତେ ।
ନୋହିଲେ ଥିବ ବନ୍ଧୁକାଳ । ଯଥା ରେବତୀ ଲଭି ବଳ ॥ ୨୧

---

୧୬।୧୭।୧୮—କାମର ସଙ୍କଳ୍ପଭବ (ମନୋଜ) ନାମକୁ ସାର୍ଥକ କରିବାକୁ ଯୌବନରେ ସେ ବାଳା ସକ୍ଷମ ହେଲା । ଏହିପରି କଥୋପକଥନ କରି ଆକାଶରେ ଶୀଘ୍ର ଯାଉଁ ଯାଉଁ ମରାଳ ଏହାର ପ୍ରିୟଅପ୍ରିୟ ହେବାର ଦୁଇଟି ସ୍ତ୍ରୀଙ୍କର ଏହିପରି କଥୋପକଥନ ଶୁଣିଥିଲା । ଶଚୀଦେବୀ କହିଲେ କେଯାର ଲଜ୍ଜା ଦେଖିବାକୁ ମୁଁ ସନ୍ଧ୍ୟାବେଳେ ଲୁଚିକରି ଯାଇଥିଲି, ସରସ୍ୱତୀ ସୁନ୍ଦର ପଣରେ ଭାବି ସେ ସୁନ୍ଦରୀକୁ ବିଦ୍ୟାଲକ୍ଷ୍ମୀ ଦେଇ ଅଛନ୍ତି । ମରାଳ ଏହାଙ୍କୁ ଶୁଣି କହିଲା ତୁମ୍ଭେମାନେ ଯାହାପାଇଁ ବ୍ୟାକୁଳ ମୁଁ ତାହା ଜାଣିଲି ।

୧୯—ବାଳା ସେ କଥାରେ ଟିକିଏ ଦୁଃଖପାତ କରୁନାହିଁ । ଯେ ଗାନ୍ଧର୍ବ (ନବ ଯୁବତୀ) ପୁଣି ଗନ୍ଧର୍ବ (ଅପୂର୍ବ ଗର୍ବଧାତା) ଷୋଡ଼ଶବର୍ଷୀ, ଇନ୍ଦ୍ର ଭଗବାନ ଦେବସଖି ପୁଣି ବସ୍ତ୍ରୋଢୌଯ୍ୟ ଯାହାଠାରେ ଅନୁରାଗିଣୀ ହେବେ କିଣି ଶୋଭା ପାଇବ ।

୨୦ —ବିଧାତା ଯେବେବି ଅନୁକୂଳ (ସହାୟ) ଥିବ ତେବେ ଯେ ଅନୁକୂଳପୁରୁଷ (ଯେ ଏକ ସ୍ତ୍ରୀ ଭିନ୍ନ ଅନ୍ୟଠାରେ ଅଭିଳାଷୀ ନୁହେଁ) ଏବଂ ଶୋଭା ଗୁଣ, କୁଳ, ଓ ବୟସରେ ସମାନ ଭାଗ୍ୟବଶରୁ ସେହି ପୁରୁଷ ଏହାକୁ ମିଳିବ ।

୨୧—ବିବାହମଣ୍ଡପ ତୁଳ ପାଦରେ ସୀତା ଓ ରାମଙ୍କ ପରି ସ୍ତ୍ରୀ ପୁରୁଷ ଦୁହେଁ ବସିବେ, ଅଥବା ଯେପରି ରେବତୀ ବଳରାମଙ୍କୁ ପାଇଥିଲେ ସେହିପରି ଉତ୍ତମ-ପୁରୁଷପାଇ ବନ୍ଧୁକାଳ କଟାଇବେ ।

ଶୁଣି କହିଲେ ଦେବୀ ବେନି । ଅସୁର ଅଂଶେଭବା ସେହି ।
ଯାଇ ଦଣ୍ଡ ତା ସ୍ୱର୍ଗୀ କରି । ସେ ହେବେ ହୃଦ-ଶଙ୍କାହାରୀ । ୩୨
ଭାବେମ୍ଭ ସେ ସମ୍ମତ ଭଲ । ପ୍ରମଦାପୁରୀ ଭ୍ରମିଲ ।
ଶଚୀକଳା ବାଣୀକା ସେହି । କାଦମ୍ବିନୀରେ ସଙ୍ଗ ହୋଇ । ୩୩
ପ୍ରଥମା ଦ୍ୱିତୀୟା ଅପର । ପ୍ରତ୍ୟୋଗେ ହୋଇବେ ଲୁଚିର ।
ଚମ୍ପାବତୀଶ କ୍ରୀଡ଼େ ଜଳେ । ମନ୍ଦୁଶୀ ସଙ୍ଗେ ଅଛି ମିଳେ । ୩୪
ସେ ସାରସର ମାନସରେ । ପୂର୍ଣ୍ଣ ସୁଖଦ ସାରସରେ ।
ଲୋକଜନେ ନୃପ ପଚ୍ଛୁରିବ । ଲୋକେଶ-ବାହନ ଭଜିବ । ୩୫
ହେ ଦେବଦେବ କନ୍ୟା ତନି । ସଙ୍ଗେ ମୁଁ ଆସିଅଛି ଘେନି ।
ତୁମ୍ଭ ନନ୍ଦିନୀ କି ଉଚିତ । ବୋଲିବା ତ୍ରିପୁରଲଙ୍କାର ୩୬
ନୃପ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ । ଏ ହେଲେ ତାହା ସହଚରୀ ।
କେତେ ବା ଦିଶିବ ଶୋଭନ । ମନୁଜାନ୍ତୁ କି ପ୍ରୟୋଜନ । ୩୭

---

୩୨—ଏ କଥା ଶୁଣି ଦେବୀ ଶଚୀ ଓ ଶାରଦା ଦୁଇ ଦେବୀ କହିଲେ ସେ ସୁନ୍ଦରୀ ଅସୁର ଅଂଶରେ ଜାତ, ତେବେ ତୁମ୍ଭେ ଯାଇ ଅସ୍ମଙ୍କୁ ତାହାଙ୍କର ସ୍ୱର୍ଗୀ କରାଇ, ଦଣ୍ଡ ଦେଇ ଆମ୍ଭ ହୃଦୟକୁ ଭୋ କରିବ ।
୩୩ । ୩୪—ହଂସ ଏହି କଥା ଶୁଣିଲା ହେଲା, ଶଚୀ ଓ ଶାରଦାଙ୍କ ଶଚୀ କଳା ଓ ବାଣୀକା ନାମରେ ଦୁଇ ସ୍ତ୍ରୀ କରାଇ କାଦମ୍ବିନୀ ସଙ୍ଗରେ ନେଇଗଲା । ଏମାନେ ପ୍ରଥମା, ଦ୍ୱିତୀୟା, ଓ ଅପର, ପ୍ରତ୍ୟୋଗରେ ମନୋହାରୀ ହେବେ ଏହା ଶୁଣିଲା । ଚମ୍ପାବତୀ ( ରାଜା ପୁଷ୍ପସାଗର ) ରାଣୀଙ୍କ ସହିତ ଜଳରେ କ୍ରୀଡ଼ା କରୁଅଛନ୍ତି । ଏହି ସମୟରେ ସେଠାରେ ମିଳିଲା ।
୩୫—ସେ ସାର ସର ( ଶ୍ରେଷ୍ଠ ସରୋବର ) ସାରସରେ ( ପଦ୍ମରେ ପୂର୍ଣ୍ଣହେବାରୁ ସାରସରେ ) ( ହଂସମାନଙ୍କ ଉପଯୁକ୍ତରେ ) ବିଶେଷ ସୁଖଦ ଅଟେ । ରାଜା ପୂର୍ବ ଦେଖିଥିବା ସେହି ବ୍ରହ୍ମାଙ୍କ ହଂସକୁ ଦେଖିବା ମାତ୍ରେ ପଚାରିବାରୁ ଲୋକେଶ ବାହନ ( ବ୍ରହ୍ମାଙ୍କ ବାହନ ହଂସ ) କହିଲା ।
୩୬—ହେ ରାଜାଧିରାଜ ମୁଁ ସଙ୍ଗରେ ତିନୋଟି କନ୍ୟା ନେଇ ଆସିଅଛି, ସେମାନଙ୍କୁ ତୁମ୍ଭ କନ୍ୟାଛଡ଼ା ଅନ୍ୟ ତ୍ରିପୁର ସୁନ୍ଦରୀମାନଙ୍କର ଅଳଙ୍କାର ବୋଲି କହିବା ।
୩୭—ଆପଣଙ୍କ କନ୍ୟା କୋଟିବ୍ରହ୍ମାଣ୍ଡସୁନ୍ଦରୀ ଏମାନେ ତାହାର ସହଚରୀ ହେଲେ କେତେ ସୁନ୍ଦର ଦିଶିବ, ମନୁଜାନ୍ତୁ ( ମାନବୀ ସହଚରୀଙ୍କୁ ) କି ପ୍ରୟୋଜନ ।

ଭୂପତି ତୃପ୍ତ ହୋଇ ପାଇ । ସୁତାରେ ସଖୀ ସମର୍ପଇ ।
କୌଶିକୀ ତଟର ବିପିନ । ଦେଲେ ବାଳାକୁ କ୍ରୀଡାସ୍ଥାନ ॥ ୪୮
କ୍ଷୀରେ ନୀର ମିଶିଲା ପରି । ସୁନ୍ଦରୀ ମାନେ ସହଚରୀ ।
ନିଜ ମନକୁ ମିଶାଇଲେ । ରହସ୍ୟ ଏବେ ରଖାଇଲେ ॥ ୪୯
ହଂସବଂଶରେ ଯେ ଠାକୁର । ପରମହଂସ ଅବତାର ।
ଯେ ମୁନି ମାନସେ ବିହରି । ଉପେନ୍ଦ୍ର ଭଞ୍ଜ ସୁମରି ॥ ୫୦

# ଷଷ୍ଠ ଛାନ୍ଦ

( ବସନ୍ତକାଳ ବର୍ଣ୍ଣନା, ରାଜପୁତ୍ରର ବନବିହାର ଏବଂ
କୋଟିବ୍ରହ୍ମାଣ୍ଡସୁନ୍ଦରୀର ପ୍ରସଙ୍ଗ ଶ୍ରବଣ

ରାଗ—ବସନ୍ତ

ଋତୁ ରଥମଧ୍ୟ ସମୟ ବସନ୍ତ ବାଡିଣ ପ୍ରତିମୟ ଡାହାର ।
ମିତ୍ର ଅନଙ୍ଗକୁ ପ୍ରବଳ କରାଇ ଅରାଇ ଚର୍ଚ୍ଚରୀ-ବିହାର ।
ଆଗରେ, ଆରୋହିଲା ନାଗେଶ୍ୱରକୁ ।
ଭୃଙ୍ଗ-ରାଜ ପଠୁଁ ଯେ ରଜ ଦେଖାଇ ଗୃହୁଁ ପ୍ରଫୁଲ୍ଲକେଶରକୁ ॥ ୧

---

୪୮—ଭୂପତି ତୃପ୍ତ ହୋଇ କନ୍ୟାକୁ ସଖୀମାନଙ୍କୁ ଦେଲେ, କୌଶିକୀ ନଦୀ ତଟବର୍ତ୍ତୀ ଅରଣ୍ୟ ବାଳାକୁ କ୍ରୀଡ଼ା କରିବା ପାଇଁ ଦେଲେ ।

୪୯—ଦୁଗ୍ଧ ଜଳ ମିଶିଲା ପରି ସୁନ୍ଦରୀର ମନରେ ସହଚରୀମାନେ ଆପଣା ଆପଣା ମନକୁ ମିଶାଇ ଦେଲେ, ରହସ୍ୟ କଥାରେ ବାଳାକୁ ରଖାଇଲେ ।

୫୦—ଯେ ହଂସବଂଶରେ ( ସୂର୍ଯ୍ୟବଂଶରେ ) ଠାକୁର ଅଟନ୍ତି, ଯେ ପରମହଂସ (ସନ୍ନ୍ୟାସୀ) ରୂପ ଧାରଣ କରିଥିଲେ, ଯେ ହଂସ ମାନସସରୋବରରେ ଖେଳିବାପରି ମୁନିମାନଙ୍କ ମନରେ କ୍ରୀଡ଼ା କରନ୍ତି ସେହି ରାମଚନ୍ଦ୍ରଙ୍କୁ ଉପେନ୍ଦ୍ର ଭଞ୍ଜ ସ୍ମରଣ କରେ ।

---

୧—ବସନ୍ତ ସମୟ; ଡାହାର ପ୍ରତିମୟ (ସତ୍ୟକଥା) ଶୁଣିବି, ନିଜମିତ୍ର ଅନଙ୍ଗକୁ (କନ୍ଦର୍ପକୁ) ପ୍ରବଳ କରାଇ ଚର୍ଚ୍ଚରୀ ବିହାର (ଦୋଳଯାତ୍ରା ଫଗୁଖେଳ) ଆରମ୍ଭିଲା । ବସନ୍ତ ଋତୁରାଜ ହେବାରୁ ରାଜାଙ୍କ ପରି ନାଗେଶ୍ୱର (ହସ୍ତୀଶ୍ରେଷ୍ଠ ଓ ବୃକ୍ଷ) ରେ ଆରୋହି ହସ୍ତୀ ହିତ ନାଗେଶ୍ୱର କେଶରକୁ ଭୃଙ୍ଗ ତାହାର ପରାଗରେ ଫଗୁଖେଳ କଲା ।

କୁସୁମ-ପଞ୍ଚ ସ୍ତର ଆବରଣ ମଧ୍ୟେ ସାଧ୍ୱୀ ଗୁଣ ଯେମନ୍ତ ପଶିଲା ।
ନବପ୍ରସୂନବନ୍ତୀ ସେବତୀ ସଙ୍ଗତେ ଅଧିକ କ୍ରୀଡ଼ାକୁ ପ୍ରକାଶିଲା ।
ମନୋଜ, ଶାଣ୍ଡିଲ ମଧ୍ୟ ଚତ୍ୱରେ ।
କଦାଚ କଷାଲ ରଜ ଅନୁରାଗ ଅମ୍ବର ଯେ ଖେଳିଲ ସତ୍ୱରେ । ୨
ମଧୁ ବନ୍ଧୁ ପଦେଶି ମଳୟ-ଶୈଳ-ନିଳୟ ଅନିଳ ବହିଲା ।
ସଲିଳେ ମଜ୍ଜି ପଦ୍ମିନୀ ଗୃହକାନ୍ତ ଦକ୍ଷିଣ ସ୍ୱଭାବେ ମୋହିଲା ।
ତା ଜାଣି, ବନ-ଭବନେ ଯେ ଆବେଶ
ତରୁ ଲତାଶ୍ରେଣୀ ତରୁଣ ତରୁଣୀ ସମସ୍ତେ ସୁମନ-ସୁବେଶ । ୩
କୋଷ୍ଠ କରବୀର ରସାଳ ପୁନ୍ନାଗ ଗୁଳ୍ମ ମଗ୍ନ ଯେ ଅଳଙ୍କାରେ
ସୁନାରୀ ମାଧବୀ ମଲ୍ଲିକା ସେବନ୍ତୀ ଚମ୍ପା ନାମ ସହ କ୍ରୀଡ଼ାରେ ।
ଏ ଭାବେ, ଦନ୍ତୁଳ ସଙ୍ଗାତ ହୋଇଲେ ।
ସହଚର୍ଯ୍ୟ ଦାସୀ ଅଣି ତହିଁ ମିଶି କୌତୁକ ପ୍ରଭା ଦେଖାଇଲେ ॥ ୪

---

୨—ସାଧ୍ୱୀ (ପତିବ୍ରତା ନାରୀ) ମାନଙ୍କର ଗୁଣ ଯେମନ୍ତ କୁସୁମପଞ୍ଚ (କେତକୀକୁସୁମ) କଣ୍ଟକାକୀର୍ଣ୍ଣ ପଞ୍ଚ ଆବରଣ ମଧ୍ୟରେ ପଶିଲା (ପତିବ୍ରତାମାନେ ଗୃହମଧ୍ୟରେ ଲୁଚିରହନ୍ତି ) ନୂତନ ପୁଷ୍ପିତ ସେବତୀ ସହିତ ରସକ୍ରୀଡ଼ା ଆରମ୍ଭିଲା । ମନୋଜ ( କାମ ) କୁ ଶାଣ୍ଡି ରୂପକ ଭାବରେ ଅଗଣାରେ କଦାଚ କଷାଲ ରଜ (ଅଶ୍ୱ) ଓ ଅନୁରାଗ ( ସ୍ନେହ ) ରୂପକ ଅମ୍ବରରେ ବସନ୍ତ ଶୀଘ୍ର ଖେଳିଲା ।

୩—ମଧୁ (ବସନ୍ତକାଳ)ର ବନ୍ଧୁ ଭାବରେ ମଳୟପର୍ବତବାସୀ ଅନିଳ (ଦକ୍ଷିଣା-ପବନ ) ବହିଲା । ସଲିଳ ( ଜଳରେ ) ବୁଡ଼ି ରହିଥିବା ପଦ୍ମିନୀ ପ୍ରଭୃତି ଗୃହକାନ୍ତ ପୁଷ୍ପ, ସଲୀଳେ (କ୍ରୀଡ଼ାରେ ) ମତ୍ତହୋଇଥିବା ପଦ୍ମିନୀ ପ୍ରଭୃତି ଗୃହକାନ୍ତ ସ୍ତ୍ରୀ ହେଲେ । ସେମାନଙ୍କୁ ଦକ୍ଷିଣ ନାୟକ (ଯେ କି ଅନେକ ସ୍ତ୍ରୀ ଠାରେ ସମସ୍ନେହୀ ) ରୂପେ ମୋହିଲା । ଏହା ଜାଣି ବନବାସୀ ତରୁଲତାମାନେ ଯୁବା ଓ ଯୁବତୀଙ୍କ ପ୍ରବୃତ୍ତରେ ଭୂଷିତ ହେଲେ । ସୁମନ ( ପୁଷ୍ପ ) ।

୪—ସେହି ଭଲାରେ ( ଦକ୍ଷିଣନାୟକ ପରି କ୍ରୀଡ଼ା କରିବା ଭଲାରେ ) କଣିଅର, ଅମ୍ବ, ପୁନ୍ନାଗ, ଗୁଳ୍ମ, ଏମାନେ ନୂତନ ବେଶ-ଭୂଷାରେ ଶୋଭିତ ହେଲେ । ସୁନାରୀ, ମାଧବୀ, ମଲ୍ଲୀ, ସେବତୀ, ଚମ୍ପା, ଏମାନେ ସୁନାରୀ ( ଉତ୍ତମ ସ୍ତ୍ରୀ ) ପରି ସେମାନଙ୍କ ସହିତ କ୍ରୀଡ଼ାକଲେ । ଏହା ଦେଖି ଦନ୍ତୁଳ ସେମାନଙ୍କର ସଙ୍ଗାତ ହେଲେ । ସହଚର୍ଯ୍ୟ ( ସହବାସ ଦାସକନ୍ୟା ) ପର୍ଣ୍ଣିକାପରି ଦାସୀ ( ନୀଳବାଣୀ ) ଦାସୀଏହି ସେମାନଙ୍କ ସହିତ ମିଳି କୌତୁକ ଦେଖାଇଲେ ।

କଳୀ ନଳୀ-କୋଷ-ମୁଠା ଫୁଟି ଭରି ପଲ୍ଲବ-କର ପ୍ରସାରିଲେ ।
ମକରନ୍ଦ ଗନ୍ଧ-ପିଠଉ ପଦ୍ମିନୀ ପଙ୍କ ଅବାରିତେ ଖେଳିଲେ ।
କେହିଲେ ଯେ, ଅରବିନ୍ଦ ଶଯ୍ୟାରେ ଶୋଭିତ ।
କଳେ ଖଞ୍ଜନ-ରଞ୍ଜନ-ନୟନକୁ ଯେଣୁ ଘଣି ଗଢିଲାଭ । ୪
ବର୍ଣ୍ଣ ଅବ୍ୟକ୍ତଙ୍କୁ ହାସ୍ୟର କନକ-କଙ୍କଣ ନାଃସ୍ୱରେ ଧରିଲେ ।
ମତ୍ତ ଭୃଙ୍ଗଶ୍ରେଣୀ ଦାଶଣୀ କିଙ୍କିଣୀ ରଣରଣି ପଦ ଘୋଷିଲେ ।
ଏତିକି, ମାତ୍ର ରହିଲା ବାକେବଚନା ।
ପିକ କୁହୁକୁହୁ ଲୋକ ହୁଁ ହୁଁ ହୁଁ ହୁଁ କଲେ ଶୁଭ ବାଣ ରଚନା । ୫
ବିକାଶ ହୋଇଲେ କାଂଶୁକ ସାଧୁ ଯେ ପୂର୍ବ ବାଲୁତକୁ ତେଜିଲେ ।
କୁସୁମ କାନ୍ତ ଚାମ୍ପ-କଟୋରାଙ୍କ ଉତ୍ଫୁଲ୍ଲ ପୁଲକ ବହିଲେ ।
ତା ଦେଖି, ଦୀନ ଦୁଃଖୀଜୁଦ୍ଧ ଲଭିଲେ ।
ଉଡ଼ି ପଶିଲା ବସନ୍ତମୀନଙ୍କ ଦଉଣ ନିକଟେ ଅଙ୍ଗ ଶୋଭିଲେ । ୬

---

୪—ପୁଷ୍ପିତ ବୃକ୍ଷଙ୍କୁ କଳୀରୂପକ ନଳକୋଷ (ପିଠଉନଳୀ)ର ପୁଷ୍ପଗୁଚ୍ଛରୂପ ହସ୍ତମୁଠା ପ୍ରକାଶ କରି ପତ୍ର ରୂପ ହସ୍ତ ଗୁଟିଲେ । ମକରନ୍ଦ (ପୁଷ୍ପମଧୁ)ର ସୁଗନ୍ଧ ଜଳରେ ପିଠଉ ଏବଂ ପୁଷ୍ପଧୂଳିରେ ଅବାର ଖେଳିଲେ । ଏବଂ ଓଦାଃବେଶରେ ଟୋଳି ପାଇଲେ । ସ୍ତ୍ରୀ ମାନେ ପିଠଉ ଖେଳବେଳେ ଖଞ୍ଜନନୟନକୁ ଗଢିଲ ଭଳିପରି ବୃକ୍ଷମାନଙ୍କରେ ଖଞ୍ଜନପକ୍ଷୀ ଉଡ଼ିବାରୁ ସେ ଶୋଭା ପ୍ରକାଶିଲା ।

୫—ପିଠଉଖେଳରେ ନାଲି ହୋଇ ନୀଳବର୍ଣ୍ଣରେ ପ୍ରକାଶ ପାଇ ନ ଥିବା କନକ କଙ୍କଣମାନେ ହାସ୍ୟପାଇ ତୃପ୍ତ ହୋଇ ରହିଲାପରି କନକ (ଚମ୍ପକ) ବୃକ୍ଷମାନେ ଦେଖାଗଲେ । ମତ୍ତ ଭ୍ରମରମାନେ କିଙ୍କିଣୀ (ଛୋଟଘଣ୍ଟି) ଦାଣ୍ଡେଜଣୀ ପରି ରଣି ରଣି ପଦକୁ ଘୋଷିଲେ । ସେଠାରେ ଏତିକି କଥା ଅଧିକ ବର୍ଣ୍ଣନ କରିବାକୁ ରହିଲା ଯେ ଲୋକମାନଙ୍କର ହୁଁ କାର ଶବ୍ଦ ପରି ପିକଙ୍କର କୁହୁ ଶବ୍ଦ ଉଚ୍ଚରେ ରଚିତ ହେଲା ।

୬—ପଳାଶଫୁଲ ଉଡ଼ବାକେ ପାଣିଶିଅ ଧାଉଥାଏ, ଫୁଟିଲେ ଲାଲ ହୁଏ ଅତଏବ ସେମାନେ ସାଧୁପ୍ରକୃତପରି ବାଳୁତ ବୋଲି ହୋଇଥିଲେ, ବସନ୍ତ ଆସିବାରୁ ତାକୁ ଛାଡ଼ି ଅବାର ରଙ୍ଗହେଲେ । କୁସୁମନାଦ ଚୋର ଚାମ୍ପପରି କଟୋରା, ଯେଣୁ ସେମାନେ କାଦର ପରି, ସେ କଟୋରା ଦେଖିଲେ ମଧ ସେମାନେ ଚେଲାପରି ପୁଷ୍ପ ପ୍ରକାଶ ପାଇଲା । ତାହାଦେଖି ଦୀନ ଦୁଃଖୀମାନେ ମଧ ଦୁଃଖ-ମୁକ୍ତହେଲେ, ମଧୁଖେଳ ବେଳେ ଦରିଦ୍ର ମାନଙ୍କଉପରେ ଅବାର ଉଡ଼ି ପଶିଲାପରି ଦେଖେ ଯଥା ପ୍ରାନବୃକ୍ଷ-ସବୁ ଅନ୍ୟ ବୃକ୍ଷଙ୍କୁ ଉଡ଼ି ପଶିଥିବା-ସ୍ରୋତରେ ଶୋଭିତ ହେଲେ ।

ନବମାଳିକା ନବବାଳିକା ଏକା ବର୍ଣ୍ଣେ ଭେଦ ଅଛି ମାତର ।
ବାମା ହୁଅନ୍ତି ସ୍ୱପଶ୍ୱେତ ଦେଖିଲେ ବାସ ଅସ୍ପୃଶ୍ୟ ଶରୀରର ।
ମୁକୁଳ, ବଣ ଯୁବ ଯେଣୁ ଗୃହୀତ ।
ଖେଳ ଉଦ୍ୟାନରେ ଧବ ସମୀପରେ ଶୁକ-ବାକ୍ୟେ ଧୃଷ୍ଟ ବାଦିତ ॥ ୮
ସେ ରଙ୍ଗବଶ ଯେ ହୋଇଲେ ଅଶୋକ ସ୍ତବକ-ଉରଜ ଦେଖାଇ ।
ନଭ-ସ୍ଥିତ ଜାତି ସେ ଲୀଳାରହସ୍ୟ ଚରିତେ ଲସିତ ରସାଇ ।
ସାରଥି ରଥୀ ମାନସ ବଳାଇଲେ ।
ପ୍ରାତଃ ଦିବସାନ୍ତ ଅରୁଣ କରିଲ ଦୁହେଁ ଅରୁଣ ବୋଲାଇଲେ ॥ ୯
ସ୍ନେହ ପୂର୍ଣ୍ଣରେ ଚନ୍ଦ୍ର ଚନ୍ଦ୍ର-ଚୂର୍ଣ୍ଣରେ ଖେଳିଲେ ତାରାଳୀ ସଙ୍ଗତେ ।
ତ୍ରିଯାମା ଶ୍ୟାମା ଶ୍ୟାମା ଅନ୍ତଃପୁରେ କସ୍ତୁରିକା ଧୂଳି ଫିଙ୍ଗନ୍ତେ ।
ସେ ଧୂଳି, ସେହୁ ଲେଉଟାଇ ମାରିଲେ ।
କ୍ଷଣେକେ ଚନ୍ଦ୍ରିକା ଅଙ୍କରେ ଅଙ୍କ ଲୀଳା ବିଳାସେ କି ଥୋଇଲେ ॥ ୧୦

---

୮—ନବମାଳିକା (ନିଆଳି) ନବବାଳିକା ପଦ କେବଳ ଗୋଟିଏ ବର୍ଣ୍ଣରେ ପ୍ରଭେଦଅଛି । ମାଳିକାର "ମା" ବାଳିକାର "ବା" ଏ ଦୁଇଅକ୍ଷରକୁ ଓଲଟ ହେଲେ "ବାମା" ହେଲା ଅର୍ଥାତ୍ ନୂତନ ସ୍ତ୍ରୀ ଫୁଟାଇଲା. ସ୍ତ୍ରୀଫୁଲ ହେବାପରେ ତାହାମାନେ ସର୍ବଦା ବାସ ( ବସ୍ତ୍ର )କୁ ଅସ୍ପୃଶ୍ୟ କରନ୍ତି, ଏ ବାସ (ବାସନା)କୁ ଅସ୍ପୃଶ୍ୟ କଲା । ମୁକୁଳବଣ ( କଳିକାବତୀ ଓ ଅଦ୍ଭୁତବକା ସ୍ତ୍ରୀ ) ଯୁବକୁ ଗ୍ରହଣ କରିବାକୁ ନିକଟବର୍ତ୍ତୀ ଧବବୃକ୍ଷ ଧବ ( ପତି ) ପରି ତାହାସହିତ ଖେଳିବା ଇଚ୍ଛାରେ ଶୁକବାକ୍ୟ ଛଳରେ ଧୃଷ୍ଟବାଣୀ ପ୍ରକାଶିଲା ।

୯—ଅଶୋକ ପୁଷ୍ପଗୁଚ୍ଛ ରୂପକ ସ୍ତନ ଦେଖାଇ ସେ ଖେଳରେ ମାତିଲେ । ସେ କ୍ରୀଡ଼ା ରହସ୍ୟ ଦେଖି ଆକାଶସ୍ଥ ସୂର୍ଯ୍ୟାଦି ଦେବତାମାନେ ସେ କ୍ରୀଡ଼ାରେ ମନ ମଜାଇଲେ । ରଥୀ ( ସୂର୍ଯ୍ୟ ) ଓ ତାହାଙ୍କର ସାରଥି ଦୁହେଁ ଯେଉଁ ଖେଳରେ ମନ ବଳାଇ ସକାଳ ଓ ସନ୍ଧ୍ୟାକୁ ଲାଲ୍ କରିବା ନିଜେ ମଧ୍ୟ ଲାଲ୍ ହେଲେ ; ଅରୁଣନାମକୁ ଧରିଲେ ।

୧୦—ଚନ୍ଦ୍ର ସ୍ନେହପୂର୍ଣ୍ଣ ହୋଇ ତାରାମାନଙ୍କ ସଙ୍ଗରେ ଚନ୍ଦ୍ରଚୂର୍ଣ୍ଣ (କର୍ପୂରଧୂଳି)ରେ ଖେଳିଲେ । ଶ୍ୟାମଳବର୍ଣ୍ଣା ତ୍ରିଯାମା ( ରାତି ) ରୂପା ଶ୍ୟାମା ( ସ୍ତ୍ରୀ ) କସ୍ତୁରୀକ ଉତ୍ତମରୂପେ ଚନ୍ଦ୍ରାଙ୍କରେ ଫିଙ୍ଗିବାରୁ ଚନ୍ଦ୍ର କର୍ପୂର ଧୂଳିକି ଲେଉଟାଇ ଫିଙ୍ଗିଲେ । ରାତି ଓ ଚନ୍ଦ୍ର ଦୁହେଁ ଗର୍ବସ୍ତେ ନିଜ ନିଜ ଅଙ୍କ ( ଦେହରେ ) କ୍ରୀଡ଼ା କୌତୁକରେ ତାହାକୁ ଧାରଣ କଲେ । ଚନ୍ଦ୍ର କସ୍ତୁରୀକୁ କଳଙ୍କରୂପେ ରାତି କର୍ପୂରକୁ ଚନ୍ଦ୍ରିକା ରୂପେ ଧରିଲେ ।

ମିଳିଛ ଯେ ଗନ୍ଧମାଦନ କାନନକନ୍ଦରେ ଚତୁର-ଆନନ
ଗୁଣି-ବୀଣାଧରା ସାରଦା ସାବିତ୍ରୀ ସଙ୍ଗେ ରଙ୍ଗେ ତୋଷ ଜନନ ।
ଶ୍ରୀଖଣ୍ଡ, ଅଚଳେ ଆଖଣ୍ଡଳ ଚଳିଲେ ।
ଘେନି ଇନ୍ଦ୍ରାଣୀ ଗନ୍ଧର୍ବ ଅପସରୀ ଯେ ଉତ୍ସବେ ମତ୍ତ ରଞ୍ଜିଲେ ॥ ୧୧
କଳତ୍ର ଗଣର ଘେନି ଧନେଶ୍ୱର ଚଇତ୍ରରଥରେ ବିଳସେ ॥
ଦେବମାନଙ୍କ ଉମାଧବ ମାଧବ ପ୍ରଭୃତମାଲ୍ୟପରେ ଖେଳ ଯେ ।
ବିମାନ, ଆରୋହି ଯେ ରଙ୍ଗେ ଭ୍ରମିଲ ।
ଯେ ବିଳାସ କଇଳାସ ବଇକୁଣ୍ଠେ ହୋଇଥିବ କାହିଁ ଭ୍ରମିଲ ॥ ୧୨
ଯେମାନ୍ତ ପାଇଲ ଲଭଇ ଯେଉଁ ଶୀତ ଅଲଙ୍କିତ ସ୍ତନ ସ୍ପର୍ଶ ।
ଲୁକାଇ ଶ୍ରେଣୀତ ଯହିଁରେ ପନ୍ନଗ ଅନଙ୍ଗ ତହିଁତ ଗୁପତ ।
ବିହଗ, ପକ୍ଷୀ ସ୍ୱରେ ସ୍ୱରେ ଧଇଲେ ।
ପ୍ରଶସ୍ତ କରି ବସନ୍ତ ରାଗ ଧରି ସର୍ବଲୋକେ ତାହା ଗାଇଲେ ॥ ୧୩
ଯେ କର୍ଣ୍ଣକୁହରେ ପ୍ରବେଶ ହୃଦରେ ଅବିରତେ ରହି ହୃଦରେ ।
ଭଲେ ଉଦ୍ଦୀପନ ଆଲମ୍ବନ ଅବଲମ୍ବନ ଯେ ଅତି ଆଦରେ ।
ସମ୍ଭୋଗ, ବିପ୍ରଲମ୍ଭ ଦେବା ଶୃଙ୍ଗାର ।
ଯୋଗୀ ବୀତରାଗୀ ଚରାଚର ଭଜନ୍ତି ଭାବି ଦେବେ ନେତ୍ର ଆଦର ॥ ୧୪

---

୧୧—ଚତୁର ଆନନ (ବ୍ରହ୍ମା) ଗନ୍ଧମାଦନ କାନନ ମଧ୍ୟରେ ମିଳି ଗୁଣୀବୀଣାଧରା (ଗୁଣୀବୀଣାଧାରିଣୀ) ସାରଦା (ସରସ୍ୱତୀ) ଓ ସାବିତ୍ରୀଙ୍କ ସଙ୍ଗରେ ନାନା-ରଙ୍ଗରେ ଆନନ୍ଦ ଜନ୍ମାଇଲେ । ଆଖଣ୍ଡଳ (ଇନ୍ଦ୍ର) ଶ୍ରୀଖଣ୍ଡଅଚଳେ (ମଳୟପର୍ବତକୁ) ଇନ୍ଦ୍ରାଣୀଙ୍କୁ ଘେନି ଚଳିଲେ । ଗନ୍ଧର୍ବ ମାନେ ଓ ଅପ୍ସରୀମାନେ ଯେ ଉତ୍ସବରେ ମତ୍ତ ହୋଇ ରଞ୍ଜିଲ ମଳୟାଚଳକୁ ଗଲେ ।

୧୨—ଧନେଶ୍ୱର (କୁବେର) କଳତ୍ର ଓ ଗଣସ୍ତ୍ରୀମାନଙ୍କ ସହ ଚୈତ୍ର ରଥରେ (ଚୈତ୍ରରଥ ନାମକ ଉଦ୍ୟାନରେ) ବିହରିଲେ । ଉମାଧବ (ଶିବ) ମାଧବ (ବିଷ୍ଣୁ) ଯେ କ୍ରୀଡ଼ାରେ ଲବ୍ଧଲୋଳ ବିମାନ ଚଢ଼ି ପ୍ରଭୃତମାଲ୍ୟପର୍ବେ ଦେବମାନଙ୍କରେ ଭ୍ରମଣ କଲେ । ସେ ବିଳାସ କୈଳାସରେ ଓ ବୈକୁଣ୍ଠରେ କାହାର ମନୋହର ହୋଇ ନ ଥିବଟି ।

୧୩-୧୪-ଯେଉଁ ଶୀତ ସ୍ୱଭାବ ସ୍ତ୍ରୀ ସ୍ତନକୁ ଅଲିଙ୍ଗନ କରିଥିବାରୁ କମ୍ପଇକୁ ମୋଡ଼ ପାଇ, ଯେଉଁ ଶୀତ ଶ୍ରେଣୀ ପନ୍ନଗ (ସର୍ପ) ମାନେ ଲୁକ୍କାଇ ହୋଇ ଗୁହାଁ ବହୁଲେ, ତହିଁରେ କାମ ଗୁପ୍ତଭାବେ ରହିଅଛି । ବିହଗ (ପକ୍ଷୀ) ମାନେ ଓ ପକ୍ଷୀମାନେ ନିଜ ୨ ସ୍ୱରରେ ତାହାକୁ ଗାନ କଲେ । ସମସ୍ତ ଲୋକେ ତାହାକୁ ପ୍ରଧାନ କରି ବସନ୍ତ ସ୍ୱରରେ ଗାଇଲେ । ସେଗୀତ କର୍ଣ୍ଣରେ ପ୍ରବେଶକରନ୍ତେ ହୃଦୟରେ ସର୍ବଦା ଉଦ୍ଦୀପନ (ଗୀତାଦ୍ୟୁଦ୍ଦୀପନରେ ରସଭାବ)

ଯହିଁରେ ସ୍ମରିଲ ଲଳନ ଚନ୍ଦନ ବଦନ ତାପ ବିନାଶରେ ।
ଲେଖ ଲେଖନ୍ତି ସ୍ୱର୍ଗଲୋକ ମଧ୍ୟରେ ଅତ୍ୟନ୍ତ ସ୍ମର ମାନସରେ ।
କୁମର, ବର ଏ ଋତୁ ଉପଗତେ ।
ଅଭିରାମ ଆରାମକୁ ଗଲେ ଦେଖି ମିତ୍ର ଶାରସ୍ୱତ ସଙ୍ଗତେ । ୧୫
ତର୍କବାଦ ବାଗୀଶ୍ୱର ନାମ ଦେଖି କରି ଚେଷ୍ଟାର ପ୍ରଚ୍ଛଦାସ୍ୟ ।
ପୂର୍ବେଗିଧା ସୁଖ ପୁଷ୍ପକାଳ ପ୍ରଶଂସି ହୋଇବାକୁ ବନବାସ୍ୟ ।
ତରୁଏ ଏଥିକି ସୁମନେ ହସନ୍ତି ।
ହିମନକାଳରେ ତାହା ବୋଲି ପିକେ ଅନ୍ତରେ ଯେଣୁ ଦୂଷନ୍ତି । ୧୬
ଶ୍ରୀକଣ୍ଠ ପ୍ରକଟ ସରସୀ ଦେଖାଇ ପରିବ-ନନ୍ଦନ ପୁଚ୍ଛନ୍ତି ।
ନୂତନା ପଦ୍ମ-ମୁଖ ଅଳି ବାଳାଗ୍ରି ଏହି କଥା କହି ଅଛନ୍ତି ।
ଯେ ଜଡ଼, ସେକି ମଧୁସଙ୍ଗେ ଲଭିବ ।
ଶାରଦଗ୍ରୀ ଉଷ୍ଣି ଗ୍ରୀଷମ ବରଷା ଶରଦେ କି ନାଦ ବାଞ୍ଛିତ । ୧୭

---

ଆଳମ୍ବ ( ପିକ, ଭୃଙ୍ଗଧ୍ୱନି ଶ୍ରବଣରୁ ଏବଂ ଚନ୍ଦ୍ରକିରଣ ଓ ମଳୟପବନ ସ୍ପର୍ଶରୁ ମନ ଶୃଙ୍ଗାରିତ ହେବା ) ଅବଲମ୍ବନ ( ନାୟିକାଦି ) ଏମାନେ ଅତି ଆନନ୍ଦରେ ଶୋଭା କଲେ । ସମ୍ଭୋଗ ଶୃଙ୍ଗାର ଓ ବିପ୍ରଲମ୍ଭ ( ବିଚ୍ଛେଦ ଶୃଙ୍ଗାର ) ଦୁହେଁ କେଳିରେ ଅଧିକ ଭାବ ସଂଯୋଗୀ ଓ ବିଯୋଗୀ ରଚନା କଲେ ।

୧୫— ଯେଉଁ ବସନ୍ତ କାଳରେ ଚନ୍ଦନ କାଠ ତାପ ନାଶ କରିବାକୁ ଅଦକ୍ଷିଣୀମୁଖୀ ଲେଖ ( ଦେବତା ) ମାନେ ସ୍ୱର୍ଗଲୋକରେ ରହି ପ୍ରଫୁଲ୍ଲଚିତ୍ତରେ ଲେଖ (ପ୍ରଶସ୍ତିପତ୍ର) ଲେଖନ୍ତି । ସେହି ବସନ୍ତ ଋତୁ ଆସିବାରୁ କୁମାର ଶ୍ରେଷ୍ଠ ଦୁଇମିତ୍ର ଓ ଅଦ୍ଭୁତ ପୁରୁଷ ସହ ମନୋହର ଉପବନକୁ ଗଲେ । ଆରାମ ( ଉପବନ ) ।

୧୬—ପ୍ରହସ୍ତ ତର୍କବାଦ ଓ ବାଗୀଶ୍ୱର ନାମରେ ଦୁଇ କବିଙ୍କ ଚେଷ୍ଟା ଦେଖିଲେ । ପୂର୍ବୋକ୍ତ ପୁର୍ବ ବାଦ୍ୟାଶ୍ରୟୀ ବନବିହାରୀ ହୋଇ ଥିବାରୁ ବନଶୋଭା ଦେଖି ବସନ୍ତକୁ ପ୍ରଶଂସା କରି କହିଲେ । ପିକମାନେ ହିମନକାଳ ( ଶୀତକାଳ ) କୁ ତାହା ( ଜ୍ଞ, ଗ୍ଳାନ ) ବୋଲି ଅନ୍ତଃକରଣରେ ଦୂଷୁଥିବାରୁ । ଏଥିପାଇଁ ବୃକ୍ଷ-ମାନେ ସୁମନେ ( ପୁଷ୍ପପ୍ରକାଶ ଦ୍ୱାରା ) ହସୁଅଛନ୍ତି ।

୧୭—ଶ୍ରୀକଣ୍ଠବର୍ତ୍ତୀ ସରୋବରକୁ ଦେଖାଇ ମନ୍ତ୍ରୀପୁତ୍ର ସମ୍ବୋଧନ କହିଲେ ଏ ପୁଷ୍କରିଣୀ ନୂତନ ସ୍ତ୍ରୀଙ୍କର ପଦ୍ମମୁଖକୁ ଅଳିମାନେ ଦେଖାଇ ଏହି କଥା କହୁଛନ୍ତି ଯେ ଜଡ଼ ( ଶୀତକାଳ ) ଜଡ଼ (କାତର) ସେ କିପରି ମଧୁ ( ବସନ୍ତକାଳ ) ମଧୁ (ମଦ୍ୟ) ସଙ୍ଗେ ସମାନ ହେବ ! ଏହାଶୁଣି ବାରମନ୍ତ୍ରୀ କହିଲେ ତେବେ ଗ୍ରୀଷ୍ମାଦି ଅନ୍ୟଋତୁମାନଙ୍କୁ ବସନ୍ତ କି ନିନ୍ଦୁଛି ?

ଅଗ୍ରତରେ ଥିଲ ଅଦ୍ଭୁତ ପ୍ରକୃତ ପାଲଟିଲ ହୋଇ ଜାଣିଲ ।
ରାଖି ବାଦେବଙ୍କ ଅକ୍ଷି ପଛେ ପକାଇ ଅବଧାନକୁ ନ ଆସିଲ ।
ନରେଶ, ସୁଭ ସମ୍ପ୍ରତେ ଅନାଇଲ ।
ସେହୁ ସମୟେ ସାବଧାନ କରିବା କେବଏ ମନ ମନାଇଲ ॥ ୧୮

ସୁରଭିପଣରେ ସୁରଭି ଗୁଣରେ ସୁରଭି-ପୁରେଶ ନନ୍ଦନା ।
ଯେମନ୍ତ ମଞ୍ଜୁଭାଷିଣୀଙ୍କ ସୀମନ୍ତ-ମଣିଭୂଷା ହୋଇ ବନ୍ଦନା ।
ତେମନ୍ତ, ସୁରଭି ବସ୍ତୁରେ ପ୍ରଧାନ ।
ନଦୀରେ ଗଙ୍ଗା ପୁରୁଷେ ମନସିଜ ଗଜେ ଇନ୍ଦ୍ରଗଜ ବଖାନ ॥ ୧୯

ଶୋଭା ଅବସରେ କନ୍ୟାରେ ପ୍ରସ୍ତୋତ ବୋଧକର ଥିଲ ବୋଇଲ ।
ସେ ଅପସରା ଖାଟଣୀ-ଖୁବ ଭଙ୍ଗ ତନୁକୁ ରମ୍ୟ ନ ପାଇଲ ।
ଯା ଶୋଭା, ଯଶ ଜଗତରେ ପ୍ରସର ।
ହାର ହାର ହୋଇ ତରଳକୁ ସେନି ସୁର-ସରିତ ଅନୁସର ॥ ୨୦

---

୧୮—ଅଗରେ ଥାଇଥିବା ଅଦ୍ଭୁତ ପ୍ରକୃତି ଲେଉଟି ପଡ଼ି କହୁଛି ବିଧାତା ବିରୁଦ୍ଧ କରି ଅନ୍ୟବସ୍ତୁମାନଙ୍କୁ ପଛକୁ ପକାଇ ଦେଉଅଛି, ଏ କଥା କେଣ ଆପଣଙ୍କ ମନକୁ ଆସୁନାହିଁ । ରାଜପୁତ୍ର ଅଳ୍ପ ଅଳ୍ପ ହସିକରି ଶୁଣିଲେ । ସେହି ସମୟରେ କେଣେ ଜଣ ସାବଧାନ କରିବ ମନ ମନାଇ ଦେଲା ।

୧୯—ସୁରଭି ପୁରେଶନନ୍ଦନା [ପୁଷ୍ପପୁରର ରାଜକନ୍ୟା] ସୁରଭି [ସୁନ୍ଦର] ପଣରେ ସୁରଭି [ଉତ୍ତମ] ଗୁଣରେ ଯେପରି ସ୍ତ୍ରୀମାନଙ୍କର ମସ୍ତକମଣି ହୋଇ ସୁନ୍ଦରୀମାନଙ୍କର ବନ୍ଦନୀୟା ହୋଇଅଛି, ସେହିପରି ବସ୍ତୁମାନଙ୍କ ମଧ୍ୟରେ ବସନ୍ତ, ନଦୀମଧ୍ୟରେ ଗଙ୍ଗା, ପୁରୁଷମଧ୍ୟରେ କାମ ଏବଂ ହସ୍ତୀ ମଧ୍ୟରେ ଐରାବତ ପ୍ରଧାନ, [ମଞ୍ଜୁଭାଷିଣୀ ସୁନ୍ଦରୀ] ସୀମନ୍ତ ମଣିଭୂଷା [ମଣିମୟ ଶିରୋଭୂଷଣ] ମନସିଜ [କାମ] ।

୨୦—ଏକଥା ଶୁଣି ସେଠାରେ ଥିବା ବୋଧକର (ବୃଦ୍ଧ ବନ୍ଦୀ) ସେ ରାଜକନ୍ୟା କଣ ଶୋଭାରେ ରମ୍ଭାତୁଲ୍ୟ ଉପଯୋଗ ହେବ । କରି କହିଲେ ସେ ରମ୍ଭା ଅପ୍ସରା ଶୋଭାରେ ଏହାଙ୍କ ସମାନ ନହେବାରୁ ଖାଟଣୀ (କୃଷ) ଖୁବ ଧରି ( କଦଳୀବୃକ୍ଷରୂପେ ) ଏହାଙ୍କର ଗୋଟିଏ ଅଙ୍ଗର ( ଜଙ୍ଘର ) ଶୋଭାକୁ ସୁଦ୍ଧା ସମାନ ହେଲା ନାହିଁ । ଯାହାଙ୍କର ଜଗଦ୍‌ବ୍ୟାପୀ ଶୋଭା ଯଶ ସବୁ ଶୁକ୍ଳଭାବରେ ହାର ଯାଇ ସୁରସରିତ ( ମନ୍ଦାକିନୀ ) ଜଳ ହୋଇ ହାର ରୂପରେ ଏହାଙ୍କ ଅନୁସରନ୍ତି ।

ଜଗଜ୍ଜୟ-ଅର୍ଥୀ ତା ବଶ ମନ୍ମଥ ମୂର୍ତ୍ତିମନ୍ତ ହେବା କାରଣ ।
ତେଣୁକି ଇଚ୍ଛିଟି ଚରଣତଳରେ ଶରଣ ପଶିଲା ବାରଣ ।
ଭବଏ, କହୁଁ ସମ୍ଭୂତିର ଏସନ ।
କବି ଏ ବୋଲେ ମୁକୁଳିତ ଧଳିକା ଧରି ନେ ବସନ୍ତ-ବସନ ।  ୨୧
ହେ ଭଲ କହିଲ ବର କାହିଁ ଲକ୍ଷ୍ୟ ସୁକାନ୍ତିକି ଅନୁ ତୁଳନ ।
ସେ ବେଳ ବଚନ ଶଠତ ଭଣତ ତାଙ୍କୁ ନେଲ ଯେ ଭୁଲାଇ ।
ଅନ୍ତରେ ବାସନ୍ତ ବାସନ୍ତ ଧ୍ୱଂସନ ।
ମାଧବୀ-ମଣ୍ଡପେ ରାଜସୁତ ବାଟେ ଜଣ୍ଡ ମନ୍ତ୍ରୀସୁତ ମଣ୍ଡନ ।  ୨୨
ହେ କବେ କହ ତୁମେ କେଉଁ ଦେଶରେ କବାକୁ ସୁନ୍ଦରୀ ଅଧାର ।
ଯାହା କହିଲ କି ସତ ସେହିରୂପେ ଜାତ ହୋଇଅଛି ସୁନ୍ଦରୀ ।
ଶ୍ରବଣ, କାବା ଦୃଷ୍ଟିବ୍ୟ ସେ ଭାଷିଲେ ।
ମିଥ୍ୟା ଦୁକାର ଚମତ୍କାର ଦେଖିତ ତା ଦେନା ସକ୍ୟୁ ଅସିଲେ ।  ୨୩
ନୋହିଲ ବିଶ୍ୱକର୍ମା ମନୁ ପିତୁଳ ବାରବେନ ରାଜ ତଳ୍ପଶେନ ।
ସୁସୃମ ସଙ୍ଗମ ବାଲ୍ୟକାଳେ ସୃଷ୍ଟିଲେ କେତୁ ନିର୍ମିତ ଏ ଜଗତେ ।
ହେଲା ଏ, ଯୋଗେ କରୁ କରୁ କଳ୍ପନା ।
ଏ ଅଙ୍ଗ ଦେ ଅଙ୍ଗ ଏସନ ତେସନ ମୁଗ୍ଧ କଳ୍ପିବା କଳ୍ପନା ।  ୨୪

---

୨୧—ମଦନ ଜଗତ ଜିଣିବାକୁ ଇଚ୍ଛାକରି ମୂର୍ତ୍ତିମାନ ହେବାକୁ ତାହାର ବଶ ହେଲା । ତାଙ୍କ ସମାନ ହେବାପାଇଁ ଐରାବତ ଏହାଙ୍କର ଚରଣ ତଳରେ ହସ୍ତୀରତ୍ନରୂପେ ଶରଣ ପଶିଲା । ଜଣେ କବି ଏଥିପରି ଉତ୍ପ୍ରେକ୍ଷା କରନ୍ତେ ଅନ୍ୟକବି ତାହାଙ୍କ ଭ୍ରମ୍ଭୁ ମାନିଲା, ବସନ୍ତଋତୁ ସୁନ୍ଦରୀର ବସନର ବସନ୍ତ ଧଳରୂପେ ଶରଣ ପଶିଲା ।

୨୨—ହେ କବି ଭଲ କଥା କହିଲ, ସେ ସୁନ୍ଦରୀ ତୁଳନାରେ ବର କାହିଁ ବୋଲି ମନ୍ତ୍ରୀପୁତ୍ର ପତ୍ରିରତ୍ନ କବାଙ୍କ ତାଙ୍ଖରେ କ୍ରୀଡ଼ାଖ୍ୟବରେ ଶଠତ କଥାସବୁ ରାଜପୁତ୍ରଙ୍କର ମନକୁ ଭୁଲାଇ ନେବାରୁ ରାଜପୁତ୍ର ସେ ବାସନ୍ତରେ ଅନ୍ତର ହୋଇ ବାସନ୍ତ ବାସନା ଧ୍ୱଂସ କଲେ ଏବଂ ମାଧବୀମଣ୍ଡପରେ ବସିକରି, ମନ୍ତ୍ରୀପୁତ୍ର ପୁଚ୍ଛିଲେ ।

୨୩—ହେ କବିମାନେ ଆପଣ କେଉଁ ଦେଶର କବି, ଆପଣ ଯା କହିଲ ଏହା କଣ କବିତାର ସୁନ୍ଦରୀ, କି ସତ ସେହିରୂପେ ସୁନ୍ଦରୀ ଜନ୍ମିଛି । ଏହାକୁ କଣ ଶୁଣିଛ ବା ଦେଖିଛ । ସେ ପୁଣି କହିଲେ ଯେଉଁସବୁ ଆଶ୍ଚର୍ଯ୍ୟ କଥା ମିଥ୍ୟାପରି ପ୍ରତୀତ ହୁଏ ସେ ସବୁ ତା ଯୋଗୁଁ ସତ ହେଲା ।

୨୪—ବାଲ୍ୟାବସ୍ଥାରେ ସେ ସୁନ୍ଦରୀର ସମାନରେ କୋଟିଏ ପିତୁଳା ନିର୍ମାଣ କରିବାକୁ ବିଶ୍ୱକର୍ମା ଚେଷ୍ଟାକଲେ କିନ୍ତୁ ଠିକ୍ ହେଲା ନାହିଁ, ମନୁ (ଅସୁର)

ଯୌବନ ଏବେ ସେବନ କରି ତାଙ୍କୁ ପ୍ରାଣମାନଙ୍କ ତପ ବଢ଼ାଇ ।
କବି ଭାରତୀ ଅଗୋଚର ମାର୍ଗରେ କବି ଭାରତୀକି କଢ଼ାଇ ।
ଜାତକ, ସ୍ଥାଣୀ ଭେକ ଅମ୍ବୁ ଭରସା ।
ଘୃତକ ସ୍ଥାନେ ଯଥା ଥିଲା ମୁଦିର ପ୍ରତିଦିନ କରେ ବରଷା ॥ ୧୫
ଯେଉଁ କାଶୀକ୍ଷେତ୍ର ପରମ ପବିତ୍ର ଶିବେନ୍ଦ୍ର ମନ୍ଦଦା କାରଣୀ ।
ମୋକ୍ଷ ଦାନରେ ସେ ଦକ୍ଷିଣ ଦକ୍ଷିଣକର୍ଣ୍ଣ ଊର୍ଦ୍ଧ୍ୱ ହୁଏ ମରଣେ ।
ସେ ଧନ୍ୟ, ସେନ ଶିବ ତହିଁ ଭାବକ ।
ଗୁଣ କୋଟି ସ୍ଥାନ ଧନ୍ୱୀ ଧୂର୍ଜଟି ଯେ ପାପ-ପରକୁ ବିଦାରକ ॥ ୧୬
ମଦ ମଜ୍ଜନ ମୃଡଜନ ରଞ୍ଜନ କୃପାଞ୍ଜନ ରୂପ ବହିଣ ।
ଦୁଷ୍କୃତ ଅବରଣୀ ହେଲି ସୁକୃତ ପୁଣ୍ୟଶିକୃତରେ ରହିଲା ।
ଭୈରବୀ, ଖନା ଦଣ୍ଡ ନାହିଁ ଯହିଁରେ ।
ଯମର ଅମଳ ବାର୍ତ୍ତି ତ୍ରୁ ଅଟଇ ସେହୁ ପୂର୍ଣ୍ଣ ସିନା ମହୀରେ ॥ ୧୭

---

ଶିଳ୍ପୀ ମଧ୍ୟ ରଚନାରେ ଲେଖି ପାରିଲେ ନାହିଁ ତହିଁ ଭାବିଲେ ଏ କାଶୀର ରଚନା ( ବ୍ରହ୍ମାଙ୍କ ଦ୍ୱାରା ) ନିର୍ମିତ ହେଲା । ବୋଧହୁଏ ବ୍ରହ୍ମା ଏ ଅଙ୍ଗ ସେ ଅଙ୍ଗ ନିର୍ମାଣ ଓ ଏଣୁ ତେଣୁ କରି ସଂଯୋଗ କରୁ କରୁ ଦୈବ-ଯୋଗରେ ଏପରି ପ୍ରସନ୍ନମୂର୍ତ୍ତି ହୋଇଗଲା । କିନ୍ତୁ ମନୁଷ୍ୟ ଏପରି ନିର୍ମାଣ କରିବା ଅଳ୍ପ କଥା ନୁହେଁ ।

୧୫—ଏବେ ଯୌବନ ସେ ସୁନ୍ଦରୀଙ୍କୁ ଆଶ୍ରୟ କରି ତାହାର ଦୀପ୍ତିକୁ ବଢ଼ାଇବାରୁ କବି (ସ୍ୱକ) ଭାରତୀ (ସରସ୍ୱତୀ) ଏ ରୂପସଙ୍କର ଅଗୋଚର ବର୍ଣ୍ଣନା ମାର୍ଗରେ କବିମାନଙ୍କର ବାକ୍ୟକୁ ବାଟ କଢ଼ାଇଲା । କେବଳ ତାହାର ଜନ୍ମ-ସ୍ଥାନରେ ଅମ୍ବୁର ଜନ୍ମ ହୋଇଥିବାରୁ ବର୍ଣ୍ଣନା କରିବାକୁ ଭରସା ହେଉଅଛି । ଘୃତକଥିବା ସ୍ଥାନରେ ମୁଦିର (ମେଘ) ଯେପରି ପ୍ରତିଦିନରେ ବରଷା କରେ, ସେହିପରି ଅମ୍ବୁ ସେହି ସ୍ଥାନରେ ଥିବାରୁ ସୁନ୍ଦରୀର ସୌନ୍ଦର୍ଯ୍ୟରସ କାନ୍ତି କାନ୍ତି ସୁଦାସ୍ୱଜନ କରୁଅଛି ।

୧୬—ଯେଉଁ କାଶୀକ୍ଷେତ୍ର ମହାଦେବ ମନ୍ଦାକାରୀ ହେବାରୁ ଅତି ପବିତ୍ର ସ୍ଥାନ, ଏବଂ ମୁକ୍ତିଦେବା ବିଷୟରେ ଅତି ଦକ୍ଷିଣ (ନିପୁଣ) ଯେଉଁଠାରେ ମରଣ-କାଳରେ ଦକ୍ଷିଣ କର୍ଣ୍ଣ ଉପରକୁ ହୁଏ । ସେ କାଶୀକ୍ଷେତ୍ର ଧନ୍ୟ, ଶିବଭାବକ-ମନ ତହିଁରେ ରହ, କୋଟିଏ ଲିଙ୍ଗର ସ୍ଥାନ ଗୁଣ, ଧୂର୍ଜଟି ( ମହାଦେବ ) ସେ ଧନକୁ ଧରି ପାପରୂପୀ ଶତ୍ରୁମାନଙ୍କୁ ବିଦାରଣ କରୁଅଛି । ଧନ୍ୱୀ (ଧନୁର୍ଦ୍ଧାରୀ) ପର (ଶତ୍ରୁ)

୧୭—ଯେଉଁଠାରେ ମଦ୍ୟକୁଣ୍ଡରେ ବୁଡ଼ିବା ଲୋକ ମଜ୍ଜନରେ ସୁନ୍ଦରରୂପେ କୃପାଞ୍ଜନ (ଶିବ) ସ୍ୱରୂପ ଧାରଣ କରି, ଏପରି ପାପ ଆଗୁରଣରେ ମଧ୍ୟ

ସେ ମୁକ୍ତିଦପୁରେ ମଣିକର୍ଣ୍ଣିକାରେ ତ୍ରିବର୍ଗ ଫଳର ସୋପାନ ।
ମୂର୍ଖମୁଖରେ ସଂସ୍କୃତ ଜାତ ଯାହାର କରନ୍ତି ଯହିଁ ପୟଃପାନ ।
ବରଦା, ସାରଦା ଅନ୍ନପୂର୍ଣ୍ଣା ଦେବୀ ।
ଅଛନ୍ତି ବାଞ୍ଛନ୍ତି ବିଦ୍ୟାର୍ଥୀରେ ବିଦ୍ୟା କ୍ଷୁଧାତୁରକୁ ଅନ୍ନ ଦେବା । ୨୮
ଜପ କାହିଁ ବକ୍ର-ତୁଣ୍ଡ ସ୍ଥାନରେ ଅନ୍ୟ ମନ୍ତ୍ରରେ କେବେଁ ଅହୋ ।
ତପ ନାହିଁ ଅନ୍ୟ କାମନାରେ ସେହୁ ବାଳା ବର୍ଣ୍ଣନାକୁ ଧ୍ୟାଇଁ ।
ପଢ ହେ, ମଠନ୍ତୁ ଅଭି କି କାରଣ ।
ବୀର ବୋଲେ ହୃଦକୁମୁଦକୁ ମୋହୁ ବଧୂ କାହିଁ ବିଧୁ-କିରଣ । ୨୯
ଯେହ୍ନେ ତାରକ ପ୍ରବର୍ତ୍ତିକ ଜଗତେ ତାରକ ସ୍ୱଭାବେ ସେହିତ ।
ମହାଗୁରୁ ଶମ୍ଭୁ ସେ କାଶୀଶ୍ୱରଙ୍କ ବନ୍ଦନା କରିବା ଉଚିତ ।
ହୋଇଲା, କବି ଉପେନ୍ଦ୍ର ଭଞ୍ଜର ।
କାମ-ଦାୟକ ବିନାୟକ ଜନକ ଏ ଗ୍ରନ୍ଥରେ ସ୍ତୁତି ଜର୍ଜର । ୩୦

---

ପୁଣ୍ୟ ହେଲେ ସେ ପୁଣି ପୁରାଣରେ ଲେଖା ହୋଇ ରହିବ । ସେଠାରେ ଭୈରବୀ (ଦୁର୍ଗା) ଦଣ୍ଡ ଛଡ଼ା ଯମଦଣ୍ଡ ନାହିଁ, ଦେବବାଞ୍ଛିତ ସେହିସ୍ଥାନ ପୃଥିବୀରେ ସ୍ୱର୍ଗତୁଲ୍ୟ ଅଟେ ।

୨୮—ସେ ପୁର ମୁକ୍ତିଦାତା, ମଣିକର୍ଣ୍ଣିକା ତୀର୍ଥରେ ତ୍ରିବର୍ଗ (ଧର୍ମ, ଅର୍ଥ କାମ,) ଫଳ-ପ୍ରାପ୍ତି ବିଷୟରେ ସୋପାନ (ପାହାଚ) ରହିଅଛି । ସେ ତୀର୍ଥଜଳ ପାନକଲେ ମୂର୍ଖ ମୁଖରୁ ସଂସ୍କୃତ ବାହାରେ । ସେଠାରେ ବରଦାୟିନୀ ହୋଇ ସାରଦା (ସରସ୍ୱତୀ) ଓ ଅନ୍ନପୂର୍ଣ୍ଣା ରହିଅଛନ୍ତି । ସେ ବିଦ୍ୟାର୍ଥୀଙ୍କୁ ବିଦ୍ୟା ଓ କ୍ଷୁଧାତୁରଙ୍କୁ ଅନ୍ନଦେବାକୁ ସର୍ବଦା ଇଚ୍ଛା କରନ୍ତି ।

୨୯—ସେ ସ୍ଥାନରେ ଋଷି ଅମ୍ଭେମାନେ ବକ୍ରତୁଣ୍ଡ (ଗଣେଶ) ମନ୍ତ୍ର ଛଡ଼ା ଅନ୍ୟ ମନ୍ତ୍ରରେ ଜପ କରୁନା, ବା ସେ ସୁନ୍ଦରୀର ବର୍ଣ୍ଣନାକୁ ଧ୍ୟାନ କରିବା ଭିନ୍ନ ଅନ୍ୟ କାମନାରେ ତପସ୍ୟା କରୁନା । ଏହା ଶୁଣି ରାଜପୁତ୍ର କହିଲେ, ଅହୋ ତାଳମୂଳରେ କି ପ୍ରୟୋଜନ, ଶୀଘ୍ର ପଢ଼, ସେ ସ୍ତ୍ରୀର କାହିଁ ଚନ୍ଦ୍ରକିରଣପରି ହୃଦ କୁମୁଦକୁ ଆମୋଦ ଦେଉ ।

୩୦—ଯେ ସଂସାରରେ ତାରକ ମନ୍ତ୍ର ପ୍ରବର୍ତ୍ତିକ ପୁଣି ସ୍ୱଭାବରେ ତାରକ (ଉଦ୍ଧାର-କର୍ତ୍ତା) ମହାଗୁରୁ ସେ କାଶୀଶ୍ୱରଙ୍କ ବନ୍ଦନା କରିବା କବି ଉପେନ୍ଦ୍ରଭଞ୍ଜଙ୍କର ରଚିତ, ପୁଣି ଏ ଗ୍ରନ୍ଥରେ ଜର୍ଜରହୋଇ କହନ୍ତି ହେ ଗଣେଶ-ଜନକ ଆପଣ କାମଦାୟକ, ଅତଏବ ମୋ କାମନା ପୂର୍ଣ୍ଣକର ।

---

# ସପ୍ତମ ଛାନ୍ଦ

[ ରାଜପୁତ୍ର ଆଗରେ କୋଟିବ୍ରହ୍ମାଣ୍ଡସୁନ୍ଦରୀର ଶୋଭା ବର୍ଣ୍ଣନା ]

ରାଗ—ରସକୋଇଲି

କୁମର ପ୍ରସଙ୍ଗେ କହୁଚନ୍ତି ଶୁକେଁ । ସରସ୍ୱତୀ ତାର ମିତ୍ରରେ ରହେ ।
ରଜନୀଚରୀ ଚରିତ ଚିନ୍ତିଲା । ପ୍ରସ୍ତାରେ ନେତ୍ରପାତ ହୋଇଥିଲା ଯେ ।
ଏଣୁ ତା ପ୍ରତିମା ଧରି ଯେ ।
ଦେଖିବା କହିବା ଦେବା ଆଶ୍ଚର୍ଯ୍ୟରୁ ବର୍ଣ୍ଣନା ବାଧ୍ୟ ଅଟଇ ଯେ ॥ ୧
ବିଧି ନିର୍ମିତ ଯତ୍ନେ ଅହଲ୍ୟାକୁ । କରି ରଖିଲା ଗଢ଼ିବ ବାଳାକୁ ।
କଲ୍ୟୁ ଦେଲା ଜାଣେ ଶିଳାପଦବୀ । ଏମା ଚରଣ-ଘଷା ଭଳି ଲାଗି ଯେ ।
ଏହୁ ଠିକ ଅନୁମାନ ଯେ ।
ଯାହାକୁ ଏବେ ହୋଇଥାଇ ବିଧାତା କି କରି କଲା ବିଧାନ ଯେ ॥ ୨
କରିବା ତାହାର ବର୍ଣ୍ଣନା ବାଧ୍ୟ । ଇତର କଥା: ବେଦନାର ବୁଦ୍ଧି ।
ଉପମା ସନ୍ଧାନ ହେବା ସମସ୍ତ । ପଡ଼ିଲା ଏଥିରେ କେଉଁ ସଂଶୟ ଯେ ।
କାହିଁକି ଲକ୍ଷ୍ୟେ ଲକ୍ଷଣା ଯେ ।
ଏହୁ ବଡ଼ କଥା ନୁହଇ ତାହାଙ୍କୁ କୋଇଲେ ହୋଇଲା ଊଣା ଯେ ॥ ୩

---

୧—କୁମାର ପଚାରିବାରୁ କବି ପୁଣି କହିଲେ, ସରସ୍ୱତୀ ତାହାର ମିତ୍ର ହୋଇ ଥିବାରୁ ବର୍ଣ୍ଣନା ବସ୍ତୁରେ ମନ ସରସ୍ୱତୀଙ୍କ ଚିନ୍ତା ନ କରି ସରସ୍ୱତୀ ରୂପ ଧରିବା କାରଣ ରଜନୀଚରୀ ଚରିତକୁ ଚିନ୍ତିଲା (ସୁକାନ୍ତନାମ୍ନୀ ରାକ୍ଷସୀ ସୀତାଙ୍କୁ ଦେଖି ପ୍ରଥମରେ ସ୍ୱାସ ଦେଇ ସୀତାଙ୍କ ପ୍ରତିମୂର୍ତ୍ତି ଧରିଥିଲା); ମନ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଧରିବାରୁ ତାକୁ ଦେଖିବା ଓ କହିବା ଏ ଦୁଇ ଆଶ୍ଚର୍ଯ୍ୟ ଫଳ ପାଇଁ ବର୍ଣ୍ଣନା ଆରମ୍ଭ କଲା ।

୨—ବିଧି ଯତ୍ନପୂର୍ବକ ଅହଲ୍ୟାକୁ ଗଢ଼ି ବାଳାକୁ ଗଢ଼ିବ ବୋଲି ରଖିଲା, କିନ୍ତୁ ବାଳା ରୂପ କଳନା କରି ଲାଗିଲା ଯେ ଅହଲ୍ୟା ବାଳାର ଚରଣଘଷା ଭଳି ହେବ, ତେଣୁ ଅହଲ୍ୟାକୁ ଶିଳାପଦବୀ ଦେଲା ଏହାପରି ଠିକ ଅନୁମାନ ହେଉଅଛି ।

୩—ଏବେ ଯାହାକୁ ବିଧାତା କରିଁ ଥାଇଁ ସେ କପରି ଏପରି ବିଧାନ କଲା । ତାହାର ବର୍ଣ୍ଣନା କରିବା ଅନ୍ୟ କଥାରେ କେବଳ ବୁଦ୍ଧିକୁ କ୍ଳେଶ ଦେବାମାତ୍ର । ଉପମାମାନଙ୍କର ସନ୍ଧାନ ହେବା ସମସ୍ତ ପଡ଼ିଲା, ଏଥିରେ କାହା-ମାନ ସଂଶୟ ନାହିଁ । ଏହା ଲକ୍ଷ୍ୟରେ ଲକ୍ଷଣା (ତୁଳନା) କେଉଁଠାରେ ଅଛି ? ସମସ୍ତ ଉପମା ଊଣା ହେଲେ—ଏହା କହିଲେ କିଛି ବଡ଼ କଥା ହେବନାହିଁ ।

ବଚନ ଲଘୁକୁ ବୋଲିଲେ ଯେଣୁ । ବିଷ୍ଣୁ ମୁଖେ ମେଳ ମୋହନ ବେଣୁ ।
କ୍ଲେଶ ସହି କଣ୍ଠ ଛିଦ୍ର ଧାରିଲା । ପୁରୁଷୋତ୍ତମ କମ୍ବୁପୁର ଭଲା ସେ ।
ନିଶ୍ୱାସ ତୁଳନା ସ୍ନେହେ ଯେ
ଧୀର ଗନ୍ଧ ଶୀତ ମରୁତ ବସନ୍ତେ ଦେବତା ଅସୁର ଦେଖହିଁ ଯେ । ୪
ଦଶନ ଲକ୍ଷ୍ୟକୁ ପାଇ ନ ପାଇ । ମୁକ୍ତ ହୋଇ ସିନା ମୁକ୍ତା ବୋଲାଇ ।
ମଧୁର ନୋହେ ମଧୁଓଷ୍ଠ ପରି । ସୁଦଶା-ଉଚ୍ଛିଷ୍ଟେ ସେ ଶବ୍ଦ ଧରି ସେ ।
ଦେବତା ପ୍ରତିଷ୍ଠା ବାନ୍ଧି ଯେ ।
ଅରୁଣ ଅଧରେ ଅରୁଣ ଅଧର ଜବା ସର୍ବଛଳିଲ ରହି ସେ । ୫
ହାସ ଯଶେ ଚୂର୍ଣ୍ଣ ହେଲେ କର୍ପୂର । ଭଜେ ସମସ୍ତ ହୃଦରେ ପୁର ।
ଯେ ଦୁଇ ଘେନି ସ୍ୱର୍ଗ ବେଦ ନାମ । ଶୁକବାପୁ ବଳେ ହେବ ଉପମା କି ।
ଯାହାର ଅଗ୍ରିମ ଭୂଷା ଯେ
ଗୁରୁ କବି ଛବି ଲୁଟି କରିବାରେ ପାଇଛି ଲୋକେ ପ୍ରଶଂସା ଯେ ॥

---

୪—ମୋହନ ବଂଶୀ ଏହାର ବଚନ ସଦୃଶ ସମାନ ହେବାରୁ ବିଷ୍ଣୁଙ୍କ ମୁଖରେ ଲାଗିଲା । କମ୍ବୁ ( ଶଙ୍ଖ ) କଣ୍ଠାପେକ୍ଷା ହୋଇ ନାନାପ୍ରକାର କ୍ଲେଶ ସହି ଏହାର କଣ୍ଠ ଛବିକୁ ଧ୍ୟାନ କରିବାରୁ ବିଷ୍ଣୁ ତାହାରେ ସ୍ନେହୀ ହୋଇ ଆପଣାର ବାସସ୍ଥାନକୁ କମ୍ବୁପୁର କଲେ, ( ପୁରୁଷୋତ୍ତମ କ୍ଷେତ୍ରର ନାମ କମ୍ବୁପୁର ) ବାୟୁ ନିଶ୍ୱାସ ସମାନ ହେବାରୁ ସ୍ନେହରେ ବସନ୍ତରେ ଶୀତଳ ଓ ସୁଗନ୍ଧ ହୋଇ ଧୀରେ ଧୀରେ ବହୁବାରୁ ଅସୁରଦେହ ଧରି ମୁହାଁ ( ପ୍ରାଣ ଶରୀରକୁ ଛାଡ଼ିଲେହେଁ ବାୟୁ ଅସୁର ଦେହୀ ) ଦେବତା ହୋଇଗଲା ।

୫—ମୁକ୍ତା ଦନ୍ତ ତୁଳନାକୁ ପାଇ ନ ପାରିବା ହେତୁରୁ ମୁକ୍ତ ହୋଇ ସିନାରୁ ମୁକ୍ତା ବୋଲାଇଲା । ମଧୁ ଓଷ୍ଠପରି ମଧୁର ନ ହେଲେ ମଧୁ ନିଜନାମରେ ମଧୁ ଶବ୍ଦ ଧରିଥିବାରୁ ସୁଦଶା ( ମଧୁମକ୍ଷିକା ) ଉଚ୍ଛିଷ୍ଟରେ ମୃଷ୍ଟରସରେ ଦେବତା ମାନଙ୍କର ପ୍ରତିଷ୍ଠା ରଖିଅଛି । ଅରୁଣ ( ବାଳସୂର୍ଯ୍ୟ ) ଅରୁଣ ( ରକ୍ତବର୍ଣ୍ଣ ) ଅଧର ଆଗରେ ଅଧର ( ନିକୃଷ୍ଟ ) ହେଲେ । ଜବା (ମନ୍ଦାର) ସର୍ବଛଳେ ରହିଲା ( ପାଦତଳ ସମାନହେଲା )

୬—ଯାହାର ହାସ୍ୟ ଓ ଯଶ କର୍ପୂରକୁ ଚୂନା କରି ନେଇଥିବାରୁ କର୍ପୂର ଭୟରେ ଲୋକମାନଙ୍କ ହୃଦୟକୁ ଆଶ୍ରୟ କରି ପୁର ( ବାସସ୍ଥାନ ) କରିଅଛି । ଯେଉଁ ଦୁଇଟି ସ୍ୱରୂପ ( ନାକ ଓ କାନ ) ସ୍ୱର୍ଗ ଓ ବେଦ ନାମକୁ ଧରି ଅଛନ୍ତି, ( ସ୍ୱର୍ଗର ଅପର ନାମ "ନାକ", ବେଦର ଅପର ନାମ "ଶ୍ରୁତି" ) ସେ ଦୁହିଁଙ୍କର ଉପମା ଶୁକବାପୁ ( ବ୍ୟାସ )ଙ୍କ ଦ୍ୱାରା ହୋଇ ପାରିବ କି ? ଯେଉଁ ନାକର ଅଗ୍ରିମ ଭୂଷଣ ( ମୋତି ) ବୃହସ୍ପତି ଓ ଶୁକ୍ରଙ୍କର ଉଜ୍ଜ୍ୱଳ ଛବିକୁ ଲୁଟି କରିବା ବିଷୟରେ ଲୋକରେ ପ୍ରଶଂସା ପାଇଅଛି ।

ଏତେକ ପଦ ଏକଲ୍ୟ ଥିଲା । ପଟନ୍ତରେ ଛଳ ଜାଗୁଲି ଗଲା ।
ନୟନେ ଅଛି ଇନ୍ଦ୍ରଜାଲ ମାୟା । ସ୍ତମ୍ଭନ ମୋହନ ବଶ ଆଶ୍ରୟା ସେ ।
ଅଞ୍ଜନ ଗୁଣ ସାକ୍ଷାତ ହେ ।
ନିର୍ଗୁଣ ତ୍ରିବେଣୀ ସଗୁଣ ସାରଣୀ ପର ଧରେଣ ନାନାପଥ ସେ ॥ ୭
ସେ ନେତ୍ରେ ସଙ୍ଗ କୃଷ୍ଣ ରାମ ବେଶ । କଂସସଭା ଅଗ୍ରେ ପ୍ରକଟ ବେଶ ।
କୁବଳୟ ଦର୍ପ ଟଳାଇ ନାଶି । କାଣ୍ଡ ଗୁଳିକାଣ୍ଡ ଚାପରେ ଧରି ସେ ।
ମୃଗ ଖଞ୍ଜନଙ୍କୁ ନାଶି ହେ ।
ଦେଖିବାର ଅଖି ଚକୋର ପକ୍ଷୀକି ଯେମନ୍ତ ପୀୟୂଷବର୍ଷୀ ହେ ॥ ୮
ଅର୍ଜୁନ ସଦାବା ଭଙ୍ଗୀ ପ୍ରସିଦ୍ଧ । କାଣ୍ଡ ଗୁଳିକାଣ୍ଡ ତାଙ୍କ ଆୟୁଧ ।
କି କପାଳ ଧନୁ ଏ ଭୂରୁ ଗୁଣ । କଜ୍ଜଳ ଭ୍ରୂଲତା ହୋଇ ପ୍ରମାଣ ସେ ।
ମନଭେଦୀ ମନୋଜବ ହେ ।
ଯୁବା ହୃଦ୍-ସତ ଧୃତି ଟାଳି ଦେଲ ଏଥି କି ବିକଳ୍ପ ଭାବ ହେ ॥ ୯

---

୭—ଏତେକ ପଦ (ସ୍ଥାନ), ବର୍ଣ୍ଣନା କରିବାକୁ ଗୋଟି ଗୋଟି କରେ ଲକ୍ଷ୍ୟ ବସ୍ତୁଥିଲା, ଏସବୁ ଉପମା ମାନଙ୍କ ମଧ୍ୟରେ ପଟନ୍ତରେ ଛଳ କରିବାକୁ ଗୋଟିଏ ସ୍ଥାନ ପାଇଁ ଅନେକ ଉପମା ଅଖି ଆଗେ ଅଗରେ ଲୁଣ୍ଠ ହେଲେ । ନୟନରେ ଇନ୍ଦ୍ରଜାଲ ମାୟା ଥିବାରୁ ସେ ସ୍ତମ୍ଭନ, ମୋହନ ଓ ବଶୀକରଣର ଆଶ୍ରୟ ହୋଇଅଛି । ତହିଁରେ ଅଞ୍ଜନଗୁଣ ଥିବାରୁ (କଳା ରେଖ ଥିବାରୁ) ସେ ତତ୍ତ୍ୱ ସାକ୍ଷାତ୍ ତ୍ରିଗୁଣ (ସତ୍ତ୍ୱ, ରଜ, ତମ) ତ୍ରିବେଣୀ (ଗଙ୍ଗା, ଯମୁନା, ସରସ୍ୱତୀ) ସଗୁଣ (ଗୁଣ ଯଥା ଡାକଥିବା) ସାରଣୀପର କଳା, ଧଳା, ଓ ନାଲି ରଙ୍ଗରେ ରଞ୍ଜିତ ହୋଇଅଛି ।

୮—ସେ ନେତ୍ରରେ କୃଷ୍ଣ (କଳା) ରାମ (ଶୁକ୍ଳବର୍ଣ୍ଣ) ସଙ୍ଗ ହୋଇ କୃଷ୍ଣ ବଳରାମ ହୋଇ ଅଛନ୍ତି । ଯେପରି କୃଷ୍ଣ ବଳରାମ କଂସସଭା, (କଂସଧନୁର୍ଯ୍ୟଜ୍ଞ) ଅଗ୍ରେ (ମଧ୍ୟରେ) ପ୍ରକଟ ହୋଇଥିଲେ ଏବଂ କୁବଳୟ ହସ୍ତୀର ଦର୍ପ ଖର୍ବ କରିଥିଲେ, ସେହିପରି ଏ ନେତ୍ର ସଭାଅଗ୍ରେ (ସର୍ବବିଶେଷ ଭାବରେ) ରଙ୍ଗବର୍ଣ୍ଣକୁ ପ୍ରକଟ କରିଅଛି ଏବଂ କୁବଳୟ (ପଦ୍ମର) ଗର୍ବକୁ ନାଶ କରୁଛି । ପୁଣି ସେ ନେତ୍ର କାଣ୍ଡ ଓ ଗୁଳିକାଣ୍ଡ (ବାଟୁଳି) ପରି ଦିଶୁଛି, ଅତଏବ ମୃଗ ଓ ଖଞ୍ଜନ ପକ୍ଷୀକୁ ନାଶ ଦେଉଛି । ଦର୍ଶକମାନଙ୍କର ଚକ୍ଷୁରୂପ (ଚକୋର) ପକ୍ଷୀକୁ ଅମୃତ ବର୍ଷିବାର ସନ୍ତୋଷ ଦେଉଅଛି ।

୯—ତହିଁରେ ଅର୍ଜୁନ (ଶୁକ୍ଳବର୍ଣ୍ଣ) ଅର୍ଜୁନ ନାମ ସଦାବାରେ ପ୍ରସିଦ୍ଧ ହୋଇଅଛି । ଅର୍ଜୁନଙ୍କର କାଣ୍ଡ ଗୁଳିକାଣ୍ଡ (ବାଟୁଳି) ଏବଂ ମନଭେଦୀ ଶର ଥିଲା ଏବଂ ସେ ଯୁବକର ଧୈର୍ଯ୍ୟକୁ ଟାଳି ଦେଇଥିଲେ, ଏଠାରେ କପାଳ ଧନୁ କଜ୍ଜଳ ଓ ଭ୍ରୂଲତା ଏ ଦୁହେଁ ଗୁଣ (ବାଟୁଳି ଖଡ଼ାରେ ଦୁଇଟା ଗୁଣଥାଏ) ଭଳିଆ

ରବି-କର-କଞ୍ଜ ଛବି ବଦନ । ଦୁଇଗୁଣ କର ନାହିଁ ସଦନ ।
କମଳ-ଦର୍ପଣ-ଚନ୍ଦ୍ର ବଦନା । ବୋଇଲେ ତେବେ ହେବ ସମ୍ଭାବନା ସେ ।
ଏ ଉପଲକ୍ଷଣା ଛଦ୍ମ ଯେ ।
କେବଳ ସୁକୃତ ଥିଲାକୁ ଚରଣ ଅଗ୍ରେ ପଡ଼ିଛି ପଦ୍ମ ଯେ ॥ ୧୦
ଯେ ବରପଣ ତା କି ବଡ଼ପଣ । ମୁକୁରେ ହୁଏ ନାଶ ସମର୍ପଣ ।
ପ୍ରତିବିମ୍ବକୁ କରାଇ ଲୋକନ । ଶ୍ରୀମୁଖକୁ ଶ୍ରୀମୁଖ ତୋ ସମାନ ସେ ।
ଏ ଭାବେ ଜଣାଏ ହୋଇ ଯେ ।
ଏତେକ ନ ହେଜ ଅନ-ନ ଶବଦ ବିଧାନ ହୋଇଛି ଯହିଁ ସେ ॥ ୧୧
ସଂପୂର୍ଣ୍ଣ ବିଧୁ ସମାନ ଯିବାଇ । ସୁଧା କଳା ପାଇ ନଭେ ଭ୍ରମଇ ।
ଏଣୁକି ସୁଧାକର କଳାନିଧି । ପର୍ଯ୍ୟାୟେ କଲେ ବିନାୟକେ ସିଦ୍ଧି ସେ ।
କ୍ଷୀଣ ଭଜି ଦ୍ବିଜ ଶାନ୍ତି ଯେ ।
ଲଲାଟେ ଲଗାଇ ସମ ନୋହି ପଦନଖେ ଦେଇ ରହେ ଜ୍ୟୋତି ଯେ ॥ ୧୨

---

ମନୋଜ୍ଞକ (ଅନ୍ତର୍ଯ୍ୟାମୀ), ମନଭେଦଣର ଏଥିରେ ସୁଭାମାନଙ୍କର ଚରିତ୍ରକୁ ଟାଳି ଦିଏ, ଏଥିରେ ବାଳକ (ସନ୍ଦେହ) କ'ଣ ଅଛି ?

୧୦—ମୁଖ କାନ୍ତିକି ରବି-କର-କଞ୍ଜ (ସୂର୍ଯ୍ୟଙ୍କର ହସ୍ତ ସ୍ଥିତ ପଦ୍ମ) ଜିଣନ୍ତି, କିନ୍ତୁ ତହିଁରେ ଦୁଇଟି ଗୁଣ ବାସ କର ନାହିଁ, (ଝଳ ଓ ଅହ୍ଲାଦ ଦୁଇଗୁଣ) ଅତଏବ କମଳ ଦର୍ପଣ ଚନ୍ଦ୍ର ବଦନା କହିଲେ ସମ୍ଭାବନା ହେବ, (କମଳର ସୁବାସ, ଦର୍ପଣର ଝଳ, ଚନ୍ଦ୍ରର ଅହ୍ଲାଦ ହେତୁରୁ) । ଏ ସେଠି ଉପମା ଦେଲେଁ ଏହା ମଧ୍ୟ ଛଦ୍ମ (ମିଥ୍ୟା) କାରଣ ପଦ୍ମ ମୁଖ ସମାନ ନୋହୁ କେବଳ ପୁଣ୍ୟ ଥିବାରୁ ଚରଣ ଅଗ୍ରେ ଆସି ପଡ଼ିଛି (ପଦ୍ମ-ସମାନ ପାଦ)

୧୧—ଦର୍ପଣ ଦର (ଭୟ) ପଣିକୁ ଜଣାବାରୁ ତାହାର ବଡ଼ପଣ କାହିଁ ? ମୁଖଦନ ଅଗରେ ସମର୍ପିତ ହୋଇ ପ୍ରତିବିମ୍ବକୁ ଦେଖାଏ ଏବଂ "ତୋହର ଶ୍ରୀମୁଖକୁ ସେହି ଶ୍ରୀମୁଖ ସମାନ" ଜଣାଉଥାଇ ଏହି ଭାବ ପ୍ରକାଶ କରେ । ଏତିକି ହେଜ ପାରୁ ନା ଯେ ସେ ମୁଖର ନାମ ଅନ ନ (ଅନ୍ୟ କିଛି ସମାନ ନାହିଁ) ଏହି ଅର୍ଥରେ ଅନନ୍ୟ ଶବ୍ଦ ବିଧାନ କରାଯାଇଅଛି ।

୧୨—ପୂର୍ଣ୍ଣଚନ୍ଦ୍ର ମୁଖ ସମାନ ହେବାକୁ ଯାଇଥିଲା ସମାନ ନ ହେବାରୁ ସୁଧା ଦୋଷରେ କଳାଦାଗ (କଳଙ୍କ) ପାଇ ଲଜ୍ଜାରେ ଲୁଚିବାରେ ନ ରହି ଆକାଶରେ ବୁଲୁଛି । ଏଣୁ ବିନାୟକ (ବୌଦ୍ଧ ଅମର ସିଂହ) ଅମର କୋଷରେ ସେହି ନାମ ସୁଧାକର ଓ କଳାନିଧି ସିଦ୍ଧ କଲେ । ପୁଣି ସେ ଚନ୍ଦ୍ର କ୍ଷୀଣ କଳା ଦ୍ବିଜ ଶାନ୍ତି ଦ୍ବିତୀୟା ଚନ୍ଦ୍ରରୂପେ ଓଷ୍ଠ ସଙ୍ଗେ ଓ ଅଷ୍ଟମୀ ଚନ୍ଦ୍ରରୂପେ ଲଲାଟ ସଙ୍ଗେ ସମାନ ନ ହୋଇ ପଦନଖକୁ ଜ୍ୟୋତି ଦେଇ ରହିଛି । ପଦନଖର ସମାନ ହେଉ ) ।

ବର୍ଣ୍ଣିବୁ ଆଳିଟି ଚିକୁର । ବବ୍ରୁ ଯା ସମ ଶ୍ୟାମ-ଚାମର ।
ବନ୍ଧନ କଦମ୍ବେ ଧରିବା ବେଳେ । ମୟୂରପୁଚ୍ଛ ଲକ୍ଷ୍ୟ ତାହା ଭୁଲେ ସେ
ଏ ଲକ୍ଷ୍ୟ ନ କଲି ପଛ ଯେ ।
ତେବେ ମୃତ ଶର ବିବେକକୁ ଅମ୍ଭ ବିବେକ ହୋଇବ ତୁଚ୍ଛ ଯେ । ୧୩

ପୀୟୂଷ ପିଇ କୁଡ଼ା ଶୋଭା ଇଚ୍ଛେଁ । ପୀଡ଼ା ନ ମାନି ହଣା ହୋଇଅଛି ।
ପରମ ବିବେକ ସିଂହିକାସୁତ । କି କହିବି ବହିଲା ଏତିକି ମାନ ସେ ।
କୃତମା-ମାତଙ୍ଗ ସେହୁ ଯେ ।
ଏଣୁ ପୁଷ୍ପବନ୍ତେ ମୁକ୍ତ ହୋଇବାରେ ସମସ୍ତେ ସ୍ନାନକୁ ଯାନ୍ତି ଯେ । ୧୪

ନୀଳ ଚିକ୍କଣ କୁଟିଳ କୋମଳ । ପ୍ରଲମ୍ବ ଘନଳ ସୁଗନ୍ଧସ୍ଥଳ ।
ଏମନ୍ତ କେଶେ କି ତୁଳ୍ୟ ସମ୍ପାଦ । ଏତେ ଗୁଣେ ଅଛି କାଳିନ୍ଦୀ ନଦୀ ସେ
ରମ୍ୟ ଭୟଙ୍କର ସ୍ଥାନ ଯେ ।
ଯେଣୁ କଚ୍ଛ ସୁହୃ ପାଇବି ଯାବଟି ଦେଖାଇ ଦେଇ ପୁଲିନ ଯେ । ୧୫

---

୧୩—ମନୋହର ଚିକୁର (କେଶ)କୁ ବର୍ଣ୍ଣନ କରୁଅଛି, ବବ୍ରୁ (ଚିଟିବାଲେଜ) କୃଷ୍ଣ ଚାମର ଏବଂ ବନ୍ଧନ କଦମ୍ବରେ ହାତରେ ଧରିବା ବେଳେ ମୟୂରପୁଚ୍ଛ ତାହାର ସମାନ ହେବାକୁ ଗଲା । କିନ୍ତୁ ଲକ୍ଷ୍ୟ ନୋହିବାରୁ ମୟୂର ପୁଚ୍ଛକୁ ଏବଂ ମୃତ ଚାମରକୁ ପଛରେ ଧଇଲେ । ଅମ୍ଭେ ଯେବେ ତାକୁ କେଶସଙ୍ଗେ ସମାନ କରିବା ତେବେ ଅମ୍ଭ ବିବେକ ତାଙ୍କଠାରୁ ଊଣା ହେବ ।

୧୪—ସିଂହିକା ସୁତ (ରାହୁ) ଅତ୍ୟନ୍ତ ବିଚାରଶୀଳ ଅଟେ, ସେ କୁଡ଼ା ଶୋଭା ସମାନ ହେବାକୁ ଇଚ୍ଛାକରି ଅମୃତ ପିଇ ପୀଡ଼ାକୁ ନ ମାନି ହଣା ହୋଇଛି. କିନ୍ତୁ କି କହିବି, ଏତିକି ମାନ କଥା ବହିଲା ଯେ ସେ କୃତମା ମାନଙ୍କ ମଧ୍ୟରେ ମାତଙ୍ଗ ( ଚଣ୍ଡାଳ) ଏଣୁ ସେ ପୁଷ୍ପବନ୍ତ ( ଚନ୍ଦ୍ରସୂର୍ଯ୍ୟଙ୍କଠାରେ ମୁକ୍ତ ହୋଇବାରେ (ଗ୍ରହଣ କାଳରେ ) ସମସ୍ତେ ସ୍ନାନ କରନ୍ତି ।

୧୫—ଯେଉଁ କେଶ ନୀଳ, ଚିକ୍କଣ, କୁଟିଳ (କୁଞ୍ଚିତ) କୋମଳ ଲମ୍ବ, ଘନଳ ଏବଂ ସୁଗନ୍ଧର ସ୍ଥାନ ଅଟେ, ସେ କେଶକୁ କେଉଁ ତୁଳନା ସମ୍ପାଦିବା, ମାତ୍ର ଏ ସବୁ ଗୁଣରେ କାଳିନ୍ଦୀ ନଦୀଅଛି, ହେଲେ କି ହେବ । କେଶ ରମ୍ୟସ୍ଥାନ ନଦୀ ଭୟଙ୍କର ସ୍ଥାନ ହେବା ଯେଣି ଅଧମ ହେବାରୁ ଉତ୍କୃଷ୍ଟ (କନ୍ଦ-ଶୋଭାକୁ ) ଅବା ପାଇବା ଏହା ଭାବି ପୁଲିନ (ବାଲିକୁଦ) କୁ ଦେଖାଇ ଦେଉଛି ।

ଏ କାହ୍ନୁଁ ସମ ଗର୍ଜି କରନ୍ତି ଘନ । ଅବଳ କରି ଭୁଲାଉ ପୁଳିନ ।
ମୁଁ ଯହିଁ ଗଭ୍ର-ଶୋଭା ଇଚ୍ଛା କରି । ବିଦ୍ୟୁ ବଳାକା ଇନ୍ଦ୍ରଧନୁ ଧରି ଯେ ।
ହୋଇ ନ ପାରିଲି ମୂଳ ଯେ ।
ଯେ ପ୍ରତିଦ୍ୱନ୍ଦ୍ୱରେ ଏତେ ପ୍ରଶଂସିତ ଯହିଁକି କି ଅଛି ତୁଳ ଯେ ॥ ୧୬
ଅଶ୍ରୁ ନ ପାଇ-ଦୃଷ୍ଟି ଉଡ଼ୁଁ ଖସି । ଉରଜ ଉପରେ ପଡ଼ିଲା ଆସି ।
ରୋମାବଳୀ-ଦଣ୍ଡ ଅବଲମ୍ବନେ । ରହି କହିଲେ କେତେ ଅନୁମାନେ ସେ ।
ଏ ଅଛି ଅଦ୍ଭୁତ ସ୍ଥଳୀ ଯେ ।
ବେନି ନାଗବେଲୀରୁ ପୂଗ ଜନମିଛି ତମାଳ ଲତାରେ ଫଳି ଯେ ॥ ୧୭
ରହିବାକୁ ନିତେ ମନ ଚେତନ । ସଲଜ୍ଜେ ପ୍ରସାଦ ହେଲା ରଚନ ।
ନୀଳା-ରେଖା କରିବାକୁ ବିହାର । ଅବଗାହେ ଅର୍ଥେ ହୃଦର ସର ଯେ ।
ଦେଖି ନ ପାଇଲେ ତେଜି ସେ ।
ଆନ ଆନ ବସ୍ତୁକୁ ପଶୁରିଲେ ସେହି ସ୍ଥାନରେ ମଜ୍ଜି ଯେ ॥ ୧୮

---

୧୬—ଏ ବାଳକଟି କାହ୍ନୁଁ ସମାନ ବୋଲି ବୋଲି ମେଘ ଗର୍ଜନ ଦ୍ୱାରା କହୁଛି ଏବଂ ବର୍ଷାଜଳରେ କାଳିନ୍ଦୀର କଳା ଜଳକୁ ଗୋଳିଆ କରି ତାଲ୍‌କୁଦାକୁ ଭୁଲାଇ ଦେଉଛି । ମୁଁ ବେଣ କଳାର ଶୋଭା ସମାନ ହେବାକୁ ଇଚ୍ଛାକରି ( ବେଣ-ସ୍ଥିତ ମୟୂରପର ବହୁବର୍ଣ୍ଣରଞ୍ଜିତ ସ୍ୱର୍ଣ୍ଣାଳଙ୍କାର ଓ ନାନାରଙ୍ଗର ପୁଷ୍ପ ସଦୃଶ ଦଶିବାକୁ ) ବିଦ୍ୟୁତ୍, ବଳାକାଳି ଓ ଇନ୍ଦ୍ରଧନୁକୁ ଧରି ମୁକ୍ତା ମୂଳ ( ଠିକ୍-ସମାନ ) ହୋଇ ପାରିଲି ନାହିଁ । ଯେଉଁ ବେଣ ଏତେ ପ୍ରତିଦ୍ୱନ୍ଦ୍ୱ ( ବାଦା-ଦରେ ) ମଧ୍ୟ ପ୍ରଶଂସିତ ହେଉଛି ତାହାର କଣ ତୁଳନା ଅଛି ?

୧୭—ନୟନ ଦୃଷ୍ଟି କିଛି ଅଶ୍ରୁ କରି ନ ପାରି ଦେହରୁ ଖସି ସ୍ତନ ଉପରେ ଆସି ପଡ଼ିଲା, ରୋମାବଳୀରୂପ ଦଣ୍ଡକୁ ଆଶ୍ରୟ କରି ରହି, ଅନୁମାନ ଦ୍ୱାରା କେତେ କହିଲା, ଏ ଅତି ଅଦ୍ଭୁତ ସ୍ଥାନ—ଗୋଟିଏ ତମାଳ ଲତାରେ ଦୁଇଗୋଟି ନଡ଼ିଆ ଫଳିଅଛି, ସେ ନଡ଼ିଆରୁ ଦୁଇଗୋଟି ଗୁଆ ଜନ୍ମିଅଛି । ରୋମାଳୀ-ତମାଳ ଲତାପରି ସ୍ତନ ନଡ଼ିଆପରି; ସ୍ତନାଗ୍ର ଗୁଆପରି ।

୧୮—ମନ ଓ ଚେତନ ଦୁହେଁ ସେଠାରେ ରହିବାକୁ ନିଶ୍ଚୟକରି ସ୍ଥଳରେ ବିହାର ଓ ଜଳରେ ଅବଗାହ ( ସ୍ନାନ ) କରିବାକୁ ବକ୍ଷସ୍ଥଳରେ ଲଜ୍ଜା ଲଜ୍ଜି କରି ଦୁଇଟି ଦେଉଳ ( ସ୍ତନରୂପ ) ଏବଂ ହୃଦର ପୁଷ୍କରିଣୀରେ ନୀଳବର୍ଣ୍ଣ ରେଖା ( ରୋମାଳୀରୂପୀ ) ଟିଏ ରଚନା କଲେ । ଦେଖି ସେ ସ୍ଥାନକୁ ଖୋଜି ନ ପାଇ ସେହି ଶୋଭାରେ ବୁଡ଼ି ଭିନ୍ନ ଭିନ୍ନ ବସ୍ତୁକୁ ପସୁରି ଗଲେ ।

ହେମ-ଭୂ-ସମ୍ଭୂତ ଶମ୍ଭୁ ଯୁଗଳେ । ନୀଳମଣିରେ ନିର୍ମିତ ପ୍ରଣାଳେ ।
ପାଞ୍ଚ ପାଞ୍ଚ ମୁକ୍ତା ସପ୍ତଲୀ କାଳୀ । ପଙ୍କଜ-ଝୁମ୍ପା ତମାମାଳ ଝୁଲା ସେ ।
ନିତମ୍ବ ଭର ଏମନ୍ତ ସେ ।
ବେନି ପ୍ରଭାପତ୍ର ଅର୍ଚ୍ଚନ ଅଶୋକେ ପ୍ରପଦେ ସେ ଅଳଙ୍କିତ ସେ ॥ ୧୯
ଯୌବନ-ସିନ୍ଧୁ-ମନ୍ଥନ ବିଧାନେ । ମେରୁ ମନ୍ଦର ଯୁକ୍ତ କଲା ସ୍ତନେ ।
ଅଙ୍ଗ କେତକୀ ସୁତନୁ ଗନ୍ଧେ । ତାର ଅଦ୍ଭୁତ ପାରିଜାତକ ସେ ।
କଳ୍ପଲ୍ଲୀ ଶମୀ ଅଡ଼ର ସେ ।
ଗତି ହଂସ ଜିଣି ଗଙ୍ଗାରେ ବୁଡ଼ାଇ ଦେଇଥିଲା ନାଗେଶ୍ୱର ସେ ॥ ୨୦
ମନସିଜ କେଣ୍ଟ କୁଟି ଉଥିଲ । ପଞ୍ଚାବଳୀରେ ଯତନେ ଛୁଆଇଁ ।
ରଞ୍ଜିତ ଶ୍ୟାମ ନଳୀ ଅଛି ଯୋଖି । ମନୋହର ନାଭି ପଲ୍ୱଳ ଦେଖି ସେ ।
ମଧ୍ୟରେ କେଶରୀ ଟବାଲି ସେ ।
ଭରେ ଦେ ଅଛି ଭାଙ୍ଗି ପଳାଉଛି ମୁହିଁ କଟିଦେଶୀ ଖାଲି ସେ ॥ ୨୧

---

୧୯—ସ୍ତନଦ୍ୱୟ ହେମ-ଭୂ-ସମ୍ଭୂତ ଶମ୍ଭୁ ( ସୁବର୍ଣ୍ଣ ଭୂମି ଜାତ ଶିବଲିଙ୍ଗ ଦ୍ୱୟ ) ରୋମାବଳୀ ନୀଳମଣି ନିର୍ମିତ ପ୍ରଣାଳୀ ( ଶିବର ନାଳି ) ପାଞ୍ଚ ପାଞ୍ଚ ଅଙ୍ଗୁଳି ସପ୍ତଲୀ କାଳୀ ( ନବମାଳିକା କଢ଼ି ) ରେ ଯୁକ୍ତ ହାତପାପୁଲି ପଦଝୁମ୍ପା ବାହୁରୂପ ତମାମାଳରେ ଝୁଲୁଛି । ଏହାପରେ ବୁଲିବାହକୁ ନିତମ୍ବ କର, ତଥାପି ଅଙ୍ଗମାଳାରେ ଏହି ସ୍ତନଶମ୍ଭୁଙ୍କୁ ପୂଜା କରୁଛି । ଅଶୋକ କଳିକା ଅଙ୍ଗୁଳି ରୂପେ ପ୍ରପଦ ( ପାଦଅଗ୍ରରେ ) ଅଳଙ୍କୃତ ହୋଇଛି ।

୨୦—ସମୁଦ୍ରମନ୍ଥନରୁ ପାରିଜାତ ପୁଷ୍ପ ଏବଂ ଐରାବତ ହସ୍ତୀ ଜନ୍ମିଥିଲେ, ଐରାବତ ଗଙ୍ଗାରେ ଲୋଭ କରି ବୁଡ଼ି ଯାଇଥିଲା । ସୁନ୍ଦରୀ ରୋମାବଳୀ ରୂପରେ ମେରୁ ଓ ମନ୍ଦର ସଦୃଶ ଦୁଇ ସ୍ତନକୁ ଯୁକ୍ତକରି ବିଧାନ ରୂପେ ଯୌବନ ସିନ୍ଧୁ ମନ୍ଥିଲା, ତହିଁରୁ ସୁତନୁ ଓ ଗନ୍ଧ ଯୁକ୍ତ କେତକୀ ସଦୃଶ ଅଙ୍ଗ ଅଦ୍ଭୁତ ପାରିଜାତକ ପୁଷ୍ପରୂପ ଜନ୍ମିଲା । ପାରିଜାତକରେ କେବଳ ସୁଗନ୍ଧ ଥାଏ, ଦେହରୂପ ପାରିଜାତକରେ ସୁତନୁ ଓ ଗନ୍ଧ ଉଭୟ ଥିବାରୁ ଏହା ଅଦ୍ଭୁତ, ପୁଣି ସେ ଦେହ ଗନ୍ଧ କଳ୍ପଲ୍ଲୀ କୋଇ ଶମୀ ( ବାଡ଼ୁଳୀ ) କୁ ଅଡ଼ର ( ଛାଇଁ ) କରୁଛି । ହଂସ ସଦୃଶ ଗତି ଜନ୍ମି ନାଗେଶ୍ୱର (ହସ୍ତୀ ଶ୍ରେଷ୍ଠ) ତୁଲ୍ୟ ଗମନକୁ ବୁଡ଼ାଇ ଦେଇଛି ।

୨୧—ମନସିଜ (କାମ) ସ୍ତନରୂପ ଦୁଇଟି କୁମ୍ଭ ନିର୍ମାଣ କରି ତାହାକୁ ପଞ୍ଚା-ବଳୀରେ ( ସ୍ତନତଳସ୍ଥ ପଞ୍ଚ ସମୂହରେ ) ଛୁଇଁକରି ରଞ୍ଜିତ ଦେହ ବନ୍ଧୁଙ୍କ ନଳୀପରି ରୋମାଳିକୁ ଯୋଖି ମନୋହର ନାଭିରୂପକ ପଲ୍ୱଳ ( ସ୍ୱଳ୍ପ ପୁଷ୍କରିଣୀ ) ଦେଖି ମଧ୍ୟସ୍ଥିତ ସିଂହକୁ ମାରିବାକୁ ଲୁଚି ବସିଅଛି ( ଜଳପାନ

ଲୋକେ ଅବଳା ଯେ ବାଳାକୁ କହୁ । ଅଦ୍ଭୁତି ଅଣ୍ଟୁ ବଳ ଦେଖାଇ ।
ବନ୍ଦୀ କରି ଜନବଳୀ ଏଥିକି । ମର୍କଟ ଧନୁରେ ବେନି ମୁଷ୍ଟିକି ସେ ।
କଷ୍ଟେ ଧରିଅଛି ଟେକି ଯେ ।
ଜଘନ ଭଦ୍ରାସନ ଯେନି ଶୋଭିକି ବଳବନ୍ତେ ଅଭିଷେକି ଯେ । ୨୨
ତରମଣ୍ଡଳ ସକଳେ ଅଗମ୍ୟ । ନ ସମ୍ଭବେ ଭ୍ରମମାନଙ୍କ ରମ୍ୟ ।
ନିତମ୍ବ ତଟବାଡ଼ ଅଛି ଯହିଁ । ଦୃଷ୍ଟିପଥ ଅବରୋଧ କରିଛି ସେ ।
ଥିବ ଲୁଚକ ଚଢ଼ର ଯେ ।
ସୁସଞ୍ଚ ସ୍ଥିତ ଦୁର୍ଣ୍ଣ ଗଣ୍ଡ-ଶୈଳ ଅଛିପୁଅଛି ଶିଖର ଯେ । ୨୩
ଅଳକା ବର୍ଣ୍ଣନା ହୋଇନୁ କିନା । ସେ ଯେ ଶୋଭାଯଶ ଶ୍ଲୋକ କଳନା ।
ଅଙ୍କିତ ଭୂଲକେ ସୁହସ୍ତେ ଲେଖି । ସବେ ଥୋଇଅଛି ତା ଅସ୍ତୁଅଙ୍ଗି ସେ ।
କା ଲେଖା କହ ବାଗୁର ଯେ ।
ହରିହର ଏକମୁଖୀ ହୋଇଲେକୁ ରମା ଉମା ସେପ୍ରାପର ଯେ । ୨୪

---

ଜଟି ପାରିଥି ଭଗ୍ନପାଏ ) । ମଧ୍ୟଦେଶକୁ ତେବେ ସଦୃଶ୍ୟ ବୋଲି ଉପମା ଦିଅ ଯାଉଥିବା କାରୁ ଶବ୍ଦ ଭଳେ ଅଛି, ଅର୍ଥାତ୍ "କଟିକି ତେ ସହ, ସିଂହ ମୁଁ କଟିହେବି" ଏହା ଭାବ ତେଣୁ ଅତେ ପଳାଇଛି ।

୨୨—ଜଗତରେ ସ୍ତ୍ରୀମାନଙ୍କୁ ଅବଳା (ସ୍ତ୍ରୀ ଓ ବଳହୀନା) ବୋଲି କହନ୍ତି, କିନ୍ତୁ ଏ ଯାହା ଦେଖାଯାଇ ନାହିଁ ବା ଶୁଣାଯାଇ ନାହିଁ ସେପରି ବଳ ଦେଖାଇଛି, କାରଣ ଗୋଟିଏ ବଳିଙ୍କ ପାତାଳରେ ବନ୍ଦୀ କରିଥିଲେ ଏ ଜନବଳୀକି (ତ୍ରିବଳୀକୁ) ଉଦରରେ ବନ୍ଦୀ କରିଛି । ଅର୍ଜୁନ ଧନୁ ସ୍ଥଳରେ ଗୋଟିଏ ମୁଷ୍ଟି ଟେକି ଧରିଥିଲେ ଏ ମର୍କଟ ଧନୁ ସଦୃଶ ରୋମାଳୀରେ କୁଚଦ୍ୱୟ ମୁଷ୍ଟି ସଦୃଶ ସ୍ତନକୁ ଟେକିଧରିଛି । ଏଣୁ ଜଘନ (କଟିପଶ୍ଚାତ୍ ଭାଗ) ରୂପ ଭଦ୍ରାସନ (ସିଂହାସନ) ରେ ବଳବାନ୍‌ମାନଙ୍କ ମଧ୍ୟରେ ଶ୍ରେଷ୍ଠବୋଲି ଅଭିଷିକ୍ତ ହୋଇଛି ।

୨୩—ତରମଣ୍ଡଳ (ଗୁହ୍ୟଭାଗ) ଦେଖା ନ ଯିବାରୁ ସହଜରେ ଅଗମ୍ୟ ହୋଇଅଛି, ପୁଣି ପ୍ରବୃତ୍ତ ଭ୍ରମମାନଙ୍କର ରମଣୀୟତା ତହିଁକି ସମ୍ଭବ ନାହିଁ । ସେଥି ଭାଗରେ ପୁଣି ନିତମ୍ବ (କଟିପଶ୍ଚାତ୍ ଭାଗ) ତଟବାଡ଼ (ଲୋକାଲୋକ ପର୍ବତ) ପରି ରହିଅଛି ଏବଂ ସେ ପର୍ବତର ଅପରଭାଗ ଦେଖା ନଗଲା ପରି ଦୃଷ୍ଟିପଥ ଅବରୋଧ କରୁଅଛି । କେବଳ ଶିଖରର ଏତିକଥା ଅଛି ଯେ ସେଠାରେ ପର୍ବତ ଚତ୍ୱର ଲୁଳା ରୂପକ (ନିତମ୍ବ ଉପରି) ଓ ଚଣ୍ଡଶୈଳ (ଭୂମିକମ୍ପାଦିଦ୍ୱାରା ପର୍ବତରୁ ପତିତ ବୃହତ୍ ପ୍ରସ୍ତର ଖଣ୍ଡ) ସୁନ୍ଦର ସ୍ଥିତ (ସ୍ଥିର) ଥିବ ।

୨୪—ଅନ୍ୟ କବି କହିଲେ ଅଳକା ବର୍ଣ୍ଣନ ହେବ ନାହିଁ, ସେ ଅଳକା (ଚୂର୍ଣ୍ଣକୁନ୍ତଳ) ରୂପେ ସୁନ୍ଦରୀର ଶୋଭା ଯଶକୁ ଅସ୍ପଷ୍ଟ 'ବ୍ରହ୍ମା-ହୋଲ

କୋମଳେ ଲବଣୀ ନୋହୁ ସମାନ । ତରଳ ହେଉଛି ହସ୍ତୁଙ୍ଗସ୍ଥାନ ।
ପ୍ରେମ ପୀୟୂଷ ସିଞ୍ଚିଲା ନିର୍ମାଣ । କାମ ଜୀବବାକୁ ହେଲା ପ୍ରମାଣ ଯେ ।
ଜଳାରେ କି ରଙ୍ଗ କଲୁ ଯେ ।
ହରିତ ଶୁକ୍ଳକୁ କି କି ପରକାରେ ସ୍ଥାନେ ସ୍ଥାନେ ଦେଖାଇଲୁ ଯେ ॥ ୨୫

ସାରଗ୍ରାଗ କଲୁ ନଗ-କେସକୁ । ଅପାର ଗ୍ରବ କଲୁ ରୂପସକୁ ।
ଏ କଥା କାହିଁକି ଆସିଲା ମନକୁ । କନ୍ଧ ଭଜିଲେ କବି ମଜନକୁ ଯେ ।
ଶ୍ରୀରାମ ଦୂଷଣୀ-ହର ଯେ ।
ପୂର୍ବେଣ ଅଛି ସୁନ୍ଦର ଗୀତ ରଚି ଉପେନ୍ଦ୍ର ତୋଷବର ଯେ ॥ ୨୬

---

ରଚନା କରି) ସୃଷ୍ଟ ଅଙ୍ଗକୁ ତୁଳନାରେ ସମାନ ଧାତୁରେ ଲେଖି ଥୋଇଛନ୍ତି, ତେବେ ସେ କି ଲେଖା ବାହାର କରିଲୁ ? ପ୍ରଥମ ଯେବେ କହୁଛ—ହର ହର ତୁହେଁ ମିଶି ଏକମୂର୍ତ୍ତି ହେବାକୁ ଯେଉଁପରି ରମା ଉମା ଏକମୂର୍ତ୍ତି ହୋଇ, ସେ ସୁନ୍ଦରୀ ହୋଇଛନ୍ତି ।

୨୫—ବୋଧହୁଏ ବିଧାତା ପ୍ରଥମରେ ଲବଣୀରେ ସୁନ୍ଦରୀର ମୂର୍ତ୍ତି ଗଢ଼ିବାକୁ ବସିଲେ, କିନ୍ତୁ ସେ କୋମଳତାରେ ସମାନ ନ ହେବାରୁ ତରଳ ଯାଇ ହସ୍ତୁଙ୍ଗସ୍ଥା ( ସଦ୍ୟଘୃତ ) ହୋଇଗଲା, ତହୁଁ ପ୍ରେମ ଓ ଅମୃତରେ ସିଞ୍ଚିଲା କରି ତହିଁରେ ଭସ୍ମ ହୋଇଥିବା କାମର ଜୀବନକୁ ପ୍ରଦାନ କରିବାରୁ ସୁନ୍ଦରୀର ମୂର୍ତ୍ତି ହେଲା, ଏହା ପ୍ରମାଣ ହେଲା । ଏହିହେତୁରୁ ତାକୁ କାମ କଳାରେ ରଞ୍ଜିତ କଲା—ସ୍ଥାନ ସ୍ଥାନରେ କାମର ହରିତବର୍ଣ୍ଣ, ଅମୃତର ଶୁକ୍ଳବର୍ଣ୍ଣ ( କେଶରେ କୃଷ୍ଣ ଶୁକ୍ଳ ବର୍ଣ୍ଣ, ହାସରେ କେବଳ ଶୁକ୍ଳବର୍ଣ୍ଣ ) ଦେଖାଇଲା ।

୨୬—ପ୍ରେମ ଏବଂ ଅମୃତର ସାର ଗ୍ରହଣରେ ବିଧାତା ରାଜକୁମାରୀକୁ ଗଢ଼ି ଅପାର ଗୁଣରେ ଉପମାମାନଙ୍କୁ ଗଢ଼ିଲା, ଏହିକଥା ମନକୁ ଆସିଲା । ଏହା କହି କବି ମୌନ ହେଲେ । ଯେଉଁ ଶ୍ରୀରାମଚନ୍ଦ୍ର ଦୂଷଣୀ ( ଦୂଷଣ ଓ ଦୋଷ ) କୁ ହର ଥିବାର ପୂର୍ବଣରେ ଅଛି, ତାହାଙ୍କୁ ସ୍ମରଣ କରି କବି ଉପେନ୍ଦ୍ର ଭଞ୍ଜ ଆନନ୍ଦରେ ଗୀତ ରଚିଲେ ।

# ଅଷ୍ଟମ ଛାନ୍ଦ

ରାଗ — ଦେଶାକ୍ଷ

ଛବି ବର୍ଣ୍ଣିଲ କବିଙ୍କି ଚହିଁ । ଅନେକ କନକ ସ୍ନାନ କରାଇ ।
ବସନେ ବସନେ ଦେଇ ପ୍ରଖରେ । ସ୍ମରଶ୍ରୀ ଯାତ ହରଷେ ମନେ ସେ
କହୁଲ ସତ ମୁଦରି ଯଶ । ବାଧୂ ବାଧାନେ ନୋହିଲ ରାଧୀଶ ।। ୧
ଉର୍ବଶୀରେ ବଶୀଭୂତ ଯେ ବସି । ସୁର ସଭାରେ ସୁରସରେ ରସି ।
ସେ ପୁଣି କାନ୍ତ ଏ କାନ୍ତ ଗୃହଁ । କାନ୍ତ ହେବା ଇଚ୍ଛା ନ କଲ କେହୁ ।
ସମ୍ଭୂତ ଏକା ଅଦ୍ଭୁତ ହୋଇ । ଭୂତ ଭବିଷ୍ୟ ବର୍ତ୍ତମାନେ ନାହିଁ ।। ୨
କବିଶ୍ରୁତିସ୍ଥ ଏ ଚତୁସ୍ସ ମିଥ୍ୟା । ଶୁଣି ନୃପମଣି-ନନ୍ଦନ କଥା ।
ମସ୍ତରୀ କହିଲ କଷ୍ଟ ସହିତ । ନ କର ସନ୍ଦେହ ସେ ନଦୀପତି ।
ମାଳିନୀ-ପୁରେ ନଳିନୀ-ସାର । ରୂପ ଅନୁରୂପେ ନାମ ତାହାର ।। ୩

---

୧—ସୁନ୍ଦରୀର ଛବିକୁ ବର୍ଣ୍ଣନ କରୁଥିବା କବିଙ୍କୁ ଅନେକ ସୁବର୍ଣ୍ଣ ମୁଦ୍ରା ବୃଷ୍ଟିଦ୍ୱାରା କନକ ସ୍ନାନ କରାଇ ଟିକାବସ୍ତ୍ର ଓ ଉତ୍ତରୀୟ ପ୍ରସନ୍ନ ହୋଇ ପ୍ରଦାନ କଲେ । କବିଙ୍କ ବର୍ଣ୍ଣନା ଦ୍ୱାରା ସେ ସୁନ୍ଦରୀକୁ ସ୍ମରିହେଲାପରି ମନରେ ଆନନ୍ଦିତ ହେଲେ । ମନରେ ଭାବିଲେ ପ୍ରାୟ ଏହା ସତ ନୁହେ, ପୁଣି ଭାବିଲେ ଯେ ବିଧାତାର କାରଣ ବିଧାନରେ ବାଧା ନୋହିଲ ( ଅସମ୍ଭବ ନୁହେଁ ) ।

୨—ଯେ ଦେବସଭାରେ ବସି ଉତ୍ତମ ରସରେ ରସି ଉର୍ବଶୀଠାରେ ବଶୀଭୂତ ସେ ପୁଣି ଏକାନ୍ତରେ ଏହାର କାନ୍ତ ( କମନୀୟତା ) କୁ ଗୃହଁ କାନ୍ତ (ସ୍ୱାମୀ) ହେବାକୁ ଇଚ୍ଛା ନ କଲ କି ? ଏ କି ଅଦ୍ଭୁତ ସମ୍ଭବିଲା, ଭୂତ ଭବିଷ୍ୟତ ବର୍ତ୍ତମାନ ତିନି କାଳରେ ଏପରି ନାହିଁ ।

୩—ଏହା ନମ୍ରତ କବିର ଶ୍ରୁତିରୁଚି, ଏପରି ଶ୍ରୁତିରୁଚି 'ସୁନ୍ଦରୀ) ମିଥ୍ୟା ଅଟେ; ରାଜ-ପୁତ୍ରଙ୍କର ଏକଥା ଶୁଣି ମନ୍ତ୍ରୀ ( ଅଦ୍ଭୁତ ପ୍ରକୃତ ) ସହିତ କହି କହିଲା, ହେ ରାଜପୁତ୍ର ସନ୍ଦେହ କରନା, ମାଳିନୀପୁରରେ ( ଉଦ୍ୟାନରେ ) ନଳିନୀ-ସାର ( ନଦ୍ୟୁତ୍ତମଶ୍ରେଷ୍ଠା ) ଦେହ ଧରି ଜନ୍ମିଅଛି, ରୂପ ସମାନରେ ତାହାର ନାମ ମଧ୍ୟ ହୋଇଅଛି ।

କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଏ ପନ୍ତି । ଶବ୍ଦର ପୂର୍ବବର୍ଣ୍ଣ ଯେଣି ଅନ୍ତି ।
କି ଯୋଗରୁ ଯୋଗ ଏକା ସ୍ଥାନରେ । କୋଟିଏ କୋଟିଏ ଭଳି ଭଲେନରେ ।
ପ୍ରମାଣ କଲେ ନିର୍ମିତ ଯେମା । ବନ୍ଦନା କଲେ ନନ୍ଦନ ବ୍ରହ୍ମା । ୪
ସୁଷମା ସମାପତି ହେଲା ଧନ । ଭୂତି ଭୂତି କରିଥିବ ମଦନ ।
ପୁଣି ବେଦରେ ଜରତ ନୟନ୍ତୁ । ଏକାର କାରଣ ନୋହିଲୁ ଯେଣୁ ।
ଶାନ୍ତାଣିପଣି ଶଧ୍ୟ କଲେ । ଲୋକେ ଲୋକେ ସ୍ତୁତେ ଉଦିତ ହେଲେ । ୫
ସୁମନା କାମିନୀ-ଗଣ-ସୁମନା । ନାଗ-ନାରୀ-ଶିରୋମଣି ସିନା ।
ମନ୍ତ୍ରୀ-ମଣ୍ଡଳୀ ଭାଳଣ ତଳକ । ପଦ୍ମା ପଦ୍ମମ କରେ ନୈରଙ୍ଗ୍ୟ ଯେ ।
ପାଇଲୁ ଟୀକା ସୁନ୍ଦରୀ ଯାହେ । ଟୀକା ହେଲଣି ପର୍ଚ୍ଚିକ ପୁସ୍ତକେ । ୬
ଗତ ଅଗତ ହେଉଥିଲେ ଋଷି । ସୁରତ ସୁରତାଢ ଏ ସୁରତ ନ ଅଛି ।
ରମଣୀମଣି କି ଯୋଗେ ଗୃହିଲେ । ଯୋଗ ବଯୋଗ ହୋଇବ ଆଜିକେ ।
ଏ ଅନ୍ତରେ ସଂଶୟ ଜାଣ । ଏମନ୍ତ ମତ୍ତ କାମିନୀ କେମନ୍ତ । ୭

---

୪—"କୋଟି ବ୍ରହ୍ମାଣ୍ଡସୁନ୍ଦରୀ" ଏହି ପଦର ଅଦ୍ୟନ୍ତ ପୂର୍ବବର୍ଣ୍ଣ ନେଲେ "କୋଟିବ୍ରହ୍ମା" ହେଲ—ଏମାନେ କି ଯୋଗରୁ ଏକସ୍ଥାନରେ ମିଳି ଜଣେ ଜଣେ ଭଳି ଭଲି ଭଗ ଯେମା ନିର୍ମାଣକୁ ପ୍ରମାଣ କଲେ, ଅପମାନାନେ ନିଜ ପାଇ ଯେମା ରୂପକୁ ବନ୍ଦନା କଲେ ।

୫—କାମ ଓ ବ୍ରହ୍ମା ଏହାର ରୂପରେ ବଶୀଭୂତ ହୋଇଥାନ୍ତେ, କିନ୍ତୁ ଯେଉଁଦିନ ଏହାର ସୁଷମା ( ପରମାଶୋଭା ) ସମାପ୍ତ ହେଲା ସେ ଦିନକୁ କାମ ଭୂତଭୂତ (ଅଦେହ ସ୍ୱରୂପ)କୁ ଭଜିଥିବ, ପୁଣି ବ୍ରହ୍ମା ଏହାର ରୂପ ନିର୍ମାଣ କରୁ କରୁ ଜରତ ( ବୃଦ୍ଧ ) ହୋଇ ଯିବାରୁ ବେଦରେ ଅସକ୍ତ ହେଲେ, ଏହି ହେତୁ ଏ ସୁନ୍ଦରୀ ସେ ଦୁଇଜଣଙ୍କର ବିକାର କାରଣ ହେଲା ନାହିଁ । ବ୍ରହ୍ମା ଜଗତରେ ଶାନ୍ତାଣି ପଣିକୁ ଶଧ୍ୟା କରିଲେ, କାମ ଲୋକେ (ଜଗତରେ) ଲୋକେ (ଲୋକମାନଙ୍କର) ହୃଦୟରେ ଉଦିତ ହେଲେ ।

୬—ସେ ସୁନ୍ଦରୀ ସୁମନା କାମିନୀମାନଙ୍କର (ଦିବ୍ୟ ସ୍ତ୍ରୀମାନଙ୍କର) ଗଣ ସୁମନା (କେଶ ସ୍ଥିତ ପୁଷ୍ପ ସ୍ୱରୂପିଣୀ) ନାଗନାରୀ ମାନଙ୍କର ଶିରୋମଣି ମନ୍ତ୍ରୀ ମଣ୍ଡଳୀ (ପୁରୁଷାର-ସ୍ତ୍ରୀ) ମାନଙ୍କର ଭାଳଣି ତଳକ ସ୍ୱରୂପ, ପଦ୍ମାସନ ନୈରଙ୍ଗ୍ୟ ( ନିର୍ଭୟକୁ ) ପଦ୍ମମ ( ଜୟ ) କରୁଅଛି । ସୁନ୍ଦରୀ ଯାହାଙ୍କର ଟୀକା ( ଶିରୋମଣି ) କୁ ପାଇଲୁ ଏହା ଯୋଗେ ପର୍ଚ୍ଚିକ ପୁସ୍ତକରେ ଟୀକା ହେଲଣି ।

୭—ଋଷିମାନେ ସୁରତ ସୁରତ ର ଜନ୍ମାନ୍ତ ହେଉଥିଲେ କିନ୍ତୁ ଏ ସୁରତର ଯୋଗରେ ( ଆନନ୍ଦକରେ ) ରମଣୀ ମଣିକା ଗୃହିଁ ଯୋଗ ନଷ୍ଟ ହେବା ଅନ୍ତରେ ଅଛୁ ନାହାନ୍ତି, ଏପରି ସୁନ୍ଦରୀ କାହାର ଜାତହେବ ଏଥିରେ ଅତି ସନ୍ଦେହ ଜନ୍ମୁଅଛି ।

ପଦର-ବନ୍ଧୁରୀ ଅଙ୍ଗ ଛୁଇଁଲେ । ସୁନ୍ଦରମାନେ ସୁନ୍ଦର ହୋଇଲେ ।
ବୋଇଲେ ସୁ ବୁଦ୍ଧି ଏ ବୁଦ୍ଧି ସମ୍ପାଦ । ହରବରେ ହର-ଜଘମଧ୍ୟ ବାଦ ।
ଚୁମ୍ବୁକା ଭୁଜ ଭଜ ବଳାକୁ । ଏ ଶୋଭା କରେ ଅଶୋଭାମାନଙ୍କୁ ॥ ୮
ଛିଦ୍ରେଣୀ ଯେଉଁ କ୍ଷଣେ କରେ ମେଳ । କଜ୍ଜ୍ୱଳ ବହନ୍ତି ମହା ଉଜ୍ଜ୍ୱଳ ।
ଫାଂହାଣୀ ଶୃଙ୍ଗାଟିରେ ବଙ୍କ ଛୁଇଁ । ମନ ମୋହନ ବହନ କରାଇ ।
ମଧ୍ୟରେ ବଳ୍ପ ହଟକୁ ଗୁଞ୍ଜ । ମଧ୍ୟମ କଲା ସେ ହେମ ଡମ୍ବୁରୁ ॥ ୯
ସ୍ତନେ କାଠିନ୍ୟକୁ ଯେଣିମା ଯେଣି । ସେ ଶମ୍ଭୁ ଅଣି ଅଣି ସ୍ଥାଣିଲାଣି ।
ବସୁଧାରେ ସୁଧାହୋଇ ହୋଇଲା । ଶ୍ରୀଫଳ ଫଳ ବିଫଳ କରାଇ ।
ଭୁଜଙ୍ଗ ନେଣ-ଭୁଜଙ୍ଗ ନୋହି । ଔଳଗି ଔଳଗି ଧନ ନିଅଇ ॥ ୧୦
ସ୍ତନେ ଗୁରୁଗ୍ରୀବ ଅଙ୍ଗୀକାର । ନୀଳାମ୍ବର ଲୀଳା ପୁଣି ବିସ୍ତାର ।
ଭବ ମଙ୍ଗଳ ସେ ଯେଣି ଜ୍ୟୁତେ । ସତମଣ ଯ ଚନ୍ଦ୍ରରେ ବାନ୍ଧିତେ ।
ଅଷ୍ଟ ଯେ କୁମ୍ଭରାଶିରେ ଏବେ । ସଜ୍ଜଗ୍ରହ ମହାବାଗଦ ଯିବେ ॥ ୧୧

୮—ସୁନ୍ଦର ପୁରୁଷମାନେ ଏହି ପଦର ବନ୍ଧୁରୀର ଅଙ୍ଗକୁ ଛୁଇଁଲେ ସୁନ୍ଦର ହେଲେ, ବୁଦ୍ଧିମାନ ଲୋକ ଏହି ବୁଦ୍ଧି ସମ୍ପାଦନ କରି କହିଲେ ଯେ, ଏ ହରକାନ୍ତ ମଧ୍ୟ ( କେଶରୀ ମଧ୍ୟ ) ଶମ୍ଭୁଙ୍କଠାରେ ବାଦ୍ୟହେଲା. ଯେ ହେତୁ ବାସ୍ତୁ କୁବଳୟର ଭୁଜ ଭଜ (ସଳଗ) କରିବାରୁ ଅସୁନ୍ଦରକୁ ସୁନ୍ଦର କରି-ଥିଲେ, ଏ ମଧ୍ୟ ଯାହାକୁ ସ୍ପର୍ଶକଲା ସେ ସୁନ୍ଦର ହେଲା ।

୯—ଯେତେବେଳେ ନୟନରେ ମହା ଉଜ୍ଜ୍ୱଳ କଜ୍ଜ୍ୱଳ କଳାକୁ ଯେବେ ଯେତେ-ବେଳେ ସେ ଫିହାଣି (ଚକ୍ଷୁରୀ) ଶୃଙ୍ଗାଟିରେ ବଙ୍କ (ବକ୍ରତା) କୁ ସ୍ପର୍ଶ କରି ଚିତ୍ତ ମନକୁ ମୁଗ୍ଧ କରାଏ । ସେ ସୁନ୍ଦରୀ ସୁନ୍ଦର ମଧ୍ୟକୁ କୃଶ କରିବାରୁ ସୁବର୍ଣ୍ଣ ଡମ୍ବୁରୁକୁ ମଧ୍ୟମ କଲା ।

୧୦—ସ୍ତନରେ କାଠିନ୍ୟକୁ ଦେଖିବାରୁ ଶିବ ଲଜ୍ଜାରେ ଠାଣି ସ୍ଥାଣିଲାଣି । ସେ ସ୍ତନ ପୃଥିବୀରେ ଅମୃତ ଭଣ୍ଡାର ହୋଇଅଛି, ଶ୍ରୀଫଳ (ନାରିକେଳ ବା ବେଲ) କୁ ବିଫଳ କରାଇଛି, ଭୁଜଙ୍ଗ (ବେଣୀ) ଚନ୍ଦ୍ରକୁ ନ ଛୁଇଁବାରୁ ଔଳଗି (ନମସ୍କାର) କଲ୍ପରେ ଔଳଗି (ଓହ୍ଳାପଣ୍ଡି) ଧନ ନେଉଅଛି ।

୧୧—ସ୍ତନ ସ୍ୱଭାବତଃ ଗୁରୁଗ୍ରୀବ ଅଙ୍ଗୀକାର (ବୃହତ୍) ଅତଏବ ଗୁରୁ (ବୃହସ୍ପତି) ପୁଣି ନୀଳାମ୍ବର ( ନୀଳବସ୍ତ୍ର ଢାଙ୍କିଲ ) ର ଲୀଳା ବିସ୍ତାର କରୁଛି; ଏଣୁ ସେ ନୀଳାମ୍ବର (ଶନି) ସେ ସ୍ତନ ଦେଖି କବିମାନଙ୍କର ବର୍ଣ୍ଣନରେ ମଙ୍ଗଳଜାତ ହେଉଅଛି, ଅତଏବ ସେ ସ୍ତନ ଭବ ( ଶୁକ୍ର ) ଓ ମଙ୍ଗଳ, ସ୍ତନ ସତମଣ ( ଅଗ୍ରଭାଗମାନ ଯୁକ୍ତ ) ଚତୁର୍ଥ ସତମଣ ( ରାହୁ ସହିତ ) ପୁଣି ଚନ୍ଦ୍ରରେ ( ସୁବର୍ଣ୍ଣ ହାରରେ ) ବାନ୍ଧିଛି, ଏଣୁ ସେ ଚନ୍ଦ୍ର ଏହିରୂପେ ଷଷ୍ଠ ଗ୍ରହମାନେ କୁମ୍ଭରାଶିରେ, ( ଘଟାମଣ୍ଡଳରାଶିରେ, ସ୍ତନକୁମ୍ଭଦ୍ୱୟରୂପେ)

ସୁଜନରେ ମନ ସଙ୍କେତ କଲା । ଧରଣୀ ମଣ୍ଡିବା କଥନ ହେଲା ।
ଶିବ-ସ୍ୱରୂପା ସେ ଶିବ ନୋହିବ । ଭବ ହୋଇଅଛି ଭବ ମୋହିବ ।
ଭାଷିଲା ମନ୍ତ୍ରୀସୁତ କି ଭବେ । ବାଳାରେ ବଚନ ରଚନ ହେବେ ॥ ୧୨
ସୁସ୍ୱର କହ ବାଗୀଶ୍ୱର ଭଣି । ପ୍ରୟୋଜନ ଏହି ପ୍ରୟୋଗ ଶ୍ରେଣୀ ।
କେଳି-ପ୍ରବୀଣା ବୀଣା ଜିଣା ବାଣୀ । ଖଞ୍ଜନ-ଗଞ୍ଜନ-ରଞ୍ଜନେକ୍ଷଣୀ ।
ସୁରସ-ନାଥ ନାଥ-ପ୍ରତିମା । ଗୁଣ-ନାରସ୍ୱ-ନାଗସ୍ୱ-ଉତ୍ତମା ॥ ୧୩
ସଂସାର-ସାର ଲାବଣ୍ୟ-ସଦନା । କୁନ୍ଦ-ସ୍ମେର କୁନ୍ଦ-ଜିତ-ରଦନା ।
ସବିକାଶ-କାଶ ନିନ୍ଦକହାସୀ । ରଜିତ-ରାଜୀବ ଜିତ ସୁହାସୀ ।
ନବୀନାଠାରେ ଏ ବିନା ଉକ୍ତି । ଶୋଭିବ ନୋହିବ କେବେ ନୁହନ୍ତି ॥ ୧୪

---

ଏକତ୍ର ହୋଇ ମହା ଶକ୍ତି ( ବୃହତ୍ ଆକାର ବା ବନ୍ଧୁଙ୍କର ଯୁଦ୍ଧ ) କରିବାକୁ ଯାଉଛନ୍ତି । ( ଗ୍ରହଗଣ ଏକ ରାଶିରେ ମିଳିତ ହେଲେ ପୃଥିବୀରେ ଯୁଦ୍ଧ ହୁଏ, ଜ୍ୟୋତିଷ ଶାସ୍ତ୍ରୋକ୍ତି )

୧୨—ସେ ସୁନ୍ଦରୀର ସୁଜନର ( ଉତ୍ତମକୁଳରେ ) ମନ ( ଧୀରତା ) ମିଳିଲା । ପୃଥିବୀକୁ ମଣ୍ଡିବାର ଶକ୍ତି ଅଛିଲ, ସେ ଶିବସ୍ୱରୂପା ( ଅର୍ଦ୍ଧାଙ୍ଗସ୍ୱରୂପା ) ହେଲେ ତାହାଙ୍କୁ ଶିବରେ ଦେଖି ପାରିବ ନାହିଁ, ସେ ଭବ (ମହାଦେବଙ୍କୁ) ମୋହିବାକୁ ଭବ (ଜାତ) ହୋଇଅଛି । ମନ୍ତ୍ରୀପୁତ୍ର କହିଲା, ସେ ବାଳାଠାରେ କିପରି ଭାବରେ ବାକ୍ୟପ୍ରୟୋଗ କରିବାକୁ ହେବ ?

୧୩।୧୪—ବାଗୀଶ୍ୱର ଉତ୍ତମ ସ୍ୱରରେ କହିଲେ, ଏହିପରି ଭାବରେ ବାକ୍ୟ ପ୍ରୟୋଗ କରିବା ଆବଶ୍ୟକ ଅଟେ—ଯଥା ସେ ସୁନ୍ଦରୀ କେଳିପ୍ରବୀଣା, ବୀଣାଜିଣାବାଣୀ ଖଞ୍ଜନ-ଗଞ୍ଜନ-ରଞ୍ଜନେକ୍ଷଣୀ ( ଯାହାର ଚକ୍ଷୁ ଖଞ୍ଜନପକ୍ଷୀକୁ ଗଞ୍ଜିଦେଉଛି ) ଓ ରଞ୍ଜନ କାରୀ ସୁରସ ନାଥ ( ଉତ୍ତମ ରସମାନଙ୍କ ପତି ) ନାଥ ପ୍ରତିମା ( ରତି ରୂପିଣୀ ) ଗୁଣ ନାରସ୍ୱ-ନାଗସ୍ୱ ଉତ୍ତମା ( ଯେଉଁ ସ୍ତ୍ରୀମାନେ ଗୁଣର ଆକର ସେମାନଙ୍କ ମଧ୍ୟରେ ଉତ୍ତମା ) ସଂସାର ସାର ଲାବଣ୍ୟ ସଦନା, କୁନ୍ଦସ୍ମେର ( କୁନ୍ଦହୋଇଥିବା ସ୍ମେର ) ଓ କୁନ୍ଦ ( କୁନ୍ଦକଳିକା ) ଜିତରଦନା ରଦନ (ଦନ୍ତ) ସବିକାଶ କାଶନିନ୍ଦକହାସୀ ସବିକାଶ ( ପ୍ରସ୍ଫୁଟିତ ) ରାଜୀବ ରାଜିବଜିତ ସୁହାସୀ, ରଜିତ ( ବିକଶିତ )—ନବୀନାଠାରେ ଏପରି ଉକ୍ତି ଭିନ୍ନ ଅନ୍ୟ ଉକ୍ତିମାନ ଶୋଭାପାଇବେ ନାହିଁ ବା କେବେ ଲେଖା ହେବେ ନାହିଁ ।

ମହାକୋବିଦ ତର୍କବାଦ କହି । ଚନ୍ଦ୍ର ମୁଖଚନ୍ଦ୍ର ହୋଇ ଏ ଦୁଇ ।
ଇନ୍ଦୁରେ ସାଦରେ ଯେଉଁ ହରିଣ । ଭାଳନ୍ତି କଳଙ୍କ ବୋଲିଣ ପୁଣି ।
ମୁଖେନ୍ଦୁ ନୟନ-କୁରଙ୍ଗ ରଙ୍ଗ । ଜନ ରଞ୍ଜନକୁ ପ୍ରକାଶେ ବେଗ ॥ ୧୫
ଶମ୍ପା ରୂପ-ଶମ୍ପା ଏମନ୍ତ ନାରୀ । ସେ ଅଚିର ଏତ ଚିର ସୁଚିର ।
ରମ୍ଭା ଉରୁ-ରମ୍ଭା ଏ ଏହି ମତ । ଅତୁଳ ତୁଳିତ ଏମନ୍ତ ତ ।
ଏମନ୍ତେ ଭଲ ସମସ୍ତେ ଭାବ । ଚନ୍ଦ୍ର-ମୁଖୀ ଚନ୍ଦ୍ର-ହାସୀ ବୋଲିବ ॥ ୧୬
ରୂପକ ଯମକ ବ୍ୟାପକ ବଳେ । ଭବ୍ୟ କବିକୁଳେ ଲକ୍ଷ୍ୟ ପାଇଲେ ।
ଯେବେ କବି କଳ୍ପ କଳ୍ପନା ଥିବ । ଉପମାକୁ ଉପଯୋଗ ହୋଇବ ।
ମାଗଧ ବନ୍ଦିଗଣ ବୋଲନ୍ତି । ନୃପଜ ଶୁଣି ମନ ମଜାଇଲ ॥ ୧୭
ବନିତା କରି ଲଭିବା ଦୁର୍ଲ୍ଲଭ । ପ୍ରବଳ ଦର୍ଶନ ବଡ଼ ସୁଲଭ ।
ଅମର-ଦୃଷ୍ଟିକି କୁମର ପାଇ । ତଦ ପାଶେ ଚିତ୍ର-ପୁଂସେ ଅନାଇ ।
ସ୍ଥିରବ କଲା ସୂତ୍ର ବିଧାନ । ଦୂତ-ବାଣୀ ସୁରେନ୍ଦ୍ରଜ-ନନ୍ଦନ ॥ ୧୮

---

୧୫—ମହାପଣ୍ଡିତ ତର୍କବାଦ କହୁଥିଲେ, ଚନ୍ଦ୍ର ଓ ମୁଖଚନ୍ଦ୍ର ଏପରି ଦୁଇଗୋଟି ଚନ୍ଦ୍ର, ଚନ୍ଦ୍ରଙ୍କଠାରେ ଯେଉଁ ହରିଣ ଅଛି ସେ ଭାଳକଯୋଗ କଳଙ୍କ ବୋଲାଉଛି, କିନ୍ତୁ ମୁଖଚନ୍ଦ୍ରରେ ନେତ୍ରରୂପ କୁରଙ୍ଗ ଖେଳି ଲୋକରଞ୍ଜନକୁ ବେଗେ ପ୍ରକାଶ କରୁଛି ।

୧୬—ଏମନ୍ତ ଶମ୍ପା ( ବିଜୁଳି ) ରୂପଶମ୍ପା ( ଶୋଭାରୂପ ବିଜୁଳି, ) ସେ କ୍ଷଣିକ୍ ଅଚିର ଏ ସର୍ବଦା ସୁନ୍ଦର । ସେହିପରି ରମ୍ଭା ଓ ଉରୁରୂପ ରମ୍ଭା ( କଦଳୀବୃକ୍ଷ ) ଦୁହେଁ ଅତୁଳ ତୁଳିତ ( ସମାନ ) ( ରମ୍ଭାର ସର୍ବାଙ୍ଗ ଶୋଭା ଏହାର ଏକାଙ୍ଗରେ ଅଛି ) ହେଲେ ମଧ୍ୟ ସମସ୍ତେ ଭଲ ଅଟନ୍ତି । ତେବେ ତାକୁ ଚନ୍ଦ୍ରମୁଖୀ ଚନ୍ଦ୍ରହାସୀ କହିବା ।

୧୭—କବିମାନେ ରୂପକ, ଯମକ, ବ୍ୟାପକ ( ବସ୍ତ୍ରାବୃତ ) ବଳରେ ଯେଉଁ କବିତା କରନ୍ତି ତହିଁରୁ ଲକ୍ଷ୍ୟପାଇଲେ । ଯେବେ କବିର କଳ୍ପବୃକ୍ଷ ସଦୃଶ କଳ୍ପନା ଥିବ ତେବେ ଏଠାରେ ଉପମା ଯୋଗ କରିଇ ପାରିବ, ବନ୍ଦିଜନମାଗଧ ( ଭାଟ ) ଏହିକଥା କହିବାରୁ ରାଜପୁତ୍ର ଶୁଣି ମନ ମଜାଇଲେ !

୧୮—ଭାଟ କହନ୍ତି ତାହାଙ୍କୁ ପତ୍ନୀ ରୂପେ ଲଭିବା ଦୁର୍ଲ୍ଲଭ, କିନ୍ତୁ ତାହାର ପ୍ରବଳ ଦର୍ଶନ ଅତି ସୁଲଭ ଅଟେ । ଏହାଶୁଣି ରାଜପୁତ୍ର ଅମରଦୃଷ୍ଟିକି ( ଦେବଦୃଷ୍ଟି ଅର୍ଥାତ୍ ପଲକ ହୀନ ) ପାଇ ଚିତ୍ରଲିଖିତପରି ଅଦ୍ଭୁତ ପୁରୁଷକୁ ଅନାଇଲେ, ସୁରେନ୍ଦ୍ରଜ ପୁଅ ସୁନ୍ଦର ରୂପାସୁ ସ୍ଥିର କର ଦୂତବାଣୀ କହିଲ !

ନ ଥିବର ଥିବା କଲ୍ପ ଗୋସାଇଁ । ପତି ଭୂତପତି ହୋଇଛୁ ତାହିଁ ।
ଗଣପତି କୁମର ଥିଲେ ସମର । ବର ସୁଅଙ୍ଗେ ବର-ବଦନାର ।
କହିଲା ଦେବ ଶ୍ଳେଷ ଅଶ୍ଳେଷ । ଗୁଳ ନ ଗୁଳ ଶିର ଗଣପୁଂସ । ୧୯
ବତ୍ସର କହ୍ନର ଅନ୍ଧର ବଶ । କା କର କରିବା ଲୋକନ ଭ୍ରଷ୍ଟ ।
କୁତ୍ସିତ ଜନ ସେ ଦେଖ ଲଭର । କର କର ଦାନ ପୁଣ୍ୟ ନାକର ।
ଏ ଶିବ ଅର୍ଥେ ଶିବଙ୍କୁ ତୋଷ । ପଦ୍ମ ପଦ୍ମ କର ପଦ୍ମ ମନାସ । ୨୦
ହେ ଶୂର ବନ୍ଧୁ ଭୂ-ସୁର ଅଣାଅ । ଚଣ୍ଡୀ ଦର୍ଶନକୁ ଚଣ୍ଡୀ ଶୁଣାଅ ।
ଜନ ନିଜନ ମଞ୍ଜନ-ଚାଲିରେ । ଅଭିରାମ ରାମ ଅଚ୍ୟୁତରେ ।
ସୁଗ୍ରୀବ ବିଭୀଷଣେ ସେ ଭଜିଲ । ସୁନ୍ଦରୀ ତାରା ମନ୍ଦୋଦରୀ ଦେଲେ । ୨୧
ଉପେନ୍ଦ୍ର ଭଞ୍ଜ ଶଙ୍କା-ଭଞ୍ଜନ । ରାମଚନ୍ଦ୍ର ପଦ ଆପଦ-ଘନ ।
ଏଣୁ ପରମ ମନୋରମ ପଦ । ସୁ ରେ ପ୍ରସନ୍ନେ କୁଶଳେ ଆସ୍ପଦ ।
ଏ ଗୀତ ବର ବର୍ଣ୍ଣନା ବିଧି । ଭଣନ୍ତେ ସୁଜନେ ଭୁଞ୍ଜ ସୁବୁଦ୍ଧି । ୨୨

---

୧୯—ହେ ପ୍ରଭୁ ଯାହା ନ ଥିଲା ଆପଣ ତାହାକୁ ସୃଷ୍ଟି କଲ (ଅର୍ଥାତ୍ ଏପରି ସୁନ୍ଦରୀ ନଥିଲା ଆପଣ ଏବେ କଲ) ଗଣପତି କୁମର (ଭୀମ ଓ ରାଜପୁତ୍ର) ଥିଲେ ଏ ବର ବର୍ଣ୍ଣନାର ଅନୁରୂପ ସ୍ୱାମୀ ସୁଅଙ୍ଗେ କିନ୍ତୁ ଆପଣ ଅଦେଖ ହେଲେ ତାହାର ପତି କିଏ ହେବ, ଏହି ରାଜପୁତ୍ର ହେବେ କି ? ଏହି ଶ୍ଲେଷକୁ ଆଶ୍ରୟ କରି ମୁଣ୍ଡ ହଲେଇ ପୁଣି ନ ହଲେଇ ଅଦ୍ଭୁତ ପୁରୁଷ କହିଲା ।

୨୦—ଜନ୍ମରୁ ଅନ୍ଧ ହୋଇ କହିଲା କିପରି ତାହାକୁ ଦେଖିବା ଏବଂ କଥା-କହିବା, ସେ ପୁରୁଷ କହିଲା ଏ କଣ ବଡ଼କଥା ? ଆପଣ ଦାନକରି ପୁଣ୍ୟ ନାକର (ସମୁଦ୍ର) କରନ୍ତୁ, ପଦ୍ମପଦ୍ମ (ଲକ୍ଷ୍ମୀ) କର ପଦ୍ମ ଶିବଙ୍କୁ ମାନସ କରି ଏ ଶିବ (ମଙ୍ଗଳ) ପାଇଁ ସନ୍ତୁଷ୍ଟ କରନ୍ତୁ ।

୨୧—ହେ ଶୂର (ବୀର) ବନ୍ଧୁଙ୍କ ଭୂସୁର (ବ୍ରାହ୍ମଣ) ଅଣାଅ, ସେ ଚଣ୍ଡୀ [ସ୍ତ୍ରୀ]ର ଦର୍ଶନ ପାଇବା ପାଇଁ ଚଣ୍ଡୀପାଠ କରାଅ, ଅନନ୍ୟ ମନହୋଇ ମନୋରମ ରାମନାମକୁ ସର୍ବଦା ଭଜ । ସେ ରାମଚନ୍ଦ୍ର ସୁଗ୍ରୀବ ଓ ବିଭୀଷଣଙ୍କୁ ତାରା (ବାଳିର ସ୍ତ୍ରୀ) ଓ ମନ୍ଦୋଦରୀଙ୍କୁ ଦେଇଥିଲେ ।

୨୨—ରାମ ଚନ୍ଦ୍ରପଦ ଉପେନ୍ଦ୍ରଭଞ୍ଜଙ୍କର ଶଙ୍କା ଦୂର କରୁଅଛି ଏବଂ ସମସ୍ତଙ୍କର ଆପଦ ନାଶ କରେ ଏଣୁ ସେ ପଦ ଅତ୍ୟନ୍ତ ମନୋରମ ଅଟେ, ସେ ସୁପ୍ରସନ୍ନ ହେଲେ ମଙ୍ଗଳ ପ୍ରକାଶ ପାଏ, ହେ ପଣ୍ଡିତମାନେ ଏ ଗୀତର ନଗ୍ନ ବର୍ଣ୍ଣନା ବିଧିକୁ ଉଚିତ ରୂପେ ସୁଜନରେ ଭୁଞ୍ଜ ।

## ନବମ ଛାନ୍ଦ

ରାଗ ମଙ୍ଗଳ ।

ଶୁଣ ଜନେ ଶୁଣ ମନେ ଏଥି ରହସ୍ୟ
ବେଶ ଭେଟଣ ରଙ୍ଗେ ବାତୁଳିକ ପ୍ରବେଶ ॥ ୧
ଲୋହିତ-ଅମ୍ବର ପିନ୍ଧି ବା ଅଡ଼ମ୍ବର । ତାମ୍ବୁଲ-ବୋଳରେ ଜରଜର ଅଧର ॥ ୨
ପ୍ରଲମ୍ବ ପ୍ରବାଳମାଳ ଅବଲମ୍ବରେ । ହୃଦୟ ଶୋଭା ହୃଦୟ ଅତିଶୟରେ ॥ ୩
ତରୁଣ ଅରୁଣ-ପଦ୍ମ ଗୋଟିଏ ତହିଁ । ସେହି ମୂଳ ସହିତେ ଗଳାରେ ଗଳାଇ ॥ ୪
ହଙ୍ଗତରେ ଅପଠ ତା ପୋଠା ଗୋଟାଏ । ଦ୍ୱାର ସନ୍ନିକଟ ହୋଇ ପ୍ରକଟ ହୁଏ ॥ ୫
ଇଙ୍ଗିତେ ଭାଷିଲା ଅଳ୍ପ ହସିକ ହୋଇ । ପ୍ରଭୁର ଭଲ୍ଲ ବାଦ୍ୟର ଶୁଣିଲି ମୁହିଁ ॥ ୬
ମୋ ବାନାରେ ସେ ନବୀନା ଦରଶନକୁ । କେ ଦେବ ହେ ବୋଲି ବେଦନ-ଅଣାମନକୁ ॥ ୭
ଠାରେ ସେଠାରେ ପ୍ରକାଶି ଦେଖି ବୋଇଲା । ମଣ୍ଡପ ମଣ୍ଡଣୀ ନେତ୍ର ଅଗ ଛୁଇଁଲା ॥ ୮

---

୧—ହେ ଲୋକେ ଏଥିର ରହସ୍ୟ ଶୁଣ ଓ ମନରେ ଚନ୍ଦ୍ରାବଳୀ ବାତୁଳକ-ବେଶର ରଙ୍ଗରେ ବେଶ ହୋଇ ପ୍ରବେଶ କଲା ।

୨—ଲୋହିତ ଅମ୍ବର ( ନାଲିଲୁଗା ) ପିନ୍ଧି ମନରେ ଅଡ଼ମ୍ବର ବଢ଼ି ଅଛି, ତାହାର ଅଧର ପାନବୋଳରେ ଜର ଜର ହୋଇଛି ।

୩—ପ୍ରଲମ୍ବ ( ଲମ୍ବମାନ ) ପ୍ରବାଳମାଳ ( ପୋହଳା ମାଳ ) କୁ ଅବଲମ୍ବନ କରିଥିବାରୁ ହୃଦୟ ଅତ୍ୟନ୍ତ ସୁନ୍ଦର ହୋଇଅଛି ।

୪—ଗୋଟିଏ ତରୁଣ ( ସଦ୍ୟ ପ୍ରସ୍ଫୁଟିତ ) ରକ୍ତ ପଦ୍ମକୁ ତାହାର ସୂତା ସହିତ ଗଳାରେ ଗଳାଇ ହୃଦୟରେ ଲମ୍ବାଇଅଛି ।

୫—ତାହା ସଙ୍ଗରେ ଗୋଟିଏ ପୋଠା ( ସ୍ତ୍ରୀ ପୁଂସ ଲକ୍ଷଣ ) ଅଛିଅଛି, ସେ ଦ୍ୱାର ନିକଟରେ ପ୍ରବେଶ ହେଲା ।

୬—ଅଳ୍ପ ଅଳ୍ପ ହସି ଇଙ୍ଗିତରେ- କହିଲା ତୁମ୍ଭେ ଯେଉଁ ବାଦ୍ୟର କରୁଥିଲ ମୁଁ ତାହା ସବୁ ଶୁଣିଅଛି ।

୭—ତେବେ ଦେବ ମୋ ଛଡ଼ା ସେ ସୁନ୍ଦରୀକୁ କିଏ ଦେଖାଇ ପାରିବ ବୋଲି ମନରେ ଭାବୁଛ ।

୮—ସେଠାରେ ଗୋଟିଏ ଠାର ପ୍ରକାଶ କରି କହିଲା ଦେଖ, ମଣ୍ଡପ ମଣ୍ଡଣୀ ( ପତାକା )କୁ ଦେଖାଇ ଆପଣା ନେତ୍ରକୁ ଛୁଇଁଲା, ( ଏପରି ଠାରବା ଦ୍ୱାରା ଜଣାଇଲା ଯେ ସେ ସୁନ୍ଦରୀର ନେତ୍ର ଶୋଭା ଦେଖ )

କାହିଁଛୁ କାହିଁଛୁ ବୋଲି ବିରାଟ ଦେଶ । ଶୋକ ହେଲା ତଡ଼ାଗେ ହୋଇଛୁ
-ପ୍ରକାଶ ॥୯
ପୋଷା ନଟ ଖଞ୍ଜରୀଟ କୁରଙ୍ଗ ଅଣି । ସୁରଙ୍ଗ କରାଇ ସ୍ତୁତି ଦେଲା ଯେ ପୁଣି ॥୧୦
ଇନ୍ଦିରା-ମନ୍ଦିର ଇନ୍ଦୀବର ଅଣାଇ । ଇନ୍ଦୁବୃନ୍ଦେ ଅଙ୍ଗୁଳି ଦେଖାଇ ଜଣାଇ ॥୧୧
ଅଙ୍ଗେ ଅଙ୍ଗେ ଦେଖାଇବି ମୁଁ ଏହିମତେ । କେ ତହିଁ ହସିଲେ ପ୍ରଶଂସିଲେ
କେତେ ॥୧୨
ସ୍ତ୍ରୀପୁଂସ ଲକ୍ଷଣୀ ଭୂତେ ଲକ୍ଷଣୀଗଣ । ମାର୍ଗଣି ହେଲେ ତା ତନୁ ତନୁରେ କାଣି ॥୧୩
ପୁଣି ପ୍ରତିଗୁଣ କିଛି କିଛି ପାଇଲେ । ଅନ୍ୟ ଉପମାରେ ଅନୁଗତ ହୋଇଲେ ॥୧୪
ଦୟା-ହୃଦୟା ସେ ରମା ଜାଣି ମନରୁ । ଗ୍ରାହ ତେଜି ଅନୁଗ୍ରହ କଲା ତାହାଙ୍କୁ ॥୧୫
ଏ ଅନୁମାନ ମନେ ଯେ କରି ସୁବୁଦ୍ଧି । ବାଗର୍ଥୀଙ୍କି ଏ ବାକ୍ୟରେ କରନ୍ତି ସିଦ୍ଧି ॥୧୬
ବନ୍ଧୁକ-ବନ୍ଧୁ-ଅଧର ପ୍ରୟୋଗ ଯାନ୍ତି । ସୁନ୍ଦର ଦର-ସୋଦର-ହୀରା କହନ୍ତି ॥୧୭

---

୯—ବିରାଟଦେଶ (ମତ୍ସ୍ୟଦେଶ) ଯେଉଁଠାରେ ଅଛି ଶୋକ ହେଲା ତଡ଼ାଗରେ ( ପୁଷ୍କରିଣୀରେ ) ପ୍ରକାଶ ହୋଇଅଛି ବୋଲି ଠାରି ଦେଖାଇଲା ( ପୁଷ୍କରିଣୀରେ ଥିବା ମୀନ ମଚ୍ଛ ତାହାର ଚକ୍ଷୁ )

୧୦—ପୁଣି ଯେ ପୋଷା ଓ ନାଚ କରୁଥିବା ଖଞ୍ଜନପକ୍ଷୀ ଏବଂ କୁରଙ୍ଗ (ମୃଗ) କୁ ଅଣି ରଙ୍ଗ ( ଚଞ୍ଚଳ ) କରାଇ ସ୍ତୁତି ଦେଲା, ( ତାହାର ଚକ୍ଷୁ ଏପରି ) ।

୧୧—ଇନ୍ଦିରା ( ଲକ୍ଷ୍ମୀ ) ତାହାଙ୍କର ମନ୍ଦିର ( ପଦ୍ମ ) ଏବଂ ଇନ୍ଦୀବର ( ନୀଳପଦ୍ମ ) ଅଣାଇ ଇନ୍ଦୁ ( ମୁଖ ଏବଂ ଚନ୍ଦ୍ର ) କୁ ଅଙ୍ଗୁଳି ଦେଖାଇ ଜଣାଇଲା ଯେ ତାହାର ମୁଖ ପଦ୍ମପରି ଏବଂ ଚକ୍ଷୁ ଇନ୍ଦୀବର ପରି ।

୧୨—ମୁଁ ଏହିପରି ପ୍ରତି ଅଙ୍ଗରେ ଦେଖାଇବି ଏହା ଶୁଣି କେତେ ହସିଲେ କେତେ ପ୍ରଶଂସା କଲେ ।

୧୩—ଯୋଷା କହିଲା ଲକ୍ଷଣୀଗଣ ( ଉପମାସମୂହ । ତାହାର ତନୁ ତନୁରେ ( ପ୍ରତି ଅଙ୍ଗରେ ) ମାର୍ଗଣ ( ଶୋଭା ପ୍ରାର୍ଥୀ ) ହେଲେ ।

୧୪—ମାଗିବାରୁ କିଛି କିଛି ପ୍ରତିଗୁଣ ପାଇ ତାହାର ଉପମା ନୋହିଁ ଅନ୍ୟ ସ୍ତ୍ରୀମାନଙ୍କର ଉପମା ହେବାକୁ ଅନୁଗତ ହେଲେ ।

୧୫—ସେ ରମଣୀ ଦୟାର୍ଦ୍ର ହୃଦୟା ଏହା ମନରୁ ଜାଣି ତେଣୁ ସେ ଉପମା-ମାନଙ୍କଠାରେ ଗ୍ରାହ ( ବିବାଦ ) ନ କରି ଅନୁଗ୍ରହ କଲା ।

୧୬—ପଣ୍ଡିତମାନେ ମନରେ ଏହି ଅନୁମାନ କରି ବାଗର୍ଥୀ ( ଉପମା ) ମାନଙ୍କୁ ଏ ବାକ୍ୟରେ ( ମିଶ୍ର ଭାବରେ ) ସିଦ୍ଧି କରନ୍ତି ।

୧୭—ଯାହାକୁ ବନ୍ଧୁକ ବନ୍ଧୁ ଅଧର ବୋଲି ପ୍ରୟୋଗ କରନ୍ତି, ବନ୍ଧୁକ ( ବନ୍ଧୁଲି ଫୁଲ ) ତାହାର ବନ୍ଧୁ ଅଧର ଯାହାର, ଏ ସୁନ୍ଦର ଅଟେ ଯେ ଦର (ଶଙ୍ଖ)ର ସୋଦର ( ସହୋଦର ) ହୀରା ଯାହାର ।

ଶୋଭା-ଯଶ ପ୍ରସୂନ ସରସ୍ୱତର । ଧ୍ୟାନେ ଦର୍ଶନେ ଏସନେ ହୋଇଲେ ସ୍ୱୀର ॥୧୮
ଅନୁଚିତ ବଚିଲେ କି ଚିତ୍ତକୁ ଅଣି । ଗୃହବନ୍ଧୁକୁ ପ୍ରକାଶ ବୋଲନ୍ତି ଜାଣି ॥ ୧୯
ଶ୍ରବଣରେ କର୍ଣ୍ଣ ଚଳ ଧ୍ୱଜଣ ହୋଇ । ମାର ମାରଣ ଉଦ୍ୟମ ଆରମ୍ଭି ତହିଁ ॥ ୨୦
ଶିଳୀମୁଖ ଗୁଣରେ ଶିଳୀମୁଖ ଥୋଇଲା । ଜ୍ୱଳନ୍ତ ଅଳକ ସେ କୁମର ହୋଇଲା ॥୨୧
କର୍ଣ୍ଣବନ୍ଧ ପର୍ଯ୍ୟନ୍ତ ଜାଣୁ କି ଭ୍ରୁହ । କଢାଇଲା ସେ ଧାଣୀକି ଶର୍ତ୍ତିଷ୍ଠ ମୁହିଁ ॥ ୨୨
ବାମନ ଦର୍ଶନେ ମୁଁ ଯେ ଗମନ କଲି । ଉତ୍କଳଙ୍କିଶାଠାରେ କାତ୍ୟାୟିନୀ ଦେଖିଲି ॥୨୩
ସେହୁ ସେଥରଠାକୁ କରୁଥିଲା ଗମନ । କହୁ କହୁ ଶଳ ଧାର୍ଯ୍ୟ ଗ୍ରମ ଶୋଭନ ॥ ୨୪
ସେ ଧନକୁ ଯୌବନ ସେବନ ତାକୁ । ବଳୁଥିବ ନ ଥିଲା ଉପମା ଦେବାକୁ ॥୨୫
କି କହିଲି ସେ ଉଲ୍ଲାସେ ସର୍ବାଙ୍ଗ ଭରି । ସୁଲକ୍ଷଣା ସେ ଲକ୍ଷଣୀ ଶୁଣିମା ପୁଣି ॥ ୨୬
ଗୋଟି ରସାଙ୍କଗତ ଭସାଇଲା ମାନସ । କତ ଦେଖନ ନଜାକରି ତା ଚିତ୍ତେ ପ୍ରବେଶ ॥ ୨୭
ମନୋଭବ ଗୃହୀ ଗ୍ରୀବ ଭଦକଗୃହ୍ମା । ଯୌବନ ଶିଳ୍ପୀ ସରସ ଶସ୍ତ୍ର ରେଖା ॥ ୨୮

---

୧୮—ଉପମାମାନେ ସେହି ସ୍ୱମାର ଶୋଭାଯଶ ସରସ୍ୱତର ପ୍ରସୂନ ଙ୍କ ଧ୍ୟାନଦ୍ୱାରା ତାହାର ଶୋଭା ଦର୍ଶନ ସମୟରେ ସ୍ୱୀର ସ୍ୱରୂପ ହେଲେ ।

୧୯—ଅତଏବ ମନରେ ସ୍ୱପ୍ନର କର ଗୃହବନ୍ଧୁ ( ବାହୁକ ) ଅନୁଚିତ କହନ୍ତି କି ? ତାହାଙ୍କୁ ଜ୍ଞାନୀ ବୋଲି ଜାଣି ।

୨୦—ଏହା ଶୁଣିଲାମାତ୍ରେ କୁମାରଙ୍କର ଚକ୍ଷୁ ଚଞ୍ଚଳ ହେଲା, କାମ ମାରିବାରେ ଉଦ୍ୟମ ଆରମ୍ଭିଲା ।

୨୧—ଶିଳୀମୁଖ ( ଭ୍ରମର ) ଗୁଣରେ ( ଧନୁ ଧ୍ୱନିରେ ଗୁଣ ଭ୍ରମର ଶ୍ରେଣୀ ) ଶିଳୀମୁଖ ( ବାଣ ) ରଖିଲା । ସେ କୁମର ତହିଁରେ ଅଳ୍ପକ ହୋଇ କଜଳ ( ଉଦ୍‌ବେଗ ) ହେଲା ।

୨୨—ସେ କର୍ଣ୍ଣର କର ପର୍ଯ୍ୟନ୍ତ ଭୃଙ୍ଗ କରି ଜାଣ ସେ କହିଲା ମୁଁ ସେ ଜ୍ୟା ଶିଞ୍ଜିଣ୍ଡ ।

୨୩—ମୁଁ ବାମନଙ୍କୁ ଦେଖିବା ପାଇଁ ଯାଉଁ ଯାଉଁ ଉତ୍କଳଙ୍କିଶାଠାରେ କାତ୍ୟାୟନୀ ( ଚୈତନ୍ୟବସନୀ ଅର୍ଦ୍ଧାଙ୍ଗୀନା ସଧବା ସ୍ତ୍ରୀ ) କୁ ଦେଖିଲି ।

୨୪—ସେ କାତ୍ୟାୟନୀ ସେଠାକୁ ଯାଉଥିବା, ତାହାର ଅଲୌକିକ ଶୋଭା ବର୍ଣ୍ଣନ କରୁଅଛି ।

୨୫—ସେ ଧନକୁ ଯୌବନ ତାକୁ ସେବୁଥିଲା ଅତଏବ ଉପମା ଦେବାକୁ କିଛି ନ ଥିଲା ।

୨୬—ସର୍ବାଙ୍ଗ ଉଲ୍ଲାସରେ କହିଲେ କଣ ସେ କହିବା, ସୁଲକ୍ଷଣା ( ଗୋଟି ) କହିବା, ସେ ଲକ୍ଷଣମାନ ଶୁଣିମା ହେଲା ।

୨୭।୨୮—ଗୋଟି ରସର ଅଙ୍କର ଦେଇ ସମସ୍ତଙ୍କ ମନକୁ ଭସେଇ କନ୍ଦର୍ପ-କାମ ରକ୍ତରେ ଦେଖି କୁଚଭାରରେ ତାହାର ଚିତ୍ତରେ ପ୍ରବେଶ କରି ଭବ ( ଶିବ, କାମ୍ୟ ସଂସାର ) କୁ ଜିଣିବା ପାଇଁ ଯୌବନରୂପ ଶିଳ୍ପୀଦ୍ୱାରା ଶସ୍ତ୍ରମାନଙ୍କୁ ଶାଣିତ କରି ଅଛନ୍ତି ଚଳ ।

ବୟସନ୍ଧି-ସମୟକୁ ଅଙ୍କୁର ଉଠେ । ରମା କୁଚ ରମାନୁଜ ବାହୁଲି ନଷ୍ଟେ ॥ ୨୯
ସ୍ତନଶ୍ଚ ସୁମତିରେ ପର୍ବତାକାର । ହୋଇବ ବାଧକ କୃତ୍ୟ ଅଛି ଏଥିର ॥ ୩୦
ରଞ୍ଜନ ଧୈର୍ଯ୍ୟ-ଭଞ୍ଜନ ଗଢା ରୋମାଳୀ । ଅର୍ଦ୍ଧଚନ୍ଦ୍ରଶର ଭଳି ଅଳକ ଝଳି ॥ ୩୧
ଚେକିଭ୍ରୂ ଚାରୁମନୋଜ୍ଞ ଧନୁ ଧରିଛି । ମନ ବନ୍ଧନକୁ କେଶ ପାଶ କରିଛି ॥ ୩୨
ହୋଇଛି ନିତମ୍ବ-ବିମ୍ବ ଚକ୍ର ପ୍ରକାଶ । ପବନ୍ତ ପରାଜୟ କରେ ସୁମଧ୍ୟଦେଶ ॥ ୩୩
ନୟନ-ଶର କଟାକ୍ଷ ତୀକ୍ଷ୍ଣ ବହୁ । କପାଳବାର ସାରଙ୍ଗ ନିକଟେ ତହିଁ ॥ ୩୪
ଉଜ୍ଜ୍ୱଳ କଜ୍ଜ୍ୱଳ ଗୁଣ କରି ସଂଯୋଗ । ସବ୍ୟସାଚୀ ଦାସ ଶିକ୍ଷା କରେ ଅନଙ୍ଗ ॥ ୩୫
ବାଜିଲଣି ଲୋକାତୁର ତୁର ନୂପୁର । ରଣରଣ କହୁଛନ୍ତି ସେ ନିରନ୍ତର ॥ ୩୬
ଯେତେକ କହିଲ ମୁଁ ସେତେକ କହିଲି । ମଜ୍ଜିନ ହୋଇଗଲି ପୋଟା
ଏତେକ ବୋଲି ॥ ୩୭
ଅଳପ କି ବଳଭଦ୍ରଙ୍କୁ ସେ ତରୁଣୀ । ସୁମନା ଲକ୍ଷ୍ୟ କାମନା-ସିଦ୍ଧ-ଦାୟିନୀ ॥ ୩୮

---

୨୯ — ବୟସନ୍ଧି ସମୟକୁ (ପ୍ରଥମବୟସ ଅବସ୍ଥା ବେଳକୁ) ସ୍ତନମାନଙ୍କର ଅଙ୍କୁର (ପ୍ରଥମ ଅବସ୍ଥା) ଉଠିଲା, ସେ ରମାର ସ୍ତନ ରମାନୁଜ (ଭରତ) ର ବାହୁଲି ନଷ୍ଟକୁ ।

୩୦ — ଉତ୍ତମ ବୁଦ୍ଧିରେ ଭାବିଲ ଯେ ଏ ସ୍ତନ ପର୍ବତାକାର ହୋଇଯିବ ଏଥିରେ ବାଧାର କୃତ୍ୟ ଅଛି ।

୩୧ — ମନୋହର ରୋମାବଳି ଧୈର୍ଯ୍ୟଭଞ୍ଜନକାରୀ ଗଢା ହେଲା । ଅଳକ (ଚୂର୍ଣ୍ଣ କୁନ୍ତଳ) ଅର୍ଦ୍ଧଚନ୍ଦ୍ରାକାର ଶର ପରି ଶୋଭୁଛି ।

୩୨ — ଅତି ମନୋହର ଭ୍ରୂଲତାରୂପ ପରଶୁ (ଅସ୍ତ୍ର) ଧରିଅଛି । ମନକୁ ବାନ୍ଧିବା ପାଇଁ କେଶକୁ ପାଶ କରିଅଛି ।

୩୩ — ନିତମ୍ବ ବିମ୍ବ (ନିତମ୍ବ ମଣ୍ଡଳ) ଚକ୍ରାସ୍ତ୍ର ପରି ପ୍ରକାଶ ପାଉଅଛି । ଉତ୍ତମ ମଧ୍ୟଭାଗ ପବନ (ବଳକୁ) ପରାଜୟ କରି ଦେଉଅଛି ।

୩୪ — ନୟନ ରୂପରେ କଟାକ୍ଷ ରୂପ ତୀକ୍ଷ୍ଣଶରକୁ ବହୁଛି । ସାର କପାଳ ସାରଙ୍ଗ (ଧନୁର୍ଦ୍ଧାରୀ) ତାହା ନିକଟରେ ଅଛି ।

୩୫ — ଅନଙ୍ଗ (କାମ) ଉଜ୍ଜ୍ୱଳ କଜ୍ଜ୍ୱଳ ରୂପ ଗୁଣକୁ ସେ ଧନୁରେ ଯୋଗ କରି ସବ୍ୟସାଚୀ (ଅର୍ଜ୍ଜୁନଙ୍କ) ଦାସ (କାମ ଓ ତାହାଙ୍କ କନ୍ଦର୍ପତାଣ୍ଡବରେ ନର ନିଚେତ କରିବା) କୁ ଶିକ୍ଷା ଦେଉଅଛି ।

୩୬ — ଲୋକମାନଙ୍କୁ ଆତୁର କରିବା ପାଇଁ ନୂପୁର ରୂପକ ତୁର (ରଣବାଦ୍ୟ) ବାଜିଲଣି । ସେ ବାଦ୍ୟ ସର୍ବଦା ରଣ ରଣ (ଯୁଦ୍ଧ) କହୁଛନ୍ତି ।

୩୭ — ସେ କାତ୍ୟାୟନୀ ମତରେ ଯେତକ କହିଥିଲ ମୁଁ ସେତକ କହିଲି ଏହା କହି ପୋଟା ମୌନହେଲେ ।

୩୮ — ସେ ତରୁଣୀ ଅଳ୍ପ କି ? ସେ ବଳଭଦ୍ରଙ୍କୁ ପରି । ସୁମନା (ଦେବତା) ଙ୍କର କାମନା ସିଦ୍ଧିଦାୟିନୀ ।

ଶଚୀସୁତ ବୋଲନ୍ତି ବାର ବାରକେ ଶୁଣ । ତୁମ୍ଭର ଭାବନା ଅଛି କେତେକ ଦିନୁ ॥ ୩୯
ବାଫଳ ନ କର ଏହା କହିବ ଠିକ । ଅର୍ଥିତ ଅଟେ ତୁମ୍ଭେ ସେ ପଥ ପଥିକ ॥ ୪୦
ଦେଖାଅ ସବର୍ଣ୍ଣୀ ଆନ ଶରଣ ନାହିଁ । କସ୍ତିତ ନାଶିବା ବୋଲି ସସ୍ତିତ ହୋଇ ॥
ଅଛୁ ଅପୂର୍ବ ଏତେବେଳେ ଦର୍ଶନ ଦେବା । ତୁମ୍ଭ ହୃଦୟ ହୃଦସ୍ଥ ପ୍ରସନ୍ନ ହେବା ॥ ୪୨
ସୁମନ-ଶିଷ୍ୟ କହିଲେ ମନବଳରେ । ଜୀବନରେ ନେଇ ଶ୍ରମା ହେଲାବନାରେ ॥ ୪୩
ସଚୀବର ସୁତ ବୋଲେ ଏମନ୍ତ ହେଲେ । ଶଚୀ-ବରପଦ ଭୁଞ୍ଜ କରିବେ ହେଲେ ॥ ୪୪
ସେଥିଁ ଅଭିରାମ ଶ୍ରମ ବାମନମୂର୍ତ୍ତି । ଜଗନ୍ନାଥ ଭକ୍ତର ସକଳ ସମ୍ପତ୍ତି । ୪୫
ପଦ୍ମ ଧ୍ୟାନେ ମୋର ଚିତ୍ତ ସ୍ଥିରତ । ଶଚୀକୋଳେ ପୂର୍ଣ୍ଣ କରିବାର ଏ ଗୀତ ॥

---

୩୯—ଅଚ୍ୟୁତ ପ୍ରଭୁଙ୍କ ଏହିକଥା କହିବାରୁ ଗୌର କହିଲେ ଅମୃତ ଦେଖିବା ପାଇଁ ଅନେକ ଦିନରୁ ତୁମ୍ଭରେ ଭାବନା ହେଉଛି ।

୪୦—ତୁମ୍ଭେ ଏହାକୁ ବାଫଳ ନ କର ଠିକ୍ କହିବ ଅଟେ ପ୍ରାର୍ଥୀ ତୁମ୍ଭେ ସେହିପଥର ପଥିକ ଅଟ ।

୪୧—ସବର୍ଣ୍ଣୀ (ବାଟ) ଦେଖାଅ ଆମ୍ଭର ଅନ୍ୟ ଆଶ୍ରୟ ନାହିଁ, ଏହା କହି ଚକିତ ହେବାରୁ ସେ ପୁରୁଷ ଅଳ୍ପ ଅଳ୍ପ ହସି କହିଲେ ତୁମ୍ଭର ବସ୍ତୁ ସ୍ଥିର କରିବା ।

୪୨—ଦର୍ଶନ ଦେବା ଅଛି ଅପୂର୍ବ କାଳ ସେ ସମୟ ଆସିଲେ ତୁମ୍ଭଠାରେ ପ୍ରସନ୍ନ ହେବ ଏହା ତୁମ୍ଭର ହୃଦୟରେ ହେବ ।

୪୩—ତହିଁ ସୁମନଶିଷ୍ୟ ( ଶଚୀସୁତ ) କହିଲେ ଅଟେ ମନବଳରେ ଜୀବନରେ (ଅଭଙ୍ଗୀ) ଶ୍ରମର ଲୀଳା ଜୀବନକୁ ନେଇ ଯିବୁ ।

୪୪-୪୫—ସଚୀପୁତ୍ର କହିଲେ ଯେବେ ଏପରି ହେବ ତେବେ ଶଚୀବର ପଦ ( ଜଗନ୍ନାଥ ) ଅବଶ୍ୟରେ ଭୁଞ୍ଜ କରି ନେବେ । ଅଭିରାମ ବାମନ ମୂର୍ତ୍ତି ଶ୍ରୀ ଜଗନ୍ନାଥ ଭକ୍ତର ସର୍ବ ସମ୍ପତ୍ତି, ତାହାଙ୍କର ପଦପଦ୍ମ ଧ୍ୟାନରେ ମୋହର ଚିତ୍ତପଦ ସ୍ଥିରରେ ସେ ମୋର ଏ ଗୀତକୁ ପୂର୍ଣ୍ଣ କରିବେ ଏହା ଆଶ୍ଚର୍ଯ୍ୟ ନୁହେଁ ।

---

# ଦଶମ ଛାନ୍ଦ

## ( ସୁନ୍ଦରୀର ବନବିହାର )

ରାଗ କଉଶିକ

ଏଥ ସମୟେ ମଧୁର ମଧୁ-ମାସେ ମଧୁର ମଧୁ-କଣ୍ଠ-ଧ୍ୱନି ।
ସୁଧାଂଶୁ-ପ୍ରଭା ସୁଧା-ପୂରେ ବସୁଧା-ମଣ୍ଡନା ସୁବେଶ ଥିବ ବସି ।
ଗୃହିଁ ସ୍ତନକୁ । କି ଯେନି ମର୍ଦ୍ଦଳ ବଜାଇ ।
ଖେଳବା ଶୋ ପଶା ଉପମା-ରଙ୍ଗିଣୀ ସଙ୍ଗିଣୀଙ୍କି ଗୁହିଁ ବୋଲଇ ॥ ୧

ଶଚୀ-କଳା କଳା-କଳସୀ ସୁନ୍ଦରୀ-କାଳାପେ ପ୍ରକାଶିଲ୍ଲ ଛଳ ।
ଜଗତେ ସୁଗତେ ପ୍ରାବୃଟ ଅଗତେ ପ୍ରକଟ ହୁଅଇ ସେ ଖେଳ ।
ଏହାହାର ସେ । ଶଧାଶ ମିଥୁନ ହେବାରେ ।
କଣ୍ଣ ଦ୍ୱିଜର ଖାଟି ନରେ ଅନଙ୍ଗ ଦାନତ ପାଶି ଢାଳିବାରେ ॥ ୨

---

୧—ଏଣୁ ଥର ସୁନ୍ଦର ମଧୁ ( ଚୈତ୍ର ) ମାସରେ ମଧୁର ( ସୁମିଷ୍ଟ ) ମଧୁକଣ୍ଠ (କୋକିଳ) ଧ୍ୱନି, ଧରଣୀମଣ୍ଡନା ସେ ସୁନ୍ଦରୀ ସୁଧାଂଶୁପ୍ରଭା ସୁଧାପୂରରେ ( ଚନ୍ଦ୍ରଲେଖା ଘରେ ) ସୁଖରେ ବସି ସ୍ତନକୁ ଗୃହିଁ ବିଶୁର କରି ଉପମା ଭଙ୍ଗ କାରଣୀ ମର୍ଦ୍ଦଳ ବଜାଇ ସଖୀମାନଙ୍କୁ ଆସ ପଶା ଖେଳିବା ବୋଲି କହଇ ( ମର୍ଦ୍ଦଳ ଏବଂ ପଶାସାରି ସହିତ ସ୍ତନର ସାମ୍ୟ ଥିବାରୁ ତାକୁ ଭାଙ୍ଗିବା ଇଚ୍ଛାରେ ଏପରି କହି ) ।

୨—କଳାକଳସୀ ( ଚତୁଃଷଷ୍ଟି କଳାରେ ଶ୍ରେଷ୍ଠା ) ଶଚୀକଳା ନାମରେ ଏକ ସଖୀ ସୁନ୍ଦରୀସମ୍ମୁଖରେ ଛଳ ପ୍ରକାଶ କଲା, ଜଗତରେ ସୁଗତେ ( କପଟରୂପେ) ପ୍ରାବୃଟ ( ବର୍ଷାକାଳ ) ଆସିଲେ ସେ ଖେଳ ପ୍ରକଟ ହୁଏ, ସେ ଖେଳ ଓ ବର୍ଷାକାଳ ସମାନ । ବର୍ଷାକାଳ ମିଥୁନ (ଆଷାଢ଼ମାସ) ହେଲେ ପ୍ରକାଶ ପାଏ ପଶାଖେଳ ମିଥୁନ (ଯୁଗଳ) ହେଲେ ପ୍ରକାଶ ହୁଏ । ବର୍ଷାକାଳ ଖାଟିନରେ ( ନାସ୍ତିକରରେ ) ପାଣି ଢାଳିବାରୁ ଦ୍ୱିଜର ( ପକ୍ଷୀମାନଙ୍କର ) ଅନଙ୍ଗକୁ ଦାନ ( ଛେଦନ ) କରଇ । ପଶାଖେଳରେ ନରେ କଣ୍ଣଦ୍ୱିଜର ( ଖାଜା ଦାନ୍ତର ) ଖାଟିପର ପାଣି (-ହସ୍ତ ) ଢାଳିବାରେ ଦାନପକାଇ ଅନଙ୍ଗ ହୁଅନ୍ତି ।

ଦେଖି ଦେଖି କରେ ସୁମନା ଉତ୍ଫୁଲ୍ଲ ପୁନଃପୁନଃ ଚାତୁ୍ୟ ପ୍ରଚୁର ।
ଖେଳେଖେଳେଲେ ସେହୁ ଅଚଳ ଭଜଇ ଚଳ ଚଞ୍ଚଳ ଘନ-ସାର ।
ମାର ପ୍ରତାପ । ଘୋଷ ଅଧିକରେ ପ୍ରକାଶ ।
ସେ କାଳ ହୋଇଲେ ସେ ଖେଳ ଖେଳିବା ନ୍ୟାସୁବଳେ ହୁଅ ଅବେଶ । ୩

ବସନ୍ତେ ହୁଏ ଦ୍ୱିଗୁଣ ଏକ ଥରେ ସମସ୍ତ ରଜା ହୋଇ କାନ୍ତ ।
ପାଣି ମନୋଭବ ଅଧିକ ହୁଅଇ ଗୌ-ବରେ ସେ ପ୍ରଶଂସିତ ।
ଏତେ ସୁଖଦ । ଗନ୍ଧର୍ବ ଲୀଳାମାନ କଟ ।
ତରଣୀପ୍ରଭ ନାଗେଶ୍ୱର ଶୋଭାକୁ ବଢ଼ାଇ ପଦାଗରେ ଲୁଚ ॥ ୪

---

୩—ଦେଖି ଦେଖି ସୁମନା ( ମାଳତୀକୁ ) ଉତ୍ଫୁଲ୍ଲ କରେ, ପୁନଃ ପୁନଃ ଚାତୁ୍ୟର ପ୍ରଚୁର ହୁଏ, ଘନସାର ( ବଡ଼ ବଡ଼ ମେଘଖଣ୍ଡମାନ ) ଚଳଚଞ୍ଚଳ ହୁଅନ୍ତି, ପୁଣି ଖେଳେଖେଳେଲେ ସେମାନେ ଅଚଳ ହୁଅନ୍ତି । ମାର (କାମ ) ପ୍ରତାପ ଏବଂ ଘୋଷ ( ମେଘଗର୍ଜ୍ଜନ ) ଅଧିକ ପ୍ରକାଶ ପାଏ । ପାଶାଖେଳ ଦେଖି ସୁମନା ( ଖେଳାଳୀ ) ମାନେ ଆନନ୍ଦିତ ହୁଅନ୍ତି, ଚାତୁ୍ୟ ପ୍ରଭୃତି ଦାନ ସଞ୍ଚ ଭଣ୍ଡିରେ ପ୍ରଚୁର କରେ, ସାର ସବୁ ଘନ ଘନ ଚଳଚଞ୍ଚଳ ହୁଅନ୍ତି, ଖେଳେଖେଳେଲେ ଅବା ଅଚଳ ହୁଅନ୍ତି ମାର ମାର ଏହିପରି ଅଧିକବରେ ପ୍ରକାଶ ପାଏ । ଅତଏବ ସେକାଳ ହେଲେ ସେ ଖେଳ ଖେଳିବା, ବର୍ତ୍ତମାନ ନ୍ୟାସୁବଳ ଖେଳିବାରେ ତତ୍ପର ହୁଅ ।

୪—ବସନ୍ତରେ ଏବଂ ନ୍ୟାସୁବଳ ଖେଳରେ ତୁଲ୍ୟଗୁଣ ଏକ ପ୍ରକାର ଅଛି । ବସନ୍ତକାଳରେ ସମସ୍ତ ରଜା କାନ୍ତ ହୁଏ, ମନୋଭବପାଣି ( କାମଦେବଙ୍କ ବାଣ ) ଅଧିକ ହୁଏ ସେକାଳ ଗୌରବରେ ( ବହୁରେ ) ପ୍ରଶଂସିତ, ଗନ୍ଧର୍ବ ( କୋକିଳ ) ଲୀଳାମାନ କରନ୍ତି, ସେକାଳ ତରଣୀ ( ସୂର୍ଯ୍ୟ ) ପ୍ରଭା ଓ ନାଗେଶ୍ୱର ବୃକ୍ଷ ଶୋଭାକୁ ବଢ଼ାଏ । ପଦାଗରେ ( ପାଦଗୁଣ୍ଠ ହେବା କାରଣରୁ ) ଲୁଚ ବଢ଼ାଏ । ବସନ୍ତକାଳ ଏତେ ସୁଖଦ ଅଛି । ନ୍ୟାସୁବଳଖେଳରେ ଏକଥର ରଜା ହୁଏ, ମାନସିକ ଚାତୁର୍ଯ୍ୟ ଅଧିକ ହୁଏ, ସଭାରେ ( ମଲ୍ଲୀନାମାସ୍ୱାଦରେ ) ଖେଳ ପ୍ରଶଂସିତ ତହିଁରେ ଗନ୍ଧର୍ବ ( ଘୋଡ଼ାସାର ) ଦଶଗଣରେ ଲୀଳାମାନ କରନ୍ତି; ସେ ଖେଳ ତରଣୀ ( ନୌକାରେ ) ପ୍ରଭା ନାଗେଶ୍ୱର ( ହସ୍ତୀସାର ) ଶୋଭାକୁ ଏବଂ ପଦାଗରେ ( ପାଇକସାରରେ ) ଲୁଚ ( ଅନୁରାଗକୁ ) ବଢ଼ାଏ । ସେ ଖେଳ ଏତେ ସୁଖଦ ଅଛି ।

ବାଳା କହୁଣ ହେଲ ପରି ବାରସ ଖାର-ଖିନା ରସ ଦେସ ସନ୍ଥୁ ।
ବାଣୀ ବାଣୀକା ଜାଣିଲି ମୁଁ ହେଉଛି ଯୋଷା ଏକ୍ଷଣ ଅଛୁ ତହିଁ ।
ଶୁଣି ରମଣୀ । ହେଲା ଅଧୋମୁଖୀ ହୋଇଲ ।
ଏକାଳେ ମିଳ କାଦମ୍ବିନୀ ନବୀନ-ନିତମ୍ବିନୀ ଆଗେ ବୋଇଲ । ୫
କଉଶିକା ତଟ ଜାଳଙ୍କ ଅଟବୀ ମଧ୍ୟେ ବୃନ୍ଦାବନା ହେଉଛି ।
ଗୁଣି-ନିଧାନି ସାବଧାନୀ ହୁଅ ହେ ଦେଖି ଯିବାକୁ ମୁଁ କହୁଛି ।
କାଳ ହେମନ୍ତ । ମତ୍ତକାମିନୀ ପଶୁରିଲ ।
ଚତୁର ସଖୀ ଚତୁର ଶୃଙ୍ଗାରେ ଶୁଭରେ ବାଣୀ ଜଣାଇଲ । ୬
ସ୍ତନୀ ତେ ଲୁଚି ଶୃଙ୍ଗୀ ଚନ୍ଦ୍ରାବଳୀ ବିରାଜିତ ଅନୁପମରେ ।
କୁଞ୍ଜରେ ଲଳିତା ଶାଖା କୀଡ଼ିତ ଇନ୍ଦୁରେଖା ରଙ୍ଗା ରମ୍ୟରେ ।
ଅଛି ସୁଦେବୀ । ପୁଣି ଭୃଙ୍ଗ ଶ୍ୟାମା ନମ୍ରଣେ ।
ଭାବନ୍ତି ରଙ୍ଗଦେବୀ ଚମ୍ପକଲତା ମଧୁସୂଦନର ଭ୍ରମଣି । ୭

---

୫—ଯାବୁଦ୍ଧୁମ ବୟସରେ ବରଷ ହେଲାପରି ଯେ ବାଳା ପଶା ଖେଳରେ ବରସ ହୋଇ କହୁଛି, ତାହା ଶୁଣି ବାଣୀକା କହେ ମୁଁ ଜାଣୁଛି ସଖୀର ଯେ ଖେଳରେ ଜିତି ହୋଇଅଛି, ( ସାର ସ୍ତନ ପ୍ରଭୃତ ସମାନ ହେବାକୁ ଋଷି ) । ରମଣୀ ତାହା ଶୁଣି ଶୀଘ୍ର ଅଧୋମୁଖୀ ହେଲା, ଏହି ସମୟରେ କାଦମ୍ବିନୀ ଆସି ଯେ ନୂତନନିତମ୍ବିନୀ ଆଗରେ କହିଲା ।

୬—କୌଶିକାନଦୀତୀରବର୍ତ୍ତୀ ଅରଣ୍ୟ ମଧ୍ୟରେ ବୃନ୍ଦାବନା ହେଉଛି, ହେ ଗୁଣନିଧାନ ତୁମ୍ଭେ ସାବଧାନ ହୁଅ, ଦେଖି ଯିବାକୁ ମୁଁ କହୁଛି । ମତ୍ତକାମିନୀ ( ଉନ୍ମତ୍ତା ସ୍ତ୍ରୀ କୋଟିବ୍ରହ୍ମାଣ୍ଡସୁନ୍ଦରୀ ) ପଚାରିଲା "ହେମନ୍ତ ଯେ ବୃନ୍ଦାବନା କହ"। ଯେ ଚତୁର ସଖୀ ଚତୁରତାରେ ଶୀଘ୍ର କହିଲା ।

୭—ହେ ସୁନ୍ଦରୀ ! ଶୁଣି ବୃନ୍ଦାବନର ଶୋଭା, ଅନୁପମରେ ବିରାଜିତ, କୁଞ୍ଜରେ ଲଳିତ ଶାଖା, ଇନ୍ଦୁରେଖା, ରଙ୍ଗା ମନୋହର ଲୁଚେ କ୍ରୀଡ଼ା କରୁଛନ୍ତି, ପୁଣି ନମ୍ରତାରେ ସୁଦେବୀ ଅଛି, ଚତୁର ଭାବରେ ଭୃଙ୍ଗ ଶ୍ୟାମା ଅଛି, ରଙ୍ଗଦେବୀ ଓ ଚମ୍ପକଲତା ମଧୁସୂଦନଙ୍କ ଭ୍ରମଣି ନିମନ୍ତେ ଭାବନା କରୁଅଛନ୍ତି । ଜନରେ ଲୁଚି ଶୃଙ୍ଗୀ ( ଅଙ୍କୁର ) ଚନ୍ଦ୍ରାବଳୀ ( ଚନ୍ଦନବୃକ୍ଷସବୁ ) କୀଡ଼ିତ ( ଅଶୋକାଦି, ) ଇନ୍ଦୁରେଖା ( କାଞ୍ଚନବୃକ୍ଷ କିମ୍ବା ଯୋଷଲତା ) ରଙ୍ଗା ( ଜବାବୃକ୍ଷ ) ସୁଦେବୀ ( ଦେବକାଞ୍ଚନବୃକ୍ଷ ) ପୁଣି ଭୃଙ୍ଗ ( ମୃଣାଳବୃକ୍ଷ ) ସବୁଅଛନ୍ତି । ଶ୍ୟାମା ( ଅପରାଜିତା ) ନମ୍ରଣେ ( ଅନ୍ୟବୃକ୍ଷ ଆଶ୍ରୟରେ ) ଅଛି । ଏବଂ ରଙ୍ଗଦେବୀ ( ରଙ୍ଗଣୀଫୁଲ ) ଚମ୍ପକ ଲତା ମଧୁସୂଦନ ( ଭ୍ରମର ) ର ଭ୍ରମଣି ( ଗତି ) ଚିନ୍ତା କରୁଛନ୍ତି ( ଭ୍ରମର ରଙ୍ଗଣୀଫୁଲରେ ବସୁଛି ଚମ୍ପା ଫୁଲରେ ବସୁନାହିଁ ) ।

ମଞ୍ଜୁଳ-ବାର ସେବିତ ନିରନ୍ତର ଅଶେଷ ଗୋପରେ ଯେ ଶୋଭିତ ।
ମଦନ ଭଙ୍ଗୀ ମୂର୍ତ୍ତିମନ୍ତ ହୋଇଛନ୍ତି ଯାହିଁରେ ବେଣୁଧ୍ୱନି ସୁରେଖ ।
ଅମ୍ଳ ପ୍ରଦେଶେ । ସୁମନ ସୁଦାମ ହୋଇବ ।
କିଙ୍କିଣୀ ପ୍ରବଳଚଳ ହୋଇ କରୁ ନାନା ବିଳାସ ପ୍ରକଟିବ ।
ଶ୍ରୋତରେ ଯେ ସୁଖ-ସରିତ ସ୍ରୋତରେ ସତ୍ୱରେ ଭରି ମଜ୍ଜାଇଲା ।
ଧରି ଏଣୀ ଭଳି ଧବଳୀ-ଶୋଭି ଯେ ନୟନ ଚଞ୍ଚଳ ଶୋଭା ଭଳି ।
କେତେ ମୟୂର । ପୁଚ୍ଛ ଗୁଚ୍ଛର କେ ଚାଳିଲେ ।
କେ ଚନ୍ଦ୍ରୀ ପଦଣ୍ଡ ମଣ୍ଡାଇ ଜଣାଇ ଅଣାଇ ବଂଶୀ କେ ବାଇଲେ । ୯
ପୁଷ୍ପବାଗ ପତନରେ ସୁପକ୍ୱ ଯେଉଁ ସରଣୀ ହୋଇଥିଲେ ।
ବସ୍ତୁର ଅନୁଶ୍ରୁତ ସୁକୁମାରୀକ ସେ ଧଡ଼ୋ ଧଡ଼କେ ଭରାଇଲେ ।
ବନେ ଜବନେ । ମିଳ୍ଫୁଁ ବୋଲନ୍ତି ଧନ୍ୟବାଳା ।
ବିଟପ ବିଟପୀ ଏଥିତ ବହୁତ କହୁଁ ତ ଥିଲୁ ଆନ ଲୀଳା । ୧୦

---

୮—ବୃନ୍ଦାବନ-ନିରନ୍ତର ମଞ୍ଜୁଳ ବାର ( କୁଞ୍ଜସମୂହ ) ରେ ସେବିତ ଯେ ମଞ୍ଜୁଳ, ବାର ପୁଣି ଅନେକ ଗୋପୀଙ୍କ ସୁନ୍ଦର ଘରେ, ସେଠାରେ କାମ ମୂର୍ତ୍ତିମାନ ହୋଇ ବସିଛନ୍ତି, ଯାହାରେ ( ସ୍ଥାନ୍ ) ବେଣୁଧ୍ୱନି ସୁନ୍ଦର । ସେଠାରେ ସୁଦାମ ସୁମନ ( ଆନନ୍ଦିତ ) ହୋଇଛନ୍ତି, ପ୍ରବଳ ଚଳନ୍ତ୍ୟ ନାନା ପ୍ରକାର ବିଳାସ ପ୍ରକାଶ କରୁଛନ୍ତି । ବନ-ମଞ୍ଜରୀ ବାର ( ଲତାସମୂହ ) ରେ ସେବିତ ବହୁଳ ଗୋପ ( କୁଞ୍ଜମଣ୍ଡଳରେ ) ସୁନ୍ଦର ଅଟେ । ମଦନ ( ଧାତୁରି ବୃକ୍ଷ ) ସେଠାରେ ମୂର୍ତ୍ତିମାନ୍ ବେଣୁ ( ବଂଶବୃକ୍ଷ ଡାଳିଙ୍କ )ର ଶବ୍ଦ ଶୁଭୁଛି । ଅମ୍ଳ ପ୍ରଦେଶରେ ସୁମନ ସୁଦାମ ( ପୁଷ୍ପର ସୁନ୍ଦର ମାଳା ) ହୋଇବ, କିଙ୍କିଣୀ ସହାୟ ଚଳନ୍ତୁ ନାନା କ୍ରୀଡ଼ା ପ୍ରକଟ ହେବ ।

୯—ଯେ ଧବଳୀ ଶୋଭି କୋଟିବ୍ରହ୍ମାଣ୍ଡସୁନ୍ଦରୀ ଶ୍ରୋତରେ ( ଶୁଣନ୍ତେ ) ସତ୍ୱରେ ( ଶୀଘ୍ର ) ସୁଖସରିତ ( ଆନନ୍ଦନଦୀ ) ସ୍ରୋତରେ ମନକୁ ବୁଡ଼ାଇଲା ଏବଂ ଏଣୀ ଭଳି ଧବଳୀଭାଇ ଚଞ୍ଚଳ ( ଅଞ୍ଚଳ ) ର ଶୋଭା ଭଳି । କେତେ କେତେ ମୟୂରପୁଚ୍ଛଗୁଚ୍ଛ ଗୁପତ ଚାଳିଲେ କେତେ ଅବା ପଦଣ୍ଡ ମଣ୍ଡାଇ ବାଟ ଦେଖାଇ ଅଣାଇଲେ କେତେ କେତେ ବଂଶୀ ବଜାଇଲେ ।

୧୦—ଯେଉଁ ସରଣୀ ( ବାଟ ) ପୁଷ୍ପବାଗ ପଡ଼ି ସୁନ୍ଦର ହୋଇଥିଲେ, ସର୍ବମାନେ ବାଳୁଙ୍କର ସୁନ୍ଦରୀଙ୍କୁ ସେସ୍ଥାନରେ ବଟକ କରାଇଲେ । ବନରେ ଜବନେ ( ଶୀଘ୍ର ) ପଦ୍ମଚନ୍ଦ୍ର ଧନ୍ୟବାଳା କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କହନ୍ତି, ଏଠାରେ କେବଳ ବିଟପ ( ବୃକ୍ଷ ) ବିଟପୀ ( ଲତା ) ବହୁତ ଅଛନ୍ତି, ତୁମ୍ଭେ ତ ଅନ୍ୟ ପ୍ରକାର ଲୀଳା କଥା କହୁଥିଲ ।

କାଶୀକା କଲ ପ୍ରମାଣ ମାଣବକ-ମୁଖ କଞ୍ଜ-ନେତ୍ରା ଉତ୍ତର ।
ଏଥିରେ ବାଳା କାଳାନ୍ତରେ ଅଛି ସେ ଏହି ଶାଠ୍ୟର ବ୍ୟବହାର ।
ଥିବା ବେଳରେ । ସୁମନା-ବଳୀ ମନୋହରେ ।
ପ୍ରଭବ ଖରଶ୍ମି ଲାଳସ ଗଣିକା ଭାବେ ସୁବାସ ହରିବାରେ । ୧୧
ଶଚୀଭଲା ଭଲ ସେ କଥା ସତ୍ୟ ଏମନ୍ତ କହିଲା ସେଥିରେ ।
ଇନ୍ଦ୍ର ତପସ୍ୱିନୀ ସେନ ବହୁନେତ୍ର ଶୋଭା ହୋଇଥିଲ ଏଥିରେ ।
ଯାହା ପ୍ରେଷିତ । ସେ ଭାବେ ଦେଖାଇଲେ ଛଳେ ।
କେ କେଉଁ ମହାଦ୍ରୁମ ଲତା ଅନାଇ ଚିହ୍ନାଇଥିବ ରାମା ବୋଲେ । ୧୨
ପୁନ୍ନାଗ ନାଗର ଦେଖରେ ବୋଲି ସେ ଦେଖାଇଁ ଅଙ୍ଗୁଳିରେ ଭଳ ।
ଏହି ତରୁ ତରୁଣୀ-ଶ୍ରେଷ୍ଠ ନୋହେ କି ତରୁଣୀ-ଭଜନ ଚତୁର ।
ମଣ୍ଡି ବୋଲନ୍ତେ । ଭାଙ୍ଗି କି ବୋଲି ସେ ହସଇ ।
ମାଧବୀକି ଗୁହାଁ ମାଧବୀ ବୋଲନ୍ତେ ଏହି ମଧୁସ୍ତ୍ରୀର ଭ୍ରମର । ୧୩

---

୧୧—ମାଣବକ (ଶିଶୁ) ମୁଖକଞ୍ଜନେତ୍ରାର ଉତ୍ତରକୁ କାଶୀକା ସଖୀ ପ୍ରମାଣ କଲ, କହନ୍ତି ସେ ବାଳା । ଏଥିରେ ଏହି ( ଶାଠ୍ୟ, ଶଠତା ) ବ୍ୟବହାର କଳ୍ପକାଳରୁ ଅଛି ଏଠାରେ ସୁମନାବଳୀ ( ଦେବତାମାନେ ମନୋହର ରୂପେ ଥିବାବେଳେ ପ୍ରଭବ ଖରଶ୍ମି ( କୁନ୍ଦବୃନ୍ଦା ) ଗଣିକା ( ବେଶ୍ୟା ) ଭାବରେ ବଶ ହୋଇ ତାହାର ଉତ୍ତମ ବସ୍ତ୍ରକୁ ହରଣ କରିବା ବିଷୟରେ ଲାଳସ ହୋଇଥିଲେ, ଏବେ ଜଗରେ ସୁମନାବଳୀ ( ପୁଷ୍ପସମୂହ ) ମନୋହର-ରୂପେ ପ୍ରଭବ ( ମୁକୁଳ ) ବାହାରି ଥିବାବେଳେ ପବନ ଗଣିକା ( ଗୃଧ୍ନ ) ଭାବରେ ବଶ ହୋଇ ତାହାର ଉତ୍ତମ ଗନ୍ଧ ହରଣ କରିବାରେ ଲାଳସ ହୋଇଛି ।

୧୨—ଶଚୀଭଲା ସଖୀ ସେ କଥାରେ ସମ୍ମତ ହୋଇ ଏହାହିଁ କହିଲା ଏଥିରେ ଇନ୍ଦ୍ର ତପସ୍ୱିନୀ (ଅହଲ୍ୟା) ଙ୍କୁ ସେନ ବହୁ ନେତ୍ରରେ ଶୋଭା ପାଉଥିଲେ । ବର୍ତ୍ତମାନ ଏ ବନ ତପସ୍ୱିନୀ (ଜଟାମାଂସୀ) ଇନ୍ଦ୍ର (କୁଟଜ) ପ୍ରକୃତ ବହୁତ ବୃନ୍ତ ସେନ ନେତ୍ର ଶୋଭାକର ହୋଇଅଛି । ସେ ଯାହା ପ୍ରେଷିତ (ବ୍ରହ୍ମା ପ୍ରେଷିତ କାଦମ୍ବିନୀ, ଇନ୍ଦ୍ର ପ୍ରେଷିତ ଶଚୀଭଲା ) ସେମାନେ କପଟରେ ସେହି ଭାବ ଦେଖାଇଲେ । କିଏ କେଉଁ ମହାଦ୍ରୁମ ( ବୃକ୍ଷ ) କିଏ କେଉଁ ଲତା ବୋଲି କହି ଦେଖି ମନେ ଚିହ୍ନାଇ ଦେଇଥିବ ବୋଲି ସୁନ୍ଦରୀ ସେମାନଙ୍କୁ କହିଲେ ।

୧୩—ହେ ନାଗର ! ପୁନ୍ନାଗ ଦେଖ ବୋଲି କେଉଁ ସଖୀ ଅଙ୍ଗୁଳିରେ ଦେଖାନ୍ତେ ତରୁଣୀଟିଏ ପଚାରିଲା ଏହି ତରୁ (ବୃକ୍ଷ) ତରୁଣୀ ଶ୍ରେଷ୍ଠ ( ପୁନ୍ନାଗ-ପୁରୁଷ-ଶ୍ରେଷ୍ଠ ) ନୁହେଁ, କେହି ସଖୀ ଏ ମଣ୍ଡି ବୋଲନ୍ତେ ସୁନ୍ଦରୀ କହେ ଭାଙ୍ଗି କି

ଅଛିମ ଭଣି ସ୍ୱପ୍ନରେ ନାଗେଶ୍ୱରେ ତାର ଅଳିଯେ ଯାଉଁ ସେହୁ ।
ମଥାଳୁ ତାଳି ଏକଥା ପୁଛା କଲା କଥା-ପ୍ରସଙ୍ଗ ହେଲୁ ସେହୁ ।
ସେହୁ ହୋଇଲା । ଅଛିମି ସୁବର୍ଣ୍ଣେ ଭରସା ।
ସ୍ୱପ୍ନାକୁ ଭାଷା ମିଶିବାରୁ ହେଲା ଯେ ଏତେକ ଭଣିଲ ସୁନ୍ଦରୀ ॥ ୧୪
ରମ୍ଭା କହ ନା କରଭ-ବଦନାକୁ ସମାଦର ସିନା ଏସନ ।
ଅମ୍ବ ନଗର ନବରୂପ ହେଲା କା ବୋଲି ଯେ କହିବ ବଚନ ।
ବୋଲେ କେ ତହିଁ । ହୋଇ ଏ ସୌରଧ ପ୍ରକାଶିଛୁ ।
କେ କହେ ନୋହେ ଏ ପରମ ପଣ୍ଡିତା ମନକୁ ନାନାର୍ଥ ଅଣୁଛି ॥ ୧୫
ଏମନ୍ତ ରହସ୍ୟ ବଶ ହସ ହସ ହଂସପନ୍ତି ପ୍ରାୟେ ଗମନ ।
ସମସ୍ତେ ସୁବେଶ ପ୍ରବେଶ ହୋଇଲେ ମାଙ୍ଗଲ୍ୟାଙ୍କ ଥିବା ବିପିନ ।
କାଦମ୍ବିନୀ ସେ । ଯତନେ କଢ଼ାଇ ନେଉଛି ।
କାର୍ଯ୍ୟରେ ବିଧିଙ୍କର ଆଜ୍ଞା ଅବଜ୍ଞା ନୋହନ୍ତ ଏ ହେତୁ ହୋଉଛି ॥ ୧୬

---

ମଲ୍ଲି ? ବୋଲି କହଇ । କେହୁ ମାଧବୀ ବୃକ୍ଷକୁ ଚୁହିଁ ଏ ମାଧବୀ ବୋଲୁଛନ୍ତି, ଏ ଭଣି ମଧୁପ୍ରିୟ ଯେ ଏଠାରେ ମାଧବୀ (ଲକ୍ଷ୍ମୀ) ଅଛନ୍ତି ?

୧୪—କୌଣସି ସଖୀ ମୁଁ ନାଗେଶ୍ୱର ଅଚିର ଏହା ସ୍ୱପ୍ନରେ ଭଣି ତାହା ନିକଟକୁ ଯାଉଥିଲେ ଅନ୍ୟ ସଖୀ ମଥାତାଳି ଏ କଥା ପଚାରିଲା ତୁ କିପରି କଥା ପ୍ରସଙ୍ଗ ( ସାମ୍ନାଅଛେଲା ) ହେଲୁ ଯେ ନାଗେଶ୍ୱର (ଶ୍ରେଷ୍ଠ ନାଗ) ଅଚିରୁ ? ସେ କହିଲା କିଣୁଣୁ ଅଚିର, ସୁବର୍ଣ୍ଣ (ସୁନ୍ଦର ବର୍ଣ୍ଣ ଚକ୍ଷୁ ହେଲା, ମୋର ତାହା ଠାରେ ଭରସାଅଛି) କଥାକୁ କଥା ମିଶି ଯିବାରୁ ସୁନ୍ଦରୀ ( ବ୍ରଜେନ୍ଦ୍ରା ) କୋଟିବ୍ରହ୍ମାଣ୍ଡ ସୁନ୍ଦରୀ "ହେଲା ଯେ" ଏତେକ କହିଲା ।

୧୫—କେଉଁ ସଖୀ କହୁଛି କରଭ ବଦନାକୁ ଏ ରମ୍ଭା ବୋଲି କହନା ସେ ଏପରି ସମାଦର (ମନରେ ଭାବର) ଯେ ଅମ୍ବ ନଗର ନବ [ ବୃକ୍ଷ ] ରୂପ ହେଲା କା ? ଏହା ଶୀଘ୍ର କହିବ । କିଏ କହୁଛି ଏ ସୁନ୍ଦରୀ ସୌରଧ ( ନବଯୌବନକୁ ) ପାଇ ସୌରଧ (ଚଞ୍ଚଳତା) ପ୍ରକାଶୁଛି, କେହୁ କହେ ତାହା ନୁହେ ଏ ପରମ ପଣ୍ଡିତା ହେତୁ ମନକୁ ନାନା ଅର୍ଥ ଅଣୁଛି ।

୧୬—ଏହିପରି ରହସ୍ୟରେ ବଶହୋଇ ହସି ହସି ହଂସଶ୍ରେଣୀପରି ଗମନ କରନ୍ତି ସମସ୍ତେ ସୁବେଶ ହୋଇଛନ୍ତି ଯେଉଁ ବନରେ ମାଙ୍ଗଲ୍ୟ ଥିଲେ ସେହି ବନରେ ଯାଇଁ ପ୍ରବେଶ କଲେ । କାଦମ୍ବିନୀକୁ ବ୍ରହ୍ମାଙ୍କର ଆଦେଶ ଥିବାରୁ ସେ ଅତି ଯତ୍ନରେ ବାଟ କଢ଼ାଇ ନେଉଛି । କାର୍ଯ୍ୟରେ ବିଧାତାଙ୍କର ଆଜ୍ଞା ଅବଜ୍ଞା ହେବ ନାହିଁ ଏହି ହେତୁରୁ ଏମାନେ ସେଠାରେ ପହଞ୍ଚିଲେ । (ବ୍ରହ୍ମା) ସୁନ୍ଦରୀଙ୍କୁ ମାଙ୍ଗଲ୍ୟାଙ୍କ ଭେଟ କରାଇବା ପାଇଁ କାଦମ୍ବିନୀକୁ ଆଦେଶ ଦେଇଥିଲେ )

ସେ ବନ ଧନ୍ୟ ସମାନ ନାହିଁ ଅନ୍ୟ ସେବିତ ପୁଣ୍ୟବନ୍ତ ଜନ ।
ଶୁକ ପିକ ପୁଣ ଉଚ୍ଚରନ୍ତି ଚୈତ୍ରରଥ ନନ୍ଦନର ଜନନୀ ।
ସତ୍ୟ ଏ କଥା । ସକଳ ସୁଲକ୍ଷଣ ଅଛି ।
ଫୁଲ୍ଲ ପବନ ସ୍ତନ-ନାରିକେଳରେ ପୟ ପରିପୂର୍ଣ୍ଣ ହୋଇଛି । ୧୭
ଉପକୁଲ୍ୟା ଆଦି ଉପକରଣୀକୁ ଅଛି ଏ ଗର୍ଭଗତ କରି ।
ତମାଳ-ଦଳ କୁନ୍ତଳ ବାନ୍ଧି ନାହିଁ ଅତଏ ସ୍ନେହୀ ସ୍ନାନ ସାରି ।
ଭବ୍ୟ ବାସରେ । ଅଛି ସେ ଆଚ୍ଛାଦନ ହୋଇ ।
ଉଚ୍ଚେ ପୁଷ୍ପରଜ ବ୍ୟାଜ ନିଜ ଦେହୁଁ କୁଙ୍କୁମ ଥିଲା ଝଡ଼ୁଥାଇ । ୧୮
ଏକଥା ବୃଥା ହୋଇଥିଲେ ଶୋଭନ୍ତ ଲଭିଥାନ୍ତା କାହିଁ ସେ ସ୍ଥଳେ ।
ଭସ୍ମ ଦ୍ୱିରଦ ରଦ-ଚୂର୍ଣ୍ଣକି ଉଠନ୍ତା ନାଭି କୁରଙ୍ଗ-ନାଭି ଛଳେ ।
ଯକ୍ଷ ଅମରେ । ସୁତେ ଘେନିଗଲେ ଏ ବଣି ।
ଉତ୍ପୁନ୍ତ ପ୍ରସୂବତୀ ସୁବତୀ ଏ ପାଳନ୍ତ ନ ପାରିବ ଶିଶୁ । ୧୯

---

୧୭—ସେ ବନ ଧନ୍ୟ ଅଟେ ତାହା ସମାନ ବନ ଅନ୍ୟ ନାହିଁ, ଯେଉଁମାନେ ପୁଣ୍ୟବନ୍ତ ହୋଇ ଜନ (ଜନ୍ମ) ଗ୍ରହଣ କରିଛନ୍ତି ସେମାନଙ୍କର ସେବିତ ଏ ସ୍ଥାନ । ଶୁକ ଓ କୋକିଳ ମାନେ କହୁଛନ୍ତି ଏ ବନ ଚୈତ୍ରରଥ [ କୁବେରଙ୍କ ବନ ] ନନ୍ଦନ ( ଇନ୍ଦ୍ରଙ୍କ ବନ ) ର ଜନନୀ ଅଟେ ଏକଥା ସତ୍ୟ ଯେ ହେତୁ ସକଳ ସୁଲକ୍ଷଣମାନ ଏଠାରେ ଅଛି । ପୁଷ୍ପ ପବନ ହୋଇଛି । ନାରିକେଳ ସ୍ତନ ହେବା ତହିଁରେ ଥିବା ପୟ ( ଜଳ ) ଦୁଗ୍ଧ, ସେ ତହିଁରେ ପରିପୂର୍ଣ୍ଣ ।

୧୮—ପ୍ରସୂତି ଉପକୁଲ୍ୟା ( ପିପ୍ପଳୀ ) ପ୍ରଭୃତି ଉପକରଣମାନ ଗର୍ଭଗତ କରିବା ପରି ଏ ବନ ପିପ୍ପଳି ପ୍ରଭୃତି ଉପକରଣ ( ଆନୁ ସଙ୍ଗିକ ) ବୃକ୍ଷମାନଙ୍କ ମଧ୍ୟରେ ରଖିଅଛି । ପ୍ରସୂତ କୁନ୍ତଳ ( କେଶ ) ବାନ୍ଧି ନ ଥାଏ ଏ ମଧ୍ୟ ତମାଳପତ୍ର-ରୂପ କେଶକୁ ବାନ୍ଧିନାହିଁ ସେ ସ୍ନାନ ସାରି ରୌଦ୍ର ( ଖରା ) ସ୍ନେହୀ ହେଲା ପରି ଏ ମଧ୍ୟ ରୌଦ୍ର ( ଅଜଗ ବା ବ୍ୟାଘ୍ର ଭଲ୍ଲୁକାଦି ହିଂସ୍ରଜନ୍ତୁ ) ସ୍ନେହୀ ହୋଇଛି । ପୁଣି ପୁଷ୍ପ ରଜ ଛଳରେ ପ୍ରସୂତ ପରି ନିଜ ଦେହରୁ କୁଙ୍କୁମ ଝଡ଼ାଇ ( ଝଡ଼ାଉ ଥିବାରୁ ) ତାହା ଜଣା ଅଛି ।

୧୯—ଏ କଥା ବୃଥା ହୋଇଥିଲେ ସେ ବନରେ କାହିଁକି ଦ୍ୱିରଦ ରଦ (ହସ୍ତୀ-ଦନ୍ତ) ଚୂର୍ଣ୍ଣ କାଢ଼ନ୍ତେ ( ବ୍ୟାଜରେ ) ଭସ୍ମ ( ପାଉଁଶ ) ପୁଣି କୁରଙ୍ଗ ନାଭି [ କସ୍ତୁରୀ ] ଛଳରେ ନାଭି ପାଉଥାନ୍ତା, ( ନବଜାତ ଶିଶୁର ନାଭି କଟାହୋଇ ପାଉଁଶରେ ପଡ଼େ ) ଏବନ ଉତ୍ପନ୍ନକ ବୟଃପ୍ରାପ୍ତ ପ୍ରସୂ ସୁବତୀ, ଅତଏବ ଶିଶୁମାନଙ୍କୁ ପାଳି ନ ପାରିବ ଭାବି ଯକ୍ଷ ( କୁବେର ) ଅମର ( ଇନ୍ଦ୍ର ) ଏହାର ସନ୍ତାନଙ୍କୁ [ ଚୈତ୍ରରଥ ଓ ନନ୍ଦନ ବନ ରୂପ ଶିଶୁ ଦ୍ୱୟଙ୍କୁ ] ନିଜପୁରକୁ ଘେନିଗଲେ ।

ତହିଁ ଗୃହିଁ ଗୋତ୍ର ଶ୍ୟାମଳ ଅବଳା ମେଳା ତପସ୍ୱିନୀ ତରକା ।
ଅବନୀ-ବନିତା ଭଳି ଶୋଭେ ପୀତ ନୀଳ ଅମ୍ଳାନ-ମାଳ୍ୟରେ କି ।
ଅଙ୍କ ମଧ୍ୟରେ । କେତକୀ ଦଳ ଫୁଲ୍ଲ ଏଠି ।
ସେହୁ ସୁବାସରେ ପାଶକୁ ଭ୍ରମରଶ୍ରେଣୀ ହୋଇଛନ୍ତି ଆଗତ । ୧୦

ସେପରି ମିଳି ସୁଲକ୍ଷଣୀ ମିତଣୀ ସଙ୍ଗେ ମାଙ୍ଗଲ୍ୟାଙ୍କୁ ଓଳଗି ।
କଲ୍ୟାଣ କଲେ ସେ ଇଚ୍ଛାରେ ହୁଅ ତୁ ସୁଭଗା ତାହାର ଶୋଭାଙ୍କି ।
ସେହୁ କଳିବ । ଜାଣି ଗର୍ବ ହୃତ ମଦନ ।
ତ୍ରି-ନେତ୍ର-ନେତ୍ର-ଜାତ-ଜାତବେଦରେ ଦହନ ହୋଇଲା ବହନ । ୧୧

ମୁଞ୍ଜାବନ୍ଧ ସେହୁ ବାଞ୍ଛାଦ୍ରୁମ ହୋଇ ତୁମ୍ଭେ ବାଞ୍ଛା ପୂର୍ଣ୍ଣ କରବ ।
କହିବ ସେ କାହିଁ କରୁଛି କି ନାହିଁ କି ଦେବ ଦାନବ ମାନବ ।
କେବଳେ ବର୍ଣ୍ଣନ । କେମା ଜାଣିବ ମିଥ୍ୟାଭାବ ।
ସେ ଭାଷି ଅମ୍ଭ ମନେ ଏତ ଆଶ୍ୱାସି ଏ ପୁରେ ଅବଶ୍ୟ ଥିବ । ୧୨

---

୧୦—ସେ ବନରେ ଗୋତ୍ର ଓ ଶ୍ୟାମା ଅବଳାମାନଙ୍କର ମେଳା ଦେଖି ତପସ୍ୱିନୀ (ମାଙ୍ଗଲ୍ୟା) ତର୍କ କଲେ ଏ ବନ ଅମ୍ଳାନ (ସଦ୍ୟ ପ୍ରସ୍ଫୁଟିତ) ପୀତ [ହରିଦ୍ରାବର୍ଣ୍ଣ] ଓ ନୀଳ ବର୍ଣ୍ଣପୁଷ୍ପମାଳାରେ ଅବନୀବନିତା (ପୃଥିବୀ ସ୍ତ୍ରୀ)ର ଶୋଭା ଶୋଭା ହୋଇଛି କି ? କେତକୀପତ୍ର ଫୁଲମଧ୍ୟରେ ଅଙ୍କ, ଭ୍ରମର ଶ୍ରେଣୀ ସେହି ସୁବାସରେ ପାଖକୁ ଆସୁଛନ୍ତି । କୋଟିବ୍ରହ୍ମାଣ୍ଡସୁନ୍ଦରୀ କେତକୀ ଫୁଲ, ଗୁରୁ ପାଖରେ ଥିବା ସଖୀମାନେ ଭ୍ରମର ଶ୍ରେଣୀ ।

୧୧—ସୁଲକ୍ଷଣୀ ସେହିପରି ମିତଣୀ ସହ ମାଙ୍ଗଲ୍ୟାଙ୍କୁ ଓଳଗିଲେ । ସେ ଇଚ୍ଛାରେ କଲ୍ୟାଣ କଲେ ତୁ ତାହାର ଶୋଭାଙ୍କ ହୋଇ ସୌଭାଗ୍ୟବତୀ ହୁଅ ଯେଉଁ ପୁରୁଷ କଳିବାର ଜାଣି କାମ ଗର୍ବହୃତ ହୋଇ ମହାଦେବଙ୍କର ନେତ୍ରରୁ ଜାତ ହୋଇଥିବା ଜାତବେଦରେ [ ଅଗ୍ନିରେ ] ଶୀଘ୍ର ଦଗ୍ଧ ହେଲା ।

୧୨—ଯେହୁ ପତ୍ନୀରଳି ତୁମ୍ଭେ କଳ୍ପବୃକ୍ଷ ହୋଇ ଆମ୍ଭମାନଙ୍କର ବାଞ୍ଛା ପୂର୍ଣ୍ଣ କରିବ ନସ କେଉଁପାରେ କରୁଛନ୍ତି ସେ ପୁରୁଷ ଦେବତା କି ଦାନବ କି ମାନବ ଏକଥା କହିବ । ବର୍ଣ୍ଣନ କେବଳ ( ନ କହିଲେ ) କେମାପରି ଏ ଭାବ ମିଥ୍ୟା ବୋଲି ଜାଣିବ । ସେ କହିଲେ ଅମ୍ଭ ମନରେ ଏପରି ଆଶ୍ୱାସ ଅଛି ଯେ ସେ ପୁରୁଷ ଅବଶ୍ୟ ଏହି ମର୍ତ୍ତ୍ୟପୁରରେ ଥିବ ।

ଥିବ କାହିଁ ଅଛି ଅଛନ୍ତେ ଏ ପୁରେ ଜାଣୁଥାଇ ଏଣୁ ଚନ୍ଦ୍ରମା ।
ଅସମାନ ମାନୁ କରେ ତନୁ ତନୁ ସକଳ କଳଙ୍କର ସୀମା ।
ସେହି ହୋଇବ । ବୋଇଲେ ଅବଧୂତ ଥିଲେ ।
ଯା ଦେଖି ସୁନ୍ଦରକୁଳେ ଅଶ୍ୱମୁଖା ସ୍ମର-ତନୁଜେ ହୋଇଲେ । ୧୩
ପୁଷ୍କରତୀର୍ଥେ ଭାସ୍କର ଉପରାଗେ ସର୍ବେ ସ୍ନାନ ଦାନ ଅର୍ଥେ ।
ଥିଲା ସେ ଯାଇ ସର୍ବଚକ୍ଷୁ-ମଜ୍ଜାଇ ନେଲା ଅନୁପମ ପଦାର୍ଥେ ।
ଯାହା ଶୋଭୁଛି । ପୁଷ୍ପକେତୁ ନାମ ତାହାକୁ ।
ପାଟଳୀପୁର ନୃପତିପୁତ୍ର ହେବ ଦମ୍ପତି ଲଭିଲେ ଏହାକୁ । ୧୪
ବୋଲି ଦେଖାଇଁ ଯେ କରକୁ କରକ-ବୀଜ ବିଜିତ-ଦଶନାର ।
ପୁଲକ ଅଙ୍କୁର ମୁକୁରେ ଯା ଧୃଷ କରେ କପୋଳ ତତପର ।
ନୀପ-କୋରକ । ଧଇଲା କି ରସାଳତା ।
ଚୁମ୍ବାରେ ଅଧର ଏହି ଶୋଭା ଧରେ ଫୁଟେ ଅବା ଜବା କଳିକା । ୧୫

---

୧୩—ଥିବ କାହିଁକି ସେ ପୁରୁଷ ଅଛନ୍ତେ ( ଶଙ୍କାସ୍ଥ ) ଏହି ପୃଥ୍ୱୀରେ ଅଛି ଏଣୁ ଅନେକ ଜାଣୁଥାଇଁ ଚନ୍ଦ୍ର ତାହାଙ୍କର ସମାନ ନହେବା ଅଭିମାନରୁ ତନୁ ( ଶରୀର ) କୁ ତନୁ ( କୃଶ ) କରିଲା ଏବଂ ସକଳ କଳଙ୍କର ସୀମାହୁଏ ମାଗିଲା। ନିକଟରେ ଅବଧୂତ ଥିଲେ, ସେ କହିଲେ-ସେହି ସୁନ୍ଦର କୁମାର ପତି ହେବ; ଯାହାଙ୍କ ପାଇଁ ସ୍ମର ତନୁଜେ ( ଅଶ୍ୱିନୀ କୁମାର ଦ୍ୱୟ ) ସୁନ୍ଦର କୁଳରେ ଘୋଡ଼ା ମୁହାଁ ବୋଲାଇଲେ ।

୧୪—ସେ ପୂର୍ବେ ଭାସ୍କର ଉପରାଗରେ ( ସୂର୍ଯ୍ୟପରାଗରେ ) ସ୍ନାନ ଓ ଦାନ କରିବା ପାଇଁ ପୁଷ୍କର ତୀର୍ଥକୁ ସମାଗରେ ଯାଇଥିଲେ ସେଠାରେ ସମସ୍ତଙ୍କର ଚକ୍ଷୁ ମଜ୍ଜାଇ ନେଲେ, ସେ ଗୋଟିଏ ଅନୁପମ ପଦାର୍ଥ ଅଟନ୍ତି, ପୁଷ୍ପକେତୁ ( ସୁନ୍ଦରଙ୍କ ମଧ୍ୟରେ ପୁଷ୍ପପତାକା ) ଏହି ନାମଟି ତାହାଙ୍କ ସୁନ୍ଦର ହୋଇଛି, ସେ ପାଟଳିପୁର ନୃପତିଙ୍କର ପୁତ୍ର, ଏହି ସୁନ୍ଦରୀକୁ ପାଇଲେ ଉପଯୁକ୍ତ ଦମ୍ପତି ( ସ୍ତ୍ରୀ, ପୁରୁଷ ) ହେବେ ।

୧୫—ଏହା କହି ଜେମା ଅଙ୍ଗକୁ ହାତ ଦେଖାନ୍ତେ, ଯାହାର ଦନ୍ତ କରକବୀଜ ( ଦାଡ଼ିମ ମଞ୍ଜି ) କୁ ଜିଣିଅଛି ସେ ସୁନ୍ଦରୀର କପୋଳରେ ତତପରେ ( ଶୀଘ୍ର ) ରୋମୋଦ୍ଗମ ହେବାରୁ ସେ କପୋଳ ମୁକୁରେ [ ଦର୍ପଣକୁ ] ଧୃଷ ( ଲୁବ୍ଧ ) କରେ । ରସାଳତା ନୀପକୋରକ ( କଦମ୍ବ କଳୀ ) ଧଇଲାପରି ଦିଶିଲା, ଚୁମ୍ବା ( ଖାଇ ) ବଳନ୍ତୁ ଅଧର ଏହି ଶୋଭା ଧରେ ଜବାକଳିକା ଅବା ଫୁଟିଲା ।

ବଶୁନ୍ଧ ତୃଣାସ୍ୟା ପ୍ରମଦା ପ୍ରୀତସ୍ୟା ହୋଇଲା ଶୁଦ୍ଧ ସନ୍ଧିକଟି ।
କଲ୍ୟାଣୀ ବଦାନ୍ତ ଶୁଣ ଗୋ ସୁଦାନ୍ତି କଲ୍ୟାଣି ସତ ହୋଇଲଟି ।
ପ୍ରତ୍ୟୁତ୍ତର । କଲେ କି ହେବ ସତ ହୋଇ ।
ଯନ୍ତ୍ରୁ ହେଲ କି କି ପ୍ରକାରେ ବାରେ ଦେବା ଆମ୍ଭେ ଦେଖାଇ ॥ ୧୬

ଦେଖାଇବ ଏଣା ଲେଖାଇବ ନାହିଁ ତାଠାରୁ ବନସ୍ପତିର ।
ଲେଖାଇବ ଯେବେ ବନସ୍ପତିକା ରଖାଇବ ଏଣା ପାଶର ।
ଦୀକ୍ଷା ଦେଲ ଯେ । କୃତାର୍ଥ କରିବ ନାହିଁକି ।
ଶୁଣି ସଙ୍ଗିନୀ ଇଙ୍ଗିତ ଜାଣି ଯେବେ ଖୁସିଲେ ନୋହିବ କାହିଁକି ॥ ୧୭

ବଦ୍ୟା-ବଣାବଦା ସାରଦା ଏକାଳେ ମାଙ୍ଗଲ୍ୟା ରାଜହଂସ ମନେ ।
ପ୍ରବେଶ ଅବେଶ କରାଇଲେ ମାଧୁରୀତନ ଦେଖି ଦର୍ଶନେ ।
ସେହି ଦୁହିଙ୍କି । ଶୁଭିଲ ଦୈବ ବଚନ ।
ବାଳକ ପ୍ରଥମପଢ଼ା ଗୁରବର୍ଣ୍ଣ ମନୋରଥ ପଦ୍ମ ବିଧାନ ॥ ୧୮

---

୧୬—ଏହି ଜଗତୀ ସବୁ ଦେଖି ତୃଣାସ୍ୟା ପ୍ରମଦା (କାମିନୀ) ବନ୍ଧୁରଭ ଶୁଦ୍ଧସନ୍ଧି କଟି (କେମା) ସୁନ୍ଦରୀଠାରେ ପ୍ରୀତସ୍ୟା ହେଲା । ସେହି ସମୟରେ କଲ୍ୟାଣୀ (ମାଙ୍ଗଲ୍ୟା) କହିଲେ ଅଗୋ ସୁଦାନ୍ତି ! ଶୁଣ, ଅସ୍ମ କଲ୍ୟାଣି ସତ ହେଲଟି ସଖୀମାନେ ପ୍ରତ୍ୟୁତ୍ତର କଲେ ସତ ହୋଇ କି ହେବ ? ଏହାପରି ଅତନୁର ଉଭ ଯନ୍ତ୍ର ହେଲା ପରେ ମାଙ୍ଗଲ୍ୟା କହନ୍ତେ ଆମ୍ଭେ କି କି ପ୍ରକାରରେ (କୌଣସି ପ୍ରକାରେ) ଥରେ ଦେଖାଇ ଦେବା ।

୧୭—ସଖୀମାନେ କହିଲେ ସେ ସୁନ୍ଦରକୁ କେବଳ ଦେଖାଇବ, କିନ୍ତୁ ତାଠାରୁ ବନସ୍ପତି ଲେଖାଇବ ନାହିଁ, ଯେବେ ବନସ୍ପତିକା ଲେଖାଇବ ତେବେ ନିଜପାଖରେ ରଖାଇବ । ଜଣେ କହିଲା ଯେ ଦୀକ୍ଷା ଦେଲ ସେ କଣ କୃତାର୍ଥ କରିବ ନାହିଁ ? ଶୁଣି ସଖୀମାନେ ଏହିପରି ଇଙ୍ଗିତ ଜାଣି ଯେବେ ଖୁସିଲେ କାହିଁକି ନୋହିବ ।

୧୮—ଏହି ସମୟରେ ବଦ୍ୟାରଣାବଦା (ମହାମଣ୍ଡିତା) ସାରଦା ମାଙ୍ଗଲ୍ୟା ଓ ରାଜ ହଂସଙ୍କ ମନରେ ପ୍ରବେଶକରି ମାଧୁରୀତନା ଦ୍ୱାରା ଦୁହିଙ୍କର ଦର୍ଶନ ବନସ୍ପତି ଅବେଶ (ପ୍ରଚୁର) କରାଇଲେ ସେ ଦୁହିଙ୍କି ଦୈବବାଣୀ ଶୁଭିଲା ଯେ ମନୋରଥ ବାଳକ ପ୍ରଥମ ପଢ଼ା ଗୁରବର୍ଣ୍ଣ (ସିଦ୍ଧିରସ୍ତୁ) ।

ଅଶ୍ଵର୍ଯ୍ୟ ପୁରୁଷ ଏ କାର୍ଯ୍ୟେ ଅଳସ ଯୋଗରେ ଜାଣିଲେ କଲ୍ୟାଣୀ ।
କଲ୍ୟାଣୀ ଉଦ୍ୟମ ଉଦୟ କଲେଣି ଏହା ଅନ୍ତ ହଂସ ଜାଣି ।
ପ୍ରୀତିମନ୍ତ୍ର ହେ । ସେ କାର୍ଯ୍ୟ ବିଧାତା ସପ୍ତ ଶେଷ ।
ଏଣୁ ସେ ଦେହ ହୃଦୟ ଅଦର୍ଶଣେ ଅଧରେ ପ୍ରତିବିମ୍ବ ସୁବେଶ ॥ ୨୯
କାଳି-କାନ୍ତ-ହର କାଳୀ-କାନ୍ତ ହର ଭାଲି କରିବେ ଏ ଉତ୍ସବ ।
ଦେଖା ଦେଖି ହୋଇ ଲେଖା ଲେଖି ହୋଇ ନୟନେ ନୟନେ ରଖିବ ।
ହୋଇଲି ନୃପଜା । ନୃପଜ ଧୃବେ ପଠିଅଇ ।
ଦୀନବନ୍ଧୁ ନାମ ଧ୍ୟାଇଁ ଧ୍ୟାଇଁ ଦିନବନ୍ଧୁ ଦେଖା ନ ଯାଇ ॥ ୩୦
ବହୁଳ ତାପରୁ ପ୍ରଶଂସା ଶଶାଙ୍କ ଦାହିଲା ଭଳି ଅପଘନ ।
ଲୋକଙ୍କରେ ମନୀଷା ନିଶା ବ୍ୟୁତ୍କ୍ରମଣା କପାଳୁ ଛିଡ଼େ ଲୋଚନ ।
ସେତୁ ହେତୁରେ । ନାଶବର୍ମା ରଘୁନାଥ ।
ତାଙ୍କ ଧ୍ୟାନରେ ଉପେନ୍ଦ୍ର ବାଣୀ ତରଙ୍ଗ ରଚନେ ସମର୍ଥ ॥ ୩୧

---

୨୯—ରାଜହଂସ ଏ କାର୍ଯ୍ୟରେ ଅଳସ ହେଲେଣି ବୋଲି କଲ୍ୟାଣୀ ଧ୍ୟାନରେ ଜାଣିପାରିଲେ, କଲ୍ୟାଣୀ ଉଦୟ ଆରମ୍ଭ କଲେଣି ଏହା ମଧ୍ୟ ରାଜହଂସ ଜାଣିଲେ । ସେ କାର୍ଯ୍ୟ ବିଧାତାଙ୍କ ସପ୍ତ ଶରେ ପ୍ରୀତିମନ୍ତ୍ର ହେଲା, ଏଣୁ ସେ ଦୁହିଁଙ୍କ ( ମାଣିକ୍ୟା ଓ ରାଜହଂସଙ୍କ ) ହୃଦୟ ରୂପ ଆଦର୍ଶେ ଦର୍ପଣରେ ଏହି ସୁନ୍ଦର ସୁନ୍ଦରୀ ଦୁହିଙ୍କର ପ୍ରତିବିମ୍ବ ସୁବେଶରେ ଅଦଇଲା ।

୩୦—କାଳି-କାନ୍ତ-ହର ( କାଳୀୟଦମନ ଶ୍ରୀକୃଷ୍ଣ ) ଏବଂ କାଳୀ କାନ୍ତ ( ପାର୍ବତୀ ପତି ) ମହାଦେବ ଭାଲି ଏ ଉତ୍ସବ କରିବେ, ଦୁହେଁ ଦେଖା ଦେଖି ହୋଇ ପରସ୍ପର ରୂପକୁ ନୟନେ ନୟନେ ଲେଖା ଲେଖି ହେଲେ, ପରସ୍ପରକୁ ପରସ୍ପର ମନେ ରଖିବ ଏହା କହି ମାଣିକ୍ୟା ରାଜକନ୍ୟାଙ୍କୁ ଓ ରାଜହଂସ ରାଜପୁତ୍ରଙ୍କୁ ନିଜ ନିଜ ପୁରକୁ ପଠାଇ ଦେଲେ । ସୁନ୍ଦରୀ ଓ ସୁନ୍ଦର ଏ ଘଟଣା ସଫଳ ହେବା ନିମିତ୍ତ ଦୀନବନ୍ଧୁ ( ପରମେଶ୍ଵରଙ୍କ ) ଧ୍ୟାନ କରୁ କରୁ ଦିନବନ୍ଧୁ (ସୂର୍ଯ୍ୟ) ଦେଖା ଗଲେ ନାହିଁ ( କେତେବେଳେ ସନ୍ଧ୍ୟା ହେଲା ଜାଣିପାରିଲେ ନାହିଁ ) ।

୩୧—ରାତ୍ରି ପ୍ରଦେଶରେ ଶଶାଙ୍କ, ତା ପରି ( ସୂର୍ଯ୍ୟପରି ) ପ୍ରଶଂସା ବହିଲା; ଦୁହିଁଙ୍କ ଅପଘନ ( ଦେହ )କୁ ଦାହିଲା ପରି ଭଳି, ଲୋକଙ୍କରେ ( ଦର୍ଶନ ସ୍ଵପ୍ନରେ ) ମନୀଷା ( ଇଚ୍ଛା ) ହେବାର ହେତୁ ସେ ରାତ୍ରି ବ୍ୟୁତ୍କ୍ରମଣା (ଚାଲି) ପରି କଣାଗଲା ଓ ଆଖି ଲଗା ହେଲା ନାହିଁ । ରଘୁନାଥ ସମୁଦ୍ରରେ ସେତୁବନ୍ଧ କରିଥିବାରୁ ନାଶବର୍ମା ଅଟନ୍ତି, ତାହାଙ୍କ ଧ୍ୟାନ କରି ଉପେନ୍ଦ୍ର ଭଞ୍ଜ ବାଣୀ ତରଙ୍ଗ ରଚନା କରିବାକୁ ସମର୍ଥ ହେବ ।

# ଏକାଦଶ ଛାନ୍ଦ

( ବର୍ଣ୍ଣନାନୁଚନ୍ଦ୍ର )

ରାଗ—ଶଙ୍କରାଭରଣ

ଶୁଣି ରସିକ ସୁଜାଣ ଅଣି ମାନସକୁ । ଚତୁରବିଧି ଦର୍ଶନ ଗୁଣ୍ଠନ୍ ରସକୁ
ଅତି ଚତୁର୍ଥ ଚତୁର । ବସ କରି ନେଉଛନ୍ତି ଲୋକଙ୍କର ଅନ୍ତର ॥ ୧

କାଳୁପଟେ ହେବ ପୁଣି ଯେ ରୂପ ଦର୍ଶନ । ଅନୁମାନ ଅଗୋଚର ତନୁଙ୍କ ପ୍ରସନ୍ନ ।
ନାହିଁ ଯାହିଁକି ବଚନ । ଯେତେ ପୁଣ୍ୟ କରିଥିବ କେବଣ ଜନ । ୨

ସୁବାଜନ ଗତିଦାତା ବୈକୁଣ୍ଠ ପ୍ରକାର । ବାଟ ଦେଖାଇବା କଥା ବଡ଼ ଚମତ୍କାର
ସ୍ଥାନ ପରମାନନ୍ଦର । ଦୂର କରି ପାରଇ ମାନସ-ଭବ ଦର ॥ ୩

କୋଟି ଅମ୍ବୁଜକୁ ନିନ୍ଦୁଥିବ ସେ ଲପନ । କେତେନେ କରିବ ପିକା ଦମ୍ଭକୁ ଦମନ ।
ଚୋଳା ଜ୍ଞାନ ଭୁଲାଇବ । ଶିଳୀମୁଖ ଚଳିବା ଶୋଭାକୁ ଛଡ଼ାଇବ ॥ ୪

---

୧—ହେ ସୁଜାଣ ( ଉତ୍ତମ ଜ୍ଞାନୀ ) ରସିକମାନେ ଶୁଣ, ଚତୁର ବିଧିରେ ଯେଉଁ ଦର୍ଶନ ତାହାର ଗୁଣ୍ଠନକୁ ମନକୁ ଅଣ, ଅତି ଚତୁର୍ଥ ଚତୁର ସ୍ତ୍ରୀ ପୁରୁଷ ଦୁହେଁ ପରସ୍ପର ଦର୍ଶନରେ ଅନ୍ତର ହୋଇ ବଶ ବସି ରହି ଅନ୍ତବାହ୍ନତ କରୁଅଛନ୍ତି ।

୨—ସେ ରୂପ କାପଟ ଭାବରେ ଦେଖାହେବ, ତନୁଙ୍କ ( ଅଙ୍ଗମାନଙ୍କର ) ପ୍ରସନ୍ନ ( ପ୍ରଫୁଲ୍ଲ ଶୋଭା ) ଅନୁମାନର ଅଗୋଚର ଅଟେ । ଯେଉଁରୂପ ବର୍ଣ୍ଣିବାକୁ ବାକ୍ୟନାହିଁ, କେଉଁଜନ ଯେତେ ପୁଣ୍ୟ କରିଥିବ ସେ ତାହାକୁ ଦେଖିବ ।

୩—ସେ ରୂପ ବୈକୁଣ୍ଠ ପରି ସୁବାଜନମାନଙ୍କର ଗତି ( ମୁକ୍ତି ଓ ଗମନ ) ଦାତା ଅଟେ, କିନ୍ତୁ ସେଠାକୁ ଯିବାପାଇଁ ବାଟ ଦେଖାଇବା କଥା ବଡ଼ ଚମତ୍କାର ଅଟେ । ଏବଂ ପରମାନନ୍ଦର ଆଧାର ଅଟେ, ସେ ମାନସଭବ ( କନ୍ଦର୍ପ ) ର ଦର ( ଭୟ ) କୁ ଦୂର କରିପାରେ, ବୈକୁଣ୍ଠ ମଧ୍ୟ ପରମାନନ୍ଦର ସ୍ଥାନ ମାନସଭବ ଦର ( ପାପକାର୍ଯ୍ୟାଦି ଦ୍ୱାରା ମନରେ ଜନ୍ମିଥିବା ଭୟ ) କୁ ଦୂର କରେ ।

୪—ଲପନ (ମୁଖ) କୋଟି କୋଟି ଅମ୍ବୁଜ (ପଦ୍ମ) କୁ ନିନ୍ଦୁଥିବ, ଗମନ କରିବେନ୍ତ ଦମ୍ଭକୁ ( ହଂସୀଙ୍କୁ ) କମାଇ ଦେବ; ଚୋଳା ଜ୍ଞାନ ଭୁଲେଇ ଦେବ ଏବଂ ଶିଳୀମୁଖ ( ଭ୍ରମର ) ଚଳନ ଶୋଭାକୁ ଜିଣିଯିବ ।

କି ଦର୍ଶିବ ସୁହାସ ଅଳପ ପ୍ରକାଶରେ । ବାନ୍ଧିନେବ ନୟନକୁ ମୋହନ-ପାଶରେ ।
ଭାଲ ତିଳକ ବର୍ଣ୍ୟକୁ । ଶ୍ରୁତିରେ ଖୋଜିଲେ ନ ପାଇବ ତା ସମକୁ ॥ ୫
ରତି-ବର-ଶୋଭାକୁ ଛୁଇଁବ ନାହିଁ ରତି । ଭୃକୁଟି ଥିଲେ ଭଙ୍ଗିମାନ କମ୍ପିତ କମ୍ପିତ ।
ଏ ସ୍ୱର୍ଗ୍ୟକୁ ଅର୍ଜିବି କି । ସମ୍ମତ ଜାଣିଲା ପଣି ମୁଁ ହେବି ବାକି । ୬
ବାକି ହୋଇଲେଣି କଳ୍ପ ବେଳକୁ ଶ୍ରବଣ । ଯାହା ଶୋଭା ଭୃକୁଟି
ଶିଳା ହୋଇବ ଦ୍ରବଣ ।
ଲୁଚେ ମୁହିଁ ମାନବତ୍ୱ । ତରଳିଲି ଘୃତ ମତ ବହି ଯିବ ସତ । ୭
କଟାକ୍ଷ ଅମୃତ ଶୀତଳକୁ ପାଇବାରେ । ସ୍ଥଳିତକୁ ସ୍ପର୍ଶି ଭଜୁଥିବ ବାରେ ବାରେ ।
ତହିଁ ଲାଭ ଅଛି ଏତେ । ଭଲ କରି ଦେଖିବା ପଲକ ଅନାସୃତେ ॥ ୮
ମୋର କର୍ଣ୍ଣ ମନ ନେତ୍ର ସୁକୃତୀ-କେଶରୀ । ଅପୂର୍ବ ପଦାର୍ଥେ ଏତେ ଲୁଚେ ଅନୁସରି ।
ଶୁଣି ତୋଷ କେ ସୁସ୍ୱରେ । କେ କଲ୍ପ ସଦନ କେ ସଦନ ହେବ ସ୍ୱରେ ।୯।

---

୫—ସୁନ୍ଦରହାସ ଅଳ୍ପ ପ୍ରକାଶ ପାଇ କେତେ ସୁନ୍ଦର ଦିଶିବ, ଚକ୍ଷୁକୁ ମୋହନ ପାଶରେ ବାନ୍ଧି ନେଇଯିବ । ଭାଲ (ଲଲାଟ) ରେ ଥିବା ତିଳକର ସୌନ୍ଦର୍ଯ୍ୟକୁ ଶ୍ରୁତିରେ (ବେଦରେ) ଖୋଜିଲେ ମଧ୍ୟ ତା ସମାନ ପାଇବ ନାହିଁ ।

୬—ପ୍ରଳୟ ସ୍ୱରୂପର ସେ ସୁନ୍ଦରୀର ଭଙ୍ଗିମାନଙ୍କ କମ୍ପିତ କମ୍ପିତ ଭୃକୁଟି ଥିଲେ ମନ ରତିର ବର ଶୋଭାକୁ (ଶ୍ରେଷ୍ଠ ସୌନ୍ଦର୍ଯ୍ୟକୁ) ଛୁଇଁବ ନାହିଁ; ସ୍ତ୍ରୀ ସ୍ୱରୂପର-ସେ ସୁନ୍ଦରୀର ଭଙ୍ଗିକୁ ଭୃକୁଟିଲେ ମନ ରତିବରର (କାମର) ଶୋଭାକୁ ଛୁଇଁବ ନାହିଁ । ସତେ କିଣି ମୁଁ ଏ ସ୍ୱର୍ଗ୍ୟକୁ ଅର୍ଜିବି ? ତାହାଙ୍କର ସମ୍ମତ ଜାଣିବାପଣି ମୁଁ ବାକି ହେବି । ଏହାପର ୮୨ପଦଠାରୁ ୮୨୧ପଦ ପର୍ଯ୍ୟନ୍ତ ଭୃକୁଟିଙ୍କର ଅନୁକ୍ରମ ।

୭—ମୁଁ ଶୁଣିଲି କେତେ ବାକି ହେଲାଣି, ଯାହାର ଶୋଭା ଦେଖି ପଥର ମଧ୍ୟ ଦ୍ରବି ଯିବ, ଲୁଚୁଛି ମୁଁ ତ ମନୁଷ୍ୟ ମୁଁ ତାହାର ଶୋଭା ଦେଖି ତରଳିଲି ଘିଅପରି ନିଶ୍ଚୟ ବହିଯିବି ।

୮—ତାହାଙ୍କର କଟାକ୍ଷ (ଅପାଙ୍ଗଦୃଷ୍ଟି) ରୂପ ଅମୃତକୁ ପାଇବାପାଇଁ ମୁଁ ବାର ବାର ସ୍ଥଳିତକୁ (ନିଶ୍ଚଳତାକୁ) ଭଜୁଥିବି, ତହିଁରେ (ନିଶ୍ଚଳ ହେବାରେ) ଏତେ ଲାଭ ଅଛି ଯେ ପଲକ ଅନାସୃତ ହେବାରୁ (ଚକ୍ଷୁ ପିଛୁଳା ନ ପଡ଼ିବାରୁ) ସେ ରୂପ ମାଧୁର୍ଯ୍ୟ ଭଲ କରି ଦେଖି ପାରିବି ।

୯—ମୋହର କର୍ଣ୍ଣ, ମନ ଓ ନେତ୍ରମାନେ ସୁକୃତୀ (ପୁଣ୍ୟବନ୍ତ) ଙ୍କ ମଧ୍ୟରେ କେଶରୀ (ଶ୍ରେଷ୍ଠ) ଅଟନ୍ତି, ସେମାନେ ଅପୂର୍ବ ପଦାର୍ଥକୁ ଏହାପରି ଅନୁସରୁଛନ୍ତି । କର୍ଣ୍ଣ ସୁସ୍ୱରକୁ ଶୁଣି ସନ୍ତୁଷ୍ଟ ହେଲା ମନ ତା ଠାରେ ସଦନ (ଗୃହ) କଲା, ନୟନ ତାହାର ଗୃହ ହେବ ସ୍ୱରିଲା ।

ମନ-କଳ୍ପିତ ସମ୍ପତ୍ତି ସାକ୍ଷାତ ହୋଇବ । ମୁହିଁ ଭବ ଭାଗ୍ୟବନ୍ତ ହେବାରେ ଧାଇବ-
ଏତେ କାଳ ସମ୍ଭବ କି । ଏଥକୁ ତାଙ୍କୁ ଜଣାଣ ଯେ ମାରିଲେ ବକୀ । ୧୦
ତେତେବେଳ ଯାଏ ପଞ୍ଚଶର ନ ନାଶିବ । ଭୁଲିଥିବ ବୋଲିଥିବ ଭକ୍ତେ ଶିବ ଶିବ
ବହୁତକୁ ଅବକାଶ । ରହୁ ନାହିଁ କହନେ ସେ କଥା ପରକାଶ ।
ଦରଶନ କଲ ବେଳେ ସେ ଶୋଭାଶ୍ରେଣୀକି । ଯେଉଁକି ମୁଁ ଗୁହ୍ନି ୧୧
ଦେଖୁଥିବାଟି ଟେକିକି ।
ଧନି ଥାଉଥିବ ମୋତେ । ଲାଜି ନିଦ୍ରା ହେଲେ ଦେଖିବ ସେହୁପତେ । ୧୨
ଗୁଣିବା ଶୁଣିବା ହୋଇ ହେବ ସେ ଚରିତ । କହିବାକୁ ସେହୁକଥା ହୋଇବ ତ୍ୱରିତ
ହା ହା ତନମନ୍ମୁ ଉଷ । ହେଲେ ବେଳେ ଜାତ କରୁଥିବ ସେ ହରଷ । ୧୩
ନୋହୁ ଦରଶନ ଏବେ ମନକୁ ହରୁଛି । ମଲ ମୂର୍ତ୍ତିକର ତାକୁ ବାଧାଭା କରୁଛି ।
ଅଛି ଭନ୍ଧିରେ ଧ୍ୟାନ । ସିଦ୍ଧ କରି ନ ପାରଇ କର୍ମବନ୍ତ ଅନ । ୧୪
ସ୍ୱରୂପ ପୀୟୂଷ ହୋଇ ହୁଏ ଅନୁମାନ । ସମସ୍ତ ମଧରେ ନାହିଁ ମଧୁର ସମାନ-
ଭବ୍ୟ ପଦାର୍ଥ ନୁହଇ । ପିବା ଗାବ ରଖିବା କରଣିକି ବହଇ । ୧୫

---

୧୦—ସତେ କଣ ମୋହର ମନରେ କଳ୍ପିତ ହୋଇଥିବା ସମ୍ପତ୍ତି ସାକ୍ଷାତ ହେବ ? ମୁଁ କଣ ଭାଗ୍ୟବାନ, ଧନ୍ୟ ହେବି ଏତେକାଳ କଣ ସମ୍ଭବ ? ଏଥିପାଇଁ ଯେଉଁ ଶ୍ରୀକୃଷ୍ଣ ବକୀ ( ବକାସୁର ସ୍ତ୍ରୀ ପୁତନା ) କୁ ମାରିଥିଲେ ତାଙ୍କୁ ଜଣାଉଛି ।

୧୧—ତେତେବେଳ ଯାଏ ପଞ୍ଚଶର ( କାମ ) ମାରି ପକାଇବ ନାହିଁ ଯେ ପର୍ଯ୍ୟନ୍ତ ଭୁଲିଥିବ ଭକ୍ତରେ ଶିବ ଶିବ ବୋଲିଥିବ । ସେ କଥା ( ଶିବ ଶିବ ) ବହୁତ ବାକ୍ୟରେ ପ୍ରକାଶ କରିବାକୁ ଅବସର ରହୁନାହିଁ ।

୧୨—ସେ ଶୋଭା ଶ୍ରେଣୀକୁ ଦର୍ଶନ କଲାବେଳେ ମୁଁ ଯେଉଁଅନେକ ଗୁହ୍ନିଥିବ ସେ ଅନେକ ମୋତେ ସେ ଧନି ଥାଉଥିବ, ସେହିପରି ମଧ୍ୟ ରାତିରେ ନିଦ୍ରାରେ ଦେଖିବ ।

୧୩—ତାହାଙ୍କର ସେହି ଚରିତ ଗୁଣିବା ଓ ଶୁଣିବାକୁ ହେବ, ସେହି କଥା ମଧ୍ୟ ଶୀଘ୍ର କହିବାକୁ ହେବ, ହାୟ ହାୟ ତନୁସ୍ମରସ [ତାହାର ରୂପ ଗୁଣ ଚିନ୍ତା କରି କରି ଉଦାସ୍ମୀକ ଭାବ ] ହେଲେ ବେଳେ ଜାତ ଆନନ୍ଦ ହେଉଥିବ ।

୧୪—ଦର୍ଶନ ନୋହୁଣୁ ଏବର ମନକୁ ହରଣ କରୁଛି. ବୋଧହୁଏ ତାହାକୁ ବାଧାଭା ମଲ ମୂର୍ତ୍ତି କରି ଦେଇଅଛି ମୋର ଭନ୍ଧିରେ ଧ୍ୟାନ (ମନକୁ ସ୍ଥିର କରିବାର ଏକାଗ୍ରତା ) ସର୍ବଦା ଅଛି କିନ୍ତୁ ମୁଁ ହେମନ୍ତ ସିଦ୍ଧ କରିପାରୁ ନାହିଁ, ମୋ କର୍ମ ତୋହାଙ୍କୁ ଅନ୍ୟଥା ହେଉଅଛି ।

୧୫—ତାହାର ସ୍ୱରୂପ ଅମୃତ ବୋଲି ଅନୁମାନ ହୁଏ, ମାତ୍ର ସମସ୍ତ ଗୁଣରେ ଅମୃତ ସମାନ ନୁହେଁ, ମଧୁରେ ( ସ୍ୱାଦରେ ) ଅମୃତ ସମାନ, କିନ୍ତୁ ମଧୁରେ

ମନ-କୃପଣଙ୍କୁ ଦେଖି ଚକିତ ବଦନ । ଗଣ୍ଠିଭର ଥୋଇଅଛୁ କଷ୍ଟ କା ଯତନେ ।
ମାର-ତସ୍କର ଭୟରେ । ଦକ ଦକ ହେଉଅଛି ମାନ ହୃଦୟରେ । ୧୬
ଯଦା କରିବାର ନାସ୍ତି ହେଲଣି ତାହାର । ବଢ଼ୁଥିଲ ଦୁଃଖ-ଦଶା କରିବ ସଂହାର ।
ସବୁ ଭାଲ-ବର୍ଣ୍ଣାବଳୀ । ଅଙ୍କପାଏ ହେଲା ତାହା ପାଇ ନାହିଁ ଦଳି । ୧୭
ତେବେ ବୁଡ଼ି ହେବ ଯେ ପ୍ରମୋଦ-ଅକୂପାର । ବ୍ୟକ୍ତ ହୋଇବେ
ଉପମା-ରତନ ଅପାର ।
ଅଣିବାକୁ ନାହିଁ ଡର । ପ୍ରଳୟ-ସୂଚକ-ଯାକ କରିବେ କାତର । ୧୮
ଏ ହୋଇଗଲେ ନବ-ସୃଷ୍ଟି ହେବ ଯେ ରଚିତ । ସଲୀଳ ବିହାର ତହିଁ
ହୋଇବ ଯେ ଉଚିତ ।
ସେହି ରସ ଜଗତରେ । ନୋହିବ ଲାଳସ ଆଉ ଆନ କାରଣରେ । ୧୯

---

( ସୌନ୍ଦର୍ଯ୍ୟରେ ) ନୁହେଁ, ଅମୃତ ପରି ବାହାର ଥାଉଥିବା ଗାଳନକୁ ଲୁଚିବା କରଣିକ (ଲେଖକଙ୍କୁ) ବିଧାନ କରନ୍ତି, କିନ୍ତୁ ଅମୃତ ଲଭ୍ୟ ନୁହେଁ, ଏ ଲଭ୍ୟ-ପଦାର୍ଥ ।

୧୬—ମନ କୃପଣଙ୍କୁ ଦେଖି ଚକିତ ବଦନରେ, ତାକୁ ମନ ଗଣ୍ଠିଧନ କରି ନିଜେ ବହୁ ଯତ୍ନରେ ରଖିଛୁ, ଆଉ ମାରତସ୍କର ( କାମଚୋର ) ଭୟରେ ନିଜ ହୃଦୟରେ ଦକ ଦକ ହେଉଛି ।

୧୭—ଯେ ବଢ଼ୁଥିଲ ଯଦା ( ବାଣିଜ୍ୟ ) କରିବାର ଶକ୍ତି ହେଲା ଅତଏବ ଦୁଃଖ ଦଶାକୁ ସଂହାର କରନ୍ତି, କିନ୍ତୁ ସବୁକଥା ଭାଲବର୍ଣ୍ଣାବଳୀ (କପାଳ ଲେଖା) ଅନୁସାରେ ହୁଏ । ଅଙ୍କ ପର୍ଯ୍ୟନ୍ତ ହେଲେ ତାକୁ ଦଳି ନାହିଁ, ମୋ କପା-ଳରେ ଲେଖା ଥିଲେ ହେବ ।

୧୮—ତାହାଙ୍କୁ ଦେଖିଲେ ପ୍ରମୋଦ ଅକୂପାର ( ଆନନ୍ଦ ସାଗର ) ବଢ଼ିବ, ଏବଂ ଅସୀମ ଉପମା ରତ୍ନ ପ୍ରକାଶ ପାଇବ, କିନ୍ତୁ ସେ ରତ୍ନମାନଙ୍କୁ ଅଣିବାକୁ ଡର ନାହିଁ ପ୍ରଳୟ-ସୂଚକ ଯାକ ( ପ୍ରଳୟ କାଳୀନ ଘଟଣା ମାନ, ଏବଂ ଦର୍ଶନରେ ମୋହ ଜଡ଼ତାଦି ଘଟଣାମାନ ) କାତର କରି ପକାଇବେ ।

୧୯—ଏ (ପ୍ରଳୟ ) ହେଲେ ପୁଣି ନୂତନ ସୃଷ୍ଟି ରଚିତ ହେବ, ନୂତନ ସୃଷ୍ଟିରେ ସଲୀଳ ( ଜଳ ) ବିହାର ( ନାଚ ) ହୋଇଯାଏ. ଏ ( ମୋହ ଜଡ଼ତା ) ପରେ ପୁଣି ନୂତନ ପ୍ରେମ ସୃଷ୍ଟି ରଚିତ ହେବ, ତହିଁରେ ମନୋହର ଉଚିତ ଲୀଳା ସଲୀଳ ବିହାର ( ଲୀଳା ) ସହ କ୍ରୀଡ଼ା ହେବ ମୁଁ ସେହି ରସରେ ଜଗତ ଛାଡ଼ି ଅନ୍ୟ କାର୍ଯ୍ୟରେ ଲାଳସ ହେବିନାହିଁ ।

ବିବିଧ ବଶୀକରଣ ବୋଲନ୍ତି ସଂସାର । କି ମନ୍ତ୍ର କି ମଣି କେଉଁ ଔଷଧି ସାର ।
ସବୁରନ୍ତି ଯେ ଉପାୟ୍ଁ । ଘେନିଥାନ୍ତି ତାହା ଚତୁରପ ବେଳ ପାଇ ॥ ୨୦
ଭିଣା ଅଧିକେ ସଂଯୋଗ ପୂର୍ବରୁ ହୋଇଛି । ଶଶ ବନ୍ଧୁ କରେ ସୁଧା ପୀୟୂଷ ପିଇଛି ।
ତେଣୁ ଏକଳପ୍ୟ ପଦ । ଭିନ୍ନ ପରିଚୟ ଏହିଠାରୁ ଆସ୍ପଦ ॥ ୨୧
କୁମାରୀ ବାଗୁରେ ମୁଁ ଯେ କମଳା ଅଟଇ । ପୁଂସ-ବଧୂ ଜାନୁ ଲୀଳା ଯୋଗେ ସେ ଘଟଇ ।
ଗୁଣ-ଗର୍ବିତା ଲକ୍ଷଣୀ । ଜଳୂଷୀ ବଣନ୍ତି କଳ ଦେଖି ବିଚକ୍ଷଣୀ । ୨୨
ସୁନଃ ପୁନଃ ଭାବନା କରଇ ସୁବଂଶିକ । ହୋଇବେ ବାଡ଼ାଇଶୂନ୍ୟ ଏବେ କଉଶିକ ।
ତପ ବିନା ଅନାୟାସେ । ବ୍ରହ୍ମତେଦ ସୁଖ ମୋର ଜାତ ହୋଇ ଅସେ ॥ ୨୩
ଗନ୍ଧର୍ବ-ସନ୍ଧ୍ୟା ଭାବଇ ଫୁଲ ଚମ୍ପା ପରି । ଭ୍ରମର ମୋହିତ ନହିଁ କୋଟେକ ପରମ୍ପରି ।
କିବା ହେଲେ ସେପରିରେ । ଏ ଜୀବ ମିଳାଇ ହେବ ନ ରହି ଶରୀରେ ॥ ୨୪

---

୨୦—ସଂସାରରେ କେଣେ ପ୍ରକାର ବଶୀକରଣ ଉପାୟ ଅଛି ବୋଲି ଲୋକେ କହନ୍ତି କି ମନ୍ତ୍ର, କି ମଣି କେଉଁ ଔଷଧି ସବୁଠାରୁ ଶ୍ରେଷ୍ଠ କେଉଁ ଉପାୟ ଜାଣିବା ଲୋକଙ୍କୁ ସମ୍ଭବନ୍ତି, ତାହାଠାରୁ ତାଙ୍କୁ ନେଇ ଚତୁରଷ ( ଗୁରତ୍ୱ ) ହେବା ବେଳେ ଘେନିଥାନ୍ତି ।

୨୧—ମୁଁ ତାହାଠାରୁ ଭିଣା ଯେ ମୋ ଠାରୁ ଅଧିକ କାହାରି ସଂଯୋଗ ହେବ, ନା ଏପରି ସଂଯୋଗମାନ ପୂର୍ବରୁ ହୋଇଛି, ଯେଉଁଠାରେ ଶଶୀ ରହିଛି, ସୁଧା ଅମୃତ ପିଇଛି । ଏକଳପ୍ୟ ( ସୁନ୍ଦର ସୁନ୍ଦରୀ ଦୁହିଁଙ୍କର ଏକ ପ୍ରକାର ଭାବନା ) ପଦ ଶେଷ ହେଲା । ଏହିଠାରୁ ପୃଥକ୍ ପୃଥକ୍ ଭିନ୍ନ ପରିଚୟ ଆସ୍ପଦ (ସ୍ଥାନ) ପାଇଲା ।

୨୨—କୁମାରୀ ବାଗୁରେ ମୁଁ କମଳା ( ଚନ୍ଦ୍ରିକା ) ସୁତରାଂ କମଳା ( ଲକ୍ଷ୍ମୀ ) ହେଲି, ସେ ପୁଂସବଧୂ ( ପୁରୁଷ ଶ୍ରେଷ୍ଠ ) ବଧୂ ( ଭଗବାନ୍ ) ହେଲେ, ତେଣୁ ତାଙ୍କ ଜାନୁରେ ବସି ଲୀଳା କରିବା ମୋ ପକ୍ଷରେ ଘଟିଲା । ଦେହ ବିଚକ୍ଷଣ ପଣ୍ଡିତମାନେ ବିଚାର କରି—ଜଳୂଷୀ ହେଉଛି ଗୁଣଗର୍ବିତା ଲକ୍ଷଣୀ ହେଲା ।

୨୩—ସୁବଂଶିକ ପୁରୁଷ ପୁନଃ ପୁନଃ ଭାବେ—ଏବେ କୌଶିକ ( ବିଶ୍ୱାମିତ୍ର ) ବଡ଼ାଇ ଶୂନ୍ୟ ହେବେ । ସେ ହେଉଛନ୍ତି ବିନା ତପସ୍ୟାରେ ଅନାୟାସରେ ମୋହର ବ୍ରହ୍ମପଦ ସୁଖ ଜାତ ହୋଇ ଅଛି ( ବିଶ୍ୱାମିତ୍ର କଠୋର ତପସ୍ୟା କରି ବ୍ରହ୍ମପଦ ପାଇଥିଲେ ) ।

୨୪—ଗନ୍ଧର୍ବ ସନ୍ଧ୍ୟା ( କୋଟିବ୍ରହ୍ମାଣ୍ଡସୁନ୍ଦରୀ ) ଭାବେ-ଚମ୍ପା ଫୁଲରେ ଭ୍ରମର ବସିବା ନ ହେବାର ପରମ୍ପରା ଅଛି, ସେ ହେଲେ ଏ ଜୀବ ଶରୀରରେ ନ ରହି ବାହାରି ମିଳାଇ ହେବ ।

ନାଗର ଭ୍ରମର ପଦ୍ମିନୀ ସୁରଭି ନିଳୟ । ମୁଦ୍ରିତ ଢଳ ନ ହେଲେ ସୁଧାକର ଲୟ ।
କି କରିବାଟି ତେଣିକେ । ଦଗ୍ଧ ହେବା ନିରତେ ସଗର-ସୁତ ପରେ ୧୫
ବାଳୀ ରୂପ-ଗର୍ବେ ଭଳି ବୋଲନ୍ତି ଜଗତେ । ନାହିଁ ତ ମୋ ପ୍ରାୟେ ଶୋଭା ବର୍ତ୍ତମାନ ଗତେ ।
ଆଉ ଆଗତେ ନୋହିବ । ଏମନ୍ତ ସ୍ୱରୂପ ସୁବା ଭାଳି କି ନ ମୋହିବ ॥ ୧୬
ସ୍ୱରୂପ ଭାବେ ପୂତନା-ମର୍ଦ୍ଦନ-ନନ୍ଦନ । ହୋଇ ନାସ୍ତି ଈର୍ଷ୍ୟା କି ଗୁଣିବ ମଦନ
ଛଳ କରିବ ତା ଭଳି । ସ୍ତନ ବ୍ୟାଜେ ଅର୍ଦ୍ଧ ପୁଣି ଶମ୍ଭୁ ସମ୍ଭାଳି ॥ ୧୭
ସୁମା ତନ୍ତ୍ରୀ ହାର ଉର କଠିନ ପାଷାଣ । ବସିବ ନୋହିବେ ପରା ମୋ ସ୍ୱରମର-ବାଣ ।
ଗୁଣୀ ଜପ ତା ଜପନ୍ତି । ହେମ ଅଙ୍ଗୀ ବୋଲି ମୋତେ ସମସ୍ତେ କହନ୍ତି ॥ ୧୮
ସିଦ୍ଧାଣ୍ଡି ବାସୁରେ ମୋତେ ନ କରିବ ଦୟା । ଶିରୀ ପରିରେ କଠୋର ସ୍ତନଭାର- ହୃଦୟା ।
ଏଥିଁ ଉରସା ଗୁଣଇ । ଭଲ ଜଣ ନାସ୍ତିକେଳ ଉପମା ଦିଅଇ ॥ ୧୯

---

୧୫—ନାଗର ଭ୍ରମର-ସେ ସୁନ୍ଦରୀର ପଦ୍ମିନୀ ସୁରଭି ନିଳୟ (ସୁବାସସ୍ଥାନ) ପଦ୍ମ ନୟନର ହୃଦୟକୁ ମୁଦ୍ରିତ କରି ଚନ୍ଦ୍ରପାତେ ଲୟ ହେଉନା, ସେହିପରି ସୁନ୍ଦରୀ ତେଣୁ ମୋ ମୁଖଚନ୍ଦ୍ରକୁ ପୋଷ ନ ଛୁଇଁ କେତେବେ କି କରିବାଟି, କେବଳ ସଗରସୁତ ପରି ସନ୍ତାପରେ ମିନା ଦଗ୍ଧ ହେଉ ॥

୧୬—ବାଳୀ (ସୁନ୍ଦରୀ) ରୂପଗର୍ବରେ ଭଳି କହନ୍ତି ଜଗତରେ ମୋ ପରି ଶୋଭା ବର୍ତ୍ତମାନ ନାହିଁ, ଗତେ ( ଅତୀତରେ ) ନ ଥିଲା, ଆଉ ପରେ ଆଗତେ ( ଭବିଷ୍ୟତରେ ) ହେବନାହିଁ । ଏପରି ରୂପ ସୁବାଳୀକୁ ଭାଳିକି ନ ମୋହିବ ।

୧୭—ସ୍ୱରୂପ ଭାବେ ମଦନ ପୂତନା ନାମ୍ନୀ ସ୍ତ୍ରୀକୁ ମର୍ଦ୍ଦନ କରିଥିବା ଶ୍ରୀକୃଷ୍ଣଙ୍କର ପୁତ୍ର ହୋଇ ନାସ୍ତ୍ୟୁର୍ଷ୍ୟା (ନାସ୍ତିହିଂସା) କ୍ଷମିବ କି ? ପୁଣି ସେ ସୁନ୍ଦରୀ ସ୍ତନ ବ୍ୟାଜରେ କାମଶତ୍ରୁ ଶମ୍ଭୁଙ୍କୁ ସମ୍ଭାଳିଛି, ସେ ତାହା ଭଳି ଅବଶ୍ୟ ତାଙ୍କୁ ଛଳନା କରିବ, ଅତଏବ ସେ ସୁନ୍ଦରୀ ମୋ ଠାରେ ନିସ୍ପୃହ କରିବ ।

୧୮—ସୁମା ତନ୍ତ୍ରୀ କଳ୍ପ-ସାନ ଉର (ହୃଦୟ) ପାଷାଣ ପରି କଠିନ, ସେ ସ୍ୱର ମୋଠାରେ ବସିବ ନାହିଁ ପରା, ନା ହେବେ, ସେ ହୃଦୟ ଆପଣେ ସମସ୍ତେ (ଜପନିପରର) ଗୁଣିମାନେ ଜପିଛିବେ ତାହାଙ୍କୁ ଜପନ୍ତି । ମୋତେ ସମସ୍ତେ ହେମାଙ୍ଗୀ ବୋଲି କହନ୍ତି, ସେହି ଗୁଣି ଅବଶ୍ୟ ମୋତେ ହୃଦୟରେ ଜପ କରିବେ ॥

୧୯—ସିଦ୍ଧାଣ୍ଡି (ସ୍ୱରୂପ) ବାସୁରଇ-ସେ ମୋତେ ଦୟା କରିବ ନାହିଁ ପରା, ସେ ହେତୁ ତାହାର ହୃଦୟରେ ସର୍ବଦା ପର କଠୋର ସ୍ତନଭାର (ସ୍ତନ) ହୃଦୟ

ଜାଣୁଁ ତୁମ୍ଭେ ହୋଇଲ ନିର୍ମଳ-ଭାବ ଆଶା । ଦେଖି ସୁଖୀ ବୃଦ୍ଧି ଅଜ ଭେଟ ହେବା ଆଶା ।

ଚଳିଲ ତଳେ ଗାଢ଼ ଆବେଶେ । କାବ୍ୟ ସର୍ଗ କଲଙ୍କ ଯଥା ଅନ୍ୟ ବୃତ୍ତ ବଶେ । ୩୦
ଏତ ସଂସ୍କୃତ କାବ୍ୟ ଛନ୍ଦ ପ୍ରାନ୍ତ ସତ । ଦୃଷ୍ଟ ଦୃଷ୍ଟାନ୍ତର ଏଥି ଅଛି ବିଶେଷତ
ଯେଣୁ ବୈଦର୍ଭ ପଦ୍ଧତେ । ରସଜ୍ଞ କବେ ବୁଧ ପ୍ରମୋଦ କରାଏ । ୩୧

—○—

## ଦ୍ୱାଦଶ ଛାନ୍ଦ

( ସୁନ୍ଦରୀର ବେଶ ରଚନା । )

ରାଗ ବରାଡ଼ି । ଆଷାଢ଼ଶୁକ୍ଳ ବାଣୀ

ଜଡ଼ ବାଳକେ ଏ କଥା ପ୍ରସଙ୍ଗ । ତାଙ୍କ ଚିତ୍ତ କାହିଁ ସ୍ଫୂର୍ତ୍ତିରେ ସଙ୍ଗ ।
ସେ କବି ଅର୍ଥୀ ପଣ୍ଡିତ ସୁହୃଦ । ରସିକ ସେହୁ ଘେନି ସେ ! ଏ ଗ୍ରନ୍ଥ
ବର୍ଣ୍ଣ୍ୟ ଅଳଙ୍କାର । ମଣ୍ଡନ-ବାର୍ତ୍ତା ନିର୍ଦ୍ଦୋଷ ଲାଗୁର ॥ ୧

---

ହୋଇଅଛି, କିନ୍ତୁ ଅର୍ବାଚୀନ କବିମାନେ ସେ ସ୍ତନକୁ ନାରିକେଳ ସଙ୍ଗେ ଉପମା ଦେଉଥିବାରୁ ସେମାନେ ଦୟା କରିବ ବୋଲି ଭାବନା ହେଉଅଛି । ( ନାରିକେଳ ଉପରେ କର୍କଶ ହେଲେ ମଧ୍ୟ ଭିତରେ ସରସ ) ।

୩୦—ତୁମ୍ଭେ ଏପ୍ରକାର ଭାବୁ ୨ ଆଶା (ଦିଗ) ନିର୍ମଳ ହୋଇଗଲା (ଶୁକ୍ଳପକ୍ଷ) ଦେଖି ସୁଖୀ ହେଲେ, ଭେଟ ହେବାର ଆଶା ବଳିଲା, ତୁମ୍ଭେ ଗାଢ଼ ଆବେଶେ (କାର୍ଯ୍ୟକର୍ମ ସାରିବା ଆଶାରେ) ଚଳିଲ, ଯେପରି କାବ୍ୟର ସର୍ଗ ସମାପ୍ତିରେ ଅନ୍ୟ ବୃତ୍ତବଶେ, ବସନ୍ତର ଶୁଖିଯାଉ ଏକ ଭାବନା ଥିଲେ ମଧ୍ୟ ପ୍ରଭାତରେ ସେ ତୁମ୍ଭଙ୍କର ଅନ୍ୟଭାବ ହେଲା ।

୩୧—ଏତ ସଂସ୍କୃତ କାବ୍ୟ, ଛନ୍ଦ ମଧ୍ୟ ଶେଷ ହେଲା ଏଥିରେ ପୂର୍ବୋକ୍ତ ଦୃଷ୍ଟାନ୍ତର ଦୃଷ୍ଟି (ଦର୍ଶନ) ବିଶେଷ ଭାବରେ ଅଛି । ବୈଦର୍ଭପଦର ଏ କାବ୍ୟ ପଣ୍ଡିତମାନଙ୍କର ଆନନ୍ଦ କରାଏ ଅତଏବ ଏହାକୁ ମନରେ ଘେନ ।

—○—

୧—ଜଡ଼ ଓ ବାଳକଗଣ (ମୂର୍ଖମାନଙ୍କ ପକ୍ଷରେ) ଏକଥା ପ୍ରସ୍ତାବ ନୁହଇଁ, ଯେହେତୁ ସେମାନଙ୍କ ଚିତ୍ତର ସ୍ଫୂର୍ତ୍ତିରେ ସଙ୍ଗ କାହିଁ ? ଯେଉଁମାନେ କବି, ଅର୍ଥଜ୍ଞ ପଣ୍ଡିତ, ସହୃଦୟ ଓ ରସିକ ସେହିମାନେ ଏ ଗ୍ରନ୍ଥକୁ ଗ୍ରହଣ କରିବେ । ଏ ଛାନ୍ଦରେ ବର୍ଣ୍ଣ୍ୟାଳଙ୍କାର ଓ ମଣ୍ଡନବାର୍ତ୍ତା (ବେଶ ବିଧାନ) ନିର୍ଦ୍ଦୋଷରୂପେ ଲିଖିତ କରାଯାଇଅଛି ।

ଉତ୍ପ୍ରେକ୍ଷା ଉପମା ରୂପକ ଭଣି । ବକ୍ରୋକ୍ତି ଶ୍ଳେଷ ଅଭିପ୍ରାୟ ଘେନି ।
ଦନ୍ତ୍ୟଚ୍ୟୁତାକ୍ଷର ଉଦୟ କାହିଁ । ଭୁଜ ସଂଖ୍ୟାବାନ ଅସ୍ପୃଷ୍ଟ ନାହିଁ ।
ନାଥ ସାଧିବାକୁ । ସଖୀଗଣେ ବେଢ଼ି ନୃପ ଜେମାକୁ ॥ ୨
ସୁଜନରଙ୍ଗା-ଦଳୀ ଭାଳି ଏ ବାଳା । ନାସ୍ତିକ ହେମ ଦୁରନ୍ତ-ପିଢ଼ୁଲା ।
ଦର୍ବୀ ପୀଠ ଭୁଜ ପାଶେ ବସାଇ । ହରିଦ୍ରା ଲେପ ଦେଇ ଉତ୍ତୁଟାଇ ।
ପଢ଼ନ୍ତି ସେ ବେଣୁ । କର-ଭରତେ ଘଷନ୍ତି ଯେଣୁ ॥ ୩
ନୂତନେ ଦନ୍ତର ନବଦାଗ୍ନିତେ । ହେବାର ଜାଣି ମଜ୍ଜାଇଲେ ଜଳେ ।
ଦୋଳି-ଯୋଗ-ବେଳ ଛଳ ବଖାଣି । ପାଇ କାନ୍ତି ମଟ୍ଟାଙ୍କୁଳ ଦ୍ୱିଗୁଣି ।
ତହୁଁ ନେଇ ପୂରର । ବସାଇ ବେଶ କରିବା ବାସରେ ॥ ୪
ଶିଳ୍ପକାରିକା ଏ କନ୍ୟାକୁ ଚାହିଁ । ମହାମଣ୍ଡପଜ-ଭୂମାଙ୍ଗ ଗୁହି ।
ନାଦା ଅଲଙ୍କାରେ ହେବାର ଶୂନ୍ୟ । ଅଲଙ୍କାରେଣ ହୋଇଲୁନି ଧନ୍ୟ ।
ଅଳଙ୍କାରେ ଶୋଭେ । ଅଳଙ୍କାର ଭଷ ନେଇଁ ସମସ୍ତେ ॥ ୫

---

୨—ଉତ୍ପ୍ରେକ୍ଷା, ଉପମା ଓ ରୂପକ ଏହି ତିନିଅଲଙ୍କାର ବକ୍ରୋକ୍ତି ଓ ଶ୍ଳେଷାଲଙ୍କାରର ଅଭିପ୍ରାୟ ଘେନି ରହିଅଛନ୍ତି । କୌଣସି ୨ ଠାରେ ମଧ୍ୟ ଦନ୍ତ୍ୟଚ୍ୟୁତାକ୍ଷର ଉଦିତ ହୋଇଛି । ସେ ସଂଖ୍ୟାବାନ ( ମନ୍ତ୍ରିମାନେ ) ଭୁଜ । ଅନ୍ୟମାନଙ୍କର ଭୁଜବାର ଅସ୍ପୃଷ୍ଟ ନାହିଁ । ନାଥଙ୍କୁ ସାଧିବାପାଇଁ ସଖୀମାନେ ରାଜନନ୍ଦିନୀକୁ ବେଢ଼ିଗଲେ ।

୩—ସୁଜନରଙ୍ଗା (ସୁନ୍ଦରୀ) ସଖୀମାନେ ଭାବିଲେ ଏ ବାଳା ନାସ୍ତିକ· ସୁବର୍ଣ୍ଣ ନିର୍ମିତ ଦୁରନ୍ତ ( ପୃଷ୍ଠାବସ୍ତ୍ର ଯୁକ୍ତ ) ପିଢ଼ୁଲାକି ଏ, ତେଣୁ ତାହାକୁ ଦର୍ବୀ ପୀଠ ( ଆସନ ) ରୂପ ନିକଟରେ ବସାଇ ହଳଦୀ ଲେପଦେଇ ଉତ୍ତୁଟାଇଲେ ( ଛଡ଼ାଇଲେ ) । ହସ୍ତରୂପ କରତରେ ଘଷିବାକୁ ସେ ବେଣୁ ( ସ୍ୱର୍ଣ୍ଣ ବେଣୁ ପରି ହରିଦ୍ରା ଗୁଣ୍ଡି ) ପଡ଼ିଲା ।

୪—ନବଦାଗ୍ନିରେ ନୂଆ ଦାନ୍ତ ହେବାର ଜାଣି ଜଳରେ ନେଇ ଭୁଡ଼ାଇଲେ । ସେ ସ୍ୱର୍ଣ୍ଣ ପିଢ଼ୁଲା ଦୋଳି ଯୋଗ ବେଳ ( ଗାମୁଛା ) ଜଳରେ ବସାଣିକୁ ପାଇବାକୁ (ଗାମୁଛାରେ ଶୁଖିବା ହେବାକୁ) ତାହାର କାନ୍ତି ଦ୍ୱିଗୁଣ ବଢ଼ିଲା ହେଲା, ତହିଁରେ ସଖୀମାନେ ବେଶ କରିବା ଶାସ୍ତ୍ରର ପୂରକୁ ନେଇ ବସାଇଲେ ।

୫—ସେଠାରେ କେତେକ ଶିଳ୍ପକାରିକା (ବେଶକାରୀ) କନ୍ୟା—ହି'ଭ ବୃଜାଧିଗ୍ରସ୍ତ ଗଦଳା, ପୁଣି ଯୌବନ ଲଭି ଅଳଙ୍କାର ଶାସ୍ତ୍ରରେ ଧନ୍ୟ ହେଉଛି, ଅଳଙ୍କାରରେ ( ଭୂଷଣରେ ) ଶୂନ୍ୟହେବା ଶୋଭା ପାଉଣି ନାହିଁ । ଏହା ସମସ୍ତେ ଶୋଭେ ଅଳଙ୍କାରେ ( ଲୋକର ପୃଷ୍ଠରେ ଥିବା ସୁନ୍ଦରୀମାନଙ୍କ ମଧ୍ୟରେ ) ଅଳଙ୍କାର ଭଷ ନେଇଁ ।

ତଥାପି ଭୂଷଣ ନୋହେ ଦୂଷଣ । ତୁଙ୍ଗ ଚନ୍ଦ୍ରମା ଯେ ରଞ୍ଜନୀ କାଣି ।
ଯତ୍ନରେ କରେ ଶୋଭା ଅଧିକା । ସୁକୁମାରୀ ବୋଲି ନ କର ଶଙ୍କା ।
ଏଥିଁ ହେବ ଭାର । ପୟୋଧର ଛେଳୀ ଧରାଧର ପରି ॥ ୬
ତାର ଏମନ୍ତ କହନ୍ତି ଭଙ୍ଗୀ-ଅଳୀ । ବେଶ ସମ୍ଭାରମାନ ଯେନା ମିଳି ।
ହେଜ ଉରେ ମାଜ ମୁକୁର ଦେଖାଇ । ମୁଖ ବମ୍ବ ଥିବ ବମ୍ବ ବୋଲାଇ ।
ବୋଲିଲ ଯେ ଗଣି । ଦରପଣ ମିନା ବହେ ଲକ୍ଷଣି ॥ ୭
ଏ କଥା କହୁବାର ତାତପର୍ଯ୍ୟେ । ଅଧିକ ବଳୁ ବାସେ ଶିରୋଧାର୍ଯ୍ୟେ ।
ସେହି ସୁଗନ୍ଧ ଧୂପେ ଧୂପ ଦେଇ । ଗଜଦନ୍ତ-କଙ୍କତିକା ଚଳାଇ ।
ସେ ଏମନ୍ତ ଦିଶି । ଜଳଦ ପରେ ଧାମେ ଅର୍କଜଶୀ ॥ ୮
କଳା କଳା ବେଣୀ ହେଲା ଏ ଦୃଷ୍ଟି । କୁନ୍ଦସ୍ତବକ ଗନ୍ଧି କହ୍ଲାର ଫୁଟି ।
ରାଜହଂସ ଧାଡ଼ି ମୋତି-ସୀମନ୍ତ । ସ୍ୱର୍ଣ୍ଣ-ପିନ୍ଧାଣିଆ ଅଗ୍ରରେ ତହିଁ ।
ବଣା ଏକ ହଂସୀ । କାଳିନ୍ଦୀ ସ୍ରୋତେ ଯାଉଅଛି ଭାସି ॥ ୯

---

୬—ତଥାପି ଅଳଙ୍କାର ଦୋଷାବହ ନୁହେ, କାରଣ, ତୁଙ୍ଗ ଚନ୍ଦ୍ରମା, ଅଳଙ୍କାର ସବୁ ରାତି; ଚନ୍ଦ୍ର ଓ ରାତି ପରସ୍ପର ଶୋଭାକୁ ଅଧିକ କରନ୍ତି, ତୁ ସୁକୁମାରୀ ହେଲେହେଁ ଅଳଙ୍କାର ଭାର ହେବ ବୋଲି ଶଙ୍କା କରନା, ତୋହର ସ୍ତନଯୁଗ ଧରାଧର ( ପର୍ବତ ) ପରି ତାକୁ ତୁ ବହୁଅଛୁ, ଅଳଙ୍କାର କଣ ତାହାଠୁ ଭାରୀ ହେବ ।
୭—ତେଣୁକାରୀ ଏପରି କହନ୍ତେ ଭଙ୍ଗି ଅଳୀ ( ଚତୁର ସଖୀ ) ବେଶ ସମ୍ଭାରମାନ ( ଉପକରଣ ସବୁ ) ଯେନା ପହଞ୍ଚିଲ, ହେଜ ଦର୍ପଣକୁ ହାତରେ ମାଜ ଦେଖାଇ କହିଲା ଏ ସୁନ୍ଦରୀ ମୁଖ ବିମ୍ବକୁ ଥିବ ଦର୍ପଣବିମ୍ବ ନାମ ବୋଲାଇଲା, ଅଳଙ୍କାରେ କହୁଛି ଦର୍ପଣ ଲକ୍ଷଣେ (ଦର୍ଶନମାତ୍ରେ) ଦରପଣ (ଉପୁପଣ)କୁ ବହିବାକୁ ମିନା ଦର୍ପଣ ନାମକୁ ବହୁଛି ।
୮—ଏକଥା କହିବାର ତାତ୍ପର୍ଯ୍ୟ ଏହି ଯେ ଦର୍ପଣ ଝଟି ଯେନି ମୁଖ ସଙ୍ଗେ ସମାନ ହେଲା ମାତ୍ର ବଳ ( ମୁଖ ) ବାସେ ( ସୁଗନ୍ଧରେ ) ଅଧିକ ହେଲା । ତଦନନ୍ତର ଶିରୋଧାର୍ଯ୍ୟ ( କେଶ ) ସେଠାରେ ସୁଗନ୍ଧ ଧୂମରେ ଧୂପ ଦେଇ ତହିଁରେ ହାତୀ ଦାନ୍ତର କଙ୍କତିକା ( ପାନିଆ ) ଚଳାଇଲେ ସେ ଏପରି ଦିଶିଲା—ମେଘ ଉପରେ ଅର୍କଜଶୀ ( ଅଷ୍ଟମୀଚନ୍ଦ୍ର ) ଥାଏ । ଜଳଦ ( ମେଘ ) ପରି କେଶ, ଅର୍ଦ୍ଧଚନ୍ଦ୍ର ପରି ପାନିଆ ।
୯—ବେଶକାରୀ କଳା ବେଣୀ କଲା, ତହିଁରେ ଏ ସବୁ ଦେଖାଗଲା,—କାଳନ୍ଦୀଧାର ସଦୃଶ ବେଣୀରେ କୁନ୍ଦସ୍ତବକ ଗନ୍ଧି ( ଦାସକେଶ୍ୟା ଫୁଲରେ କରା-ଥିବା ବେଣୀ ) ରୂପକ କହ୍ଲାର ( ଶ୍ୱେତ କହ୍ଲାର ) ଫୁଟିଛି, ମୋତି ସୀମନ୍ତ, ରାଜହଂସ ଶ୍ରେଣୀ ପରି ତାହା ଅଗ୍ରରେ ଥିବା ସ୍ୱର୍ଣ୍ଣ ପିନ୍ଧାଣିଆ ଏକ ହଂସୀ ସେ ବଣା ହୋଇ କାଳିନ୍ଦୀ ସ୍ରୋତରେ ଭାସି ଯାଉଛି ।

ସୁନାରୀମାନେ ଝିଲ୍‌ମିଲ୍‌ମାଳୀ । ବେନି ପାଶେ କଲେ ହଂସ ଧଳ ।
କଲେ ଅଳକା-ଦାଣ୍ଡେ ହାଟ ପରି । ପ୍ରସରାଇ ସ୍ୱର୍ଣ୍ଣ ରତ୍ନ ପସରା ।
ଚନ୍ଦ୍ର-ଦ୍ୟୁମ୍ନା ତହିଁ । ବାଳୀ ମାନସ ହର ନେଉ ନାହିଁ ॥ ୧୦
ସ୍ତ୍ରୀନ୍ତୁ ନୟନ ହାର ଅଳଙ୍କାର । ବଶୀକରଣୀ ମଣି ତୋଳା ତାର ।
ଅସ୍ତ୍ର ଖରବେ ଦେଲେ କଜ୍ଜ୍ୱଳ ଆଣି । ନକଡ଼ ଅପୂର୍ବ କଲେ ଲକ୍ଷେ ଜାଣି ।
ସେ ମହା କଜ୍ଜ୍ୱଳ । ହେଲା ମୋହକ ଭୁବନ-ମଣ୍ଡଳ ॥ ୧୧
ଘେନିଲେ ଦ୍ୱିଜ-ଶୋଭନୀ ଏ ବାମା । ସର୍ବ-ରିପୁ ଫର୍ଦ୍ଦ ପୂଜା-ପ୍ରତିମା ।
କଲେ ମଲ୍ଲୀକଢ଼ୀ ଫୁଲେ ଅର୍ଚ୍ଚନା । କର୍ଣ୍ଣ-ତାଟଙ୍କ ଆଳତି ରଚନା ।
ସୁବାସ ଚନ୍ଦନ । ଗନ୍ଧ ମିଶ୍ରିତ ଜଳରେ ବଦନ ॥ ୧୨
କରି ସେ ଅତି ଉଜ୍ଜ୍ୱଳ-ମୋତି ଗୁଚ୍ଛ । ନାସା ଝୁଲିବାକୁ ଦୋହଲେ ସ୍ୱଚ୍ଛ ।
ପାଣି ଅଞ୍ଜଳି କରି ମୁଦ୍ରାମାନ । ଦେଖାଇ ଅଙ୍ଗୁଳି ଧରିଲେ ପୁଣ ।
ଭୋଗ କରି ତହିଁ । ତାମ୍ବୁଳ ବାଟିକା ଭରତେ ଦେଇ ॥ ୧୩

---

୧୦—ସୁନ୍ଦର ନାରୀ ସଖୀମାନେ ଝିଲ୍‌ମିଲ୍ ମାଳୀର ଦୁଇ ପାଖରେ ହଂସ ( କର୍ଣ୍ଣ ଭୂଷଣ ) ଧଳ ( ଉଜ୍ଜ୍ୱଳ ) କଲେ, ତହିଁରେ ଏପରି ଅନୁମାନ ହେଉଛି — ସ୍ୱର୍ଣ୍ଣ ରତ୍ନର ପସରା ସଦୃଶ ଅଳଙ୍କାର ମାନଙ୍କୁ ପ୍ରସାରି କରି ଅଳକା ( ସ୍ୱର୍ଣ୍ଣ କୁଣ୍ଡଳ ) ଦାଣ୍ଡରେ ହାଟ କଲେ ପରି । ତହିଁରେ ଥିବା ଚନ୍ଦ୍ରଦ୍ୟୁମ୍ନ ବାଳୀର ମନ ହରୁ ନାହିଁ ।

୧୧—ଏ ସ୍ତ୍ରୀଙ୍କୁ ( ଲକ୍ଷ୍ମୀଲୀଳା ) ସୁନ୍ଦରୀର ନୟନର ହାର ( ବକ୍ରଦୃଷ୍ଟି, ଭ୍ରୂଭଙ୍ଗୀ ପ୍ରଭୃତି ) ଅଳଙ୍କାର, ତାହାର ତୋଳା ବଶୀକରଣ ମଣି, ପୁଣି ଏ କାମଦେବର ଅସ୍ତ୍ର-ଏହି ଖରବେ କଜ୍ଜ୍ୱଳ ଆଣିଦେଲେ, ସଖୀମାନେ ଜାଣିପାରି କଜ୍ଜ୍ୱଳରୂପ ବଶରେ କୋଟିଏ ଅପୂର୍ବ କଲେ, ସେ ମହା କଜ୍ଜ୍ୱଳ ହେଲା ଭୁବନ ମଣ୍ଡଳ ମୋହକ ।

୧୨—ଦ୍ୱିଜ ଶୋଭନୀ (ଦନ୍ତଶୋଭନୀ) ସଖୀମାନେ ମନରେ ଘେନିଲେ ଅଥବା ଶୋଭନୀମାନେ ମନେ ଘେନିଲେ ଅନ୍ୟମାନେ ଦ୍ୱିଜ (ବ୍ରାହ୍ମଣୀ) ଏ ବାମା ସର୍ବରିପୁ ( କାମ )ର ଫର୍ଦ୍ଦ ( ଅସ୍ତ୍ରନାମ ) ପୂଜାପ୍ରତିମା, ମଲ୍ଲୀକଢ଼ୀ ( ମଲ୍ଲୀକଢ଼ୀ ) ଓ କର୍ଣ୍ଣଫୁଲ କାନରେ ଦେଲେ । ( ପୂଜା ପ୍ରତିମାକୁ ମଲ୍ଲୀକଢ଼ୀ ଫୁଲରେ ପୂଜାକଲେ ), କର୍ଣ୍ଣ ତାଟଙ୍କ ରୂପ ଆଳତି ରଚନା କଲେ (କାନରେ ତାଟଙ୍କ ଦେଲେ), ସୁଗନ୍ଧି ମିଶ୍ରିତ ଜଳରୂପ ସୁବାସ ଚନ୍ଦନରେ ପୂଜାକଲେ ।

୧୩—ଅତି ଉଜ୍ଜ୍ୱଳ ମୋତିର ଗୁଚ୍ଛ କଲେ ଯେ ନାସା ଝୁଲିବାକୁ (ନାକରେ ଝୁଲି ହେବାକୁ ) ମନୋହର ହେଲା, (ତାହା ପୂଜା ଭଣ୍ଡାର ଅନନ୍ୟାସ ଦେଉଳ ନାକଝୁଲିବା ହେଲା ) ଯେଉଁ ସଖୀ ପାଣି (ହାତ) ଅଞ୍ଜଳି କରି ମୁଦ୍ରା-

ଉରଗ ମହେଶ ଜଣାଉ ଯାଇ । ନୀଳ-ଚେଲ ଗଳ-କୁଣ୍ଡ ଘୋଡ଼ାଇ ।
ତାର ଦେଖି ଗଙ୍ଗାଧର ହୋଇଲା । ଭେ ବୋଲି, ଭେ ବୋଲି ଭେଦେଁ
ନୋହିଲା ।
ଏ ପୁନ୍ନାଗ-ମାଳା । ସମ୍ଭାବିତ ସହିଁ ତହିଁ ବହିଲା ॥ ୧୪
କଣ୍ଠ କମ୍ବୁ ଦେଖି ବହୁତ ମାଳୀ । ପୁଣି ସନ୍ନିଧେ କରାଇଲେ ଫଳ ।
ତେ ଗୁଣେ ଏ କମ୍ବୁ ତଳେ ବାଧାଇ । ଉଲଟାଇଛୁ ଜଘନ-ପାର୍ଶ୍ୱିତା ।
ବାନ୍ଧିବା କି ପୁଚ୍ଛେ । ଏହା ଡମ୍ବରୁ ମଧ୍ୟେ ଘଣ୍ଟି ସୁଚ୍ଛେ ॥ ୧୫
ଜ୍ୟୋତିର୍ବିଦା ଭୂଷି ଏ ଶୋଭ୍ର-ରାଶି । ନକ୍ଷତ୍ର-ମାଳା ଯୋଗେ ଶୋଭ୍ର ଧରି ।
ପୁଣି ଚନ୍ଦ୍ର ଯୋଗ କରେ ଏ ନିତ୍ୟ । ଶନିର ସଙ୍ଗରେ ସଦେହ କୃତ ।
ଦେବ ତାଡ଼ ଭୁଜଙ୍ଗ । ଉଦିତ ଦେବ ଜବା ବୁଦ୍ଧି ଉର୍ଦ୍ଧେ ॥ ୧୬

---

(ମୁଦ୍ରା) ମାନସୀ ଦେଖାଇଲା (ସେ ଅଞ୍ଜଳି ମୁଦ୍ରା ଦେଖାଇବା ହେଲା) ପୁଣି ମୁକ୍ତଦେବାକୁ ଅଞ୍ଜଳି ଧରିଲେ (ସେ ଅଞ୍ଜଳି ମୁଦ୍ରା ହେଲା) ତହିଁ ଭୋଗ (ନୈବେଦ୍ୟ)କରି ଆନନ୍ଦରେ ତାମ୍ବୁଲ ବାଟିବା ଦେଲେ ।

୧୪—ଉରଗ (ସର୍ପ) ରୂପ ଶିବଙ୍କର ଜଣାଉ ପାଇଁ (ଚକ୍ରବର୍ତ୍ତରୂପ ଦେଖାଇବା ନିମିତ୍ତ) ନୀଳ ଚେଲ (ନୀଳବର୍ଣ୍ଣର) ରୂପକ ଗଳକୁଣ୍ଡ (କଣ୍ଠଗର୍ଭ) ଘୋଡ଼ାଇଲମ୍ ତାହାର ଦେଖି ଶିବ ଗଙ୍ଗାଧର ହେଲେ ବୋଲି ଭେଦିଁ ସଖୀ କହିବାକୁ ଚେଷ୍ଟା କରିଲା-ଭେଦେଁ ନୋହିଲା ଏ ପୁନ୍ନାଗ ମାଳା (ସର୍ପମାଳା) ଯେଉଁଠାରେ ସର୍ପମାଳା ରହିବା ସମ୍ଭାବିତ ସେହିଠାରେ (ସ୍ତନଦ୍ୱୟପରେ) ବହିଲା ।

୧୫—ପୁଣି ସ୍ତନ ଶିବ ସମୀପରେ ବହୁତ ମାଳୀ (ହାର) ଦେବାଦ୍ୱାରା କଣ୍ଠକମ୍ବୁକୁ (କମ୍ବୁତୁଲ୍ୟ କଣ୍ଠକୁ) ଫଳ କରିଦେଲା, (ଶିବଙ୍କର କଣ୍ଠମଧ୍ୟ ଶଙ୍ଖ ମାଳାରେ ଫଳିଥାଏ)କିଏ କମ୍ବୁକୁ ଏମାନଙ୍କ ତଳେ ବାଧାଇ ଜଘନରୂପରେ ତାହାଙ୍କର ପାର୍ଶ୍ୱକୁ ଉଲଟାଇ ଥୋଇଛୁ । କେହି ପଚାରିଲେ-ଶିବ ଡମ୍ବରୁ ରୂପୀ ଏହାର ମଧ୍ୟ-ଦେଶରେ ସୁଚ୍ଛୁ (ସୂତର ଦଶିବାପାଇଁ) ଘଣ୍ଟିକି ବାନ୍ଧିବା କି ।

୧୬—ଜ୍ୟୋତିର୍ବିଦା (ଜ୍ୟୋତିଷ ଜ୍ଞାତା) ଭୂଷିଲା-ଏ ଶୋଭ୍ରରାଶି (ସୁନ୍ଦରୀ) ଶୋଭ୍ରରାଶି (ମେଷାଦି ଦ୍ୱାଦଶ ରାଶି) ପରି-ସୁନ୍ଦରୀର ନକ୍ଷତ୍ରମାଳା (ମୁକ୍ତାମାଳା) ଯୋଗରେ ଶୋଭା ଧରେ ନକ୍ଷତ୍ରମାଳା ଯୋଗରେ (ସପ୍ତବିଂଶ ନକ୍ଷତ୍ର ଯୋଗରେ) ଦ୍ୱାଦଶ ରାଶିର ଶୋଭା (ଅକୃତି) ଦେଖାଯାଏ, (ପ୍ରତ୍ୟେକ ନକ୍ଷତ୍ର ଚାରିପାଦ କରି, ନଅ ପାଦରେ, ଗୋଟିଏ ରାଶି ହୁଏ, ଯେପରି ଅଶ୍ୱିନୀ ଚାରିପାଦ, ଭରଣୀ ଚାରିପାଦ ଓ କୃତ୍ତିକାର ୧ପାଦ ଏହି ୯ପାଦରେ ମେଷରାଶିର ଅକୃତି ହୁଏ, ଏହିପରି ସମସ୍ତ ଅନ୍ୟାନ୍ୟ ରାଶି ମାନଙ୍କର ଅକୃତି (୨୭ ନକ୍ଷତ୍ରରେ ହୁଏ) । ପୁଣି ଏ ରାଶିରେ ଶନିର (ଶନି) ସଙ୍ଗରେ ଚନ୍ଦ୍ର ଯୋଗ ହୁଏ, ଦେବତାଡ଼ (ରାହୁ) ରୂ ଭେ (ମଙ୍ଗଳପାଦରେ) ଜବା (ଶୁକ୍ର)

କି ଦୃଷ୍ଟିବୋଲି ପଶୁଥିଲା କେନ୍ଦ୍ର । ବୋଇଲି ମରକତେ ନିର୍ମିତ ସେତୁ ।
ଘନାଲିଙ୍ଗନେ ଶମ୍ପା ଛିନ୍ନ ପର । ଦର୍ଶି ହୋଇବ ଯେ ନୟନ କାର ।
ଝଂପ କରି ଦେଲେ । ସେତୁ ଶୋଭାକୁ ପ୍ରତ୍ୟକ୍ଷେ ଦେଖିଲେ ॥ ୧୭
ସୁମନାମାନେ ମାନସେ ବିଚାରି । ଲାବଣ୍ୟ-ସିନ୍ଧୁ କାନ୍ତେ ଏ ନାରୀ ।
କରି ମକର ଭ୍ରୂବତେ ସ୍ୱୀକୃତ । ଭ୍ରମ କଣ୍ଟକେ କଲେ ସଂଯୁତ ।
ପୁଣି ସେ ସନ୍ଧୁର । ପଦ୍ମରେ ଲୀଳା ଦେଇ ହଂସକର ॥ ୧୮
ଶୁଣାଇଲେ ଧୁନି ମେଳ ହେବା ବେଳେ । ଦେବ ସ୍ରବା-ଶ୍ରୋଣି ଭୁଲାଇ ହେଳେ
ଚତୁର-ଭୃଙ୍ଗୀ ନୂପୁରା ଏ ପୁଣି । ମୀନ ନୟନ ତରଙ୍ଗ ସୁହାଣୀ ।
ଜଣାଣିପୁ ନିସ୍ୱ । ସବୁ ପ୍ରଭାବେ ଅଣ୍ଟି ନାଭ କରି ॥ ୧୯

---

ଦୃଷ୍ଟି ବର୍ଜ୍ଜେ( ଜଙ୍ଗରେ ) ଉଦିତ ହୁଏ । ଏ ସୁନ୍ଦରୀର କଣ୍ଠ (ଜ୍ୱର ସହିତ) ସ୍ଥାନପଙ୍କରେ ରତ୍ନ ( ସୁବର୍ଣ୍ଣହାର ) ଶୋଭାକରେ, ଏଠାରେ "ସ"ର ଭେଦ ଜାଣିବାକୁ ( ଅର୍ଥାତ ଷଡ୍ଜ ତାଲବ୍ୟ "ଶ", ସକରୀ ଦନ୍ତ୍ୟ "ସ" ) ଏ ସ୍ତନରେ (ପୃଥ୍ୱୀକାରେ) ତାଡ଼ନା ଦେବ (ଏଠାରେ 'ଶୁକେ' ପଦରୁ 'ଶ', ସ୍ତ୍ୟେତ ଓ "ତାଡ଼" ପଦରେ 'ନ' ଦାନ୍ତ ହେଲା) । କବିମାନଙ୍କର ବର୍ଣ୍ଣନା ଦୃଷ୍ଟି ବର୍ଜିରେ ଉଦିତ ହେବ ଅର୍ଥାତ୍ ଏ ସୁନ୍ଦରୀର ସ୍ତନରେ ତାଡ଼ଦେବ ସେ ଶୋଭାରେ ପୃଥ୍ୱୀ ଜିଣିବ ।

୧୭—କି ଦୃଷ୍ଟିବୋଲି କେନ୍ଦ୍ର ପକ୍ଷୀ ପଚାରିଲା, କେନ୍ଦ୍ର କେନ୍ଦ୍ର ଉତ୍ତର କଲେ ସେତୁ ତାକୁ ମରକତରେ ନିର୍ମିତ, ଘନ ( ମେଘ ) ଆଲିଙ୍ଗନରେ ଶମ୍ପା ( ବିଜୁଳି ) ଛିନ୍ନ ହେଲାପରି ଦର୍ଶି ନୟନର କାର ( ବଦରୀ ) ହୋଇ ଯିବ, ଏମନ୍ତ କହି ଝଂପକରି ବାହୁରେ ତାଡ଼ ଦେଲେ ସେତୁ ଶୋଭାକୁ ( ଘନପରି ତାଡ଼ ଓ ବିଜୁଳିପରି ବାହୁ ) ପ୍ରତ୍ୟକ୍ଷରେ ଦେଖିଲେ ।

୧୮—ସୁମନା ( ପଣ୍ଡିତା ) ସଖୀମାନେ ମନରେ ବିଚାରିଲେ ଏ ନାରୀ କାନ୍ତସ୍ଥ ଲାବଣ୍ୟସିନ୍ଧୁ ଅଟେ, ସମୁଦ୍ରର ମକର ମତ୍ସ୍ୟ ଭାବିଜିଲାପରି ଏହାର ଗଣ୍ଡରେ ମକରୀଚିତ୍ରକୁ ଭ୍ରୂବତେ ସ୍ୱୀକୃତ କଲେ, ସମୁଦ୍ର ଜଙ୍ଗମ ( ଜଳ ଜନ୍ତୁ ) ଓ କଣ୍ଟକେ ( ଲବଣରେ ) ସଂଯୁକ୍ତ ହେଲାପରି ହସ୍ତକୁ ଭ୍ରମର କଣ୍ଟକେ ( ସୁବର୍ଣ୍ଣକଙ୍କଣରେ ) ସଂଯୁକ୍ତ କଲେ ପୁଣି ସମୁଦ୍ରର ପଦ୍ମରେ ( ଜଳରେ ) ହଂସକର ( ରାଜହଂସର ) ଲୀଳା ଦେଇ ଏହାର ପଦ୍ମରେ ( ପାଦରେ ) ଶୀଘ୍ର ହଂସକ ( ନୂପୁର ) ଦେଇ ତାହାର ଲୀଳା କରାଇଲେ ।

୧୯—କହିଲେ ସମୁଦ୍ରରେ ଧୁନି ( ନଦୀ ) ମେଳ ହେଉଥିବାବେଳେ ( ବର୍ଷାକାଳରେ ସମୁଦ୍ରରେ ନଦୀ ମିଳନ୍ତି ) ସୃଷ୍ଟି କି ଭୁଲାଇ ଦେଲାପରି ଏହାର ପାଦରେ ନୂପୁର ଧୁନି ମେଳ ହେଉଥିବାବେଳେ ଏ ଲାବଣ୍ୟସିନ୍ଧୁ ସୁନ୍ଦରୀମାନଙ୍କର

ଚତୁରା ସଖୀଏ ମଞ୍ଜୁ ମଞ୍ଜିର । ଖଞ୍ଜି ପାଦେ ବୋଲେ ଅନ୍ଦୁ ଏହାର ।
ହେମ-କରଣୀ ଏ ତରୁଣୀ ସତ । ଯଉବନ-ମଦେ ହେଲା ଏ ମତ୍ତ ।
ଲଜ୍ଜା-ଅଙ୍କୁଶରେ । ଶାନ୍ତି ଭଜିବ ସିନା ଅନାଶରେ । ୨୦
ଦେଇ ଦେବ କହେ ଏ ନୂପୁର ନାଦେ । ନୀଳକଣ୍ଠ ବଶ ହେବେ ପ୍ରମୋଦେ ।
ଯୋଗ ବିନା ଭୋଗେ କରିବେ ମତ୍ତ । ଉଦ୍ଦୀପନକାରୀ କାଳର ସତ ।
ଆଲମ୍ବନ ଭାବ । ଛୁଇଁଛି ଯୋଗୀନ୍ଦ୍ରେ ଦମ୍ଭ ଉଦ୍ଭବ । ୨୧
ପଶ୍ଚିମା ବେଶ ଯଥୋଚିତ ବାସ । ପିନ୍ଧାଇ ସଜନୀ ହୋଇଲେ ତୋଷ ।
ବୋଇଲେ ଦେଖିଲୁ ଜନ ନୟନ । ହେବତ ନର୍ତ୍ତନ-ନାଟକେତନ ।
ଛଳନା କେ ଭାବେ । ଲମ୍ପିକା ରସିକା ହୋଇଲା କେବେ । ୨୨

---

ପୈଁଚିକୁ ଭୁଜାଲଙ୍କାରବିଦେ, ସମୁଦ୍ରଗର୍ଭରୁ, ଏ ଗର୍ଭର ସୃଷ୍ଟି ନିପୁଣୀ, ଏହାର ନୟନ ମୀନପରି, ଛାତିର ଶୁଦ୍ଧିଶି ତରଙ୍ଗପରି, ଶିଙ୍ଖ ( ଲକ୍ଷ୍ମୀ ) ପରି କମଳାଦ୍ଧ ଶିଙ୍ଖ ( ମନୋହର ଶୋଭା ) ସୁତରାଂ ସମୁଦ୍ର ଲକ୍ଷ୍ମୀଙ୍କୁ ସବୁ ପ୍ରକାର ଜାତ କରନ୍ତି ।

୨୦—କେହୁ ଚତୁରା ସଖୀ ମନୋହର ମଞ୍ଜିରକୁ ପାଦରେ ଖଞ୍ଜି କହେ—ଏହାର ଏ ଅନ୍ଦୁ ( ହସ୍ତୀବନ୍ଧନ ଶିକୁଳି ), ଏ ତରୁଣୀ ହେମ କରଣୀ ( ସୁବର୍ଣ୍ଣ-ହସ୍ତିନୀ ) ସତ୍ୟ ଏ ଯୌବନ ମଦରେ ମତ୍ତ ହେଲା, ଲଜ୍ଜାରୂପ ଅଙ୍କୁଶରେ ସିନା ଅଣାଶରେ ( ସର୍ବଦା ) ଶାନ୍ତିକୁ ଭଜିବ ।

୨୧—କେହୁ ପାଦରେ ନୂପୁରଦେଇ କହେ—ନୂପୁର ( ମେଘ ) ନାଦରେ ନୀଳକଣ୍ଠ ( ମୟୂର ) ପ୍ରମୋଦରେ ( ଆନନ୍ଦରେ ) ବଶ ହେଲାପରି ଏ ନୂପୁର ନାଦରେ ନୀଳକଣ୍ଠ ( ଶିବ ) ଆନନ୍ଦରେ ବଶହେବେ । ଯୋଗୀଙ୍କୁ ସ୍ତ୍ରୀ ଭୋଗରେ ମତ୍ତ କରିବେ, ଉଦ୍ଦୀପନ କାଳ କାଳର ( ବର୍ଷାକାଳର ଓ ଯୌବନକାଳର ) ଏହା ସତ ଅଟେ । ଆଲମ୍ବନଭାବ ଶିବପ୍ରକୃତିଙ୍କର ମଧ୍ୟ ଗଣ୍ଡକୁ ଛୁଇଁବ; ଦମ୍ଭ କପଟ ଭାବରେ ଉଦ୍ଭବ । ଉଦ୍ଦୀପନଭାବ ( ଚନ୍ଦ୍ର-ଚନ୍ଦନ, ବର୍ଷା, ବସନ୍ତ ପ୍ରଭୃତିରେ ରସଉଦ୍ଦୀପିତ ହେବାରୁ ଏ ସବୁକୁ ଉଦ୍ଦୀପନଭାବ ) ଆଲମ୍ବନଭାବ, ( ନାୟିକା ପ୍ରଭୃତିଙ୍କୁ ଅବଲମ୍ବନକରି ରସ ଜନ୍ମିବାରୁ ଏହା ଆଲମ୍ବନଭାବ ) ।

୨୨—ପଶ୍ଚିମା ସ୍ତ୍ରୀମାନେ ଯେପରି ଲୁଗା ପିନ୍ଧନ୍ତି ସେହିପରି ଲୁଗା ପିନ୍ଧାଇ ସଜନୀମାନେ ସନ୍ତୁଷ୍ଟାହେଲେ ଏବଂ କହିଲେ—ଏହାକୁ ଦେଖିବା ଲୋକଙ୍କର ଚକ୍ଷୁ ନର୍ତ୍ତନ ନାଟକେତନ ( ନାଟ୍ୟଗୃହ ) ହେବ । କେହି ସଖୀ ଛଳନାରେ କହୁଛି—କେବେ ତ ରସିକା ଲମ୍ପିକା ( ନର୍ତ୍ତକୀ ) ହେଲା ।

କୋଉଁଠାରେ କାମା ଦେଖ ଉଜ୍ଜ୍ୱଳ ଭୁବନ । ନୂପୁର ବାନ୍ଧନ୍ତି ଚରଣ-ଯୁଗେ ।
ଖେଳୁଅଛନ୍ତି ଯହିଁ ରହସ୍ୟ-ସ୍ଥଳ । ଚେଲ-କୋଳେ ରଖି ଭୁଜ-ମର୍ଦ୍ଦଳ ।
ନାଚନ୍ତି ଭାଗ୍ୟବନ୍ତ । ସଙ୍ଗୀତ-ଦ୍ୱାରେଣ ଭରତ ଦାଣ୍ଡ । ୨୩
ଏ ବୀଥି ବସନ୍ତ ବେଶ ସାଧୁ । ନିଜ ବ୍ୟାପାରେ ଚଳିଲେ ଶିଳ୍ପଭାଗ୍ୟ ।
ଏକାଳେ ଦ୍ୱିଜେ ଭାଷି ରାମ ଘୋଷ । ଜଳ-ବିହାରେ ହୋଇଲେ ଲାଳସ
ଉପେନ୍ଦ୍ର ଘୋଷେ । ଶ୍ରୀରାମ-ଇନ ଅଘ ନାଶେ ॥ ୨୪

—:*:—

# ତ୍ରୟୋଦଶ ଛାନ୍ଦ

[ ସାକ୍ଷାତ୍ ଦର୍ଶନ ]

ରାଗ—କାମୋଦୀ

ରସିକେ ରସିକର ଏଥି ପଦନଗର ସୁଧା ସିନ୍ଧୁର ପାନ କରନ୍ତେ ।
ପ୍ରାଣେ କବିନ୍ଦ୍ରବର୍ଣ୍ଣା ବସ୍ତୁଧୀ ଯାଚଣବାସି ବଶୀଭୂତ ଦର୍ଶନେ ଅଟେ ସେ ।
ଅନୁପମା । ଯେସନେ ଦାନକାର ମନ । ଧନ ଲଭିବା ଲୋଭ ଅଛି ।
ତନ୍ମାତ୍ର ଘନ ଘନ ଅସଇ ପୁନଃପୁନଃ ଆପଇ ଅନ ଅନ ଯାଚ ଦେଖ ॥ ୧

---

୨୩ । ୨୪ ଦେଖ ସଖୀ ଭୁବନରେ ଉଜ୍ଜ୍ୱଳ-ଚାନ୍ଦ୍ରିକା କୋଉଁଠାରେ ? ନର୍ତ୍ତକୀ ପରି ଚରଣ ଯୁଗଳରେ ନୂପୁର ବାନ୍ଧନ୍ତି, ସେ ରହସ୍ୟ ସ୍ଥଳ ( ନୃତ୍ୟ ଯୋଗ୍ୟ ସ୍ଥାନ ) ଖେଳୁଛନ୍ତି ପରି ଏ ମଧ୍ୟ ରହସ୍ୟ ସ୍ଥଳ (କାନ୍ତ ସଂଯୋଗ ଯୋଗ୍ୟ ଏକାନ୍ତସ୍ଥାନ ) ଖେଳୁଛନ୍ତି । ନର୍ତ୍ତକୀ ଯେପରି କୋଳରେ ମୃଦଙ୍ଗ ମର୍ଦ୍ଦଳକୁ ରଖିଥାଏ, ଯାହାକୁ ଭାଗ୍ୟବନ୍ତ କାରଣ ତାହା ଅଙ୍ଗରେ ସଙ୍ଗୀତଜ୍ଞ ଲୋକଙ୍କୁ ମର୍ଦ୍ଦଳ ଦେଇ ନୃତ୍ୟକରେ ଏ ମଧ୍ୟ ଚେଲ ( କାହାଳୀ ) ରୂପ କୋଳରେ ଭୁଜରୂପ ମର୍ଦ୍ଦଳକୁ ରଖିଣ, ନାଚି ( ଭାବୁକର ଭାଗ୍ୟବାନ୍ ଓ ସଙ୍ଗୀତଜ୍ଞ ପତିକୁ ମର୍ଦ୍ଦଳ ଦେଇ ନୃତ୍ୟ କରନ୍ତି ) । ଏହାପରେ ବୀଥିରେ ବସନ୍ତର ସୁନ୍ଦରୀର ବେଶ ସାଧୁ ବେଶଭାଗ୍ୟ ମାନେ ନିଜ ନିଜ କାର୍ଯ୍ୟରେ ଚଳିଲେ, ଏହି ସମୟରେ ଦ୍ୱିଜ ( ପକ୍ଷୀ ) ମାନେ ରାମ ( ମନୋହର ) ଘୋଷ ( ଶବ୍ଦ ) କରି ଜଳବିହାରରେ ଲାଳସ ହେଲେ, ବା ଦ୍ୱିଜ ( ବ୍ରାହ୍ମଣମାନେ ) ରାମଘୋଷ ( ରାମନାମ ) ଉଚ୍ଚାରଣ କରି ଜଳବିହାରରେ ( ଜଳକ୍ରୀଡ଼ାର-ସ୍ଥାନରେ ) ଲାଳସ ହେଲେ, ଉପେନ୍ଦ୍ରଭଞ୍ଜ ଘୋଷେ, ଶ୍ରୀରାମଚନ୍ଦ୍ର, ଇନ ( ସୂର୍ଯ୍ୟ ) ଉଚ୍ଚାରଣକୁ ନାଶିଲ ପରି ଅଘ ( ପାପ ) କୁ ନାଶ କରିବେ ।

---

୧—ହେ ରସିକମାନେ ଏ ଛାନ୍ଦରେ ଥିବା ପଦସମୂହ ସୁଧାସିନ୍ଧୁର ( ଅମୃତସାଗର ) ଅଟେ, ଆପଣମାନେ ରସ ଆନନ୍ଦରେ ପାନ କର । ଯେପରି ଦାନକାରୀର

ଅରୁଣା-ଧରି ଧରା-ଦ୍ୱୀପାପଞ୍ଜରା-ଧରା ଶାରୀ ପଢ଼ୁଛନ୍ତେ ଲୋଚନ ।
ହୋଇଲ ବିମନା-ମନ -ନନ୍ଦଦାୟିନୀ ଅନା ନଭକୁ ଶୋଭେଛ ଶମଶାନରେ
କାଦମ୍ବିନୀ । ବାସ୍ତୁ-ବଳୀରେ ଚିତା ଜଳେ । କେ ଦଗ୍ଧ ହେବ ଭୂତପ୍ରେତ ଆଳୀ !
ଅନୁରଗା ପଦ୍ମିଣୀ ଅନୁରାଗକୁ ଯେଣୁ ଅନୁସରେ ଭାନୁ ମିଳେ ଏ । ୨
କିସ ଚିନ୍ତୁଛୁ ଗୁରୁ-ଶୀଳା ଭାଗ୍ୟବଶରୁ ସ୍ୱରୂପେ ଏପରି ଭୁଞ୍ଜିବ ।
ହୋଇବ ବନ୍ଧୁ ବନ୍ଧୁଅଛୁ ରେ ସନ୍ଧୁ ସନ୍ଧୁଥାଅ କାନ୍ତ ଜଣେ ଭାବରେ ।
ଅନୁପମା । ମଧୁର ମଧୁ-ଭୃଙ୍ଗ-ରବ । ଏଣିକି ବନୁଆଦ ହେବ ।
ସୂର୍ଯ୍ୟ ଅନଳ ଲୁଚିକି କଥା କଳାନିଧି ବଧିବେ ସେ ବିଧି ବାଧିବରେ । ୩
ଗଭ ଜନନ କାଦମ୍ବିନୀ ଭରତ ଚଉ ଭବାଡ ମାଙ୍ଗଲ୍ୟା ବଚନ ।
ମିଳେ ଏକ ଜଟିଳା ଅର୍ଦ୍ଧଚନ୍ଦ୍ର-ଶାଟଳା-ଶୋଭିନୀ ଜଣେ ବୃନ୍ଦେବନ ଏ ।
ନବୁତ୍ସୁକ । ଜଟାଧାରୀ ଧବଳୀ-ବିମ୍ବ । ଧନ୍ୟ ଏହାର ଶିଳକାସ୍ତ ।
ସୁବେଶକୁ ମୃତବେଶ ଯେଣୁ ତାକୁ ମୃତବେଶ ଜଣେ ଲକ୍ଷ୍ମ ଅନୁମାନ କରୁ ଏ । ୪

---

ମତ ଧନ ନାଇବାକୁ ଅତ୍ୟନ୍ତ ଲାଳସା, ସେହିପରି ନବଯୌବନ ସମ୍ପନ୍ନା ନିରୁପମା ସେହି ସୁନ୍ଦରୀ ବନ୍ଧୁରୀ ( ସଖୀ ) ପାଖରେ ବସି ଦର୍ଶନ ଆଶାରେ ବ୍ୟଗ୍ରଚିତ୍ତା ହେଲା । ଗଳ ଗଳ କଣ୍ଠ ( ସ୍ୱର ) ଅବେଗ, ସେ ପୁନଃ ପୁନଃ ଭଲ ୨ ସ୍ୱରରେ କଥା କହେ ।

୨—ଅରୁଣାଧରି ଧରାଦ୍ୱୀପା ( ପୂର୍ବାମଣ୍ଡଳା ) ପଞ୍ଜରାଧର ଶାରୀ ପଦ୍ମ ଏଡେଣି ଲୋଚନି ଲୁଟେଣି । ସେ ମନୋନନ୍ଦଦାୟିନୀ ସୂର୍ଯ୍ୟଙ୍କୁ ଦେଖି ବିମନା ( ବ୍ୟାକୁଳା ) ହୋଇ ବୋଲିଲା—ରେ କାଦମ୍ବିନୀ ! ଅନାଇଲୁ, ନଭେ ( ଆକାଶରେ ) ଶ୍ମଶାନ ଶୋଭିଲା, ଶ୍ମଶାନରେ ବାସ୍ତୁବଳୀରେ ( ବାସ୍ତୁସମୂହ ଯୋଗେ ) ଚିତାଗ୍ନି ଜଳିଲା ପରି ଛାସ୍ତୁବାଳୀରେ ( ମେଘମାନଙ୍କରେ ) ଅଗ୍ନି ଜଳିଲା, କିଏ ଦଗ୍ଧ ହେବାକୁ ? ଏହା ଶୁଣି ସଖୀ କହିଲା—ଏହା ଚିତାଗ୍ନି ନୁହେଁ, ଅନୁରଗା ପଦ୍ମିନୀର ଅନୁରାଗ ( ସ୍ନେହ ) ଯେଣୁ ତାହାର ଅନୁସରଣରେ ଭାନୁ ( ସୂର୍ଯ୍ୟଦେବ ) ମିଳନ୍ତି ।

୩—ରେ ଗୁରୁଶୀଳା । କଣ ଚିନ୍ତୁଅଛୁ, ତୋ ଭାଗ୍ୟ ବଶରୁ ସ୍ୱରୂପେ (ପ୍ରକୃତରେ) ଏପରି ଭୁଞ୍ଜିବ ( ପଦ୍ମିନୀ ଅନୁସରଣରେ ସୂର୍ଯ୍ୟ ମିଳିଲା ପରି ) ହୋଇବ, କାଆଁରା ଏହା ବନ୍ଧୁଅଛୁ, ସେ ପଣି କାନ୍ତଧନ ଜଣେ ଭାବ ସନ୍ଧୁଥାଅ, ରେ ଅନୁପମା । ଏଣିକି ମଧୁର ମଧୁଭୃଙ୍ଗରବ ( କୋକିଳଧ୍ୱନି ) ବନୁଆଦ ପରି ଜଣେ ଦେବ । ସୂର୍ଯ୍ୟଙ୍କଠାରେ ଘୋର ଅନଳ ଲୁଚିବେ ବା କି ଆଶ୍ଚର୍ଯ୍ୟ କଥା ବଧିବେ କଳାନିଧି ( ଚନ୍ଦ୍ର ) ସେ ବାଧିରେ ଅଗ୍ନି ହୋଇ ବାଧାଦେବ ।

୪—କାଦମ୍ବିନୀ ଭରତ-ମାଙ୍ଗଲ୍ୟାଙ୍କ ବଚନ ଅନୁସାରେ କାଦମ୍ବିନୀ ଚିତ୍ତରେ ଜନିତ ରୂପ ପୁରୁଷ ପ୍ରତି ରାଗ ( ସ୍ନେହ ) ଜନ୍ମିଗଲି । ଏହି ସମସ୍ତରେ

କି ଗୁମ୍ଫଣି ସେ କି ଗୁଚ୍ଛଣି ଗୁନ୍ଥିଲେ ଗ୍ରନ୍ଥିଗୁଚ୍ଛେ ବର୍ଷିଲେ ଶୁଭ୍ର କୁସୁମକେ ।
ବେଣୀ ନଳୀ ଫୁଟେକେ ଗୁଣା କରି ହାଟକେ ମୁଠା ବାନ୍ଧିଲେ କି ଛଟକେ ସେ ।
ପିନ୍ଧାଣିଆ । ସ୍ୱର୍ଣ୍ଣ କି ରଜତ-ନଳସ । କାହାକୁ ଜିଣି ନେବ ଯଶ ।
ମନୁଜ ଦନୁଜରେ ଅଦିତି ତନୁଜରେ କେ ନୋହିଅଛି ଏହା ବଶ ସେ ॥ ୫
ଏ ଛନ୍ଦ ଦେଖି ଅହିକେ ଭଣି ଲକ୍ଷ୍ୟ ହୋଇ ହେଠ କରି କି ବାଳା ମୁହେଁକେ ।
ଛୁଇଁ ହେଲକୁ କାଳ ବ୍ୟାଳଟି କାଳକାଳ ବାଳରେ ଲୁଚିଲା ଯେ ଲାଜେ ସେ ।
ଶୁଭ୍ର ଯୋଗ । ନ କଲା କି ଯଶ ଖୁମର । ଯେଣୁ ଶବତ ତାକୁ ମାରି ।
ମନୋହର ଚରମଦେଶେ ଭେଟିଛି ଫାମଯିବେ ଦାମ୍ଭିକେ ଦେଖି କରି ସେ । ୬

---

ଏକ ଜଟିଳା ( ଉପସ୍ଥିତା ) ଅସି ମିଳାଇ, ସେ ଅର୍ଦ୍ଧଚନ୍ଦ୍ର ଶାଟକା ଶୋଭନା ( ଯାହାର ସ୍ୱଳ୍ପଟ ଅର୍ଦ୍ଧଚନ୍ଦ୍ର ପ୍ରାୟ ସୁନ୍ଦର ) ସୁନ୍ଦରୀଙ୍କ ଗୁମ୍ଫ ବସ୍ତୁଛନ୍ତି ଏ କବାଧସ୍ତ ଧରଣୀ ଶିସ୍ତ ( ମର୍ତ୍ତ୍ୟପୁର ଲକ୍ଷ୍ମୀ ) ଏହାର ଶିଳ୍ପକାର୍ଯ୍ୟ ( ବେଶ କାର୍ଯ୍ୟ ) ମାନେ ଧନ୍ୟ, ଯେଉଁ ସୁନ୍ଦରୀ ଭୂଷଣକୁ ( ଉତ୍ତମ ଅଳଙ୍କାରକୁ ) ଭୂଷଣ ( ଉତ୍ତମ ଅଳଙ୍କାର ) ଏବଂ ତାକୁ କି ଅନୁମାନ କରି ବେଶ କଲେ ।

୫—ସେ ( ଶିଳ୍ପକାରୀ ମାନେ ) କି ଗୁମ୍ଫଣି (କି କୌଶଳରେ) କି ଗୁଚ୍ଛଣି ( କେଉଁ ରୀତିରେ ) ଗୁନ୍ଥିଲେ, ଶୁଭ୍ର କୁସୁମକେ ( ସୁନ୍ଦର ଧଳା ମଲ୍ଲୀ ଫୁଲକୁ ) ବେଣୀରେ ଗ୍ରନ୍ଥି ଗୁଚ୍ଛେ ( ଗଣ୍ଠି ସ୍ଥାନରେ ) ବର୍ଷିଲେ । ସେ ଏପରି ଦିଶିଲା ବେଣୀ ନଳୀ ( ବନ୍ଧୁକ ନଳୀ ) ପରି ଫୁଟିଲା, ଉତ୍ତମ ହାଟକେ ( ସୁବର୍ଣ୍ଣରେ ) ଗୁଣା ( ବନ୍ଧୁକର ଗୁଣା ) କରି କି ଛଟକରେ ମୁଠା-ବାନ୍ଧିଲେ । ସ୍ୱର୍ଣ୍ଣ ପିନ୍ଧାଣିଆ ରଜତ ( ରୂପା ) ନଳସ ହେଲା । ସୁନ୍ଦରୀ ଏ ନଳୀଦ୍ୱାରା କାହାକୁ ଜିଣି ଯଶ ନେବ କେ ଜାଣି । ମନୁଜ ( ମନୁଷ୍ୟ ) ଦନୁଜ ( ରାକ୍ଷସ ) ଅଦିତି ତନୁଜରେ ( ଦେବତା ମଧ୍ୟରେ ) ଏହା ବଶ ନ ହୋଇ କିଏ ବା ଅଛି ।

୬—ଅହି ( ସର୍ପ ) ଏ ବେଣୀ ଛନ୍ଦ ଦେଖି, କୌଣସି କଥା ଏପରି ଲକ୍ଷ୍ୟ ଦୃଷ୍ଟେ ବାଳା ମୁଖକୁ ହେଠ କରି ( ଲୁଅଁ ହି ) ହୋଇ ବେଣୀ-ଶୋଭାକୁ ଛୁଇଁ ହେଲାକୁ କାଳବ୍ୟାଳ ( କାଳସର୍ପ ) ଲାଜରେ କାଳ କାଳ ( କାଳକାଯ ) ବାଳ ( ଗର୍ତ୍ତ ) ରେ ଲୁଚିଲା, ଯେ ଶବତ ( ସ୍ୱତ ) ତାକୁ ମାରି କେଉଁ ଯଶ ହେବ ? ଏହା ସୁନ୍ଦରୀ ବେଣୀରୂପ ନଳୀରେ ଶୁଭ୍ର ଯୋଗ କଲା ନାହିଁ, ମନୋହର ଚରମ ଦେଶରେ ( ପୃଷ୍ଠଭାଗରେ ) ତାହାକୁ ଭେଟି ଥୋଇଛନ୍ତି, ଯାହାକୁ ଦେଖି ଦାମ୍ଭିକମାନେ ଫାମ ଯିବେ ( ମୂର୍ଚ୍ଛିତ ହେବେ )

ପ୍ରତି ମୁଖ ଗୃହୀଲା ଗୁଣି ମୁଖ ପାଇଲା ପାର୍ଶ୍ୱଲା ଚନ୍ଦ୍ର ରଥ ସେ ।
ତାଙ୍କ ଚକବେନି ବର୍ତ୍ତୁଳ ଗୁରୁ ସେନି କପୋଳ-ବିମ୍ବ ବାମ୍ବ ଗୃହୀ ସେ ।
ଗୃପସର୍ଗ । ଧ୍ୱାର ଚେଳରୀ ପଦ୍ମ ଗ୍ରକ । ଫୁଲକା ସୁମଣ୍ଡଣି ହେଲା ।
ଝଞ୍ଜଂସ ଝିଲିମିଲିମାଳୀ ଏପନ୍ତ ଝୁଲ ସେପସେଣ୍ଡ କୋଣାଦ୍ୱାର ସାଜେ ସେ ॥ ୭
ମୋତି-ପୀମନ୍ତ୍ର କଇଜପୁନ୍ତ୍ରୀ ବାହୁଜନ୍ତି ସିନ୍ଦୂର ଚନ୍ଦନ କସ୍ତୁରୀ ।
ଏ ବନରେ ଶୋଭିତ ଶକଟେ କା ବାଜିଙ୍କ ପୁଷ୍ପରେ ଦେଶେ ଶକ ପଦ୍ମ ସେ ।
ଦଣ୍ଡୀକଟ୍ଟୀ । ଶିଖର କଳଶ ସୁଭଟେ । ନାସା-ମୋତି ବେଷ୍ଟନୀ ତୋଳେ ।
ଶୀଳ-ଶୈଳ ତମାଳବନ ଚଞ୍ଚଳସ୍ଥଳ କୁଚ-ମୂର୍ଦ୍ଧାନ୍ଦ୍ର ଚୂଳେ ମିଳେ ସେ ॥ ୮
କୋଦ୍ଦଣ୍ଡ ବାଙ୍କ ବାହୁଲୁଧାର୍ଯ୍ୟ ଦାନବାର ମୋହନୀ ଅଙ୍ଗ ଅଙ୍ଗଭୂଷା ।
ସେ କହିଲା ପ୍ରବେଶ ସଙ୍ଗ ହୋଇ ଅବେଶ ପ୍ରକାଶ କଲା ଏହି ଭାଷା ସେ ।
ଅନୁପମା । କଲ୍ୟାଣୀ ହୋଇ ତୋଷମନ୍ତ । ଯାହା କରୁ ତା ରଚନ୍ତୁ ।
ସାଧବରେ ସନ୍ଦଳେ ସାଧବର ସଜ୍ଜିଲେ ଚନ୍ଦନୋତ୍ସବ ହେଉଁ ମନରେ ॥ ୯

୭—ପ୍ରତି ସେ କହିଲା ପ୍ରତ୍ୟେ ମୁଖକୁ ଗୃହୀଲ, ଗୁଣି ( ଚରଣ ) ମୁଖ ପାଇଲା ପାର୍ଶ୍ୱ ଏ ଚନ୍ଦ୍ରରଥ, ତାଙ୍କ ବେଣି ଚକ ( ଚକ୍ର ) ଏବଂ କପୋଳ ବିମ୍ବ (ଗଣ୍ଡ ମଣ୍ଡଳରେ) ଉର୍ଦ୍ଧ୍ୱର ବାମ୍ବ (ପ୍ରତିବିମ୍ବ) ଗୁରୁକୁ ଗୃହୀ ବର୍ତ୍ତୁଳ ରଥର ଗୁରୁତର ହୋଇ ସଜନାକଲା, ଧ୍ୱାଁ ଗୃପସର୍ଗ ରଥର ଧ୍ୱାଁ ଚେଳରୀ ପଦ୍ମ ସାଜିଲା, ଫୁଲଗୁଡ଼ିକୁ ରଥର ସୁମଣି କରି ହେଉଛି ଝଞ୍ଜଂସ ( ଝିଲିମିଲି ମାଳ ପ୍ରାନ୍ତରେ ଥିବା ଶିରେ ଭୂଷଣ ) ଓ ଝିଲିମିଲି ମାଳ ଏପରି ଝୁଲୁଛି ସେ ସେପରି ( କୋଣଦ୍ୱାର ) ସାଜିଛି ।

୮—ମୋତି କଣ୍ଠିରେ ହୀମନ୍ତି କେଶପୁଞ୍ଜ ( ଚଉଡ଼ା ) ବାହୁଜାଲ, ସିନ୍ଦୂର ଚନ୍ଦନ, କସ୍ତୁରୀ, ବାନାଙ୍କରେ ( ବର୍ଣ୍ଣ ମାନଙ୍କରେ ) ଶୋଭିତ ହୋଇଛି, ବାଜିଙ୍କ ସ୍ତନରେ ( ଅଶ୍ୱଙ୍କ ରୂପେ ) ଶକଟରେ ( ରଥଦ୍ୱାର ) ରଥ ଚାକ ହୋଇ ପଦ ଦାଣ୍ଡୁଛି ( ସୁଭଟେ ) ( ସୁନ୍ଦର ରୂପେ ) ଦଣ୍ଡୀକଟ୍ଟୀ ରଥର ଶିଖର କଳଶ, ନାସା ମୋତି ବେଷ୍ଟନୀ ନଥନି, ତାକୁ ତୋଳରେ ସେନି ଚନ୍ଦ୍ର ରଥରେ ବସିଛି, ନୀଳଶୈଳ ( ନୀଳ ପର୍ବତ ) ତମାଳବନ, ଚଞ୍ଚଳ ସ୍ଥଳ, କୁଚ ମୂର୍ଦ୍ଧାନ୍ଦ୍ର ( କନ୍ଦର୍ପ ପର୍ବତ ) ତାହାର ଚୂଳରେ ଚନ୍ଦ୍ରରଥ ଅଛି ମିଳଇ କି ( ସ୍ତନ ଉପରେ ମୁଖ ଶୋଭା ) ।

୯—ସେ କୋଦଣ୍ଡଧାରୀ (ପଦ୍ମଲୋଚନା) ଦାନବାର ମୋହନୀ (ଦେବ ମୋହନୀ)ର ଅଙ୍ଗଭୂଷା ମାନ ଦାନ ହେଲା ନାହିଁ, ସେ କହିଲା ପାଖରେ ପ୍ରବେଶ କରି "ସଙ୍ଗହୋଇ ଅବେଶ (ବସିଲ) ?" ଏହି ଭାଷା ପ୍ରକାଶ କରି କହୁଛି—ହେ ଅନୁପମା ! କଲ୍ୟାଣୀ ( ମଙ୍ଗଳୀ ) ତୋତାରେ କରାଇ ମନ ହୋଇ ତା ( ସୁନ୍ଦର ସଙ୍ଗେ ତୋହରେ ସାକ୍ଷାତ କରିବାକୁ ଯାହାକର ) ରଚନା

ଭ୍ରମରେ ସରିତରେ ନାବରେ ସଦୃଶରେ ଆନ ସେ କୁସୁମକୁ ନାହିଁ ।
ଜଗଜ୍ଜନ-ମୋହନ ରୂପେ ମିଳି ବହନ ବିହାର କରିବେ ଯେ ତହିଁ ସେ ।
ଅନୁପମା । ସଖୀ ସହିତ ହୋଇଥିବେ । ନୟନ-ଦୁଃଖକୁ ମଣ୍ଟିବେ ।
ତୋ ଯିବାର ଇଚ୍ଛନ୍ତି ମୋତେ ପେଷିଅଛନ୍ତି ମୋ ସଙ୍ଗେ ବେଗେ ଚଳ ଏବେ ॥ ୧୦

ଏମନ୍ତ କହୁଁ କହୁଁ ସମସ୍ତେ ଶୁଣୁଁ ଶୁଣୁଁ ହୋଇନ୍ତ କପଟ ସୁରଙ୍ଗେ ।
ପଠ ବନ ଗଗନ ପଞ୍ଚ ପୀଠ ଜଗତ-ଶୋଭନୀ ତନି ସଖୀ ସଙ୍ଗେ ସେ ।
ପ୍ରତିବିମ୍ବିତ । ଅଧିକା ଶୋଭା ଦେଖ ପର । ମଣ୍ଡିଅଛନ୍ତି ସେହି ପୁରୀ ।
ଜଗଯୋଷୀ ତହିଁରେ କୃପାସୁ ଛଳାଦରେ ବିହାରେ ଦେଖିବେ ସେ ନାରୀ ॥ ୧୧

---

କରନ୍ତି । ଯେଉଁପରି ମାଧବରେ (ବୈଶାଖ ମାସରେ) ସଳିଳେ (ଜଳରେ) ମାଧବଙ୍କର ( ମଦନ ମୋହନଙ୍କର ) ସଲୀଳେ ( ଲୀଳାପର ) ଉତ୍ତେନାମୃତ ହୁଏ ।

୧୦—ହେ ସୁନ୍ଦରୀ । ଭ୍ରମ, ସରିତରେ ( ନଦୀରେ ) ନାବରେ ( ନୌକାରେ ) ସେ କୁସୁମ ( ଉତ୍ତେନାମୃତ ) ହୁଏ, ସେ କୁସୁମକୁ ଆନ ( ଅନ୍ୟ କୁସୁମ ) ସରି ( ସମାନ ) ତ ନାହିଁ, ସେହିପରି ଭ୍ରମରେ ( ପ୍ରେମରେ ) ସରିତ ନା—ବରେ ( ସେ ବରକୁ ନାହିଁ, ) ସେ ମିଳନୋତ୍ସବ ପରି ଆଉ ଉତ୍ସବ ନାହିଁ । ହେ ଅନୁପମା ! (ଉତ୍ତେନୋତ୍ସବରେ) ବିଷ୍ଣୁ ଜଗଜ୍ଜନ ମୋହନ ରୂପରେ ବହନ ମିଳି ନୌକା ବିହାର କରନ୍ତି, ସଖୀ ( ରାଧା ) ସହିତ ହୋଇଥାନ୍ତି, ଏବଂ ଲୋକମାନଙ୍କର ନୟନ ଦୁଃଖକୁ ମଣ୍ଟନ୍ତି, ମିଳନୋତ୍ସବରେ ରାଜପୁତ୍ର ଜଗଜ୍ଜନ ମୋହନ ରୂପେ ବହନ ମିଳି ବିହାର କରିବେ, ସଖୀମାନଙ୍କ ସହିତ ହୋଇଥିବେ ସମସ୍ତଙ୍କର, ଲୋକେଙ୍କଠାଃ ତୋହର ନୟନ ଦୁଃଖକୁ ମଣ୍ଟିବେ, ଅତଏବ ମାଙ୍ଗଳ୍ୟା ତୋ ଯିବା ଇଚ୍ଛା କରନ୍ତି ମୋତେ ପେଷିଛନ୍ତି, ମୋ ସଙ୍ଗରେ ଏବେ ବେଗେ ଚଳ ।

୧୧—ଏମନ୍ତ କହୁ କହୁ ସମସ୍ତେ ଶୁଣୁଁ ଶୁଣୁଁ ସୁରଙ୍ଗେ କପଟ କପଟ ହେଲା ଯେ ମାଙ୍ଗଳ୍ୟାଙ୍କ ପଠବନ ଗଗନ ( ଅଟ୍ଟାଳିକା )ର ମଞ୍ଚପୀଠ [ଆସନ] ରେ ଜଗତ ଶୋଭନୀ ( ଜଗତ୍ସୁନ୍ଦରୀ ) ରାଜଜେମା ତିନିସଖୀଙ୍କ ସହ ପ୍ରତିବିମ୍ବିତା ହେଲେ । ସେ ନାରୀମାନେ ଅଧିକ ଶୋଭା ଦେଖି ପର ଅର୍ଥାତ୍ ସ୍ୱପ୍ନ ଦେଖିବା ପରି ଦେଖିଲେ ଜଗଯୋଷୀ କୃପାସୁ ଛଳାଦରେ ସେହି ପୁରୀ ମଣ୍ଡି ଅଛନ୍ତି ଏବଂ ତହିଁରେ ବିହାର କରୁ ଅଛନ୍ତି ।

କିଂଭୂତ ଅଦଭୁତ ଦୃଶ୍ୟ କଲ ସମ୍ଭୃତ ମାୟା ଭୂତ-କବାଟ୍ୟ-ଜାତା ।
ନୃପ-ସୁତ ସହିତ ମନ୍ତ୍ରୀ-ଙ୍କ ପୁତ୍ରସହିତ-ସୁତ ବିମାନେ କଲ ସ୍ଥିତା ସେ ।
କପଟରେ । ସେ ବନେ କଲ ପରବେଶ । ଜନ ଯଥା ମାଦକ ବଶ ।
ସ୍ୱପ୍ନରେ ଥିଲ ଯୋଡ଼ା ଯୋଡ଼ାଙ୍କ ବେଢ଼ାଇଲା ବୋଇଲ ସେ ଏମନ୍ତ ଭାଷ ॥ ୧୨
ହୈମବତୀ ରେବତୀ ବଧୂଙ୍କ ପ୍ରିୟବତୀ ଶଚୀ ସଞ୍ଚିତ ଏକମୂର୍ତ୍ତି ।
ଏ କାନନେ ଯୁବତୀ ଅଛି ବୟସ ବତଶାର୍ଦ୍ଧିଲୁ ଊଣାପଣ ମନ୍ତ ଚେ ।
ନୃପ-ସୁତ । ଶିବପ୍ରମୋଦ-କାନ୍ତି-ସ୍ଥାନୀ । ସେ ରାମ-ନୟନ-ଶୋଭନୀ ।
ହରି ଅନନ୍ଦ-ଦାନୀ ମଧ୍ୟ ଗୁଣୀ-ନିଧାନୀ ବାରେବ ହର ଏହା ଯେତେ ସେହ ॥ ୧୩
ଏହି ସମୟ ମୟ-ମାୟା ଭୂପାପୁ ପ୍ରାପ୍ୟ ମିଳାଇ ହୋଇଲା ବିମାନ ।
ଅଟବୀ ଅସ୍ତନିଧି-ଚ୍ଛନ୍ନା ନଗ-ନିଧି ସନ୍ନିଧି ସେ ଭାବିଲେ ମନ ସେ ।

---

୧୨—ଟେତେଣି ଭୂତ ଜବାଟ୍ୟର ଜାତା ଅଦ୍ଭୁତ ଦୃଶ୍ୟଙ୍କ ଭୂତ ମାୟା ସମ୍ଭୃତ (କାଠ) କଲ ସେ, ନୃପସୁତଙ୍କୁ ମନ୍ତ୍ରୀଜ (ମନ୍ତ୍ରୀପୁତ୍ର) ଓ ସୁତସହିତ ପୁତ୍ର ସହ ବିମାନରେ ସ୍ଥିତ କରାଇ ଗତେଲ ସେହି ବନରେ ପ୍ରବେଶ କରାଇଲା । ଜନ ମାଦକଦ୍ରବ୍ୟରେ ବଶ ହେଲ୍ପରି ସେମାନେ ଭ୍ରମ ହେଲେ । ସ୍ୱପ୍ନରେ ଥିଲ ସେଠାଁ ଯୋଡ଼ା ଯୋଡ଼ାଙ୍କ ତାଙ୍କୁ ଅଣି ମଧ୍ୟ ବେଢ଼ାଇଲା ସେ ଯୋଡ଼ା ଏମନ୍ତ ଭାଷା କହିଲ ।
୧୩—ହୈମବତୀ (ପାର୍ବତୀ) ରେବତୀ, ବଧୂଙ୍କପ୍ରିୟବତୀ (ରୋହିଣୀ) ଏବଂ ଶଚୀ ଏମାନଙ୍କ ଶୋଭା ସଞ୍ଚିତ ହୋଇ ଏକମୂର୍ତ୍ତି ହେଲାପରି ଏ କାନନରେ ଗୋଟିଏ ଯୁବତୀ ଅଛି; ତାହାର ବୟସ ବତଶାର୍ଦ୍ଧିଲୁ (ଷୋଳଲୁ) ଊଣା ହେଲାପରି ମନରେ ଅନୁମାନ ହେଉଛି । ହେ ରାଜପୁତ୍ର ! ହୈମବତୀ ଶିବଙ୍କର ପ୍ରମୋଦକାନ୍ତିସ୍ଥାନୀ, ଏ ସୁନ୍ଦରୀ ଶିବ (ମଙ୍ଗଳ) ଓ ପ୍ରମୋଦର କାନ୍ତିସ୍ଥାନୀ । ରେବତୀ ରାମ (ବଳରାମ) ଙ୍କର ନୟନ ଶୋଭନୀ, ଏ ସୁନ୍ଦରୀ ରାମନୟନଶୋଭନୀ (ମୃଗନୟନୀ) ରୋହିଣୀ ଓ ଶଚୀ ହରି (ଚନ୍ଦ୍ର ଓ ଇନ୍ଦ୍ରଙ୍କର) ଆନନ୍ଦଦାୟିନୀ, ତୁମ୍ଭେ ହରି (ସିଂହ ପୁରୁଷସିଂହ) ଏ ସୁନ୍ଦରୀ ତୁମ୍ଭର ଆନନ୍ଦ ଦାନୀ ହେବ, ଅତଏବ ଏହା ବାରେବ ହର (ବରୁର) ମଧ୍ୟେ (ମଧ୍ୟପୁରସ୍ଥିବାରେ) ଗୁଣନିଧାନୀ ଏ ସୁନ୍ଦରୀ ଯେବେ ତୁମ୍ଭେ ଶିବ (ମଙ୍ଗଳ) ଯୁକ୍ତ ହେବ, ରାମ (ସୁନ୍ଦରୀ) ହରି (ଚନ୍ଦ୍ର) ପରି ଦୀପ୍ତିମନ୍ତହେବ, ଓ ହରି (ଇନ୍ଦ୍ର) ପରି ସ୍ୱର୍ଗସମ୍ପଦ ଭୋଗ କରିବ ।
୧୪—ଏହି ସମୟରେ ମୟାସୁରର ମାୟାକୃପାଦ୍ୱାରା ରାଜପୁତ୍ରର ବିମାନ ମିଳାଇ ହେଲା, ହଜମୁକ ରତ୍ନନିଧି ସୁନ୍ଦରୀର ସନ୍ନିଧି ସେଠାଁ ଦେଖି ଭାବିଲେ ଏ ଅଟବୀ

ରାଜସୂୟରେ । ଇନ୍ଦ୍ରଜାଲିକ ବୁଦ୍ଧି ବଳେ । ଅର୍ଜନେ ଅଣି ଯାହା ଛଳେ ।
ଚମତ୍କାର ପ୍ରକାର ଦେଖାଇ କି ଅକାର କାରଣ କାରକ ଏ ତୋଳେ ସେ ॥ ୧୪
ଏ ନୋହୁଛି ନୋହିବ ଏ ଜଗତେ ବହିବ ସମ୍ଭାବ ଶଙ୍କର ଲୋଚନ ।
ଏହି ମୁନି ମନ୍ତ୍ର କରିଅଛି ଅନ୍ତର ଗତର ମାତର ଭାବନା ସେ ।
ଅନୁପମା । ହୃଦରେ ଅଧର ଭିଡ଼ୁଣି । କିଏ ସେ ଭୂପତି-ନନ୍ଦନ ।
ରାମା-ବଦନ ରମ୍ୟ ଯତନରେ ପଡ଼ିଲା ଟିସ କାଳେ କୁମାର ନୟନ ସେ ॥ ୧୫
ଖାଲେକ ଧନଦା-ତଳେ ତଳେ କାନ୍ତି ଚମ୍ପିଲେ ସ୍ନାନ କି ଶମ୍ପା ସମାପନ୍ତି ।
ଝଟକ କରୁଥାଇ ଝଟିତ ମିଞ୍ଚିଯାଇ ଅକ୍ଷି ଭୁଲି ହୋଇ ଯାଉଛି ସେ ।
ଅନୁପମା । ଶରଦପ୍ରଭା ପୁଣି ସହଜେ । ଅଧିକ ପୂର୍ବରୁ ସେ ଭଜେ ।
ଭଗ-ଈଶ୍ୱର ସୁରଙ୍ଗ ହୋଇ ପାଞ୍ଚୋଉ ଉପମା ହେବ ଏ ଆଶ୍ଚର୍ଯ୍ୟ ସେ ॥ ୧୬

---

(ଅରଣୀ)ର ଅଗ୍ନିକି ପ୍ରଭୃତି ରାଜସୂୟଠାରେ ଇନ୍ଦ୍ରଜାଲିକ (ବାଜିକର) ବୁଦ୍ଧିବଳେ-ବାଜିକର ଉପାର୍ଜନ ପାଇଁ ଚମତ୍କାର କଥାମାନ ଦେଖାଇଲା ପରି ଏ ଯାହା ଛଳରେ ଅର୍ଜୁନ ଅଣି କି ଚମତ୍କାର ପ୍ରକାର ଅକାର (ରୂପ) କୁ କାରଣ କାରକ (ହେତୁକାରକ) ରୂପେ ଦେଖାଇଲା ।

୧୫—ଏ ଦେବତାନ ବସ୍ତୁଙ୍କର ବର୍ତ୍ତମାନ ଅବସ୍ଥାନରେ ଏପରି ଜଗତ ହୋଇ ନାହିଁ ଆଉ ସମ୍ଭାବହେଲେ ମଧ୍ୟ (ଅବତାର ହେଲେବି) ହେବନାହିଁ, ଅତଏବ ଅନ୍ତର୍ଗତରେ ଏହିମାନ ଭାବନା ହେଉଛି—ଏହି ମୁନି ମନ୍ତ୍ର-କରନ୍ତି । ଏହି ସମୟରେ କୁମାରଙ୍କୁ ଦେଖି ଅନୁପମା ରାଜକନ୍ୟା ହୃଦୟରେ ଅଧର ଭିଡ଼ୁଣି (ଦନ୍ତଚାପ) ଧରିଲା, ଭାବିଲା କିଏ ଭୂପତିନନ୍ଦନ ଏହାକି ? ସେ କାଳେକି ରାମାବଦନ ରମ୍ୟରେ (ଶୋଭାରେ) କୁମାର ନୟନ ଦୃଷ୍ଟିରେ ପଡ଼ିଲା ।

୧୬—କୁମାର ଖାଲେକ, ଧନଦାତଳେ (କୈଳାସପର୍ବତରେ) ଶମ୍ପା (ବିଜୁଳି) ସ୍ନାନ ସମାପିଛି, ଏବଂ କାନ୍ତି କାନ୍ତି (ଅଳ୍ପଅଳ୍ପ) ଚମ୍ପିଲେ ଚଳୁଛି କି ? ଅତଏବ ଝଟକ କରୁଥାଉଛି, ସେ ଝଟିତ ଅକ୍ଷିରେ ମିଞ୍ଚି ଯିବାରୁ ଅକ୍ଷି ଭୁଲି ହୋଇ ଯାଉଛି । ଏ ଅନୁପମା ସୁନ୍ଦରୀ ଶରତପ୍ରଭା, କିନ୍ତୁ ବିଜୁଳି ଅଚିରପ୍ରଭା, ଅତଏବ ସହଜେ ସେ ପୂର୍ବରୁ ଉପମାରେ ଅଧିକ ହେଉଛି । ଭବିଷ୍ୟତ ଭଗ ଈଶ୍ୱର (ଦେବଶଙ୍କର) ଏ ଆଶ୍ଚର୍ଯ୍ୟରୂପ ଦର୍ଶନରେ ସୁରଙ୍ଗ ହେବ, ଏବଂ ଏହାକୁ ଲକ୍ଷ୍ୟ ହେବା ଉପମାମାନ ପାଞ୍ଚୋଉ ନିବ ।

ସେ ନଗଶ ଜାତ ଜାତରୂପ୍ୟ ସର ଉଦରେ ମୋ ଚିତ୍ତ-ହଂସ ବଶ ହୋଇ ।
ସ୍ୱର୍ଣ୍ଣ-ସାରସ ରସ ମୂର୍ତ୍ତି ସୁବାସ-ବାସ ମତ୍ତ ରୋଲମ୍ବ ଭ୍ରମ୍ମ ହୋଇ ସେ ।
ଚକ୍ରସ୍ତନ । ଲୁଣ୍ଠି ଜଟେ ଶୈବାଳ ଘେନ । ପୁଣି ତରଙ୍ଗ ରଙ୍ଗସ୍ଥାନୀ ।
ମୁଖ ଚିବୁକ-ଚିତା ସ୍ତନ ଶାଳ-ଶୈଳତା ଅଙ୍ଗଭଙ୍ଗ ଏ ଅନୁମାନି ସେ । ୧୭

ଯାମିନୀଶ ଭାମିନୀ ଅବନୀରେ ଏ ଘେନ ପାର୍ବତୀ ବନୀ ଗୁଣ ଧରେ ।
ମୁଁ ହେବି ପରି କାହିଁ ନାରିକେଳ ଗୁଚ୍ଛୁଟୀ ଲୁବ୍ଧରେ କୁଚ କଳ୍ପି ଉରେ ସେ ।
ହେଲେ ଶ୍ରୀ । ଶୋଭନାହିଁ ଏ ସେବା ଦେବ । ସୁ-ପତ୍ର ଲେଖା ଲେଖାଇବ ।
ପ୍ରଶଂସି ପୁନଃପୁନଃ ଅନୁଗ୍ରହାଲିଙ୍ଗନ ଦେଇଁ ତାଙ୍କ ପଦାନ୍ତ ହେବ ସେ । ୧୮

ମଦନ କହେ ଏ ଦେବସ୍ତ୍ରୀ ମୋତେ କି ଦେବ ଘଟ ଜଗତୀ ବ୍ୟାଜ ମେରୁ
ଖେଳାଇ ମନୋରମା ତୋଳା ନୋହି ଉପମା କଷ୍ଟଇ ଚିତ୍ତ ରେଖା ଥିବୁ ସେ ।

---

୧୭—ସେ ନଗେ ( କୈଳାସ ପର୍ବତରେ ) ଏ ଜାତରୂପ୍ୟସର ( ସୁବର୍ଣ୍ଣପୁଷ୍କରିଣୀ ) ଜାତ ହୋଇଛି, ମୋ ଚିତ୍ତ ଉଦରରେ ହଂସପରି ବଶହୁଅଇ, ପୁଷ୍କରିଣୀର ରସ, ( ଜଳ ) ସାରସ ( ପଦ୍ମ )ରେ ପୂର୍ଣ୍ଣ, ଏ ସୁନ୍ଦରୀ ରସ ( ଲାବଣ୍ୟ ବା ଶୃଙ୍ଗାର ରସ ) ରେ ପୂର୍ଣ୍ଣ, ମୁଖ ସ୍ୱର୍ଣ୍ଣସାରସପରି ( ସୁବର୍ଣ୍ଣ ପଦ୍ମପରି ) ସେ ମୁଖ ସୁବାସର ବାସସ୍ଥାନ, ମତ୍ତ ରୋଲମ୍ବ ( ଭ୍ରମର ) ଭ୍ରମି ହେଲାପରି ଚିବୁକରେ ରଞ୍ଜିତ ଭ୍ରମର ଶୋଭାପାଉଛି । ଚକ୍ରବାକସ୍ତନପରି ସ୍ତନଦ୍ୱୟ, ସେ ଲୁଣ୍ଠି ଶୈବାଳ ( ଜଳଶାଳ ) ଘେନି ଜଟିଳ ପରି ଶାଳ ତାଙ୍କ ପୁଣି ପୁଷ୍କରିଣୀ ତରଙ୍ଗର ରଙ୍ଗ ( କ୍ରୀଡ଼ା ) ସ୍ଥାନ ହେଲାପରି ଏ ଅଙ୍ଗଭଙ୍ଗୀର ସ୍ଥାନୀ । ଏ ଉପମା ମାନ ମୁଖ, ଚିବୁକ, ଚିତା, ସ୍ତନ, ଶୈଳର ଶାଳତା ଏବଂ ଅଙ୍ଗଭଙ୍ଗୀରେ ଅନୁମାନ ହେଉଛି ।

୧୮—ଅବନୀରେ ଏ ଘନ ପାର୍ବତୀ ବନୀ ( ସୁନ୍ଦରବନ ) ଗୁଣକୁ ଧରିଅଛି, ଏ ଘେନି ଯାମିନୀଶ (ଚନ୍ଦ୍ର) ଏଠାକୁ ଆସି ଭାମିନୀ ହୋଇ ଅଛନ୍ତି କି ? (ସୁନ୍ଦରବନକୁ ପ୍ରକୃତି ଗଲେ ସ୍ତ୍ରୀ ,ହୋଇ ଯାଏ) । ତେବେ ମୁଁ କାହିଁ ହୋଇ ଜୀବିପାରି ? ମୋହର ଉରେ ( ବକ୍ଷସ୍ଥଳରେ ) ନାରିକେଳ ଗୁଚ୍ଛୁଟୀରେ ଲୁବ୍ଧରେ କୁଚ କଳ୍ପିବ ଏମନ୍ତ ହେଲେ ଶ୍ରୀ ହେବ, ତାହାଙ୍କ ମୋର ଶୋଭା ( ଦୁଃଖ ) ନାହିଁ ଭାବଣୀ ଏ ମୋତେ ସେବା କରିବାକୁ ଦେବ, ମୋ ହାତରେ ସୁପତ୍ର ଲେଖା ( ଉତ୍ତମ ସ୍ତନ ଚିତ୍ରାବଳୀ )-ଲେଖାଇବ ତାହା ଦେଖି ଚାରମ୍ବାର ପ୍ରଶଂସା କରି ଆଲିଙ୍ଗନ ଦେଇଁ ମୋ ତାଙ୍କ (ଦେହ) ପଦାନ୍ତ ହେବ ।

୧୯—ମଦନ କହେ-ଏ ସୁନ୍ଦରୀ ମୋତେ ଭକ୍ତ ( ଦୋଷ ) ଦେବ, କାରଣ ଏ ସ୍ୱର୍ଗର ଦେବସ୍ତ୍ରୀ, ଜଗତୀ ( ଅଟ୍ଟାଳିକା ) ବ୍ୟାଜରେ ଏ ମେରୁ (ସ୍ୱର୍ଗ), ସ୍ୱର୍ଗରେ ମନୋରମାନାମ୍ନୀ ଅପ୍ସରୀ ଅଛି ତାହାର ଉପମା ନାହିଁ

ଗୁପ୍ତ ଭାବ । ପିଧାନେ ରମ୍ଭାଙ୍କର ଶୋଭନ୍ତି । ପାରିଜାତର ଗନ୍ଧବହନ୍ତି ।
ସ୍ୱର୍ଗ ଅନେକ ନେତ୍ରେ ଦେଖୁଅଛୁ ନାରୀକେ ମୁଁ ମିଳେ କି ଭାଗ୍ୟବନ୍ତେ ସେ ॥ ୧୯
ନେତ୍ର ଭୁଜଙ୍ଗ ଦର୍ପିଲ ଗୁରୁଶୀଳା ଆସିଛି ନାଭିପ୍ରଭାମାରୁତେ ଧାଇଣ ।
କୁନ୍ତଳ ଇନ୍ଦ୍ରନୀଳ ଅବନ୍ଧ କି ମଞ୍ଜୁଳ ମୁଖ ମହାପଦ୍ମ ବିକାଶେ ସେ ।
ଗଣ୍ଡରେ । ମକର ଶୋଭା ଶର ଅନ୍ତ । ଇକ୍ଷଣୀ ପଦ୍ମ ପେ ଚଳନ୍ତି ।
ଦନ୍ତ ଶଙ୍ଖ ସୁଦନ୍ତ ମୁକୁନ୍ଦ ମଣ ସଜ ପାଦପର କଚ୍ଛପାକୃତ ସେ ॥ ୨୦
ପାଣି ଧରି ଅଣିମା ବୋଲେ ନାଶେ ଅଣିମା ପାର୍ଶ୍ୱ ନୋହିଲ ହୃଦୟସ୍ଥ ।
ଲଘିମା ଭଜି ତାପ ଯିବ ସୁଖ କଲାପ ପ୍ରକାଶ ବିକାଶ ସର୍ଜିବ ସେ ।
ପ୍ରାପ୍ତି ହୋଇ । ମହିମା ମଣ୍ଡଳେ ବଢ଼ିବ । ଈଷିତାକ୍ଷର ଜନ୍ମିଥିବ ।
ନାରଦ ବଶିତାରେ କାମ ବଶୀଭୂତାରେ ଐଶ୍ୱର୍ଯ୍ୟ ପରସ୍ତେ ହେବ ଶିବ ସେ ॥ ୨୧

---

ଏ ମନୋହରା ସୁନ୍ଦରୀ କୋଳାଇଥିବା କୋଟିକୁ ଉପମା ନାହିଁ ସ୍ୱର୍ଗରେ ଶଶି ରେଖା ନାମ୍ନୀ ଅପ୍ସରା ନାଚନ୍ତି ଏ ଶଶିରେଖା ( ଶଶିରେ ରେଖା ) ତୁଳ୍ୟ ହୁଏ ( ତୁଳନାକୁ ) ନଆସନ୍ତି, ସେଠାରେ ରମ୍ଭା ନାମ୍ନୀ ଅପ୍ସରା ଅଛି ଏ ରମ୍ଭା ( କଦଳୀ ବୃକ୍ଷ ଓ କଦଳ ) ହସ୍ତୀ ଶାବକର ଶୁଣ୍ଢ ସଦୃଶ ଜଙ୍ଘକୁ ବାସ ପିଧାନେ ( ବସ୍ତ୍ରାଚ୍ଛାଦନରେ ) ଗୁପ୍ତ କରନ୍ତି, ପାରିଜାତର ପୁଷ୍ପର ଏହାର ଦେହ ସୁବାସ, ସ୍ୱର୍ଗ ଅନେକ ନେତ୍ରେ ( ଇନ୍ଦ୍ର ) ସୁଖ ଦିଏ ଏ ନାରୀ ରୂପେ ଅନେକ ନେତ୍ରେ ( ଅନେକ ଲୋକ ଚକ୍ଷୁରେ ) ସୁଖ ଦେଉଅଛି, ମୁଁ କି ଭାଗ୍ୟବନ୍ତ ଏଠାରେ ମିଳାଇଲି ।

୨୦—ନେତ୍ର ଭୁଜଙ୍ଗେ ଏପରି ଦର୍ପିଲ-ଗୁରୁଶୀଳା ( ସୁଶୀଳା ) ନାଭିଠୁ ଉଚ୍ଚମା ରୂପେ ପାଣକୁ ଆସିଛି । କୁନ୍ତଳ ( କେଶ ) ଅବନ୍ଧ (ବନ୍ଧାହୋଇ ନ ଥିବା) ଇନ୍ଦ୍ର ନୀଳମଣି ପରି କି ମଞ୍ଜୁଳ ( ମନୋହର ) ମହା ପଦ୍ମପରି ବିକଶିତ ମୁଖ ମହାପଦ୍ମନାଥ, ଗଣ୍ଡରେ ଥିବା ମକର ଶର ମକର ନାଥ ଇକ୍ଷଣୀ ( ନୟନ ) ଅଞ୍ଚଳର ( ଚଞ୍ଚଳ ) ହେଉଛି ଶରନାଥ, ଏବଂ ପଦ୍ମପରି ଚଳୁଥିବାରୁ ପଦ୍ମନାଥ ଦନ୍ତ ଶଙ୍ଖନାଥ ସୁଦନ୍ତ ମୁକୁନ୍ଦନାଥ ଏବଂ କଚ୍ଛପ ଆକୃତି ପାଦ ଉପର କଚ୍ଛପନାଥ ।

୨୧—ପାଣି ( ହାତ ) ଧରି ଅଣିମା ହାତ ନୋହିଲ ଅଣିମା ( ଲଘୁତା ) ପାର୍ଶ୍ୱ ନ ହୋଇ ହୃଦୟସ୍ଥ ଥିବ, ( ଏଥିରେ ମୋର ଅଣିମା ଐଶ୍ୱର୍ଯ୍ୟ ଲାଭହେଲା ) ତାପ ( ସନ୍ତାପ ) ଲଘିମା ( ଲଘୁତା ) କୁ ଭଜିବ, ( ଏଥିରେ ଲଘିମା ଐଶ୍ୱର୍ଯ୍ୟ ) ସୁଖ କଲାପ ( ସୁଖ ସମୂହ ) ପ୍ରକାଶରେ ବିକାଶ ( ଉଲ୍ଲାସ ) ସର୍ଜିବ, ( ଏଥିରେ ପ୍ରକାଶ ଐଶ୍ୱର୍ଯ୍ୟ ) ତାକୁ ପ୍ରାପ୍ତହୋଇ ମୋ ମହିମା ( ଗୌରବ ) ମଣ୍ଡଳରେ ବଢ଼ିବ, ( ଏଥିରେ ମହିମା ଓ ପ୍ରାପ୍ତି ଐଶ୍ୱର୍ଯ୍ୟ ) ଏ ସୁନ୍ଦରୀ ମନପୂରେ ଈଷିତାକ୍ଷର ( ଅଳ୍ପ ଅଳ୍ପ ଆଳାପ ) ଜନ୍ମାଇ ଥିବ,

ଶଙ୍କେ ସେହି ଅଦର ଦକ୍ଷିଣ ଦଶା ହର ହରିଲେ ଏହି ଭେଟାଇଲେ ।
ପୁଣି ଗୁହାଁ ଲ ସେହିମାନେ ରହିଲ ମହାମଣ୍ଡନା ମହିଳା ନିସ୍ତବେ ସେ ।

ଯେବେ ସ୍ୱପ୍ନ । ଦେଖିଲି ମେଢରେ ଅଛି ସେହି । ଚିତ୍ରୁଲା ସେ ଅବଳା ହୋଇ ।
କି ଅଭିରାମ ରାମ ଭର୍ମଶୀତା ଏ ଭ୍ରମ ଏଠାରେ ରହିଲ କାମା ଥୋଇ ସେ । ୨୨
ହରିମାରୁତେ ଦାସନାସ୍ତାବଳୀଶ ଦାସହିତେ ଦାଶରଥି ଶୁନ୍ତିରେ ।
ପ୍ରତିବର୍ଷେ ରହେ ରସିକୁ ବୋଲି ବଦେ ଭାବୀକୁ ବର ଦେଉଥିବେ ସେ ।

ସୁବାଦର । ଯାଜେ ରାମମୂର୍ତ୍ତି ଭାହିଁକି । ଏ କଥା ନ ବୁଝିଲ ଯେ କିଛି ।
ସ୍ୱୋକବାଦ୍ୟା-ବଦୀୟଣ-ବୃନ୍ଦଙ୍କ କଉତୁକ ଭଙ୍ଗ ଲମ୍ପଟ କରୁଛି ସେ । ୨୩
ଗୁହିଁ ବୁଝେଁ ବୁଝିଙ୍କି ମନ ଜେନ ତାହିଁକି ନ ଯାଇ ଉସୁକାଇ ସ୍ନେହ ।
ଅଲୋକିତ ଲୋକିତ ବର୍ଷ ଝଗ ଚକିତ ଚୁକିତ ହୋଇଲେ ଦେହ ସେ ।

---

(ଏହାଦ୍ୱାରା ଇଶିତା ଐଶ୍ୱର୍ଯ୍ୟ) ମୁଁ ନିରନ୍ତ (ସର୍ବଦା) ବଶିତାରେ (ବଶ କରିବା କ୍ଷମତାରେ) ତାକୁ ତାପ ବଶୀଭୂତା (ତାପ କ୍ରୀଡ଼ାରେ ବଶୀଭୂତ) ତାପ ବଶୀଭୂତା ଐଶ୍ୱର୍ଯ୍ୟ ଲଭି କରିବ । ଏହାପରେ ମୁଁ ଅଣିମାଦି (ଅଣିମା ଲଘିମା, ପ୍ରାକାମ୍ୟ ପ୍ରାପ୍ତି, ମହିମା, ଇଶିତା ଓ ବଶିତା ତାପ ବଶୀଭୂତା) ଅଷ୍ଟ ଐଶ୍ୱର୍ଯ୍ୟରେ ତୃପ୍ତ ହୋଇ ଶିବଙ୍କ ପଦ ସେବିବ, (ଶିବ ଏ ଅଷ୍ଟ ଐଶ୍ୱର୍ଯ୍ୟର ଅଧିକାରୀ) ।

୨୨—ଶାମ୍ଭବ ଏହି କଥାକୁ ଅଦରିଲ-ହର ଯେ ଦକ୍ଷିଣଦଶା ହରିଲେ, ଏହି ନବନିଧି ଓ ଅଷ୍ଟ ଐଶ୍ୱର୍ଯ୍ୟକୁ ଭେଟାଇଲେ, ପୁଣି ମହାମଣ୍ଡନା ମହିଳା (କୋଟିବ୍ରହ୍ମାଣ୍ଡ ସୁନ୍ଦରୀ (ସେହିପରି ପୁରୁଷଙ୍କୁ ଗୁହିଁଲ, ଦେଖି ନିସ୍ତବ୍ଧ ହୋଇ ରହିଲ, ପୁରୁଷ କହୁଥିଲ—ମୁଁ ସ୍ୱପ୍ନ ଦେଖିଲି ମେଢରେ (ଅଟ୍ଟାଳିକା ଶିଖର ଅଗ୍ରରେ) ଯେ ଅଛି ସେ ଅବଳା ନୁହେଁ ଗୋଟିଏ ଚିତ୍ରୁଲା । କି ଅଭିରାମ (ସୁନ୍ଦର) ଏ ରାମଚନ୍ଦ୍ରଙ୍କର ଭର୍ମସୀତା (ସୁବର୍ଣ୍ଣ ସୀତା) ତାହାପାଇଁ ଭ୍ରମ ହୋଇ ଏଠାରେ ଥୋଇଛନ୍ତି ।

୨୩—ଦାସ (ଧୀବର) ନିସ୍ତାର କାରୀ ଦାଶରଥି (ରାମଚନ୍ଦ୍ର) ଦାସ ହିତେ (ଭକ୍ତମାନଙ୍କର ମଙ୍ଗଳ ନିମନ୍ତେ) ହରିମାରୁତେ ପ୍ରତିବର୍ଷ ଜନ୍ମଦିନରେ ରସରେ ରସିକୁ ଏହାଙ୍କୁ ଦର୍ଶନ ବୋଲି କେଉଁ ଭକ୍ତକୁ ବର ଦେଉଥିବେ । ପୁଣି ସୁବାଦର ରାଜପୁତ୍ର ପାଇଁକି କେତେ ରାମ ମୂର୍ତ୍ତି କେଉଁଠାରେ ଅଛି ? ଏ କଥା ଜାଣିନୁହେଁ, ସ୍ୱୋକବାଦ୍ୟା ବଦୀୟଣ ବୃନ୍ଦଙ୍କ (ଲୋକବାଦୀ ଜନଙ୍କ ଗୋଷ୍ଠୀ ମାନଙ୍କର) କପଟ କୌତୁକ ଏ, ଦେଖିବା ଲୋକଙ୍କୁ ଲମ୍ପଟ (ଚଞ୍ଚଳ) କରୁଛି ।

୨୪—ବୁଝେଁ ବୁଝିଙ୍କି, ଗୁହିଁଲେ ସେମାନଙ୍କର ମନ ଓ ନେତ୍ର ଆଉ କୁଆଡ଼େ ଗଲାନାହିଁ, କେବଳ ପରସ୍ପରପ୍ରତି ସ୍ନେହ ଉସୁକାଇଲା, ପରସ୍ପରର ଅଲୋ-

ସୁବା ଗୁପା । ହାତେ ହଲଚ କିଛି ରହି । ହାତେ ପଲକ କିଛି ନାହିଁ ।
ନାକେ ଶ୍ୱାସ ରହିଲା ନାକେ ମୋର ତାହାଙ୍କ ମୂର୍ଚ୍ଛା ମୂର୍ଚ୍ଛିତ ହେଲେ ଭାହିଁ ସେ ।୨୩
ପଟ୍ଟ ଲଭ ମଣିଲେ ଫୁଟ ଲଭ ଗୁଣିଲେ ଲେଖା ଏ ଭଲା ଦେଖାଗଲା ।
ଅଜୀବରେ ସଜୀବ ଭଜୁଅଛି ଗୁଣାତ-ଶବଙ୍କୁ ଚିତେଣି ଚାହ ହେଲା ସେ ।
ସୁବାଗୁପା । ଅସ୍ପର୍ଶ ହୋଇଛନ୍ତି ପାଣ୍ଡୁ । ବର୍ଣ୍ଣ ସମବର୍ଣ୍ଣିକ ରୁଚି ।
ପଣ୍ଡିତଙ୍କୁ କି ଢାଳ କି ଢାଳ ଢଳଢଳ ଶଙ୍ଖ ଢଳ ଢଳ ଥିବ ଖଣ୍ଡ ସେ । ୨୪
ଶୁଣିଥିବା ସଦୃଶ ପର ଦେଖୁଛି ଦୃଶ ଅଦୃଶ ନାହିଁ ସଂସାରେ ।
ମୁହୂର୍ତ୍ତକୁ ଲୋଚନ ଧରଣି ଧରଣି ମୋଚନ କରଇ ସନ୍ତାପ ବଢ଼ିଲ ସେ ।
ସୁବାଗୁପା । ଭାବନ୍ତି ଅଭ ଇନ୍ଦ୍ରଜାଲ । କ୍ଷଣିକେ ଭୁ ଏ ଚିଣ୍ଟମେଳ ।
ସ୍ୱପନ କି ବାସ୍ତବେ ସାକ୍ଷାତ ପରତ୍ୟେ ଦେଖିବ ନୟନେ ଅନୁକର୍ଣ୍ଣ ସେ । ୨୫

—କାଠ ( ଶୋଭା ) ଲେଖାଠ ବସ୍ତୁ (ଦେଖିବା ହେତୁ) ଚକିତଙ୍କୁ ବଳାଇଲେ ସେମାନଙ୍କର ଦେହ ସ୍ତମ୍ଭିତ ହୋଇଗଲା । ସେ ସୁବା ଓ ଗୁପା [ ସୁବର୍ତ୍ତୀ ] ଦୁହିଁଙ୍କର ହାତରେ କିଛି ହଲଚଲ ରହିଲା, ତାମ୍ଭ । ସେମାନଙ୍କର ପ୍ରଳୟ କିଛିମାତ୍ର ପଡୁନାହିଁ । କେବଳ ନାସାରେ ନିଶ୍ୱାସମାତ୍ର ରହିଲା ନାକରନ୍ଧ୍ରବାଟେ ମାତ୍ର ତାହାଙ୍କ ( କୌତୁକର ) ମୂର୍ଚ୍ଛାରେ ମୂର୍ଚ୍ଛିତ ହେବା ଭାବ ଭାହିଁ ଗଲା (ଅର୍ଥାତ ମୂର୍ଚ୍ଛିତ ନ ହୋଇ) କେତେକ୍ଷଣି ଚେତନା ପାଇଲେ ।
୨୪—ଚେତନା ପାଇ ଫୁଟକର ମନରେ ଗୁଣିଲେ, ପଟସ୍ଥିତ ଚିତ୍ରଙ୍କୁ ଚିତ୍ରକୁଟ ଲଭ ମଣିଲେ—ଏ କାହାର ଲେଖାଗଲା ସେ ଦେଖାଗଲା । ଏ ଚିତ୍ରରେ ଭରପୂର ସଜୀବ ଶବଙ୍କୁ ପଦ୍ମଶବଙ୍କୁ—ପଦ୍ମଫଳର ସମ୍ପାଦନ ଗୁଣକୁ ] ଦେଇ ଅଜୀବ ପ୍ରତିମାରେ ସଜୀବଲ ଭ୍ରମ କରୁଛି ଏ କଥା ଚିତ୍ର [ ଚାହାନ୍ତି] ହେଲା । ସୁବା ଗୁପା ଦୁହେଁ ଏପ୍ରକାର ଭାବ ଅସ୍ପର୍ଶ ହୋଇଅଛନ୍ତି ଏବଂ ସେ ଦୁହିଁଙ୍କର ବର୍ଣ୍ଣିକ [ ଦେହରଙ୍ଗ ] ଓ ରୁଚି ( ଶରୀରକାନ୍ତି ) ବର୍ଣ୍ଣସମ ( ସାଧାରଣଲୋକର ଦେହ ବର୍ଣ୍ଣ ସଦୃଶ ସମାନ ) ହୋଇଛନ୍ତି ସେ ଯମପୁରର ଦେବବର୍ଣ୍ଣୀ ଦଶା ଦୁହିଁଙ୍କ ଗୌର ବର୍ଣ୍ଣକୁ ଢାଙ୍କିଲା କଳା ଭଳି ଦେଖାଯାଇ ଅନୁମାନ ହେଲା ଚିତ୍ରକାର ଚାହ କରି ସାର ଢାଳ ( କଳା ) ଢଳଢଳ, ଶଙ୍ଖ ଓ ହେଙ୍ଗୁଳ ସମ୍ପୁ ରଖିଥିଲା କି ? ତାହିଁରୁ ଢାଳି କାପଡ଼ ଚାହ କପଟରେ ପକାଇଲା କି ?
୨୫—ଶୁଣିଥିବା ସଦୃଶ ( ଅନୁରୂପ ) ମୂର୍ତ୍ତୀମାନ ଦୃଶ୍ୟ ଦେଖୁଛି [ ଦେଖାଯାଉଛି ] କିନ୍ତୁ ଅଦୃଶ୍ୟ ମୂର୍ତ୍ତିଲ ସଂସାରରେ ନାହିଁ । ମୁହୂର୍ତ୍ତକୁ ଲୋଚନ ସନ୍ତାପଙ୍କୁ ଧରେଇ [ ପ୍ରତିମାଗଣଙ୍କୁ ବାସ୍ତବ ଦର୍ଶନରେ ] ମୋଚନ କରଇ । ସୁବା ଓ ଗୁପା ଅଭ ଭାବନ୍ତି—ଏ ଇନ୍ଦ୍ରଜାଲ ମାୟା, ପୁଣି କ୍ଷଣକେ ଏ ଚିତ୍ରର ମେଳଣ୍ଡଏ - ଏ ଚିତ୍ର ପ୍ରତିମା, ସାକ୍ଷାତ ପ୍ରତ୍ୟକ୍ଷ ଦେଖାଯିବ (ଦେଖାଯିବାକୁ)

ଯେ ସର୍ବଭୂତପତି ଭାଜ୍ଜି ଭଜ ବପତି ନପାତ ନୋହୁବ କାହିଁରି ।
ମେଘ-ଉପଳ ଶୀତକାନ୍ତିରେ ବାସ୍ତବ ଜ୍ଞାନ ପ୍ରସର ଗଲା ଧାସ୍ତି ସେ ।
ସୁବାସ୍ତମା ! କୁମାର ସ୍ୱରେ ଏ କୁମାରୀ ! ଜେମା ଜାଣେ ନୃପଜ କରି ।
ଗଲା ସନ୍ଦେହ ଦେହବନ୍ତ ଏ ଜଳି ସ୍ନେହ ବଦେହ-ବଢାଇ ଦହିଲା ସେ ॥ ୨୭
ମନାସି ଜଗଦୀଶ ଦିଗବାସେ ଅଶେଷ ଶ୍ଳୋକକୁ ଅତ୍ୟନ୍ତ ପ୍ରମୋଦେ ।
ଯାହା ବଚନ ରସ କବିବାଣୀରେ ଶେଷ ନୋହେ ସେ ଦେବ ଚିନ୍ତି ହୃଦେ ସେ ।
ସୁମନା ଏ ! ପାଅ ଏ ସୁନ୍ଦର ବାସ୍ତୁର ! ନୁହଇ ଅନର ପ୍ରକାର ।
କହେ ଉପେନ୍ଦ୍ରଭଞ୍ଜ ଉତ୍ତମକବି ପୁଞ୍ଜ ଦୁର୍ଲଭ ମାର୍ଗେ ମୋ ସଞ୍ଚାର ସେ । ୨୮

---

# ଚତୁର୍ଦ୍ଦଶ ଛାନ୍ଦ

ରାଗ—ଘଣ୍ଟାରବ

ଯେ- ଷି ପିକସ୍ୱନା ଶୋଭା । ମଞ୍ଜୁ ବନ୍ଧୁଜିତପ୍ରଭା ।
ବାର ବିମ୍ବବଳ ମୋହନୀ ଏ ବେନି ସୁଧାକୁମ୍ଭ ଯେନ ଭଞ୍ଜ । ୧

---

ସ୍ତମ୍ଭ ହୋଇ ଶରୀରରୁ ନାହିଁ । ଅନୁମାନ କରନ୍ତି ଈଶ୍ୱର ଅସ୍ୱର (ଶିବ ଓ ବିଷ୍ଣୁ) ଅନୁକୂଳ ହେଉବ ।

୨୭—ଯେ ସର୍ବ ଭୂତ ପତି (ତ୍ରିପୁରାନ୍ତକ—ଶିବ) ଏବଂ ଯେ ସର୍ବ ଭୂତପତି (ସମସ୍ତ ଜୀବ ମାନଙ୍କର ପାଳକ କର୍ତ୍ତା—ବିଷ୍ଣୁ) ଭାଜ୍ଜି ଭଜ ବପତିଙ୍କୁ କାହିଁରି ନପାତ (ବିନାଶ କରୁ) ନୋହୁବ । ମେଘ ଉପଳ (କୁଆପଥର) ଶିତ (ଶୁଭ୍ର) କାନ୍ତିରେ ବାସ୍ତବିକ ହୋଇ ଢଳିଲା ସବୁ ଜ୍ୱାଳ ବହ୍ନି, ମୂର୍ଚ୍ଛା ନଷ୍ଟହୋଇ ଜ୍ଞାନ ପ୍ରସରିଲା, ତାହାଁ ସୁବା ଓ ସ୍ୱମାଧାସ୍ତି ଲେ—କୁମାର ଏ କୁମାରୀ ବୋଲି ଜାଣିଲା, ଜେମା ନୃପଜ (ରାଜପୁତ୍ର) ବୋଲି ଜାଣିଲା । ଏ ଦେହବନ୍ତ (ମନୁଷ୍ୟ) ଏହା ଉଭୟେ ଭୂତି ପାରିବାରୁ ସନ୍ଦେହ ଗଲା ପରସ୍ପର ପ୍ରତି ସ୍ନେହ ଜଳି ବଦେହ (କାମ) ବଢାଇ ଦହିଲା ।

୨୮—ଜଗଦୀଶ ଦିଗ୍ବାସ (ଦିଗମ୍ବର—ମହାଦେବ) ଙ୍କୁ ଅତ୍ୟନ୍ତ ପ୍ରମୋଦରେ ଅଶେଷଶ୍ଳୋକକୁ ମନାସିଲେ । ଯାହାଙ୍କର ବଚନ ରସମାନ କବିବାଣୀରେ ମଧ୍ୟ ଶେଷ ହେବ ନାହିଁ ସେହି ଦେବ (ରାମଚନ୍ଦ୍ର) ଉପେନ୍ଦ୍ର ଭଞ୍ଜ ହୃଦୟରେ ଚିନ୍ତା କରି କହନ୍ତି—ସେ ପ୍ରଭୁଙ୍କ ଦୟାରୁ ଉତ୍ତମ କବିପୁଞ୍ଜ (କବିମାନଙ୍କର) ଦୁର୍ଲଭ ଯେ ମାର୍ଗ ତହିଁରେ ମୋର ସଞ୍ଚାର ହୋଇଅଛି । ହେ ସୁମନାଏ (ପଣ୍ଡିତମାନେ) ଏ ସୁନ୍ଦର ବାସ୍ତୁରକୁ ପାଅ ଏହା ଅନ୍ୟପ୍ରକାର ନହେ ।

ଅସ୍ତର୍ଯ୍ୟ ଦାଇବାମାସ୍ତୁ । ଅଶେଷ ଲାବଣ୍ୟ କାୟା ।
ବନ୍ଧୁଜୀ କରି ମୁଁ କପଟ ଲଭିବ ଶିବେ କରି ନାହିଁ ଦୟା ॥ ୨
ଦୁର୍ଲ୍ଲଭ ଏହାକୁ କହୁ । ହରଷ ସ୍ୱରୂପ ଏହୁ ।
ଦେଖିଲ ଲେଖିଲ ଲୋକେ ବାକେ ଉପମା ଦେବାକୁ ନାହିଁ । ୩
ଗର୍ବ୍ବ ଶିରୀ ବରଜିତ । ତନୁରେ ମାତ୍ର ଅମୃତ ।
ପଞ୍ଚବାଣକୁ କୃତାର୍ଥ କରିବା କାମୁକ କରି ଲକ୍ଷିତ ॥ ୪
ପାନକଳ ଦୂର ଭୁଗଣ୍ଡେ । ଯହିଁ ଦିଶୁଅଛି ଗଣ୍ଡେ ।
ଜବା କୁସୁମ ପ୍ରତିବିମ୍ବି ଅଛି କି ନିର୍ମଳ ମୁକୁରଖଣ୍ଡେ ॥ ୫
ହରିତାଳ କାଳ ରେଖା । ଭୁଜ ପଦେ କି ଶୋଭିତା ।
ସୁବର୍ଣ୍ଣଭୂମିରେ ଅଙ୍କୁର ଅଛି କି ମରକତ ମିଶ୍ରା ଲତା । ୬

---

୧—ମଞ୍ଜୁ ବୟସ୍କାର ପ୍ରଭା (ଯାହାର ଦେହ ଶୋଭା ମନୋହର ବାଳିକା ଶୋଭାକୁ ଜଣିଛି) ଓ ପୀନସ୍ତନ ( ସ୍ଥୂଳସ୍ତନ ) ସୁନ୍ଦରୀର ସ୍ତନଶୋଭା ଦେଖି ବୀର ସୁନ୍ଦର ମନରେ ବିଚାରିଲା, ( କିନ୍ତୁ ମୋହିନୀ ରୂପ ଧରି ଅମୃତ କୁମ୍ଭ ନେଇ ଦେବତାମାନଙ୍କୁ ଅମୃତ ପରଷି ଥିଲେ ) ଏ ମୋହିନୀ ସେହିପରି ସୁଧାକୁମ୍ଭ ନେଇ ଜନ୍ମ ହୋଇଛି କି ?

୨—ଦୈବାମାସ୍ତୁ ଅସ୍ତର୍ଯ ଏ ଅଶେଷ ଲାବଣ୍ୟ କାୟା ( ଲାବଣ୍ୟ ମୂର୍ତ୍ତି ) କୁ ମୁଁ କପଟ ବନ୍ଧୁଜୀ (ସ୍ତ୍ରୀ) ରୂପେ ଲଭିବି, ମୋହିନୀ ତ ଶିବଙ୍କୁ ଦୟା କରି ନାହିଁ ଏ ମୋତେ ଦୟା କରିବ କି ନାହିଁ କେ ଜାଣେ ।

୩—ଜଗତରେ ଏହାକୁ ଏକା ଦୁର୍ଲ୍ଲଭ କହନ୍ତି, ଏହୁ ମଧ୍ୟ ହର୍ଷସ୍ୱରୂପ, ଆଖିରେ ଦେଖିଲ ଓ ଲେଖି ରଖିଲ, ଏହାକୁ ବାକ୍ୟରେ ଉପମା ଦେବାକୁ ନାହିଁ ।

୪—ତନୁରେ ( ଦେହରେ ) ଗର୍ବ୍ବ ଶିରୀ ବା କିଛି ନାହିଁ, ଏବଂ ଦେହର ମାତ୍ର ଅମୃତ ( ଉପଯୁକ୍ତ—ଯେତେ ଦେବା ଉଚିତ ) ହୋଇଛି । ପଞ୍ଚ ବାଣ-କୁ ( ପାଞ୍ଚ ଅସ୍ତ୍ରକୁ ) ଦେହ ବର୍ଣ୍ଣ ସହିତ କାମୁକ ଲକ୍ଷ୍ୟ କରି ତାହାକୁ କୃତାର୍ଥ କରିବା ।

୫—ଭ୍ରୂଗ୍ରରେ ପାନକଳ ପ୍ରଭ ଗଣ୍ଡରେ ଦେଖା ଯାଉଅଛି ସେ ଶୋଭା ଜବାକୁସୁମ ( ମନ୍ଦାରଫୁଲ ) ନିର୍ମଳ ଦର୍ପଣରେ ପ୍ରତି ବିମ୍ବିତ ହେଲା ପରି ହୋଇଛି ।

୬—ହରିତାଳ କାଳର ରେଖା ଭୁଜ ଓ ପଦରେ କେତେ ଶୋଭା ପାଉଛି ? ମରକତ ମିଶ୍ରା ଲତା ସୁବର୍ଣ୍ଣ ଭୂମିରେ ଜନ୍ମିଛି କି ?

ଏହା ଶ୍ରୀଅଙ୍ଗକୁ ଛୁଇଁ । ରତନ ଯତନ ହୋଇ ।
ମହା ଅଦ୍ଭୁତ ପ୍ରଶଂସା ସଂସାରେ ଭୂଷଣ ଅଛନ୍ତି ପାଇ ॥ ୭
ଚନ୍ଦ୍ରସୂର୍ଯ୍ୟ ଚନ୍ଦ୍ର ଫୁଲ । ଖେଚରେନ୍ଦ୍ର ଅର୍ଦ୍ଧେ ଚଳ ।
ବେଣୀଅଗ୍ର ପୁଷ୍ପ ପିହାଣିଅ ଶୋଭା ସୁଧା ପଡ଼ୁଅଛି ଗଳି ॥ ୮
ଉତ୍ତମାଙ୍ଗ ମାଙ୍ଗଭଙ୍ଗ । ଏଥିକି କି ଦେଲାଭାଗ ।
ଶୋଭା ଅଧିକୁ ଉପମାନ ଖଞ୍ଜମାନ ଲୁହନ୍ତି ଯୋଗମାନଯୋଗ୍ୟ ॥ ୯
ତାର ଯେ ତାର ସୀମନ୍ତ । ତାରପଣ୍ଡ ପଣ୍ଡପଣ୍ଡି ।
ଯେହ୍ନେକି ନାଳ ନିର୍ମଳ ନଭ କେତେ ଶୋଭା ଦ୍ୟୋତାଶିଛି ଅତି ॥ ୧୦
କେତକୀ ଚୂଡ଼ାସୁ ଦଳ । ଭଣିତ ପୁଟବେଣୀମୂଳ ।
ତନ୍ତୁଅ ସିଂହାସ୍ତ ନିପୁଣ ସୁନ୍ଦରୀ ନାହିଁ ବୋଲି ବାଳା ଭୁଲ ॥ ୧୧
ସେ ପୁଷ୍ପ କି ଶୋଭା ପାଇ । ଶିର ଭୂଜନେ ରଜଇ ।
ମୋତି ବାଲି ଛଳେ ସୁଧା ଦିଶୁଛି କି ବାରଣ ବାଜୁଳି ଦ୍ୱାଇଁ ॥ ୧୨

---

୭—ରତ୍ନମାନେ ଏହାର ଶ୍ରୀଅଙ୍ଗକୁ ଛୁଇଁବାରୁ ଯତନ (ଆଦର) ହୋଇ ମହା ଅଦ୍ଭୁତ ପ୍ରଶଂସାକୁ ପାଇ ସଂସାରରେ ଅଳଙ୍କାର ହୋଇ ଅଛନ୍ତି ।

୮—ଚନ୍ଦ୍ରସୂର୍ଯ୍ୟ ଅଳଙ୍କାର ଚନ୍ଦ୍ରକଳାର ଚୂଳିକା ପାଉଛି, ତାକୁ ନକ୍ଷତ୍ର ଗୃହୀ, ଅର୍ଦ୍ଧ ଟିକିଛି, ବେଣୀ ଅଗ୍ରଭାଗ ପୁଷ୍ପ ଜଡ଼ିତ ପିହାଣିଅ ( ଗୁମ୍ଫର ଶିର ଛୁଇଁ ନିହାଣୁ ଝଲଦେଉଛି ) ଅମୃତ ଗଳି ପଡ଼ିଲା ପରି ଦିଶୁଛି ।

୯—ଉତ୍ତମାଙ୍ଗ ( ମସ୍ତକ )ର ମାଙ୍ଗଭଙ୍ଗ ( ସୂତା ) ଏଥିପାଇଁ ଦୁଇଭାଗ ହୋଇଛି କି ? ତାହାର ଅଧିକ ଶୋଭାକୁ ଖଞ୍ଜମାଳ ( ମେଳ ) ଅଧିକ ଶୋଭାକୁ ଉପମାନ ଭାବନା ଯୋଗୀ ଲୁହନ୍ତି ।

୧୦—ତାହାର ଯେଉଁ ତାର ସୀମନ୍ତ ( ମୁକ୍ତାସୀମନ୍ତ ) ସେ ତାର ପଣତ ( ନକ୍ଷତ୍ର ସମୂହର ) ପଣ୍ଡନ୍ତି ( ଶତ୍ରୁ ) ହୋଇଛି ( ନକ୍ଷତ୍ର ମଳିନ କରି ଯାଉଛି ) ନଭ ( ଆକାଶ ) ଦେଖେ ନିର୍ମଳ ସ୍ଥାନ ନକ୍ଷତ୍ରମାନ କେତେ ଶୋଭା ପାଉଛନ୍ତି ସେହିମାନଙ୍କ ଦେହରେ ନିର୍ମଳତା ଯୋଗୁ ମୁକ୍ତାସୀମନ୍ତ ଅତ୍ୟନ୍ତ ଜ୍ୟୋତି ହୋଇଛି ।

୧୧—ତନ୍ତୁଅ ସିଂହାସ୍ତ ( କେଶହସ୍ତ ) ବାଳାଙ୍କ ସୁନ୍ଦରୀ ଜଗତ୍ରେ ନାହିଁ ବୋଲି କେତକୀର ଗୋଟିଏ ପାଖୁଡ଼ା ପ୍ରତୀକରେ ( ଭୃତ୍ୟରୂପ ) ବେଣୀ ମୂଳରେ ରହିଛି ।

୧୨—ଶିର ଭୂଜନରେ ଭଲ ସେ ପୁଷ୍ପ ( କେତକୀ ପୁଷ୍ପ ) କି ଶୋଭାପାଉଛି ? ବାରଣ ବାଜୁଳି ଦ୍ୱାରା ମୋତିବାଲି ଛଳରେ ଅମୃତ ଦିଶୁଛି କି ? ।

ଶୁକ୍ତି ବର୍ଣ୍ଣିବେ ଅଶେଷ । ମନୋରମ ଧଇବି ପାଶ ।
ମନ ବନ୍ଦୀ ହୋଇ ରହିବେ ରହିଲା ଯେଣୁ ସେ ବନ୍ଧଅବାସ ॥ ୧୩
ଫୁଲ୍‌ଫଳଦା ଫଳକ । ସୁର କଳ୍ପ ଅଫଳକ ।
ମଞ୍ଜୀବଲ୍ଲୀ ଚୁମ୍ବି ଯହିଁ ପାଏ କିବା ଅବତଂସ ଚଞ୍ଚରୀକ ॥ ୧୪
ବିଚିତ୍ର ତିଳକ ଖୁଲେ । ଧୁମ୍ବ ଜନମେ ଗୁହିଁଲେ ।
ଏଣୁ ଝିଲ୍‌ମିଲ୍‌ମାଳୀ ରତ୍ନତୋରଣ ଧାରଣୀ ଧୁମ୍ବ ଏ ଖୁଲେ ॥ ୧୫
ଚଞ୍ଚଳ ଭ୍ରୂକୁ ନବୀନୁ । ଏ ଲକ୍ଷ୍ୟ ନ ଛାଡ଼େ ମନୁ ।
କା ପାଶୁ ଅଣି କଳ୍ପଲତୁ ବିଶ ଅତନୁ ଅତସୀଧନୁ ॥ ୧୬
ଏ ବେନି ଚଞ୍ଚଳଦୃଷ୍ଟି । ଛଳେ ଶୀତୋତ୍ପଳ ବୃଷ୍ଟି ।
ଅନ୍ତରଙ୍ଗ କରୁଛ ଅନାଇଲ ଭାବ କି ଗଢ଼ୁଛି ଫୁଟି ॥ ୧୭
ଭାବେ ଏ କୃପାଳୁ ବାଣୀ । ମୋ ମନ କୃପଣ ଜାଣି ।
ଅଞ୍ଜନସୂତକୁ ଖସାଇ ଦେଉଛି ପୁନଃପୁନଃ ଜାଳନୀ ॥ ୧୮

---

୧୩—ଶୁକ୍ତି ( କର୍ଣ୍ଣ ) ବର୍ଣ୍ଣନାରେ ଅଶେଷ ମନୋରମପାଶଦ୍ୱୟକୁ ଉପମା ଦିଅନ୍ତି, କିନ୍ତୁ ଏ କର୍ଣ୍ଣ ବନ୍ଧଅ ବାସ (ବନ୍ଧଅ ନାମକ ଭୂଷଣର ବାସସ୍ଥାନ ହେଉଛି) ବନ୍ଧଅବାସ ( ବନ୍ଦୀଗୃହ ) ତହିଁରେ ମନ ବନ୍ଦୀହୋଇ ରହିଲା ।

୧୪—ଫୁଲ୍ ଫଳଦାର ଫଳକ ( ଗଣ୍ଡ ) ସୁର ( ଦେବତା ) ମାନଙ୍କ ଅଫଳକ ( ଫଳକଶୂନ୍ୟ ) କଳ୍ପ । ମଞ୍ଜୀବଲ୍ଲୀ କିମ୍ବା ଅବତଂସ (କର୍ଣ୍ଣଫୁଲ) ଚୁମ୍ବିବା ଆଶାରେ ଚଞ୍ଚରୀକ (ଭ୍ରମର) ପାଖକୁ ଆସିଲା ।

୧୫—ଖୁଲରେ ଥିବା ବିଚିତ୍ର ତିଳକକୁ ଗୁହିଁଲେ ଧୁମ୍ବ (ଶିଶୁକାଳ ଓ ଧୁମ୍ବଭ୍ରମ) ମନରେ ଜାତହୁଏ । ଅତଏବ ଝିଲ୍‌ମିଲ୍‌ମାଳୀ ରତ୍ନନିର୍ମିତ ତୋରଣୀ ତାହାର ଧାରଣ ପାଇଁ ଖୁଲରେ ଏ ( ତିଳକ) ଧୁମ୍ବ ( ଖୁଣ୍ଟ ) ।

୧୬—ଚଞ୍ଚଳ ( ଚଞ୍ଚଳ ) ଭ୍ରୂକୁ ( ଭ୍ରୂଲତା )ର ନବୀନ ହେଉ ମନରୁ ଏ ଲକ୍ଷ୍ୟ ଛାଡ଼େ ନାହିଁ । ଅତନୁ ( କାମ ) ମନରେ କା ପାଶ୍ୱକର ଏହି ଭ୍ରୂଲତା-ରୂପକ ଅତସୀ (ଅପରାଜିତା) ପୁଷ୍ପନିର୍ମିତଧନୁକୁ କଳ୍ପଲତାରୂପକ ଗୁଣଦେଇ ଅଣି ( ଅର୍ଜ୍ଜନ କରିଛି ) ।

୧୭—ଏଣୁ ଦେହର ଧନୁରେ ଚଞ୍ଚଳ ଦୃଷ୍ଟିପାତ ଛଳରେ ଶୀତୋତ୍ପଳ ଶରକୁ ବୃଷ୍ଟି କରୁଅଛି କି ? ନେତ୍ର ଅନ୍ତରଙ୍ଗ ହୋଇଥିବାରୁ ସ୍ୱଭାବତଃ ଆପଣା ଜଗକୁ ଗୁହିଁ ଭାବରେ ମୋ ହୃଦ ଏ ଶରରେ ଫୁଟି ରହୁଛି କି ?

୧୮—ପୁଣି ସ୍ୱଭାବତଃ ଭାବେ ଏ କୃପାଳୁ ବାଣୀ ମୋ ମନକୁ କୃପଣ ଜାଣି ଅଞ୍ଜନରୂପ ସୂତକୁ ଜାଳନୀ ସଦୃଶ ଦେଖାଇ ପୁନଃ ପୁନଃ ଖସାଇ ଦେଉଛି ।

ନେତ୍ରମନ୍ତ୍ର କଲ୍ପ ତନୁ । ମୋତେ ଦେଲ ଶତମନ୍ୟୁ ।
ସମ୍ପତ୍ତି ସମର୍ପି ସର୍ଗାଙ୍କ ଭିତରେ କେତେ ଦମ୍ଭୀ ସୁତନୁ ॥ ୧୯
ବଦନ ଲାବଣ୍ୟଜଳେ । ସଦନ ସର୍ବଦା ଭାଳେ ।
ନିବିଡ଼ ବନକଚାନ ତରଣୀକି ଏଣିକି ତେଣିକି ଚଳେ ॥ ୨୦
ନାସାହେଁ ବିରାଜେ ମୋତି । ଧରି ତୋଳା ଓଷ୍ଠ ଜ୍ୟୋତି ।
ଖଣିଦା ଅର୍ଦ୍ରା ଚନ୍ଦ୍ରେ ରହିଚନ୍ତି କି ଲୁଟାଇ ସୌଦାମିନୀ ପ୍ରୀତି ॥ ୨୧
ପଦ୍ମରାଗ ଖଣ୍ଡେ ଖୋଲି । ଝଟିଛି ମୁକ୍ତାଆବଳୀ ।
ଫୁଲି ଫୁଟଫୁଟ ହେଉଛି ପ୍ରକଟ ଓଷ୍ଠରେ ହାସ ବୋଲି ॥ ୨୨
କସ୍ତୁରୀମସିରେ ଅଙ୍କ । ଏମନ୍ତ ଲକ୍ଷି ହେଉଛି ।
ଅଧରେ ମଧୁର ମଧୁ ସଞ୍ଚି ସାର ଚାଖୁଛେ କି ବା ରହୁଛି ॥ ୨୩
ମକରୀ ଗଣ୍ଡଦେଶରେ । ନିର୍ମଳ ଆଦର୍ଶରେ ।
ସଂସାରସାର ଶୋଭାର ଜାଳପଟଳ ପ୍ରତିବିମ୍ବକୁ କି ଧରେ ॥ ୨୪
ମାଳାରେ ଗ୍ରନ୍ଥିତ ଗଳା । କଳକଣ୍ଠ କି ପଢ଼ିଲା ।
ବଚନ ପାଶରେ ମୋହନବତରେ ମଦନ ପାଶ ମଣିଲା ॥ ୨୫

---

୧୯—ସୁନ୍ଦରୀ ପୁରୁଷର ସ୍ୱେଦକୁ ବାରମ୍ବାର ଲୁହିଁବାରୁ ପ୍ରତୀତ ହେଉଛି ଏ ମୋ ତନୁକୁ ନେତ୍ରମନ୍ତ୍ର କଲ୍ପ, ସ୍ୱର୍ଗ ମଧ୍ୟରେ ମୋତେ ଶତମନ୍ୟୁ (ଇନ୍ଦ୍ର) ସମ୍ପତ୍ତି ସମର୍ପିଦେଲେ, ତେବେ ଏ ସୁତନୁ (ସୁନ୍ଦରୀ) କେତେ ଦମ୍ଭୀ । ଇନ୍ଦ୍ର ସହସ୍ର ନେତ୍ର ।
୨୦—ମୁଖ ଲାବଣ୍ୟରୂପ ଜଳରେ ସର୍ବଦା ସଦନ (ହାସ) କରୁଛି; ତେଣୁ ପ୍ରତୀତ ହେଉଅଛି ଯେ ନିବିଡ଼ ବର୍ଣ୍ଣରେ ଖଚିତ ତରଣୀ (ନୌକା) ଏଣିକି ତେଣିକି ବୁଲୁଅଛି କି ?
୨୧—ନାସାରେ ମୋତି ତୋଳା ଓ ଓଷ୍ଠର ଜ୍ୟୋତିଧରି ବିରାଜଇ, ତେଣୁ ଖଣିଦା (ଶ୍ୱେତ-କାନ୍ତି ବର୍ଣ୍ଣ ହେତୁ ତୋଳା ସମାନ) ଅର୍ଦ୍ରା ନକ୍ଷତ୍ର (ରକ୍ତବର୍ଣ୍ଣ ହେତୁ ଓଷ୍ଠ ସମାନ) ଦୁହେଁ ସୌଦାମିନୀର ପ୍ରୀତି ଲୁଟାଇ ଚନ୍ଦ୍ର ପାଖେ ରହିଲେ କି ?
୨୨—ଖୋଲ (ଖୋଦିତ) ପଦ୍ମରାଗ ଖଣ୍ଡରେ ମୁକ୍ତାପନ୍ତି ଦେଖା ଦେବାପରି ରକ୍ତ-ବର୍ଣ୍ଣ ଅଧରରେ ଶୁକ୍ଳ ହାସର ଫୁଲ ଫୁଟ ଫୁଟ ହୋଇ ପ୍ରକଟ ହେଉଛି ।
୨୩—କସ୍ତୁରୀରେ ଲେଖା ଯାଇଥିବା ମାଛି ଏପରି ଲକ୍ଷି ହେଉଛି ଯେ-ମସ୍ତୁନାଳି ଅଧରରେ ମଧୁର ମଧୁ ସଞ୍ଚି କରି ସାର ଚାଖୁଛରେ ଅଛି ରହୁଛି ।
୨୪—ଗଣ୍ଡରେ ମକରୀ ରଚନା ଏପରି ଦିଶୁଛି ନିର୍ମଳ ଆଦର୍ଶରେ (ଦର୍ପଣରେ) ସଂସାର ସାର ଶୋଭାର ଜାଳପଟଳ (ଜାଳ ସମୂହ) ର ପ୍ରତିବିମ୍ବ ଧରି ଅଛି କି ?

ଭୁଜ କରଇ ମାଧୁରୀ । ଶଙ୍ଖକୁ ହରଇ ଲହରୀ
ତହିଁ କୁବଳୟ ଏଥି ସୁବଳୟ ସମୁଦ୍ରାଲିଙ୍ଗନ ସବୁ ॥ ୨୬
ଓଷ୍ଠାରୁଣେ ବାଦକୃତ । କୁଚ ମନ୍ଦର ପର୍ବତ ।
ହାର ମଧ୍ୟମଣି ଅଗସ୍ତି ନିସ୍ପୃହେ ଅଉ ନ ବଢ଼ିଲେ ସତ ॥ ୨୭
କଳାଚାଞ୍ଚଲ୍ୟ ଗରାସି । ଅଛି ସ୍ତନ ଶୋଭା ଦିଶି ।
ବିଷଜ୍ୱାଳା ଶାନ୍ତି ସ୍ନାନ କି କରନ୍ତି ଶମ୍ଭୁ କାଳିନ୍ଦୀରେ ପଶି ॥ ୨୮
ଶୁକ ପଦଙ୍କ ରଞ୍ଜିତ । ସିନ୍ଦୂରେ ଏଣୁ ଯୁକ୍ତ ।
ଉରଜ-ପଞ୍ଜୁରୀ ପରି ରହିଛି କି ସଦା ସେ ସ୍ଥାନ ବାଞ୍ଛିତ ॥ ୨୯
ମନୋହର ରୋମଶ୍ରେଣୀ । ପୟୋଧର ପେଡ଼ା ଜାଣି
ଧୈର୍ଯ୍ୟପବନ ପାନ ପାଇଁ କିବା ବାହାରିଛି କାଳିଫଣୀ ॥ ୩୦

---

୨୫—ପାଳାରେ ଲୋ ଦୂନ ଯାଉଛି, କଳକଣ୍ଠ ( କପୋତ ) ହାରବି ପାଶରେ ପଞ୍ଚ ମୋହନ ବଂଶୀର ତାହାକୁ ଶରପରି ମଣିଲ କି ?

୨୬—ଭୁଜ କି ମାଧୁରୀକି ହରୁଛି, କହନ୍ତୁ ତୁଲ୍ୟ ଶୋଭାରେ ଶଙ୍ଖକୁ ହର ନେଉଛି । ଲହରୀରେ କୁବଳୟ ( ପଦ୍ମ ) ଥାଏ ଭୁଜରେ କୁବଳୟ ( ଉତ୍ତମ ବର୍ତ୍ତୁଳ କଙ୍କଣ ) ଅଛି, ସେ ଲହରୀ ସମୁଦ୍ରକୁ ଆଲିଙ୍ଗନ କରିଥାଏ, ଏ ସମୁଦ୍ର ( ମୁଦ୍ରା ସହିତ ଅଙ୍ଗୁଳିକ ) ଆଲିଙ୍ଗନ କରୁଛି ।

୨୭—ମନ୍ଦରଗିରି ସଦୃଶ କୁଚ ଓଷ୍ଠ ରୂପୀ ଅରୁଣ ( ସୂର୍ଯ୍ୟ ) ଙ୍କ ସହିତ ବାଦକରି ବଢ଼ୁଥିଲା, କିନ୍ତୁ ହାର ମଧ୍ୟସ୍ଥିତ ମଣିରୂପୀ ଅଗସ୍ତିମୁନିଙ୍କର ଶାସନରୁ ଅଉ ବଢ଼ଇ ନାହିଁ ଏହା ସତ୍ୟ । ମନ୍ଦରଗିରି ସୂର୍ଯ୍ୟଙ୍କର ଗତି ରୋଧକରିବାକୁ ବଢ଼ୁଥିଲା, ଅଗସ୍ତିଋଷି କଣ୍ଠରେ ଥାଇ ତାହା ନିକଟରେ ପହଞ୍ଚିବାରୁ ସେ ସାଷ୍ଟାଙ୍ଗ ପ୍ରଣାମ କଲା, "ତୁ ଏପରି ପଡ଼ିଥା ମୁଁ ଆସିଲେ ଉଠିବୁ" ଏହା କହି ମୁନି ଚାଲିଗଲେ, ସେ ସେହିପରି ପଡ଼ି ରହିଛି ।

୨୮— କଳା ଚାଞ୍ଚଲ୍ୟ ସ୍ତନକୁ ଗ୍ରାସକରିବାରୁ ସେ ସ୍ତନ ଏମନ୍ତ ଦିଶୁଛି—ଶମ୍ଭୁ ବିଷ ଜ୍ୱାଳା ଶାନ୍ତି ପାଇଁ କାଳିନ୍ଦୀରେ ପଶି ସ୍ନାନ କରନ୍ତି କି ?

୨୯—ପଦାଙ୍କ ଶୁକ ପକ୍ଷୀପରି ରଞ୍ଜିତ ହେବାରୁ ସିନ୍ଦୂରରେ ଯୁକ୍ତ ହୋଇଅଛି । ସେ ସର୍ବଦା ସେ ସ୍ଥାନରେ ରହିବାକୁ ଇଚ୍ଛା କରିବାରୁ ଉରଜ ( ସ୍ତନ ) ରୂପକ ପଞ୍ଜୁରୀରେ ବନ୍ଦୀ ଅଛି କି ? ପଦକମଣି ଶୁକପରି ସୁରୁଙ୍ଗବର୍ଣ୍ଣ ।

୩୦—ମନୋହର ରୋମାବଳୀ କାଳନାଗୁଣୀ ପରି, ପୟୋଧର ( ସ୍ତନ ) ପେଡ଼ା, ସେ ଲୋକମାନଙ୍କର ଧୈର୍ଯ୍ୟରୂପୀ ପବନ ପାନ କରିବା ପାଇଁ ପେଡ଼ିରୁ ବାହାରିଛି କି । ସର୍ପମାନେ ପବନାହାରୀ ।

ଭଲ ସାଜେଇଛି ବାଜେଣି । କିଙ୍କିଣି କଟିରେ ପୁଣି ।
କଣି କଣି ନେବ ମାନସୁଁ ମାନକୁ କଣି କଣି ହେଉଅଛି ॥ ୩୧
ପିନ୍ଧିଲା ବସନ ଜରି । ଶ୍ରୀଅଙ୍ଗେ ଯାଇଛି ଜଡ଼ି ।
ଦାମକଲ୍ପଲତାକୁ ପିଧାନ ପରି କି ଜଡ଼ିତ ହେମମଞ୍ଜରୀ ॥ ୩୨
ହଂସକ-ନୂପୁର ପାଦେ । ଚୁଳିଝୁଣ୍ଟିଆ ପ୍ରପଦେ ।
ଚେତନା ଚମକ ପକାଇ ଦେବ ଏ ଝୁମକ ଝମକ ନାଦେ ॥ ୩୩
ଚରଣେ ଶୋଭ ଅଳତା । ହୋଇଛି କି ମଞ୍ଜୁଳତା ।
ଏ ଗୁଣ ଅନାଇଁ ସରାଗ ବଢ଼ାଇ ମୁଁ ହେବି ଏରୂପେ ରଙ୍ଗା ॥ ୩୪
ଅମୂଲ୍ୟ ରାମାରତନ । ହୀରକ ବସ୍ତ୍ର ଘଟନ ।
ଦେଖିଁଭାଳେ କେତେ ପୁଣ୍ୟ କରିଥିଲି ସେ ଭାଗ୍ୟଁ ନେଉ ପତନ ॥ ୩୫
ମୋହନ ବୋଲନ୍ତି ଯେହୁ । ସେହୁ ସ୍ୱରୂପତ ଏହୁ ।
ସମସ୍ତରୂପେ ମନ୍ତ୍ରକମଣି ବୋଲି ସୁନ୍ଦରୀସଂସାରେ କହୁ ॥ ୩୬
ରସିକ ଏମନ୍ତ ଭାବେକ । ଦଇବେ ମୁଖାଗ୍ରବିଳ ।
ରାମା ନୟନ ଅୟନରେ ପଥିକ ସ୍ୱରୂପଶୋଭି ଏକାଳେ ॥ ୩୭

---

୩୧—ପୁଣି କଟିରେ ବାଜେଣି ( ବାଜୁଥିବା ) କିଙ୍କିଣି ଭଲ ସାଜେଣି ହୋଇଛି । ତାହାର କଣି ( ଶବ୍ଦ ) କଣି ୨ ହେଉଅଛି ମନରୁ ମାନକୁ କ୍ଷଣିନେବ ।

୩୨—ପିନ୍ଧିଲା ବସନର ଜରି ଶ୍ରୀଅଙ୍ଗରେ ଜଡ଼ି ( ଜଡ଼ି ) ଯାଇଁ ଏପରି ଦିଶୁଛି— ଦାମ କଲ୍ପଲତାକୁ ( ବାଣ୍ଟି କଲ୍ପଲତାକୁ ) ରେ ପିଧାନ ( ଆଚ୍ଛାଦନ ପରି ) ହେମ ମଞ୍ଜରୀ ଜଡ଼ିତ ହୋଇଛି କି ?

୩୩—ପାଦରେ ହଂସକ ନୂପୁର, ପ୍ରପଦରେ ( ଅଙ୍ଗୁଳରେ ) ଚୁଳି ଝୁଣ୍ଟିଆ, ଏମାନେ ଝୁମକ ଝମକ ନାଦରେ ଚେତନାରେ ଚମକ ପକାଇ ଦେବେ ।

୩୪—ଚରଣରେ ଅଳତା ଶୋଭା କେତେ ମନୋହର ହୋଇଛି, ଏ ଗୁଣ (ରତ୍ନମା) କୁ ଦେଖିଲେ "ମୁଁ ଏହିରୂପେ ( ଅଳତାରୂପେ ) ରଙ୍ଗାହେବି" ଏହିପରି ସରାଗ ( ସ୍ନେହ ) ବଢ଼ଇ ।

୩୫—ଏ ରାମାରତ୍ନ ଅମୂଲ୍ୟ ହୀରା ଓ ବସ୍ତ୍ର ଯତ୍ନପୂର୍ବକ ଏକତ୍ର ହେବାର ସ୍ଥାନ ସ୍ୱରୂପ, ମୁଁ କେଉଁ କାଳରେ କେତେ ପୁଣ୍ୟ କରିଥିଲି, ସେ ଭାଗ୍ୟକୁ ଅଗ୍ନି ପଡ଼ୁ ।

୩୬—ଯାହାକୁ ମୋହନ କହନ୍ତି ଏହି ରାମାଟି ସେହି ସ୍ୱରୂପେ ସୁନ୍ଦରୀ ସଂସାରରେ ମନ୍ତ୍ରକମଣି ବୋଲି କହନ୍ତି ।

୩୭—ରସିକ ଏପରି ଭାବେ । ଦୈବଯୋଗେ ଏହି ସମୟରେ ମୁଖାଗ୍ରବର୍ଣ୍ଣି ସ୍ୱରୂପ ଶୋଭି ରାମାର ନୟନ ଅୟନରେ ( ନେତ୍ର ପଥରେ ) ପଥିକ ହେଲା ।

ତରଣିକୁଳର ସାର । ଅଶ୍ରୁପୂର୍ଣ୍ଣ ନୟନର ।
ବଦେ ଉପେନ୍ଦ୍ର ଭଞ୍ଜ ମୁଁ ଲଙ୍ଘୁଛି ଏ ବେଦସମୁଦ୍ର ପାର ॥ ୩୮

—ଃ( * )ଃ—

## ପଞ୍ଚବିଂଶ ଛାନ୍ଦ

ରାଗ—ନଳିନୀଗୌଡ଼ା

ଦେଖି ରମା କୁମାର ସୁଷମାକୁ ଭାଳିଲି ।
ଅତନୁ ସୁତନୁବନ୍ତ କେବଳ କାମ ଥିଲି ଯେ । ୧
ତାହାର ଶସ୍ତ୍ର କୁସୁମ ଏହା ଶସ୍ତ୍ର ରୂପ ।
ରତିମନ୍ତ ହେଲେ ହେବ ମୋ ପୁଣ୍ୟ ଅମାପ ଯେ । ୨
ମୀନ ମକର ଲକ୍ଷଣମାନ ଦେଖିଲି ।
ଆନନ୍ଦ-ସମୁଦ୍ର ଭଳି ପୁଣି ସେ ଯୋଗିଲି ଯେ ॥ ୩
ସରିତ ସରରେ ସେ ଶରୀରେ ମନ ମିଶି ।
ଅଙ୍ଗସଙ୍ଗ ଏରୂପେ ହୁଅନ୍ତା ହେଲି ଘୋଷି ଯେ ॥ ୪

---

୩୮—ତରଣୀ ( ସୂର୍ଯ୍ୟ ) କୁଳର ସାର ( ରାମଚନ୍ଦ୍ର )ଙ୍କର ଅଶ୍ରୁପୂର୍ଣ୍ଣ ମୁଁ ବେଦସମୁଦ୍ରର ପାର ଲଙ୍ଘୁଛି ଉପେନ୍ଦ୍ର ଭଞ୍ଜ ଏହା କହେ ।

---

୧—ରମା କୁମାରର ସୁଷମା ( ପରମଶୋଭା ) ଦେଖି ଭାବିଲି—ଏ ସଂସାରରେ କାମ ଦୁଇଜଣ ଥିଲେ କି ? ଜଣେ ଅତନୁ ଅଦେହ ( ଜଣେ ଅତନୁ ସୁନ୍ଦର ଦେହଧାରୀ ) ।

୨—ତାହାର ( ଅଦେହ କାମର ) ଶସ୍ତ୍ର ପୁଷ୍ପ ଏହାଙ୍କର ଶସ୍ତ୍ରରୂପ ( ସଦୃଶ ) । ଏ ମୋଠାରେ ରତିମନ୍ତ ( ରତିବୁଦ୍ଧି ) ହେଲେ ମୋହର ପୁଣ୍ୟ ଅମାପ ହେବ ।

୩—ସେ ସୁନ୍ଦରୀ ପୁରୁଷଠାରେ ମୀନ, ମକର, ପ୍ରଭୃତି ମହାପୁରୁଷ ଲକ୍ଷଣମାନ ଦେଖି ମନରେ ଏହାଙ୍କୁ ଆନନ୍ଦ ସମୁଦ୍ର ଭଳି ଯୋଗିଲି । ସମୁଦ୍ରରେ ମୀନ ମକର ପ୍ରଭୃତି ଥାନ୍ତି ।

୪—ସମୁଦ୍ରରେ ସରିତ (ନଦୀ) ସରରେ (ତୁଳନାରେ) ସେ ସୁନ୍ଦରର ଶରୀରରେ ତାହାର ମନ ମିଶିଗଲା । ଏରୂପେ ( ମନମିଶିଲାପରି ) ଅଙ୍ଗସଙ୍ଗ ହୁଅନ୍ତା ବୋଲି ସେ ଘୋଷିଲେ ।

କଳାନିଧି ସନ୍ନିଧି ପ୍ରକାଶ କି କପଟରେ ।
କୁମୁଦଘ୍ନୀ ପାଶେ ଜଳଜ ପ୍ରଭାଢ୍ୟ ଧାୟେ ଯେ । ୫
ଏ ବନ ଗଗନ କିବା ମୋହ ଭାଗ୍ୟ ରାଶି ।
ଯୋଗକୁ ହୋଇଛି କିବା ସନ୍ନିକଟ ଆସି ଯେ ॥ ୬
ଏମନ୍ତ ବଚନ୍ତୁ ଶୁଭ୍ରଲଙ୍କସନା ଶତ୍ରବ ।
ହୋଏ ନିକଟ ନିଛଟ ପ୍ରକଟ କୁମର ଯେ ॥ ୭
ପାବକେ ପାବକେ ମଣ୍ଡମଣ୍ଡନା ଓଁକାରେ ।
କରପଲ୍ଲବି ଭିତମ୍ବାକ୍ଷୀ ସଖୀଙ୍କରେ ଦେଇ ଯେ ॥
ଭରି ଯାଉଅଛି ସେ ନାଗର ଏହି ସ୍ତବ ।
ହେ ବାଳେ । ନର୍ମଦା ସୁରତରଙ୍ଗିଣୀ ଭବ ଯେ ॥ ୯
କାଳିନ୍ଦୀ କୁନ୍ତଳ କୃଷ୍ଣବେଣୀ ପୁଣି ଲକ୍ଷ୍ୟ ।
ଚନ୍ଦ୍ରଭାଗାଳିକଶୋଭା ଶିବ ଉତ୍ପଳାକ୍ଷୀ ଯେ ॥ ୧୦
ହୋଇଥିବ ଯୁକ୍ତ ରସ ସରସ୍ୱତୀ ସଦା ।
କରତ ମଜ୍ଜନ ହୋଇ ନର ବାଳବ ବାହୁଦା ଯେ ॥ ୧୧

---

୫—ଜଳରେ କୁମୁଦିନୀ ପାଖରେ ଚନ୍ଦ୍ର ପ୍ରଭାନ୍ୱିତ କଳାନିଧି (ଚନ୍ଦ୍ର) କି କପଟରେ ( କି ଛଳନାରେ ) ତୋ ନିକଟରେ ପ୍ରକାଶ ହେଲା କି ?

୬—କିବା ଏ ବନଗଗନ ( ଆକାଶ ) ମୋ ଭାଗ୍ୟ ରାଶି ( ଦ୍ୱାଦଶରାଶି ) ମଧ୍ୟରେ ଯୋଗ ହେବାକୁ ଚନ୍ଦ୍ର ଆସି ନିକଟବର୍ତ୍ତୀ ହୋଇଅଛି କି ?

୭—ଶୁଭ୍ରକଟସନା ସୁନ୍ଦରୀ ଶତ୍ରୁଙ୍କର ଏମନ୍ତ ବଚନ୍ତୁ କୁମାର ନିକଟରେ ପ୍ରକାଶ ପାଏ

୮—ମଣ୍ଡମଣ୍ଡନା, ଭିତମ୍ବାକ୍ଷୀ, ସୁନ୍ଦରୀ ସଖୀଙ୍କରେ (ହସ୍ତ) କର ପଲ୍ଲବି (ହାତଭରି) ଦେଇ ପାବକେ ପାବକେ ( ପାଦାଗ୍ରେ ପାଦାଗ୍ରେ ) ଓଁକାଇଲେ ।

୯—ସେ ନାଗର ଏହି ସ୍ତବ ଭରି ପାଖକୁ ଯାଉଅଛି—ହେ ବାଳେ । ମନରେ ଭାବ ତୁ ନର୍ମଦା ( ସୁଖଦାୟିନୀ ) ସୁତରାଂ ନର୍ମଦା ନଦୀ, ସୁରତ ତରଙ୍ଗିଣୀ ( ସୁରତ ଲହରୀ ) ସୁତରାଂ ସୁର-ତରଙ୍ଗିଣୀ ( ସ୍ୱର୍ଗଙ୍ଗା ) ।

୧୦—ପୁଣି ତୋଠାରେ କାଳିନ୍ଦୀ ପରି କୁନ୍ତଳ ( ମସ୍ତକାଗ୍ରର ) କୃଷ୍ଣବର୍ଣ୍ଣ ବେଣୀ ଲକ୍ଷିତ ହେଉଛି, ଅତଏବ ତୁ କାଳିନ୍ଦୀ ଓ କୃଷ୍ଣ ବେଣୀ ନଦୀ, ପୁଣି ଚନ୍ଦ୍ରଭାଗାଳିକ ଶୋଭା ( ଅର୍ଦ୍ଧଚନ୍ଦ୍ର ସଦୃଶ ଭାଲ ପଟରେ ଶୋଭିତା ) ସୁତରାଂ ଚନ୍ଦ୍ରଭାଗା ନଦୀ ଶିବ ଉତ୍ପଳାକ୍ଷୀ ( ଅଶ୍ୱେତ ପଦ୍ମାକ୍ଷୀ ) ସୁତରାଂ ଶିବସାଗରା ।

୧୧—ତୋ ସରସ୍ୱତୀ ( ବାଣୀ ) ସଦା ରସ ଯୁକ୍ତ ହୋଇଥିବ । ସୁତରାଂ ରସ (ଜଳ) ଯୁକ୍ତ ସରସ୍ୱତୀ ନଦୀରେ ( ସୁନ୍ଦରୀ ) ବାହୁରେ ବାହୁଦା ହୋଇ ( ଆଲିଙ୍ଗନ କରି ) ମଜ୍ଜନ କର, ସୁତରାଂ ରେବା ଓ ବାହୁଦା ନଦୀ ।

ତୀର୍ଥମୟ କଳପନା ମୋ ଅନ ନ କର ।
ବୋଲି ଅଙ୍ଗ ଗୃହୁଁ କଢ଼ିବାକୁ ଯୋଡ଼ୁଁ କର ଯେ ॥ ୧୨
କନକ-ଚମ୍ପାମାଳାକୁ କାଢ଼ି ଶ୍ରମାବେଗେ ।
ଅଳକରେ ବୋଲି ରଚି କଟାକ୍ଷ-ଶୃଙ୍ଖଳେ ଯେ ॥ ୧୩
ଏକାଳେ ଉଦୟ ଲଭେ ସେହୁ ମ୍ଳାନ-ନଭେ ।
ମାଙ୍ଗଲ୍ୟା ତାରକା ହୋଇ ମୁକ୍ତ ଯୋଗ ଶୁଭେ ଯେ ॥ ୧୪
ଅବଧୂତା ଜ୍ୟାଧ୍ୟାୟୀ ପୋଷ୍ଟା କାଞ୍ଚିହୁଡ଼େ ।
ଏହିକି ଅସନ୍ତି ସେ ଶ୍ରବଣା ପଦବୀରେ ଯେ ॥ ୧୫
ଅଗସ୍ତି ଉଦୟ ପରି ଦିଶି ରାଜହଂସ ।
ଆଶା ଅଚ୍ଛାଦିଲ ଲଜ୍ଜା-ନିଶା ପରକାଶ ଯେ ॥ ୧୬
ଘନ-ରସ-ସମୟ କାଳ ପୁରୁଷ କୋକିଳ ।
ମଧୁରତର ଭାଷକୁ ବିରୋଧୀ ଚପଳ ଯେ ॥ ୧୭

---

୧୨—ମୋହର ତୀର୍ଥମୟ କଳ୍ପନାକୁ ଅନ୍ୟଥା କରନା ଏହା କହି ଅଙ୍ଗ ଗୃହୁଁ କଢ଼ିବାକୁ କର ଯୋଡ଼ିଲେ ।

୧୩—ଶ୍ରମ ( କ୍ଳାନ୍ତି ) ପରେ ଗୌରୀ ସୁନ୍ଦରୀ କନକ ନିର୍ମିତ ଚମ୍ପାମାଳାକୁ କାଢ଼ି କଟାକ୍ଷ ଶୃଙ୍ଖଳ ରଚନା କରି ସଖୀ ହାତରେ ଦେଲେ ।

୧୪—ଏ ସମୟରେ ମାଙ୍ଗଲ୍ୟ ତାରକା ପରି ଶୁଭ ଯୋଗରେ ମୁକ୍ତ ହୋଇ ସେହି ମ୍ଳାନ ରୂପକ ନଭରେ ( ଆକାଶରେ ) ଉଦୟ ଲଭିଲେ ।

୧୫—ଅବଧୂତା, ଜ୍ୟାଧ୍ୟାୟୀ ଓ ପୋଷ୍ଟା, ତିନିଜଣ ଯାନ୍ତି ଦୂରରୁ ଶ୍ରବଣା ନକ୍ଷତ୍ର ପରି ହୁଏକି ଆସନ୍ତି । ( ଶ୍ରବଣା ନକ୍ଷତ୍ର ତିନୋଟି )

୧୬—ରାଜହଂସ ଅଗସ୍ତି ନକ୍ଷତ୍ରର ଉଦୟ ପରି ଦେଖାଗଲେ, ଅଗସ୍ତି ଉଦୟରେ ଆଶା ( ଦିଗମାନେ ) ଅଚ୍ଛନ୍ନ ଥାନ୍ତି କିନ୍ତୁ ରବି ପ୍ରକାଶ ପାଏ । ରାଜହଂସ ପ୍ରବେଶରେ ମାଙ୍ଗଲ୍ୟା ପ୍ରଭୃତିଙ୍କର ମଳିନ ଆଶା ଅଚ୍ଛନ୍ନ ହେଲା ଏବଂ ଲଜ୍ଜା ରୂପ ନିଶା ପ୍ରକାଶ ପାଇଲା ।

୧୭—ସେ ଘନର ସମୟ ( ଶୃଙ୍ଗାରର ସମୟ ) କାଳ ଘନର ସମୟ କାଳ ( ବର୍ଷାକାଳ ) ପରି ଚପଳ କୋକିଳ ସଦୃଶ ପୁରୁଷର ଅତି ମଧୁର ଭାଷାର ବିରୋଧୀ ହେଲା । ବର୍ଷାକାଳରେ କୋକିଳ ଶବ୍ଦ ବନ୍ଦ ହେଲାପରି ଏ ସମୟରେ ରସୋଦ୍ରେକ ହେତୁ ପୁରୁଷ ବାକ୍ୟ ବନ୍ଦ ହେଲା ।

ଆପତ୍ତି-ନାଶନ ଅଗ୍ରେ ଆ-ପତ୍ତି ପ୍ରକାର ।
ଥିଲା କୁମାର ଲକ୍ଷଙ୍କ ସ୍ଫୂର୍ତ୍ତିରୁ ସଙ୍କୁଚ ଯେ ॥ ୧୮
ଅନୁଗ୍ରହ ଯୋଗାଇ ପରତେ କର କରି ।
ବାଳା ମାଳା ପ୍ରଦାନ ଭାବକୁ ଅନୁସରି ଯେ ॥ ୧୯
ଚିନ୍ତା ଜନମାଇ ଗୁମ୍ଫି ଅଛି କୃଶୋଦରୀ ।
ବାରୁଣୀ-ଗତ ଭାନୁରେ ଚକ୍ରବାକୀ ପରି ଯେ ॥ ୨୦
ନ ଲଙ୍ଘିଲା ସେ ସୋପାନ ଲୋକାଲୋକ ମତି ।
ପଦ ଅରୁଣ-ଅମ୍ବୁଜ ହେବାରୁ ଲଜ୍ଜିତ ଯେ ॥ ୨୧
ହେଲେଣି ଗଲ ପରି ଭୂରି ବାଳା ସହଚରୀ ।
ସୁବର୍ଣ୍ଣ-ଚମ୍ପକମାଳା କରେ ଅଛି ଧରି ଯେ ॥ ୨୨
ଅତି ଦୁର୍ଲ୍ଲଭ ଅସ୍ଫୁର୍ଣ୍ଣ ବଚନକୁ କହି ।
ପୁଚ୍ଛିଷ୍ଟ ପାରୁଶ ଭର୍ଜ୍ଜି ଗଲା କହି ହୋଇ ଯେ ॥ ୨୩
କେମନ୍ତ ହେବ ଏ ମତ୍ତକୁଞ୍ଜର ଯୁବାକୁ ।
ଆଶା କରୁଅଛି ଅଶାବକେ ବାନ୍ଧିବାକୁ ଯେ ॥ ୨୪

---

୧୮—ଆପତ୍ତିନାଶନ ( ଭଗବାନ ) ଙ୍କ ଅଗ୍ରରେ ଆପତ୍ତି ( ଚକ୍ଷୁଦ୍ର ) ପରି ସୁନ୍ଦରୀ ଅଗ୍ରରେ କୁମାର ଥିଲେ, ମାଙ୍ଗଲ୍ୟଦ୍ରବ୍ୟଙ୍କୁ ଦେଖି ସ୍ଫୂର୍ତ୍ତିରୁ ସଙ୍କୁଚ କରିଲେ ଅର୍ଥାତ୍ ଶତ୍ରୁ ପରି ଅନୁଭବ କହିଲେ ।

୧୯—ଅନୁଗ୍ରହ ଯୋଗାଇ ପରି ହସ୍ତ ଅଞ୍ଜୁଳି କରି ବାଳା ମାଳା ଦେବା ଭାବକୁ ଗୋପନରେ ଅନୁସରି ରହିଲା ।

୨୦—କୃଶୋଦରୀ ( କ୍ଷୀଣୋଦରୀ ) ଚିନ୍ତା ଜନ୍ମାଇ ବାରୁଣୀ ( ପଶ୍ଚିମଦିଗ ) ଗତ ଭାନୁରେ ( ସୂର୍ଯ୍ୟ ଅସ୍ତହେଲେ ) ଚକ୍ରବାକୀ ପରି କାତର ଭାବରେ ଗୁମ୍ଫି ଅଛି । ରାତ୍ରିରେ ଚକ୍ରବାକର ବିଚ୍ଛେଦ ହୁଏ ।

୨୧—ସୁନ୍ଦରୀର ପଦ ଅରୁଣ ଅମ୍ବୁଜ ( ରକ୍ତପଦ୍ମ ସଦୃଶ ) ଲଜ୍ଜିତ ହେବାରୁ ଅରୁଣ ( ସୂର୍ଯ୍ୟ ) ଅମ୍ବୁଜ ( ଚନ୍ଦ୍ର ) ଲୋକାଲୋକ ପର୍ବତକୁ ନ ଲଙ୍ଘିଲା ପରି ସେ ପଦ ସୋପାନକୁ ( ପାବଚ୍ଛକୁ ) ଲଙ୍ଘିଲା ନାହିଁ ।

୨୨—ବାଳାର ସହଚରୀ ଭୂରିହୋଇ କେଉଁଆଡ଼େ ଚାଲିଗଲେ ପରି, ସେ ହାତରେ ସୁବର୍ଣ୍ଣ ଚମ୍ପକ ମାଳା ଧରିଅଛି ।

୨୩—ପୁଚ୍ଛିଷ୍ଟ ପାରୁଶ ଭର୍ଜ୍ଜି ( ନାକଟେରୀ ଚଢେଇ ) ପକ୍ଷୀ ମୁଖରେ ଏହି ଅତି ଦୁର୍ଲ୍ଲଭ ଅସ୍ଫୁର୍ଣ୍ଣ ବଚନ କହୁ ହୋଇଗଲା ।

୨୪—ଏ ଯୁବା ମତ୍ତକୁଞ୍ଜର ( ହସ୍ତୀ ) ଏହାକୁ ଅଶାବକେ ( ଲୁଚିଅଛି ସୂତାରେ ) ବାନ୍ଧିବାକୁ ଆଶା କରୁଅଛି ଏହା କିପରି ହେବ ?

ଶ୍ରୋଣି ପିଣ୍ଡ ମୃଦୁତର ଜଉବକୁ ଜିଣ ।
ଯେତେବେଳକୁଁ ଗୃହାଣି-ଅଙ୍କୁଶ ଲଗାଇଲା ଯେ । ୨୫
ନ ବାନ୍ଧିଲେ ବାନ୍ଧିଲେ ବହୁଳଣି ଝୁଲାଉଛି ।
ମୋହନ-ଚୋପରେ ପଡ଼ିବାରେ ଅନାସ୍ଥେ ଯେ । ୨୬
ସ୍ଥାବି ବୃଦ୍ଧି ଅତ ଚନ୍ଦ୍ରବିମ୍ବ ଚୁମ୍ବାଇଛି ।
କେମନ୍ତେ ହୋଇବ ଏ ସମ୍ଭବ ନ ଆସୁଛି ଯେ । ୨୭
ଈଶ୍ୱର-ଶିରମଣ୍ଡନ ଉନ୍ମତ୍ତ ସୁମନ ।
ଯୋଗେ ଥାଇଁ ଚୁମ୍ବିଥିଲା ପରି ମନେ ଯେନ ଯେ । ୨୮
ବୋଲି ମାଳା ଦେଲା କାଣ୍ଡି ହୃଦଭ ଥାଇଁ ସଖୀ ।
ବୀର ଗଳାକୁ ମଣ୍ଡିଲା ଦେଲା ପ୍ରାୟେ ରଖି ଯେ । ୨୯
ସୁଗ୍ରୀବ ହୋଇଲି ଅଜ କା ତପ-ବଳରୁ ।
ଅଦ୍ଭୁତ ଆକାରବନ୍ତ ରାମ କରୁଣାରୁ ଯେ । ୩୦
ଏ ପଦକ କହୁ ସେ ପଦକ ଦେଲା ବେଗେ ।
ମିନ ନେଇ ଦେଲ ଆଳୀ କରେ ଅନୁରାଗ ଯେ । ୩୧

---

୨୫।୨୬—ରାଜପୁତ୍ରୀର ପିଣ୍ଡ ଶ୍ରୋଣି ଅତି କୋମଳ ଜଉବ ଜିଣ-ଯେତେବେଳକୁ ଗୃହାଣିରୂପ ଅଙ୍କୁଶ ଲଗାଇଲଣି ଯେତେବେଳକୁଁ ବାନ୍ଧିଲେ ବା ନ ବାନ୍ଧିଲେ ମୋହନରୂପ ଚୋପରେ ପଡ଼ି ଅନାଅସ୍ଥିର ହୋଇ ଝୁଙ୍କାଇ ହୋଇ ବହୁଳଣି

୨୭—ସ୍ଥାବି (ପିମ୍ପିଲିକା) ଅଙ୍କଶବୁ ବୃଦ୍ଧି ହୋଇ ଚନ୍ଦ୍ରବିମ୍ବକୁ ଚୁମ୍ବିବାପାଇଁ ଇଚ୍ଛା କରୁଅଛି ଏହା କପରି ହେବ ମନକୁ ଆସୁନାହିଁ ।

୨୮—ମହାଦେବଙ୍କର ଶିରେ ମଣ୍ଡନ ହୋଇଥିବା ଉନ୍ମତ୍ତ ସୁମନ ( ଦୁଦୁରାଫୁଲ ) ଯୋଗରେ ପିମ୍ପିଲିକାବନ୍ଧୁ ସେଠାରେ ଥିବା ଚନ୍ଦ୍ରଙ୍କୁ ଚୁମ୍ବିଥିଲା ପରି ଏହା ମନକୁ ଆଣ ।

୨୯—ଏହା କହି ସଖୀ କାଣ୍ଡିହୃଦେ ରଖି ବୀର ଗଳାକୁ ମଣ୍ଡି ଦେଲାପରି ମାଳା ରଖି ଦେଲା ।

୩୦—ଅଜ ମୁଁ କା ତପୋବଳରୁ ଅଦ୍ଭୁତ ଆକାରବନ୍ତ ( ଅଦ୍ଭୁତ ସୁନ୍ଦରୀ ) ଏହି ରାମର କରୁଣାରୁ ସୁଗ୍ରୀବ ସୁନ୍ଦର ଗ୍ରୀବ ( ଉଲ୍ଲାପକ କଟିବ୍ରଜ ) ହେଲି, ସୁଗ୍ରୀବଠାରେ ଦୟାକର ଦେବଧାରୀ ରାମ ସ୍ୱହସ୍ତରେ ତାହାର ଗଳାରେ ଫୁଲମାଳ ଦେଇଥିବାରୁ ସେ ଧନ୍ୟ ହୋଇଥିଲା ।

୩୧—ସେ ବୀର ଏ ପଦକ କହି ପଦକ ନେଇ ମିଶିକୁ ଦେଲା, ମିନ ନେଇ ସଖୀହସ୍ତରେ ଅନୁରାଗରେ ( ସ୍ନେହରେ ) ଦେଲା ।

ମୋହିଲୁ ଜଣାଉଛଟି କେମାନ୍ତୁ ରେ ସ୍ୱାନ୍ତୁ ।
ଅନ୍ତୁଁ ଏ ସ୍ଥାନ ଗ୍ରହିଲ୍ଲ ପୁରୁଷ ହୃଦକୁ ଯେ । ୩୨
ହସିଲୁ ହସିଲୁ ହୋଇ ସଜନୀ ଅସିଲୁ ।
ସେ ମଣ୍ଡନେ ରମା ହୃଦ ଶୋଭା ପ୍ରକାଶିଲା ଯେ । ୩୩
ଯତନ ନାୟକ-ରତ୍ନ ବ୍ୟାକେ କି ଅଣିଲା ।
ରମଣୀମଣି ଏମନ୍ତ ମନରେ ମଣିଲା ଯେ । ୩୪
ପରସ୍ପର ବରଣ ଉତ୍ସବ ମହାରସ ।
ଭାବନା ଏ ତଳ୍ପ ହେଲା କଲେ ଘ ଆଶ୍ଳେଷ ଯେ । ୩୫
ଲଭିବା ଏ ଭରସା ସହଜେ ଦେଖି ଗଲା ।
ଯୋଗୀ ଯୋଗିନୀ ବେନି ଭରଣି ଭଲା ଭଲା ଯେ । ୩୬
ଧରିଲେ ତାହା ବାଳକ ସାରଣୀଖେଳ ପରି ।
ସୂତ୍ର-ଯୋଗେ ନେଇଲେ ଫେରେ କରକୁ ଓଁଠାଇ ଯେ । ୩୭
ଦେଖୁ ଦେଖୁ ଦର୍ଶନ କଲା ଅବାଧାର ।
ସୁନ୍ଦର ଯେମନ୍ତ ଚନ୍ଦ୍ରମା ହୁଏ ତତ ଯେ । ୩୮

---

୩୨—ମିଣ ସ୍ୱର୍ଣ୍ଣକୁ କଣ୍ଢାଳ ରେ ସ୍ୱାନ୍ତୁ । କେମାନ୍ତୁ ଜଣାଉଛୁଟି ଏ ପଦାର୍ଥ ଅନ୍ତଠାରୁ ପୁରୁଷ ହୃଦକୁ ସ୍ଥାନ ଗ୍ରହିଲା ।

୩୩—ସଜନୀ ହସିଲା ୨ ହୋଇ ଅସିଲା, ସେ ପଦାର୍ଥ ମଣ୍ଡନରେ ରମା ହୃଦରେ ଶୋଭା ପ୍ରକାଶ ପାଇଲା ।

୩୪—ରମଣୀମଣି ପଦାର୍ଥସେନ ମନରେ ଏପରି ମଣିଲା ଯେ ପଦାର୍ଥର ମଧ୍ୟରେ ଯତ୍ନସହକାରେ ଖଚିତ ନାୟକରତ୍ନ (ମଧ୍ୟମଣି) ବ୍ୟାଜରେ ନାୟକରତ୍ନ ( ପୁରୁଷ ଶ୍ରେଷ୍ଠକୁ ) ସଖୀ ଅଣିଲା କି ?

୩୫—ପରସ୍ପର ପରସ୍ପରକୁ ବରଣକରିବାରେ ଉତ୍ସବ ମହାରସ ପ୍ରବୃତ୍ତହେଲା, ଏବେ ଏ ବରଣ ଭାବନା ତଲ୍ପ, ଆଶ୍ଳେଷ ( ମିଳନ ) ହେଲା ପରସ୍ପରକୁ ଅଶ୍ଳେଷ ( ଆଲିଙ୍ଗନ ) କଲେ ।

୩୬—ପରସ୍ପରକୁ ପରସ୍ପର ଲାଭକରିବାର ଭରସା ସହଜରେ ଦେଖାଗଲା, ଭଲା ଭଲା ରେ ଯୋଗୀ (ରାଜପୁତ୍ର) ଯୋଗିନୀ ( ମାଳଲ୍ୟା ) ଏ ଦୁହିଁଙ୍କର ଭରଣି ।

୩୭—ବାଳକମାନେ ସାରଣୀ ଖେଳ ଖେଳିଲା ପରି ସେ ତାହା କଲେ । ସାରଣୀର ସୂତ୍ରଯୋଗେ ହାତକୁ ଓଁଠାଇ ନେଲାପରି ସେ ସୂତ୍ର ( ଡୋରିକେ ) ଯୋଗେ ମାଳ୍ୟ ସହାଇଲେ ।

୩୮—ଯେପରି ଚନ୍ଦ୍ରକଳା ( ଶୁକ୍ଳ ପକ୍ଷ ରାତି ) ସଞ୍ଚାରକର ପୂର୍ଣ୍ଣ ହୁଏ ଯେପରି ଦେଖୁ ଦେଖୁ ସେ ଦୁହିଁଙ୍କର ଦର୍ଶନ ଅବାଧିତ ( ଅପ୍ରତିହିତ ) ହେଲା ।

ହେଜି ମନ ହେଜି ତନୁ ମୃଗସ୍ଥାନ ସ୍ୱର ।
ପାଳିଣ୍ଠି କି ରହିଲେ ରଚନ କର ପୁସ୍ତ ଯେ ॥ ୩୯
ରତି-ଦମ୍ପତ୍ତି ସଂଯୋଗ କାଳ ପ୍ରକଟିଲା ।
ଦମ୍ପତ୍ତିରତି ସଂଯୋଗ ହେବାକୁ ଘଟିଲା ଯେ ॥ ୪୦
ଦରବଶେ କୁଳାସ୍ତୁକୁ ଗମଣି ମନ୍ଦପନ୍ତି ।
ଦର-ଘୋଷେ ସଙ୍କେତ-ଅଶାସ୍ତ୍ରୀ ମଦଗତ ଯେ ॥ ୪୧
ନୃପଜା ପ୍ରବେଶ ପୁରେ ସଙ୍ଗ ଣୀ ସଙ୍ଗରେ ।
ନୃପଜ ମିଶ ସହୃତ ସ୍ଥିତି ସ୍ମନବଳେ ଯେ ॥ ୪୨
ଆଲମ୍ବନ ଭାବ ଅବଲମ୍ବନ ସହତେ ।
ଏପ୍ରକାରେ ଉଦ୍ଦୀପନ ଭାବେ ଧୈର୍ଯ୍ୟ ଭଜେ ଯେ ॥ ୪୩
ଦ୍ୱି ତାମ୍ବାକ୍ଷୀ ରଜନୀ-ମୁଖକୁ ଦେଖନ୍ତି ।
ଗ୍ରହୀ ଏକଦନ୍ତେ ଶୋଭା କି ଗଣେଶ ମୂର୍ତ୍ତି ଯେ ॥ ୪୪
ଯେଣୁ ସେ କଳାପ୍ରବୀଣୀ ଯେଣୁ ରାଗମୟୀ ।
ସର୍ବହୃଦେ ରତିମନ୍ତ୍ର ଜଗେ ସେ ଉଦୟୀ ଯେ ॥ ୪୫

---

୩୯—ସ୍ତ୍ରୀଙ୍କର ମନ ଓ ତନୁ (ଦେହ) ମୃଗସ୍ଥାନ ସ୍ୱରକାକର ପାଳିଣ୍ଠିପାଳ ପ୍ରସ୍ତ ରଚନାକର ରହିଲେ କି ?

୪୦—ରତି ଦମ୍ପତି ( ରତିବାଳ ରତିବାଳୀ ) ଙ୍କର ସଂଯୋଗକାଳ ( ରାତ୍ରି ) ପ୍ରବେଶ କଲା, ଦମ୍ପତିରତି ( ସ୍ତ୍ରୀପୁରୁଷମାନଙ୍କର ) ସଂଯୋଗପାଇଁ ରାତ୍ରି ଘଟିଲା ।

୪୧—ମନ୍ଦପନ୍ତି ( ଭାବମାନେ ) ଦରବଶେ ( ଉଦ୍ବେଗ ) କୁଳାସ୍ତୁକୁ ( ବସାକୁ ) ଗମନକଲେ । ଦର-ଘୋଷେ ( ଶଙ୍ଖରବ ) ଶୁଣି ସଙ୍କେତ ଅଶାସ୍ତ୍ରୀ ସ୍ତ୍ରୀ ପୁରୁଷମାନେ ସଙ୍କେତ ସ୍ଥାନକୁ ମଦଗତି କଲେ ।

୪୨—ନୃପଜେମା ସଖୀସହ ନିଜପୁରରେ ପ୍ରବେଶ କଲେ, ରାଜପୁତ୍ର ମଧ୍ୟ ମିତ୍ରସହ ନିଜ ନଗରରେ ରହିଲେ ।

୪୩—କୁମାର କୁମାରୀ ଦୁହେଁ ଆଲମ୍ବନ ଭାବକୁ ସହଜରେ ଅବଲମ୍ବନ କରିଥିଲେ ଏପ୍ରକାର ଦର୍ଶନରେ ଉଦ୍ଦୀପନ ଭାବକୁ ଧୈର୍ଯ୍ୟକୁ ଭଜିଲେ ।

୪୪—ଯେ ଦୁହେଁ ଦ୍ୱିତାମ୍ବା ଆଖିର ରଜନୀମୁଖ ( ସନ୍ଧ୍ୟାକୁ ) ଦେଖନ୍ତି, ସେକାଳ ଏକଦନ୍ତ ସଦୃଶ ଦ୍ୱିତାମ୍ବାଭିନ୍ନ ଶୋଭିତ ହୋଇଥିବାରୁ 'ବାଳୁଚନ୍ଦ୍ର ଏଲାଳ କଣ ଏକଦନ୍ତଧାରୀ ଗଣେଶ ମୂର୍ତ୍ତି ?

୪୫—ଯେଣୁ ଗଣେଶ କଳାପ୍ରବୀଣ ( ନୃତ୍ୟଗୀତାଦି କଳାରେ ନିପୁଣ ) ଯେଣୁ ରାଗମୟ ( ସ୍ନେହମୟ ଓ ରକ୍ତବର୍ଣ୍ଣ ଶରୀର ) ଏବଂ ସମସ୍ତଙ୍କ ହୃଦୟରେ ରତି (ପ୍ରେମ) ରୂପ ମନ୍ତ୍ରକୁ ଉଦୟ କରନ୍ତି । ସନ୍ଧ୍ୟାକାଳ ମଧ୍ୟ କଳାପ୍ରବୀଣୀ ( କାନ୍ତିବର୍ଣ୍ଣରେ ନିପୁଣ ) ରାଗମୟୀ (ରକ୍ତବର୍ଣ୍ଣୀ) ହେତୁ ସମସ୍ତଙ୍କ ହୃଦୟରେ ରତିମନ୍ତ୍ରକୁ ଉଦୟ କରୁଛି ।

ମୃଣାଳ ସୂତ୍ରରେ କର୍ଣ୍ଣ-କୁଣ୍ଡଳ-କୁନ୍ଦରେ ।
ଭାଗ୍ନୀ ବର୍ଣ୍ଣାବଳୀକି କଳ୍ପିଛି କିମତେ ସେ ॥ ୪୬
ରଜନୀରେ ଦୃଶ୍ୟ ଦିବସରେ ନ ଧରଇ ।
ଏ କପଟଲକ୍ଷଣ। ସେ ସନ୍ଦେହ କିଛି ନାହିଁ ସେ ॥ ୪୭
କୁମାର କୁମାରୀ ଗୁହ୍ୟେ ମିତ୍ର ମିତ୍ରଣୀଙ୍କି ।
ଯାଚିଲ ସେହାଳ ଶୁଣିଲେ ଗୋଟିଏ ବାଣୀକି ସେ ॥ ୪୮
ମାତ ତାତ ତାତର ସିଦ୍ଧିକି ବନ୍ଧୁଜନ ।
ଆମ୍ଭ ବିଭାକରେଣି କିଣ ଉଦ୍‌ବାହ ହୋଇବ ସେ ॥ ୪୯
ଏତେ ବୋଲି ଦକ୍ଷିଣୀ ପ୍ରସାଦର ଅଳଙ୍କାର ।
ଏ ଥିଲେ ମଦିର ବୋଲି ଚେତିଲେ ସୁନ୍ଦର ସେ ॥ ୫୦
ସଖା ସଖୀ କହିଲେ ନ ଶୋକ ଭୟ ମନ ।
ବିଧି ଦଣ୍ଡବଶେ ନାଶ ଭଜିବ ବଦନ ସେ ॥ ୫୧
ଗୁହ୍ମେ ଦେଖନ୍ତୁ ହୋଇବ ଅଙ୍କୋବନ୍ଧ ପ୍ରେମ ।
ତମ ଶ୍ୟାମଳ ଘୋଟିଲା ଏ ଦର ଜନମ ସେ ॥ ୫୨

---

୪୬—ମୃଣାଳ ସୂତ୍ରରେ ( ଅକ୍ଷରେ ) କର୍ଣ୍ଣକୁଣ୍ଡଳର ( କାନଫୁଲର ) ଛନ୍ଦରେ, ଭାଗ୍ନୀ (ତାରକାପଙ୍କ୍ତି) ରୂପକ ବର୍ଣ୍ଣାବଳୀକି ସନ୍ଧ୍ୟା କିମତେ ଲେଖିଛି କି ?

୪୭—ରାତ୍ରିରେ ଏପରି ଦୃଶ୍ୟ ( ଦେଖାଯାଏ) ଦିବସରେ ଦିଶେନା, ଏ କପଟଲକ୍ଷଣ ସେଥିରେ କିଛି ସନ୍ଦେହ ନାହିଁ ।

୪୮—କୁମାର କୁମାରୀ ଦୁହେଁ ମିତ୍ର ଓ ମିତ୍ରଣୀଙ୍କୁ ଗୁହ୍ୟ ସ୍ଥିତ ହୋଇ ଗୋଟିଏ କଥା କହିଲେ ।

୪୯—ଆମଦେବର ତାହାଙ୍କର ତାତର (ପିତା, ବିଷ୍ଣୁଙ୍କର) ସିଦ୍ଧି କି ବିଷୁବନ୍ତ, ଆମ୍ଭଙ୍କ ବିଭାହବାକୁ ଶିଣ ( ଅସୂର୍ଯ୍ୟ ) କରିବ ହୋଇବ କି ? ବିଷ୍ଣୁ ବରଦ ମୂର୍ତ୍ତି ଧରିଥିଲେ, ସନ୍ଧ୍ୟାକାଳ ଦୃଷ୍ଟିରୁ ଚନ୍ଦ୍ରରୂପ ଯାଉଥିବ ବରାହ ଯାଇ ଧରିଲା ।

୫୦—ବିଷ୍ଣୁ ରତ୍ନାକରଭାବରେ ଦକ୍ଷିଣୀର ପଦ୍ମାଦର ଦୃଷ୍ଟିସୀମକୁ ମାଉଥିଲେ, ଏ କାମ ବରୁଣଙ୍କ ଅନୁଚାରେ ଦକ୍ଷିଣୀ ( ସ୍ୱର୍ଣ୍ଣ ) ଅଳଙ୍କାର ଥିଲେ ଆମ୍ଭଙ୍କ ତାହାର ପଦ୍ମୋଦର ନିମୂଳ ପାଇବ ଏହା କହି ମୁର୍ତ୍ତିକଙ୍କାରମାନ ସୁନ୍ଦର ଚେତିଲେ ।

୫୧—ସଖା ଓ ସଖୀ ଦୁହେଁ କହିଲେ ମନରେ ଭୟ କରନା ବିଧିଦଣ୍ଡରୁ ଏ ବଦନ (ଚନ୍ଦ୍ରବଦନ) ଏହିକ୍ଷଣି ନଷ୍ଟ ହୋଇଯିବ ।

୫୨—ତୁମ୍ଭେ ଗୁହ୍ମେ ସେହିପରି ଦେଖ ( ଚନ୍ଦ୍ର ଅସ୍ତହେଲେ ) ତମ ( ଅନ୍ଧକାର ) ଘୋଟିବାରୁ ଶ୍ୟାମଳ (କାମ) ଘୋଟିଛି ଅଛିକି ? ଏ ଦର ( ଭୟ ) ଜଳିବାରୁ ପ୍ରେମ ଥାଉଛି ଭଳି ।

ଚତୁର ଚତୁରୀ ଚର୍ଚ୍ଚା ବାଢ଼ିଲେ କି ହେବ ।
କାମ-ପ୍ରେତ-ହନ୍ତା ମନ୍ତ୍ର-ଲେଖା କେବା ଦେବ ଯେ । ୫୩
ଭାବି ରାମପଦ ଭଣେ ଉପେନ୍ଦ୍ର ଭଞ୍ଜ ।
ଜାଣି ସୁଜନେ ଏମନ୍ତ ମୋହ ଗୀତପୁଞ୍ଜ ହେ । ୫୪

## ଷୋଡ଼ଶ ଛାନ୍ଦ

( ଅନୁଚିନ୍ତା )

ରାଗ—ଚିନ୍ତା କୌଶିକ

କେଲି ଜାଣି ନାଣ ଭଲ୍ଲ ଦାଶି ଦଣ କି ପ୍ରାଚୀ ନାଗରୀବର ।
ଗାଲଗୋଢ଼ୀ ଗୁଡ଼ି ଅରୁଣ ସିନ୍ଦୁରେ ପିନ୍ଧିଲା କୋହଳାମ୍ବର ।
କି ହଳ ! ଭଞ୍ଜୁ ଛାଡ଼ିଯିବା ଇଚ୍ଛୁ ଅଳି !
ସେହୁ ପଦ୍ମିନୀ ସୁରସଶାଳୀ । ଭାନୁ ଉଦରକୁ କି ତୋଳା ଟାଳି ! ୧

୫୩—ନାଗର ଓ ନାଗରୀ ଦୁହେଁ ଏପରି ଚର୍ଚ୍ଚା କରି ଭାବିଲେ ଯେ କାମରୂପ ପ୍ରେତକୁ ଛାଡ଼ିବା ପାଇଁ ମନ୍ତ୍ର ଲେଖା କିଏ ଆଣି ଦେବ ? ପରସ୍ପର ପ୍ରୀତି ଓ ଚିଲେଖା କାମ ପ୍ରେତହନ୍ତା ମନ୍ତ୍ର ପରି ।

୫୪—ଉପେନ୍ଦ୍ର ଭଞ୍ଜ ଶ୍ରୀରାମଚନ୍ଦ୍ରଙ୍କର ପାଦପଦ୍ମ ଚିନ୍ତାକରି ଭଣେ ହେ ସୁଜନ-ମାନେ ମୋହର ଗୀତ ପୁଞ୍ଜକୁ ଏହିପରି ଜାଣ ।

୧—ଏଣିକି ପାନ୍ଥଗଣ ଦଣ୍ଡମାନେ ଦଶିଲେ, ପ୍ରାଚୀ (ପୂର୍ବଦିଗ) ନାଗରୀବର କି ? ସେ ନାଗରୀବର, ପୂର୍ବଦିକ୍ ଗାଲଗୋଢ଼ୀ ପରି ରାତିକୁ ଗୁଡ଼ି ଅରୁଣ ସିନ୍ଦୁରେ ( ରକ୍ତବର୍ଣ୍ଣ ସ୍ନେହରେ ) କୋହଳାମ୍ବର ( ରଙ୍ଗପାଟ ) ପିନ୍ଧିଛି ଅଥବା କି ହଳ ( କେତେକଟୋଶ ) ଦଶିଛି । ଅଳି ( ଭ୍ରମର ) ଭଞ୍ଜୁ ( ପଦ୍ମକୁ ) ଛାଡ଼ି ଯିବାକୁ ଇଚ୍ଛା କରୁଅଛି ବୋଧ ହେଉଛି ଯେ ସେହି ପଦ୍ମିନୀ ସୁରସଶାଳୀ (ରସିକ) ଭାନୁ (ସୂର୍ଯ୍ୟ) ଉଦରକୁ ଭ୍ରମର ରୂପକ ତୋଳାଟାଳି ଚାହିଁଲା କି ?

ଭୁଜଙ୍ଗ-ଅଙ୍ଗ-ଦଗାଦ୍ରୁ-ଘୂରଦାର-ନାଦ-ଦର-ପ୍ରଦ ହୋଇ ।
ଭୁଜଙ୍ଗ ବନିତା ବର୍ଣ୍ଣସଯୋଗକୁ ଚକ୍ରଯୁଗେ ଚଳେ ଥୋଇ ।
ସେ ଧନ୍ୟ । ତାଙ୍କଠାରୁ ଦେଖାଇ ଗଲେ ଭଙ୍ଗ ।
ଦେଇ ପ୍ରୀତି କେବେ ନୋହେ ଭଙ୍ଗ । ଏହିମନ୍ତ ପ୍ରତି ବିଧାନ ॥
କୁଳଟାଙ୍କ କୁଞ୍ଜ-କୋଟରେ ପଳାଇଲେ ଉଲୂକ ଅଭିସାରିକା ।
ଲୁଚିଲେ ଧନ ଚନ୍ଦ୍ର ବର୍ଣ୍ଣ ଲୁଚାଇଁ ନଶାଦରେ ଭରି ଦାଢ଼ା ।
ସେ ଭଲେ । ତାରା ବାସକସଜ୍ଜା ଘୂରଗଲେ ।
ଦୁଃଖବତୀ ମ୍ଳାନି ଏକାବେଳେ । ଯଙ୍କ ଯେତା ଯେତ ହୋଇଥିଲେ ॥ ୩
ଶୁଣି-କପୋତ ହୁଁକୃତେ ପଞ୍ଚକୋକିଳ ନବୀନବଙ୍ଗମା ଯାଇ ।
ଦେଖାଇ ଭବ ଏ ବେଳ ଅଧରଦେଶେ ଲେମ୍ଭୁ ଲଜ୍ଜା ଲୁଚାଇ ।
ସେ ବାଳୀ ! ଦେଖି ଗଣ୍ଡରେ ଶୋଭାବଳୀ ।
ଲେମ୍ଭୁ ଦେବ କି ପୋଛିବ ଭଲି । ଛଇଛାଉ ମିଳିବାକୁ ଆଳି ॥ ୪

---

୨—ଭୁଜଙ୍ଗ ଅଙ୍ଗ ( ଶିବଙ୍କର ) ଦଗାଦ୍ରୁହ ( କୈଳାସପର୍ବତରେ ) ଦରନାଦ ( ଶଙ୍ଖଧ୍ୱନି ) ହୋଇ ଦରପ୍ରଦ ( ଭୟପ୍ରଦ ) ହେଲା । ଭୁଜଙ୍ଗ ( ଲମ୍ପଟମାନେ ) ଓ ବନିତା ( ବାରସ୍ତ୍ରୀ ମାନେ ) ବର୍ଣ୍ଣସଯୋଗକୁ ( ମିଳନ ଅବସ୍ଥାକୁ ) ଚକ୍ରଯୁଗେ ( ଚକ୍ରବାକ ଚକ୍ରବାକୀଠାରେ ) ରଖି ଗଲେ । (ଦିନରେ ଚକ୍ରବାକଯୁଗର ମିଳନ ଓ ରାତିରେ ବିଚ୍ଛେଦ) ତେଣୁ ସେ ଧନ୍ୟ ହେଲେ । ଏ ଦୁହେଁ ତାଙ୍କଠାରୁ ( ଚକ୍ରବାକ ଯୁଗଳରୁ ) ଭଙ୍ଗ (ବିଚ୍ଛେଦ) କୁ ନେଇଗଲେ । ଦୁହିଙ୍କର ଏପରି ପ୍ରୀତି କେବେ ଭଙ୍ଗ ହେଉ ନାହିଁ ପ୍ରତିପାଦନ କରିବାରେ ଏହି ସେ ତାଙ୍କୁ ଦେଇ ତାଙ୍କଠାରୁ ନେଇ ଅଛନ୍ତି ।

୩—କୁଳଟାମାନଙ୍କର କୁଞ୍ଜ କୋଟରରେ ଅଭିସାରିକାମାନେ (ଯେଉଁମାନେ ରାତ୍ରି ନିମନ୍ତେ ସଙ୍କେତ ସ୍ଥାନକୁ ଯାନ୍ତି ) ଘୂରଘର ପଳାଇଲେ, ସେମାନେ ଲୁଚିଲେ ଧନକୁ ଲୁଚାଇଲା ପରି ଏମାନେ ଚନ୍ଦ୍ରଠାରୁ ପାଇଥିବା ନଶାଦର ଚନ୍ଦ୍ର ଓ ବର୍ଣ୍ଣମାନଙ୍କୁ ଲୁଚାଇଲେ ଏବଂ ନଶାଦରେ ( ଦୌଡ଼ିଆସି ) ଭରିଲେ (ଭୟଭୀତ ହୋଇ ) ବସି ରହିଲେ । ତାରା ଏବଂ ବାସକସଜ୍ଜା ( ଯେଉଁ ସ୍ତ୍ରୀମାନେ ବେଶ ଭୂଷା ହୋଇ ବଲ୍ଲଭ ଆଗମନ କାଳରେ ଅପେକ୍ଷାରେ ଥାଏ ) ଏ ଦୁହେଁ ଏକାବେଳକେ ( ଏକ ସମୟରେ ) ଦୁଃଖବତୀ ( ସୁନ୍ଦରୀ ) ହୋଇଥିଲେ ଏବଂ ଏକାବେଳେ ମ୍ଳାନିକୁ ଭଜିଲେ । ଅନ୍ୟାରେ ଉଦ୍ବେଗ ଓ ଦୁଃଖକାଳରେ ମଳିନା ହେଲେ । ଯଙ୍କ ଯେତା ଯେତ ହୋଇଥିଲେ ।

୪—ନବୀନ ବଙ୍ଗମା ସ୍ତ୍ରୀମାନେ ଗୃହପାଳିତ କପୋତମାନଙ୍କର ହୁଁକାର ରବ ଶୁଣି ପଞ୍ଚକୋକିଳକୁ ଯାଇ ଅଧରଦେଶ ( ଦର୍ପଣରେ ) ଅଧର ଭବ ଲେମ୍ଭୁ ଓ ଲଜ୍ଜା ଲୁଚାଇ ନିଜମୁଖ ଦେଖନ୍ତି । ସେ ବାଳା ନିଜଗଣ୍ଡରେ ଶୋଭା-

ହାସ୍ୟ ଶୀତଳକୁ ବାପ୍ରକବ୍ଧା ଭଳି ଯାଚକ କୃପଣଦ୍ୱାରୁ ।
ନିରାଶ ପାଇଁ ନିଃଶ୍ୱାସକୁ ପକାଇ ବାହୁଡ଼ିଲା ସଙ୍କେତରୁ ।
ସେ ତହିଁ । ସଙ୍ଗେ ପରୁଷ ବଚନ କହି ।
ଅଷ୍ଟମଙ୍ଗଳା ବର ମୋ ସେହି । ମୋତେ କି କଲା ଆଶା ଦେଖାଇ । ୪
ମଦ-ଶବଦେ ସ୍ତବଧେ ମନ୍ଦେ ମନ୍ଦେ ମ୍ଳାନକୁ ବଧୂ ବାହାର ।
ଚିତ୍ରାରେ ଥିବ ପଥିକ ଭାବେ ମଳ୍ଲି ହେବାରୁ ହୃଦ ତାହାର ।
ମୁଁ ମଲି । କେଉଁ ବୁଦ୍ଧିରେ ବିଦେଶ ଗଲି ।
ପ୍ରିୟା ଏ ଛବି ନ ଦେଖିଲି । ତାକୁ ମନମଥ ଶରେ ଦେଲି । ୫
ଏସନ ସମୟେ ପ୍ରସନ୍ନବଦନା ମହାମହେନ୍ଦ୍ର ନନ୍ଦନା ।
ଯାଇ ଅଭିସାରେ ଅଗ୍ରେ କହଇ ବସାଇ ସଜନୀ ତିନି ।
ରେ ଅଳି । କେଉଁ ଯୋଗ ହୋଇଥିବ କାଲି ।
ମୁଁ ଯେ କି ଶୋଭା ଦର୍ଶନ କଲି । ଏଥୁ ଦେହରେ କୃତାର୍ଥ ହେଲି । ୬

---

ବାଳୀ ( ତାମ୍ବୂଳବୋଳ ଦନ୍ତ ଅଧର ) ଦେଖି ପ୍ରଭାତସୂର୍ଯ୍ୟର ରଶ୍ମି ଦେବାଙ୍କ ଭ୍ରମକୁ ଚୋଳି ପକାଇବା ଏହା ଭଳି ଅଳୀ ( ସଖୀ ) ମିଳିବାକୁ ( ଫୁଟି-ଥିବାକୁ ) ଲୁଚି ଛନ୍ଦ ଗାଇ ଦେଲା ।

୪—ହାସ ଶୀତଳ ହେବାକୁ ( ପ୍ରଭାତରେ ହାର ସ୍ଥିତ ମଣିମାନଙ୍କର ତେଜ କମି ଯିବାକୁ ) ବାପ୍ରକବ୍ଧା ( ଯେଉଁ ନାୟିକା ସଂକେତ ସ୍ଥାନରେ ନାୟକକୁ ନପାଇ ହତାଶ ହୁଏ ) କୃପଣଦ୍ୱାରୁ ଯାଚକ ଫେରିଲାପରି ନିରାଶହୋଇ ଦୀର୍ଘନିଃଶ୍ୱାସ ପକାଇ ଦୁଃଖରେ ସଙ୍କେତ ସ୍ଥାନରୁ ବାହୁଡ଼ିଲା । ସେ ସେଠାରେ ସଙ୍ଗେ ( ସଖୀରେ ) ପରୁଷ (କର୍କଶ) ବାକ୍ୟ କହିଲା—ଆଜଠାରୁ ସେ ମୋର ଅଷ୍ଟମଙ୍ଗଳାବର (ଅଷ୍ଟମଙ୍ଗଳାରେ କନ୍ୟା ବର ମୁଖ ଚୁହେଁ ନାହିଁ ), ମୁଁ ସେହିପରି ତା ମୁହଁ ଚୁହିଁବି ନାହିଁ ସେ ମୋତେ ଆଶାଦେଖାଇ କି କଲାଟି ?

୫—ମଦ (ହାତ) ଶବ୍ଦ ଶୁଣି ସ୍ତବ୍ଧେ (ରତି ପାଇଁଥିବା ବିଦ୍ଧରେ) ବଧୂ (ନୂତନା ସ୍ତ୍ରୀ) ମ୍ଳାନକୁ ମନ୍ଦେ ମନ୍ଦେ ବାହାରିଲେ । ଚିତ୍ରାରେ ଯେଉଁ ପଥିକ ଛବିରେ ଥିଲା ତାହାର ହୃଦୟ ଏହା ଦେଖି ମଳ୍ଲି ହୋଇ ଯିବାରୁ ସେ ଭାବିଲା—ମୁଁ ମଲି କେଉଁ ବୁଦ୍ଧିରେ ବିଦେଶ ଗଲି ପ୍ରିୟାର ଏ ଛବିକି ଯାହା ନ ଦେଖିଲି, ତାକୁ ( ପ୍ରିୟାକୁ ) ମନମଥ ( କାମ ) ଶରେ ଦେଲି ।

୬—ଏ ସମୟରେ ( ପ୍ରଭାତରେ ) ପ୍ରସନ୍ନମୁଖୀ ମହାମହେନ୍ଦ୍ର ନନ୍ଦନା ( ଲୀଳାବତୀ ରାଜକନ୍ୟା ) କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ତିନି ସଖୀଙ୍କୁ ବସାଇ କହଇ—ରେ ଅଳି ! କାଲି ମୋର କେଉଁ ସୁଯୋଗ ହୋଇ ଥିଲା, ମୁଁ କି ଶୋଭା ଦର୍ଶନ କଲିଟି ଏଥୁ ଦେହରେ କୃତାର୍ଥ ହୋଇଗଲି ।

କନକପର୍ବତ ଉପରେ ମର୍କତ-ଶୃଙ୍ଗ ପ୍ରାୟେ ଧବ୍ୟା କୂଡ଼ା ।
ସୁମନାବଳୀ ବେଷ୍ଟିତ ରମ୍ଭା-ଉରୁ-ଶୋଭିନୀ ଗବେକ ଭୁଡ଼ା ।
ରେ ସଖୀ ! ମଧ୍ୟେ ନୀଳଚେଳ ଘନ ବନ୍ଧ
ଧାରା ପରି ଅଧଲୁଣ୍ଠୀ ଶୋଭି । ଶଶି-ଗୁଚ୍ଛଙ୍କ ହୋଇଛନ୍ତି ସ୍ନାନ । ୮
ରଞ୍ଜିତ ସମ ମୁଅଳକ ବେଢ଼ରେ ଶ୍ରୀମୁଖ ଶୋଭା ବାଢ଼ୁରେ ।
ମଧ୍ୟୁଁ ଅଳକ ପୋଛି ନିଅଁ ପରଖି ଦେଉଛି ଅଳାକଣ୍ଠରେ ।
ରେ ସଖୀ ! ମନ୍ଦ ଚକୋର ସମ ହୁଇ ଆଖି ।
ହାସ ସୁଧାପାନେ ହେଲା ମୁର୍ଛି । ଏତେ କାରଣ ନ ଥିଲା ଦୋଷି । ୯
ଶ୍ରବଣଯୁଗଳେ ସ୍ୱର୍ଣ୍ଣକୁଣ୍ଡଳ ଝିଲମିଲନରେ ଚଳି ।
କହିଛୁଟେ ବାଦ ରଚନା କରି କି ଗୁଚ୍ଛ ଶୁକ ଖେଳେ ଦୋଳି ।
ରେ ମିତ ! କାହେ ମୋ ଦୃଷ୍ଟି ଲଦେ ଉଦାତ ।
ଚଳ ଚଳଦଣ୍ଡ ଉପସ୍ଥିତ । ଅଛି ମର୍ଜନ ସାଗରେ ଶୋଭାତ ।। ୧୦

---

୮—କନକପର୍ବତ ( ମେରୁ ) ଉପରେ ମର୍କତଶୃଙ୍ଗ ପରି ସେ ସୁନ୍ଦର ଦେହରେ ଧବ୍ୟା କୂଡ଼ା ଶୋଭା ପାଉଥିଲା ସେପରି ମେରୁଶୃଙ୍ଗ ରମ୍ଭା ଉରୁ ( ଉର୍ବଶୀ ) ପ୍ରଭୃତି ଶୋଭିନୀ ( ସୁନ୍ଦରୀ ଅପ୍ସରା ) ମାନଙ୍କର ଗର୍ବକୁ ଭୁଡ଼ାଉଥିବା ସୁମନାବଳୀ (ଦେବତା ମାନଙ୍କରେ) ବେଷ୍ଟିତ ସେହିପରି ଏ କୂଡ଼ା ସୁମନାବଳୀ ( ପୁଷ୍ପସମୂହରେ ) ବେଷ୍ଟିତ ହୋଇ ରମ୍ଭା ( କଦଳୀ ବୃକ୍ଷ ) ସଦୃଶ ଉରୁରେ ଶୋଭିନୀ ସୁନ୍ଦରୀମାନଙ୍କର ଗର୍ବକୁ ଭୁଡ଼ାଉଛି । ରେ ସଖି, ମେରୁପର୍ବତ ମଧ୍ୟଭାଗରେ ମେଘ ବନ୍ଧନପରି ଏହାଙ୍କର ମଧ୍ୟରେ ( କଟିରେ ) ନୀଳ ଚେଳ ( ବସ୍ତ୍ର ) ବନ୍ଧାଅଛି । ମେଘରୁ ଜଳଧାରା ଗଳନ୍ତ-ପରି ଅଗରେ ପଡ଼ିଥିବା ଲମ୍ବା ଲୁଣ୍ଠି ଶୋଭା ପାଉଥିଲା । ଗୁଚ୍ଛଙ୍କ ମେଘ ଜଳରେ ସ୍ନାନ, ମୋର ଚନ୍ଦ୍ରରୂପ ଗୁଚ୍ଛଙ୍କ ତହିଁରେ ସ୍ନାନ ହେଲା ।

୯—ରଞ୍ଜିତ ଓ ସମାନ ମୁଅଳକ ( କୁଞ୍ଚିତ କ୍ଷୁଦ୍ରକେଶ ) ବେଢ଼ରେ ବାନ୍ଧିପୂର୍ବକ ଶ୍ରୀମୁଖ ଶୋଭା ହୋଇଛି । ବୋଧହୁଏ ବିଧାତା ଚନ୍ଦ୍ରଙ୍କମଧ୍ୟରୁ କଳଙ୍କକୁ ପୋଛି ନେଇ ସେହି କଳଙ୍କରେ ପରଖି କରିଛି ( ଚନ୍ଦ୍ରଙ୍କ ଗୁରୁ ପାଖରେ ବେଢ଼ା ଭୁଲିଛନ୍ତି ) । ରେ ସଖି ! ମୋହର ଆଖି ମନ୍ଦ ଚକୋରପକ୍ଷୀ ସଦୃଶ ହୋଇ ସେହି ଶ୍ରୀମୁଖଚନ୍ଦ୍ରର ହାସ ରୂପ ସୁଧାପାନ କରି ମୂର୍ଚ୍ଛିହେଲା । ଏତେ କାରଣ କେତେବ ଦୋଷି ନ ଥିଲା ।

୧୦—କର୍ଣ୍ଣଦ୍ୱୟରେ ସ୍ୱର୍ଣ୍ଣନିର୍ମିତ କୁଣ୍ଡଳ-ଝିଲମିଲନରେ ଚଳି ଏପରି ଶୋଭା ପାଉଛି ଯେ ଗୁଚ୍ଛ ଶୁକ ଦୁହେଁ କୌତୁକରେ ବାଦରଚନା କରି ଦୋଳି ଖେଳନ୍ତି କି ? । ରେ ମିତ୍ର, ସେ ଗୁଚ୍ଛ ଓ କବା ଦୁହେଁ କଣ ମୋର ଦୃଷ୍ଟି ଲଦିରେ ଉଦିତ ହୋଇ ଚଳଦଣ୍ଡ ଉପସ୍ଥିତ କଲେ ? କିନ୍ତୁ ମଣ୍ଡଳା ଥିବାରୁ କିଛି ବାଧା ଘଟିଲା ।

ଜିତ ଘ୍ରାଣ ବ୍ୟାଜେ ଗଞ୍ଜୁ ଛେକି କି ସ୍ୱରୂପ ରମ୍ୟଦ୍ୱୀପ ।
ରାମ ନାଗପାଶ ନାସ ନାଶ ଲଗ୍ନେ ବାନ୍ଧିଅଛି ଖଗାଧିପ ।
ହେ ସଜନି ! ଏବେ ମୁଁ ପୁଣି ରାମା ବୋଲଇ ।
ମୋତେ ଘୋଟିଛି ବିରହ ଅହି । ବାନ୍ଧି କଲେ ନ କରିବ ନାହି ॥ ୧୧
କପାଳ ଭୁରୁ ବେଶ ଘେନି ସେ କନ୍ଦର୍ପ କାମ ନୁହେଁ ଛନ୍ଦ ।
ଶମୀକ ଧନୁରେ ସଙ୍ଗ ଭୃଙ୍ଗ ଗୁଣ ବାଣ ନୀଳାବ୍ଜ କି ପଦ୍ମ ।
ହେ ସଖି ! ଅନ୍ୟଠାକୁ ନ ଛାଡ଼ନ୍ତି ଯୋଖି ।
ହୃଦ ଲକ୍ଷ କଲା କିସ ଦେଖି । ସଖୀ ବୋଲେ ମୁଁ ଅଛି ରଖି ॥ ୧୨
ବନ୍ଧୁ ପଞ୍ଚିଲା ପ୍ରାୟେ ରଙ୍ଗ ଅଧର କି ରକ୍ତମନ୍ଦାରଫୁଲ ।
ଗର୍ଭେ ଖଞ୍ଜିଛି କେଉଁ ଧାତା ରଦନ ବ୍ୟାଜେ କୁନ୍ଦକଳୀମାଳ ।
ହେ ମିତ ! ସଦା ସ୍ଫୁଟ ଅସ୍ଫୁଟ ଅଦ୍ଭୁତ ।
ନ ପାଇଲେ ତହୁଁ ମଧୁ ସତ । ଉଡ଼ି ଯିବ ପ୍ରାଣ-ମଧୁବ୍ରତ ॥ ୧୩

---

୧୧—ସେ ସୁନ୍ଦରଙ୍କର ସ୍ୱରୂପ ରମ୍ୟଦ୍ୱୀପ ସଦୃଶ, ସେ ରମ୍ୟଦ୍ୱୀପରେ ଖଗାଧିପ ( ଗରୁଡ଼ ) ଜିତ ଘ୍ରାଣ ( ନାସା ) ବ୍ୟାଜରେ ଗଞ୍ଜୁକୁ ଛେକିଛି କି ? ସେ ଗରୁଡ଼ ଶ୍ରୀରାମଙ୍କର ନାଗପାଶ ନାସ ( ବନ୍ଧ ) ନାଶ କରିବା ଲଗ୍ନେ ( ସମୟରେ ) ବାନ୍ଧିଅଛି । ହେ ସଜନି । ମୁଁ ପୁଣି ଜଗତରେ ରାମା ବୋଲାଏ, ମୋତେ ବିରହ ଅହି ( ସର୍ପ ) ଘୋଟିଛି; ବାନ୍ଧିକଲେ ନାହି କରିବନାହିଁ କି ?

୧୨—ସେ, ସୁନ୍ଦର କପାଳ ( ଲଲାଟପଟ ) ଭ୍ରୂ ଏବଂ ବେଶ ଏମାନଙ୍କୁ ଘେନି ଦେହଧାରୀ କନ୍ଦର୍ପର ଶୋଭା ପାଉଅଛନ୍ତି, ଏହା ଛନ୍ଦ ( ମିଥ୍ୟାକଥା ) ନୁହେଁ । ଭାବଣି କପାଳରୂପ ଶମୀକ ( ପୁନାଗଫୁଲ ) ଧନୁରେ ଭ୍ରୂଲତା ରୂପ ଭୃଙ୍ଗଗୁଣ ସଙ୍ଗକରି ନୟନରୂପ ନୀଳାବ୍ଜ ( ନୀଳପଦ୍ମ )କୁ ଫନ୍ଦ ବାଣ ରୂପେ ଯୋଖି ବସିଛି କି ? ହେ ସଖି ! ସେ ଶର ଯୋଖି ଅନ୍ୟଠାକୁ ଛାଡ଼ନ୍ତି ନାହିଁ, କିସ ଦେଖି ମୋ ହୃଦକୁ ଲକ୍ଷ କରି ବିନ୍ଧିଲେ ? ସଖି କହିଲା, ତୁ ସବୁ କାମଶାସ୍ତ୍ର କୁଚରୂପକ ଶମ୍ଭୁଙ୍କୁ ହୃଦୟରେ ରଖିଛୁ ।

୧୩—ରଙ୍ଗ ବନ୍ଧୁ ପଞ୍ଚିଲା ପରି ଅଧର କି ରକ୍ତବର୍ଣ୍ଣ ହୋଇଅଛି ? କେଉଁ ବିଧାତା ମନ୍ଦାର ଫୁଲ ଗର୍ଭରେ ଦନ୍ତ ଛଳରେ କୁନ୍ଦକଳୀ ମାଳକରି ଖଞ୍ଜିଛି । ହେ ମିତ । ଅଧରରୂପ ମନ୍ଦାରଫୁଲ ସବୁବେଳେ ସ୍ଫୁଟ ହୋଇଛି ( ଫୁଟିଅଛି ) । କିନ୍ତୁ ଦନ୍ତରୂପ କୁନ୍ଦକଳୀ ସବୁବେଳେ ଅସ୍ଫୁଟ ଏହା ଅଦ୍ଭୁତ କଥା ତହୁଁ ମଧୁ ନ ପାଇଲେ ସତ ( ନିଶ୍ଚୟ ) ମୋ ପ୍ରାଣରୂପ ମଧୁବ୍ରତ ( ଭ୍ରମର ) ଶିଘ୍ର ଉଡ଼ିଯିବ ।

ବିସ୍ତାର ଉର କି ଦ୍ୱିପୃଷ୍ଠ କପାଟ ରାମା-ଶତ୍ରୁ-ବନ୍ଦୀ-ଦୁର୍ଗ ।
ତପସ୍ୱୀ ଋଷି ମନସି ଅର୍ପିଥିଲେ ତୋ ସ୍ତନ ସମ୍ପୁଟ ଯୋଗ ।
ତହ ଡାଳା ! ଅଛି ପ୍ରବାଳ ବଉଳମାଳା ।
ଦେଇ ଗଲ ପଦକ ପିଣ୍ଡୁଳା । ଶୁଣି ହସିଲ ଆନ କହିଲ । ୧୪
ଏ କଥା ମିଥ୍ୟା ନୁହଇ ମନୋହର ସୁବର୍ଣ୍ଣଶିକୁଳୀ ଯୋଗେ ।
ଶରଭଆଡ଼ର ଯୌବନ-ଭଙ୍ଗ କର ଦେଖାଉଛି ଦୁଇଦାତେ ।
ତହ ଅଳି । କେହ୍ନ ବୋଲେ ସେ କଥାକୁ ଛଳ ।
ମୁଖଚନ୍ଦ୍ର ତୋ ଧରିବ ତୋଳି । ନମ୍ରମୁଖେ କହେ ଗୁଣଶାଳୀ । ୧୫
ବଳି ତଳକୁ ଉଦରତେଣେଯା ଏ ପ୍ରଣବବାଦ୍ୟ ସଦୃଶେ ।
ଚଢ଼ିବା ଭାଳେ ଧାତା ଦୃଢ଼େ ଧରନ୍ତେ ସେ ଭିଡ଼େ ମଧ୍ୟ କି ରେଖେ
ତହ ସଖି ! ସ୍ଫିଚ ସ୍ଥୁଳ ସେ ଯୋଗ ହୋଇ ।
ନାଭିଛଳେ କୁଣ୍ଡମୁଦ୍ରା ଥୋଇ । ହସ୍ତେ ଧରିବାର ସାକ୍ଷୀ ଦୁଇ । ୧୬

---

୧୪—ତାହାଙ୍କର ବିସ୍ତାର ( ପ୍ରଶସ୍ତ ) ଉର ( ବକ୍ଷସ୍ଥଳ ) ରମଣୀମାନଙ୍କ ଶତ୍ରୁ ବନ୍ଦୀ ହୋଇଥିବା ଦୁର୍ଗର ( ବନ୍ଦୀ ଘରର ) ଦ୍ୱିପୃଷ୍ଠକପାଟ ( ଯାଉଁଳି କବାଟ ) କି ? ଯଦି କହିବ ସେ ଯାଉଁଳି କବାଟ ସଦୃଶ ବକ୍ଷଃସ୍ଥଳ ତୋ ସ୍ତନରୂପ ସମ୍ପୁଟ (ଫରୁଆ)ର ଯୋଗକୁ ମନାସି କରି ଅର୍ପିଥିଲେ । କବାଟରେ ବଉଳମାଳା ଥିବାପରି ବକ୍ଷଃସ୍ଥଳରେ ପ୍ରବାଳ ( ପୋହଳା ) ମାଳ ଅଛି, ପିଣ୍ଡୁଳା-ସଦୃଶ ପଦକକୁ ତୋତେ ଦେଇ ଗଲେ, ଏହା ଶୁଣି ସୁନ୍ଦରୀ ହସିଲେ ଏବଂ ଆନକଥା କହିଲେ । କବାଟରେ ଫଳୁଅ ବଉଳମାଳା ଓ ପିଣ୍ଡୁଳା ଥାଏ ।

୧୫—ମନୋହର ସୁବର୍ଣ୍ଣ ଶିକୁଳୀ ଯୋଗୁଁ ଶରଭ ( ବୋମ୍ବଡ଼ି ପଶୁ ) ଆଡ଼ର ( ସଦୃଶ ) ଯୌବନରୂପ ଭଙ୍ଗ ( ହସ୍ତୀ ) ଦୁଇ ଦାତରେ କର ( ଦୁଇ ଶୁଣ୍ଢ ) ଦେଖାଉଛି, କେହି ଏ କଥାକୁ ଛଳ କହୁଛି, ସେ ଯେବେ ହସ୍ତୀ, ତେବେ ତୋ ମୁଖଚନ୍ଦ୍ରକୁ କରରେ ତୋଳି ଧରିବ, ଏ କଥା ଶୁଣି ଗୁଣବତୀ ସୁନ୍ଦରୀ ନମ୍ରମୁଖରେ କହିଲେ ।

୧୬—ବଳି ତଳକୁ ଉଦର ତେଣେ ପର୍ଯ୍ୟନ୍ତ ପ୍ରଣବ ବାଦ୍ୟ ( ତୁମ୍ବ ଉଲ୍ଟା ) ପ୍ରାୟ ହୋଇଛି । ବିଧାତା ଚଢ଼ିବାବେଳେ ଦୃଢ଼ରୂପେ ଧରନ୍ତେ ସେ ଭିଡ଼େ ମଧ୍ୟ ( କଟି ) ରେଖେ ( ରେଖାଏ ) ହୋଇଛି କି ? ସେ ଯୋଗୁ ସ୍ଫିଚ ( ନିତମ୍ବ ) ସ୍ଥୂଳ ହୋଇଛି । ବିଧାତା ନାଭି ଛଳରେ ନିଜହସ୍ତରେ ଥିବା କୁଣ୍ଡମୁଦ୍ରା ଥୋଇଛନ୍ତି । ତେବେ ଏ ଦୁଇକଥା ହାତରେ ଧରି ଥିବାର ସାକ୍ଷୀ ହେଉଛି ।

ଜଙ୍ଘ ଜାନୁ ଊରୁ କି ଗୂଢ଼ ଅର୍ଗଳ-ସ୍ତମ୍ଭ ଆରମ୍ଭୁ ପାଇ ।
କୁରଙ୍ଗନୟନା ମନ-ସାରଙ୍ଗଙ୍କୁ ବାନ୍ଧି ପକାଇଛି ନେଇ ।
ରେ ନାହ ! ଅଙ୍କ ପାଦଲୁ କି ଦେବା ସର ।
ଯାହା ପ୍ରଚଳାଚ ଗୃହ୍ନି କରି । ହସ୍ତ ହୈକ ଓଳଗଇ କରୀ ! ୧୭

କଣ୍ଠ ଶଙ୍ଖ-ଜିତ ମନ୍ଦର- ତାଡ଼ନ ବରାହବର ଅସ୍ମିତ ।
ସେ ନର-କେଶରୀ ବଳୀ ଧ୍ୱଂସୀ ତେଜେ ସହସ୍ରକର ବିଜିତ ।
ରେ ସଖି ! ମୂର୍ତ୍ତି ରାମ ବଳ ଖ୍ୟାତ ମଦ୍ୟ ।
ବୁଧ ଗୁଣେ ଚନ୍ଦ୍ରହାସେ ଶୋଭୁ । ବିଷ୍ଣୁ କଳାରୂପ ଏତେକ ବହୁ । ୧୮

---

୧୭—ଜଙ୍ଘ ( ଆଣ୍ଠୁର ତଳଭାଗ ) ଜାନୁ ( ଆଣ୍ଠୁ ) ଊରୁ ( ଆଣ୍ଠୁ ଉପର ଭାଗ ) ଅର୍ଗଳ ସ୍ତମ୍ଭ ଆରମ୍ଭ ( ଆଡ଼ମ୍ବର ) କୁ ପାଇ କି ଗୂଢ଼ ( ମନୋହର ) ହୋଇଛି, ତହିଁରେ କୁରଙ୍ଗ ନୟନା ସ୍ତ୍ରୀମାନଙ୍କର ମନରୂପ ସାରଙ୍ଗ ( ମୃଗ ) କୁ ନେଇ ବାନ୍ଧି ପକାଇଛି । କରୀ ( ହସ୍ତୀ ) ଯାହାଙ୍କର ପ୍ରଚଳାଚ ( ଗତ ) କୁ ଗୃହ୍ନିକରି ( ନିଜଗତି ତାହା ସଦୃଶ ସୁନ୍ଦର ନ ହେବାରୁ ) ହସ୍ତ ହୈକ ଓଳଗଇ ।

୧୮—ଏ ଯୁବତୀ ଏତେକ ( ଏତେବେଳକେ ) ବିଷ୍ଣୁଙ୍କର ଦଶ ଅବତାରକୁ ବହୁ ଅଛନ୍ତି ।—ବିଷ୍ଣୁ ମୀନାବତାରରେ ଶଙ୍ଖାସୁରକୁ ଜିଣିଥିଲେ, ଏହାଙ୍କର କଣ୍ଠ ଶଙ୍ଖକୁ ଜିଣିଅଛି । ବିଷ୍ଣୁ କଚ୍ଛପାବତାରରେ ମନ୍ଦରାଦ୍ରିକୁ ପିଠିରେ ଧରିବାରୁ ତାହାଦ୍ୱାରା ତାଡ଼ନ ପାଇଥିଲେ ଏ ମନ୍ଦର ( କୁଚଯୁଗଳର ) ତାଡ଼ନ-ଦାତ୍ରୀ । ସେ ଅସ୍ମିତ ବରାହବର ( ଶରୀର ବରାହ ଶ୍ରେଷ୍ଠ ) ଏ ବର (ଶ୍ରେଷ୍ଠ) ଆହବର ( ଯୁଦ୍ଧର ) ଅସ୍ମିତ ( ଗର୍ବିତ ) ସେ ନର କେଶରୀ ( ନୃସିଂହ ରୂପ ) ଧରି ଥିଲେ ଏ ନରକେଶରୀ ( ମନୁଷ୍ୟ ଶ୍ରେଷ୍ଠ ) ସେ ବଳୀଧ୍ୱଂସୀ ( ବାମନାବତାରରେ ବଳୀର ଗର୍ବ ଖର୍ବ କରିଥିଲେ ) ଏ ( ବଳବନ୍ତମାନଙ୍କର ଦର୍ପହାରୀ ) ସେ ତେଜେ ( ବୀର ତେଜରେ ) ସହସ୍ର କର ( ସହସ୍ର ହସ୍ତ ସହସ୍ରାର୍ଜୁନକୁ ପରଶୁରାମାବତାରରେ ଜିଣିଥିଲେ ) ଏ ତେଜରେ ସୂର୍ଯ୍ୟଙ୍କୁ ଜିଣିଅଛନ୍ତି । ସେ ରାମମୂର୍ତ୍ତି ଧରିଥିଲେ ଏ ରାମ ( ରମଣୀୟ ) ମୂର୍ତ୍ତି ଧରିଅଛନ୍ତି । ସେ ବଳରାମାବତାରରେ ମଦ୍ୟରେ ( ସୁରାପାନରେ ) ବଳଖ୍ୟାତ କରିଥିଲେ, ଏ ଜଗତରେ ବଳ ପ୍ରକାଶ କରି ଅଛନ୍ତି, ସେ ବୁଦ୍ଧାବତାର ଧରିଥିଲେ ଏ ଗୁଣରେ ବୁଧ (ପଣ୍ଡିତ) ଅଟନ୍ତି । ସେ କଳୀଅବତାରରେ ଚନ୍ଦ୍ରହାସେ (ଖଡ୍ଗରେ) ଶୋଭିତ ହୋଇଥିଲେ । ଏ ଚନ୍ଦ୍ରହାସେ ( ଚନ୍ଦ୍ର ତୁଲ୍ୟ ହାସରେ ବା ଖଡ୍ଗରେ ) ଶୋଭିତ ଅଟନ୍ତି ।

ସଜନୀ ନବାଳଙ୍କ ତୁ ସକଳ ବଧୂ ମୋହନରେ ଏକମୂର୍ତ୍ତି ।
ଶ୍ରୀଅଙ୍ଗ ସୁବାସେ ଗନ୍ଧବତୀ ଖ୍ୟାତେ ରଙ୍ଗିଳା ହୋଇଛୁ କାନ୍ତି ।
ହେ ଶ୍ୟାମା ! ସୀତା ମାଧୁର୍ଯ୍ୟ ଗିରେ ସୁଷମା ।
ତୁହେ ବରଣ-ଲକ୍ଷଣ-ସୀମା । କାମପଞ୍ଚ ତୋ ତୁଲ୍ୟ ଉପମା । ୧୯
ହୋଇଛୁ ଏ ହେତୁ ସେ ତୁ କାନ୍ତ କାନ୍ତା ହୋଇ ନେବ ଧବା ଲାଗି ।
ଶୁଣି ପୁଲକିତ କି ତନୁ-ଲତାରେ କଳିକା-ଅଙ୍କୁର ଦିଶି ।
ହେ ବାମା । ସହଜେତ ଅନୁରାଗ ଧାମା ।
ହେଲୁ ଗଦ୍‌ଗଦବାଣୀ ଜନମା । ପୁଣି ହୋଇଲୁ ଚିତ୍ତ ବିଭ୍ରମା । ୨୦
ଦୃଷ୍ଟିକୃତ କୁସୁମିତ କୃତମାଳେ କପୋତ ଲୁତତନ୍ତୁ ଭବ ।
କୃଶୋଦରୀ ଦର୍ବୀଭୂତ ହୋଇ ଭାଷେ ଏତ କାମ-ପ୍ରତିହାରୀ ।
ହେ ମିତ । ଦୂର୍ବା-କାନ୍ତି ଅଙ୍ଗ ଅଙ୍ଗୀକୃତ ।
ମହାରଜତ ଲଗୁଡ଼ ଧୃତ । ଜଳତାଳରେ ହୋଇଛି ରତ । ୨୧

---

୧୯—ସଖୀ କହୁଲେ ତୁ ସକଳ ବଧୂ (କୃଷ୍ଣଙ୍କ) ମୋହନରେ ଏକ ମୂର୍ତ୍ତି ଅଛୁ । ଖ୍ୟାତେ (ଜଗତରେ ଖ୍ୟାତି) ତୁ ଶ୍ରୀଅଙ୍ଗ ସୁବାସରେ ଗନ୍ଧବତୀ (ବାସନା-ଯୁକ୍ତା, ସୁତରାଂ ପୃଥ୍ବୀ) ତୋହର ଦେହ କାନ୍ତି ବର୍ଣ୍ଣନାତୀତ ହୋଇଥିବାରୁ ସେ ରଙ୍ଗିଲା (ଲକ୍ଷ୍ମୀ) ହେ ଶ୍ୟାମା ତୋହର ମଧୁର ଗିରେ (ବାଣୀରେ) ସିତା (ଶର୍କରା) ହେ ସୁଷମା (ତୁଳନା) ଅଛି ତେଣୁ ତୁ ସୀତା, ହେ ସଖୀ ତୁ ବରଣ ଲକ୍ଷଣର ସୀମା (ତୋହର ବରଣ ଲକ୍ଷଣ ଯୁକ୍ତା) ନାରୀ ଜାତି, ସୁତରାଂ ତୁ ସୁଲକ୍ଷଣ ସୀମା ହେ କାମପଞ୍ଚ (କନ୍ଦର୍ପର ପଞ୍ଚ) ତୋ ତୁଲ୍ୟର ତୁଳନା ହୋଇଥିବାରୁ ତୁ କାମପଞ୍ଚ (ରୁକ୍ମିଣୀ) ।

୨୦—ଏ ହେତୁ ସେ ଓ ତୁ କୁହେଁ କାନ୍ତ ଓ କାନ୍ତାହୋଇ ଧବା ଲାଗି ନେବ । ଏହା ଶୁଣି ସୁନ୍ଦରୀ ପୁଲକିତା ହେଲା ତନୁ (ଦେହ) ଲତାରେ ରୋମାଞ୍ଚାଙ୍କୁ-ରଯୋଗୁ କଳିକା ଅଙ୍କୁର (ପ୍ରଥମ ଜାତ କଢ଼ି) ଜାତହେଲା ପରି ଦିଶିଲା । ସେ ବାମା (ସ୍ତ୍ରୀ) ସହଜେ ଅନୁରାଗ ଧାମା (ସ୍ନେହର ଆଧାର) ଅତଏବ (ପୁଲକିତା ହେବାରୁ) ଗଦ୍‌ଗଦବାଣୀ ଜନ୍ମହେଲା, ପୁଣି ଚିତ୍ତରେ ବିଭ୍ରମା (ଜ୍ଞାନ-ହୀନା) ହେଲା ।

୨୧— ଏହିସମୟରେ କୁସୁମିତ (ପୁଷ୍ପିତ) କୃତମାଳ (ସୁନାରୀ) ବୃକ୍ଷରେ କପୋତ ଲୁତ (ଧୂଳି) ଭବବାରୁ କୃଶୋଦରୀ ସେ ବୃକ୍ଷପ୍ରତି ଦୃଷ୍ଟିକୃତ (ଦୃଷ୍ଟି ଦେଇ) ଦର୍ବୀଭୂତ (ରସଯୁକ୍ତ) ହୋଇ ଭାଷଇ-ହେ ମିତ ! ଏତ କାମର ପ୍ରତିହାରୀ (ପହରୀ) ଦୂର୍ବା (ଦୁବ) ତୁଲ୍ୟ ଶ୍ୟାମଳ କାନ୍ତିକି ଅଙ୍ଗୀକାର କରିଛି, ମହାରଜତ (ସୁବର୍ଣ୍ଣ) ନିର୍ମିତ ଲଗୁଡ଼ (ବାଡ଼ି) ଧରିଛି, ଜଳତାଳରେ ରତ ହୋଇଛି । ସୁବର୍ଣ୍ଣ ଯଷ୍ଟିପରି ସୁନାରୀ ଫୁଲତେଣ୍ଡା ।

ଯେଣୁ ଅନଙ୍ଗ ସେ ତେଣୁ ଧନୁ ନାହିଁ ଦୂତ ଶୀଥଳୀ ତା ବାଣ
ଗୁମ୍ଫି ହେଲେ ଚ୍ୟୁତ ଆବଳୀ ହେଲା ମୁଁ ଆଜ କି ରଖିବ ପ୍ରାଣ ।
ରେ ଅଳି ! ତନୁ ତୋମନେ ଶିଖିଣ ତୁଳି ।
ଯିବ ଋଷଭ ମାସରେ ଗଳି । ତହୁଁ କେହୁ ହୋଇବ ସମ୍ଭାଳି ॥ ୨୨
ଏ ସମୟେ ଅଙ୍ଗେ ସୁମନ ପଡନେ ଚମକି ଭାଷିବ ମଲି ।
ପୁଷ୍ପିତ କିଂଶୁକପନ୍ତି ଗଲେଇଲ ମିଳିତ ମିଳାଦ ମାଳୀ ।
ସେ ଭ୍ରାନ୍ତି । ଏତ ସଧୂମ ଅନଳ ଜଳି ।
ଦେବ ଏମା କେଳିବନ ଦେବ ଜାଳି । ଆଉ କାହିଁ ମୁଁ କରିବ କେଳି ॥ ୨୩
ଅବିରଳ ଗୁଞ୍ଜ ଲୁଲୁଳ ଝାଙ୍ଗିଦେଲା ବାତେ ସେ ବେଣୁ ପତନେ ।
ସ୍ଫୁଲିଙ୍ଗେ ସ୍ଫୋଟକ ହେଲା ସବୁ ଯେଣି ପୁଣି ଅନାଇବା ସ୍ତନେ ।
ସେ ବାଳା । ଯେଣି ତମାଳକୁ ମେଘମାଳା ।
ଟିକରଣ୍ଡି ଗଡ଼ ଗଡ଼ି କଲା । ତାପ ନାଶେ ସେ ଦରକୁ ଗଲା ॥ ୨୪

---

୨୨—ଯେଣୁ ସେ କାମ ଅନଙ୍ଗ ତେଣୁ ଧନୁ ନାହିଁ ତାହାର ବାଣରୂପ (ଅମ୍ରବଲ୍ଲୀ) ଓ ଶୀଥଳୀ ଦେଖାଯାଉଛନ୍ତି, ସେ ଆବଳୀ (ବାଣ ସମୂହ) ଗୁମ୍ଫି (ଧନରୁ) ଚ୍ୟୁତ ହେଲେ ମୁଁ ହେଉଛି ଯୋଗ କା ଆଜ ରଖିବ ? ରେ ଅଳି । ମୋହର ତନୁ (ଶରୀର) ତୋମାନଙ୍କଠାରେ ଶିଖିଣ ପ୍ରସ୍ତର ତୁଳ (ତୁଳମାପ) ତେବେ ଋଷଭ ମାସରେ ଗଳିବ କେହୁ ( କାହାର ) ମୁଁ ସମ୍ଭାଳି ହୋଇବ ।

୨୩—ଏହି ସମୟରେ ଅଙ୍ଗେ ସୁମନ ( ପୁଷ୍ପ ) ପଡ଼ିବାରୁ ଚମକି ଉଠି କହିଲା ମୁଁ ମଲି, ପୁଣି ମିଳାଦ ପାଳୀ ( ଭ୍ରମର ପନ୍ତି )ରେ ମିଳିତ ( ଯୁକ୍ତ ) ପୁଷ୍ପିତ କିଂଶୁକପନ୍ତି ( ପୁଷ୍ପିତ ପଳାଶ ବୃକ୍ଷ ସବୁ ) ଦିଶୁଛନ୍ତି କରି ସେ ଭ୍ରାନ୍ତିରେ ଏତ ସଧୂମ ( ଧୂଆଁ ସହ ) ଅନଳ ( ଅଗ୍ନି )ଜଳୁଛି, କି ଏ ମୋ କେଳିବନକୁ ଜାଳିଦେଲା ମୁଁ ଆଉ କେଉଁଠାରେ କ୍ରୀଡ଼ା କରିବି । ଭ୍ରମରପନ୍ତି ଧୂମ ପଳାଶ କୁସୁମ ଅଗ୍ନି ।

୨୪—ବାତର (ବାୟୁଯୋଗେ) ସେ ବେଣୁ (ପୁଷ୍ପବେଣୁ) ପଡ଼ନ୍ତେ ଅବିରଳ ଗ୍ରାବରେ ଗୁଞ୍ଜ ଲୁଲୁଳ (ବସ୍ତ୍ରକର ଲୁଗା)କୁ ଝାଡ଼ିଦେଲା ସ୍ଫୁଲିଙ୍ଗେ (ଅଗ୍ନିକଣାରେ) ସ୍ଫୋଟକ (ଫୋଟକା) ହେଲା ସବୁ ମନରେ ଏପରି ଯେନି ସ୍ତନକୁ ଅନାଇଲା ପୁଣି ସେ ବାଳା ତମାଳ ବୃକ୍ଷମାନଙ୍କୁ ମେଘମାଳା କରି ଯେନି ଟିକରଣ୍ଡିକ ମେଘ ଗଡ଼ଗଡ଼ି କଲା, ଯେଉଁ ଦରରେ ତମାଳବୃକ୍ଷ ସେ ଦରକୁ ତାପନାଶ ନିମିତ୍ତ ଗଲିଗଲା ।

ବାଙ୍କସେନ ଦନ୍ତ ଉନ୍ମୁଣୀ ଅନାଇ ଛାଡ଼ୁ ନିଜ ନାମ ବନ୍ଧୁ ।
ବୋଇଲେ ଯେବେ ତୁମ୍ଭେ ସାଯାତେ ମିଳିଲ ଦମ୍ଭୋଳି ଭୟ ମୋ ନାହିଁ ।
ସେ ଯୋଷା । ଚଳି କହିବାରେ ମୃଦୁଭାଷା ।
ମିତ୍ର ଶ୍ଲେଷ ହୋଇଅଛି ମିଶା । ସ୍ୱର୍ଣ୍ଣେ ଗୋଡ଼ାଇଛନ୍ତି ବୟସ୍ୟା । ୨୫
ଦେଖାଇ ଫୁଲ ମନ୍ଦାର କହେ ମାର ଜାଣି ଅଶୋକ ସଜି ।
ମଧୁ-ଶିବର ଦେଇ ଜ୍ୱଳନ୍ତ ବସନ୍ତ ମୁଁ ହରିଣୀ ମୋତେ ଶୋଭି ।
ସେ ଭଣ । ଯେଣୁ ନୃପସୁତ ଦେଶ ଦଣ୍ଡି ।
ବୀର ଶାର୍ଦ୍ଦୂଳ ହେଲେଣି ଅସି । ଫଳା ଧନୁ ଅର୍ଗ୍ଣ ଥୋଇ ଭୁଷି ॥ ୨୬
ଭ୍ରୂଭଙ୍ଗିନୀ ଯୋଗଜଙ୍ଗିନୀର ପ୍ରିୟସଙ୍ଗିନୀ କହେ ଭାରତୀ ।
ରାଜାତନୁଜା ଜୁମ୍ଭଣା ତୁ ଲଜ୍ଜାବତୀ ହୋଇ ଏକା ସତୀ ।
ରେ ମିତ୍ର । ମନ୍ତ୍ର ପାଇଲ ବେନି ଗୁପ୍ତ ।
ଲୋଡ଼ିଲେ ବାଞ୍ଛିତ କାର୍ଯ୍ୟ ପ୍ରାପତ । ଜଣାଗଲେ ସଂଶୟ ମହତ ॥ ୨୭

୨୫—ବାଙ୍କସେନ ଉଚ୍ଚ ( ଅଗସ୍ତିବୃକ୍ଷ )କୁ ଉନ୍ମୁଣୀ ଅନାଇ ଆହାର (ଅଗସ୍ତିବୃକ୍ଷର ) ନିଜନାମ (ଅଗସ୍ତିଋଷି) କଥା କହାଇ ବୋଇଲା-ଯେବେ ତୁମ୍ଭେ ସାଯାତରେ ଅସି ମିଳିଲ ତେବେ ମୋର ଦମ୍ଭୋଳି ( ବଜ୍ର ) ଭୟ ନାହିଁ । ସେ ଯୋଷା ଚଳି (ଭ୍ରମହୋଇ ) ମୃଦୁଭାଷା (କୋମଳବାଣୀ) କହିବାରେ ମିତ୍ରମାନଙ୍କର ଶ୍ଲେଷବାଣୀ (ଦ୍ୱର୍ଥ ବଚନ) ମିଶା ହୋଇଛି ? ବୟସ୍ୟା (ସଖୀମାନେ) ସ୍ୱର୍ଣ୍ଣରେ ଗୋଡ଼ାଇଲେ । ଅଗସ୍ତିଋଷିଙ୍କ ନାମସ୍ମରଣରେ ବଜ୍ରଭୟଦୂରହୁଏ ।

୨୬—ସେ ସୁନ୍ଦରୀ ମନ୍ଦାର ଫୁଲକୁ ଦେଖାଇ କହିଲା—ମାର ଜାଣି ଅଶୋକକୁ ( ରାତିରେ ଅଗ୍ନି ଜାଳି ପାଖରେ କରିବାକୁ ) ସଜି ମଧୁଶିବରେ ( ବସନ୍ତ ପକ୍ଷ-ଙ୍କରେ ) ଜ୍ୱଳନ୍ତ ବସନ୍ତ ( ଜଳନ୍ତା ବନ୍ଧାଇ ) ଦେଇ ମୁଁ ହରିଣୀ ( ସୁବର୍ଣ୍ଣ ପ୍ରତିମା ସୁନ୍ଦରୀ ମୁକ୍ତାଂ ମୃଗାକ୍ଷୀ ) ମୋତେ ମାରିବାକୁ ଶୋଭୁଛି । ଯେଣୁ ସେ ନୃପସୁତମାନେ ରହିଥାଣ ଯେଣୁ ଦେଶ ( ସେ ଦେଶରେ ) ରାଜପୁତ୍ର ଦେଖାଯିବାକୁ ଭୁଷିଲ—ବୀର ଶାର୍ଦ୍ଦୂଳ ( ବୀର ଶ୍ରେଷ୍ଠ ରାଜପୁତ୍ର ) ଶାର୍ଦ୍ଦୂଳ (ବ୍ୟାଘ୍ର) ସେ ଅସି ପ୍ରବେଶ ହେଲେଣି, ଅତଏବ ହେ ଭ ମ ! ତୁ ଧନୁ ଅର୍ଗ୍ଣ ଥୋଇ ଫଳା । ମନ୍ଦାର ଫୁଲ ଜ୍ୱଳନ୍ତା କହୁଛି ଯନ୍ତ୍ର ।

୨୭—ଭ୍ରୂଭଙ୍ଗିନୀ (କଟାକ୍ଷ ଗୁରୁଭାବ ଶୀଳା )ଯୋଗଜଙ୍ଗିନୀ (ଯୋଗଧ୍ୟାନିନୀ) ସୁନ୍ଦରୀ ପ୍ରତି ପ୍ରିୟସଙ୍ଗିନୀ ଏହା ଭାରତୀ (ବାଣୀ) କହିଲା ଯେ—ତୁ ରାଜତନୁଜା ( ରାଜକନ୍ୟା ) ଜୁମ୍ଭଣା ( ପ୍ରାପ୍ତବୟସ୍କା ) ଲଜ୍ଜାବତୀ ହୋଇ ତୋର ଏ କା ନାର୍ଜ୍ଜିନା ସତ । ରେ ମିତ୍ର ! ମନ୍ତ୍ର ଏବଂ ପ୍ରୀତି ଏ ବେନିକି ଗୁପ୍ତ-ରଖିଲେ ବାଞ୍ଛିତ କାର୍ଯ୍ୟପ୍ରାପ୍ତ ହୁଏ । ତୋର ଏ କଥା ଜଣାଗଲେ ମହତ ସଂଶୟ ।

ସ୍ମିତ ଜନମାନ ଦେବାଙ୍କୁ ସେ ସ୍ୱଭା ଅଛୁନ୍ତି ଭବେ ସୁନ୍ଦରୀ ।
ଅନାସ୍ୱତେ ଖ୍ୟାତ ବାସ ଘୋଡ଼ାଇଲେ କୁଚ ପୟୋଧର ପରି ।
ସେ ଯୋଷା । ବୃଦ୍ଧି କରଲ ନିବଦ୍ଧ ଦଶା ।
ଦେଇ କୁମାରେ ନିରତେ ଆଶା । ଦୂର କରିଦେଲା କ୍ଷୁଧା ତୃଷା । ୨୮
କୁମର ମାର ମାଉଣେ ତାପୀ ହୋଇ କୁମାରୀ ଦର୍ଶନ ପୋଷି ।
ପ୍ରତିପଦେ ଯେତେ ଗୁହିଁଲେ ଲକ୍ଷଣେ ଯେଣୁ ତା ପ୍ରସନ୍ନ ଦଶି ।
ସେ ସତ । ମଣି ଗୁହ୍ୟ ଭଣି ଭ୍ରମରାଣ୍ଡ ।
ଏବ ଛନ୍ଦେ ତା ହେବ ବିଦିତ । ତ୍ରିଂଶେ ଯମକ ସୂତ୍ର । ୨୯
କହେ ଉପେନ୍ଦ୍ର ମୋ ପ୍ରଭୁ ଶ୍ରୀରାମ ବୈକୁଣ୍ଠନାଥ ସାକ୍ଷାତ ।
ଜାତ କଲେ କ୍ଷୀରାର୍ଣ୍ଣବୁଁ ସୁଧା ମୋର ଗୀର୍ବାଣ୍ଣବୁଁ ଉପଗୀତ ।
ସେ ସତ । ସେ ବିବୁଧ ଏ ବୁଧ ବଞ୍ଚିତ ।
ଦୈତ୍ୟେ ଖଳେ ନ ଅର୍ପିଲ । ଯେ ଗ୍ରାସିବ ହେବ ଖଣ୍ଡ ମଣ୍ଡ । ୩୦

---

୨୮—ସ୍ମିତ (ଭସ୍ମ) ଲଗାଇ ଦେବାଙ୍କୁ ସୁନ୍ଦରୀ ସେ ସ୍ୱଭକ ଅଛୁନ୍ତି ଭଲ (ଘୋଡ଼ାଇ ପକାଇଲା), କିନ୍ତୁ ସେ ସ୍ୱଭ ବାସ (ବସ୍ତ୍ର) ଘୋଡ଼ାଇଲେ ମଧ୍ୟ କୁଚପୟୋଧର (ଉନ୍ନତ ସ୍ତନ) ଦେଖାଗଲା ପରି ଅନାସ୍ୱତେ ଖ୍ୟାତ ହେଲା । ସେ ଯୋଷା ନିବଦ୍ଧଦଶାକୁ ବୃଦ୍ଧି କରାଇଲା, କୁମାର ଠାରେ ନିରନ୍ତର ଆଶାବନ୍ଧି କ୍ଷୁଧା ତୃଷା ଦୂରକରି ଦେଲା ।

୨୯—କୁମାର ପ୍ରତିପଦରେ ଯେତେ ଲକ୍ଷଣେ (ନୟନରେ) ଗୁହିଁଲେ ତା (ସେ ସୁନ୍ଦରୀର) ପ୍ରସନ୍ନରୂପେ ଦେଖାଯାଉଛି, ତେଣୁ ସେ ସତମଣି ଭ୍ରମର-ହୋଇ ଗୁହ୍ୟକଥା କହୁଛି, ଏହି ଛନ୍ଦରେ ସେ ସବୁ ଗୁହ୍ୟବାଣୀ ପ୍ରକାଶ ପାଇବ । ସେ ଛନ୍ଦ ୩୦ ପଦ ଯମକ ସୂତ୍ର ।

୩୦—ଉପେନ୍ଦ୍ର ଭଞ୍ଜ କହନ୍ତି, ମୋ ପ୍ରଭୁ ଶ୍ରୀରାମ ସାକ୍ଷାତ୍ ବୈକୁଣ୍ଠନାଥ, ସେ ପ୍ରଭୁ କ୍ଷୀରସାଗରରୁ ସୁଧାପରି ମୋ ଗିର୍ବାଣ୍ଣବରୁ ଉପଗୀତ ଜାତକଲେ ଏହା ସତ ଅଟେ । ସେ ସୁଧା ବିବୁଧ (ଦେବ) ବଞ୍ଚିତ ଏ ବୁଧ (ପଣ୍ଡିତ) ବଞ୍ଚିତ । ସେ ଦୈତ୍ୟମାନଙ୍କ ଦ୍ୱାରା ଅର୍ପିତ ହୋଇନାହିଁ, ଏ ଗୀତ ମଧ୍ୟ ଖଳଲୋକ ଦ୍ୱାରା ଅର୍ପିତ (ଅବମାନିତ) ନୁହେଁ । ଯେଉଁ ଲୋକ ଏ ଗୀତକୁ ଗ୍ରାସ କରିବ ସେ ଖଣ୍ଡ ପରି ହେବ । (ସୁଧାପାନରେ ରାହୁର ଶିରଚ୍ଛେଦନ ହେଲାପରି ତାହାର ଦୋଷଦଶା ଖଣ୍ଡିତ ହେବ )

---

# ସପ୍ତଦଶ ଛାନ୍ଦ

## ରାଗ—କାଳୀ

କମଳଗଞ୍ଜଣୀ କମଳ ଗଞ୍ଜଣୀ ମସୃଣକାନ୍ତି ଯଥା ।
କାମିନୀ-ରତ୍ନ କାମୀ କିବତ ଦେଖେ ଦଣ୍ଡକେ ତଥା । ୧
ହିତରେ ଅସ ଛିତରେ ଅଣ ଚୋରେଡ଼ ଏ ଗୃହ୍ଣୁ ଗୁପ୍ତେ ।
ଅଣି ଲୁଚାର ଅଣି-ଲୁଚାର ଗୁଣେ ଲୀନ କି ଶାସ୍ତେ । ୨
ଖର-କରଜା ଖରକର ଜା-ବୀଚି-କୁଞ୍ଚିତ-ବେଣି ।
ଖଣ୍ଡ ପରଶୁ ଖଣ୍ଡ ପରଶୁ-ପର-ତାପକୁ ହରି । ୩
ହରିତବାସୀ ହରିତ ବାସୀ ହୋଇ ନ ଆସୁ ପାଶ ।
ହର ସୁମତ ହର ସୁମତ କଳଙ୍କୀ ଶଶୀ ଦୋଷ । ୪

---

୧—ଯେଉଁ କମଳଗଞ୍ଜଣୀ ( ମୃଗଲୋଚନୀ ) ମସୃଣକାନ୍ତି କମଳ (ଜଳ) ଗଞ୍ଜଣୀ (ଜନକନନ୍ଦିନୀ) ସେହିପରି କାମିନୀ ରତ୍ନ ( କାମିନୀ ଶ୍ରେଷ୍ଠ ) କାମୀ ଶ୍ରୀକୃଷ୍ଣ ଦଣ୍ଡେ (ଗଉଡାଣୀଙ୍କରେ) ଦିଶନ୍ତେ (ସୁନ୍ଦରୀରୂପ ଦେଖାଯାଆନ୍ତେ) ସେ ରୂପକୁ ସତ ମନେ କଲେ ।

୨—ଶ୍ରୀକୃଷ୍ଣ ଏହିପରି ଗୁହ୍ୟକଥା ଗୁପ୍ତେ ଷିତରେ (ପୃଥ୍ୱୀରେ) ଦେଖାଇଲେ ମୋର ଅଣ, ତୁ ଛିତରେ (ଭୂମିରେ) ଶୁଳ୍‌ ମୋ ପାଖକୁ ଅସ । କି ଶାସ୍ତେ ( କି ହେତୁରୁ ) ଅନଙ୍ଗୁଳୀର (ଅଙ୍ଗୁଳୀ) ଅଗ୍ର ଭୂଷାର (ମନୋହର) ରୂପକୁ ଗୋପୀମାନଙ୍କର ଲୀନ କରୁଛୁ ।

୩—ହେ ଖର କରଜା (ଶାଣିତ ନଖଶ୍ରୀ) ହେ ଖର କରଜା ଯାଡକୁମ୍ଭ ଶ୍ରେଣୀ ଖରକର ସେ ସୂର୍ଯ୍ୟ ତାହାଙ୍କଠାରୁ ଜାତ ହୋଇଥିବା ଯମୁନାର ବୀଚି (ଲହରୀ) ପରି କୁଞ୍ଚିତ କେଶ ଯାହାର, ତୁ ହରି ପରଶୁ (ସ୍ୱର୍ଣ୍ଣକାର) ଖଣ୍ଡ ପରଶୁ (ମହାଦେବଙ୍କର) ପର (ଶତ୍ରୁ କାମର] ତାପକୁ ଖଣ୍ଡ (ଖଣ୍ଡନ କର) ।

୪—ହେ ହରିତବାସୀ (ନୀଳବସନା) ତୁ ହରିତ(ଦିକ୍) ବାସୀ ହୋଇ (ଦିଗମ୍ବରୀ—ନଙ୍କରେ) ଦେଖାଦେଲ ପାଖକୁ ଆସୁନାହଁ, ହେ ସୁମତ (ଶୁଦ୍ଧ ମତ) ଦେଖ କଳଙ୍କୀ ଶଶୀ ହର (କାରଣ) ହ୍ରାସ୍ ମୋ ସୁମତ (ଭଲବୁଦ୍ଧିକୁ) ହର (ହରଣ କରୁଛି)

ଗଉରୀ-ବର-ଗଉର ବରଣୀତନ୍ୱୀ ବିମ୍ବାଧରୀ ।
ଗଉରୀ-ବର ଗଉରୀ ବର କୃପାରୁ ମୁଁ ତୋହର ॥ ୫
ସାରସଦୃଶା ସାର ସଦୃଶା କାହିଁ ପାଇବା ଗୁଣେଶି ।
ସୁମନାବର ସୁମନାବରପୁରେ ନ ଥିବ କେଉଣେ ॥ ୬
ଘନକେଶିନି ଘନ କେଶିନା-ସୂଦନ ସେବିଥିଲି ।
ଘନ ରସରେ ଘନରସରେ ଗୁଣକୁ ପ୍ରାପ୍ତ ହେଲି ॥ ୭
ଷଡ଼ଙ୍ଗ ତନୁ ଷଡ଼ଙ୍ଗ ତନୁ ପୁନଃପୁନଃ ମୁଁ ବୋଲି ।
ଷଡ଼ଜନକ ଷଡ଼-ଜନକ ବାହନ କଲେ ମଲି ॥ ୮
ନାଗରୀ-ପୁର ନାଗ-ରିପୁର ଗରବହାରୀ କଟି ।
ନତନୁ ମଉଥି ନ-ତନୁ ମତେ କରିବା ଅର୍ଥେ ଘୋଟି ॥ ୯
ଶୁଭ୍ର-କରଣ ଶୁଭ୍ର କରଣି ପତନ ସୁଧାପୁର ।
ସ୍ୱପନ ଭରି ସ୍ୱପନ କରିବାରେ ମୁଁ ଦେବି ଉର ॥ ୧୦

---

୫—ହେ ଗୌରୀବର ଗୌର (ଗୋରୋଚନା ଶ୍ରେଷ୍ଠ ପର ଗୌରାଙ୍ଗୀ)ବର ତନ୍ୱୀ ବିମ୍ବାଧର । ଗୌରୀବର (ଶିବ) ଏବଂ ଗୌରୀ (ପାର୍ବତୀଙ୍କ) କୃପାରୁ ମୁଁ ତୋହର ବରଯୋଗ୍ୟ ହୋଇଛି ।

୬—ହେ ସାରସ-ଦୃଶା (ପଦ୍ମନେତ୍ରା) ସାରସ (ପଦ୍ମ) ଦୃଶ (ନେତ୍ରୀ) ସାର (ଶ୍ରେଷ୍ଠଗୁଣୀ) ହେ ତୋ ସଦୃଶା (ସମାନ) ଆଉ କାହିଁ ପାଇବା । ହେ ସୁମନାବର (ରମଣୀମଣି) ସୁମନାବର ପୁରେ (ଇନ୍ଦ୍ରପୁରେ) ତୋ ସମାନ କେଉଣି ନଥିବ ।

୭—ହେ ଘନକେଶିନି ଘନ (ଦୃଢ଼ ଭାବରେ) କେଶୀ ସୂଦନ (କେଶୀହନ୍ତା, କୃଷ୍ଣଙ୍କୁ) ସେବିଥିଲି । ଘନରସରେ (ମେଘଜଳରେ) ଗୁଣକୁ ପରି ତୋ ଘନ (ନିବିଡ଼) ରସରେ ଆଶାର୍ଥୀ ହେଲି ।

୮—ତୋ ବାକ୍ଯୁଦରେ ମୋ ତନୁ (ଦେହ) ଷଡ଼ଙ୍ଗ ଷଡ଼ଙ୍ଗ ବୋଲି ମୁଁ ପୁନଃ ପୁନଃ କହୁଛି ଷଡ଼ଜନକ (କାର୍ତ୍ତିକେୟ, ତାହାଙ୍କର ଛମାତା) ଙ୍କର ବାହନ (ମୟୂର) ଷଡ଼ ଜନକ (ଷଡ଼୍‌ଜ ସ୍ୱର) କଲେ ମୁଁ ମଲି ।

୯—ହେ ନାଗରୀପୁର (ନାଗରୀମାନଙ୍କର ଅଗ୍ର ଗଣ୍ୟା) ତୋହର କଟି ନାଗରିପୁ (ସିଂହ)ର ଗର୍ବହାରୀ । ନତନୁ (ଅନଙ୍ଗ) ମଉଥିହୋଇ ମତେ ନତନୁ (ବିନାଶ) କରିବା ଅର୍ଥରେ ଘୋଟିଛି ରକ୍ଷାକର ।

୧୦—ଶୁଭ୍ରକରଣ (ଚନ୍ଦ୍ର)ର ଶୁଭ୍ର (ଶୁକ୍ଳ) କରଣ ପଡ଼ିଥିବା ସୁଧାପୁର (ଚନ୍ଦ୍ରାଲୋକ ଗୃହରେ) ମୁଁ ସ୍ୱପନରେ ତୋ ସ୍ୱପନ ନିମନ୍ତେ ମୋ ଉର (ବକ୍ଷଃସ୍ଥଳ) କୁ ଦେବି ।

ଚନ୍ଦ୍ରମା ଖଣ୍ଡ ଚନ୍ଦ୍ରମା ଖଣ୍ଡ ସମାନ ତାପୁଅଛି ।
ଚଳଚଳଶୀଳା ଚଳଚଳେ ଶିଳା ହେବାର ନୋହେ ଛାଜି । ୧୧
ବାସନ୍ତୀଅଳୀ ବାସନ୍ତୀ ଅଳି ପରି ଗୁଞ୍ଜିବି ତୋଳି ।
ବାରେକ କବରୀରେ କବରୀ ହେବି ପବିତ୍ର ବାଳି । ୧୨
ଛନ୍ଦ ନ କର ଛନ୍ଦନ କର କର ଗଳାରେ ମୋର ।
ଛଡ଼ା-ସୁମନ ଛଡ଼ା ସୁମନତାପ କରିବି ଦୂର । ୧୩
ଲକ୍ଷ୍ୟ ରସାଳେ ଲକ୍ଷ୍ୟ ରସାଳ ହୃଦରେ କମ୍ପି ଥାନ୍ତୁ ।
ଲଳିତ-ଅଙ୍ଗି ଲଳିତ ଅଙ୍ଗୀକାର କର ଭଜନ୍ତୁ । ୧୪
ଜୀବନ ବିନା ଜୀବ ନବୀନା ମୀନ କି ଧରି ପାରେ ।
ଜଗତୀ ମଣ୍ଡ ଜଗତୀ-ମଣ୍ଡନା ତୁ ମୋ ସଙ୍ଗେ ବାରେ । ୧୫
ରସାଳପିଠେ ରସାଳପିଠେ କରେ କୋକିଳ ଘୋଷ ।
ରତି-ରଞ୍ଜନ ରତ ରଞ୍ଜନସୁନ୍ଦରୀ ହୋଇ ତୋଷ । ୧୬

---

୧୧—ତୋ ବିଚ୍ଛେଦରେ ଚନ୍ଦ୍ରମାର ଖଣ୍ଡ (କିରଣ) ଓ ଚନ୍ଦ୍ରମା [କର୍ପୂର] ଖଣ୍ଡ ସମାନ (ସୂର୍ଯ୍ୟ ତୁଲ୍ୟ) ତାପୁଅଛି । ହେ ଚଳଚଳଶୀଳା (ଚଞ୍ଚଳସ୍ୱଭାବା) ଏ ଅବସ୍ଥାରେ ଚଳଚଳ ( ଅଚଞ୍ଚଳେ ) ଶିଳା [ ପଥର ତୁଲ୍ୟ ନିଷ୍ଠୁର ] ହେବାର କିଛି ଭଲ ନୁହେଁ ।

୧୨—ମୁଁ ତୋହର ବାସନ୍ତୀ ଅଳୀ (ଭଲପାଉଥିବା ସଖୀ) ପରି ବାସନ୍ତୀ ଅଳି (ବସନ୍ତ କାଳୀନ ପୁଷ୍ପସମୂହ) ତୋଳି ଗୁଞ୍ଜିବି । ହେ ବାଳି । ତୋ କବରୀ (କେଶ) ବାରେକ ( ଥରେ ) କବରୀରେ ( ମଣ୍ଡନ କରିବା ଦ୍ୱାରା ) ମୁଁ ପବିତ୍ର ହେବି ।

୧୩—ହେ ସୁନ୍ଦରି । ମୋଠାରେ ଛନ୍ଦ ( କପଟ ) କରନା । ମୋ ଗଳାରେ କରକୁ ଛନ୍ଦନକର । ମୋ ସୁମନ ତାପ ( ମନୋବେଦନା ) କୁ ଛଡ଼ାଅ । ଛଡ଼ା ସୁମନ (ଛଡ଼ା ପୁଷ୍ପ) କୁ ମୁଁ ଦୂର କରିବି ।

୧୪—ହେ ଲଳିତ ଅଙ୍ଗି । (କୋମଳାଙ୍ଗି) ଲଳିତ (ସୁନ୍ଦର) ରୂପେ ଅଙ୍ଗୀକାର କର ଭଜନ୍ତୁ ରସାଳ (ସରସ) ହୃଦୟରେ ରସାଳ ( ଆମ୍ର ) ଲକ୍ଷ୍ୟ (ତୁଲ୍ୟ) ଲକ୍ଷ୍ୟ ( ଭୃଙ୍ଗସବୁ ) କମ୍ପା ଥିବନ୍ତି ଆମ୍ବ ପରି ଗୁଞ୍ଜିବା ଅନ୍ତରରେ ଭାଜନ୍ୟ ।

୧୫—ହେ ନବୀନା । ଜୀବନ (ଜଳ) ବିନା ମୀନ ଜୀବ ଧରିପାରେ କି ? ହେ ଜଗତୀ ମଣ୍ଡନା । ( ସଂସାର ମଣ୍ଡନା ) ତୁ ବାରେ ମୋ ସଙ୍ଗରେ ଜଗତୀ (ଅଟ୍ଟାଳିକା ) କୁ ମଣ୍ଡନକର ।

୧୬—ହେ ରସାଳସି । ରସାଳ ପିଠେ ( ଆମ୍ର ବୃକ୍ଷ ଉପରେ କୋକିଳ ) ଘୋଷ ( ରବ ) କରୁଛି ଏ ସମୟରେ ହେ ରତି ସୁନ୍ଦରି । ( ଅପ୍ସରାତୁ ମଣ୍ଡିତା ) ମୁଁ ଦରିଦ୍ର ମୋତେ ରତ ( ସ୍ନେହ ) ରେ ରଞ୍ଜନ କରି ତୋଷକର ।

ଝଲକାଳିତ ଝଲ୍‌କା ଉତ୍ତଂସକୁ କର କି ମଜା ।
ଝଲସୁବର୍ଣ୍ଣା ଝଲ ସୁବର୍ଣ୍ଣାବଳୀ ଘଣ୍ଟିକ ବଜା ॥ ୧୭
ସୁତକଳାପ ସୁତ କଳାସଙ୍କତ ଝୋଲିବା ଯାମେ ।
ସୁତାକୁ ରଙ୍ଗେ ସୁତାଙ୍କୁରଙ୍ଗେ କର ନ କଷା ଦାମେ । ୧୮
ନୀଳ ଲୋହିତ ନୀଳ-ଲୋହିତ ଶୁକ୍ଳ ନୟନେ ମୋହୁ ।
ନିଗମ ବନ ନିଗମ-ବନବାସୀ ଭଜିବେ ତୁହୁଁ ॥ ୧୯
ମତ୍ତେଭଗତି ମତେ ଭଗତ ସେନା ନିର୍ଦ୍ଦୟ କର ।
ମାନସ ମାନ ମାନ ସମାନ ନୋହିଲେ ମୁଁ ତୋହର ॥ ୨୦
ଟେକ-ଆନନ ଦେଖ ଅନ ନ ଚାହିଁ ପକ୍ଷିଣୀସନ୍ଧି ।
ଟିକାଏ ରସ ଝୀକାଏ ରସଣାଗ୍ରେ ପରି ତୁହି ॥ ୨୧
ଭାବବାଗ୍ମିଣ ଭାବ ବକ୍ରଲୋଚନୀ କଣ୍ଠୀ ପରି
କୃଷ୍ଣ ପଦକୁ ଭଲ ମଦକୁ ଶୁଭ୍ରାଂଶୀ ହାତେ ଧର ॥ ୨୨

---

୧୭—ଝଲକା ଉତ୍ତଂସକୁ ( ଝଲ ଦିଉଥିବା ଶିରୋ ଭୂଷଣକୁ ) କି ମଜା କରୁ ଝଲକାଳ ( କଙ୍କାଳ ) ଭାବେ ଝଲ ସୁବର୍ଣ୍ଣା । ( ଝଟକ କାନ୍ତି ) ଝଲ ସୁବର୍ଣ୍ଣା ବଳୀ ( ଝଟକ ସୁବର୍ଣ୍ଣ ସମୂହରେ ନିର୍ମିତ ) ଘଣ୍ଟିକ ବଜା । (ତପସ୍ବୀଭ ପ୍ରାର୍ଥନା ) ।

୧୮—ହେ କଳାପ-ବନ୍ତ ( କଳାସିକ ) । ସୁତ କଳାପରେ ( ସୂକ୍ଷ୍ମ ଶୀଭ୍ରାବରେ ) ଯାମେ ( ପ୍ରହରେ ) ସୁତ ( ସୂକ୍ତ ) ଝୋଲିବା । ଏ ସୁତାଙ୍କୁ ( ମୋତେ ) ରଙ୍ଗ ( କୌତୁକରେ ) ସୁତାକୁ ରଙ୍ଗ କର ଦାମେ ( ଦାମ ବାଂଧ ହାତରେ ) କଷାନା ।

୧୯—ତୁ ନୀଳ ଲୋହିତ ଶୁକ୍ଳ ( କଳା, ନାଲି, ଓ ଶୁକ୍ଳବର୍ଣ୍ଣ ଯୁକ୍ତ ) ନୟନରେ ନୀଳ ଲୋହିତ ( ଶିବ )ଙ୍କୁ ମୋହିତ କରୁ । ନିଗମ ( ବେଦ ) ପେଣ୍ଠ-ମାନଙ୍କ ହୃଦୟରେ ବନ (ବାସ) କରନ୍ତି ସେହି ନିଗମ ବନବାସୀ ( ଗହନ ବନ ବାସୀ ଋଷିମାନେ ) ମୋତେ ତୁହୁଁ ଭଜିବେ ।

୨୦—ହେ ମତ୍ତେଭଗତି ( ମତ୍ତଗଜଗାମିନି ) ମୋହର ଭଗତ ( ଭକ୍ତ ) ସେନା ମତେ ନିର୍ଦ୍ଦୟ କର । ମାନସରେ ଏ କଥାକୁ ମାନ ମୁଁ ମାନରେ ତୋ ସମାନ ନୋହିଲେହେଁ ତୋହର ଅଟେ ।

୨୧—ହେ ଦ୍ରାକ୍ଷାସନ୍ଧି ! ତୋହର ଟେକ ଆନନ (ଶ୍ରେଷ୍ଠ ମୁଖକୁ ) ଦେଖ, ମୋହର ଅନ ଚାହିଁ ନ (ନାହିଁ) । ତୁ ପରି ରସଣାଗ୍ରେ ଶୋଷିଏ ଝୀକା ? ତେଣୁ ମୋ ସଙ୍ଗରେ ଟିକାଏ ( ଅଳ୍ପମାତ୍ର ) ରସରେ ରସ ।

୨୨—ହେ ଭାବବାଗ୍ମିଣ (ପ୍ରୀତିବାଗ୍ମାମାନଙ୍କ ମଧ୍ୟରେ ମଣି—ଶ୍ରେଷ୍ଠା ) । ବକ୍ରଲୋଚନୀ ତୁ ଏ କଥାକୁ ମନରେ ଭାବ—ତୁ କଣ୍ଠୀ ( ରାଧିକା ) ପରି, କୃଷ୍ଣ (କୃଷ୍ଣାସ୍ତ୍ରୀ)

ଠିକେ ଜାବନ୍ତ ଠିକେ କି ରତ କାଜ ବଞ୍ଚିଲ କୁଟେ ।
ଠକାର ପରି ଠକାର ପରିହର ନ ପାରୁ କିବନ୍ତ ॥ ୨୩

ବରବର୍ଣ୍ଣନୀ ବର ବର୍ଣ୍ଣନା କରୁଁ ଏ ଭଣା ତୋତେ ।
ବାଣକୁ ମାରୁ ବାଣୀ କୁମାରୀ-ପତିକନକ ମୋତେ ॥ ୨୪

ତାଳମୂ-ବିଜ ତାଳମୂ-ବ-ଜ ଦନ୍ତକୁ ସମ ନୋହୁ ।
ତୋଳାତ୍ପ୍ରତିମା ତୋଳା ପ୍ରତିମା ଘଟିଛି ହେଲୁ ତୁହି ॥ ୨୫

ଫଳ କଳପ ଫଳ କଳପତରୁ ତୁ ଯା ମନାସି ।
ଫୁଟ ହୃଦସ୍ଥ ଫୁଟେ ହୃଦସ୍ଥ କରତେବ ମଦାଳସି ॥ ୨୬

ଥାଳେ ବାଗୁର ଥାଳେ ବାଗୁରପତନ ଦେଲୁଁ କରେ ।
ଥରଥର ମୁଁ ଥରଥର ମୁଁ ନୟନେ ଅଶ୍ରୁ ଧରେ ॥ ୨୭

---

ଗୁଣକୁ ଗୁହାଁଣିରେ, ଓ ମଢ ( ମୂର୍ଖ ) ଗୁଣକୁ ହାସରେ ଧରି ଜାଳ ମଧ ଭୁବନ୍ତ କରିପାରୁ ।

୨୩—ଠିକରେ ( ମୂଳରେ ) ପ୍ରକାଶ ପାଉଥିବା ତୋହର ଗୋଷ୍ଠ କାନ୍ତି ଆଗରେ ରତ ଠକେ କି ? ( ବନ୍ଧପାରେ କି ? ) ତୋ ହୃଦରେ ଠକାରପରି ବଞ୍ଚିଲ କୁଚେ ଜାତ ହୋଇଛନ୍ତି, ଏଣୁ ତୁ ଠକାର (ଠକପଣ) ପରିହାର ( ତ୍ୟାଗ ) ନ ପାରୁଛୁ, ମୋତେ ଠକୁଛୁ ।

୨୪—ହେ ବରବର୍ଣ୍ଣନା ! ବର ( ଶ୍ରେଷ୍ଠ ) ବର୍ଣ୍ଣନାକୁ ମୁଁ କରୁଁ ତୋଠାରେ ତାହା ଭଣା ହେଲା, ଏଣୁ ମତେ ବାଣ କୁମାରୀ ପତି କନକ ( କାମ ) ବାଣକୁ ମାରୁଛି । ବାଣକୁମାରୀ ( ଉଷା ) ତାହାର ପତି ( ଅନିରୁଦ୍ଧ ) ତାହାର ଜନକ ( କାମ ) ।

୨୫—ତାଳମୂବୀଜ ( ଡାଳିମ୍ବମଞ୍ଜି ) ତାଳମ୍ବ—ବ—ଜ (ଡାଳିମ୍ବ ଯେ ଶାମୁକା ଚଣ୍ଡିରୁ ବ-ବିଶେଷରେ ଜ-ଜାତ-ମୁକ୍ତା ) ତୋ ଦନ୍ତକୁ ସମ ନୁହଇ । ମୋ ତୋଳାପ୍ରତିମାକୁ ଘଟଣିଦେଇ ତୁ ମୋ ତୋଳାକୁ ପ୍ରତିମା ହେଲୁଣି, ତୋ ଛଡ଼ା ଆଉ କିଛି ମୋତେ ଦିଶୁନାହିଁ ।

୨୬—ତୁ କଳ୍ପତରୁ, ମୁଁ ଯାହା ମନାସିଛି ସେ କଳ୍ପଫଳ ( ବାଞ୍ଛାରୂପ ଫଳ ) ତୁ ତୁ ଫଳ ( ବାଞ୍ଛାସିଦ୍ଧ କର ) । ହେ ମଦାଳସି ତୋ ହୃଦସ୍ଥକୁ ଫୁଟାଅ ( ମୋଠାରେ ଅନୁରକ୍ତିଣୀ ହୁଅ ) ।

୨୭—ତୋହର ଦର୍ଶନ ଦେଲୁଁ ମୁଁ ଥାଳେ ( କାଷ୍ଠମୁ ରୂପେ ) ଏହି ବାଗୁର କଥିକି ଆଉ ମୋର ପତନାହିଁ, ତୁ ଥାଳେ ବାଗୁର ( ଅତେ ମୋ ପ୍ରତି ପ୍ରେମରୁର କର ( ତୋ ବିଚ୍ଛେଦରେ ମୁଁ ଥରଥର ( ଥରଥର ) ହେଉଛି ଏବଂ ଥରଥର ଅଶ୍ରୁକୁ ନୟନରେ ଧରୁଛି ।

ପଦେ ଶରଣି ପଦେ ଶରଣି-ବସ୍ତୁକା ବାଣୀ ଭଣି ।
ପୁଷ୍ପ ମାର୍ଗଣ ପୁଷ୍ପ-ମାର୍ଗଣ ଦଣ୍ଡୁ ରଖିଲି ପ୍ରାଣ ॥ ୨୮
ଅନ୍ତରଗତେ ଅନ୍ତର ଗତେ କି ଭବ ସାରେଣ ଅସି ।
ଅନାକୂଳରେ ଅନା କୂଳରେ ଭେଳା ଯାଉଛି ଭସି ॥ ୨୯
ନାରଙ୍ଗକୁ ନିରଖି କରୁଣାର ବୃକ୍ଷେ କି ଫଳ ।
ନୂତନା ସ୍ତନ ନୂତ ନାଡ଼ିଳ ସମାନ ତୋହ ହୁଲେ ॥ ୩୦
ତାରକ ମଣି ତାରକ-ମଣି-ହାରୀକି ମୋ ଭରସା ।
ତାଧ ଭରନ୍ତି ତାର ତରନ୍ତି ଅଧିକ ହେବୁ ଯୋଷା ॥ ୩୧
ଧନବନ୍ତୁ ଧନ କାଢ଼ୁ ସେବେ ମୁଁ ନ ପାଇବି ।
ଧନି ଉପାରେ ଧନୀର ସାରେ କେମନ୍ତେ ବୋଲାଇବି ॥ ୩୨

---

୨୮—ହେ ଶରଣି ବସ୍ତୁକା ! ତୋ ପଦରେ ଶରଣି ଗଲି, ପୁଷ୍ପମାର୍ଗଣ ( କାମ ) ର ପୁଷ୍ପମାର୍ଗଣ ( ଫୁଲଶର ) ଦଣ୍ଡରୁ ତୋ ପ୍ରାଣ ରଖିଲି ବୋଲି ପଦେ ବାଣୀ ଭଣି ( କହ ) ।

୨୯—ତୁ ସାରେଣ ଅସି, ଅନ୍ତରେ କି ଭବ ଅନ୍ତର ହୋଇ ଗତେ ( ଯାଉଛୁ ) । ଅନାକୂଳରେ ( ଅକୂଳ ହୋଇ ) କୂଳରେ ବସି ଅନା ମୋ ଭେଳା ଦୁଃଖ ନଦୀରେ ଭସି ଯାଉଛି ।

୩୦—କରୁଣା ବୃକ୍ଷରେ ନାରଙ୍ଗବୃକ୍ଷର ଫଳ ଫଳଇ କି ? ତୁ କରୁଣା ବୃକ୍ଷପରି, ମୋତେ କାହିଁକି ନିରଖି କରୁଛୁ ? ରେ ନୂତନା ! ତୁ ମୋର ସ୍ତନ ! ତୋହ ତୁଳେ ସମାନ ହେବାକୁ ନୂତ ( ପ୍ରଶଂସିତ ) ହୋଇ ଦେଇ ନାଡ଼ିଳ ।

୩୧—ତାରକମଣି ( ରକ୍ଷାକାରୀ ମଣିମାନ ) ତାରକମଣି ହାରିକି ( ଚନ୍ଦ୍ରହାରୀକୁ ଅର୍ଥାତ୍ ତୋତେ ) ମୋର ଭରସା । ହେ ଯୋଷା ! ମୋତେ ଭରନ୍ତି ( କାମୁକ ହେବା ଦୁଃଖକୁ ) ତାର, ତାହାହେଲେ ତୁ ମୋର ତାର ତରନ୍ତି ( ଉଜ୍ଜ୍ୱଳହାର ମଧ୍ୟ ମଣିଠାରୁ ) ଅଧିକ ହୋଇ କଣ୍ଠ ଭୂଷଣ ହେବୁ ।

୩୨—ହେ ଧନ ! ତୁ ମୋର ଧନ କାଢ଼ୁ ( ଧନସମୂହ ) ସେବେ ମୁଁ ତୋତେ କାଢ଼ୁ ନ ପାଇବି ସେବେ ହେ ଧନି ଉପାରେ ( ପୃଥ୍ୱୀରେ ) ଧନୀମାନଙ୍କ ମଧ୍ୟରେ ଉପାରେ ( ଶ୍ରେଷ୍ଠ ବୋଲି ) କେମନ୍ତେ ବୋଲାଇବି ?

ଅରେ ସନ୍ଧୃତ ଅରେ ସନ୍ଧୃତ ତାପ-ଜ୍ୱରକୁ ନାଶ ।
ଅବ୍ଧିସାର ଯେ ଅଶ୍ୱ ସାର ସେମନ୍ତେ କରିବା ଯଶ ॥ ୬୭
ଦିନ ଯାଉଛି ଦୀନ କରଣ୍ଡି ଦେହକୁ ମୃତ ପ୍ରାୟେ ।
ଦାଶରଥିର ଦାସରଥିର ଭକ୍ତି ଉପେନ୍ଦ୍ର ଧ୍ୟାୟେ ॥ ୬୮

—:o:—

# ଅଷ୍ଟାଦଶ ଛାନ୍ଦ

( ଗ୍ରୀଷ୍ମକାଳ ଓ ସୁନ୍ଦରୀର ବିରହ ଦଶା ବର୍ଣ୍ଣନା )

ରାଗ—ରାମକେରୀ

ଶୁଣ ହେ ସାଧବ ମାଧବ ଶେଷେ ଫୁଲିଲା କନ୍ଦ ।
ଏ ଗ୍ରୀଷମଋତୁ ଉତ୍ତମ ସମ ନୁହଇ ମନ୍ଦ ॥ ୧
ସତ ଏ ପବନ ମାନବଙ୍କୁ ଜାତ ଦାନବଙ୍କୁ ସ୍ୱେଦ ।
ଭାନୁ ବୃହଦ୍ଭାନୁ ଯା ଯୋଗୁଁ କଲେ ତେଜସ୍ୱୀ ବାଦ ॥ ୨

---

୬୭—ହେ ସଖି ! ମୋ ଦେହ ତ ଅଛି, ତୁ ଅରେ ମୋ ସଙ୍ଗେ ସନ୍ଧୃତ (ଯୁକ୍ତ) ହୋଇ ତାପଜାତ ଜ୍ୱରକୁ ନାଶ କର । ହେ ଅବ୍ଧିସାର ( ଅଶ୍ୱ ଶ୍ରେଷ୍ଠ ) ଅଶ୍ୱ ( ସୂର୍ଯ୍ୟ ) ସେ ଯେ ସାର ଯଶ ତାକୁ ସେମନ୍ତେ ରକ୍ଷା କରିବାକୁ ତୁଏ ତାହା କର ।

୬୮—ଦିନେ ଯେ ମୁଁ, ହିଁ ( ନିଶ୍ଚୟ ) କରଣ୍ଡି ଦେହକୁ ଦୀନ ( ଦୁଃଖୀ ) ହୋଇ ଦିନକୁ ଯେ ମୃତପ୍ରାୟ ବୋଧ କରୁଛି । ଦାଶରଥି ( ରାମଚନ୍ଦ୍ରଙ୍କର ) ଦାସର ( ସେବକ ମୋହର ) ତାଙ୍କଠାରେ ସ୍ଥିର ଭକ୍ତି ରହିଛି ଏହା ଭାବି ଉପେନ୍ଦ୍ର ଭଞ୍ଜ ଧ୍ୟାଉଛି ।

—:o:—

୧—ହେ ସାଧବ ମାନେ । ଶୁଣ ମାଧବ ( ବସନ୍ତ ) ଶେଷରେ ଫୁଲିଲା ( ଫୁଟିଲା ) କନ୍ଦ ( କଦମ୍ବ )—ଏ ଉତ୍ତମ ଗ୍ରୀଷ୍ମ ଋତୁ ସମାନ ମନ୍ଦ ନୁହନ୍ତି ।

୨—ଏ ( କାଳ ) ସ୍ୱର୍ଣ୍ଣ ମାନବଙ୍କୁ ଦାନବଙ୍କୁ (ଦେବଙ୍କୁ) ସ୍ୱେଦ ( ଝାଳ ) ଜାତ ହୁଏ ଏହାସତ । ଯା ଯୋଗୁ ଭାନୁ ( ସୂର୍ଯ୍ୟ ) ଓ ବୃହଦ୍ଭାନୁ (ଅଗ୍ନି) ତେଜସ୍ୱୀ ହେବାରେ ବାଦ କଲେ ।

ପ୍ରଭାକୁ ପ୍ରକାଶେ ଆକାଶେ ପ୍ରଭାକରେ ଦିବସେ ।
ଜଳେ କୃଶାନୁ ସାନୁମାନ ମାନଙ୍କରେ ଅନିଶେ ॥ ୩
ଧରଣୀ ସରଣିଧୂଳିକି କଲା ଉତପ୍ତ ତହିଁ ।
ପଥିକ ପଦ ବିପଦକୁ ପଦପଦାରେ ଦେଇ ॥ ୪
ତପ୍ତ କାଳ କଲା ଜଞ୍ଜାଳ ଗଲା ମାର୍ଗକୁ ଯେହ୍ନେ ।
ସଜଳ ମୁଖରେ ବଜଳ ଅନୁବରତେ ବାନ୍ଧି ॥ ୫
ଶୀତଳ ସଲିଳେ ଅନିଳେ ସଦା ରହୁ ଯେ ଥିଲା ।
ଦୂର ଦୁରନ୍ତ ଅର୍କ ଛୁରି ତହୁଁ ପ୍ରତାପେ କଲା ॥ ୬
ସେ ଚନ୍ଦନେ ଚନ୍ଦ୍ରସଦନେ ଚନ୍ଦ୍ର ଚନ୍ଦ୍ରେ ବସିଣ ।
ଜନରଞ୍ଜନକୁ ଯଜନାଧନେ କେତେ ଯତନ ॥ ୭
ନଳିନବନ୍ଧୁ ଯେ ମଳିନ କରୁ ଲୋଡ଼ନ୍ତେ କରେ ।
ଜ୍ୱଳନ ବଂଶ-ନଳୀ ଗ୍ରନ୍ଥି-ଗୁଳି ଫୁଟାଇ ଖରେ ॥ ୮

---

୩—ପ୍ରଭାକର ( ସୂର୍ଯ୍ୟ ) ଦିବସରେ ଆକାଶେ ପ୍ରଭାକୁ ପ୍ରକାଶନ୍ତି । କୃଶାନୁ ( ଅଗ୍ନି ) ଅନିଶେ ( ସର୍ବଦା ) ସାନୁମାନ ( ପର୍ବତ ) ମାନଙ୍କରେ ଜଳେ ।

୪—ଧରଣୀ ( ପୃଥିବୀ ) ର ସରଣି ମାର୍ଗର ଧୂଳିକି ଉତପ୍ତ କଲା । ତହିଁ ( ସେ ବାଟରେ ) ପଥିକ ପଦର ବିପଦକୁ ପଦେପଦେ ( ପ୍ରତିପଦାରେ ) ଦେଲା ।

୫—ସେହି କାଳ ଜଞ୍ଜାଳ ଗଲା ଲୋକର ମାର୍ଗକୁ ତପ୍ତକଲା ଯେହ୍ନେ ସଜଳ ମୁଖରେ ଅନବରତ ବଜଳକୁ ବାନ୍ଧି ( କରିଲ ) ।

୬—ଯେଉଁ ଶୀତଳତା ସର୍ବଦା ସଲିଳେ ( ଜଳରେ ) ଓ ଅନିଳେ ( ବାୟୁରେ ) ରହୁଥିଲା, ତାକୁ ଦୁରନ୍ତ ଅର୍କ ( ସୂର୍ଯ୍ୟ ) କର ଛୁରି ( ତେଜ ) ପ୍ରତାପ ଦ୍ୱାରା ତହୁଁ ( ଜଳ ଓ ପବନରୁ ) ଦୂର କଲା ।

୭—ସେ ଶୀତଳତା ଯାଇ ଚନ୍ଦନରେ, ଚନ୍ଦ୍ର ସଦନେ ( ଚନ୍ଦ୍ର ଲତାଗୃହରେ ) ଚନ୍ଦ୍ରକାନ୍ତରେ ଏବଂ ଚନ୍ଦ୍ରେ ( କର୍ପୂରରେ ) ବସି ରହି ଯଜନାଧନରେ କେତେପ୍ରକାର ଜନରଞ୍ଜନ ( ଲୋକମାନଙ୍କର ସନ୍ତୋଷ ) କୁ ଯତନ ( ରଚନା କଲା ) ।

୮—ନଳିନବନ୍ଧୁ ( ସୂର୍ଯ୍ୟ ) କରରେ ( କିରଣ ଦ୍ୱାରା ) ଅଗ୍ନିକି ମଳିନ କରୁ ଲୋଡ଼ନ୍ତେ ( କରିବାକୁ ଖୋଜନ୍ତେ ) ଜ୍ୱଳନ ( ଅଗ୍ନି ) ବାଉଁଶକୁ ନଳୀ ( ବନ୍ଧୁକ ) ଏବଂ ଗ୍ରନ୍ଥି ( ବାଉଁଶ ଗଣ୍ଠିକି ) ଗୁଳାକରି ଖରେ ( ଶୀଘ୍ର ) ଫୁଟାଇଲା । ଅରଣ୍ୟରେ ଅଗ୍ନି ଲାଗି ବାଉଁଶ ଗଣ୍ଠି ଫୁଟିଲା ।

ମଦ ରହିନ୍ତି ମିତ୍ରଦ୍ୱନ୍ଦ୍ୱ ମଦଦ୍ୱନ୍ଦ୍ୱ କରୁଛ ।
ଅନେ ବିଭାବସୁ ଜା ବର୍ଣ୍ଣ ବସୁଧାକୁ କମ୍ପୁଛ ॥ ୯
ଜା ନିର୍ଦ୍ଦୟ କାଳ ହୃଦୟ ଏହି ଅସ୍ତୁର୍ଯ୍ୟ ବର୍ଣ୍ଣ ।
ରସହୀନେ କଲେ ରସନା ଖ୍ୟାତ ବସ୍ତୁତ ପଶୁ ॥ ୧୦
ଶଙ୍କାରେ ପଙ୍କରେ ଅଙ୍ଗକୁ ଲୋଟାଇଲେ ମହିଷ ।
ଘୂର୍ମିତ ଅଳସେ ପତଙ୍ଗେ ପିଇ ଖର୍ଜୁରରସ ॥ ୧୧
ଏଣୁ ଜୀବକୁଳ ଅକୁଳ ହେଲେ ସଜ୍ୱର ବଶ ।
ତେଣୁ ଦାହ ତୃଷ୍ଣା ଜନିତ ଶୀତ୍ୟ ଭ୍ରମ ମାନସ ॥ ୧୨
ଏ ବାର୍ଦ୍ଧ ସୁମନ୍ଦ ତମସ୍ୱ ମସ୍ତରିକାକୁ ଧାଇଁ ।
ତା ଭ୍ରମର ପାଣି ହଂସ-ଜା-ବାର ହଂସ ଗୋଡ଼ାଇ ॥ ୧୩
ଶୁକତଣ୍ଡ ଚୁମ୍ବି କାଂଶୁକଳୀ ଭ୍ରମ ଭ୍ରମରେ ।
ସେ ଚକିତ ଜଳଶୋଷାଏ ଭୁଲି ମୁଖ ବାନ୍ଧିରେ ॥ ୧୪

---

୯—ମଦ ( ହାତୀମାନେ ) ରହିନ୍ତି ( ଶୋଭାପାଉଛନ୍ତି ) ଅନେ ବିଭାବସୁ ( ସୂର୍ଯ୍ୟ ଓ ଅଗ୍ନି ) ଭୁବନେ ମିତ୍ର ଦ୍ୱନ୍ଦ୍ୱ ( ମିତ୍ରଦ୍ୱୟ ) ଜା ବର୍ଣ୍ଣ ( ଜା ଭାବଶାନ୍ତ ) ମଦ ଦ୍ୱନ୍ଦ୍ୱ ( କଳହ ) କରୁଛ ଏବଂ ବସୁଧାକୁ କମ୍ପୁଛ ।

୧୦—ଏହିସବୁ ଅସ୍ତୁର୍ଯ୍ୟ ଘଟଣା ଦେଖି ଜଣା ପଡୁଛି ଜା ନିର୍ଦ୍ଦୟ କାଳ ହୃଦୟ ହେଲା ।—ରସ (ଜଳ) ହୀନ ହେବାରେ ବସ୍ତୁତ ପଶୁ ରସନା ଖ୍ୟାତ କଲେ ( ଜିହ୍ୱା କାଢ଼ିଲେ )

୧୧—ମହିଷମାନେ ଶଙ୍କାରେ ( ଭୟରେ ) ପଙ୍କରେ ଅଙ୍ଗ ( ଶରୀର ) କୁ ଲୋଟାଇଲେ । ପତଙ୍ଗେ ତୃଷା ଅଳସେ ( ଯାତନାରେ ) ଖର୍ଜୁରରସ ପିଇ ଘୂର୍ମିତ ( ଘୁମାଇଲେ ) ।

୧୨—ଏଣୁ ଜୀବକୁଳ ସଜ୍ୱର ( ସନ୍ତାପ ) ବଶରେ ଅକୁଳ ହେଲେ, ସେ ସଜ୍ୱର ( ଜ୍ୱରବୋଧ ) ହେଲା, ତେଣୁ ଶୀତ୍ୟ ହେବା ଦାହ ଓ ତୃଷ୍ଣା ଜନିତ ହେଲା ଏବଂ ମାନସ (ମନ) ଭ୍ରମହେଲା ।

୧୩—ତମସ୍ୱ ମୃଗ ମସ୍ତରିକାକୁ "ଏ ବାର୍ଦ୍ଧ" ( ଜଳ ) ସୁମନ୍ଦ ( ମନୋହର ) ଧାଇଁଲା, ହଂସ ତାହାର ଭ୍ରମରକୁ ହଂସ ( ସୂର୍ଯ୍ୟ ) ଙ୍କ ତାପରୁ ଜାତ ( ଯମୁନା ) ର ବାର ( ଲହରୀ ) ପାଣି ତାହା ପଛରେ ଗୋଡ଼ାଇଲା ।

୧୪—ଭ୍ରମରମାନେ କିଂଶୁକକଳୀ ( ପଳାଶକଢ଼ି ) ଭ୍ରମରେ ଶୁକତଣ୍ଡକୁ ଚୁମ୍ବି ସେ ତାକୁ ପକ୍ଷିକ ଜଳଶୋଷାଏ ଭାବି ମୁଖ ବାନ୍ଧିଲା ।

କେକୀପୁଚ୍ଛ ଉଦନ ଲାଗିଲ୍ଲୁ ଯୁଗ ନାଗୁରେ ଅଙ୍ଗ ।
କଣାର୍ଣ୍ଣ ଅସି ବ୍ରଣ ଲୁଞ୍ଚେ ତା ଅର୍ଣ୍ଣବଶରେ ବନ୍ଧ ॥ ୧୫
ଦାସ୍ତରେ ଶୋଭଇ କେଶରୀ ସୁବର୍ଣ୍ଣସବର୍ଣ୍ଣ ସବୁ ।
ବାଲ ବାଲ ପୁଚ୍ଛ ଗୁଳିବା କି ଲହରୀ ବାହବ । ୧୬
କରୀ ଅଣ ଉଣ୍ଡ ଅଦ୍ରେଣ୍ଟ ଶୃଙ୍ଗୁ ସେ ଘନ ଭ୍ରମେ ।
ଦାନଜଳ ଦାନ ଜଳ କି ଦନ୍ତ ବଳାର୍କା ଝଳ ॥ ୧୭
ନଭରଙ୍ଗଣାଗ୍ନ ସାରଙ୍ଗ ଅବପାତନ ଇଚ୍ଛଇ ।
ତପ ଶ୍ୟାମଦେହାରେ ବାହ୍ମଣ ହଂସା ବାଧଇ ହୋଇ ॥ ୧୮
ଏମନ୍ତ କାଳରେ ଶାରଦାନନୀ ନଭପଙ୍କଜା ।
ପଲକଙ୍କ ପଲ୍ଲବେ ନ ବନ୍ଧ ଭଙ୍ଗ ଦେ ମଣ୍ଡୁଳଯ୍ୟା ॥ ୧୯
ଦେଖି ଶାରଦାଙ୍ଗୀ ସ୍ୱାସ୍ଥ୍ୟ କାଦମ୍ବିନୀ ବାଣୀକା ।
ଶର୍ଦ୍ଧିକଳା ସହ ବକଳା ଭଳି ନୋଉଛ ଦଉଲ୍ୟା ॥ ୨୦

---

୧୫—ଅଙ୍ଗ (ଘର୍ମ) ଲାଗିଲ୍ଲୁ (ଉପାଣେ) ଯୁଗ ନାଗୁଙ୍କ କେକୀ (ମୟୂର) ପୁଚ୍ଛଲେ ଅସି ଶୋଣ୍ଡି ଅର୍ଣ୍ଣବରେ (ସର୍ପୋଦରେ) ତାହାର (ମୟୂରର) ଏ ବ୍ରଣ (ମୁଣ୍ଡାଳଗଣ୍ଡ) ଏ ଲୁଞ୍ଚି ରହୁଅଛି ।

୧୬—ଦସ୍ତାରେ (ପର୍ବତ ଗୁମ୍ଫାରେ) ଶୋଭଇ କେଶରୀ (ସିଂହ) ଶୁକ୍ଳବର୍ଣ୍ଣ ହେଉ ସୁବର୍ଣ୍ଣସବର୍ଣ୍ଣ ସବୁ (ସୁବର୍ଣ୍ଣସମାନ) ଜଣୁଛି । ତାହାର ବାଲ ବାଲ ପୁଚ୍ଛ ଗୁଳିବା ଲହରୀ ବାହବ (ଖେଳଇ) କି ?

୧୭—ଏମନ୍ତ ଭାଗୁର କରି କରୀ (ହସ୍ତୀ) ଅଗ୍ରାହର ପର୍ବତ ଶୃଙ୍ଗକୁ ଅଦ୍ରେଣ୍ଟ ତାକୁ ସେ ସିଂହ ଘନ (ମେଘ) ବୋଲି ଭ୍ରମୁଛି । ଦାନଜଳ (ମଦଜଳ) ଦାନଜଳ (ବର୍ଷିଲା ପାଣି) କି ? ଦନ୍ତ ବଳାକାଝଳ (ବକ ପନ୍ତିର କାନ୍ତି) ଭୁଲ୍ୟ ।

୧୮—ତାହାଙ୍କୁ ଉପଘ ମତେନ ତରି ନଭରଙ୍ଗଣାଗ୍ନ (ଆକାଶ ବିହାରୀ) ସାରଙ୍ଗ (ଗୁଣିକା) ଅବପାତନ (ତଳକୁ ଆସିବାକୁ) ଇଚ୍ଛା କରଇ । ତପ ଶ୍ୟାମ ଦେହାରାରେ (ମୁନିମାନଙ୍କ ଆଶ୍ରମରେ) ହଂସା ବାହ୍ମଣ ହେବା କଥା । ବାଧଇ ହୁଅନ୍ତି, ତପ [ଗ୍ରୀଷ୍ମ] ଶ୍ୟାମ ହେବାକୁ ସେହିପରି ହଂସା ବାଧିତ ହେଲେ ।

୧୯—ଏମନ୍ତ କାଳ (ଗ୍ରୀଷ୍ମକାଳରେ) ଶାରଦାନନୀ (ଚନ୍ଦ୍ରମୁଖୀ) ସେ ନଭପଙ୍କଜା (ଗୃହକନ୍ୟା) ପଲକେ ମାତ୍ର ପଲ୍ଲବରେ ନ ବନ୍ଧ ମଣ୍ଡୁଶଯ୍ୟା (ଭୂମିରେ ଶୟନ) କଲା ।

୨୦—କାଦମ୍ବିନୀ ଓ ବାଣୀକା ସଖୀ ଦୁହେଁ ଶାରଦାଙ୍ଗୀର (ଚନ୍ଦ୍ରବେଦୀ) ର ସ୍ୱାସ୍ଥ୍ୟ ଦେଖି ଶର୍ଦ୍ଧିକଳା ସଖୀ ସହ ବ୍ୟାକୁଳାହୋଇ ନୋଉଛ ତ୍ୟାଗ କଲା ।

ଖଳିଲା ପ୍ରଥମା ଛଳିଲା ନେତ୍ରା ପଙ୍କଜରେଣେ ।
ଅବନୀଶ୍ରୀ ଶିରୀଷାଙ୍ଗୀ ପଦ୍ମବାସିନୀ ସହଜେ ॥ ୧୧
ସ୍ଥକିତ ତନୁକୁ ନେତ୍ରେ ଭରି ଦ୍ୱିତୀୟା ବୋଲେ ।
ହେମପ୍ରତିମା ତୁଲା ହେଲା କାନ୍ତବର୍ତ୍ତିନୀ ତୁଳେ ॥ ୧୨
ଦେଖୁଁ ଦେଖୁଁ ଥକେ ବିବର୍ଣ୍ଣ ବର୍ଣ୍ଣିଲ ସେ ଅପର ।
ଏ ଶୋଭାସଦନ ମଦନ ସୁଧା ଲେପଇ ପର ॥ ୧୩
ପୁଳକଜାଳକ ଶୁଣି ସେ ଅନ୍ୟା କହିଲା ବେଗେ ।
କୁସୁମଶରରୁ ତରୁଣୀ ପୁଷ୍ପାଙ୍କୁର ସର୍ବାଙ୍ଗେ ॥ ୧୪
ମଧ୍ୟା କହେ ସତ କୁଙ୍କୁମ ନବସ୍ତନରେ ଅଛି ।
ଶୋଭାବନ୍ତ କର ଅଧର ନବପଲ୍ଲବ ପରି ॥ ୧୫
ଅନ୍ୟା ବୋଲେ ଜାତ ବିରହ-ଜାତବେଦ ସଙ୍ଗେ ।
ଜଳେ ପ୍ରଜ୍ୱଳେ ଅଦ୍ରିଭୂମି ଜଳେ ମୂର୍ତ୍ତି ତା ଏବେ ॥ ୧୬

---

୧୧—ପ୍ରଥମା ସଖୀ ( କାଦମ୍ବିନୀ ) ଖଳିଲା ଏବଂ ଛଳ କରି କହିଲା—ଏ ଅବନୀ ଶ୍ରୀ ( ପୃଥିବୀ ଶୋଭା ) ଶିରୀଷାଙ୍ଗୀ ସହଜେ ପଦ୍ମବାସୀ ( ପଦ୍ମଗତା ) ସୁତରାଂ ପଦ୍ମବନ ବାସିନୀ ଶ୍ରୀ ( ଲକ୍ଷ୍ମୀ ) ହେଲା । ଏହାକୁ ପଙ୍କଜ (ପଦ୍ମ ପତ୍ର ) ରେଣୁକୁ ନେତ୍ରା କହନ୍ତି ।

୧୨—ଦ୍ୱିତୀୟା ସଖୀ ବାଣୀକା ସ୍ଥକିତ ( ନିଶ୍ଚଳ ହୋଇ ଚାହିଁଥିବା ) ତନୁକୁ ( ସୁନ୍ଦରୀ ଶରୀରକୁ ) ନେତ୍ରରେ ଭରି ( ଦେଖି ) ବୋଲେ—ଏ କାନ୍ତ-ବର୍ତ୍ତିନୀ ( ବଳିଲକାନ୍ତି ସୁନ୍ଦରୀର ) ତୁଳେ (ତୁଳନାରେ) ହେମପ୍ରତିମା ( ସୁବର୍ଣ୍ଣ ପ୍ରତିମା ) ତୁଲା ( ସମାନ ) ହେଲା ଏଥିରେ ପ୍ରସ୍ତ ।

୧୩—ଦେଖୁ ଦେଖୁ ବିବର୍ଣ୍ଣ ହେଲାବାରୁ ଅପର ସଖୀ ( ଶଶୀକଳା ) ବର୍ଣ୍ଣିଲ-ଏ ସୁନ୍ଦରୀ ଶୋଭା ସଦନ ( ଶୋଭା ଗୃହ ) ହେଉ ମଦନ ( କାମ ) ସୁଧା ( ଚୂର୍ଣ୍ଣ ) ଲେପଇ ପର ? ଏଥିରେ ବୈବର୍ଣ୍ଣ୍ୟ ।

୧୪—ସ୍ତନଦ୍ୱୟର ପୁଳକ ଜାଳକ ( ରୋମୋଦ୍‌ଗମସମୂହ ) ଶୁଣି ଅନ୍ୟା ସଖୀ ( କାଦମ୍ବିନୀ ) ବେଗରେ କହିଲା-ଏ ତରୁଣୀ କୁସୁମଶରରୁ ( କୁସୁମଅସ୍ତ୍ର ) ଏଣୁ ସର୍ବାଙ୍ଗେ ପୁଷ୍ପାଙ୍କୁର ( କଳିକା ) ଜାତ ହୋଇଛି ।

୧୫—ମଧ୍ୟା ସଖୀ ( ବାଣୀକା ) ଭାଷିଲା-ଏ କଥା ସତ, କୁଙ୍କୁମ ନବ ସ୍ତନରେ ( ଚଞ୍ଚଳ ପବନରେ ) ଥାଇ, ଏମଧ୍ୟ ଅଛନ୍ତି, ଏହାର କର ଏବଂ ଅଧର ନବ ପଲ୍ଲବ ( ନୂଆପତ୍ର ) ପରି ଶୋଭାବନ୍ତ ହୋଇଛି । ଏଥିରେ ଭ୍ରମ ।

୧୬—ଅନ୍ୟା ( ଶଶୀକଳା ) ବୋଲିଲା ସଙ୍ଗ ଦେହରେ ବିରହ ଜାତବେଦ ( ବିରହାଗ୍ନି ) ଜାତ ହୋଇଛି । ସେ ଅଗ୍ନି ପ୍ରଜ୍ୱଳେ ( ପ୍ରଜ୍ୱଳ ଭାବରେ ) ଜଳିବାରୁ ତା ( ତାଙ୍କ ସଦୃଶ ଦେହ ) ଅଦ୍ରିଭାରୁ ( କୋମଳ ଓ ଓଦା-

ନୋହୁ ଶବାଶ ନେତ୍ରବାସ ଜନ୍ମ ପ୍ରଥମା କରେ ।
ନୀଳାବ୍ଜେ ମିଳନ୍ତି ମିଳନ୍ଦ ମକରନ୍ଦ ଉଦ୍‌ଗାରେ ॥ ୨୭
ବଚନ କରନ୍ତେ ରଚନ ଅଧେ ଦ୍ୱିଜାସ୍ୟା ଗ୍ରସେ ।
କଳକଣ୍ଠ କଣ୍ଠ ରୁନ୍ଧନ୍ତି ଶୋକ-ଘନ ପ୍ରକାଶେ ॥ ୨୮
ଜନବଗ୍ଧନ ବନ୍ଧୁବଶେ ତାହା ତୃଣାସ୍ୟା ଗ୍ରହି ।
ପୁଙ୍ଖିତ ଶୁକ୍ତିକା ତାଙ୍କର କାନ୍ତି ଚେତନା ବହି ॥ ୨୯
ଜଗନ୍ନାଥ ରଜତାଡ଼ିକା ଟେକି ସଖୀ ନେତ୍ରରେ ।
ଦଶିଲ ଭଦ୍ରାଂଶୀ ସୁଭଦ୍ରା ରଥ ବସେ ପ୍ରକାରେ ॥ ୩୦
ଦୁଃଖରେ ପ୍ରକଟେ ନିକଟେ ହେବ ସୁଖରେ ପୁଣି ।
ଏଅଷ୍ଟସାତ୍ତ୍ୱିକ ଇଷ୍ଟ ଯେ ଅଛି ହୋଇଲା ଭଣି ॥ ୩୧

---

ହେଉଛି ) ଏବେ ଜଳରେ ପୂର୍ଣ୍ଣ ହୋଇଅଛି । ଓଡ଼ା ଭାଜନର ନାଶ ଲାଗିଲେ ଯେପରି ତହିଁରୁ ପାଣି ବାହାରେ ସେହିପରି ଜାବକ ହେଉଛି ସୁନ୍ଦରୀ ଦେହରୁ ଝାଳ ବୋହୁଅଛି ଏଥିରେ ସ୍ୱେଦ ବର୍ଣ୍ଣିତ ।

୨୭—ନେତ୍ରବାସ ( ଲୋତକ ) ଶବାଶ ନ ହେବାରୁ ପ୍ରଥମା ( ଜ.ଦମ୍ପତି ) ଏହା ଜନ୍ମ କଲା—ନୀଳାବ୍ଜେ ( ନୀଳପଦ୍ମରେ ) ମିଳନ୍ଦ ( ଭ୍ରମର ) ମିଳନ୍ତି ହୋଇ ( ବସି ) ମକରନ୍ଦ ( ପୁଷ୍ପରସ ) କୁ ଉଦ୍‌ଗାର କରୁଛି କି ? ନେତ୍ର ନୀଳପଦ୍ମ ତୋଳା ଭ୍ରମର ଲୋତକ ମକରନ୍ଦ । ଏଥିରେ ଅଶ୍ରୁ ।

୨୮—ସୁନ୍ଦରୀ ବଚନ ରଚନ କରନ୍ତେ ଗୋଟିଏ ଶବ୍ଦରୁ ଅଧେମାନ ପ୍ରକାଶ ହେବାର ଦେଖି ଦ୍ୱିଜାସ୍ୟା ( ବାଣୀକା ) ଗ୍ରସିଲା—ଶୋକ ଘନ ( ମେଘ ) ପଞ୍ଚ ପ୍ରକାଶ ହେବାରୁ କଳକଣ୍ଠ ( କୋକିଳ ) ସଦୃଶ କଣ୍ଠ ରୁନ୍ଧନ୍ତି ( ପଡ଼ିଯାଇଅଛି ) ବର୍ଷାକାଳରେ କୋକିଳର କଣ୍ଠ ପଡ଼ିଯାଏ ଏଥିରେ ସ୍ୱରଭଙ୍ଗ ।

୨୯—ବନ୍ଧୁବଶେ ( ଦୈବ ଯୋଗୁଁ ) ଜନବଗ୍ଧନ ( ଅଞ୍ଜନ ) କହିବାର ତୃଣାସ୍ୟ ( ଶଚୀକଳା ) ଗ୍ରହି ଶୁକ୍ତିକା ( କାନରୁ ) ପୁଙ୍ଖିତ ଏବଂ ତାଙ୍କର, ସୁନ୍ଦରୀ କାନ୍ତି ଚେତନାକୁ ବହି (ପାଇଲା) ଅଙ୍ଗନଦ୍ୱାରା ପ୍ରଳୟପ୍ରଚିତା ହେଲା ।

୩୦—ସଖୀମାନେ ରଜତାଡ଼ିକା ଜଗତୀକୁ (ତୋଠା ଜମ୍ବୁକୁ) ଟେକି ନେତ୍ରରେ ଭଦ୍ରାଂଶୀ ସୁଭଦ୍ରାଙ୍କ ରଥରେ ବସେ ବସିଲେ ପ୍ରକାର ଦଶିଲା । ସୁଭଦ୍ରାଙ୍କ ରଥରେ ବସେ ବସିଲେ ବେଳେ ତର୍ ଭର ଟେକା ଶଅନ୍ତି ।

୩୧ —ଏ ଅଷ୍ଟସାତ୍ତ୍ୱିକଭାବ ( ୧ ସ୍ତମ୍ଭ, ୨ ବୈବର୍ଣ୍ଣ୍ୟ, ୩ ରୋମାଞ୍ଚ, ୪ କମ୍ପ, ୫ ସ୍ୱେଦ, ୬ ଅଶ୍ରୁ, ୭ ସ୍ୱରଭଙ୍ଗ, ୮ ପ୍ରଳୟ ) ଏବେ ଦୁଃଖରେ ପ୍ରକଟ ହେଲା । ପୁଣି ନିକଟରେ (ଭାଗ୍ୟସଂଯୋଗ ହେଲେ) ସୁଖରେ ପ୍ରକଟ ହେବ । ଅଜଟାରୁ ଏହାର ଇଷ୍ଟ (ବାଞ୍ଛା) ସଫଳ ହେଲା ବୋଲି ସଖୀମାନେ ଭଣିଲେ ।

ଏକାନ୍ତ କାନ୍ତ ଅଲିଙ୍ଗନଗୃହେ ମଗନ ହୋଇ ।
ଥିବ ପାଟଳକୁରଙ୍ଗୀ ପରି ତରଙ୍ଗ ନୋହି ॥ ୩୨
ଘୃତା ପୀଡ଼ା ବଳଶ ଅଙ୍ଗନା ଅଙ୍ଗ ରଙ୍ଗ ଝୁଲିବ ।
ପଟକୁ ସିନ୍ଦୁର ରସାଳଫଳ ଲକ୍ଷ୍ୟ ହୋଇବ ॥ ୩୩
ବିନ୍ଦୁ ବିନ୍ଦୁ ଘର୍ମ ଝରିବ ଇନ୍ଦୁମୁଖୀଙ୍କୁ ଶ୍ରମେ ।
ନଳିନେ ଭଳି ମୋତିପନ୍ତି ରତ ବନ୍ଧୁଳି ସମେ ॥ ୩୪
ପ୍ରଖର ନଖର ଶୂଳନେ ବନ୍ଧି ରୋମାଞ୍ଚ ଛାଦେ ।
ସୁକଣ୍ଠୀ ହେବ ନୀପଫୁଲେ ପୂଜା ପାର୍ବତୀ ପ୍ରାୟେ ॥ ୩୫
ଭଳି ସିତକାର ଶର୍କରି ଗାନ ଜମିଲୁଥିବ ।
ହେମନ୍ତରଙ୍ଗେ ପଦ୍ମଲତା ଭଙ୍ଗେ ଚଳିଲୁ ଥିବ ॥ ୩୬
ବର ରଜନୀକର କର ହେବ ଚନ୍ଦନରଜ ।
ପଡ଼ନେ ଜୀବଞ୍ଜୀବ ନେତ୍ର ଦ୍ରବିଯିବ ସହଜ ॥ ୩୭

---

୩୨—କାନ୍ତ ସଂଯୋଗ ହେଲେ ପାଟଳ କୁରଙ୍ଗୀ ( ହରିଣୀ ) ପରି ତରଙ୍ଗ ( ଚଞ୍ଚଳ ) ନ ହୋଇ ଏକାନ୍ତରେ କାନ୍ତ ଆଲିଙ୍ଗନ ଗୃହରେ ମଗ୍ନ ହୋଇଥିବ । ଭ୍ରମ ।

୩୩—ଘୃତ ପୀଡ଼ାବଶରୁ ଅଙ୍ଗନାର ଅଙ୍ଗର ରଙ୍ଗ ( କାନ୍ତିବର୍ଣ୍ଣ ) ଝୁଲିବ, ଏବଂ ସେ ଲକ୍ଷ୍ମ ଅଙ୍ଗ ପଟକୁ ( ପାଟଳ ) ସିନ୍ଦୂର ରସାଳଫଳ ( ଆମ୍ବ ) ଲକ୍ଷ୍ୟ ( ସମାନ ) ହୋଇବ । ବୈଚିତ୍ର୍ୟ ।

୩୪—ଇନ୍ଦୁମୁଖୀଙ୍କୁ ( ଚନ୍ଦ୍ରବଦନାଙ୍କୁ ) ଶ୍ରମେ ( ରତିଶ୍ରମହେତୁ ) ବିନ୍ଦୁ ବିନ୍ଦୁ ହୋଇ ଘର୍ମଝରିବ ରତ ( ଜାମପତ୍ରୀ ) ନଳିନେ ( ପଦ୍ମରେ ) ମୋତିପନ୍ତି ଭଳି ବନ୍ଧୁଳି ସମାନ ହେବ । ମୁଖ, ନଳିନ ବିନ୍ଦୁ ବିନ୍ଦୁ ଘର୍ମ ମୋତିପନ୍ତି ହେତୁ ।

୩୫—ସୁକଣ୍ଠୀ ପ୍ରଖର (ତୀକ୍ଷ୍ଣ) ନଖର ଶୂଳନରେ ଛାଦେ (ଶରୀରରେ) ରୋମାଞ୍ଚକୁ ବନ୍ଧି ନୀପଫୁଲେ ( କଦମ୍ବପୁଷ୍ପରେ ) ପୂଜା ପାଇଥିବା ପାର୍ବତୀଙ୍କ ପରି ହେବ । [illegible] ।

୩୬—ସୁନ୍ଦରୀର ଗାନ (ଦେବ) ଶିତ୍କାର ( ଶବ୍ଦ ) ଶର୍କରାକୁ ଭଳି ଲଳିତରେ ପଦ୍ମଲତା ଚଳିଲା ପରି ହେମନ୍ତରଙ୍ଗରେ ତେଜରେ ରଙ୍ଗରେ ନେଇଥିବ । ( ଭ୍ରମ )

୩୭—ଏହାର ବର ( କାନ୍ତ ) ରଜନୀକର ( ଚନ୍ଦ୍ର ) ପରି, ଏବଂ ଚନ୍ଦନ ରଜ ( କର୍ପୂରଧୂଳି ) ଭର ( କିରଣ ) ପରି, ସେ କିରଣ ପଡ଼ନରେ ନେତ୍ର ଜୀବଞ୍ଜୀବ ( ନୟନ ଚକୋର ) ସହଜରେ ଦ୍ରବିଯିବ । ଅନୁ ।

କେଳିପ୍ରସଙ୍ଗେ ବାଳା ବାଙ୍କି ଗୁଣୀ ଭୃତ ମତରେ ।
ନା ବୋଲିବ ନାହିଁ କହିବ ସେତେବ ଗାଢ଼ରତରେ ॥ ୩୮
ଲଳନା ଚନ୍ଦ୍ରମାଳୁଳନାବଶେ ଜ୍ଞାନ ହାରିତ ।
ଶ୍ରୋତବ୍ୟ ଏ ବାଣୀ କେମନ୍ତ ସୁରସୂଚକ ସ୍ୱର ॥ ୩୯
ଏକାଳେ ସେ ବନଭୂ ଚନମାର୍ଗେ କୌଶିକୀସ୍ନାନେ ।
ମଲ୍ଲୀମନୋହାରୀ ଭୃଙ୍ଗକନ୍ୟା ଧୀର ଗମନେ ॥ ୪୦
ରୁଚିର ଫଲ୍ଗୁଙ୍କ ଛଟକେ ବେଣୀ ଅବନ୍ଧ ଧାରଣେ ।
ଧାନ୍ଦ୍ର ଏକ ଦଳ ଦଳନ ପାକଶାକ ସଦୃଶେ ॥ ୪୧
ମଣ୍ଡୁସୁଗଳେ ମୂର୍ଚ୍ଛି ହୋଇଅଛି ଅର୍ଣ୍ଣ ସହିତେ ।
ଅଗ୍ରେନେ ଦେଖିଲେ ନୟନେ ନବପଞ୍ଚର ଶେଣେ ॥ ୪୨
ଇଚ୍ଛିଲ ସତୀ ପ୍ରଚ୍ଛିଲ ବୈଦେହୀବାମାଙ୍କୁ ଏହି ।
କେହି ନାହିଁ ରହିଅଛି ସେହି କହିଲ ତର୍କି ॥ ୪୩

---

୩୮—ବାଳା ବାଙ୍କି (ବଙ୍କାଇଁ ୨ ) ଗୁଣୀ (ଭାବି) ଭୃତ ମତରେ (ଭୃତ୍ୟଙ୍କ ମତାରେ ) ଏ କେଳି ପ୍ରସଙ୍ଗ ସେତେବ ଗାଢ଼ରତରେ ( ସୁରତରେ ) "ନାହିଁ" ବୋଲି କହିବ ସେତେବ ତାହିଁକୁ "ନା" ମାତ୍ର କହିବ ଅର୍ଥାତ ସେ ସେତେବ ବେଣି ନାହିଁ ୨ କହୁ ନପାରି ନା ନା କହିବ । ସୁରତଙ୍ଗ ।

୩୯—ଏ ଲଳନା ( କାମିନୀ ) ଚନ୍ଦ୍ରମାଳୁଳନା ; ତଥିଭେଦରେ ଶବ୍ଦର ବିଶେଷ ବିଶେଷ ଅଙ୍ଗୁଳନ ହାରି ଉନ୍ମାଦ କନ୍ଥାଇବା ), ବଶରେ ଜ୍ଞାନ ହାରିଲେ । ପ୍ରକଣ୍ଠା ସଖୀମାନଙ୍କର ଏ ବାଣୀ କେମନ୍ତ ସ୍ୱର ସୂଚକ ଭାବରେ ଶ୍ରୋତବ୍ୟ ହେଲା ।

୪୦।୪୧—ଏହି ସମୟରେ ସେ ବନଭୂ ( ବନଭୂମିର ) ଚନମାର୍ଗେ ( ବାଟ-ବାଟେ ) କୌଶିକୀ ନଦୀରେ ସ୍ନାନ କରିବା ନିମିତ୍ତ ମଲ୍ଲୀ ମନୋହାରୀ ( ମଲ୍ଲୀ ସ୍ତ୍ରୀ ) ଏବଂ ଭୃଙ୍ଗକ ନାରୀ ( ବୈଦେହୀ ସ୍ତ୍ରୀ ) ଧୀର ଗମନ କରନ୍ତେ ରୁଚିର ( ମନୋହର ) ଫଲ୍ଗୁଙ୍କ ( ଫଲ୍ଗୁଅ ) ଛଟକରେ ବେଣୀ ଅବାନ୍ଧ ( ଯୋଡ଼ଏ ବାନ୍ଧି ) ଧରିଛନ୍ତି ଏକ ଧାନ୍ଦ୍ର ଦଳ ( ପତ୍ରପଣ ) ପାକ ହୋଇ ଥିବା ଶାକ ( ଶାଗ ) ସଦୃଶ ଦଳନ ( ଦଳା ) ହୋଇ ଅଛନ୍ତି ।

୪୨—ମଣ୍ଡୁସୁଗଳେ ( ଦୁଇଟି ପଦରେ ) ଅର୍ଣ୍ଣ ( ଜଳ ) ସହିତେ ମୂର୍ଚ୍ଛି ହୋଇଛନ୍ତି । ଅଗ୍ରେନେ ( ବାଟରେ ) ସେମାନେ ନବପଞ୍ଚର ଶେଣେ ( ଶେଣୁଟିଏ ) ନୟନରେ ଦେଖିଲେ ।

୪୩—ସତୀ ( ମର୍ତ୍ତ୍ୟ ସ୍ତ୍ରୀ ) ତାହା ଦେଖି ବୈଦେହୀବାମାଙ୍କୁ ପଚାରିବାକୁ ଇଚ୍ଛିଲ ( ଇଚ୍ଛାକଲା ) ଏବଂ ଏ କଥା ପ୍ରଚ୍ଛିଲା । ସେ ତର୍କି ( ବାହୁଡ଼ି ) କହିଲା—ଏଠାରେ କେହି ରହିନାହାନ୍ତି ।

ଅନ୍ନ ନ ଘେନ ସେ, ଅଜିନ ମାଡ଼ି ଦୁଃଖଶୟନା ।
ତୁଙ୍ଗ କୁଚର ଏ ସୁବର୍ଣ୍ଣ ସଞ୍ଚା ବହୁଛି ପିଜା ॥ ୪୪
ନବସପତ୍ରବସୁଧୀର ଅତି ତପତ ଗାତ୍ର ।
ଚେତକି ଛୁଇଁଲେ ଚେତକି ଶୁଖି ଯାଉଛି ମାତ୍ର ॥ ୪୫
ଅବଳା ସେ ଶୋକଦୁର୍ବଳା ହୋଇ ଉଲଗଳ ଜାତ ।
ଛଦନଯୁଗଳେ ସଦନ କର ଅଛିଲ ସତ ॥ ୪୬
ମୃଣାଳ ଶୈବାଳ ପତନ ତାହା ଭରିଳ ଯତନେ ।
ତଳାଙ୍କ ତନିବାଳକରି ମିଳେ ଏ ଶେଯ୍ୟା ପାଶେ ॥ ୪୭
ଦେଖ ଫୁଟି ଫାଟି ପଡ଼ୁଛି ସେ ତହାକରି ଛୁଟି ।
ତଣ୍ଡୁଳବତ ପାରାବତ ଘେନି ଫୁଲନ୍ତି କୋଟି ॥ ୪୮
ରମଣୀ ହାରମାଳା ମଣି ଘୃଣି ନାହିଁକି ଭାନ୍ତ ।
ଭୃଙ୍ଗେଣୀ କ୍ଷଣେକ୍ଷଣେ ଧରେ ତାହା ଚକୋରପନ୍ତି ॥ ୪୯

---

୪୪—ଅନ୍ନ ( ଅନ୍ୟ ) ନ ଘେନ, ସେ ଅଜିନ ( ମୃଗ ) ମାଡ଼ି ଦୁଃଖ ଶୟନ ହୋଇଥିଲା, ଅତଏବ ତାହାର ତୁଙ୍ଗ କୁଚର ସୁବର୍ଣ୍ଣ ( ସୁନ୍ଦର ) ସଞ୍ଚା ଏ ଗତିହ୍ରସ୍ୱ ବହୁଛି ପିଜା ।

୪୫—ସେ ନବସପତ୍ର ( କପୋଳ ) ବସୁଧୀର ଅତି ତପତ ଗାତ୍ରକୁ ଅତ୍ୟନ୍ତ ତାପ ଯୁକ୍ତ ଗାତ୍ର କରିବ ଏପରି ଶଯ୍ୟାକୁ ଚେତକି ଛୁଇଁଲେ ଚେତକି ମାତ୍ର ଶୁଖି ଯାଉଛି ।

୪୬—ସେ ଅବଳା ଶୋକଦୁର୍ବଳା ହୋଇ ଉଲଗଳ ଜାତ ହେଉଛି ଏଣୁ ଛଦନ ଯୁଗଳେ ( ପତ୍ରଦ୍ୱୟରେ ) ତାହା ( ସେ ଉଲଗଳ ) ସଦନ କରୁଛି, ସମ୍ପୂର୍ଣ୍ଣ ହୋଇ ରହୁଛି ।

୪୭—ମୃଣାଳ ( ପଦ୍ମନାଡ଼ ) ଶୈବାଳ (ଶିଉଳି) ପତନ (ଶେଯରେ ପଡ଼ିଥିବାରୁ) ତାହାକୁ ଭକ୍ଷ ( ଗ୍ରାସ ) କରିବା ଆଶାରେ ତଳାଙ୍କ (ହଂସ) ଓ ଚକ୍ରବାକ ତନି ( ଚକ୍ରବାକ ସମୂହ ) ଶଯ୍ୟାପାଶରେ ମିଳୁଛନ୍ତି ।

୪୮— ଦେଖ ସୁନ୍ଦରୀର ଦେହ ତାପରେ ସେ ତାହାର ଫୁଲ ଶଯ୍ୟା ଫୁଟିଫାଟି ଛୁଟି (ଛିଣ୍ଡି) ପଡ଼ୁଛି । ପାରାବତ (ପାରାମାନେ) ତାକୁ ତଣ୍ଡୁଳବତ (ଚାଉଳତୁଲ୍ୟ) ମନରେ ଘେନି (ବୁଝିବ) କୋଟି ଅଣ୍ଟରେ ଫୁଲୁଛନ୍ତି ।

୪୯—ସେ ରମଣୀର ହାରମାଳାର ମଣିସବୁକୁ ଚାହିଁଲୁହିଁ ନାହିଁ କି ? ତାକୁ ଚକୋରପନ୍ତି ଅଗ୍ନି କଣା ବିଚାରି ଭକ୍ଷଣ ପାଇଁ କ୍ଷଣେ କ୍ଷଣେ ଧରୁଛନ୍ତି ।

ସରସିଜଜା ସ୍ନେହସଙ୍ଗିନୀ ହୋଇ ରଜନୀ ଧବା ।
ବରବର୍ଣ୍ଣୀ ଜଗନ୍ମୋହିନୀ ଅମ୍ବୁ ଜନ୍ମଜା ଅବା ॥ ୫୦
ଧାତ୍ରିଉପାଧ୍ୟାୟୀ ସଚିବା ପେଷେ କୁମାରୀ ପାଶେ ।
ସେ ଯାଇଁ ଶୋଇଥିଲେ ସେ ସଖୀ ଶଯ୍ୟା ପଲଙ୍କେ ॥ ୫୧
ହାଟରେ ସନ୍ଧ୍ୟରେ କ୍ଷୁଦ୍ରଘଣ୍ଟିରେ ସେ ଅଚ୍ଛାଦନ ।
ତନୁଦରୀ ତନୁପାଣ୍ଡୁର ଗୁପ୍ତେ ଲିପି ଚନ୍ଦନ ॥ ୫୨
ବିପୁଳ ପୁଲକ ଶଙ୍କାରେ ଗଣ୍ଡେ ମକର ଭରି ।
ଗୁଳି ବ୍ୟଜନ ଚଞ୍ଚଳବଶେ ସ୍ୱେଦ ନିବାରି ॥ ୫୩
ସେ ଦେଖି ବୋଲେ ଜାଣିଲୁଣି ଅଣିଲୁଣି ମାନସ ।
ଏ ନରଧୀଶ୍ୱର କୁମାର ଦେଖି ମାରେ ଅବଶ ॥ ୫୪
ସୁରତର ଯହିଁ ଏ ରତ ଭାର କି ଚତ ଥିବ ।
ଦୁର୍ଲ୍ଲଭ ବାଳା କଣ୍ଠପ୍ରାପ୍ତି ଯଥା ମୁକ୍ତା ଲୁବ୍ଧ ॥ ୫୫

---

୫୦—ଯେଉଁ ସରୋଜଜା ( ପଦ୍ମଜା ) ପୁଷ୍ପପଠାରେ ସ୍ନେହସଙ୍ଗିନୀ ( ଅନୁରାଗିଣୀ ) ହେତୁ ବରବର୍ଣ୍ଣୀ ହୋଇ ରଜନୀ ଧବା ନଅଳ ସେ ଜଗନ୍ମୋହିନୀ ଅମ୍ବୁ ଜନ୍ମଜା ( ଲକ୍ଷ୍ମୀଜେମା ) ଅବା ।

୫୧—ସଚିବା ( ମନ୍ତ୍ରୀ ସ୍ତ୍ରୀ ) ଧାତ୍ରି ( ଦାଇଣ ) ଉପାଧ୍ୟାୟୀ (ଅଧ୍ୟାପିକା)ଙ୍କୁ କୁମାରୀ ପାଶକୁ ପେଷେ ( ପଠାଇଲେ ) । ସେ ଉପାଧ୍ୟାୟୀ ଯାଇଁ ସେ ସମୟରେ ସଖୀମାନେ ପଲଙ୍କ ( ପର୍ଯ୍ୟଙ୍କ )ରେ ଶଯ୍ୟା ହୋଇ ଥିଲେ ।

୫୨—ଉପାଧ୍ୟାୟୀଙ୍କୁ ଦେଖି ହାଟରେ (ଭୟରେ) ସନ୍ଧ୍ୟରେ ( ଶୀଘ୍ର କ୍ଷୁଦ୍ର ଭାବେ ( ମନୋହର ବସନରେ ) ସେ ଶଯ୍ୟାକୁ ଅଚ୍ଛାଦନ କଲେ । ତନୁଦରୀ ( କ୍ଷୀଣ ମଧ୍ୟା ) ସୁନ୍ଦରୀର ତନୁ ( ଦେହ )ର ପାଣ୍ଡୁରବର୍ଣ୍ଣ ଗୁପ୍ତ ( ଗୋପନ ନିମିତ୍ତ ) ଚନ୍ଦନ ଲିପିଲେ ।

୫୩—ବିପୁଳ (ବଡ଼) ପୁଳକ (ରୋମାଞ୍ଚ) ଶଙ୍କାରେ (ଦେଖାଯିବା ପାଇଁ) ଗଣ୍ଡରେ ମକର ( ଚିତ୍ରଣ ) ଭରି ବ୍ୟଜନ ( ବିଞ୍ଚଣା ) ଗୁଳି ଚଞ୍ଚଳ ବଶେ ( ପ୍ରବଳ ବିଞ୍ଚଣା ପବନରେ ) ସ୍ୱେଦ ଜଳ ନିବାରିଲେ ।

୫୪—ସେ ଉପାଧ୍ୟାୟୀ ଏହା ଦେଖି ବୋଲେ ମୁଁ ଜାଣିଲିଣି ଏ ସୁନ୍ଦରୀ ନରଧୀଶ୍ୱର କୁମାରକୁ ଦେଖି ମାରେ (କାମତାପରେ) ଅବଶ ହୋଇଛି ଏହା ମାନସକୁ ଅଣିଲିଣି ।

୫୫—ଏ ସୁରତର (ସୁନ୍ଦର ରମଣୀର) ଯହିଁ ( ଯେଉଁଠି ) ଏ ରତ (ଏପରିଦଶା) ସମୟରେ ଭାର ( ସେ ସୁନ୍ଦରର ) କି ଚତ ହୋଇଥିବ ଲୁବ୍ଧ (ବିଭୂଷଣ) ଲୋକେ ଯଥା ମୁକ୍ତାକୁ ବାଞ୍ଛାକରନ୍ତି ସେହିପରି ସେ ଦୁର୍ଲ୍ଲଭ ବାଳାର କଣ୍ଠ ( ନିକଟ ) ପ୍ରାପ୍ତିକି ବାଞ୍ଛା କରୁଥିବ ।

ସ୍ୱର୍ଗ ଅନୁରୂପ ଟିକି ଭଟହ ବନସ୍ଥଳରେ ।
ମତେ ଭୂଗମନା କାମନା ପୂର୍ଣ୍ଣ ହେବ କେମନ୍ତେ ॥ ୫୬

ତେହ ଭୃତ୍ୟର କଳ୍ପ କାତର ଯାର ଅନ୍ତରଖାନ୍ତ ।
ନ ଭଜିବ ବା ବନ୍ଧୁଜୀବ-ବନ୍ଧୁ ଅଧର ଶାନ୍ତ ॥ ୫୭

ଯା ଅଦା ତା ତଥି ଆବେଶ ଦେଖା ସଂବେଶ ହୋଇ ।
ସୁର ପ୍ରସୂର ଏ ବସୁରବସ୍ତୁ କର ସେ ନାହିଁ ॥ ୫୮

ଅମ୍ଭେ କରିବା ଉଦ୍‌ଯୋଗ ଯୋଗଭଙ୍ଗିମା କାର୍ଯ୍ୟ ।
ଯାଇ ଉପୁଜାଇ ସ୍ନେହକୁ ରଚନାରଚନ ବ୍ୟାଜେ ॥ ୫୯

ଛୁଟି କଲା ସର୍ଣ୍ଣନାଶର ଜବ ଧରଣୀ ବେଗେ ।
ଅଜନ୍ମସୂତୀ କଥା ଅଜଠାରୁ ଜ୍ଞାନୁକ୍ତ କାରେ ॥ ୬୦

ସ୍ୱାମୀଙ୍କି କୋହ୍ନଲ କହି ସେ କଞ୍ଚ ମର୍ତ୍ତ୍ୟ ମଣ୍ଡଳେ ।
ତା ବଲ୍ଲଭୀ ଲଭି ଏ ବାର୍ତ୍ତା କହେ କାନ୍ତ ଆଗରେ ॥ ୬୧

ଲଭିବେ ସ୍ୱପନରେ ଲପନ ଦେଖିଥିବ ତାହାର ।
ବିମ୍ବଅଧରୀ ଶମ୍ଭୁ ଅଧି କରି ବିରହଭର ॥ ୬୨

---

୫୬—ଟିକି ଅନୁରୂପ ( ସର୍ଗପାଟେ ) ବସ୍ତୁର ବନସ୍ଥଳରେ କହୁଚନ୍ତି—ଏପରେ ଭୂ-ଗମନା (ଗଜଗମନା)ର କାମନା କେମନ୍ତେ ପୂର୍ଣ୍ଣହେବ ।

୫୭—ସେ ଭୃତ୍ୟର ଭଳି—ବନ୍ଧୁଜୀବ-ବନ୍ଧୁ ଅଧର ( ବନ୍ଧୁଲୀପୁଷ୍ପ-ରକ୍ତ ଓଷ୍ଠୀ ) ଶାନ୍ତ ( ନାୟକ ) ମୋତେ ନ ଭଜିବ ବା ଅନ୍ତରଖାନ୍ତ ସେ ଯାର କାତର ହୋଇଛି ।

୫୮—ଯା ଅଦା ସଂବେଶେ (ସ୍ୱପ୍ନରେ) ଯାହାଠାରେ ତା କାନ୍ତ ଆବେଶ (ପ୍ରବେଶ) ହୋଇ ଦେଖା ଦେଇଛି, “ସେ ସୁନ୍ଦରୀ କିଏ” ଏପ୍ରକାର ଦର୍ଶିଁ ସୁର ପ୍ରସୂର (ଭୂତ ପ୍ରେରଣା) ଭଳି ନାହିଁ । କେଉଁ ସୁନ୍ଦରୀ ତାହାକୁ ସ୍ୱପ୍ନରେ ଦେଖିଛି ଏହା ଠିକ ଜାଣି ନ ଥିବାରୁ ସେ ଭୂତପ୍ରେରଣା ନାହିଁ ।

୫୯—ଅମ୍ଭେ ଯୋଗଭଙ୍ଗିମା (ସୁବାମୋହିନୀ)ର କାର୍ଯ୍ୟରେ ଉଦ୍‌ଯୋଗ କରିବା, ସେଠାକୁ ଯାଇ ରଚନାରଚନ ବ୍ୟାଜେ (ଛପଟରେ) ସ୍ନେହକୁ ଉପୁଜାଇବା ।

୬୦—ଛୁଟି (ଏହା କହି ଉଡ଼ିଯାଇ ଉଠନ୍ତେ) ସର୍ଣ୍ଣନାଶର (ପକ୍ଷୀସମୂହ) ବେଗେ ଜବ ଧରଣି କରିଲେ ଅଜନ୍ମସୂତୀ ଆମ୍ଭ ପକ୍ଷୀର କଥା ଅଜଠାରୁ ଜ୍ଞାନୁକ୍ତ ହେଲେ

୬୧—ସ୍ୱାମୀଙ୍କି କୋହ୍ନଲ ( ଏକଥା କାହାରିକି ନ କହିବ ) ଏହା କହି ସେ ଭଗା-ଧାତ୍ରୀ ପକ୍ଷୀ ମଣ୍ଡଳର ଗଲ, ତା ବଲ୍ଲଭୀ (ପକ୍ଷୀ ସ୍ତ୍ରୀ) ଏ ବାର୍ତ୍ତା ଲଭି କାନ୍ତ ଆଗରେ କହେ ।

୬୨—ସଖୀ ଶୁଣି ଭାବଇ ବିମ୍ବାଧରୀ ଯୁବକଜନ ସ୍ୱପ୍ନରେ ତାହାର ଲପନ ( ମୁଖ ) ଦେଖିଥିବ, ସେହି ଶମ୍ଭୁ ( ସ୍ୱପ୍ନ ପ୍ରତିବିମ୍ବକୁ ) ଅଧି କରି ବିରହ ଭର ( ଅତ୍ୟନ୍ତ ବିରହିଣୀ ) ହୋଇଛି ।

ବିରୂପ ନିରୂପଣି ଭର୍ତ୍ତ ବଶ ହୋଇଛନ୍ତି ସେହୁ ।
ଜାଣିବା ଆଣିବା ବ୍ରହ୍ମାଣ୍ଡ ଏକ ପଟେ ଲେଖାଇ ॥ ୨୩
ଶାରଦଗାମୀ ଚିତ୍ରକାର ଥିଲା ଡକାଇ ଭଣ୍ଡୁ ।
ସୁରୂପ ବଧାନେ ବିଧାତା ଚଳ ସେ ପଟ ଲିଖୁ । ୨୪
ଲକ୍ଷଣୀଯୁକ୍ତ ପଦ ଚିନ୍ତି ଉପଲକ୍ଷ୍ୟ କୃତି ।
ଲକ୍ଷ୍ମଣସହିତ ସାହାଯ୍ୟ ଏହା ନାମ ମୋହିତ ॥ ୨୫

## ଊନତ୍ରିଂଶ ଛାନ୍ଦ

ରାଗ—ମାଳବ

ଶୁଣ ହେ କଳ୍ପଜନେ ଏ ଅଦ୍ଭୁତ ବର୍ଣ୍ଣି ।
ମନ୍ତ୍ରୀ ପୁରୋହିତ ବୈଦ୍ୟ ଦିନେ ଛନ୍ତି ବସି ।

ଚିତ୍ରକାର ଆସି ଦେଖାଇଲା ପଟ ଫେଡି ।
ଆଶ୍ଚର୍ଯ୍ୟ ସେ ତିନି ଲୋକ ପଟକୁ ଅନାଇ ।

---

୨୩—ସେହି ରାଜକନ୍ୟା ବିରୂପ ନିରୂପଣୀ ବର ବଶ ହୋଇଛନ୍ତି ଏହା ଜାଣିବା ପାଇଁ ବ୍ରହ୍ମାଣ୍ଡ ଯାକ ଏକପଟେ ( ଗୋଟିଏ ପଟ ମଧ୍ୟରେ ) ଲେଖାଇ ଆଣିବା ।

୨୪—ସୁରୂପ (ଅନୁରୂପ ଅଦ୍ଭୁତ) ବଧାନେ (ଚିତ୍ର କରିବା ବ୍ୟବସ୍ଥାରେ) ବିଧାତା-ପରି ଯେଉଁ ବାରବଗାମୀ ଚିତ୍ରକାର ଥିଲା ତାକୁ ମନ୍ତ୍ରୀ ଡକାଇ କହନ୍ତି ସେ ପଟ ଲିଖ (ଲେଖିବାକୁ) ଚଳ ।

୨୫—ଲକ୍ଷ୍ମଣସହିତ ରାମଚନ୍ଦ୍ରଙ୍କର ଲକ୍ଷଣୀ ଯୁକ୍ତ ( ଅଷ୍ଟାଦଶ ଚିହ୍ନ ଯୁକ୍ତ ) ପଦକୁ ଚିନ୍ତି ଏହା ନାମ ମୋହିତ ସାହାଯ୍ୟ କଲେ, ଭକ୍ତଙ୍କ ଦ୍ୱାରା କୃତ ହୋଇଅଛି ।

---

୧—ହେ କଳ୍ପଜ ଜନେ ( କଳ୍ପନା କରି ଜାଣିବା ଲୋକମାନେ ) ବର୍ଣ୍ଣି ଏ ଅଦ୍ଭୁତ ଶୁଣ । ମନ୍ତ୍ରୀ ପୁରୋହିତ ଓ ବୈଦ୍ୟ ଦିନେ ବସିଛନ୍ତି ।

୨—ଚିତ୍ରକାର ଆସି ପଟ ଫେଡ଼ି ଦେଖାଇଲା, ସେ ତିନିଲୋକ ପଟକୁ ଅନାଇ ଆଶ୍ଚର୍ଯ୍ୟ ହେଲେ ।

ଲେଖା ଲେଖାବଳୀ ଶୁଭ ସୁଧର୍ମା ସଭାରେ ।
ଖୋଜି ନ ଦେଖିଲେ ତହିଁ ପ୍ରଧାନ ସୁନ୍ଦରେ ॥ ୩
ବଳିସଦ୍ମେ ପଢ଼ି ବାସୁକିଙ୍କ ବେଗେ ନେଇ ।
ସର୍ପ ଅସୁର ସ୍ୱଭାବେ ଅନାଦର ପାଇ ॥ ୪
ଧରାରେ ହୋଇଲା ପୁଷ୍ପପୁର ନେଶଭାସ ।
ପୁରେ ନଥିବା ସୁନ୍ଦର ପଡ଼ିବାକୁ ଧରା ॥ ୫
ପୁନଃପୁନଃ ଗୃହ୍ନି ମନ୍ତ୍ରୀ ପୁରୋହିତ ଚର୍ଚ୍ଚି ।
ବୋଇଲେ କାମନା ଯହିଁ କି ଏ ଯୋଗ୍ୟ ତହିଁକି ॥ ୬
ରହିବାକୁ ଅମୃତ ଚନ୍ଦ୍ରମା ବିନା ସ୍ଥାନ ।
ବୈଦ୍ୟୋକ୍ତ ଯେ ଯହିଁ ରସେ ସେହି ସେ ପ୍ରଧାନ ॥ ୭
ରମାସ୍ୱସା ବସ୍ତୁପ୍ରଦ ଶିବ ଶିରସ୍ଥାୟୀ ।
ଦେଖ ଗଙ୍ଗା ଲବଣ ସାଗରେ ସଙ୍ଗ ପାଇ ॥ ୮

---

୩—ଲେଖାବଳୀ ( ଦେବତା ସମୂହ ) ଲେଖା ହୋଇଥିବା ଶୁଭ ( ପବିତ୍ର ) ସୁଧର୍ମା ସଭାରେ ( ଦେବ ସଭାରେ ) ଖୋଜିଲେ ମଧ୍ୟ ତହିଁ ( ସେଠାରେ ) ପ୍ରଧାନ ସୁନ୍ଦରେ ନ ଦେଖିଲେ ।

୪—ବଳିସଦ୍ମ ( ପାତାଳ ପୁରେ ) ନେଇ ପଢ଼ି ବେଗେ ବାସୁକିଙ୍କ । ପାତାଳ-ବାସୀମାନେ ସର୍ପ ଏବଂ ଅସୁର ( ରାକ୍ଷସ ) ହେତୁ ସ୍ୱଭାବରେ ଅନାଦର ପାଇ ଅଛନ୍ତି ।

୫—ଧରାରେ ପୁଷ୍ପପୁର ନାମକ ନଗର ନେଶଭାସ ( ନୟନର ବନ୍ଧନ ) ହୋଇଲା, ପୂର୍ବରେ ଯେଉଁ ସୁନ୍ଦର ନାହିଁ ସେ ସୁନ୍ଦର ସେଠାରେ ଧରା ପଡ଼ିବାକୁ ନୟନ ବନ୍ଦୀ ହୋଇ ରହିଲେ ।

୬—ମନ୍ତ୍ରୀ ପୁନଃ ପୁନଃ ଗୃହ୍ନି ପୁରୋହିତ ଚର୍ଚ୍ଚି (ବିଚାର) କହିଲେ-ଅମ୍ଭମାନଙ୍କର ଯହିଁକି କାମନା ଅଛି ଏ ପୁରୁଷ ତହିଁକି ଯୋଗ୍ୟ ଅଟେ ।

୭—ଅମୃତ ରହିବାକୁ ଚନ୍ଦ୍ରମା ବିନା ଯୋଗ୍ୟସ୍ଥାନ । ସେହିପରି ଏ ସୁନ୍ଦର କେମାନ ଅନୁରୂପ ପାଇ । ବୈଦ୍ୟୋକ୍ତ ( ଆପରେ ବୈଦ୍ୟ କହିଲା ) ଯେ ଯହିଁରେ ( ଯାହାଠାରେ ) ରସେ ତାହାର ସେହି ପ୍ରଧାନ ଅଟେ । ଅର୍ଥାତ୍ ଅମର ବାଞ୍ଛିବାରେ କି ହେବ କେମା ମନ ଯାହାଠାରେ ବସିବ ସେହି ତାହାର ଯୋଗ୍ୟ ପାତ୍ର ହେବ ।

୮—ଦେଖ ରମାସ୍ୱସା ( ରମା ଭଗିନୀ ) ଗଙ୍ଗା ବସ୍ତୁପ୍ରଦ ଓ ଶିବ ଶିର ସ୍ଥାୟୀ ହେଲେହେଁ ଲବଣ ସାଗରରେ ସଙ୍ଗ ପାଇଲା ।

ପରମପାବନୀ ତୀର୍ଥମାନ ଯେତେକ ଥିଲେ ।
ଗୃଧଙ୍କ ଶାଣ୍ଡ ବସିଲ ଯେନ ଘନଜଳେ ॥ ୯
ବସ୍ତୁ ବୋଲେ ଜଳ ଜଡ଼ ସବର୍ଣ୍ଣିଷ୍ଟ ଅଛୁ ।
ବିବେକଶୂନ୍ୟରେ ପଶୁ ପକ୍ଷୀ ସମେ ଲକ୍ଷି ॥ ୧୦
ଯେ ଉତ୍ତମ-ଉତ୍ତମାଙ୍ଗ-ଭୂଷଣ ରତନ ।
ଦୁର୍ଲ୍ଲଭ ବଲ୍ଲଭେ ସିନା ନିବେଶିବ ମନ ॥ ୧୧
ନାରଦ ପର୍ବତ ତାତ ବର କରିଥିଲେ ।
ଇଳାକନ୍ୟା ବସ୍ତୁ ଦରଶନେ ମାଳା ଦେଲେ ॥ ୧୨
ବୈଦ୍ୟ ସୁତେ ସାଧ୍ୱୀ ଯାହା ଯେନ ରାଜନନ୍ଦିନୀ ।
ବାଣିଜ୍ୟ କରିବ ସେହି ସ୍ୱପ୍ନଧନ ଯେନି ॥ ୧୩
ଗନ୍ଧବତୀସାର ରସବତୀ ଯେ ପଦ୍ମିନୀ ।
କୋମଳା ଏ ତ୍ରିସଂସାରୁ ଅନ କି କାମିନୀ ॥ ୧୪

---

୯—ଯେନ ( ବାଛୁର ) ପରମ ପାବନୀ ( ଅତି ପବିତ୍ର କାରିଣୀ ) ତୀର୍ଥଜଳ ଯେତେକ ଥିଲେ ମଧ୍ୟ ଗୃଧଙ୍କ ଶାଣ୍ଡ ଘନଜଳରେ ବସିଲା ।

୧୦—ବସ୍ତୁ ( ପ୍ରତ୍ୟେକ ) କହନ୍ତି—ଜଳ ଏବଂ ଜଡ଼ ଏ ବୁଦ୍ଧିଙ୍କର ସବର୍ଣ୍ଣିଷ୍ଟ ଡ ଓ ଳର ଭେଦ ନ ଥିବାରୁ ସମାନ ବର୍ଣ୍ଣିତ ଅଛି, ସୁତରାଂ ଜଳ ଜଡ଼ ( ଜ୍ଞାନ ହୀନ ) ଅଟେ, ଅତ୍ର ବିବେକ ଶୂନ୍ୟ ବାସସ୍ଥାନରେ ପଶୁ ଓ ପକ୍ଷୀ ସମାନ ଭାବ ଲକ୍ଷ୍ୟ କରିବା । ଗଙ୍ଗାଜଳ ଓ ଗୃଧଙ୍କ ପକ୍ଷୀ ବାଛୁର କରି ନ ପାରି ଭଲ ଶୁଣ୍ଢ ମଧରେ ବସିଲେ ।

୧୧—ଯେ ରାଜକନ୍ୟା ଉତ୍ତମା-ଉତ୍ତମାଙ୍ଗ-ଭୂଷଣ-ରତନ ( ଉତ୍ତମା ସ୍ତ୍ରୀମାନଙ୍କର ମସ୍ତକ ମଣ୍ଡନ ମଣି ) ସେ ଯେ ଦୁର୍ଲ୍ଲଭ ବଲ୍ଲଭଠାରେ ( ପତି ଠାରେ ) ସିନା ମନ ନିବେଶିବ ।

୧୨—ଯେଣୁ ତାତ ( ପିତା ) ପର୍ବତ ନାରଦ ଋଷିଙ୍କୁ ବର କରିଥିଲେ, କିନ୍ତୁ ଇଳା-କନ୍ୟା ବସ୍ତୁଙ୍କ ଦର୍ଶନରେ ତାଙ୍କୁ ( ବସ୍ତୁଙ୍କୁ ) ବରମାଳା ଦେଲା ।

୧୩—ବୈଦ୍ୟ ସୁତେ ସାଧ୍ୱୀ ( ପତିବ୍ରତା ରାଜକନ୍ୟା ) ଯାହା ଯେନ ରାଜନନ୍ଦିନୀ ହୋଇଛନ୍ତି ସେହି ସ୍ୱପ୍ନଧନ ( ସ୍ୱପ୍ନରେ ପାଇଥିବା ଧନ ) କୁ ଯେନ ବାଣିଜ୍ୟ ( ବ୍ୟବସାୟ ) କରିବ ।

୧୪—ଗନ୍ଧବତୀସାର, ରସବତୀ, ପଦ୍ମିନୀ, କୋମଳ, ଏ ତ୍ରିସଂସାରୁ କାମିନୀ ଥିବ କି ? ( ଅନ୍ୟ ପ୍ରକାର କି ? )

ସେ ଚଣ୍ଡାଂଶୁ ସ୍ନେହବଶ ଥାଇ ଚନ୍ଦ୍ର ପ୍ରୀତ ।
ତାର ପ୍ରକାଶେ ପଦ୍ମିନୀ ନସୁକ ମୁଦନ୍ତି ॥ ୧୫
ବୃନ୍ଦାବତୀ ଜଳନ୍ଧରେ ହେବାରୁ ନିର୍ଲିପ୍ତ ।
ଭଗବାନ ଧବ୍ୟରୂପେ ଦେଖି ଦେଲା ଶାପ । ୧୬
ମନ୍ତ୍ରୀ ବୋଲେ ଏ ଷଣ ପସ୍ରା ପରି ପଟ୍ଟ ।
ସୁବର୍ଣ୍ଣ ଦୁର୍ବର୍ଣ୍ଣ ଅଛି ଜାଣିମା ଲମ୍ପଟ ॥ ୧୭
ଅହେ ବର୍ଣ୍ଣାଜୀବ ତବଜୀବ ବନ୍ଧୁ ଶିବ ।
ବନ୍ଧୁଜୀବ-ଅଧରକୁ ଏ ପଟ୍ଟ ଭେଟିବ । ୧୮
ସେ ଭାଳେ ନେତ୍ର କପାଳେ ଦୃଷ୍ଟିକି ନିବେଶି ।
ଜାଣିବ ଲୀଳାଭିଳାଷୀ ଯହିଁ ସାଭିଳାଷୀ ॥ ୧୯
କରିବା ବର ଅଣିବା ଉଦ୍ୟମ ଶୁଣି ତା ।
ସେ ଯାଇଁ ପ୍ରେରଣ କଲା ଶୁଦ୍ଧାନ୍ତେ ବନିତା ॥ ୨୦

---

୧୫—ପଦ୍ମିନୀ ଚଣ୍ଡାଂଶୁ ( ସୂର୍ଯ୍ୟର ) ସ୍ନେହରେ ବଶୀଭୂତ ହୋଇ ଚନ୍ଦ୍ର ସଙ୍ଗରେ ପ୍ରୀତ କରିବା ହେତୁ ଆଜି ତାର ( ଚନ୍ଦ୍ରର ) ପ୍ରକାଶରେ ନସୁକ ମୁଦନ୍ତି ( ସଙ୍କୋଚ ହୁଅନ୍ତି ) ।

୧୬—ବୃନ୍ଦାବତୀ ଜଳନ୍ଧରଠାରେ ନିର୍ଲିପ୍ତ ( ଅସକ୍ତ ) ହେବାରୁ ଭଗବାନଙ୍କର ଧବ୍ୟରୂପ ଦେଖି ସୁଦ୍ଧା ତାହାଙ୍କୁ ଶାପ ଦେଲା ।

୧୭—ମନ୍ତ୍ରୀ କହିଲେ—ଏ ପଟ୍ଟଖଣ୍ଡି ଷଣ ( ବେଶ୍ୟ ବଣିଅଁ ) ର ପସରା ପରି । ତାହାର ପସରାରେ ସୁବର୍ଣ୍ଣ ( ସୁନା ) ଦୁର୍ବର୍ଣ୍ଣ ( ରୁପା ) ଥିଲା ପରି ଏ ପଟ୍ଟରେ ସୁବର୍ଣ୍ଣ ( ସୁରୂପ ) ଦୁର୍ବର୍ଣ୍ଣ ( କୁରୂପ ) ଚିତ୍ର ଅଛି, ଜାଣିବା ଲୋକମା ଭାହ୍ନିରେ ଲମ୍ପଟ ( ସ୍ନେହଗଣ ) ହେବ ।

୧୮—ଅହେ ବର୍ଣ୍ଣାଜୀବ ( ଚିତ୍ରକର ) ! ତୁମ୍ଭର ଜୀବବନ୍ଧୁ ( ସୂର୍ଯ୍ୟ ) ଶିବ ବନ୍ଧୁଜୀବ ଅଧରକି (ବନ୍ଧୁଲୀ ପୁଷ୍ପ ସଦୃଶ ଅଧରକୁ) ଏ ପଟ୍ଟ ଭେଟି କରିବ ।

୧୯—ସେ ଭାଳେ ( ଚିତ୍ରପଟ୍ଟ ଦେଖିବା ସମୟରେ) ଲୀଳାଭିଳାଷୀ (କ୍ରୀଡ଼ାଭିଳାଷୀ କାମଚେଷ୍ଟା ) ନେତ୍ରକୁ କପାଳରେ ଯୋଗେ ଯହିଁ ( ଯେଉଁ ଚିତ୍ରରେ ) ଦୃଷ୍ଟିକି ନିବେଶିବ, ସେହି ରୂପରେ ସଭିଳାଷୀ ଅନୁରାଗିଣୀ ହୋଇ ତୁମ୍ଭ ସ୍ତ୍ରୀ ଅନୁମାନରେ ଜାଣିବ ।

୨୦—ସେ କଥା ସମ୍ମତି କର୍ଣ୍ଣାବତେଲ ଅଟେ ଉଦ୍ୟମ କରି ସେ ବରକୁ ଅଣିବା । ତାହା ଶୁଣି ଚିତ୍ରକର ଯାଇ ଶୀଘ୍ର ବନିତା ( ସ୍ତ୍ରୀ ) କୁ ଶୁଦ୍ଧାନ୍ତେ ( ଅନ୍ତଃପୁରକୁ ) ପ୍ରେରଣ କଲା ।

ଦେଖେ ବାଳା ବାସାଞ୍ଚଳ ଦଶା ଗ୍ରହ କରି ।
ଛିଣ୍ଡାଉଛି ପରମପଣ୍ଡିତା ଗୁଣି ଧରି ॥ ୨୧
ପୂର୍ବ ଲୋକନ ଅପୂର୍ବପ୍ରସୂନ ବନ୍ଧନେ ।
ଆଶ୍ରୟ ନାହିଁ ବର୍ଣ୍ଣିତ ସଂଶୟ ଜୀବନେ ॥ ୨୨
ହୃଦୟଦୋଳିତ ପଦ୍ମ ପୁଷ୍ପମାଳ ମ୍ଳାନ ।
ରସାଳସୀ ଶିଶୁଶଶୀ ପ୍ରତିଭା ରଞ୍ଜନ ॥ ୨୩
ରସାଳ ତାଳମ୍ବ ବୀଜ ଅଶନେ ଉପୁଜି ।
ପାଣିସ୍ଥିତ କମଳ ଚୁମ୍ବିବା ଇଚ୍ଛା ହୋଇ ॥ ୨୪
ଅଗାଧ ଶୋକସାଗରେ ବୁଡ଼ି ଯାଇ ମନ ।
ଉଦିତ ମୁଦ୍ରିତେ ଦେଖେ ଦ୍ୟୋତିଲ ନୟନ ॥ ୨୫
କଥା ପ୍ରସଙ୍ଗ ସ୍ୱପ୍ନରେ ବଚନ ରଚିତ ।
ଚନ୍ଦନ-ଇନ୍ଧନ ନବାମ୍ବର ପାଶେ ସ୍ଥିତ ॥ ୨୬

---

୨୧—ସେ ଯାଉ ଦେଖିଲ ବାଳା, ପରମପଣ୍ଡିତା ଗୁଣଧରି ବାସାଞ୍ଚଳ (ଲୁଗାପଣତ) ର ଦଶା (ଦଶିମାନଙ୍କୁ) ଗ୍ରହ (ଗ୍ରହଣ) କରି (ଗ୍ରନ୍ଥଦଶାଗ୍ରସ୍ତ ହେବା ଅବସ୍ଥାରେ) ଛିଣ୍ଡାଉଛି ।

୨୨—ପୂର୍ବରେ ଲୋକନ (ଦେଖିଥିବା) ଅପୂର୍ବ ପ୍ରସୂନ ବାନ୍ଧିବାରେ (ବଂଶୀତ) ଅନ୍ୟ ଆଶ୍ରୟ ନାହିଁ, ଜୀବନରେ ବର୍ଣ୍ଣିତ (ବର୍ଣ୍ଣିବାକୁ) ସଂଶୟ ହେଉଛି । ଦଶଦଶା ବର୍ଣ୍ଣନା । (ଅସୌଷ୍ଠବ) ।

୨୩—ବିରହ ତାପରୁ ହୃଦୟରେ ଦୋଳିତ (ଲମ୍ବିତ) ପଦ୍ମ ଓ ପୁଷ୍ପମାଳ ମ୍ଳାନ ହୋଇଛି (ତାପ) । ରସାଳସୀ ଚଞ୍ଚଳନୟନା ଶିଶୁ ଶଶୀ (ଦ୍ୱିତୀୟା ଚନ୍ଦ୍ରର) ପ୍ରତିଭା (ଦୀପ୍ତି) ରଞ୍ଜନ ହୋଇଛି (ପାଣ୍ଡୁ ଓ କୃଶ ଦଶା) ।

୨୪—ରସାଳ (ଅମ୍ବ) ଓ ତାଳମ୍ବୀଜ ଅଶନେ (ଭକ୍ଷଣ କରିବାକୁ ଡର) (ଅରୁଚି) ପାଣିସ୍ଥିତ କମଳ (ଗାଧରେ ଥିବା ପଦ୍ମକୁ) ଚୁମ୍ବିବାକୁ ଇଚ୍ଛା ହୁଅଇ (ଅଦ୍ଭୁତ) ।

୨୫—ଅଗାଧ (ଅତଳ) ଶୋକ ସାଗରରେ ମନ ବୁଡ଼ିଯାଏ (ଅନାଲମ୍ବ) । ନୟନ ମୁଦ୍ରିତେ (ମୁଦ୍ରିତ କରିବା ଦ୍ୱାରା) ପୂର୍ବରେ ଦେଖିଥିବା ପୁଷ୍ପସମ୍ପଦ (ପ୍ରକାଶିତ) ହୋଇଥିବାର ଦେଖେ (ଭ୍ରମ) ।

୨୬—କଥା ପ୍ରସଙ୍ଗ (ବାର୍ତ୍ତାଳାପ) ସ୍ୱପ୍ନରେ ବଚନ ରଚନା କରଇ (ଉନ୍ମାଦ) । ମୂର୍ଚ୍ଛାରେ ଚନ୍ଦନଇନ୍ଧନ (ଚନ୍ଦନକାଷ୍ଠ) ନବାମ୍ବର (ନୂଆଲୁଗା) ପାଶରେ ଥିବାର ଦେଖି ବିଶ୍ୱାସ-ମୁଁ ମଲେ ଦାହ ପାଇଁ ଏ ସବୁ ରଖା ଯାଇଅଛି (ମୂର୍ଚ୍ଛା) ।

ଲଙ୍କୋପଜୀବିନୀ ପଟ୍ଟ ବେଢ଼ନ୍ତେ ଏ ସମୟେ ।
ଦେଖନ୍ତେ ଚେଲଣି କଣ୍ଠିକଗଣି ଶୋଭା ପାଏ ॥ ୨୭
ସଖୀ ସଙ୍ଗେ ସୁମୁଖୀ ସେ ନୃପ ଦେଖି ଦେଖି ।
ଗତ ଦର୍ଶନ ପ୍ରତ୍ୟକ୍ଷେ ଲଗିଲା ସେ ଅଖି ॥ ୨୮
ସେ ଖଞ୍ଜନ ରଞ୍ଜନ ସେ ପ୍ରତିମା ପିତୁଳା ।
ସାରଗାର ଗୁଣ୍ଡା ଅଠାଖାଟେରେ ଲଗିଲା ॥ ୨୯
ପୁଲକିଲା କପୋଳ କି ସେ ନୀପକଳିକା ।
ଟୁମ୍ବୁବୋଲି ଦେଖାଇଲା କାଶୋର-ଅଳିକା ॥ ୩୦
ଅଳସ ବ୍ୟାଜେ ଲଦନ୍ତି ଊର୍ଦ୍ଧ୍ୱେ ବେଣୀବନ୍ଧ ।
ଏ ପାଶେ ବାନ୍ଧ ରଖିବ ଅଭିପ୍ରାୟ କି ଭାବ ॥ ୩୧
ଏଣୁ ଭୂତ ଜଳ ଦଶିବାକୁ ଏହା ତର୍ଜ୍ଜି ।
ଜାଲଗୃହ ଘୁଟଳ ଅମ୍ବୁଜାକ୍ଷୀ ଉଭା ହେଲା ॥ ୩୨
ସେ ଅନୁବର୍ତ୍ତିଣୀ ସେ ବାମାକୁ ଅନୁଗ୍ରହ ।
ଜଣା ଅଣାଇ ବସନ ଭୂଷଣ ସନ୍ଦୋହ ॥ ୩୩

---

୨୭—ଏହି ସମୟରେ ଲଙ୍କୋପଜୀବିନୀ ( ଶୁଣ୍ଡୀର ସ୍ତ୍ରୀ ) ପଟ୍ଟ ନେଇ ବେଢ଼ିଲା । ଯେମା ଦେଖିଲା—ଚେଲଣି କଣ୍ଠିକଗଣି ( ଜାଳିତ କାଚଦୂଶୀ ସବୁ ) ସେ ହେଲେ ଶୋଭା ପାଏ ।

୨୮—ସୁମୁଖୀ ରାଜକନ୍ୟା ସଖୀ ସଙ୍ଗରେ ସେ ରାଜାଙ୍କୁ ଦେଖି ପୂର୍ବେ ଦେଖିଥିବା ପ୍ରତ୍ୟକ୍ଷରେ ଅଖି ଲଗିଲା ।

୨୯—ସେ ସୁନ୍ଦରୀର ରଞ୍ଜନ ( ଅନୁରଞ୍ଜନକ ) ଚକ୍ଷୁ ଖଞ୍ଜନପକ୍ଷୀ, ସେ ପୁରୁଷର ପ୍ରତିମା ପିତୁଳାର ( ପ୍ରତିମୂର୍ତ୍ତିର ) ରୂପ ପାଖରେ ଥିବା ସାର ଗାରର ଗୁଣ୍ଡା (ଅଗୁର) ଅଠାଖାଟ ଉର୍ଦ୍ଧ୍ୱରେ ଲଗିଲା ।

୩୦—ସେ ସମୟରେ କପୋଳ ( ଗଣ୍ଡସ୍ଥଳ ) ପୁଲକିଲା, ସେ ନୀପକଳି କି ( କଦମ୍ବ କଳିକା ସଦୃଶ ପୁଲକିତ ଗଣ୍ଡକୁ ) ଟୁମ୍ବୁବୋଲି ତାହା ପ୍ରତ୍ୟକ୍ଷରୂପକ କାଶୋର ଅଳିକ ( ଯୁବାଭ୍ରମରକୁ ) ଦେଖାଇଲା କି ?

୩୧—ଅଳସ ସାଙ୍ଗେବା ବ୍ୟାଜେ ( କପଟରେ ) ବେଣୀବନ୍ଧ ( ଭୁଜମୂଳ ) କୁ ଟାଳି ଊର୍ଦ୍ଧ୍ୱରେ ଲଦିଲା, ଏହି ବାହୁ ପାଶରେ ତାହା ପୁରୁଷକୁ ବାନ୍ଧି ରଖିବା ଭାବ ଅଭିପ୍ରାୟ କି ?

୩୨—ଏଣୁ ଭୂତ ଜଳ ଦଶିବାକୁ ଏପରି ତର୍ଜଣା କରୁଅଛନ୍ତି ସେ ଅମ୍ବୁଜାକ୍ଷୀ ( ପଦ୍ମନେତ୍ରୀ ) ତାହାକୁ ଜାଲଗୃହ (ଝରକା ଘର ) କରି ଉର୍ଦ୍ଧ୍ୱରେ ଉଭା ହୋଇଛି ।

୩୩—ସେ ଅନୁବର୍ତ୍ତିଣୀ ରାଜକନ୍ୟା ବସନ ଭୂଷଣ ସନ୍ଦୋହ ( ସମୂହ ) ଅଣାଇ ସେ ରାଜାଙ୍କର ବାମାକୁ ଦାନ କରିବା ଦ୍ୱାରା ଅନୁଗ୍ରହ ପ୍ରକାଶ କଲା ।

ଘନ-ଅବାସ ଭରଣି ପନ୍ଥକୁ ଥୋଇଲେ ।
କେବଳ ହସ୍ତରେ ଧରି ବାହାର ନ ହେଲେ ॥ ୩୪
ବାଞ୍ଛତେ ସେ ବାଳୀ କର ମନୋରଥ ପୂର୍ଣ୍ଣ ।
ତା ପଛ ଶୁଣି ସମସ୍ତ ସଚିବେ କଥନ ॥ ୩୫
କାର୍ତ୍ତିକ ପୁଷ୍ପ ପୁରେଶ କୁମାରେ ଲେଉଛି ।
କହୁବା ଶୁଣ ଭୋଳଦେ ଏବେ ତା ଚରିତ ॥ ୩୬
ତାଙ୍ଗି ବଳବେଢେ ଅଧିକେ ଉଷ୍ଣାଗମ ବଢେ ।
ନୃପନନ୍ଦନ ଅଗ୍ରମ-ସଦ୍ମେ ବସି ରହେ ॥ ୩୭
ଏ ନିଦାଘ ଋତୁ ବ୍ୟାଘ୍ର ପ୍ରବେଶ ନଗରେ ।
ଦେଖ ରଙ୍ଗଣି ପାଟଳୀ ସରକତ କରେ ॥ ୩୮
ଖର-କରଜ ପ୍ରତାପ ଅତ୍ୟନ୍ତ ଦେଖାଇ ।
ଧୂନି କରି ସବାରି ଜୀବନ ହରିନେଇ ॥ ୩୯

---

୩୪—ପନ୍ଥକୁ ଘନଅବାସ (ଆକାଶ) ଭରି ଉର୍ଦ୍ଧ୍ୱରେ ମନକୁ ଥୋଇଲେ, କେବଳ ହାତରେ ଧରି ବାହାରକୁ ବାହାରିଲେ ନାହିଁ ।

୩୫—ସେ ବାଳୀ ରାଜକର ସ୍ତ୍ରୀ ମନୋରଥ ପୂର୍ଣ୍ଣକର ବାଞ୍ଛନ୍ତେ, ତା ପଛ ଶାସକର ତାହାଠାରୁ ସବୁ ଶୁଣି ସମସ୍ତ ବସବୁ ସଚିବ (ମନ୍ତ୍ରୀ) କୁ କହିଲେ ।

୩୬—ପଣ୍ଡି କାର୍ତ୍ତିକ ରାଜଜେମା ପୁଷ୍ପପୁରେଶ (ପୁଷ୍ପପୁର ରାଜାଙ୍କ) କୁମାରଠାରେ ଲେଉଥା । ହେ ଭୋଳଦେ (ପଣ୍ଡିତମାନେ) । ଏବେ ସେ କୁମାରର ଚରିତ କହୁବା ଶୁଣ ।

୩୭—ଯେ କୁମାର ଏତେ ବଳବନ୍ତେ ତାଙ୍କି କହାଇଲେ ଉଦୟରେ ପୁଣି ଉଷ୍ଣାଗମ (ଗ୍ରୀଷ୍ମକାଳ) ଅଧିକେ ବଢ଼ୁଛି, ଏ ଅବସ୍ଥାରେ ନୃପନନ୍ଦନ ଅଗ୍ରମସଦ୍ମେ (ଉପବନ ସ୍ଥିତ ଗୃହରେ) ବସି ରହିଲ । ଅଗ୍ରମ (ଉପବନ) ସଦ୍ମ (ଗୃହ) ।

୩୮—ଏ ନିଦାଘ (ଗ୍ରୀଷ୍ମ) ଋତୁ ବ୍ୟାଘ୍ର ନଗରରେ ପ୍ରବେଶ କଲେ ପା (ପାଦ) ଟଳ ପଡ଼ ଯିବା ଲୋକଙ୍କୁ ସବାରି ରଙ୍ଗଣୀ ଫୁଲମାନେ ସରକତ (ରକ୍ତ ଯୁକ୍ତ) କରେ । ଏ ଗ୍ରୀଷ୍ମକାଳ ନଗ (ପର୍ବତ) ରେ ପ୍ରବେଶ ହୋଇ ରଙ୍ଗଣୀ ଓ ପାଟଳୀ ଫୁଲକୁ ସ୍ୱଭାବ ସରକତ (ରକ୍ତବର୍ଣ୍ଣ) କରଇ ।

୩୯—ଏହି ଖର କରଜ (ଶାର୍ଦ୍ଦୂଳ) ର ପ୍ରତାପ (ପ୍ରଭାବ) ଅତ୍ୟନ୍ତ ଦେଖାଇ ଧୂନି (ଗର୍ଜନ) କରି ପ୍ରାଣୀମାନଙ୍କୁ ସବାରି ଜୀବନ ହରି ନେଉଛି । ଏ କାଳ ମଧ୍ୟ ଖର କରଜ ପ୍ରତାପ (ଖରକର ଯେ ସୂର୍ଯ୍ୟ ତାହାଙ୍କଠାରୁ ଜାତ ଉତ୍ତାପ ପ୍ରଚଣ୍ଡ କିରଣକୁ) ଅତ୍ୟନ୍ତ ଦେଖାଇ ଧୂନି (ନଦୀ) ମାନଙ୍କୁ ସବାରି କରି (ସବାରିଲାପରି ଧାର ଧାର କରି) ଜୀବନ (ଜଳକୁ) ହରି ନେଉଛି ।

କେବଳେ ରକ୍ଷା ଯେ ଅଜୟ ବାଡ଼ କରିଥିବେ ।
ବର୍ଦ୍ଧମାନଙ୍କୁ ଯଶୋବନ୍ତ ଜଗିର ଏ ଭାବେ । ୪୦
ନବଚଣ୍ଡୀ ପ୍ରସନ୍ନେ ଏ ଭୀତି ଯିବ ନାଶ ।
ମନ୍ତ୍ରର ଦେଇ ଅନ୍ତର ହୋଇ ରାଜହଂସ । ୪୧
ସ୍ତ୍ରୀହଂସଲକ୍ଷଣା ହୋଲେ ଉଦ୍ୟମ କରିବା ।
ଉଦନ୍ତ ଦେଇଥିବା କି ସେ କହିବେ ଯିବା । ୪୨
ସ୍ୱର୍ଗ ଯେ ଦୁର୍ଲ୍ଲଭ ଯଜି କରି ଲଭେ ଜନ ।
ମନ୍ତ୍ରୀଙ୍କ ଉକ୍ତି ସେ ବାଳା କଲ୍ୟାଣୀର ସ୍ଥାନ । ୪୩
ତାର ଅଭିଳାଷ ଚରିତେ ବିନା ତାଳା ।
କାମଶରେ ଶୃଙ୍ଖଳି ଛିଟକେ ଧ୍ୟାନହୋଇ । ୪୪
ସେ କମଳା ଏହାଙ୍କ ଏ ଚିନ୍ତା ସେହୃଦନ୍ତୁ ।
ମୁଁ ପୁରୁଷୋତ୍ତମ କେଶ ମଣ୍ଡିବ ମୋ ଜାନୁ । ୪୫

---

୪୦—ଯେଉଁମାନେ ଅଜୟ ପାଇ ବାଡ଼ କରିଥିବେ ସେମାନେ କେବଳ ବାଘରୁ ରକ୍ଷା ପାଇବେ ଯେଉଁମାନେ ଅଜୟ ( କେଉଁଟାରେଇ ) କୁ ବାଡ଼ କରିଥିବେ ସେମାନେ ମଧ୍ୟ କେବେ ଭୀତିରୁ ରକ୍ଷା ପାଇବେ ବର୍ଦ୍ଧମାନଙ୍କୁ ( ଯଶୋବନ୍ତ ) ଏ ଭାବେ ଜଗିର କଲେ ।

୪୧—ନବଚଣ୍ଡୀ (ନବଦୁର୍ଗା) ପ୍ରସନ୍ନ ହେଲେ ବ୍ୟାଘ୍ର ଭୟ ନାଶ ହୁଅଇ, ସେହିପରି ନବଚଣ୍ଡୀ ( ନୂତନା ରମଣୀ ) ପ୍ରସନ୍ନହେଲେ ତୁମ୍ଭ ଭୀତିନାଶ ଯିବ । ଏ କଥନରେ ମନ୍ତ୍ର ( ଗୁରୁ ) ଦେଇ ରାଜହଂସ ଅନ୍ତର ହୋଇଛନ୍ତି ।

୪୨—ସ୍ତ୍ରୀ ହଂସ ଲକ୍ଷଣା—ପୋଷା ନପୁଂସକ ଅନ୍ତେମାନେ ସେ ବାଳଶୁରେ ଉଦ୍ୟମ କରିବା । ଉଦନ୍ତ (ବାର୍ତ୍ତା) ଦେଇଥିବା କି ସେ କହିବେ (ନାଗରଙ୍କୁ) ଯିବା ।

୪୩—ସେ ସ୍ୱର୍ଗ ଦୁର୍ଲ୍ଲଭ ତାହାଙ୍କୁ ଜନ ଭଜିକରି ଲଭେ ( ଅର୍ଥାତ୍ ଯାହାକୁ ଦୁର୍ଲ୍ଲଭ ହେଲେ ଉଦ୍ୟମ କଲେ ଅବଶ୍ୟ ସୁଲଭ ହୋଇ ପାରିବ ) । ମନ୍ତ୍ରୀଙ୍କ ( ମନ୍ତ୍ରୀପୁତ୍ର ) ଉକ୍ତିକଲେ—ସେ ବାଳା କଲ୍ୟାଣୀର ( ଦସ୍ତୁର ) ସ୍ଥାନ ଅଟେ ।

୪୪—ତାହାର ଅଭିଳାଷ ( ଅନୁରାଗ ) ବଳି, ସେ ବାଳା ବନାପଦରେ କାମରେ ସମ୍ପୂର୍ଣ୍ଣ ଶୃଙ୍ଖଳି ଛିଟକରେ ଏପରି ବାନ୍ଧହୋଇ ଯେ ରାଜପୁତ୍ର କେବଳ ତାହାଙ୍କୁ ଧ୍ୟାନ କରୁଅଛି । ଏଠାରୁ ଚ ୫୨ ପ ପର୍ଯ୍ୟନ୍ତ କାମର ଦଶଦଶା ଅର୍ଥାତ୍-ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣକଥନ, ଉଦ୍‌ବେଗ, ପ୍ରଳାପ, ଉନ୍ମାଦ, ବ୍ୟାଧି, ଓ ମୂର୍ଚ୍ଛା ଦଶାର ବର୍ଣ୍ଣନ ।

୪୫—ସେହୃଦନ୍ତୁ ଏହାଙ୍କର ଏ ଚିନ୍ତା—ସେ କମଳା (ପଦ୍ମିନୀ ସ୍ତ୍ରୀ) ସ୍ୱୟଂ ଲକ୍ଷ୍ମୀ ମୁଁ ପୁରୁଷୋତ୍ତମ ( ଉତ୍ତମପୁରୁଷ ଓ ବିଷ୍ଣୁ ) ତେବେ କେଶ (କପଟ) ସେ ମୋ ଜାନୁ ମଣ୍ଡିବେ ।

ଶ୍ରୀମୁଖ ବ୍ରଣ-ବିନ୍ଦୁସ୍ଥ ଭାବିକ ପ୍ରସଙ୍ଗ ।
ସ୍ମୃତ ଯେଣ ଦ୍ରବିତ ହୁଅଇ ପ୍ରତିଦିନ ॥ ୪୬
ସମ୍ପୂର୍ଣ୍ଣତା ମଣ୍ଡଳାମଣି ତୋ ବିହୀନ ।
ନ ଥିବ ନୋହିବ ନାହିଁ ଏ ଶ୍ରୁତି କଥନ ॥ ୪୭
ନାସସ୍ଥ ହେଲଣି ପ୍ରାଣ ଧନ ଯେଉଁ ଦାଟେ ।
ମୃଦୁଧ୍ୱନି ଶୁଣିବ ଶ୍ରୁତି ହେଜିବ ଉଦ୍‌ବେଗେ ॥ ୪୮
ପ୍ରତ୍ୟାଶାରେ ସେ ସ୍ୱାମୀରୂପେ ଦିଶିଗଲେ ।
ଆସ ଆସ ବସ କୋଳେ ପ୍ରଳାପରେ ବୋଲଇ ॥ ୪୯
କଳକଣ୍ଠ ହୁତକରେ ଉଡ଼ିଗଲେ ସେହି ।
ଉନ୍ମାଦେ ହସି ଭାଷଇ ଚଳ ବାଞ୍ଛା ଭଙ୍ଗି ॥ ୫୦
ବୋଲେ ତନୁ ଦରବର୍ଣ୍ଣକୁ ଚାହିଁ ଯେତେବେ ପୃଚ୍ଛି ।
ସନ୍ନିପାତଜନ୍ୟ ଏ ବ୍ୟାଧି ପୁଷ୍କର କାହିଁଛି ॥ ୫୧
ଭଳ ଅଳ ପ୍ରତିମା ପଡ଼ିଛି କ୍ଷଣେ କ୍ଷଣେ ।
ଶ୍ୱାସ ଛାଡ଼ି ଜଡ଼ଭାବ ନାହିଁ ଗତି ଭଣେ ॥ ୫୨

---

୪୬—ତାହାଙ୍କ ଶ୍ରୀମୁଖରେ ପ୍ରକାଶ ପାଉଥିବା ବ୍ରଣବିନ୍ଦୁ (ଛୋଟ ଘାଆ) ପ୍ରସଙ୍ଗ ଭାବିକମାନ ଅଟେ, ପ୍ରତିଦିନ ତାହା ସ୍ମୃତ (ସ୍ମରଣ) ହେଉଥିବା ଯେଣ ମୁଁ ଦ୍ରବିତ ହୁଅଇ ।

୪୭—ତବ ସମ୍ପୂର୍ଣ୍ଣତା ମଣ୍ଡଳାମଣି ତୋ ବିହୀନ ( ବିନା ) ଅନ୍ୟ ସ୍ତ୍ରୀ ନ ଥିବ ନୋହିବ ନାହିଁ ଏହାପରି ଶ୍ରୁତି ଗାନ କଲେ ।

୪୮—ନାସସ୍ଥ ଏନ୍ତଃପ୍ରାଣଧନ ( ଶେଷ ଲକ୍ଷ୍ୟ ଅର୍ଥାତ୍ ଶ୍ୱାସ ) ହେଲଣି । ଯେଉଁ ଦାଟରେ ମୃଦୁଧ୍ୱନି ଶୁଣିବ ତାକୁ ସେ ସ୍ତ୍ରୀର କଥା ଶବ୍ଦ ଉଦ୍‌ବେଗରେ ସେ ଦାଟକୁ ଶ୍ରୁତି ( କର୍ଣ୍ଣ ) ହେଜିବ ।

୪୯—ପ୍ରତ୍ୟାଶାରେ ( ଧ୍ୟାନରେ ) ସେ ସ୍ୱାମୀରୂପେ ଦିଶିଗଲେ, ଆସ ଆସ ମୋ କୋଳରେ ବସ ବୋଲି ପ୍ରଳାପମାନ କହନ୍ତି ।

୫୦—କଳକଣ୍ଠ ( କୋକିଳଙ୍କୁ ) ହୁତ କାହି ପଡ଼ାନ୍ତି, ପୁଣି କୋକିଳ ଉଡ଼ିଗଲେ, ବାଞ୍ଛା ଭଙ୍ଗ କଲ ବୋଲି ଉନ୍ମାଦରେ ହସି ହସି କହନ୍ତି ।

୫୧—ଦେଖିଲେ ତାହାଙ୍କ ତନୁ ଦରବର୍ଣ୍ଣକୁ ( ଦେହର ପାଣ୍ଡୁର ବର୍ଣ୍ଣକୁ ) ଚାହିଁ ଯେବେ ପଚାରନ୍ତି; ତେବେ ସେ ବୋଲନ୍ତି—ଏ ସନ୍ନିପାତ ଜନ୍ୟ ବ୍ୟାଧି ( ଅସାଧ୍ୟରୋଗକୁ ) ପୁଷ୍କର ( ଔଷଧ ) କେଉଁଠାରେ ଅଛି ।

୫୨—ଭଳ ( ମଧୁର ) ଅଳ ( ବାଗଳିତ ) ଅର୍ଥାତ୍ ଭଗ୍ନ ପ୍ରତିମାପରି କ୍ଷଣେ କ୍ଷଣେ ଅଚଳ ହୋଇଛି (ଜଡ଼ତା) ନିକଟରେ ବଡ଼ଶ୍ୱାସ ଛାଡ଼ୁଛି, କେତେବେଳେ ଜଡ଼ ଭାବ (ମୂକ ଭାବ) ଧରୁଛି, ତେବେ ତୋ ବିନା ଗତି ନାହିଁ ଏହା କହୁଛି । ( ମୂର୍ଚ୍ଛା ଗୁଣ ) ।

ଏ ଦଶା ନବକିଶୋର ପାଇଲୁଣି ଜାଣ ।
ଅଦ୍ୟ କାଳୁ ନୋହୁ କର ତୋର ଭୁଜାଂପଣ ॥ ୫୩
ଶୁଣି କ୍ଲୀବ ହୋଇଲା ହୋଇଛ ଲେଖା ଲେଖ ।
କାହିଁକି ଚତୁରମୁଖ ଚତୁରେ ସୁମୁଖ ॥ ୫୪
ଭ୍ରୁକୁର ବିଭ୍ରୁର ଲେଖି କଦମ୍ବପତ୍ରରେ ।
ସମର୍ପିଲେ କି ସମର୍ପି ହେଲେ ତାହାଠାରେ ॥ ୫୫
ମଙ୍ଗଳଦାୟୀ ହୋଇଲେ ଶିବା ଦ୍ୱିଜ ଉର୍ଦ୍ଧ୍ୱେ ।
ବାମ ଦକ୍ଷିଣଭାଗକୁ ସୁଲଗ୍ନ କରାଇ ॥ ୫୬
ସେତେବେଳେ କୃପାଧାର୍ଯ୍ୟୀ ଯେ ଗମନ କରୁଥିଲେ ।
ଏବେ ପୋଟା ଯାଇ ତୋରବଳରେ ଜାଣିଲେ ॥ ୫୭
ଅଭ୍ରଭ୍ରଂସ ମାଙ୍ଗଲ୍ୟା ଶୁଭ ଶାସ୍ତ୍ର ହୋଇ ।
ଚମ୍ପାପୁର ମଧ୍ୟରେ ସରସୀକଟ ଯାଇ ॥ ୫୮
ଲବଙ୍ଗଲତାରେ ବସି ଶୁକଙ୍କ ଏକ ପଦ ।
କୁମାସ କୁମାର ସ୍ନେହ ମଦନଉଷାଦ ॥ ୫୯

---

୫୩—ନବକିଶୋର ( ନବ ଯୁବକ ) ନପୁଂସକ ଏ ଦଶା ପାଇଲଣି ଏହା ଜାଣ । ତୋର ଭୁଜାଂପଣକର ସେପରି ତାହାର ଅଦ୍ୟ କାଳୁ ନୋହୁ ।

୫୪—ସଖୀମାନଙ୍କଠାରୁ ପୋଟା ( ନପୁଂସକ ) ଏମନ୍ତ ଶୁଣି କ୍ଲୀବ ହୋଇ କହିଲା—ଲେଖ ( ଶଠାଣି ) ଲେଖା । ମୁଁ କାହିଁକି ଚତୁରମୁଖ ( ବ୍ରହ୍ମା ) ଏ ଚତୁରେ ( ସୁନ୍ଦରଠାରେ ) ସୁମୁଖ ( ଅନୁକୂଳ ) ହୋଇଛନ୍ତି ।

୫୫—ଭ୍ରୁକୁର କାକୁର ପତ୍ରରେ ସମସ୍ତ କଦମ୍ବ ( ବାଣୀମାନ ) ଲେଖି ତାହାଠାରେ ସମର୍ପିଲେ କି ନିଜେ ସମର୍ପି ହେଲେ ।

୫୬—ଉର୍ଦ୍ଧ୍ୱେ ( ଅନୁକୂଳ ହେବେ ) ଶିବା ( ଶୃଗାଳ ) ଏବଂ ଦ୍ୱିଜ ( ବ୍ରାହ୍ମଣ ) ବାମ ଓ ଦକ୍ଷିଣ ଭାଗରେ ରହି ସୁଲଗ୍ନ କରାଇ ମଙ୍ଗଳଦାୟୀ ହୋଇଲେ ।

୫୭—ସେତେବେଳେ କୃପାଧାର୍ଯ୍ୟୀ ଗମନ କରୁଥିଲେ, ଏବେ ପୋଟା ( ନପୁଂସକ ପୁରୁଷ ) ଯାଇ ତୋରବଳରେ ତାହା ଜାଣିଲେ ।

୫୮।୫୯—ଅଭ୍ରଭ୍ରଂସ ଓ ମାଙ୍ଗଲ୍ୟା ଦୁହେଁ ଶୁଭ ଶାସ୍ତ୍ର ହୋଇ ଚମ୍ପାପୁର ମଧ୍ୟରେ ସରସୀ ( ପୁଷ୍କରିଣୀ ) ତଟରେ ଯାଇ ଲବଙ୍ଗଲତାରେ ବସି ଏକପଦରେ ( ଏକସ୍ୱରରେ ) ଭାଷିଲେ, କୁମାରୀ ଓ କୁମର ଦୁହିଁଙ୍କର ସ୍ନେହ ମଦନ-ଉଷାଦ ( କାମଉତ୍ସବକୁ ) ଜଣାଇ ଅଛି ।

କଳହଂସକେଦାରେ ଭୂପାଳେ ଶଲାଘିଲ ।
ପ୍ରଥମରେ 'ଜେ' ଯୁକ୍ତ ଅଛଇ ଏତେମାତ୍ର ॥ ୬୦
ଶ୍ରୀରାମ ସାର୍ଥ କରିବେ ଏ ମନୋରଥକୁ ।
ଶ୍ରୀରାମ ମୂର୍ତ୍ତି ଯୋଡ଼ିଲେ ଯେ କରିଯୂଥକୁ ॥ ୬୧
କହେ କବି ବୀରବର ଉପେନ୍ଦ୍ର ଭଞ୍ଜ ।
ସୁହୃଦେ ଯେ ମିଳିତ ଛାନ୍ଦକୁ ଏବେ ଦେଖ ॥ ୬୨

## ତ୍ରିଂଶ ଛାନ୍ଦ

ରାଗ—କଳହଂସ କେଦାର ଓ ଭୂପାଳ ।

ଶୁଧସାରସେ କେଦାର ଗାରେ ରୁଚିର ।
ନୀରକ୍ଷୀରମିଶ୍ରିତ ଦ୍ୱି ଜନ୍ମ ଦାର ଯେ ।
ଶୁକ କହୁଥାଉଥା ବୃତ୍ତାନ୍ତ ସ୍ମର ।
ସାରୀ ଅଗ୍ରତେ ମୃଦୁଭରଣୀ କହ ରଯ ॥ ୧

---

୬୦—କଳହଂସ କେଦାର ଓ ଭୂପାଳ ଏ ତିନିରାଗ ଅକ୍ଷରଗଣନାରେ ସମାନ, କିନ୍ତୁ କଳହଂସ କେଦାର ଦ୍ୱିତୀୟ ଓ ଚତୁର୍ଥ ପାଦଶେଷରେ "ଜେ" ଯୁକ୍ତ ହୁଏ, ଏତିକି ମାତ୍ର ଅଛି ।

୬୧—ଶ୍ରୀରାମ ଏ ମନୋରଥକୁ ସାର୍ଥକ କରିବେ—ଯେଣୁ ଶ୍ରୀରାମ ମୂର୍ତ୍ତି କରି ଯୂଥକୁ ( ବାନର ଦଳକୁ ) ଯୋଡ଼ିଥିଲେ ।

୬୨—କବି ବୀରମାନଙ୍କ ମଧ୍ୟରେ ବର (ଶ୍ରେଷ୍ଠ) ଉପେନ୍ଦ୍ରଭଞ୍ଜ କହେ, ହେ ସହୃଦୟମାନେ ଏବେ ଏ ମିଳିତ ଛାନ୍ଦକୁ ଦେଖ ( [illegible] )।

---

୧—ଏ ଛାନ୍ଦରେ ବୃତ୍ତକୁ ପଦକୁ ଶୁକ କଳହଂସ କେଦାର ରାଗରେ ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ପଦକୁ ସାରୀ ଭୂପାଳ ରାଗରେ କହୁଅଛନ୍ତି । ଏଥିରେ ଦୁଇଜଣଙ୍କର ଉକ୍ତି ମିଶିତ ହୋଇଛି । ହେ ଶୁଧ ସାରସେ ( ପଣ୍ଡିତ ହଂସମାନେ )! କେଦାରଗରେ ( କଳହଂସ କେଦାର ଓ ଭୂପାଳ ଏହି ତିନି ରାଗରେ ) ଲୁଚିର (ମନୋହର) ନୀର କ୍ଷୀର ପରି ମିଶ୍ରିତ ଦ୍ୱିଜଙ୍କୁ ( ଶୁକସାରୀ ଦୁହିଙ୍କର ଉକ୍ତିକୁ ) ଦାର ( ଧ୍ୟାନ କର )। ଶୁକ କୁମାର ବୃତ୍ତାନ୍ତ ସୁବର୍ଣ୍ଣଙ୍କର ସାରୀ ଅଗ୍ରତେ ହିଁ (ନଷ୍ଟପ୍ରାୟ) ମୃଦୁଭର ( ଅତିକୋମଳ ) କର ବାର୍ତ୍ତା କହୁ ( କହିଲ ) ସାରୀ ଶୁକ କହୁଥାର ବୃତ୍ତାନ୍ତକୁ ସ୍ମର ତା ଅଗ୍ରତେ (ଶୁକ ଆଗରେ ) ମୃଦୁଉର ( ମୃଦୁ ଉତ୍ତର ) କହ ( କହିଲ )।

ନାଗରମଣି ସାର ଶୂର-ସ୍ତ୍ରୀ-ଧାମ । ନାହିଁ ଶ୍ରୁତିରେ ତାହା କାହିଁ ସମ ଯେ ।
ସୁନାସା ସାଦୃଶ କାନ୍ତି କି ମନୋରମ । କାମିନୀଜନ୍ମ ଧୈର୍ଯ୍ୟ ହରିବାକୁ କ୍ଷମ ଯେ ॥ ୨
କେହେ କେଶରୀ ବୋଲି ସୁତନୁ ଭଣି । ଦନ୍ତୀ ଅରି ଜୟକୁ ମଧ୍ୟରେ ପୁଣି ଯେ ।
ଅଧୀର ଚିତ୍ତଦୁଃଖ ସେ ପାଇଲା ଯେ । ବଶ କେମନ୍ତେ ତ୍ରାହି ବହି ନା ଶୋଚଇ ଯେ ॥ ୩
ସୁମନସର ପାତେ କି ଦଗ୍ଧୀଭୂତେ । ଶାନ୍ତି ସୁନ୍ଦର ଶାତା ରମେ କେତେ ଯେ ।
ଗୀର ଚେଳ ବନରେ ଅଦର ସ୍ଥାନ । ନଗରବରବେଶ ନ ବହିଲ ମନ ଯେ ॥ ୪

---

୨—ସେ କୁମର ନାଗରମଣି ( ପୁରୁଷରତ୍ନ ) ସାର ଶୂର-ସ୍ତ୍ରୀ-ଧାମ ( ଶ୍ରେଷ୍ଠ ବୀରମାନଙ୍କର ଲକ୍ଷ୍ମୀର ସ୍ଥାନ ) ତାହାଙ୍କ କୀର୍ତ୍ତି ସମାନ ଆଉ ଶ୍ରୁତିରେ ( ବେଦାଦିରେ ମଧ୍ୟ ) କାହାର କୀର୍ତ୍ତି ବର୍ଣ୍ଣିତ ହୋଇ ନାହିଁ, ବା ଶ୍ରୁତିରେ ( କର୍ଣ୍ଣରେ ମଧ୍ୟ ) ଶୁଣା ଯାଇ ନାହିଁ । ତାହାଙ୍କର ସୁନା ସମାନ କାନ୍ତି ( ଶୋଭା ) କି ମନୋରମ ( କେଡ଼େ ସୁନ୍ଦର ) । ସେ କାମିନୀଜନ୍ମର ( ସ୍ତ୍ରୀ ସମୂହର ) ଧୈର୍ଯ୍ୟ ହରଣ କରିବାକୁ କ୍ଷମ ଅଟନ୍ତି । ସ୍ତ୍ରୀ ପକ୍ଷରେ—ସେ କୁମାରୀ ନାଗ-ରମଣୀ ( ନାଗ କନ୍ୟା ) ମାନଙ୍କ ଠାରୁ ସାର (ଶ୍ରେଷ୍ଠ) ସୁରଶ୍ରୀର ( ସୌନ୍ଦର୍ଯ୍ୟର ) ଧାମ (ସ୍ଥାନ) ଶ୍ରୁତିରେ ( ଶୁଣିବାରେ ) ତାପର ନାହିଁ, ଆଉ ରତି ତାକୁ ସମ କି ? ସୁନାସା ( ସୁନ୍ଦର ନାସିକା ) ଓ ଦୃଶ (ଚକ୍ଷୁର କାନ୍ତି-ଶୋଭା ) କି ମନୋରମ ( ମନୋହର ), ସେ କାମୀ-ଜନ୍ମ ( କାମୀପୁରୁଷମାନଙ୍କର ) ଧୈର୍ଯ୍ୟ ହରଣ କରିବାକୁ କ୍ଷମ ଅଟଇ ।

୩—ପୁ—ଯାହାକୁ କେହି କେହି କେଶରୀ (ସିଂହ) ବୋଲି ସ୍ତୁତି କହନ୍ତି । ପୁଣି ଯେ ମଧ୍ୟରେ ( ମଧ୍ୟଭୁବନ ପୃଥିବୀରେ ) ଦନ୍ତୀ ସଦୃଶ ( ହସ୍ତୀ-ସମାନ ) ଅରି ( ଶତ୍ରୁମାନଙ୍କୁ ) ଜୟ କରନ୍ତି; ସେ କେଉଁଠାରେ ବଶ ହୋଇ ଅଧୀର ( ଅଧୀର ) ହୋଇ ଚିତ୍ତରେ ଦୁଃଖ ପାଇଲା—ତ୍ରାହିକର (ରକ୍ଷାକର) ବୋଲି କହିବା ଉପାୟ ଶୋଚଇ ।
ସ୍ତ୍ରୀ—ଯାହାକୁ କେହେ ( ତ୍ରିଭୁବନରେ ) କେ ( କିଏ ) ସତ୍ତ୍ୱ ବୋଲି ସ୍ତୁତି ଭଣନ୍ତି, ପୁଣି ଯେ ମଧ୍ୟରେ ( କଟିରେ ) ଦନ୍ତୀଅରି (ସିଂହ) କୁ ଜୟ କରନ୍ତି, ସେ ମାରେ ( କାମରେ ) ବଶ ହୋଇ ତ୍ରାହି ( ରକ୍ଷାକର ) ବୋଲି କହିବା ଉପାୟ ଶୋଚଇ ।

୪—ପୁ—ତାହାଙ୍କର ସୁ-ମନସରେ ( ଉତ୍ତମମନରେ ) ପାତେ ( ସୁନ୍ଦରୀ କଥା ) ଶତ୍ରୁରେ ) ଦଗ୍ଧୀଭୂତ ( ଦଗ୍ଧୀଭୂତ ) ହୋଇ ସୁନ୍ଦରୀର ଶାନ୍ତିକୁ ଶାନ୍ତି କେତେ ରମଇ, ଗୀର ( କୋକିଳ ) ଚେଳ, ବନରେ ( ଉପବନ-ବାଡ଼ିରେ ) ଅଦର ସ୍ଥାନ ହୋଇଛି, ନଗରବେଶେ ( ବେଶ ହୋଇ ନଗର ଭ୍ରମଣ କରିବାରେ ) ରତି ହେବାକୁ ମନ ବଳୁନାହିଁ ! ସ୍ତ୍ରୀ—ସୁମନ-ସର ପାତେ ( ପୁଷ୍ପପତନରେ ) କି ଦଗ୍ଧୀଭୂତେ ( ସ୍ତ୍ରୀତହୋଇ ) ସୁନ୍ଦର

ତା ପଲ୍ଲବ ଶଯ୍ୟାରେ ନ ଆସେ ନିଦ୍ରା । ଲେଖା ଲେଖନ-ସମସ୍ତ ଶୋଧା ସଦା ଯେ ।
ଶାରଦେ ଲୁଚି ସେ ଯେ ସୁବର୍ଣ୍ଣୀଭୂତ । ଅନ୍ୟ ନ ଦେଖେ ପ୍ରତିଅଣାରେ ତାର ଯେ ॥ ୫
ଆଗମନ ଯା ଇଚ୍ଛା ଗୃହାଁନ୍ତେ ଧନେ । ଲଭିଲା ଭରସାରେ ସନ୍ତୋଷେ ବସେ ଯେ ।
ପାଞ୍ଚଇ ପକ୍ଷ ଜନ ମୁଁ ପାଇବି ସତେ । ନିଶ୍ଚେ ଅଧରାମୃତ କାରଣ ମତେ ଯେ ॥ ୬
କାମନା ସଫଳରେ ଇଚ୍ଛା ଗୁରୁ । କା ବଶନାଥ ଥାଇ ପ୍ରତିସ୍ରୁତର ଯେ ।
ଦେବକୀକୁମାରଙ୍କୁ ଜଣାଇ ସ୍ତୁତି । ଅତେବ କରୁଣା କର ମୁଁ ଅଜ ଆର୍ତ୍ତି ଯେ ॥ ୭

---

ଶିତା ( ସୁନ୍ଦର ପୁରୁଷମାନଙ୍କର ମୁକୁଟମଣି ) ଶ୍ରୀକୃଷ୍ଣଙ୍କୁ ଚିନ୍ତା କରିବା ଉଦ୍ଭବର, ଏଣୁ ଶାରଦେ ( ସର୍ବଦା ) ଜୀବନରେ ଅବସ୍ଥାନ କରୁଛନ୍ତି । ରତ୍ନରେ ( ରତ୍ନଶ୍ରେଷ୍ଠ ମଣିର ) ଦେଖରେ ମନ ବଳୁନାହିଁ ।

୫—ସ୍ତୁ—ତାହାର ପଲ୍ଲବ ଶଯ୍ୟାରେ ( ନୂଆପତ୍ର ଶେଯରେ ) ନିଦ ଆସୁ ନାହିଁ । ଲେଖା ( ସୁନ୍ଦରୀର ପ୍ରତିମୂର୍ତ୍ତିକୁ ) ଚିତ୍ରାରେ ଲେଖି ସମସ୍ତ ଭଳି ସଜୁଥିଲେ ସବର୍ଣ୍ଣରେ ( ସ୍ୱର୍ଣ୍ଣବର୍ଣ୍ଣରେ ) ଲୁଚିଲା ପରି ଶାରଦରେ ଲୁଚଇ । ତାର ( ସୁନ୍ଦରୀର ) ପ୍ରତ୍ୟାଶାବ୍ୟତୀତ ଆନଭାବ ( ଗତି ) ନ ଦେଖେ । ତାପ ( ବିରହତାପରୁ ) ଶଯ୍ୟାରେ ଲବେମାତ୍ର ନିଦ୍ରା ନ ଆସେ, ଲେଖା ( ଦେବତାମାନଙ୍କର ) ଲେଖନ ସମସ୍ତରେ ( ଉଜ୍ଜଳ ହେବାରେ ) ସଦା ଶୁଦ୍ଧୀ ଅଛି, ପ୍ରତି ଆଶାରେ ( ପ୍ରତିଦିଗରେ ) ତାର ( ପୁରୁଷର ) ଆନନ ( ମୁଖ ) ଦେଖଇ; ସୁବର୍ଣ୍ଣିଭର ( ଅତ୍ୟନ୍ତ ଲୁଚିଯାଇ ) ଶେଷେ ପଣ୍ଡୁ—ହୋଇ ଗଲି, ଉର୍ଦ୍ଧ ଏହା ଧ୍ୱନେ ।

୬—ସ୍ତୁ—ଆଗମ ( ଆପ୍ରିଅଣା ) ଯାଇ ନାହିଁ, ଗୃହାଁନ୍ତେ ଧନେ, ଏ ଯେଣି ଲଭିବା ଭରସାରେ ସନ୍ତୋଷରେ ବସିଅଛି; ପାଞ୍ଚଇ-ମୋହର ପକ୍ଷ (ଜେଣା) ଜନମୁଁ ( କାତରହୋଇ ) ସତେ ମୁଁ ଖୋଜି ଯାଇ ତାଙ୍କୁ ପାଇବି । ତାହାର ଅଧରାମୃତ ନିଶ୍ଚେ ମତେ କାରଣ ହେବ । ଅମୃତ ପାନରେ ମରନ୍ତି ନାହିଁ । ମୁଁ ମଧ ତାହାର ଅଧର ପାନକରି ଅମର ହେବି । ସ୍ତ୍ରୀ—ମୋ ମନ ଆଗ ତା ପାଖକୁ ଯାଇଛି, ଧନେ ( ଧନମାନଙ୍କୁ ) ଗୃହାଁନ୍ତେ ଲଭି ( ଆଇବା-ଦର୍ଶନ ) ଲାଭ ହେବଇଛି; ପାଞ୍ଚଇ ଭରସାରେ ( ପୃଥିବୀରେ ) ସନ୍ତୋଷରେ ମୋହର ବଂଶରେ ଅଛି ଏପରି ମୋହର ପକ୍ଷଜନ ( ପ୍ରାଣସଖୀଙ୍କୁ ) ସତେ ମୁଁ ପାଇବି । ଅଧର ହେଲେ ( ଧର ନ ହେଲେ ) ମତେ ନିଶ୍ଚେ ମୃତ ( ମରଣ ) କାରଣ ହେବ ।

୭—ସ୍ତୁ—କାମନା ସଫଳରେ ( ବାଞ୍ଛାସିଦ୍ଧି ନିମିତ୍ତ ) ଗୁରୁ କରିବା ( କୃତ-ପଠାଇବା ) ଯେ କଣ ବସନାଥ ? ଏହା ପ୍ରତି ସ୍ୱପକ୍ଷ ( ପ୍ରତି କଥାରେ ) ଥାଏ । ଦେବକୀକୁମାରଙ୍କୁ ( ଶ୍ରୀକୃଷ୍ଣଙ୍କୁ ) ସ୍ତୁତି କରଇ—ଅହେ ପ୍ରଭୁ, ମୁଁ ଅତ୍ୟନ୍ତ ଆର୍ତ୍ତିଜନ ମୋତେ କରୁଣା ( ଦୟା ) କର । ସ୍ତ୍ରୀ—କାମପୀଡ଼ା

ଚନ୍ଦ୍ରକାନ୍ତ ମୂର୍ତ୍ତି କି ବୁଝିଲି ଶୁଣି । କା ସେ ଚନ୍ଦ୍ରପ୍ରଭଙ୍କୁ ଧ୍ୟାନ ଏଥି ଯେ ।
ଭ୍ରମରକୁନ୍ତଳନୟନା ପୁଣି ଯେ ସ୍ମରନ୍ତି । ମତ୍ତେଭ ଗମନ ସ୍ନେହେ ଚାହିବ ପୁଚ୍ଛନ୍ତି ଯେ ॥ ୮
କର ଯେ ଟୁଙ୍କି କ୍ଷିତ ଦିନ ସେ ସାରୁ । ତନୁସ୍ମାନଶୋଭନ ଜ୍ଞାନତା ହାରି ଯେ ।
ହା ରବର ତା ପାଶ ସୁହୃଦେ ଛନ୍ନ । ରଜନୀକର କରେ ସେଚନ ଯେନ ଯେ ॥ ୯
କରେ ଉମାପତି ସେବାରେ ପ୍ରେମ । ମାଳତୀରେ ଆଦର ଜପଇ ନାମ ଯେ ।
ଶିବଦେବ ଅବସ୍ଥ ଦେବାରେ ଧାଇଁ । କ୍ଷଣ ପରାଧୀନରେ ଏମନ୍ତ ହୋଇ ଯେ ॥ ୧୦

ନାଶ ପାଇଁ ବାସର କରେ, ପ୍ରତ୍ୟକ୍ଷ ( ସାକ୍ଷାତରେ ) ଦେବାକୁ ଜାଣ ( ଶୁଭଦାତ୍ରୀ ) ସନ୍ନିଧ୍ୟାୟୀ ( ନିକଟ ସ୍ଥାୟୀ ) ହୋଇଛନ୍ତି, ଅତଏବ କରୁଣାକର ( ଦୟାମୟ ହର ) । ମୁଁ ଅତି ଅକିଞ୍ଚନ, କୃପାରକୁ ଅଣି ମୋତେ ଦେବ କି ? ଏଥିପାଇଁ ସ୍ତୁତି କରଇ ।

୮—ସୁ—ସେ ଚନ୍ଦ୍ରକାନ୍ତ ମୂର୍ତ୍ତି ( ଚନ୍ଦ୍ର ପରି କାନ୍ତ କମନୀୟ ମୂର୍ତ୍ତି ଯାହାର ) ଏପରି ସୁନ୍ଦରୀକି ଶୁଣି ମୁଁ ବୁଝିଲି ବୋଲି କହୁଅଛି । ନା । ( ହାୟ । ) ସେ ଚନ୍ଦ୍ରପ୍ରଭଙ୍କୁ (ସୁବର୍ଣ୍ଣ ବର୍ଣ୍ଣା) ଏଥି ଧ୍ୟାନ କରୁଛି । ପୁଣି ସୁନ୍ଦରୀରେ ପିଣ୍ଡି ଧରିଲି ସେ ଭ୍ରମରକୁନ୍ତଳ ନୟନା ( ଭ୍ରମର ସଦୃଶ କେଶୀ ) ମତ୍ତେଭଗମନା ( ମତ୍ତଗଜଗାମିନୀ ) ସ୍ନେହରେ ମୋତେ ଚାହିବ କି ?

ସ୍ତ୍ରୀ—ମୁହିଁ ଚନ୍ଦ୍ରକାନ୍ତ ମଣି କି ? ଯେ ହେଲୁ ମୁଁ ତାହାର ଚନ୍ଦ୍ରପ୍ରଭର ( ଚନ୍ଦ୍ରକିରଣ ସଦୃଶ ) ବାସରେ ବୁଝିଲି, ମୋର ଧୀ ( ବୁଦ୍ଧି ) ଧ୍ୟାନ ହୋଇଗଲା, ଏଥିକଥା କହୁ କହୁ ସେ ଭ୍ରମରକୁନ୍ତଳୀ (ମୃଗନୟନୀ) ରୂପ ହୋଇ ସ୍ମରୁଛିର ପାଶ ସ୍ଥିତ ଶୁକକୁ ପୁଚ୍ଛଇ—ଭଗତ ( ଭକ୍ତ ) ସ୍ନେହରେ ମୋତେ ଚାହିବ କି ?

୯—ସୁ—ସେ କର କପୋଳରେ ଟୁଙ୍କି କ୍ଷିତ ( ପୃଥ୍ୱୀରେ ) ଦିନ ସାରୁଛି ( କାଳଯାପନ କରୁଛି ) ତନୁ ( ଦେହ ) ମ୍ଳାନ ଶୋଭନ ( ଅଶୋଭା ) ହୋଇଛି, ତା ଜ୍ଞାନ (ଚେତନା) ହାରିବାକୁ ତା ପାଶରେ ଥିବା ସୁହୃଦେ ( ସଖୀମାନେ ) ହା-ରବର ( ହାୟ ହାୟ ଧ୍ୱନି କରି ) ଛନ୍ନ ହେଉଛନ୍ତି, ଦେହ ଦାହ ଶାନ୍ତି ନିମିତ୍ତ ରଜନୀକର ( କର୍ପୂରରେ ) ସେଚନ କରନ୍ତି ଏମନ୍ତ ଯେନ ।—ସ୍ତ୍ରୀ—ସେ ସୁନ୍ଦରୀ କରରେ ( ନଖରେ ) କ୍ଷିତି ( ଭୂମି ) ଟୁଙ୍କି ଦିନ ସାରୁଛି, ତାହାର ଜ୍ଞାନ ତନୁସ୍ମାନ—ଶୋଭନ ( କନ୍ଦର୍ପ ପରି ସୁନ୍ଦର ) ପୁରୁଷଚିନ୍ତାରେ ହରୁଛି, ତା ସୁହୃଦେ ( କଦମ୍ବ ହୃଦୟରେ ) ଥିବା ହାରବର ( ମୋତି ମାଳାକୁ ) ପାଶ ଚତୁର ( ଚତୁର ସଖୀ ) ଛନ୍ନ ହେଉଛି, ରଜନୀକର ( ଧୂଳି ସମୂହ ) ସେଚନ କରଇ, ଏମନ୍ତ ଯେନ ।

୧୦—ସୁ—କରେ ମାଳତୀର ଗୌରୀ ପତି (ଶିବ) ସେବାରେ ପ୍ରେମ କରଇ, ଏବଂ ଆଦରରେ ଶିବ ନାମ ଜପଇ । ଶିବଦେବ (ମଙ୍ଗଳ ଦାତା ମହାଦେବଙ୍କୁ)

ସଦା ହଂସସୁଗତି ମାନସରତ । ତୋୟାଢ଼ ସ୍ନେହ କି ତୁଟି ଘନରେ ସ୍ଥିତ ଯେ ।
ଅଛି କି ତାର ତଥା ଜୀବନ ବିନା । ସୁବ୍ରମଣି ଚନ୍ଦନସୁବାସୀ ପିନା ଯେ ॥ ୧୧
ସୁରତରଙ୍ଗିଣୀରେ ମଜ୍ଜିବା ମତ । ଇଚ୍ଛେ ଏହା ତାହାର ଜନ୍ମାନ୍ତ ପ୍ରୀତ ଯେ ।
ମୁଁ ଜତକ ଲଭନ୍ତି ସୁକୃତ ଥିଲେ । ସ୍ମରାଙ୍ଗାରତରସେ ଜର୍ଜ୍ଜର ହେଲେ ଯେ ॥ ୧୨

---

ଅଭୟ ଦେବା ନିମିତ୍ତ ଧ୍ୟାୟି (ଧ୍ୟାନ କରଇ) । ଲକ୍ଷଣପର (ଭାସର) ଅର୍ଥୀନରେ (ବଳରେ) ଏମନ୍ତ ଦୁଃଅଇ ।—ସ୍ତ୍ରୀ—ଶୌର୍ଯ୍ୟ (ଶୌର୍ଯ୍ୟଙ୍କୀ) ଅତି ସେବାରେ ପ୍ରେମ ପ୍ରକାଶ କରଇ, ତେବେ ମାନୀଧର ଆଦରରେ ଜାନ କିପରି । ସେ ଅଭୟ ଦେ (ଅଭୟ ବର ଦାୟିନୀ ଅମ୍ବିକେ) ଭାବେ (ଥରେ) ଶିବ (ମଙ୍ଗଳ) ହେବ ବୋଲି ଧ୍ୟାୟି (ଧ୍ୟାନକରଇ) । ସେ କ୍ଷଣ ପର୍ଯ୍ୟାନରେ (ଅତି ପର୍ଯ୍ୟାନା ହୋଇ) ଏମନ୍ତ ଦୁଃଅଇ ।

୧୧—ପୁ—ହଂସ ମାନସସରୋବରରେ ରତ ହେଲା ପରି ଏ ପୁରୁଷ ସର୍ବଦା ସୁଗତି (ଉତ୍ତମ ଗମନା) ସୁନ୍ଦରୀର ମାନସରେ (ମନରେ) ରତ (କ୍ରୀଡ଼ା କରଇ) ତୋୟାଢ଼ (ଜଳଢ଼ ପକ୍ଷୀ) ଘନରେ (ମେଘଠାରେ) ସ୍ଥିତ ସ୍ନେହକୁ ତୁଟାଇ କି ? ତାର ଜୀବନ (ଜଳ) ବିନା ରକ୍ଷା ଅଛି କି ? ସେପ୍ରକାର ସୁବ୍ରମଣୀ (ଉତ୍ତମା ସ୍ତ୍ରୀ) ଚନ୍ଦନ ସୁବାସୀ ଏକମାତ୍ର ଗତି ପିନା ।—ସ୍ତ୍ରୀ—ହଂସ ସୁଗତି (ହଂସ ଗମନାର) ମାନସ (ମନ) ସୁନ୍ଦରଠାରେ ସଦା ରତ ହୋଇଛି, ତା ଠାରେ (ପୁରୁଷଠାରେ) ତାହାର ସ୍ନେହ ଘନାରେ (ନିବିଡ଼ ଭାବରେ) ହୋଇଛି, ସେ କିଣି ତୋୟାଢ଼ (ଜଳ) ସ୍ନେହ କି ତୁଟିଯିବ । ତାର ଅଜ୍ ଜୀବ (ଜୀବନ) ରକ୍ଷାର ଉପାୟ ଅଛି କି ? ଚନ୍ଦନ ସୁବାସୀ ଜନନାର ସେ ସୁବ୍ରମଣି (ବୀରଶ୍ରେଷ୍ଠ) ଏକମାତ୍ର ଗତି ପିନା ।

୧୨—ପୁ—ସୁରତ-ତରଙ୍ଗିଣୀ (ରତିନିପୁଣା) ସ୍ତ୍ରୀକନ୍ୟାଠାରେ ମଜ୍ଜିବାକୁ କେବଳ ମତ ହୋଇଛି, ଏବଂ ଏହା ତାହାର ଜନ୍ମାନ୍ତରପ୍ରୀତି (ଯାବଜ୍ଜୀବନ-ପ୍ରୀତିକି) ଇଚ୍ଛା କରୁଅଛି । ସୁକୃତ (ପୁଣ୍ୟ) ଥିଲେ ମୁଁ କେତେକ ଲଭିବ ଏହା କହୁଛି । ସ୍ମରାଙ୍ଗ-ରତ-ରସେ (କାମିନୀଠାରେ ଆସକ୍ତ ହେବା ରସରେ) ଭଲେ (ଉତ୍ତମରୂପେ) ଜର୍ଜ୍ଜର ହୋଇଛି । ସ୍ତ୍ରୀ—ସୁର, ତରଙ୍ଗିଣୀରେ (ଗଙ୍ଗାରେ) ମଜ୍ଜିବା ମତ (ବାସ ଦେବାକୁ ମନ) କରୁଛି । ଜନ୍ମାନ୍ତରରେ (ଅନ୍ୟଜନ୍ମରେ) ହେଲେ ତାହାର ପ୍ରୀତି ଲାଭ କରିବ ଏହା ଇଚ୍ଛା କରୁଛି । ସୁକୃତ (ପୁଣ୍ୟ) ଥିଲେ ମୁଁ କି ଅବା ଲଭିବ, ଏପରି ନିରତ ସ୍ମର ରସେ (ସ୍ନେହରେ) ଭଲରୂପେ ଜର୍ଜ୍ଜର ହୋଇଛି ।

ଲକ୍ଷିତ ଗିରା ନାହିଁ ଦେହଳୀ ଦଳ । ଯୁଗଳ ବସିବାର ପ୍ରସୂନ ଭଳି ଯେ ।
ଖଟି ମିତେ ପକାଇ ନିଶ୍ୱାସ ଖର । ଅବା ଜୀବ ପବନେ ଜାଣ୍ଡି ଏ ଉର ଯେ ॥ ୧୩
ଅବା ରଜନୀକରେ ବନ୍ଧନକର । ଏକାକୀ ସ୍ଥିତ ହେଉ କପୋଳେ କର ଯେ ।
ତାହା ପଦ୍ମଗତ ଦିନ ନନ୍ଦୀକର ଭେଦ । ସୋଦ୍ରିତ ଦେଶ ସମାନେ କି ସ୍ନେହ ବନ୍ଧ ॥
ରସିକବର ନୋହିଁ ସୁମନ ବାଟର । ବରବର୍ଣ୍ଣିନୀ କଣ୍ଠଗତକି ସୁବର୍ଣ୍ଣ ଜନ ।
ଭେଦ ରସାଳଗିରେ କୋକିଳ ବାଣୀ । ଶତକୋଟି ଲକ୍ଷ୍ୟ ଦେ ବାଣ୍ଟିଲୁ ଆଣି ଯେ ॥ ୧୫

---

୧୩—ପ୍ର—ଦେହଳୀ ( ଦ୍ୱାରବନ୍ଧକୁ ) ଲଙ୍ଘିବା ଶକ୍ତି ଲକ୍ଷିତ (ଜଣାଯାଉ) ନାହିଁ, ଯୁଗଳ ହୋଇ ପ୍ରସୂନରେ (ପ୍ରଫୁଲ୍ଲଭାବରେ) ବସିବାର ଭଳିରୁ । ଏମନ୍ତ ଦେଖି ମିତେ (ମିତ୍ରମାନେ) କେବେ ଏ ଶୁଭ ଯୋଗ ଘଟିବ ବୋଲି ଖଟିହେବାକୁ ଏବଂ ଖର ନିଶ୍ୱାସ ଦେଖି ଜଣାଯାଏ ଏ ପବନେ ( ନିଃଶ୍ୱାସ ପବନରେ ) ଜୀବ ଉଡ଼ିଯିବ ( ପ୍ରାଣ ଛାଡ଼ିଯିବ ) ।

ସ୍ତ୍ରୀ—ଦୁଃଖରେ ଗୃହିବା ଲକ୍ଷିତ (ଲକ୍ଷ୍ୟ ଦଳଗତ) ଦେହଳୀ (ଲଙ୍ଘିବାକୁ) ନାହିଁ, ଗିରାର ( ପାର୍ବତୀଙ୍କର ) ପ୍ରସୂନ ଭଳି ( କେବେ ଦୁର୍ଗାପ୍ରସନ୍ନ ହୋଇ ଫଳଯୋଗ ଘଟାଇବେ ଏହା ଭଳି) ଯୁଗ (ସମସ୍ତଙ୍କୁ) ଯୁଗ ସମାନ ମଣୁଅଛୁ । ଏ ଅବସ୍ଥାରେ ମିତେ (ସଖୀମାନେ) ଖଟି (ସେବାକରି ?) ବସ୍ତ୍ରରେ ଖରଶ୍ୱାସ ପକାନ୍ତି । ଅନୁଷଙ୍ଗୀ ଅକର୍ଷିଣୀ ହୋଇଛନ୍ତି । ପବନରେ ଅବା ଉଡ଼ିଯିବ ସେମାନଙ୍କର ଏପରି ଜଣା ହେଉଛି ।

୧୪—ପ୍ର—ସ୍ଥିତବର (ଜନ୍ମାନ୍ତର୍ଯ୍ୟ) ହେଉ କପୋଳରେ କରଦେଇ କାହିଁ ଅବା । ହେ ରଜନୀକାନ୍ତେ (ରଜନୀକାନ୍ତ) ବଚନକର (ଚନ୍ଦ୍ର) ମୁଁ ଏକାକୀ ତାହାର ପ୍ରାପ୍ତି ଭେଦ (ଉପାୟ) କହ । ଏ ବିଷୟରେ ସାହାଯ୍ୟ କର । ସେ ସୁନ୍ଦରୀ ସଂସାରରେ ମୋହିତ ( ଧୃତକାରିଣୀ) ମୋଠାରେ କି ସ୍ନେହକୁ ବନ୍ଧନ୍ତି ।

ସ୍ତ୍ରୀ—ବନ୍ଧନକର ( ବନ୍ଧ-ବସ୍ତ୍ରରେ ଅନ୍ଧାରରେ ନିକ୍ଷେପ ) ଏକାକୀ ଦୁଃଖରେ ରଜନୀକର ( ଚନ୍ଦ୍ରଙ୍କୁ ଅବଲମ୍ବି) କପୋଳରେ ହାତଦେଇ ବସଇ, ତାହା ପଦ୍ମ ପତ୍ର ଭେଦ ହୋଇବ, ମେ ସଂସାରରେ ମୋଠାରେ ସ୍ନେହ ବନ୍ଧ ମୋହିତ ହୋଇଛନ୍ତି କି ?

୧୫—ପ୍ର—ସେ ରସିକବର ବାଟରେ ସୁନ୍ଦା ସୁମନ (ସୁଖୀ) ନୋହୁ ସେ ବରବର୍ଣ୍ଣିନୀ (କାନ୍ତିମତୀ) କଣ୍ଠଗତକି ସ୍ୱରକୁ ଏବଂ କହୁ, ସେ ରସାଳଗି । ସେ କୋକିଳ ବାଣୀ । ଏପ୍ରକାର ଶତକୋଟି ସଂଖ୍ୟକ ଲକ୍ଷ୍ୟ ( ଲକ୍ଷଣାତ୍ମକ ବାକ୍ୟମାନ) ବାଣ୍ଟିଲୁ ଆଣି ( ଆଣୁଛୁ ) ।

ସ୍ତ୍ରୀ—ସେ ରସିକ ସୁମନ ବରେ ( ପୁଷ୍ପଯୁକ୍ତ ବରେ ) କବରୀ (କେଶବେଶ) ନୋହୁ (ନକର) ବରର ପଥ ଅପେକ୍ଷାକରୁ ବର୍ଣ୍ଣିନୀ କର ଗତକି ଜଣାଇ (ଜଣାଇକୁ) ସ୍ମରଣ କରୁଛି, ରସାଳ-ଗିରେ (ଆମ୍ବ ବୃକ୍ଷ ଉପରେ) କୋକିଳ

କଟିଛି ପଦ୍ମିନୀ କରଗ୍ରହଣ ଶୋକେ । ଧ୍ରୁବକର ମୃଣାଳ ସୁମନା ଦେଖେ ଯେ ।
ସୁପର୍ଣ୍ଣରେ ଅଧର ଏଣୁଟି ଖୁଟେ । ପୟରରଞ୍ଜନ କରନ୍ତି ଏତେ ଯେ । ୧୬
ସୁବା ଯା ନୂପୁରକୁ ମଣ୍ଡିବା ପ୍ରୀତି । ଶ୍ୟାମା ନାକରେ ସାବ ହୋଇଛ ଏ ମତି ଯେ ।
ଧରି ତାର ବେଶକୁ ଯତନ କଲେ । ହେବ ହରଷ ସାରସେକ୍ଷଣୀ ଭଲେ ଯେ ।୧୭
ଅନୁରାଗୀରତନ ମନ ଏ ଭାବ । ଘନ ସ୍ତନୀରେ ଯୋଗେ ଜୀବନ ପିବ ଯେ ।
ଚିତ୍ତ ଭବ ମୋହିନୀ ମାୟାରେ ଲୀନ । କହୁଁ ମେ ସେ ହୃଦୟ କରିବ ପୁନଃ ଯେ ।୧୮

---

ବାଣୀ କହେ ( କୁହୁ କୁହୁ ଡାକେ ) । ତାକୁ ଶଢଢୋଠ (ବଜ୍ର) ଲକ୍ଷ୍ୟ (ଭୁକ୍ଷ) ଏହା ସେ ଚିତ୍ତକୁ ଆଣୁଛି ।

୧୬—ପୁ—ଯେବେ ମୁଁ ପଦ୍ମିନୀ କନ୍ୟାର କରସ୍ତେ ପାଣି ଗ୍ରହଣ ( ବିବାହ ) କରିବି, ଏହି ଉତ୍ସାହରେ ଧ୍ରୁବ ( ତରଳ ଯାଇ ) ମୃଣାଳ (ପଦ୍ମନାଡ଼) ସୁମନା ( ପଦ୍ମ ପୁଷ୍ପକୁ ) ତୋମାର ବାହୁ ଓ କରତଳ ବିଗୁର କରି ( ହସ୍ତରେ ) ଧରି ଦେଖୁଛି । ଏଣୁ ପଦ୍ମର ସୁବର୍ଣ୍ଣରେ ( କୁଙ୍କୁମ ପତ୍ରରେ ) ଅଧର ଜ୍ଞାନ କରି ଅଧର କରି ଖୁଟରେ ଶଯ୍ୟା କରଇ । ଅଧର ସ୍ଥାନରେ ମଣ୍ଡିତ ହୋଇଥାଏ ବୋଲି ପଦ୍ମପତ୍ରକୁ ପୟର ( ଜଳରେ ) ପରିରଞ୍ଜନ କରଇ (ତହିଁରେ ଜଳ ସିଞ୍ଚଇ) ।

ସ୍ତ୍ରୀ—ସୁମନା ( ସର୍ପମାନେ ) କର ଗ୍ରହଣ (ହାତରେ ଧରିଥିବା) ମୃଣାଳକୁ ଦେଖି-ବାରେ ପଦ୍ମିନୀ ( ଗଜକନ୍ୟା ) ଶୋକରେ ବିହ୍ୱଳା ହୋଇ ତାକୁ (ମୃଣାଳକୁ) ଦର୍ବୀ କର-ସର୍ପ ବୋଲି ବୁଝଇ । ଏଣୁ ଅଧରରେ ସୁପର୍ଣ୍ଣକୁ (ଗରୁଡ଼କୁ) ଖୁଟେ । ପୟ ( ଜଳ ) ଯୁକ୍ତ ମୃଣାଳକୁ ସର୍ବାଙ୍ଗ ରକ୍ତ ରଞ୍ଜନ ( ବିଷଯୁକ୍ତ ) ସର୍ପ ବିଚାରଇ ।

୧୭—ପୁ—ସୁବା ( ସୁବକ ପୁଷ୍ପକେଳୁ ) ଯା ( ଯାହାର ) ପାଦରେ ନୂପୁରକୁ ମଣ୍ଡିବାକୁ ପ୍ରୀତି ( ସ୍ନେହ ) କରୁଛି, ସେ ଶ୍ୟାମା ଯେତେବେ ନା (ନାହିଁ) କରେ ତେବେ ତାହାର ବେଶକୁ ବାନ୍ଧିବାକୁ ଯତ୍ନ କଲେ ସାରସେକ୍ଷଣୀ ( ପଦ୍ମ-ନୟନା) ଭଲେ (ହର୍ଷ) ହେବ, ଏ ଶାଖ ହୋଇଥିବ ଏହା ମତରେ ଭାବୁଛି ।

ସ୍ତ୍ରୀ—ସେ ଶ୍ୟାମା ସୁବା ତାକୁ ନୂପୁରକୁ ମଣ୍ଡିବାକୁ ( କୋଳେ ବସିବାକୁ) ପ୍ରୀତି ( ସ୍ନେହ ) କରୁଛି । ନାକରେ ( ସ୍ୱର୍ଗରେ ) ଏ ହୋଇଛି ଶାବ ବୋଲି ମତରେ ( ମନରେ ) ଭାବୁଛି । ତାର ବେଶକୁ ( ତାହାର ଭାବ ହେବ ) ଧରିବାକୁ ଯତ୍ନ କଲେ ସାର (ଜନ୍ତୁ) ହର୍ଷ ସେହିପରି ହେଲେ ହେବକି ?

୧୮—ପୁ—ଅନୁରାଗୀ ରତନ ( ସ୍ନେହୀ ଶ୍ରେଷ୍ଠ ) ମୁଁ ଭାବୁଛି ମନରେ ଭାବ ଏହି-ଘନସ୍ତନୀ ( ପୀନସ୍ତନୀ ) ଯୋଗେ ( ସଂଯୋଗରେ ) ଏ ଜୀବ ( ପ୍ରାଣ ) କି ପିବ, ଭବ ( ଶିବଙ୍କର ) ଚିତ୍ତ ମୋହିନୀ ମାୟାରେ ଲୀନ ହେଲାପରି ମୋ ଚିତ୍ତ ସେ ଭବମୋହିନୀ ( ଭବ ମୋହିନୀ ) ମାୟାରେ (ମୁଗ୍ଧତାରେ)

ଘୋର ବେଦନା ସହୁ ଗୋଚର ନୋହୁ । ରସ ସଂଯୋଗ ହୋଇ ମିଳୁଛ ନାହିଁଟେ
ବାଲ ରାଜି ଯେମନ୍ତ ଜନ୍ମୁ ଉ ମେଳେ । ହେବ ସୁମନାବର ଉଦ୍ଭବ ଭାଳେ ଯେ ॥୧୯
ସିଦ୍ଧି କର ଯେ ଭାବ୍ୟ ଅର୍ଥ ଯେ ଯୋଡ଼ । ଅଚ୍ଛିଦ୍ର ଭାବେ ଅଦ୍ୟରସରେ ଜଡ଼ ଯେ ।
ଭବେ ଉପେନ୍ଦ୍ର ବର୍ଣ୍ଣିବର୍ଣ୍ଣଙ୍କୁ ବାର । ସ୍ଥିର ଗଙ୍ଗା ଯମୁନା ସଙ୍ଗମ ପର ଯେ ॥ ୨୦

ଲୀନ ହୋଇଅଛି । ( ଭଗବାନ ମୋହିନୀ ରୂପ ଧରି ଶିବଙ୍କୁ ଭୁଲାଇ ଥିଲେ ) ସେ ପୁନଃ କର୍ଣ୍ଣକୁ ଉଦୟ କରିବ, (ଅର୍ଥାତ୍ ବ୍ରଜକନ୍ୟାର ସଂଯୋଗ ସୁଖ ମିଳିବ ) ।

ସ୍ତ୍ରୀ—ସେ ଅନୁରାଗୀର ( ଅନୁରାଗିଣୀ ବ୍ରଜ କୋମଳ ) ପୁରୁଷ ଠାବେ ତନୁନଃ ( ତନୁପ୍ର. ) ହେବା ହେତୁ ଏ ଭାବ ହେଉଛି । ଦର୍ଶାଭାଳ ହେଲେ ଘନ-ସ୍ତନିତ ( ମେଘ ଗର୍ଜନ ) ଯୋଗେ ଜୀବନ ଦେବ, ରାଜୀବର ( ଭ୍ରମର ) ମୋହିନୀ ମାଧୁରେ ମନ ଲୀନ ହୋଇଛି, କମଳେ (କଟମ କଟମ) ସେ ପୁଣି ଭାଗ୍ୟ ଉଦୟ କରିବ ।

୧୯—ସ୍ତ୍ର—ସେ ଯେଉଁ ଘୋର ବେଦନା ସହୁ ( ସହ୍ୟ କରୁଛି ) ତାହା ଆଉ କାହାକୁ ଗୋଚର ହେଉ ନାହିଁ, ସଂଯୋଗ ( ମିଳନ ) ରସ ମିଳୁ ନାହିଁ । ସୁମନା ବର ( ଦେବ ଶ୍ରେଷ୍ଠ—ଇନ୍ଦ୍ର ) ଉଦ୍ଭବ ହେବ ଭଳି ବାଳ ରାଜୀ ଯେମନ୍ତ ଜନ୍ମୁରେ ମେଳ ହୋଇଛି ସେହିପରି ଏ ସୁମନାବର (ସ୍ତ୍ରୀଶ୍ରେଷ୍ଠ)ର ମିଳନ ଉଦ୍ଭବକୁ ଭାବ ନୋ ରାଜି ଜନ୍ମୁ ଭୁଲୁଅଛି ।

ସ୍ତ୍ରୀ—ସେ କେମାର ଘୋର ବେଦନା ସହି (ସଖୀମାନଙ୍କୁ) ଗୋଚର ହେଉ ନାହିଁ । ତୁଙ୍ଗାର ରସ ସଂଯୋଗ ମଙ୍ଗଳ ପୁଷ୍ଟ ହୋଇ ମିଳୁନାହିଁ । ପୁରୁଷଠାବେ ଯେମନ୍ତ ରାଜି ବାଳ ( ବାଳ ମଞ୍ଜି ) ଜନ୍ମୁରେ ମେଳ ହୋଇଛି ସେହିମନ୍ତ ସେ ସୁମନା (ବ୍ରଜକନ୍ୟା) ବର (ପତି) ଉଦ୍ଭବ ହେବେ ହେବ ଭଳୁଛି ।

୨୦—ହେ "ସ୍ତ୍ରୀ" ଶବ୍ଦ ଥାଏ ଯେ ଭାବ୍ୟ ଅର୍ଥ ଯୋଡ଼ିବସିଲେ ଅଦ୍ୟାନ୍ତ ସେ ଅଚ୍ଛିଦ୍ର (ପୂର୍ଣ୍ଣ) ଶୃଙ୍ଗାରରସରେ ଜଡ଼ିତ ଅର୍ଥାତ୍ ସମସ୍ତେ ମଗ୍ନ । ଅବା ଯେ ସିଦ୍ଧି ସିଦ୍ଧି (ସମ୍ପାଦନ) କର ଭାବ୍ୟାର୍ଥ ଯୋଡ଼ି ଦେଇ ଯେ ଅଚ୍ଛିଦ୍ର (ପୂର୍ଣ୍ଣ) ରୂପେ ହାସ୍ୟ (ହାସ୍ୟରସରେ) ଏବଂ ଅଦ୍ୟରସ (ଶୃଙ୍ଗାରରସ) ଯୁକ୍ତଭାବରେ ଜଡ଼ିତ ହୁଅଇ ଅର୍ଥାତ୍ ଉତ୍ତମରୂପେ ଭାବପ୍ରଦର୍ଶୀ କରିପାରଇ । ଅତଏବ ଉପେନ୍ଦ୍ରଭଞ୍ଜ କହୁଛନ୍ତି, ହେ ବିଜ୍ଞଜନମାନେ 'ଗଙ୍ଗାଯମୁନା ସଙ୍ଗମପରି ଏ ସ୍ଥିରକୁ ବର୍ଣ୍ଣ ( ଶ୍ଳେଷ ଓ ଅକ୍ଷର ) ବର୍ଣ୍ଣିବା ବାର ଅର୍ଥରେ ।

# ଏକତ୍ରିଂଶ ଛାନ୍ଦ

ରାଗ-ମଙ୍ଗଳ

ଗଲେ ଶୁକ ସାରୀ ଭୃଙ୍ଗି ଯେତେକ ପ୍ରେମକଳା ।
ସେ ପୂର୍ଣ୍ଣଶଶୀ ହୃଦୟ-ନଭେ ପ୍ରକାଶିଲା ଯେ ॥ ୧

ସଂଶୟତା ସନ୍ଧ୍ୟା-ତମ ନାଶ ହେଲା ବେଗ ।
କାର୍ଯ୍ୟାର୍ଥୀ ପଥିକେ ଆଗ ଧରିଲେ ବାଗ ଯେ ॥ ୨

ହରଷ-କୁମୁଦ ବିକଶିତ ଭାବ ବ୍ୟାଜେ ।
ଶ୍ରୁତି ଚକୋର ଅମୃତ ପାନେ ତୋଷ ଭଜେ ଯେ ॥ ୩

ମନେ ମନେ ଧ୍ୟାୟି ଧ୍ୟାୟି ସେହି ସେହି ଉକ୍ତି ।
ଘେନିଲେ କି କଥା ଏ ପକ୍ଷୀଙ୍କ ଏତେ ଶକ୍ତି ଯେ ॥ ୪

ପୁଣି ଗୁଣିଲେ ଏ ବିଧି ପଢ଼ାଇବା ଖଗ ।
ହୋଇଥିଲେ ପୂର୍ବେ ହଂସଦୂତ ଅତି ଅଗ୍ର ଯେ ॥ ୫

ନଳ ଦମୟନ୍ତୀ କାମଦେବ ପ୍ରଭାବତୀ ।
ରାଜା ଉଭୟରେ ମିଳି କରି ଦେଲେ ପ୍ରୀତି ଯେ ॥ ୬

---

୧—ଶୁକ ଓ ସାରୀ ଭୃଙ୍ଗି ଯେତେ ପ୍ରେମ କଳା (ପ୍ରେମର ଅଂଶ) ଭାଷିଗଲେ, ସେ ପ୍ରେମକଳା (ଚନ୍ଦ୍ରକଳା) ପୂର୍ଣ୍ଣ ଶଶୀ (ପୂର୍ଣ୍ଣଚନ୍ଦ୍ର ସଦୃଶ ଯୁବା) ହୃଦୟ ନଭେ (ହୃଦୟାକାଶରେ) ପ୍ରକାଶିଲା ।

୨—ପୂର୍ଣ୍ଣଶଶୀ ହୃଦୟରେ ଦେଖାଦେବାରୁ ଯେପରି ଅନ୍ଧକାର ନାଶ ହେବାପରି ସଂଶୟତା ବେଗେ ନାଶ ହେଲା । କାର୍ଯ୍ୟାର୍ଥୀ ପଥିକଙ୍କ (ଚୋର ଓ ଉପାଧ୍ୟାୟୀଙ୍କ) ବାଗ (ବାଟ) ଧରିଗଲା ।

୩—ଶୁକସାରୀ କଥାଶୁଣି ଭାବ ବ୍ୟାଜରେ (ଭାବବିକାଶଛଳରେ) ହର୍ଷ ରୂପକ କୁମୁଦ (କଇଁ) ବିକଶିତ ହେଲା । ଶ୍ରୁତି (କର୍ଣ୍ଣ) ରୂପ ଚକୋରପକ୍ଷୀ ସେହି ବଚନାମୃତ ପାନରେ ତୋଷ (ସନ୍ତୋଷ) ଭଜିଲା ।

୪—ଶୁକସାରୀ ଦୁହିଁଙ୍କର ସେହି ସେହି ଉକ୍ତିକୁ ମନେ ମନେ ଧ୍ୟାୟି ଧ୍ୟାୟି କି କଥା, ଏ ପକ୍ଷୀଙ୍କର ଏତେ ଶକ୍ତି, ଏହା ମନେ ମନେ ଘେନିଲେ (ବିଚାରିଲେ) ।

୫—ପୁଣି ଗୁଣିଲେ (ଭାବିଲେ) ଏ ଖଗ (ପକ୍ଷୀ) ପଢ଼ାଇବା ବିଧି, ପୂର୍ବରେ ଅତି ଅଗ୍ର ହଂସ ପକ୍ଷୀ ଦୂତ ହୋଇଥିଲେ ।

୬—ନଳ ଦମୟନ୍ତୀ, କାମଦେବ (କନ୍ଦର୍ପ) ପ୍ରଭାବତୀ (ରତି) ରାଜା ଓ ଉଭୟପୁରେ ମିଳି କରି ପ୍ରୀତିଦେଲେ । ଅର୍ଥାତ୍ ଦମୟନ୍ତୀ ରାଜପୁରେ ଓ ରତିଦେବୀ ଶମ୍ବରପୁରରେ ଥିଲେ, ହଂସ ଦୂତ ହୋଇଯାଇ ଦମୟନ୍ତୀଙ୍କୁ ନଳଙ୍କ ପ୍ରୀତି ଓ ରତିଙ୍କୁ କାମଙ୍କ ପ୍ରୀତି ଦେଲେ ।

ସବୁଠାରୁ ମୂଳ କର୍ମ ଦୁର୍ଲ୍ଲଭ ଲଭର ।
ଉଦ୍ୟମେ କର୍ମବ୍ୟାପାରେ କାର୍ଯ୍ୟକୁ ନ ପାଇ ଯେ ॥ ୭
ବନେ ପାତାଳେ ସୁଗ୍ରୀବ ସ୍ୱତ୍ୱଂଭ୍ରଷ୍ଟ ଥିଲେ ।
ତାଙ୍କ କି ଉଦ୍ୟମେ ରାମଚନ୍ଦ୍ର ବର ଦେଲେ ଯେ ॥ ୮
ସିନ୍ଧୁ ମନ୍ଥନରେ ଶ୍ରମ କରଣୀ ଅସୁରେ ।
କ୍ଷମ ନୋହିଲେ ସେ ଅଣ୍ଡ ଅମୃତ ପାନରେ ଯେ ॥ ୯
ସ୍ନେହ କରିଲଣି ଏବେ କୁମାରୀ କୁମାରେ ।
ସାର୍ଥ ନାମ ସିଦ୍ଧ କଲା ଧାତା ଏଥିଠାରେ ଯେ ॥ ୧୦
ଭୋଗିଲ ଈଶ୍ୱରେ ଶ୍ମଶାନ ଦଶାସ୍ୟରେ ଲଙ୍କା ।
ଏ କଥା ସ୍ମରିବ ମନେ ଥିଲା ବଡ଼ ଶଙ୍କା ଯେ ॥ ୧୧
ଏତେ ଭାଳି ପୁଚ୍ଛା ପୁଚ୍ଛି କେ କାହିଁ ଗମିଲ ।
ଯୋଷା ବୋଲେ ଯେ ମଗଧେଶ୍ୱର ତ୍ରିସୁତ ॥ ୧୨
କି କଥା ପ୍ରସଙ୍ଗବଶେ କରିଏ କହିଲେ ।
ସେହିଦିନୁ ସେ କଥା ପ୍ରସଙ୍ଗ ଘାବି ହେଲେ ଯେ ॥ ୧୩

---

୭—ସବୁଠାରୁ କର୍ମ ( ଅଦୃଷ୍ଟ ) ମୂଳ, ଯେଉଁ ଯେଉଁ ଉଦ୍ୟମକାରୀ କର୍ମବଳରେ ଦୁର୍ଲ୍ଲଭ ପଦାର୍ଥ ଲାଭ କରିପାରନ୍ତି ଯେଉଁ ଅବା କର୍ମ ବ୍ୟାପାରରୁ (କର୍ମ ଅବଲମ୍ବୀ) ଉଦ୍ୟମକାରୀ ମଧ୍ୟ କାର୍ଯ୍ୟକୁ ପାଆନ୍ତି ନାହିଁ ।

୮—ବନେ ସୁଗ୍ରୀବ ପାତାଳରେ ସ୍ୱତ୍ୱଂଭ୍ରଷ୍ଟ ଥିଲେ, ସେ କି ଉଦ୍ୟମ କରିଥିଲେ ଯେ ରାମଚନ୍ଦ୍ର ତାହାଙ୍କୁ ବରଦେଲେ ।

୯—ଅସୁରମାନେ ସିନ୍ଧୁ (ସମୁଦ୍ର) ମନ୍ଥନରେ ଶ୍ରମ କରିସୁଦ୍ଧା ସେମାନେ ଅନ୍ତ ଅମୃତ ପାନରେ କ୍ଷମ ହେଲେ ନାହିଁ ।

୧୦—ଧାତା (ବିଧାତା) ଏବେ କୁମାରୀ ଓ କୁମାର ଦୁହିଁଙ୍କ ମଧ୍ୟରେ ପରସ୍ପର ସ୍ନେହ କରାଇ ଏଥିଠାରେ ନିଜର ସାର୍ଥନାମ ସିଦ୍ଧି କଲା ।

୧୧—ଈଶ୍ୱରେ (ମହାଦେବଙ୍କୁ) ଶ୍ମଶାନ ଭୋଗଥିଲା । ଦଶାସ୍ୟେ (ରାବଣଙ୍କୁ) ଲଙ୍କା ଭୋଗଥିଲା । ଏକଥା ସ୍ମରଣକରି ମନରେ ବଡ଼ ଶଙ୍କା (ସନ୍ଦେହ) ଥିଲା ।

୧୨।୧୩—ଏତେ ଭାଳି ପୁଚ୍ଛା ପୁଚ୍ଛି (ପୁଚ୍ଛାପୁଚ୍ଛି ହୋଇ) କେ କାହିଁ ଗମିଲ (କାଏ କୁଆଡ଼େ ଗଲେ) । ଯୋଷା (ନପୁଂସକ ପୁରୁଷ) ବୋଲେ ଯେ ମଗଧେଶ୍ୱରଙ୍କର ତ୍ରିସୁ ସୁତ (ତ୍ରିସୁପୁତ୍ର) ଙ୍କୁ କରିଏ କଥା—ପ୍ରସଙ୍ଗ ବଶରେ କି କଥା କହିଲେ ଯେ ସେହି ଦିନୁ ସେ କଥାପ୍ରସଙ୍ଗ ଘାବ (ବାତୁଳ) ହେଲେ ।

ଚତୁର୍ମିଷ୍ୟା ଲବ୍ଧଥିଲେ ଅଦ୍ଭୁତ ପ୍ରସୂନେ ।
ପ୍ରେମମଞ୍ଜରୀ ମିଳିଲେ ଭଲ ହେବ ଭୂପେ ଯେ ॥ ୧୪
ନୃପଙ୍କ ସୁତ କି ସ୍ୱପ୍ନ ଦେଖିଅଛୁ କାହିଁ ।
ପୁରେ ପୁରେ ଶୋଭା ତମାବତୀକି ମୁଁ ଯାଇ ଯେ ॥ ୧୫
ଉପାଧ୍ୟାୟୀ କହୁ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।
କଲ୍ୟାଣୀ ଦର୍ଶନ ବାଣ୍ଡ୍ରକବନେ ଗଲୁ ଯେ ॥ ୧୬
ପୁଂନାଗ ପୁଷ୍ପବାସୀ ଯେ ଦେଖୁଁ ତାକୁ ତୋଟେ ।
ହରଅମାଗମ୍ୟା ଅହି ଦଂଶିଲା କି ଦୋଷେ ଯେ ॥ ୧୭
ସେ ଶାପେ ଶାର ହୋଇଛନ୍ତି ସଦା ନ ମାନଇ ।
ନରେନ୍ଦ୍ର ଯୋଗ୍ୟ ଜନ ମୁଁ ଲୋଡ଼େ ତାହା ପାଇଁ ଯେ ॥ ୧୮
ହରି ବୋଲି ନାଗ୍ର-ନର-ଲକ୍ଷଣୀ ଉଠିଲା ।
ମାଗଧ ମାଳିନୀ ଭେଟି ତା ପୁରେ ରହିଲା ଯେ ॥ ୧୯
ଏ ମନୀଷାରେ ବାହୁଡ଼ି ଚଳେ ଉପାଧ୍ୟାୟୀ ।
ଦ୍ୱିଦନ୍ତଗତ ଉଦନ୍ତ ପାଇବାର ପାଇଁ ଯେ ॥ ୨୦

---

୧୪—ଅଦ୍ଭୁତ ପ୍ରସୂନ ଚତୁର୍ମିଶ୍ୟା ଲବ୍ଧଥିଲେ, ପ୍ରେମମଞ୍ଜରୀ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ସେହିଠାରେ ମିଳିଲେ ଭଲ ହେବ ସେ ଏହା କହିଲେ ।

୧୫—ରାଜପୁତ୍ର କହିଲେ ଏହାକଣ ସତ୍ୟ ନା କେଉଁଠାରେ ସ୍ୱପ୍ନ ଦେଖିଅଛ ? ମୁଁ ପୁରେ ପୁରେ ( ସବୁ ନଗରରେ ) ସୁନ୍ଦରୀକୁ ଶୋଭା ତମାବତୀ ନଗରୀକୁ ଯାଇଥିଲି ।

୧୬—ଏହା ଶୁଣି ଉପାଧ୍ୟାୟୀ କହିଲେ-କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କଲ୍ୟାଣୀ ( ମାଙ୍ଗଳ୍ୟାଙ୍କ ) ଦର୍ଶନ ନିମିତ୍ତ ବଭ୍ରଣ୍ଡକବନକୁ ଯାଇଥିଲେ ।

୧୭—ସେଠାରେ ଏକ ପୁଂନାଗ (ପୁଷ୍ପଶ୍ରେଷ୍ଠ) ଥିଲା, ପୁଷ୍ପବାସୀ ସୁନ୍ଦରୀ ତାକୁ ତୋଟେ ( ଅନାଦରେ ) ଦେଖୁଁ ହର ଅମାଗମ୍ୟ ଅହି ( କାମସର୍ପ ) କି ଦୋଷରେ ଦଂଶନ କଲା ।

୧୮—ସୁନ୍ଦରୀ ସେହି ଶାପରେ ଶାର ହୋଇଛନ୍ତି ସଦା (ମନ) ମାନୁନାହିଁ, ମୁଁ ତାହାପାଇଁ ନରେନ୍ଦ୍ର ଯୋଗ୍ୟଜନ ( ଶାସ୍ତ୍ରବିଦ୍ୟ ଓ ଉତ୍ତମ ପୁରୁଷ ) ଲୋଡ଼ୁଅଛି ।

୧୯—ମାଗଧ ( ମଗଧ ଦେଶୀୟ ) ନାଗ୍ରନର ଲକ୍ଷଣୀ (ସୋଠା) ହରି ବୋଲି ଉଠିଲା, ମାଳିଣୀକୁ ଭେଟି ତା ପୁରେ ରହିଲା ।

୨୦—ଉପାଧ୍ୟାୟୀ ଦ୍ୱିଦନ୍ତଗତ (ଗଜଗମନା) ର ଉଦନ୍ତ (ବାର୍ତ୍ତା) ନାଇବାପାଇଁ ଏ ମନୀଷାରେ ( ଏ ବୁଦ୍ଧିରେ ) ତା ଚଳେ ବାହୁଡ଼ିଲା (ଫେରିଗଲା) ।

ସୁଧାମସୃ ଶୁଦ୍ଧାନ୍ତକୁ ସେହୁ ମାର୍ଗେ ଗଲା ।
ଦ୍ୱିପକ୍ଷୀ ବସୁର ଗୃହ ପ୍ରବେଶ କହିଲା ଯେ ॥ ୨୧
ତାହିଁ ରହିଲା ପୁଚ୍ଛିଲେ ତ୍ରିଦୃଗଶୀ ଜନ ।
ଶୋକ ପୁରେ ବଚପଣୀ ଚେଟୀ ଜଣେ ଦେଖି ଯେ ॥ ୨୨
ରାଜ-ସୁତ-ଦୂତ ରହୁ ମାଳିନୀ ସଦନ ।
ସୁମନ ଗୁନ୍ଥିବାକୁ ସୁମନ କଲା ମନ ॥ ୨୩
ପୁଷ୍ପବାଟୀ ଗ୍ରାସିଲ ଦ୍ୱିତାସୃଗଣି ଅସି ।
ମାଳାକାରୀ ସ୍ମର ନାମେ ପୁନଃପୁନଃ ଭାଷି ଯେ ॥ ୨୪
ବୋଇଲା ମୁଁ ଅଇଲି ଦେଖାଇଁ ଚୋରପଥ ।
ଖଣ୍ଡଣି ପୁଷ୍ପକି ଯତେ ମୋପଦରେ ଗୁନ୍ଥ ଯେ ॥ ୨୫
ପଚାରିଲା କେଉଁ କୁସୁମରେ ସ୍ନେହ ଅତି ।
ପାଟଳ ପାଟଳ ବୋଲି କଲା ଶୀଘ୍ର ଗତି ଯେ ॥ ୨୬
ଏ ଭାଷା ଚିତ୍ତକୁ ଭାଗ୍ୟବନ୍ତ ନୃପସୁତ ।
ଯା ସ୍ଥାନ ଅର୍ଦ୍ଧ-ପ୍ରତ୍ୟୋଗେ ମୋହିନୀ ମୋହିତ ଯେ ॥ ୨୭

---

୨୧—ସେହିବାଟେ ସୁଧାମସୃ ( ଚୂନ ଲିପା ) ଶୁଦ୍ଧାନ୍ତ ( ଅନ୍ତଃପୁରକୁ ) ଗଲା, ଦ୍ୱିପକ୍ଷୀ ବସୁର ( ନପୁଂସକ ) ଗୃହ ( ଦୂତ ) ପ୍ରବେଶିଲି ଏହା କହିଲା ।

୨୨—ଜନତ୍ରିଦୃଗଶୀ ସେ ଦୂତ ତାହିଁ ରହିଲେ ବୋଲି ପଚାରିଲେ । ବଚପଣୀ (ଉପାଧ୍ୟାୟୀ) ଜଣେ ଚେଟୀ (ଦୂତୀ) କୁ ଦେଖି ପୂର୍ବରେ ଶୋକିଲେ ।

୨୩—ରାଜସୁତ ଦୂତ ( ରାଜପୁତ୍ରଙ୍କର ଗୃହ ) ମାଳିନୀ ସଦନେ ( ଗୃହରେ ) ରହି ସୁମନ (ପୁଷ୍ପ) ଗୁନ୍ଥିବାକୁ ବସି ସ୍ତ୍ରୀ ଓ ପୁରୁଷ ଦୁହିଙ୍କର ସୁମନକୁ ( ଉତ୍ତମ ମନକୁ ) ଗୁନ୍ଥିବାକୁ ମନ କଲା ।

୨୪—ଦ୍ୱିତାସୃ ଗଣି (ବୃତଜ) ଅସି ପୁଷ୍ପବାଟୀ (ଫୁଲବାଡ଼ି) ଗ୍ରାସିଲା । ମାଳାକାରୀ ମାଳିନୀ ସ୍ମରନାମ (ମାର, ମାର ଏହି ନାମ) ପୁନଃ ପୁନଃ ଭାଷିଲା ।

୨୫—ସେ ମାଳିନୀ କହିଲା ମୁଁ ଚୋର ପଥ (ଗଳିଢ଼ ସାପ୍ତା ବାଟ) ଦେଖାଇ ଦେଇ ଅସୁଛି, ଏ ଖଣ୍ଡଣି ପୁଷ୍ପକି ଯତ୍ନ ସହିତ ମୋପରି ଏହାକୁ ତୁମ୍ଭେ ଗୁନ୍ଥ ।

୨୬—ସେ ଗୃହ ପଚାରିଲା କେଉଁ ଫୁଲରେ ବିଶେଷ ସ୍ନେହ ? ମାଳିନୀ ପାଟଳ ୨ ବୋଲି କହି ଶୀଘ୍ରଗତି କଲା ।

୨୭—ଏହା ଶୁଣି ଦୂତ ଚିତ୍ତରେ ଭାବିଲା—ରାଜପୁତ୍ର, ବଡ଼ଭାଗ୍ୟବାନ, ସେହେତୁ ରାଜପୁରର ବାସସ୍ଥାନ ( ପାଟଳପୁର ) ର ଅର୍ଦ୍ଧପ୍ରତ୍ୟୋଗରେ ( ପାଟଳ ) ରେ ମୋହିନୀ ମୋହିତ ହୋଇଅଛି ।

ସେ କାଳେ ଚେଟୀଏ ଆସି ଗୁମ୍ଫ ଦେଇ ଦ୍ୱାରେ ।
ବସନ୍ତେ ଗୀତ ଗାଇଲା ଫୁଲଗୁମ୍ଫାଠାରେ ଯେ ॥ ୨୮
କି ଯୋଗେ ସୁନ୍ଦରବର ସୁନ୍ଦରୀ ବଦନେ ।
ଦେଖିଲାକୁ ଲେଖିଲା ଲିଖିଲା ନେତ୍ର ମନେ ଯେ ॥ ୨୯
ବିଚ୍ଛେଦ ଶଙ୍କାରୁ କରି ଦେବଦୃଷ୍ଟି ବନ୍ଧି ।
ପ୍ରେମବୃଷ୍ଟି ସର୍ଜିବା ଭୟୁହେ ନିଦ୍ରା ନାହିଁ ଯେ ॥ ୩୦
ରସାଳ ବନିତାମଣି ପ୍ରୀତି ତାଃ ଭାବନା ।
ଆସ୍ୱାଦନେ ହୋଇଅଛି କ୍ଷୁଧା ତୃଷା ବିନା ଯେ ॥ ୩୧
ଫଳ ଅଛି ଫଳ ନାହିଁ ଏ ସନ୍ଦେହୁ ଲଭି ।
ମଦନ ଦହନ ଶରେ ପୀଡ଼ନ ଆରମ୍ଭି ଯେ ॥ ୩୨
ଶୁଭେ ଦୋଳ ଭଜ ଦେଳ ଗୁହାଶିଖ ତାଳ ।
କିମ୍ପା କୁଚ ନ ଥିଲେ ଦଅନ୍ତା ଏଡ଼ା ଭଲ ଯେ ॥ ୩୩
ଅଜନ୍ମୁ ସୁଖୀ ନୋହୁଛି ସ୍ୱପ୍ନେ ଦୁଃଖଗ୍ରସ୍ତ ।
ଏବେ ମାର ମାରନ୍ତେ ନ ବଳୁଥିବ ହସ୍ତ ଯେ ॥ ୩୪

---

୨୮—ସେ ସମୟରେ ଚେଟୀଏ ( ସଖୀମାନେ ) ଆସି ଦ୍ୱାରେ ଗୁମ୍ଫ ଦଅନ୍ତେ ଫୁଲ ଗୁମ୍ଫାଠାରେ ବସନ୍ତ ସ୍ୱରରେ ଗୀତ ଗାଇଲେ ।

୨୯—ସୁନ୍ଦର ବର କି ଯୋଗରେ ସୁନ୍ଦରୀ ବଦନକୁ ଦେଖିବାକୁ ଲେଖିଲା ନେତ୍ରରେ ଓ ମନରେ ଲେଖିଲା ।

୩୦—ବିଚ୍ଛେଦ ( ବିରହ ) ଶଙ୍କାରୁ ଦେବଦୃଷ୍ଟି କରି ( ଅପଲକ ନେତ୍ରରେ ) ବନ୍ଧିଅଛି ( ଦେଖୁଛି ) । ପ୍ରେମବୃଷ୍ଟି ସର୍ଜିବା ଭୟୁହେବେ ନିଦ୍ରା ନାହିଁ ।

୩୧—ବନିତାମଣି ( ରାଜକନ୍ୟା ) ପ୍ରୀତି ରସାଳ ( ଆମ୍ବ ଓ ଅମୃତ ) ପରି ସ୍ୱାଦଯୁକ୍ତ ଭାବନା ଦ୍ୱାରା ତାହାର ଆସ୍ୱାଦନରେ କ୍ଷୁଧା ତୃଷା ବିହୀନ ହୋଇଛି ।

୩୨—ଆମ୍ଭର ଫଳଅଛି ଅଥଚ ଫଳନାହିଁ ଅର୍ଥାତ୍ ବାଞ୍ଛା ସଫଳହେବ କି ନାହିଁ ଏ ସନ୍ଦେହ ଲଭିଲା ପରି ମଦନ ( କାମ ) ଦହନ ଶର ଦ୍ୱାରା ପୀଡ଼ନ ଆରମ୍ଭିଛି ।

୩୩—ରାଜପୁତ୍ର ଭବିଷ୍ୟ ହେତୁ କଳ୍ପନା ଚତୁରେ ଦେଖଲି—ହଂସଗମନା ଚଞ୍ଚଳ ( ଚପଳ ) ଗୁହାଶିଖ ତାଳ ସୁବର୍ଣ୍ଣ ଦୋଳ ଭଳି ଅଥଚ ଯାଳର କୁଚ ନ ଥିଲେ କିମ୍ପା ଏଡ଼ା ଅଳିଙ୍ଗନ ଦଅନ୍ତା ।

୩୪—ଅଜନ୍ମୁ ସୁଖୀ ରାଜକନ୍ୟା ସ୍ୱପ୍ନରେ ମଧ୍ୟ ଦୁଃଖଗ୍ରସ୍ତ ହୋଇ ନାହିଁ, ଏହାକୁ ସୁକୁମାରୀ ଦେଖି ମାରିବା ବିଷୟରେ ମାର ( କାମ ) ର ହାତ ବଳୁ ନ ଥିବ ।

ସେ ପରଦୁଃଖ ଦେଖିବା ବଡ଼ ଭାଗ୍ୟ ସତ ।
କି କହିବେ ଜଗନ୍ନାଥେ ଦେଖିଛନ୍ତି ଜଦାନ୍ତ ଯେ ॥ ୩୫
ବୋଲନ୍ତି ଅବଧନାଣ ଧାନବନ୍ଧୁ ସେହୁ ।
କରି ଏହୁ ଭରସାକୁ ଆସିଅଛୁ ମୁହିଁ ଯେ ॥ ୩୬
ପୁଷ୍ପି ସଦ୍ଗପ୍ରକାଶ ଗୁଙ୍ଗୁଡ଼ାରେ ଥୋଇ ।
ବାଳା ପ୍ରାପତେ ଖଞ୍ଜି ମାଳାରେ ଯୋଡ଼ାଇ ଯେ ॥ ୩୭
ଶ୍ରବଣେ ସେ ଗୀତ ଶିକ୍ଷା କଲେ ଉପାଧ୍ୟାୟୀ ।
ଏହୁ କାଳେ ମାଳାକାର ପ୍ରବେଶ ହୋଇ ଯେ ॥ ୩୮
ସୁମନସମ୍ଭାର ବାଳବାମା କରେ ଦେଇ ।
ଗଲା ସେ ଦେବୀଙ୍କ ସ୍ମରି କୁତେ ଗୀତ ଗାଇ ଯେ ॥ ୩୯
ବାଣୀ ତାହା ବାଣୀରେ ହୋଇଲେ ଅଲଙ୍କୃତ ।
ହୃଦରେ ସଦନ କରି ଦେଲେ ଯେ ସ୍ଫୁରିତ ଯେ ॥ ୪୦
ତେଣୁ ରସିକାବର ଚୀରବସ୍ତ ହୋଇଥିଲେ ।
ବନ୍ଧୁ-ବନ୍ଧ କାନ୍ତି ପ୍ରୀତି-ନୀର ମିଶାଇଲେ ଯେ ॥ ୪୧

---

୩୫—ଯେ ଦୁଃଖ ଭୋଗିଥାଏ ସେ ଦୁଃଖକଥା ଜାଣେ । ଯେଉଁ ରାଜକେମା ଦୁଃଖ କପର ଜାଣେନାହିଁ ସେ ପରର ଦୁଃଖ ଦେଖିବା ବଡ଼ ଭାଗ୍ୟର କଥା ସତ, ତଥାପି ଜଗନ୍ନାଥ ଯାହା କରିବେ । ଜଦାନ୍ତ ( ବାସ୍ତି ) ଦେଖିଛନ୍ତି ।

୩୬—ସେହୁ ଜଗନ୍ନାଥ ଅବଚ ଶାଣ ଓଁ ଧାନବନ୍ଧୁ ବୋଲନ୍ତି ଏହୁ ଭରସା କରି ମୁହିଁ ଆସିଅଛି ।

୩୭—ପୁଷ୍ପି ସଦ୍ଗ ( ସୁଗନ୍ଧ ) ପ୍ରକାଶ କରୁଥିବା ଗୁଙ୍ଗୁଡ଼ାରେ ଖଞ୍ଜାଇ ଥୋଇ ମାଳାରେ ( ଫୁଲ ମାଳାରେ ) ଯୋଡ଼ାଇ ବାଳା ପ୍ରାପତେ ( ପ୍ରାପ୍ତି ନିମିତ୍ତ ) ଦଠାଏ ।

୩୮—ସେ ଗୀତ ଶ୍ରବଣ କଲା ମାତ୍ରେ ଉପାଧ୍ୟାୟୀ ଶିକ୍ଷାକଲେ, ଏହୁ ସମୟରେ ମାଳାକାର ପ୍ରବେଶ ହେଲେ ।

୩୯—ସୁମନ ସମ୍ଭାର ( ଫୁଲ ଗୁଙ୍ଗୁଡ଼ା ) ବାଳ ବାମା ( ବାଳିକା ) କରେ ଦେଇ ଯେ ଦେବୀ ( ଦୁର୍ଗା ) ଙ୍କୁ ସ୍ମରଣ କରି କୁତରେ ଗୀତ ଗାଇ ଗଲେ ।

୪୦—ବାଣୀ ( ସରସ୍ୱତୀ ) ଯାହା ବାଣୀରେ ( ବଚନରେ ) ଅଲଙ୍କୃତ ହେଲେ; ହୃଦୟରେ ସଦନ ( ବାସ ) ସେ ସରସ୍ୱତୀ ପଦ ମାନଙ୍କୁ ସ୍ଫୁରିତ ( ପ୍ରକାଶିତ ) କରିଦେଲେ ।

୪୧—ରସିକାବର କୋଟିବ୍ରହ୍ମାଣ୍ଡସୁନ୍ଦରୀ ଚୀରବସ୍ତ ( ଜୁରଦ୍ଧବସ୍ତ୍ର ) ହୋଇ ଥିଲେ, ବନ୍ଧୁ-ବନ୍ଧ ( ବନ୍ଧୁଙ୍କ ଗଣ୍ଠିଡ଼ି ) ହୋଇ କାନ୍ତି ପ୍ରୀତି ରୂପ ନୀର ( ଜଳ ) ସେହୁ ଜୁରଦ୍ଧବସ୍ତ୍ରରେ ମିଶାଇଲେ ।

କଦମ୍ବ ଶୀର୍ଣ୍ଣ କଲ ସ୍ଥାପି ବଡ଼ବାନଳରେ ।
ଉଦ୍ୟମି ମନ୍ମଥଦଣ୍ଡ ଧରି ମନ୍ଥିବାରେ ଯେ ॥ ୪୨
ପୁନଃ ଲଭିଲେ ସେ ଶୀର ସ୍ଥିରକୁ ଲଭିବ ।
ଏ ବିନା ବିନାଶ ନାନାରସ-ଜାତ ଦ୍ରବ୍ୟ ଯେ ॥ ୪୩
ଘଟ ଫାଟି ଫୁଟି ସିବା ଭାଳ ହେବ ଯହିଁ ।
ନିଶ୍ଚେଁ ଦୁଗ୍ଧଭକ୍ଷାରଣୀ ସେତୁବନ୍ଧ ଯେ ॥ ୪୪
ପୁଂସଦୂତ ନେଣଶ୍ରୁତି ମନ୍ତ୍ରେ ଏମନ୍ତରେ ।
ସେବେ ସୀମା ଶାନ୍ତି ହେବ ଏ ଭାବବାଟରେ ଯେ ॥ ୪୫
ଅବରୋଧେ ଅବରୋଧ ପ୍ରବେଶ ସେ କେବଳ ।
ଗନ୍ଧପଣୀଗୀତ ସ୍ୱର ଗାଉଛନ୍ତି ସେନା ଯେ ॥ ୪୬

---

୪୨—ବଡ଼ବାନଳରେ (ବିରହ ତାପରେ) ସ୍ଥାପି ମନ୍ମଥ ଦଣ୍ଡ ଧରି ମନ୍ଥିବାରେ ଉଦ୍ୟମି (ଉଦ୍ୟମ କରି) କଦମ୍ବ ଶୀର୍ଣ୍ଣ କଲ—ଦୁଗ୍ଧରେ ପାଣି ମିଶାଇ ତାହାକୁ ନିଆଁରେ ବସାଇ ଡଙ୍କାରେ ବାନ୍ଧି ଅଉଟିଲ୍ପ ପରି ବିଧାତା ଏହାକୁ ବିରହାଗ୍ନିରେ ବସାଇ ମନ୍ମଥ ଦଣ୍ଡରେ ବାନ୍ଧି କଦମ୍ବ ଶୁଖାଇ ଦେଲା ।

୪୩—ଦୁଗ୍ଧ ଅଗ୍ନି ତାପରେ ଉତ୍ତୁରିଲେ ସେ ଗୁଣ୍ଡୀ ଶୀର (ପାଣି) ଲଭିଲେ (ପାଇଲେ) ସ୍ଥିରକୁ ଲଭିବ ସେହିପରି ବସିବା ଅସ୍ଥିର ହେଉଛି ପୁନଃ ସେ କାନ୍ତ ଶୀରକୁ ପାଇଲେ ସ୍ଥିର ହେବ । ଏ ବିନା ଏପରି ଜଳସଂଯୋଗ ବ୍ୟତୀତ ନାନାରସ (ଦଧି ଛେନା ଲହୁଣୀ ପ୍ରଭୃତି) ଜାତ କରାଇବା ଦ୍ରବ୍ୟ (ଦୁଧ) ଉତ୍ତୁରି ବିନାଶ ହେଲା ପରି ଏ ବସିବା କାନ୍ତ ପ୍ରୀତି ଶୀର ବିନା ବିନାଶକୁ ପାଇବ ।

୪୪—ଦୁଧ ଅଧିକ ଅଉଟି ହୋଇ ଘଟ ଫାଟି ଫୁଟି ସିବା ଭାଳ ଯେତେବେଳେ ହୁଏ ସେତେବେଳେ ଶୀତଳ ଜଳ ଢାଳି ଦିଆଯାଏ ଏହାର ଘଟ (ଦେହ) ଫାଟିଫୁଟି ସିବାଭାଳ ଯହିଁ ହେବ ତହିଁ ସେତୁ ବନ୍ଧ (ଜଳସ୍ରୋତ) ବିଧାତା ନିଶ୍ଚେ ଏ ଦୁଗ୍ଧ ଭକ୍ଷାରଣୀ ବାନ୍ଧିବ (ବନ୍ଧନ ଉଠାଇବ) ।

୪୫—ଏମନ୍ତରେ (ଏଥିରେ) ପୁଂସ ଦୂତ (ଚୋଟାର) ନେଣ ଓ ଶ୍ରୁତି ମନ୍ତ୍ରିଲ ଅର୍ଥାତ୍ ସେ ଦେଖି ଶୁଣି ଏମନ୍ତ ମନରେ ଦେଖିଲା—ଏ ଭାବରୂପ ବାଟରେ ସୀମା ଶାନ୍ତ ହେବ ।

୪୬—ସେ କେବଳ ସଖୀ ଅବରୋଧେ (ବାନାଅଟକରେ) ଅବରୋଧେ (ଅନ୍ତଃପୁରରେ) ପ୍ରବେଶ କଲେ, ସ୍ୱର, (ସୁନ୍ଦର) ସେନାଗନ୍ଧପଣୀ ଗୀତ (ମଙ୍ଗଳଗୀତ) ଗାଉଛନ୍ତି ।

ଶଚୀକଳା ଅଗ୍ରତେ ନୃତ୍ୟକାରିଣୀ ଜଟାଧାରୀ ।
ଶୋଭ୍ୟପୂରେ ବାଳବାସା ପୁଷ୍ପମାଳା ଥୋଇ ଯେ । ୪୭
ଶ୍ରବଣ ଲୋଚନ ସ୍ୱଭୁଁ ବାଣୀକା ତର୍ଜ୍ଜିଲ ।
ଗୁଣବନ୍ତ ସତେ କର ଏ ପୁରେ ଡାକିଲ ଯେ । ୪୮
ଶୋଭାବନ୍ତ ସ୍ତୁଦଶେଜ-କାନ୍ତ ଉପଲ୍ଭା ।
ସ୍ତୁଦଛ୍ଛା କୃଶିକ ତାହା ଟେଳୁବାରେ ରତ୍ତା ଯେ । ୪୯
ତାପ ଦହନ ଯୋଗରେ କି ମଧୁର୍ଦ୍ରବ୍ୟ ।
ସମ୍ଭବନ୍ତି ବ୍ୟାଧିବନ୍ତ ବେତଙ୍କ ସ୍ୱଭାବ ଯେ । ୫୦
ବେଗୀ ବେଗୀ କୁଳସ୍ୱଳ ଅଛି ତୋହଠାରେ ।
ବିଳମ୍ବ ନ କର ସତେ କର ବ୍ୟକ୍ତରେ ଯେ । ୫୧
ଅନ କ୍ଷୁଣ୍ଣିକ ପୀଡ଼ନ ଇକ୍ଷୁଜାତରସ ।
ରସନାକୁ ସ୍ୱାଦୁରେ କରଇ ଅତି ତୋଷ ଯେ । ୫୨
ମୂର୍ଖ ଭର୍ତ୍ତି ନମ୍ରନ ଜାଣିମେ ଏହା ସ୍ୱାଦୁ ।
ଥାଟେ ପିଡା ନୋହେ ତାର ତେଜ ପ୍ରସାଦୁଁ ଯେ । ୫୩

---

୪୭—ଜଟାଧାରୀ ଶଚୀ ଭଳି ଅଗ୍ରତେ ନୃତ୍ୟକାରିଣୀ ହେଲେ ବାଳବାସା ପୁଷ୍ପମାଳା ଥୋଇ ପୂରେ ଶୋଭ୍ୟ ହେଲ ।

୪୮—ବାଣୀକା ଶ୍ରବଣ ଲୋଚନ ସ୍ୱଭୁଁ ( ଶୁଣିବା ଏବଂ ଦେଖିବା ସ୍ୱଭାବରୁ ) ତର୍ଜ୍ଜଣା କଲ-ରେ ଗୁଣବନ୍ତ । ଏ ପୁରେ ସତେ କର ଏପରି କି ଏ ଡାକିଲ ।

୪୯—ହେ ଶୋଭାବନ୍ତ । ପ୍ରଫୁଲ୍ଲପଦ୍ମଯୁଗ ଯେଉଁରେ ଯେଉଁ ଉପଲ୍ଭା କାନ୍ତ ହୋଇ ଥିଲ ତାକୁ ସ୍ତୁଦଛ୍ଛା ( ମନୋବାଞ୍ଛା ) ରୂପ କୃଶିକ ( ଭଗା ) ଟେଳୁବାରେ ରତହେଲ ।

୫୦—ତାପ ( କାମ ତାପ ) ରୂପ ଦହନ ( ଅଗ୍ନି ) ଯୋଗରେ ଉହିଁରୁ କି ମଧୁର ଦ୍ରବ୍ୟ ସମ୍ଭବନ୍ତି । ବ୍ୟାଧିବନ୍ତ ( ବେଗୀ ) ପକ୍ଷରେ ତାହା ବେତଙ୍କ ( ରୂଚିକର ) ଅଟଇ ।

୫୧—ତୋହଠାରେ ବେଗୀ ଓ ବେଗୀ କୁଳ ସ୍ୱଳ ଅଛି, ଅତଏବ ବିଳମ୍ବ ନ କରି ବ୍ୟକ୍ତ କରିବାକୁ ସତେ କର ।

୫୨—ଅନ୍ୟ କ୍ଷୁଣ୍ଣି ଯେଉଁଥିବା ଇକ୍ଷୁରସ ସ୍ୱାଦୁଗୁଣରେ ରସନାକୁ ( ଜିହ୍ୱାକୁ ) ଅତି ତୋଷ କରଇ ।

୫୩—ମୂର୍ଖ ଭର୍ତ୍ତି, ନମ୍ରନ ଏହାର ସ୍ୱାଦୁ ଜାଣିମେ । ତାହାର ସ୍ତୁଦଶ୍ଯ କାନ୍ତ ଅଶ୍ରୁ ରସ ତେଜ ପ୍ରସାଦରୁ ଥାଟରେ (ସଜନରେ ) ପିଡା ହୋଇ ନାହିଁ

ମଙ୍ଗଳ ଜାତେ ଶ୍ରୀରାମ ସ୍ମରଣ ନାଗରୀ ।
ଶୋକସିନ୍ଧୁ ତରି ଯିବା ନଗରନାଗରୀ ଯେ ॥ ୫୪
ଶ୍ରୀରାମ ସ୍ମରଣ ଯେଣୁ ହେଲେ ସିନ୍ଧୁ ତରି ।
ମରୁତସୁତ ପ୍ରବେଶ ହେମମୟପୁରୀ ଯେ ॥ ୫୫
କହେ ଉପେନ୍ଦ୍ର ଭଞ୍ଜ ଶ୍ରୀରାମ ସ୍ମରଣ ।
ବୈକୁଣ୍ଠପୁର ଲଭର ଭବସିନ୍ଧୁ ତରି ॥ ୫୬

---

## ଦ୍ୱାତ୍ରିଂଶ ଛାନ୍ଦ

ରାଗ କଳଡ଼ା

ସୁବା ମଣି ଥିବା ପୁର ଲଉ ପଟ୍ଟେ ସ୍ୱଚ୍ଛ ରଙ୍ଗିତଗୀତ ଗାନ ।
ଅଳୀ ଅଗେ ଉପାଧ୍ୟାୟୀ ରଚନ ।
ଶୀର୍ଣ୍ଣମଧ୍ୟୀ ପୂର୍ଣ୍ଣଚନ୍ଦ୍ରମାବଦନା ସେ କଥାରେ ଦେଇ କର୍ଣ୍ଣ ସେ, ସୁନ୍ଦରୀ ।
ଟେକ ଟେକ ନେତ୍ରଯୁଗ ଚଳଇ । ବାଳବାମା ଦର୍ପଣକୁ ଅନାଇ ।
ଉତ୍ଫୁଲ୍ଲ ସୁମନ ଗୁଚ୍ଛାରେ ଯତନେ ଉତ୍ଫୁଲ୍ଲ ସୁମନ ଥୋଇ ସେ ॥ ୧

---

୫୪—ମଙ୍ଗଳ ଜାତହେବାରୁ ନାଗରୀ ଶ୍ରୀରାମଙ୍କ ସ୍ମରଣ କରି ଶୋକ ସିନ୍ଧୁ ତରି ନଗର ନାଗରୀ ( ପୁଷ୍ପବତୀଙ୍କ ପୁର ) କୁ ଯିବା ବୋଲି ମନେ କଲା ।

୫୫—ଯେଣୁ ମରୁତ ( ହନୁମାନ ) ଶ୍ରୀରାମଙ୍କ ସ୍ମରଣ କରି ସିନ୍ଧୁ ( ସମୁଦ୍ର ) ତରି ହେମମୟ ପୁରୀ ( ଲଙ୍କା ) ରେ ପ୍ରବେଶ ହେଲେ ।

୫୬—କବି ଉପେନ୍ଦ୍ରଭଞ୍ଜ କହନ୍ତି ଶ୍ରୀରାମଙ୍କ ସ୍ମରଣ କରି ଭବସିନ୍ଧୁ ( ସଂସାର ସାଗର ) ତରି ବୈକୁଣ୍ଠ ପୁର ଲଭର ।

---

୧—ସୁବାମଣି ଯେଉଁ ପୁରେ ଥିଲେ ତାହାର ଲଉ ( ଛାତ ) ପଟ୍ଟରେ ଉପାଧ୍ୟାୟୀ ସ୍ୱଚ୍ଛରେ ଅଳୀ ଅଗରେ ରଙ୍ଗ ଓ ଗୀତମାନ ରଚନା କଲେ । ଶୀର୍ଣ୍ଣମଧ୍ୟୀ ( କୃଶମଧ୍ୟା ) ପୂର୍ଣ୍ଣଚନ୍ଦ୍ରମା ବଦନା ସୁନ୍ଦରୀ ସେ କଥାରେ କର୍ଣ୍ଣ ଦେଇ ନେତ୍ରଯୁଗକୁ (ନେତ୍ରଦ୍ୱୟକୁ) ଟେକି ୨ ଚଳାଇଲା । ବାଳବାମାର ଦର୍ପଣକୁ ଅନାଇ ଉତ୍ଫୁଲ୍ଲ ସୁମନ ( ପ୍ରସ୍ଫୁଟିତ ପୁଷ୍ପ ) ଗୁଚ୍ଛାରେ ଉତ୍ଫୁଲ୍ଲ ସୁମନ ( ପ୍ରଫୁଲ୍ଲମନକୁ ) ଯତ୍ନରେ ଥୋଇଲା ।

ଏମନ୍ତେ ବାଳିକା କୁସୁମମାଳିକା ଟେକି ପଦ୍ମମୁଦେ ପାଇଲ ।
ନାଥ ଦରବନ୍ତ ହସ୍ତକୁ ଅଇଲ ।
ଯେଉଁକି ସେ ପଦା ଭଙ୍ଗବା ବାଳୁକେ ସୁବର୍ଣ୍ଣେ ପୂର୍ଣ୍ଣ ରୁନ୍ଧିଲ । ସେ ସୁନ୍ଦରୀ ।
ଭକ୍ତି ହୃଦେ କଷିବା ଆରମ୍ଭଣ । ପଢ଼େ ପ୍ରଥମେ ଶ୍ରୀରାମ ଶରଣ ।
ଶୋଭିବର୍ଣ୍ଣିନୀଗଣେ ଚକ୍ରବର୍ତ୍ତୀପଣେ ଖ୍ୟାତ ଯେ ତାଙ୍କୁ ଜଣାଣ ଏହି । ୨

ନୃପକୁମାରୀ ସୁକୁମାରୀ ତୋ ସଙ୍ଗେ ଶୋଭି-ବିବାଦ ନ ଆଦର ।
ସିନ୍ଧୁ ନନ୍ଦନା ମଦନାରିନାରୀ ।
ପ୍ରଧାନ କର ସେ କମଳା ଗଉରୀ ନାମମିତ୍ରତା ବାଗୁରିରେ । ସୁନ୍ଦରୀ ।
ଯେଉଁ ପ୍ରମଦା ଦର୍ପରୂପ ବହୁ । ରତି ଏ ବୋଲି ବ୍ରହ୍ମାଣ୍ଡରେ କହୁ ।
ରହିଏ ସେ ଯହିଁ ତୁଳନା ନୋହିଲି ଲଳନା ତୋ ପରି ତୁହିରେ । ୩

ବନ୍ଧୁ ନ ପାରି ବିମ୍ବ କେବେ ତୋ ସରି ତାର କଳ୍ପନା ସିଦ୍ଧି ପଣେ ।
ପ୍ରତିବିମ୍ବ ହେଲେ କଲା ଦର୍ପଣେ ।
ଯେମନ୍ତ କାପୁଣ ଗୁଣେ ତୁହି ଗୁଣୀ ତାହିଁ ଭିଆଇବ କବଣରେ । ସୁନ୍ଦରୀ ।
ନୋହି ସଙ୍ଗୀତ ସାହିତ୍ୟେ ସମାନ । ପଳାଇଛି ସାରଦା ଅନୁମାନ ।
କେବଳ ପ୍ରକାଶ କଲେଣୀ କରେଣୁ ବୀଣା ପାସୋରି କଣ୍ଠ କି ଲାଜରେ । ୪

---

୨—ବାଳିକା ଏପରି କୁସୁମ ମାଳିକା ଟେକି ପଦ୍ମମୁଦ (ମୁଦ୍ରିତ ପଦ୍ମଗଣ୍ଡିଏ) ପାଇଲା । ଦରବନ୍ତ ହାତକୁ ନାଥ ଆସିଲାପରି ସେ ପଦ୍ମ ସୁନ୍ଦରୀର ଆନନ୍ଦ-ବଢ଼ାଇଲା । ସେ ପଦା ଭଙ୍ଗିବା ବାଲୁକ କରି ତାହାକୁ ଟେଉ-(ପିଆଳ) ରୁନ୍ଧିଲା ସେ ସୁବର୍ଣ୍ଣରେ (ଉତ୍ତମ ଅକ୍ଷରରେ ଓ ସୁନାରେ) ପୂର୍ଣ୍ଣ । ସୁନା କଷଟି ପଥରରେ କଷନ୍ତି, ସୁନ୍ଦରୀ ପଦ୍ମକୁ ହୃଦରେ କଷିବା ଆରମ୍ଭ କରନ୍ତେ ପ୍ରଥମରେ ଶ୍ରୀରାମଶରଣ ପଢ଼ିଲା । ଯେ ଶୋଭିବର୍ଣ୍ଣିନୀଗଣେ (ସୁନ୍ଦରୀ ସମୂହରେ) ଚକ୍ରବର୍ତ୍ତୀ ପଣେ (ରାଜପଣିଆରେ) ଖ୍ୟାତ ତାହାଙ୍କୁ ଏ ଜଣାଣ (ନିବେଦନ) ଅଟଇ ।

୩—ହେ ସୁକୁମାରୀ ନୃପକୁମାରୀ । ସିନ୍ଧୁନନ୍ଦନା (ଲକ୍ଷ୍ମୀ) ମଦନାରି (ପାର୍ବତୀ) ଏ ଦୁହେଁ ତୋ ସଙ୍ଗରେ ଶୋଭିବିବାଦକୁ ଆଦର ନ କରି ତୁ କମଳା (ପଦ୍ମା) ଗୌରୀ (ଗୌରାଙ୍ଗୀ) ବୋଲି ସେ ଦୁହେଁ ନାମ ମିତ୍ରତାକୁ ବାଗୁରି ନଇ ୨ ନାମକୁ କମଳା ଓ ଗୌରୀ ବୋଲି ପ୍ରଧାନ କରି ଖ୍ୟାତ ହେଲେ । ଜଗତରେ ଯେଉଁ ପ୍ରମଦା (ସ୍ତ୍ରୀ) ଦର୍ପରୂପ ବହୁଥାଏ ତାକୁ ଏ ରତି ବୋଲି ବ୍ରହ୍ମାଣ୍ଡରେ କହନ୍ତି । ସେହି ରତିଦେବୀ ରହିଏ ପରିମାଣରେ ଯହିଁ ତୁଳନା ନୋହିଲା ତେଣୁ ତୋପରି ଲଳନା (ସୁନ୍ଦରୀ) ତୁହି ଅଛୁ ।

୪—ବିମ୍ବ (ବିଧାତା) ତାହାର କଳ୍ପନା ସିଦ୍ଧି ପଣରେ କେବେ ସୁଦ୍ଧା ତୋର ସରି (ସମାନ) ବନ୍ଧୁ ନ ପାରି ଦର୍ପଣରେ ପ୍ରତିବିମ୍ବକ ହେଲେ କଲା । କାରଣ

ଶୋକ କି ତୋ ସମେ ସୁଖମେ କୋଟିଏ କୋଟିଏ ବ୍ରହ୍ମାଣ୍ଡେ ନ ପାଇ
ଲବ ଖଣ୍ଡ ନ ପାରିବା ଥିଅଇଁ ।
ବିରହଜ୍ୱାଳାରେ ହରି ତନୁ କଳା ହର ହେଲେ ଯୋଗୀ ହୋଇ ରେ । ସୁନ୍ଦରି !
ଏଣୁ ଦୁର୍ଲ୍ଲଭେ ଦୁର୍ଲ୍ଲଭ ତୁ ଅତ । ଭୁବନେ ମୋହନେ ମୋହନ ମୂରତ ।
ଭଗୀରଥେ ଗଙ୍ଗା କୃପା କଲ ଯାମ୍ଭେ ହେଲୁ ମୋ ନେତ୍ର ସମ୍ପତ୍ତିରେ । ୫
ସୁରତରଙ୍ଗିଣୀ ସେହୁ ତୁହି ସତ ଘନରସରେ ପୂର୍ଣ୍ଣ ସ୍ୱଚ୍ଛେ ।
ବାନସ୍ପୁଁ ସେ ଯୋଡ଼ାଇ ରାଜାପଛେ ।
ନାହିଁ କରିବୁ କି ମୁଁ ରାଜକୁମାର ତୋ ପଛେ ଥିବାକୁ ବଳିଛୁ ରେ । ସୁନ୍ଦରି !
ଏ ଭରସା ସେ ତାର ତାରି ଗୋତ୍ର । ଏଣୁ ଗୀତ ନ କରିବୁ ପବିତ୍ର ।
ଚିନ୍ତା ବାରୁଣୀ ଯୋଗ ପୁଣି ହୋଇବ ମଧୁର ସ୍ନେହରେ ମାଦରେ । ୬

---

ହେ ସୁନ୍ଦରି ! ତୁହି ଯେମନ୍ତ ଗୁଣରେ ଶାମୁଣି ତାହୁଁ ପୁଣି ସେପରି ଜଣେ ହେଲେ ଥିଅଇ । ଶାରଦା (ସରସ୍ୱତୀ) ସରସ୍ୱତୀ ସାମ୍ରାଜ୍ୟରେ ତୋ ସମାନ ନ ହେବାରୁ ପଳାଇଛି । ଏହା ମୋର ଅନୁମାନ ହେଉଛି, ଯେଣୁ ବେଣୀ ଦ୍ୱାରାଣି କାରଣୀ ସେ ତୁ ତୋ କଣ୍ଠରେ ବାଣୀକୁ ଯାସେଇ ଥାନରେ (ବେଗରେ) ଗୁଣ୍ଠିଗଲା ।

୫—କୋଟିବ୍ରହ୍ମାଣ୍ଡରେ ଶୋକ ତୋ ସମାନ ସୁଖମାରେ କୋଟିଏ ସୁନ୍ଦରୀ ପାଇବାକୁ ତୋ ପଛେ ମଧ୍ୟ ଲବଖଣ୍ଡ ନ ପାରିବା ଥିଅଇ (ଶିବ) ବିରହଜ୍ୱାଳାରେ ହରି (କୃଷ୍ଣ) ତନୁ (ଶରୀରକୁ) କଳାକଲେ, ହର ଯୋଗୀ ହୋଇଗଲେ ଏଣୁ ଦୁର୍ଲ୍ଲଭ ପଦାର୍ଥ ମାନଙ୍କ ମଧ୍ୟରେ ତୁ ଅତ୍ୟନ୍ତ ଦୁର୍ଲ୍ଲଭ । ତ୍ରିଜଗତରେ ମୋହନ କରିବାରେ ତୁ ମୋହନ ମୂର୍ତ୍ତି । କେବଳ ଗଙ୍ଗା ଯେପରି ଭଗୀରଥଙ୍କ ଠାରେ କୃପା କରିଥିଲେ ସେହିପରି ତୁ ମୋର ନେତ୍ର ସମ୍ପତ୍ତି ହେଲୁ ।

୬—ସେହି ଗଙ୍ଗା ସୁରତରଙ୍ଗିଣୀ (ଦେବନଦୀ) ତୁ ମଧ୍ୟ ସୁରତ ରଙ୍ଗିଣୀ (ରତି କାମୁଣୀ) ସେ ସ୍ୱଚ୍ଛ ଘନ ରସରେ (ନିର୍ମଳ ଜଳରେ) ପୂର୍ଣ୍ଣ ତୁ ସ୍ୱଚ୍ଛ ଘନ ରସରେ (ନିବିଡ଼ ଶୃଙ୍ଗାର ରସରେ) ପୂର୍ଣ୍ଣ ଏହା ସତ୍ୟ । ସେହି ଗଙ୍ଗା ଭଗୀରଥ ରାଜା ବାନସ୍ପୀ ହେବାରୁ ତାଙ୍କ ପଛରେ ଯୋଡ଼ାଇଥିଲେ । ହେ ସୁନ୍ଦରି ! ମୁଁ ରାଜକୁମାର ତୋ ପଛରେ ରହିବାକୁ ଇଚ୍ଛାକରେ ହେ ସୁନ୍ଦରି, ତୁ କ'ଣ ନାହିଁ କରିବୁ କି ? ସେ ଗଙ୍ଗା ତାର (ଭଗୀରଥଙ୍କର) ଗୋତ୍ର (ବଂଶ) ତାରିଥିଲେ, ତୁ କଣ ଏତେ ମୋର ଗାତ୍ର (ଶରୀର) କୁ ପବିତ୍ର କରିବୁ ନାହିଁ ମଧୁରେ (ଚୈତ୍ରମାସରେ) ଗଙ୍ଗାରେ ବାରୁଣୀ ଯୋଗ ପଡ଼ିଲେ ତହିଁରେ ଲୋକେ ମଜ୍ଜନ୍ତି (ସ୍ନାନକରନ୍ତି) ସେହିପରି କୋମଳ ମଧୁର ସ୍ନେହରେ ମୋହର ମଜ୍ଜିବା ହେବ ଏତେକମାତ୍ର ଚିନ୍ତା ମୋହର ହୃଅଇ ।

ବଳ ଇନ୍ଦୁଶିରୀ ବୋଲେ ବାର୍ଦ୍ଧିଶର ଏ କଥା ମୁଁ ଭଜେ ଜୀବନ
ହୋଇବାକୁ ନାହିଁ ପ୍ରୀତିଭାଜନ
ଶ୍ରବଣ ମାତ୍ରେ ଶୈଳସୁତ ଲୋଚନ ବର୍ଣ୍ଣେ ପତନ୍ତି ମୋ ମନ ଯେ । ସୁନ୍ଦରି !
ଝରେ ଝରେ ଶଶିପ୍ରଭା ସଦୃଶା । ପୁନଃପୁନଃ ଦଶି ମ୍ଳାନ ଭରସା ।
ବାସ୍ତୁରେ କେଶରେ ଅକ୍ଳେଶ ହେବାରେ କରନ୍ତି ଯାକ ତପସ୍ୟା ଯେ ॥ ୬
ବାଣ ଦେବବୃନ୍ଦଠାରୁ ଭବ୍ୟ ଋଣୀ ଭବ ଶଚୀଶ ବିଶ୍ୱକର୍ମା ।
ନିର୍ମାଣିଲା କାଞ୍ଚନରୂପପ୍ରତିମା ।
ସୁରନାରୀଠାରୁ ବରନାରୀ ନାଗେନ୍ଦ୍ରୁ ସୁମଧ୍ୟମାରେ । ସୁନ୍ଦରି !
ଜୀବ ପାଇବାରୁ ଦିବ୍ୟ ବନିତା । ରୂପେ ହୋଇଲୁ ଅବନୀଜନିତା ।
ପ୍ରଶଂସାଯୋଗ୍ୟ ସଂସାରେ ଭାଗ୍ୟ ମୋର ତୁ ଯେ ଅନୁଗ୍ରହକର୍ତ୍ରୀ ଯେ ॥ ୮
ସ୍ନିଗ୍ଧଅଙ୍ଗୀ ଭଙ୍ଗୀବଶେ ଜାଣିଲୁ ଅଙ୍ଗୀକାର ମୋତେ ହେବାର ।
ଲଜ୍ଜା-ଅଙ୍କୁରିତା ଭାବ ପ୍ରଚୁର ।
ଚନ୍ଦ୍ର ଘନ ଅଚ୍ଛାଦନେ ମୋଦ କାଢେ କୁମୁଦେ କି ଅଗୋଚର ଯେ । ସୁନ୍ଦରି !
ହଂସ କାଳେ ଫୁଟେ ଫୁଟେ ଗୁହ୍ନାଁବା । ପୁଣି ପୁନ ପରେ ଦୃଷ୍ଟି ନ ଥାଇବା ।
ଖୋଲ ଶଶିମୁଖି ପଙ୍କଜକର୍ଣ୍ଣୀରେ ବସିବା ଇଚ୍ଛାଇ ଅବା ଯେ ॥ ୯

୬—ଇନ୍ଦୁଶିରୀ (ଇନ୍ଦୁ ସଦୃଶଭ୍ରୁ) ବଳ ବୋଲେ (ପ୍ରଶ୍ନେ) ବାର୍ଦ୍ଧିଶର ମୁଁ "କୋଟିବ୍ରହ୍ମାଣ୍ଡର ଜୀବନ (ପ୍ରାଣ) ହେବାକୁନାହିଁ" ଏ କଥାକୁ ଭଜନକରେ । ଶ୍ରବଣ ମାତ୍ରେ ଶୈଳସୁତ ଲୋଚନ ବର୍ଣ୍ଣ ପାଳକୁ ପଡ଼ି ଯେ ମନ୍ତ୍ରଅଗ୍ନିରେ ଜଳାଇ ଦେଉଛ ତପସ୍ୟା କରୁଥିଲୁ, ସେହିପରି ମୋ କପାଳରେ ତୋ ପ୍ରୀତି ଭାଜନ ହେବାର ଲେଖା ନ ଥିଲେ ସେହିପରି ତପସ୍ୟା କରିବାକୁ ମୋ ମନ ହେଉଛି, ଭରସା (ଆଶା) ଶଶିପ୍ରଭା (ବିଜୁଳି) ପରି ଝରେଣ ୨ ପୁନଃ ୨ ଦଶି (ଦେଖା ଦେଇ) ପୁଣି ମ୍ଳାନ ହେଉଛି । ଅତଏବ ମୁଁ ବାସ୍ତୁରେ ଯେ କେଶରେ (ମସ୍ତକ ମୁଣ୍ଡ ଜଟାରୁ ଦ୍ୱାରା) ଅକ୍ଳେଶ (ଅନାୟାସ) ହେବା ଭଳି ତପସ୍ୟା କରନ୍ତି କି ?

୮—ବିଶ୍ୱକର୍ମା (ଦେବଶିଳ୍ପୀ) ବାଣ (ସହସ୍ର ବାହୁ ବାଣାସୁର) ଠାରୁ ଭବ ଦେବବୃନ୍ଦ (ସହସ୍ର ନେତ୍ର ଇନ୍ଦ୍ର)ଙ୍କ ଠାରୁ ଶଚୀଶ (ଚକ୍ଷୁ) ସୁରନାରୀ (ସ୍ୱର୍ଗ)ରୁ ବର (ଶ୍ରେଷ୍ଠ) ନାରୀ (ଦିବ୍ୟାଙ୍ଗନା) ଓ ନାଗେନ୍ଦ୍ର (ସିଂହ) ଠାରୁ ସୁମଧ୍ୟମା (କୃଶମଧ୍ୟଦେଶ) ରଚିବାକୁ କାଞ୍ଚନରୂପ ପ୍ରତିମା (ସ୍ୱର୍ଣ୍ଣ ପ୍ରତିମା) ନିର୍ମାଣ କଲା । ସେ ଜୀବପାଇବାରୁ ଦିବ୍ୟବନିତାରୂପେ ଅବନୀ ଜନିତା (ପୃଥିବୀରେ ଅବତୀର୍ଣ୍ଣ ।) ହୋଇଲୁ । ମୋହର ଭାଗ୍ୟ ସଂସାରରେ ପ୍ରଶଂସାଯୋଗ୍ୟ ଯେଣୁ ତୁ ମୋର ଅନୁଗ୍ରହକର୍ତ୍ରୀ ଅଟୁ ।

୯—ସ୍ନିଗ୍ଧ ଅଙ୍ଗୀର ଭଙ୍ଗିରୁ ମୋଠାରେ ଅଙ୍ଗୀକାର ହେବାର ଜାଣିଲୁ, ଲଜ୍ଜା ଅଙ୍କୁରିତା ଭାବ (ଲଜ୍ଜାମିଶ୍ରିତ ସ୍ନେହ) ମଧ୍ୟ ପ୍ରଚୁର କହୁଅଛି । ଚନ୍ଦ୍ର ଘନ

ଅଧରେ ହାସ ପ୍ରକାଶ ଅନୁରାଗ-ନଦୀରୁ ହରଷ ଲହରୀ ।
ବଳେ ସେକାଳେ ବାହାରି ବାହାରି ।
ମୋର ଶରୀରକ ପ୍ଳବନ କରି ଯାଇଁ କୂଳରେ ଲାଗି ନ ପାରି ରେ । ସୁନ୍ଦରୀ ।
ଏଣୁ ଦାରିଦ୍ର୍ୟଦଶା ନାଶେ ଶ୍ରୀ । ତୋର ମାନସ ହୋଇଥିଲା ପରି ।
ପଦ୍ମରାଗପାତ୍ର ଗୋଟିକେ ଭରି ଯା ଶମ୍ଭୁ ଦେଲା କୋଟିଗ୍ରାସ ରେ ॥ ୧୦

ରସିକା ନାସିକା ଫୁଲର ସେ ସ୍ଫୁଟକାଳେ ଉଳଫୁଲ ଶ୍ରେଣୀ ।
ସଙ୍ଗେ ତାର ପ୍ରକୃତ ନାମଯାଏ ।
ଟେକା ଦେଲା ମୋତେ ମୁକୁତା ସଙ୍ଗତ ହେବାକୁ ପିନା ସଦାଶ୍ରୁ ରେ । ସୁନ୍ଦରୀ ।
ସେକାଳେ ସେ ଶୋଭା ମୋତେ କେମନ୍ତ । ଯଥା ଭାର୍ଗବ ଭାନୁଙ୍କୁ ଚଳିତ ।
ନବସଙ୍ଗମେ ନିଶାମଣି କୋଳକୁ ରୋହିଣୀ ହରିଲା ମତ ସେ ॥ ୧୧

---

( ମେଘ ) ଦ୍ୱାରା ଆଚ୍ଛାଦିତ ହେଲେ ମଧ୍ୟ କୁମୁଦକୁ ମୋଦ ( ଆନନ୍ଦ ) କରାଇବାରେ ଅସମର୍ଥ ହୁଏ କି ? ହାବ ( ସ୍ତ୍ରୀମାନଙ୍କର ଭଙ୍ଗିଦ୍ୱାରା ସମ୍ଭୋଗ ଇଚ୍ଛା ପ୍ରକାଶ କରିବା ) ଜାତ ହେବାରୁ ଝଟ ଝଟ କରି ଗୁହଁରିବା ମୁଷ୍ଟି ସ୍ତନର ପରେ ଦୃଷ୍ଟି ବର୍ଷିବା ଦ୍ୱାରା ଖଞ୍ଜରୀଟ ( ପକ୍ଷୀ ) ଖେଳି ପଙ୍କଜ କଳିରେ ବସିବାକୁ ଇଚ୍ଛା କଲାପରି ଶୋଭା ପାଇଲା ।

୧୦—ସେ କାଳେ ( ସାକ୍ଷାତ ସମୟରେ ) ମନ୍ଦହାସ ଅଧରରେ ପ୍ରକାଶିତ ହେବାରୁ ଅନୁରାଗ ( ସ୍ନେହ )ନଦୀରୁ ହର୍ଷଲହରୀ ବଳେ ବାହାରି ବାହାରିଲା ପରିଏ ଦିଶିଲା, ସେ ଲହରୀରେ ମୋର ଶରୀରକ ପ୍ଳବନ କରି (ପହଁରି) ଯାଇ କୂଳରେ ଲାଗି ନ ପାରିଲା, ଅର୍ଥାତ୍ ଶରୀରକ ବୁଡ଼ିଗଲା, ଏଣୁ ମୋର ଦାରିଦ୍ର୍ୟ ଦଶା ନାଶରେ ତୋର ମାନସ ଶ୍ରୀ ହୋଇଥିଲା ପରି, ଅତଏବ ପଦ୍ମରାଗମଣି ସଦୃଶ ରକ୍ତଅଧର ଗୋଟିକରେ କୋଟିଗ୍ରାସ ତୁଲ୍ୟ ହାସ କାଳର ଦନ୍ତ ଝଟକ ଭରି ଶମ୍ଭୁ ଦେଲା, ଅର୍ଥାତ୍ ଦିଶିବା ଭଳି ହସିଲା ।

୧୧—ହେ ରସିକା ! ତୁ ସଦଶ୍ରୁ ହେବାରୁ ପିନା ସ୍ଫୁଟକାଳେ ( ଫୁଟିଲାବେଳେ ) ଉଳଫୁଲ ସଦୃଶ ନାସିକା ଫୁଲର ତାର ( ନାସିକାର ) ପ୍ରକୃତ ନାମ ନାକ (ସ୍ୱର୍ଗ) ଦାଏ ମୋତେ ନାସା ମୁକୁତା ସଙ୍ଗତେ ଟେକି ଦେଲା । ସେ କାଳେ ସେ ଶୋଭା କେମନ୍ତ ଦିଶିଲା—ଯଥା ଭାର୍ଗବ ( ଶୁକ୍ର ) ଭାନୁଙ୍କୁ ଚଳିତ ହେଲା କିମ୍ବା ନବ ସଙ୍ଗମ କାଳରେ ନିଶାମଣି ( ଚନ୍ଦ୍ର )ର କୋଳକୁ ରୋହିଣୀ ହରିଲା ।

କମ୍ପିଥିଲା ପତ୍ର ଝଲ୍ଲକାଝଲ୍ଲକ ତାରକାବଳୀ ଝଲ ଦଳି ।
ମୁଁ ଦେଖିଲି ମୋ କୃପା କୃତେ ଛଳ ।
ପକାଇଲି ନେତ୍ର ତୋ ପାଦପଦ୍ମକୁ ଧରି ନ ଛାଡ଼ିବି ବୋଲି ରେ । ସୁନ୍ଦରୀ ।
ଗୁଡ଼ିଥିଲୁ ପ୍ରପଦକୁ କି ମଣି । ତହିଁ ସଶଙ୍କ ହୃଦୟ ସେକ୍ଷଣି ।
ଏହା ଉପମା କି କରିବ ଏ ଶରେ ମାରିବ ଏ କଥା ଗୁଣିଲିରେ । ୧୨
ମୁଁ ଭ୍ରମ ଯେମନ୍ତ କାମ କି ତେମନ୍ତ ମତ୍ତକାମିନୀକର ଶରଣ ।
ହେଳା ହଂସକୁ ପ୍ରହାରୁଛି ବାଣ ।
ବାଳା ବଳାନାଦେ ପଳାଅ ବୋଲିଲେ ଛୁଟିବ ମିନା ତା ତୂଣରେ । ସୁନ୍ଦରୀ ।
ତୋତେ ବରିଲି ଲେଖି ଦେବୁ ମାନ । ଯେବେ ମୁହିଁ ତୋ ଅନୁଗ୍ରହପାନ ।
କନ୍ଦର୍ପଯାଏ ସର୍ବସ୍ୱକୁ ଖଣ୍ଡି ବା କରି ପଞ୍ଚାକ୍ଷରମନ୍ତ୍ର ରେ । ୧୩
ମାଗ ହେମାଙ୍ଗୀ ଅଧରୁ ସୁଧାଦେଇ ତା ବନ୍ଦ କରି ଦେବି ତୋତେ ।
ବୋଧୁ ଜୀବକୁ ନ ଧରଇ ପ୍ରତେ ।
ଛିଣ୍ଡି ଯିବ ଜୀବଦେଶ-ଭବନକୁ ଜୀବିବା କରୁଛି ଏତେ ରେ । ସୁନ୍ଦରୀ ।
ଅନୁତ୍ତମ ତମ ସୁଧା ପିଉଛି । ସ୍ୱର୍ଗେ ସୁଗ୍ରୀବଙ୍କୁ ମିତ ହୋଇଛି ।
କି ଅନୁକୂଳରେ ଏ ବିବେକ ଉପୁଜି କଷ୍ଟ କଷ୍ଟରେ କହୁଛି ରେ । ୧୪

---

୧୨—ଝଲ୍ଲକାଝଲ୍ଲକ ( କର୍ଣ୍ଣଭୂଷଣ ବିଶେଷର କାନ୍ତି ) ତାରକାବଳୀ ( ତାରାସମୂହ ଝଲ ( କାନ୍ତି ) କୁ ଦଳି କମ୍ପିଥିଲା ପତ୍ର । ମୁଁ ମନେ କଲି ଝଲକା କମ୍ପିବା ଦ୍ୱାରା ମୋତେ କୃପା କରିବାକୁ ଛଳନା କରୁଛି କି ? ତହୁଁ ମୁଁ ତୋ ପାଦ ପଦ୍ମକୁ ଧରି ନ ଛାଡ଼ିବି ବୋଲି ପାଦରେ ନେତ୍ର ପକାଇଲି । ତୁ କି ମନେ କରି ପ୍ରପଦ ( ଅଙ୍ଗୁଳି ) ଗୁଡ଼ିଥିଲୁ ଯେ ଜାଣି ତହିଁରେ ମୋର ସେହିକ୍ଷଣି ସଶଙ୍କ ହୃଦୟ ହେଲା, ମୁଁ ଏହିକଥା ମନରେ ଗୁଣିଲି ତୁ ଏହି ଚିନ୍ତାରେ ଅଙ୍ଗୁଳି ଗୁଡ଼ିଥିଲୁ—ପୁଙ୍ଖ ଏହାର ( ଅଙ୍ଗୁଳିର ) ଉପମା (ଅଶୋଭନୀୟ ତୁଳନା ) କରିବ ନା ଏ ଶରରେ ( ଅଶୋକଶରରେ ) କାମ ମୋତେ ମାରିବ ।
୧୩—ମୁଁ ଯେପରି ଭ୍ରମ ହୋଇଛି କାମ କି ସେହିପରି ମତ୍ତ କାମିନୀର ( ସୁନ୍ଦରୀ-ପାରେ ) ଶରଣ ପଶିବାକୁ ହଂସାରେ ବାଣ ପ୍ରହାରୁଛି ? ହେ ବାଳା ! ତୁ ତମ ସଙ୍ଗ ମିଳାଇ ହୋଇ ବଳାନାଦେ ପଳାଅ କହିଲେ ତା ତୋଣ ମିନା ଛୁଟି ଯିବ । ହେ ସୁନ୍ଦରୀ ! ଯେବେ ମୁଁ ତୋହର ଅନୁଗ୍ରହ ପାନ୍ତ ତେବେ "ତୋତେ ବରିଲି" ଏହି ପଞ୍ଚାକ୍ଷର ମନ୍ତ୍ର ମାନ ଲେଖି ଦେବୁ, ମୁଁ ସେହି ମନ୍ତ୍ରକୁ ଜପି କନ୍ଦର୍ପଯାଏ ଜଗତର ସମସ୍ତଙ୍କୁ ଖଣ୍ଡନ କରିବି ।
୧୪—ହେମାଙ୍ଗୀ ସୁନ୍ଦରୀର ଅଧରରୁ ସୁଧା ( ଅମୃତ ) ମାଗି ତୋତେ ଦେଲି ତାହାରି ବନ୍ଦ କରିଦେବି—ଏହାପରି ମୁଁ ମୋର ଜୀବନକୁ ବୋଧ ଦେଲି .

ଯେବେ ତୋମଲାଗି ଲଗି ଜୀବ ଯିବ ତେବେ ନୋହିବ କି ସୁଗତି ।
ହେଲେ ପବିତ୍ର ନେତ୍ର ବାଣୀ ଶ୍ରୁତି ।
ଶୋଭା ଦେଖି କଥା ଶୁଣି ବ୍ୟର୍ଥ ଦେହ ଜିତଗୁଣେ ହେଲେ ଖ୍ୟାତରେ । ସୁନ୍ଦରୀ !
ତୋର ଲୀଳା-ସରଣିରେ ମିଶିବ । ଯେବେ ତେବେ ତାର ଭାଗ୍ୟ ଦଶିବ ।
ଶଶୀଅଶାସ୍ତ୍ରୀ ଶରେ ବାପସ୍ୱଚ୍ଛ ହୋଇଛ ଶ୍ରେଷ୍ଠ ପାଇବ ସେ । ୧୫
ଜନମାନ୍ତ୍ରର କଥା ବୋଲି ମାତର କାତର ହୋଇ ନିରନ୍ତର ।
ତାହା ଗୁଡ଼ି ଭରେ ଅନ ଚତୁର ।
ଚତୁର୍ବର୍ଗସ୍ଥଳୀ ସ୍ତ୍ରୀଧର୍ମରେ ଫଳ ଅର୍ଥକୁଶଳା ତୋ ଗିରରେ । ସୁନ୍ଦରୀ !
କାମ କଟାକ୍ଷରେ ହୋଇ କୃତ୍ୟ । ମୋକ୍ଷ ନାଭିରେ ଦାସ ହୋଇଛନ୍ତି ।
ଏସନ ପ୍ରେମ-ଚଞ୍ଚଳତା ସମ୍ପନ୍ନ ନୋହିବ କାହିଁ ଘଟିତ ସେ । ୧୬

---

ମଧ୍ୟ ସେ ପ୍ରତ୍ୟୟ ( ବିଶ୍ୱାସ ) କରୁ ନାହିଁ । କେବଳ "ଜୀବନେଶ ( ଯମ ) ଭବନକୁ ଯିବ" ଯ ଏତିକି ଭାବନା କରୁଛି । ହେ ସୁନ୍ଦରି ! ଅନୁତ୍ତମ (ଅଧମ) ଭୟ ( ଚିନ୍ତା ) ସୁଧା ପିଇଛି, ସମସ୍ତଙ୍କର ସୃଷ୍ଟି ମର୍ତ୍ତ୍ୟ ହୋଇ ସୁଖ ମିଳ ହୋଇଛି, କି ମନ ଅନ୍ତସ୍ତରୁ ଏପରି ବାସେବ ଜଗୁଜି ( ଅବିଶ୍ୱାସ ଜନ୍ମି-ବାକୁ ) ଏଷ୍ଟ କଷ୍ଟରେ ଜୀବ ରହିଛି ।

୧୫—ତୋମଲାଗି ଜଗି ଯିବା ଜୀବ ଯିବ, ତେବେ ସୁଗତି (ମୋକ୍ଷ) ନୋହିବ କି ହେବ, କାରଣ ଶୋଭା ଦେଖି ନେତ୍ର କଥା ବାଣୀ ଶୁଣି ଶ୍ରୁତି(କର୍ଣ୍ଣ) ଏମାନେ ପବିତ୍ର ହେଲେ କେବଳ ଜିତଗୁଣେ ( ପୂର୍ଣ୍ଣ ଗୁଣରେ ) ଖ୍ୟାତ ( ପ୍ରସିଦ୍ଧ ) ଦେହ ତୋ ଅଙ୍ଗସଙ୍ଗ ଅଭାବରୁ ବ୍ୟର୍ଥହେଲା, କିନ୍ତୁ ପୁଣି ସେ ଜିତ ଗୁଣରେ ଖ୍ୟାତ ଲଭିବ—ମୃତ୍ୟୁପରେ ଯେବେ ଦେହର ପୃଥ୍ୱୀଅଂଶ ତୋ ଲୀଳା ସରଣିରେ ( କ୍ରୀଡ଼ା ପଥରେ ) ମିଶିବ ତେବେ ତାହାର ଭାଗ୍ୟ ଦଶିବ । ସେପରି ଶଶୀ, ଅଶାସ୍ତ୍ରୀ ଶରେ ବାପସ୍ୱଚ୍ଛ ଶ୍ରେଷ୍ଠ ହେଲୁ; ଅର୍ଥାତ୍ ଜଳ ଜୀବନରେ ଥାଇ ମୃତ୍ୟୁ ଲଭି ଜଳଙ୍କ ରୂପେ ଚନ୍ଦ୍ରଙ୍କ ଲଭିଲୁ ସେହି ତୋ ଲୀଳା ପଥରେ ମିଶି ମୋ ଦେହ ତୋ ଅଙ୍ଗ ସଙ୍ଗ ପାଇବ ।

୧୬—ଏ ଜନ୍ମାନ୍ତ୍ରର କଥା ( ମୃତ୍ୟୁପରେ ଘଟିବ ) ଏହି ହେତୁରୁ ନିରନ୍ତର କାତର ହୋଇ ସେ ଅଶାନ୍ତଚିତ୍ତ ଆଜ ଚତୁର କହୁଛି । ତୁ ଚତୁର୍ବର୍ଗସ୍ଥଳୀ ( ଧର୍ମ, ଅର୍ଥ, କାମ, ମୋକ୍ଷ ଏହି ଚତୁର୍ବର୍ଗର ସ୍ଥାନ ) ଯଥା—ତୁ ସ୍ତ୍ରୀ ଧର୍ମରେ ଫଳୁଛୁ ( ଧର୍ମର ସ୍ଥାନ ) ତୋ ଗିର ( ବାଣୀ ) ଅର୍ଥ କୁଶଳା ( ନାନା ପ୍ରକାର ଗୂଢ଼ଗୁଡ଼ ଅର୍ଥଯୁକ୍ତା ଅର୍ଥସ୍ଥାନ ) ତୋ କଟାକ୍ଷରେ ( ଅପାଙ୍ଗଦୃଷ୍ଟିରେ କାମ କୃତ୍ୟ ସ୍ଥଳର ( କାମ ସ୍ଥାନ ) ମୋକ୍ଷଣି (ମୋକ୍ଷଣ ଓ ମୁକ୍ତି ) ତୋ ନାଭିରେ ( ଲଘୁନାଭର ବସ୍ତୁଗ୍ରନ୍ଥିରେ ) ଦାସହୋଇଛି, ( ଏଣୁ ତୁ ମୋକ୍ଷ ସ୍ଥାନ ) ଏସନ ପ୍ରେମ ଚଞ୍ଚଳତା କାହିଁ ଘଟିତ ନୋହିବ ?

କରେ ବେଦନା ନିବେଦନା ମନ୍ଦତେ ତା ସୁତ ସେଣୁ ଭ୍ରମଦୂତ ।
ହୋଇ ଅଣି ଦେଲା ସୀତା ଉଦନ୍ତ ।
ଶୀତଳ ହେଲେ ଶ୍ୱସନ ଶ୍ୱସସଙ୍ଗଗୁଣିଙ୍କୁ କଲା ସେ କାତରେ । ସୁନ୍ଦରି ।
ସେବେ କି ଅଭିମାନ ମନ ଯହିଁ । ସୁଖ ଭୁଞ୍ଜୁଛୁ ମୋତେ ନ ଛଡ଼ାଇ ।
ନିଚେଷ୍ଟ କରି ସୁରେଷ୍ଟ ପଥ ଯାଇ ସୁଲୋଚନା ପାଶେ ରହି ଶର ॥ ୧୭
ଅନେକରୂପେ ଅଶା-ତରୁ ଜନମ ହେଲା ଅରାମ ହୃଦପୁରେ ।
କେବେ ସଫଳ ହେବ ଏ ବିଚାରରେ ।
ଦୈବ ବଳ ବାଡ଼ବାନଳ କେମନ୍ତ ନ ପୁଣି ବିନାଶ କରେ ତର । ସୁନ୍ଦରି ।
ଯେବେ ଶିଖରରେ ହେବ ମିଥୁନ । ପୟୋଧର କାଢ଼-ମାଳ ପତନ ।
ଉର୍ଦ୍ଧ୍ୱରୁ ହୋଇବ ସେହୁ ପଲ୍ଲବିବ ଏହୁ ଲିଭି ଯିବ ସେଜନରେ । ୧୮
ଅଭିମାନ କାହିଁ ଯା ସମାନ ହୋଇ ନାହିଁ ତା ଗୁଟ୍ଟିକୁ ବଚନ ।
ତାକୁ କି ବୋଲି କରିବ ବନ୍ଦନ ।
ସ୍ତବକ ସ୍ତନାଇ ଯାବକ ଲେଖିବା ସେବକ ହେବା ମୋ ନାମରେ ସୁନ୍ଦରି । ।
ଏତେକେ ମୁଁ ସର୍ବ ସୁଖ ପାଇବି । ଅନ ଲେଖେ ଅବା ଯୋଗ୍ୟ ହୋଇବି ।
ଅନ୍ତର ଭରକୁ ପଲଙ୍କ, ଉରୁକୁ ଭଦ୍ରାସନ କରି ଦେବି ତର ॥ ୧୯

---

୧୭—ମୁଁ ମନ୍ଦତେ (ବାୟୁଠାରେ) ବେଦନା (ଦୁଃଖ) ନିବେଦନ କରୁଛି (ଜଣାଉଛି) ସେଣୁ ତା ସୁତ (ବାୟୁ ପୁତ୍ର ହନୁମାନ) ଭ୍ରମ ଦୂତ ହୋଇ ସୀତା ଉଦନ୍ତ (ବାର୍ତ୍ତା) ଅଣି ଦେଲା । ସେ ବାୟୁ ଶୀତଳ ହେଲେ ମଧ୍ୟ ଶ୍ୱସନ ଶ୍ୱସଙ୍ଗ ଗୁଣିଙ୍କୁ କାତର କଲା, ଅର୍ଥାତ୍ ସର୍ପମାନେ ବାୟୁ ଭକ୍ଷୀ କରୁ ଥିବାରୁ ବାୟୁ ଶ୍ୱାସ ସଙ୍ଗରେ ରହି ସେ ଗୁଣିଙ୍କୁ କାତର କଲା, ପ୍ରାଣ ନାଶକ ହେଲା । ମୋଠାରେ ବା କି ଅଭିମାନ କରିବ, ଯହିଁ ମୋ ମନ ମୋତେ ନ ଦେଇ ନିଶ୍ଚେଷ୍ଟ କରି ପକାଇ ଦେଇ ସୁରେଷ୍ଟ ପଥ (ସବାଳ ଲୋକପଥ) ଯାଇ ସୁଲୋଚନା ପାଶରେ ରହି ସୁଖ ଭୁଞ୍ଜୁଛି ।

୧୮—ଅରାମ (ଉପବନ) ରୂପୀ ହୃଦୟ ପୁରରେ ଅଶାତରୁ (ଅଶା ରୂପ ବୃକ୍ଷ) ଅନେକ ରୂପେ ଜନ୍ମିଥିଲା । ସେ ଅଶା ବୃକ୍ଷ କେବେ (କେଉଁଦିନ) ସଫଳ (ଫଳଯୁକ୍ତ) ହେବ ଏହା ମୁଁ ବିଚାର କରେ । ଅଥବା ଦୈବ ବଳରୁ ବାଡ଼ବାନଳ (ବାଡ଼ବାଗ୍ନି) ବିନାଶ ନ କରେଟି ? ଯେବେ ଶିଖରରେ ମିଥୁନ (ଆଷାଢ଼ ମାସ ଓ ମିଳନ) ହେବ, ଏବଂ ପୟୋଧର ଧର କାଢ଼ମାଳ (ମେଘପାଣି, ଓ ଶରୀରର ରକ୍ତ ଯୋଗେ ସ୍ତନଜାତ ଘାମ) ଉର୍ଦ୍ଧ୍ୱ ରୂପରେ ହୋଇବ, ତେବେ ସେ ଅଶା ବୃକ୍ଷ ପଲ୍ଲବିବ, ଏହୁ ଦାବାନଳ ସଦୃଶ ବାଡ଼ବାନଳ ଲିଭିଯିବ ଏହା ଯେଣ ।

୧୯—ତା ଗୁଟ୍ଟିକୁ ବଚନ (ତାହା ପ୍ରତି ଗୁଟ୍ଟି ବାକ୍ୟ) ସୁଦ୍ଧା ଯାହାର ସମାନ ହୋଇନାହିଁ ତା ଠାରେ ଅଭିମାନ କାହିଁ । ମୁଁ ତାକୁ କି ବୋଲି ବନ୍ଦନ

ସ୍ତନଦାରତନ କଟାକ୍ଷ ପତନ ଗ୍ରହିଁ ଅଙ୍ଗ ଅବଧାରିବ ।
ଶୁଭ ଧବଳରେ ଅନୁସରିବ ।
ପାଶ ନ କଲେ ସ୍ମରପାଶବନ୍ଧନ ଛାଡ଼ିଥାଉ ନ ଭାବିବ ଲୋ । ସୁନ୍ଦରୀ ।
ହଳାହଳ ଜ୍ୱାଳା ବଢ଼ଇ ଈଶାନ । ଚନ୍ଦ୍ରକଳା କଲେ ଶିରେ ମଣ୍ଡନ ।
ମୋ ତାପ ନାଶକୁ ରମଣୀମଣି ତୁ ସେପରି କରିବା ସେନ ଲୋ ॥ ୨୦
ଦାତାଗଣ ଗଣନାରେ ସାର ତୁହି ମୁହିଁ ଧନ-ଦାନ ମାର୍ଗଣ ।
ଦେଖ ବଳି ତେଣୁ ଉଦରେ ଶରଣ ।
ଏଣିକି ଏଣିଲକ୍ଷଣୀର ମହତ୍ତ୍ୱ ମାଗିବା ଯାଏ ମୋ ଜାଣିବେ । ସୁନ୍ଦରୀ ।
ଭୃତ୍ୟ ଜଣାଇବା କଥା ଉଚିତ । ଯେଣୁ ପ୍ରଭୁ ତାର ସବୁ ଅଧୃତ ।
ସେନ ସୁଭଗତି ମୋର ଶୁଭଗତି ଲଭୁଅଛି ତୁହି ସତ ଲୋ ॥ ୨୧

---

କରିବ । ସେହି ସ୍ତନବସ୍ତ୍ର ( ସୁନ୍ଦର ଗୁଚ୍ଛ ସ୍ତନଗ ସ୍ତନ ) ର ଯାବକ ( ଅଳତା ) ଲେଖିବାରେ ସେବକ ( ଦାସ ) ହେବାକୁ ମୋହର ମନ ହେଉଅଛି । ଏତେବେଳେ ମୁଁ ସର୍ବସୁଖ ପାଇବି, ଚେଟିକା ଅବା ଆନ ଚେଟ ( ସ୍ତନ ତଦାଧାରେ ) ଯୋଗ୍ୟ ହୋଇ ପାରିବ, ଅଧରର ମଧ୍ୟ ମୋ ଉରକୁ ବକ୍ଷସ୍ଥଳକୁ ପଲଙ୍କ, ଜଙ୍ଘକୁ ( ଜଙ୍ଘାକୁ ) ଭଦ୍ରାସନ ( ସିଂହାସନ ) କରିଦେବି ।

୨୦—ସ୍ତନଦାରତନ ( ନାସ୍ତି ରତ୍ନର ) କଟାକ୍ଷ ପତନକୁ ଗ୍ରହିଁ ଅଙ୍ଗ ଅବଧାରିବ ( ସ୍ଥିରକରିବ ), ଶୁଭଧବଳ ଅନୁସରିଥିବ । ହେ ସୁନ୍ଦରୀ ! ତୁ ମୋତେ ପାଶନ କଲେ ( ପାଶକୁ ନ ନେଲେ ) ସ୍ମରପାଶ ବନ୍ଧନ୍ ଛାଡ଼ି ପାରିବ ନାହିଁ ଏହା ଜାଣି ଥାଅ । ଈଶାନ ( ଶିବ ) ହଳାହଳ ( ବିଷ ) ଜ୍ୱାଳା ବଢ଼ଇ ଚନ୍ଦ୍ରକଳା ( ଚନ୍ଦ୍ରର ଷୋଡ଼ଶାଂଶରୁ ଏକାଂଶ ) ଶିରେ ମଣ୍ଡନ କଲେ, ହେ ରମଣୀମଣି ମୋ ତାପ ନାଶପାଇଁ ସେହିପରି କରିବା ତୁ ଏହା ସେନ ।

୨୧—ଦାତା ଗଣ ଗଣନାରେ ତୁହି ସାର ଅଟୁ ମୁଁ ଧନ ( ଅଳ୍ପ ଓ ଦେହ ) ଦାନର ମାର୍ଗଣ ( ଯାଚକ [illegible] ମହାନଦୀ ବଳିରାଜା ବି ବଳଭୂତେ, ତେଣୁ ଉଦରରେ ଶରଣ ପଶିଛୁ । ଏଣିକି ମୋ ମାଗିବା ଏଣିଲକ୍ଷଣୀର ( ହରିଣୀ ଲୋଚନାର ) ମହତ୍ତ୍ୱ ଯାଏ ଏହା ଜାଣି, ଅର୍ଥାତ୍ ଯାଚ ମାଗିଲେ ଦାତାର ମହତ୍ତ୍ୱ ନଷ୍ଟହେବ । ହେ ସୁନ୍ଦରୀ ! ଭୃତ୍ୟର କଥା ଜଣାଇବା ଉଚିତ ଅଟେ ଯେଣୁ ପ୍ରଭୁ ତାହାର ସବୁ ଅଧୃତ ( ଅଧୀନ ) ରେ ଲଭୁଅଛି । ( ଗଜଗାମିନୀ ! ) ମୋ ସୁ-ଭଗତି ( ଭାଗ୍ୟବନ୍ତକୁ ) ସେନ ତୁହି ଶୁଭଗତି ( ଶୁଭଫଳ ଦାୟିନୀ ) ଏହା ସତ୍ୟ ଅଟେ ।

ବିକାଶକୋଶନ୍ନାସି ହାସ ରହସ ଅବକାଶ ଦେଲେ କଣ୍ଠାକୁ ।
ଧାତା କୃପାଳୁ କଲେ ତୋ ପକାକୁ ।
କସ ବଗୁଳର ପଡ଼ିବା ଉପଗୁଳରେ ମାନସ ପ୍ରଗୁଳ ହେଉ ହେ । ସୁନ୍ଦରୀ !
ଦୟାନିଧି ଗୁଣ୍ଡୁତ୍ମନା ବମ୍ଭୋଳ୍କୁ । ସଲୁଜଣା ଜିବ ଏଥି ଭୃଷ୍ଣୁ ।
ଅଭଙ୍ଗ ନାହିଁ ଷଡଙ୍ଗ ପ୍ରାୟେ ହୋଇ ଅଗ୍ନିକି ଡେଇଁ ପ୍ରୀତକୁ ହେ । ୨୨
ପଡି ପଡ଼ିବା ନରେଶ୍ୱର ପୁଚ୍ଛିବା ନେନେକେ ଅନନ-ଅଶ୍ରୁ ଧର !
ହୃଦେ ପରମ—ସ୍ନେହ ଥିଲା ପୂର !
ସଲୀଳ ହୋଇ ସଲ୍ଲେଳେ ଉଚ୍ଛୁଳାଇ ଢାଳେ ଗଙ୍ଗାଜଳ ପରି ସେ ସୁନ୍ଦରୀ !
ଗଦଗଦ ହୋଇ ପଦ ନ ସ୍ଫୁରେ । ଘନରସ ହୃଦୟ ସମସ୍ତରେ ।
କଳକଣ୍ଠ କଣ୍ଠବିରୋଧ କି କାନ୍ତ ବସନ୍ତ ଦେବା ସ୍ମରେ ସେ ॥ ୨୩
ଦିବସ ବନ୍ଧୁ ସାଧୁ ପଥା କାରଣେ ହୋଏ ନିଶାମୁଖ ପ୍ରବେଶେ ।
ତଥା ପୀରତ ଦ୍ୱନ୍ଦ୍ୱ ଅବେଶେ ।
ଗଡ ହୋଇଥିଲା ହାସହିଁ ଅଗଡ ଜଗତ ମୋହିନୀ ଆସ୍ୟେ ସେ । ସୁନ୍ଦରୀ !
ଗ୍ରାମ ମଧୁରମୂର୍ଚ୍ଛ ଧାରି ତାନ୍ତ । ଉପଲବ୍ଧ ଭକ୍ତି ଅତି ଭୂଗତ ।
ରସିକ କୋବିଦ ଶ୍ରୁତି ମୁଖ ସ୍ୱାଦ ମଧୁର ସ୍ୱନ୍ଦ ଏ ଜୁଡ଼ ହେ । ସୁଜନେ । ୨୪

---

୨୨—ହେ ବିକାଶକାଶ ହାସି । (ବିକାଶିତ କାଶ ଫୁଲ ପରି ହାସ ଯାହାର) ଧାତା କୃପାଳୁ ହାସ ରହସ ଅବକାଶ ଦେଲେ ( ହସ ଖେଳ ସମୟରେ ) ତୋ କଣ୍ଠ କାଣ୍ଠାକୁ ପକାଇ । ଏ କସ ଏହି ବଗୁଳ ଭଳି ପଡ଼ିବା ଉପଗୁଳରେ ମାନସ ପ୍ରଗୁଳ ହେଉ, ହେ ସୁନ୍ଦରୀ । ଦୟାନିଧି । ଗୁଣ୍ଡୁତ୍ମନା । ବମ୍ଭୋଳ୍କୁ : ଏଥିଭୃଷ୍ଣୁ (ପଦପାଠ ଭଙ୍ଗୁରୁ) ସଲୁଜଣା ଜିବ । ପ୍ରୀତି ବଳରୁ ମୁଁ ଷଡଙ୍ଗ ପ୍ରାୟହୋଇ ଅଗ୍ନିକୁ ଡେଇଁଛି ସେଥିରେ ମୋର ଅଭଙ୍ଗ ( ଭଙ୍ଗ ) ନାହିଁ ।

୨୩—ନରେଶ୍ୱର ପୁଚ୍ଛିବା ( ରାଜପୁତ୍ରୀ ) ପଦ ପାଠ କରି ନେନେକେ ଅନନାଶ୍ରୁ ଧରିଲା, ତତ୍ପୂର୍ବରୁ ହୃଦୟରେ ପରମ ସ୍ନେହ ପୂରିଥିଲା । ସେହି ସ୍ନେହ ସେତେବେଳେ ସଲୀଳ (ଜଳ) ହୋଇ ସଲ୍ଲେଳେ ( ଧୀରେ ଧୀରେ ) ଗଙ୍ଗାଜଳପରି ଉଚ୍ଛୁଳିଲା । ଘନରସ ( ଶୃଙ୍ଗାରରସ ଓ ମେଘ ) ହୃଦୟ ସମସ୍ତରେ ଗଦ୍‌ଗଦ ହୋଇ ପଦସ୍ଫୁରୁ ନାହିଁ, କଳକଣ୍ଠ (କୋକିଳ ) କଣ୍ଠବିରୋଧ ହେବାରୁ କାନ୍ତ ବସନ୍ତ ହେବାକୁ ସ୍ମରଣ କଲେ କି ?

୨୪—ଦିବସ ଶେଷରେ ବନ୍ଧୁ (ଚନ୍ଦ୍ର) କାରଣେ ସାଧୁ ( ସୁନ୍ଦର ) ନିଶା ମୁଖ ( ସନ୍ଧ୍ୟା ) ଯଥା ପ୍ରବେଶ ହୁଏ, ତଥା ପ୍ରୀତର ଦ୍ୱନ୍ଦ୍ୱ ( ଆରମ୍ଭ ) ପ୍ରବେଶ ହେଲା । ଜଗତ ମୋହିନୀର ଆସ୍ୟେ ( ମୁଖରେ ) ହାସ ଗଡହୋଇ ଥିଲା । ପ୍ରୀତ ପ୍ରକମ୍ପରୁ ପୁଣି ହାସ ଅଗଡ ହେଲା । ଉପଲବ୍ଧ ଭକ୍ତି ଗ୍ରାମ ମଧୁର ମୂର୍ଚ୍ଛ ଧାରି ଅନ୍ତଃସ୍ଥ ତୃପ୍ତହୋଇ ରସିକ କୋବିଦ ( ପଣ୍ଡିତ ) ମାନଙ୍କର ଶ୍ରୁତି ( କର୍ଣ୍ଣ ) ରୂପମୁଖର ସ୍ୱାଦ ଏ ମଧୁର ସ୍ୱନ୍ଦକୁ କଲେ ।

# ତ୍ରୟୋତ୍ରିଂଶ ଛାନ୍ଦ

## ରାଗ—କଲ୍ୟାଣ ଅହାରୀ

କାଦମ୍ବିନୀ କାଦମ୍ବିନୀ-କଚ-କେଶୀ ପୁରତେ ଏକାଳେ ପ୍ରବେଶ ।
ଦେଖିଲା ଶତପତ୍ର-ପତ୍ର-ନୟନା ପ୍ରେମପତ୍ର ଲେଖନ୍ତି ଅବେଶ ।

ସେ ଗତ । ଅଗତ ତୁଳକ କାଗଜ ।
ମଞ୍ଜିଷ୍ଠାରସ ସମ୍ଭୃତ ଥାଳୀ ଆଣି ବାଳୀ ଆଗରେ କଲା ସ୍ଥିତ । ୧
କହୁଲା ଦକ୍ଷିଣ ପବନ ବହୁଲା ଧୂମରଜ କରୁ ସେପଣ ।
ଏ ଋତୁରୁ ଘନରସଯୁକ୍ତ ହୋଇ ନ ବହୁବ କି ସମୀରଣ ।
ଶ୍ରବଣେ । ହୃଦପଦ୍ମ ବାଢିଲା ।
ପଦ୍ମିନୀ ଯାମିନୀରୂପ ତ୍ରପା ତୁଟି କୃପା-ପ୍ରଭାତ ପ୍ରକାଶିଲା । ୨

---

୧—ଏ କାଳେ କାଦମ୍ବିନୀ ନାମ୍ନୀ ସଖୀ କାଦମ୍ବିନୀ ( ମେଘ )କୁ ଜିଣିଛି କେଶ ଯାହାର ଏପରି ରାଜପୁତ୍ରୀର ପୁରତେ ( ଅଗ୍ରତେ ) ପ୍ରବେଶ ହୋଇ ଦେଖିଲା—ଶତପତ୍ର ପତ୍ରନୟନା ( ପଦ୍ମ ପତ୍ରପରି ଯାହାର ନେତ୍ର ) ସେ ସୁନ୍ଦରୀ ପ୍ରେମପତ୍ର ଲେଖନ୍ତି ତହିଁରେ ଅବେଶ ( ମନଯୋଗ ) କରନ୍ତି । ତହୁଁ ସେ ସଖୀ ଗତ ଅଗତ ( ଯିବା ଆସିବା ) କରି ତୁଳକ (ଲେଖିବାର କଲମ ) କାଗଜ ଓ ମଞ୍ଜିଷ୍ଠାରସ ସମ୍ଭୃତ ଥାଳୀ ଆଣି ବାଳୀ ( ରାଜକନ୍ୟା ) ଆଗରେ ସ୍ଥିତ କଲା ।

୨—କହୁଲା ( ଧ୍ୱଜା ) ଗ୍ରୀଷ୍ମକାଳୀନ ଉତ୍ତପ୍ତ ଦକ୍ଷିଣ ପବନ ଧୂମରଜ ( କର୍ପୂର ଧୂଳି ) ସେପଣ କରୁ ଶୀତଳରେ ହୋଇ ବହୁଲା, ଏ ଋତୁରୁ ( ଗ୍ରୀଷ୍ମକାଳ-ଋତୁରୁ ) ବର୍ଷାକାଳରେ ଘନରସ ( ମେଘଜଳ ) ଯୁକ୍ତ ହୋଇ ସମୀରଣ ( ପବନ ) ବହୁବ କି ? ଅନ୍ୟାର୍ଥ—ତୋତେ ଶରହୁଣୀ କରିଥିବାଙ୍କୁ ଦକ୍ଷିଣ ( ଅନୁକୂଳ ) ହୋଇ ଧୂମରଜ ( କର୍ପୂରଧୂଳି ) ସେପଣ କଲା ; ସଦ୍ଗୁଣ ପ୍ରେମ ପତ୍ରିକା ପ୍ରେରଣ କଲା, ଏ ଋତୁରୁ ଘନରସ ( ନବଚ୍ଛରସ-ବଚନ ) ଯୁକ୍ତ ଉତ୍ତର ପତ୍ରିକା ନ ଯିବ କି ? ଏ କଥା ଶ୍ରବଣରେ ପଦ୍ମିନୀ ରାଜପୁତ୍ରୀର ଯାମିନୀ ( ରାତ୍ରି ) ରୂପ ତ୍ରପା ( ଲଜ୍ଜା ) ତୁଟି କୃପାରୂପ ପ୍ରଭାତ ପ୍ରକାଶ ହେଲା, ହୃଦପଦ୍ମ ବାଢିଲା ।

ଲେଖିଲୁ ଯାହା ପଦେ ପଦେ ସେ ଲକ୍ଷପଦେ ସ୍ଥାପିବ କୁମାରଙ୍କୁ ।
ସଜନୀ ବେନି ବର୍ଣ୍ଣ ଯେଣ ବୋଇଲେ ମଧ୍ୟମଣି ହେବ ହାରକୁ ।
ଶୁଣି ତା । ଶରୀଜଳା ପାଶ ହୋଇଲା ।
ପାଇ ନାହିଁ କି ଟେ। ଚଉଳଶ୍ରୀବଳ୍ଲୀ ଧାଡ଼ି ଧିନା ହେବ ବୋଇଲା ॥ ୩
ଉପାସ୍ୟ-ଉପାଧିକା ଉପାଧ୍ୟାୟୀ ଯେ ମୁଦ୍ର ମୁଦ୍ରାଇ ହସ୍ତେ ଧରେ ।
ଗୁଣିଶ୍ରଦ୍ଧ୍ୟା-ଶ୍ରଦ୍ଧ୍ୟା ଅବଧୂତୀ ମିଳି ଧଇଲେ ତାର କର କରେ ।
ସେଠାରୁ । କଥା ପରସ୍ପରେ ଗମନେ ।
ପୁଷ୍ପମୁଖ ରାଜକୁମାର ବିହାର ଉପବନେ ଠୁଳ ଜଉତେ ॥ ୪
ଦେଖିଲେ ଆରାମ ଅତି ଅଭିରାମ ଯେ ଦେଖିବ ଏହି ପ୍ରତୀତ ।
ମନକୁ ହରୁଛି ରତିକାମ ମୂର୍ତ୍ତିମନ୍ତେ କି ବିହରୁଛନ୍ତି ।
କୋକିଳ । ପଞ୍ଚମ ଉଚ୍ଚେ ଗାଏ ଗୀତ ।
ଝିଙ୍କାରୀ ଝଙ୍କାର ଷଣ୍ଢପୁଟ ପ୍ରାନ୍ତହତ ସୁବାଦ୍ୟରେ ବଦିତ ॥ ୫

---

୩—ସ୍ୱକଳେମା ପତ୍ରରେ ଯାହା ଲେଖିଲ ସେ ପଦେ ପଦେ କୁମାରଙ୍କୁ ଲକ୍ଷପଦେ ସ୍ଥାପିବ, ସଜନୀ ବେନି ( ସଖୀଦ୍ୱୟ ) ବର୍ଣ୍ଣ ଯେଣ ( ଅଳଙ୍କୃତ ବର୍ଣ୍ଣମାନେ ପରି ) ବୋଇଲେ ଏ ଯେ କୁମାରଙ୍କ ହାରକୁ ମଧ୍ୟ ମଣି ହେବ । ତାହା ଶୁଣି ଶରୀଜଳା ପାଶ ହୋଇ କହୁଛି ( କୌତୁକ ) କୁମାର ଚଉଳ ( ଚଞ୍ଚଳ ) ଶ୍ରୀକୁ ପାଇନାହିଁ କି ? ଏ ତହିଁ ( ତରଳ ହାରମଧ୍ୟମଣି ) ଧିନା ହେବ ? ଅର୍ଥାତ୍ ସେ ସେପରି ସୁନ୍ଦରୀ ଠାରେ ଅନୁରାଗୀ ହୋଇଛି । ତହିଁରେ ଏପରି ପାଇବାପଣି କଣ୍ଠରେ ଲମ୍ବାଇବ ।

୪—ଉପାସ୍ୟ ଉପାଧିକା ( ବହୁ ଉପାସ୍ୟ ପଣ୍ଡିତା ) ଉପାଧ୍ୟାୟୀ ମୁଦ୍ର ମୁଦ୍ରାଇ ( ମୁଦ୍ରଦେଇ ) ହସ୍ତରେ ଧଇଲେ । ଗୁଣି ( ଅଶ୍ରୁଣି ରୂପେ ଜଣାଇବା ଭଳି ଶାଶ୍ୱତାର ଔଷଧୀଗୁଣିବିଦ୍ୟା ଶ୍ରଦ୍ଧ୍ୟା-ଗୁଣିବିଦ୍ୟାନିପୁଣା ଅବଧୂତୀ ମିଳି ତାଙ୍କ ( ଉପାଧ୍ୟାୟୀର ) କରକୁ କରେ ଧଇଲେ, ପରସ୍ପର କଥୋପକଥନ କରି ସେଠାରୁ ଗମନ କଲେ, ପୁଷ୍ପମୁଖର ରାଜକୁମାର ରହିଥିବା ଉପବନରେ ଜଉତେ ( ବେଗପର ) ଠୁଳ ହେଲେ ।

୫—ଦେଖିଲେ-ସେ ଆରାମ ( ଉପବନ ) ଅତି ଅଭିରାମ (ସୁନ୍ଦର) ଯେ ଦେଖିବ ତାହାର ଏହି ପ୍ରତୀତ ( ବିଶ୍ୱାସ ) ଜନ୍ମିବ । ରତି ଓ କାମ ଦୁହେଁ ମନକୁ ହରଣ ହୋଇ ମୂର୍ତ୍ତିମନ୍ତରେ ବିହାର ହେଉଛନ୍ତି କି ? କୋକିଳ ପାଞ୍ଚମ ସ୍ୱର ଉଚ୍ଚରେ ଗୀତ ଗାଉଛି । ଝିଙ୍କାରୀ ଝଙ୍କାର, ଷଣ୍ଢପୁଟ ଦେବ ପ୍ରାନ୍ତ (ଟ) ହତ (ଶକ୍ତି) ଖଞ୍ଜଣୀ ସବାଦ୍ୟରେ ବଦିତ ହୋଇଅଛି ।

ଶୁକ ଭରଦ୍ୱାଜ କେକନାକୁଳ ଦ୍ୱିଜ ଶ୍ରୁତି-ମନ୍ତ୍ର- ବାକ୍ୟ ଉଚ୍ଚାରି ।
ମକ୍ଷିକାଙ୍କ ଶଙ୍ଖ ଅସଂଖ୍ୟ ଅନେକ କନକ ମାଧ୍ୱୀ ମାଧୁରୀ ।
ମଧୁପ । ଚୁମ୍ବନେ ଧ୍ୱନି କରେ ଜାତ ।
ମରୁତ ଅଧିକାଶ୍ମ ଯେଣି ସୁବାସ ରଙ୍ଗିଣୀଠାରୁ ଗତାଗତ ॥ ୬
ସୁକୁମ୍ଭକୁଟିର ଲତା ମଣ୍ଡପର ତଳେ ବେଦିକା ଭି ନିର୍ମିତା ।
ସ୍ଫୁଟ କୁଟ୍ମଳକ ପାଟଳ ଚମ୍ପକ ପଲ୍ଲବ ପାଟକୁଆଁରେଣି ।
କେତକୀ । ମାଳୀ ଦେଇଥିବା ମୁକୁଟ ।
କମୁକ ନାରିକେଳ ପରିପୂରିତ ଶାଳକ ସୁରଭି ପ୍ରକଟ ॥ ୭
ଦାଡ଼ିମ୍ବ ସିନ୍ଦୁରୀ ଫଳ୍ଗୁଫଳ ଧରି ସହକାର ଶୋଭା ବିଟପତେ ।
ଗବସୁ ଚଞ୍ଚୁ ସମ୍ପୁଟରେ ମଧ୍ୟେ ସ୍ୱର୍ଣ୍ଣ ମାଣିକ୍ୟ ଯୋଖାଇ ଦିଶେ ।
ଅପରେତ । ବେଣି ବଂଶେ ଜାତ ଘୋଷ ।
ବ୍ରାହ୍ମଣୀରେ ପୁଣି କଦଳ ହୋଇଛି ସାର ଅନୁକୂଳ ପ୍ରକାଶ ॥ ୮

---

୬—ଶୁକପକ୍ଷୀ ଏବଂ ଭରଦ୍ୱାଜ ( ଭଦାଭଦିକାଏ ପକ୍ଷୀ ) କୁହେଁ କେକାକୁଳର ( ବରକନ୍ୟା ଉଭୟ କୁଳର ) ଦ୍ୱିଜ ( ବ୍ରାହ୍ମଣ ) ହେଲେ, ବ୍ରାହ୍ମଣମାନେ ଶ୍ରୁତି ( ବେଦର ) ମନ୍ତ୍ର ବାକ୍ୟ ( ମନ୍ତ୍ର ) ଉଚ୍ଚାରଣ କଲାପରି ଏମାନେ ଶ୍ରୁତି ମଞ୍ଜୁ କର୍ଣ୍ଣ ସୁଖକର ବାକ୍ୟ ଉଚ୍ଚାରଣ କରୁଛନ୍ତି, ଅସଂଖ୍ୟ ମକ୍ଷୀ କଣ୍ଠୀ ଶଙ୍ଖ ଏବଂ ଅନେକ କନକ ( ଧୁତୁରା ଫୁଲ ) ମଧୁସ୍ୱ ( ମଧୁସ୍ୱ ବାଦ୍ୟର ମାଧୁରୀ ( ସୌନ୍ଦର୍ଯ୍ୟକୁ ) ଧରିଛି । ସେ ସବୁ ମଧୁପ ମାନଙ୍କର ଚୁମ୍ବନରେ ଧ୍ୱନିକି ଜାତ କରୁଛନ୍ତି । ଅଧିକାଶ୍ମ ( ବର ଓ କନ୍ୟା କର୍ତ୍ତା ) ରଙ୍ଗିଣୀ ଠାରୁ ( ଉଦ୍ୟାନଠାରୁ ) ସୁବାସ ( ଉତ୍ତମ ବସ୍ତ୍ର ) ଯେଣି ଗତାଗତ କଲାପରି ମରୁତ ( ପବନ ) ରଙ୍ଗିଣୀ ପୁଷ୍ପରୁ ସୁବାସ ଯେଣି ଗତାଗତ କରୁଛି ।
୭—କୁସୁମକୁ ଓ କୁଟିର ସବୁ ଲତା ମଣ୍ଡପ ( ବିବାହ ମଣ୍ଡପ ) ତାହାତଳେ ବୃକ୍ଷମୂଳ ବେଦିକାମାନ ( ବିବାହ ବେଦିକା ) ନିର୍ମିତ ହୋଇଅଛି । ସ୍ଫୁଟ କୁଟ୍ମଳକ (ପ୍ରସ୍ଫୁଟିତା ଚିଣ୍ଡିଫୁଲ ) ପାଟଳ ( ପ୍ରକ୍ଟୁଳିତ ) ଚମ୍ପକ (ଚମ୍ପାମାନ୍ଦ) ନବ ପଲ୍ଲବ ( ନୂଆପତ୍ର ) ପାଟକୁଆଁ, କେତକୀ, ମାଳୀ ଦେଇଥିବା ମୁକୁଟ ବିବାହ ସ୍ଥଳରେ ଗୁଆ ନଡ଼ିଆ ଥିଲାପରି ଏଠାରେ କମୁକ ( ଗୁଆ ) ନାରି-କେଳ ବୃକ୍ଷମାନ ସବୁ ପୂରିତ, ବିବାହରେ,ଶାଳକ, ସୁରଭି ( ବିଦ୍ୟାନୁର ) ଡେନୁ ଥିଲାପରି ଏଠାରେ ଶାଳବୃକ୍ଷ ଏବଂ ସୁରଭି ( ଚମ୍ପକ ବୃକ୍ଷ ) ମାନ ପ୍ରକଟ ହୋଇଛି ।
୮—ଶୁଆମାନେ ଧରିଥିବା ଗବସୁ (ଚପଳ ) ଚଞ୍ଚୁ ନିର୍ମିତ ସମ୍ପୁଟ ( ପନ୍ଥୁଆ ) ମଧ୍ୟରୁ ସ୍ୱର୍ଣ୍ଣ ଏବଂ ମାଣିକ୍ୟ ଜୋଖାଇ ଦିଶିଲାପରି ଦାଡ଼ିମ୍ବ ( ଡାଳିମ୍ବ ବର୍ଣ୍ଣ ) ଏବଂ ସିନ୍ଦୁରୀ ( ସିନ୍ଦୁରବର୍ଣ୍ଣ ) ଫଳ୍ଗୁଫଳମାନ ଧରି ସହକାରେ ( ଆମ୍ବ ବୃକ୍ଷ )

ହିଙ୍ଗୁଳୀ କପର୍ଦ୍ଦୀ ବୀଜ ଜିଣ ଜନ ରମ୍ଭାଜଙ୍ଘା କୁଚେ ଦେଖାଇ ।
ଶୁଦ୍ଧାନ୍ତ ପ୍ରକାରେ ପ୍ରକାର ଯହିଁରେ ଅବାପଠାରେ ସମ୍ଭବଇ ।
ଝଟନେ । ପରାଗ କର୍ପୂର ପଟନେ ।
ଶେଫାଳିକା ଅଳୀ ସଜାଡ଼ି ସଂଯୋଗ ହେବାକୁ ଶଯ୍ୟାକୁ-ସୁମନେ । ୯
ମଧ୍ୟେ ସରସୀ ନୂତନେ ବସାଉଛି ରସିକ ରସିକା ଯେମନ୍ତେ ।
ନୀଳୋତ୍ପଳଦଳ ଚଳଦୃଗଞ୍ଚଳ ମୀନ କଣ୍ଠକେ ତାଳେ ନେତ୍ର ।
ଅଚ୍ଛଳ । ସେ କାମ-ଶୟଳୀ ବଦେରେ ।
ଠୂଳ ଶୈବାଳ ଚଳ ଅଳିଆବଳୀ ବେଣୀ ଚଳିତ କମ୍ପିତରେ । ୧୦

---

ବିଶେଷ ଶୋଭା ପାଉଛି । ବିବାହରେ ବେଳି ବଂଶରେ ( ଧୂଳ କୁଳରେ ) ଘୋଷ ( ଅନନ୍ଦ ଧ୍ୱନି ) ଅକ୍ଷତେ ( ଅଖଣ୍ଡିତ ରୂପେ ) ଜାତ ହେଉଥାଏ ଏଠାରେ ଅକ୍ଷତେ ( ଭଙ୍ଗାହୋଇ ନ ଥିବା ) ବେଳି କାଣ୍ଡିରେ ଘର୍ଷଣରେ ନାଦ ଜାତ ହେଉଅଛି । ସେ ବିବାହ ବ୍ରାହ୍ମଣୀ କନ୍ୟାରେ ବନ୍ଧନ ଏ ବ୍ରାହ୍ମଣୀ (ମଞ୍ଜିଷ୍ଠା ବୃକ୍ଷରେ ) ବନ୍ଧନ ହୋଇଛି । ସେଠାରେ ଯାଉ ଅନୁରାଗ (ସ୍ନେହ) ପ୍ରକାଶ ହେଉଥାଏ ଏଠାରେ ମଧ୍ୟ ହେଉଅଛି ।

୯—ରମ୍ଭାଜଙ୍ଘା ( କଦଳୀବର୍ଣ୍ଣୀ ) ହିଙ୍ଗୁଳୀ କପର୍ଦ୍ଦୀ ( କଉଡ଼ି ) କୁଚେ (କୁଚ ଯୁଗଳରେ) ଦେଖାଇଲେ ପରି ଫାଟିକରି ଫାଟି ଯାଇଥିବା କଇଁକର ( ଦାଡ଼ିମର ) ବୀଜ ଦେଖା ଯାଉଛି । ଯହିଁରେ ( ଯେଉଁଠାରେ ) ଶୁଦ୍ଧାନ୍ତ (ଅନ୍ତଃପୁର ) ପ୍ରକାରେ ପ୍ରକାର ( ପ୍ରାଚୀର ) ଆବାପ ( ବୃକ୍ଷମୂଳ ମନ୍ଦା ) ଠାରେ ସମ୍ଭବଇ । ଶେଫାଳିକା ( ଗଙ୍ଗଶିଉଳି ବୃକ୍ଷ ) ଅଳୀ ( ସଖି ) ହୋଇ; ସେ ବର କନ୍ୟା ଦୁହିଁଙ୍କର ସଂଯୋଗ ନିମିତ୍ତ ଯତ୍ନକରି ପରାଗ ( ପୁଷ୍ପଧୂଳି ) ରୂପ କର୍ପୂର ପଟଳ ଦ୍ୱାରା ସୁନେ ( ପ୍ରସ୍ତରେ ) ଶଯ୍ୟାକୁ ( ମଧୁଶଯ୍ୟାକୁ ) ସଜାଉଛି ।

୧୦—ରସିକ ରସିକା ଯେମନ୍ତ ନୂତନେ ବସା ବସି ହୋଇ ଥାନ୍ତି ବନମଧ୍ୟରେ ଥିବା ସରସ (ପୁଷ୍କରିଣୀ) ସେହିପରି ହୋଇଅଛି । ରସିକ ରସିକାଙ୍କର ଚଳ ଦୃଗଞ୍ଚଳ ( ଚଞ୍ଚଳ କଟାକ୍ଷ ) ପରି ଏହାର କମ୍ପିତ ନୀଳୋତ୍ପଳ ଦଳ ହୋଇ-ଅଛି । ତାଙ୍କର ଚକ୍ଷୁକେ ତାଳବା ନେତ୍ରପରି ଏହାରେ ମୀନ ଶୋଭା ପାଉଛି ସେ ଦୁହେଁ କାମ ଶୟଳୀ ( କନ୍ଦର୍ପରେ ସମ୍ଭବରେ ) ଅଚ୍ଛଳ ( ଉଚ୍ଛଳ ) ହୋଇଥାନ୍ତି, ଏ ପୁଷ୍କରିଣୀ କାମପକ୍ଷୀ ଓ ଶୟଳୀ ( ହଂସଗୁଳି ) ପକ୍ଷୀରେ ଅଚ୍ଛଳ ( ଉଦ୍ଭୂତ ) ହୋଇଛି । ଠୂଳ ( ଏକାଠି ) ହୋଇଥିବା ଶୈବାଳ (ଶିଉଳି ) ଚୂଳ ( କେଶ ) ପାଣିକି ଲାଗି ରହିଥିବା ଅଳି ଅବଳୀ ( ଭ୍ରମର ଶ୍ରେଣୀ ) କମ୍ପିତ ଶିରେ ଚଳିତ ବେଣୀପରି ଶୋଭା ପାଉଛି ।

ତରଙ୍ଗ ତର ଭର ଦେଖିଁ ବଢ଼ାଇ ନୀରଜକୋରକ-ଉରଜେ ।
ହଂସଗଳରେ ଘୁଣ୍ଟୁନାଦ ହଂସକ ଶବଦ ପ୍ରକଟ ସହଜେ ।
ସ୍ଫୁରିଲା । ଫେନ ବସନ ଆଡ଼ ଦେଖୁ ।
ଦରବିକାଶ କୋକନଦ-ମୁଖରେ ଗୁଞ୍ଜୁ ଅଳମ୍ବି ଅଶ୍ରୁ ଅଶ୍ରୁ ॥ ୧୧
ଏସନ ବନସରଣୀରେ କୁସୁମଶର-ଶରେ ହୋଇ ଜର୍ଜ୍ଜର ।
ଚତ୍ୱର ତମା ମଧ୍ୟ ଚନ୍ଦ୍ର-ବେଦୀରେ ଚତୁର କରିଛି ଶୟନ ।
ଯେ ପୁରେ । ଜୀବନ ସେ ଛଳରେ ରହି ।
କଳାଧର କଳାକର ସୂକ୍ଷ୍ମ ଅସ୍ତ ଅର୍ଦ୍ଧ ଉଦୟ ପରି ହୋଇ ॥ ୧୨
ନବପଲ୍ଲବେ ଶଏ ସ୍ଥାନ-ଭିକ୍ଷାରେ ପ୍ରସୂନେ ବସି ଯେ ପାଳୁଛେ ।
କିଛି ହୃଦରେ ଅଛି ଶମନ ହୋଇଛି କି ହୋଇବ କଞ୍ଜ ପ୍ରସୂନେ ।
ତା ଦେଖି । କେ କାହ୍ନୁ ଅସୀମ ପ୍ରଭାବେ ।
ସାଧୁଜନୀ ବେଶ ଧରିଣ ହରଷ ଲପନେ କଥା ପରସ୍ପରେ ॥ ୧୩

---

୧୧—ନୀରଜ କୋରକ ( ପଦ୍ମକଳିକା ) ରୂପକ ଉରଜେ ( ସ୍ତନକୁ ) ପ୍ରଚ୍ଛନ୍ନ ତରଙ୍ଗତର ( ଲହରୀ ) ରୂପ ଭରକୁ ବଢ଼ାଇଁ ସେ ରସିକା ହଂସ ଗଳରେ ( ହଂସଗଳଚ୍ଛଳରେ ) ଘୁଣ୍ଟୁ ହଂସନାଦ ରୂପ ( ନୂପୁରଶବ୍ଦ ) ସହଜେ ପ୍ରକଟ ସ୍ଫୁରିଲା, ଦେଖୁ ଦର ବିକାଶ ( ଅଳ୍ପବିକଶିତ ) କୋକନଦ ( ରକ୍ତପଦ୍ମ ) ରୂପ ମୁଖରେ ଗୁଞ୍ଜୁ ଅଳମ୍ବି ଅଶ୍ରୁ ଅଶ୍ରୁ ପ୍ରଚଳାଇ ଫେନରୂପ ବସନକୁ ଆଡ଼ କରଇ ।

୧୨—ଶିଶପୁନି ଏସନ ବନସର ( ବନସ୍ଥିତ ପୁଷ୍କରିଣୀ ) ତଟରେ କୁସୁମଶର (କାମ)ର ଶର ( ବାଣ ) ରେ ଜର୍ଜ୍ଜର ହୋଇ ଚତ୍ୱର ( ଗୁହ ଗୋଷ୍ଠି ) ତମାବୃକ୍ଷ ମଧ୍ୟସ୍ଥ ଚନ୍ଦ୍ର ( ସୁବର୍ଣ୍ଣ ) ବେଦୀରେ ଶୟନ କରିଛି । ଯେ ପୁରେ ( ତମାପୁରେ ) ଜୀବନ (କୋଟିବ୍ରହ୍ମାଣ୍ଡ ସୁନ୍ଦରୀ) ଅଛି ସେ ଛଳେ ( ତମା ବୃକ୍ଷତଳେ ) ଶୁଁ ଦ୍ୱାଦଶୀ ଭଳି ସୂକ୍ଷ୍ମ ଅସ୍ତ ( ଶୁକ୍ଳପକ୍ଷରେ ) କଳାଧର ( କଳାଏ ମାନ ) କଳାକର ( ଚନ୍ଦ୍ର ) ଅର୍ଦ୍ଧ ଉଦୟ ପ୍ରାୟ କ୍ଷୀଣ ହୋଇ ଶଯ୍ୟାରେ ରହିଛି ।

୧୩—ଯେଉଁ ପ୍ରସୂନ ପାଳୁଛେ ବସି ସ୍ଥାନ ଭିକ୍ଷାରେ ( ବରସ ) ହୋଇ ନବ ପଲ୍ଲବରେ ( ନୂଆ ପତ୍ରରେ ) ଶଏ । ଆଉ କେଉଁ ପ୍ରସୂନ, ଶମନ ହୋଇ କି ହୋଇବ ଏହା ଜାଣିବାକୁ ଇଚ୍ଛାକର କିଛି ହୃଦରେ ଅଛି । ତାହାଦେଖି କଏ କାହ୍ନୁ ଅସୀମ ପ୍ରଭାବ ଦେଖି ସାଧୁଜନୀ ( ସାଧ୍ୱୀମାନେ ) ହର୍ଷ ଓ ବିଷାଦ ପୂର୍ଣ୍ଣ ଲପନରେ ( ମୁଖରେ ) ପରସ୍ପର କଥୋପକଥନ କଲେ

କହିଲା ବୃଷିକ୍ଷନବନେନନ୍ଦନୀ-ପାଠପଠିନୀ ସତ୍ୟ ଭଣ ।
ପଣ୍ଡିତା ବୋଲେ କହିବାକୁ ଅକ୍ଷରେ ବାହି ବଖାଣେ ଗୋ ଏକାଦଶ ।
କେଉଁ ଛଳ । ଏ ନଗରେ ତୁମ୍ଭ ନିବାସ ।
ପୁନରୁକ୍ତି ବୁଝି ଅଗାଧ କଦର୍ଥେ ସଦର୍ଥେ ଭଙ୍ଗ ହେବ କିସ । ୧୪
ତଥାପି କହିବା ତୁମ୍ଭେ କେ କହ ସେ କହେ ମୁଁ ପୂର୍ବଦୈତ୍ୟଭଗିନୀ ।
ବୃଷ-ଅଗ୍ରଜ ଅନ୍ତଃପୁର ଅବଳା ବିଭ୍ରମବେଗ-ଶାଳାସିନୀ ।
ଶୁଣି ତା । ଭଣିଲ ଅମ୍ବୁ ବାଳାମଣି ।
ଅଦ୍ଭୁତ କି ଦେଖି ଭୂତପତିକୃତ ଭୂତ କହିଲ ସ୍ତୁତ ଆଣି । ୧୫
ତାବନାର ସବ ଦରେ ତା ଶଦ୍ଦନ ବଳି ବାନ୍ଧି ତନ୍ଦ୍ର ବଦନେ ।
ଦକ ବନ୍ଦିତ ଘନବାର ସୁକେଶୀ ତନୁକୁ ନ ବାନ୍ଧି ସଧନେ ।
ତଦନ୍ତ । ସଦା ବନ୍ଧୁଅଛି ଶରୀରେ ।
ତାହା କହନ୍ତି କି ଗୋଚର ମୁଦାଳ କତର ଶନ୍ତ୍ରାକୁ ତେଜ ଶାସ୍ତ୍ରରେ । ୧୬

---

୧୪—କହିଲା (ଅବଧୂତୀ) ବୃଷିକଳ ଲୁପ୍ତବର୍ଣ୍ଣ ତୁମ୍ଭେ ଓ କାଳକେଶ ନନ୍ଦନୀ ( କୁବେର କନ୍ୟାର ) ପାଠ ପଠନ ( ଶିକ୍ଷୟିତ୍ରୀ ) ସତ୍ୟ ଭଣୁଅଛ । ପଣ୍ଡିତା (ଉପାଧ୍ୟାୟୀ) ବୋଇଲା, ତୁମ୍ଭେ କହିବା ( ଶ୍ରୀ ନରବାହନ ନନ୍ଦନୀ ) ଙ୍କୁ ଅକ୍ଷରେ ( କିଂ ) ବାହି ଏକାଦଶ ଅକ୍ଷର ସେନ ( ଅର୍ଥାତ୍ ନରବାହ ନନ୍ଦନୀର ଅବସ୍ଥ ଶିକ୍ଷୟିତ୍ରୀ ଅଟେଁ । କେଉଁ ଛଳରେ—ଏହି ନଗରେ ତୁମ୍ଭ ନିବାସ ? ପୁନରୁକ୍ତି ( ପୁଣି କହିଲ ) ଅଥବା ବୁଝି ଅଗାଧ କଦର୍ଥେ ( କାହିଁକି ) ? ସଦର୍ଥେ ( ସତ୍ୟ ପାଇଁ ) ଅପିଲୁଁ ତାହା ଭଙ୍ଗ କିସ ହେବ ।

୧୫—ତଥାପି ସେ ଅବଧୂତୀ କହିଲେ ତୁମ୍ଭେ କିଏ କହ । ସେ ପଣ୍ଡିତା କହେ ମୁଁ ପୂର୍ବଦୈତ୍ୟ ( ଅଶ୍ୱିନୀ କୁମାରଙ୍କର ) ଭଗିନୀ, ବୃଷ ଅଗ୍ରଜ ( ଇନ୍ଦ୍ର ) ଙ୍କ ଅନ୍ତଃପୁର ଅବଳା ମାନଙ୍କର ବିଭ୍ରମ ବେଗ ( ଉନ୍ମାଦ ବେଗର ଶାଳାସିନୀ । ତାହା ଶୁଣି ପଣ୍ଡିତ ଭଣିଲେ ଅମ୍ବୁ ବାଳାମଣି ଅଦ୍ଭୁତ ( ଅଦ୍ଭୁତ ) କି ଦେଖି ଭୂତପତି କୃତ ( ଶିବଙ୍କ ସୃଷ୍ଟି ) ଭୂତ ଅନ୍ୟ ପକ୍ଷରେ ଭୂତପତି ଭୂତଭୂତ ( କାମ ) କହିବାପରି କଣ ପଢୁଅଛି ।

୧୬—( ବର୍ଣ୍ଣ ବ୍ୟତ୍ୟୟର )ଦରେ(ଭୟରେ) ତା ଶୟନ ଏଠାରେ ( ନୟନ ଏଠାରେ "ଶ" ସ୍ଥାନେ "ନ" ଦେଲେ ) ବାଡ ସବ ( ନୀର-ଏଠାରେ "ସ" ସ୍ଥାନେ 'ନ' ଦେଲେ ) ବଳି ( ତ୍ୟାଗ ) କରଇ ଏବେ ସେ ତନ୍ଦ୍ର ବଦନେ ( ଚନ୍ଦ୍ର ସ୍ୱଦନେ ଚନ୍ଦ୍ର ଶାଳ ଦୂରେ ଏଠାରେ 'ବ' ସ୍ଥାନେ 'ସ' ଦେଲେ ) ବାନ୍ଧି ସୁକେଶୀ ତନୁକୁ ଘନବାର ଘନସାର-କର୍ପୂର ଏଠାରେ "ବ" ସ୍ଥାନେ "ସ" ଦେଲେ ] ବନ୍ଦିତ ( ଅକ୍ଷତ ଏଠାରେ "ଦ" ସ୍ଥାନେ "ଅ" ଦେଲେ ) ଦକ

ଭରେ ଏ ପଦ ଭୁବନ ସପ୍ରଯୋଗେ ଏ ତାପ ଶାନ୍ତିକା ତାପସୀ ।
ବୁଝି ନପାରେ ଭଣ ସ୍ଥାଏ ଭାସିଲ କଲ୍ପନା ଭାସିଲ ଚତୁର୍ଥୀ ।
ପୁଣି ସେ । ତାହାଙ୍କୁ କିଲ ବୋଲି ପୁଚ୍ଛି ।
ସ୍ନାନ ତାହାଙ୍କୁ ସଂଶ୍ରିତ ସପୂର୍ବନ୍ତୁ ବୋଲନ୍ତେ ବୋଲେ ଭଲେ ଅଛି । ୧୭
କି ଅଛି ଗିରେ ଜଳଲ ଧୀରେ ଯେଣୁ ସୁନ୍ଦର ନବ ସରସୀତ ।
ତା ହୃଦପଦ୍ମ ସଙ୍ଗୀ ପାଣି ଚରଣ ଅଙ୍ଗୁଷ୍ଠ ଶୀତଳକ ହୃତ ।
ଶ୍ରବଣେ । ନୃପଜ ମନ୍ତ୍ରୀକ ଏ କଥା
ବିଦ୍ୟାନନ୍ଦକ ସନ୍ନିଧିକ ଯିବାକୁ ସମ୍ମତ ହେଲେ ଗୁଳ ମଥା । ୧୮

---

( ଭଜଇ ), ସ ଘନେ ( ସପନେ—ସ୍ୱପ୍ନ କଥାକୁ ଏଠାରେ "ଘ" ସ୍ଥାନରେ "ପ" ଦତ୍ତ ) ନ ଦମ୍ଭ ( ନ ମୁଣ୍ଡ ଏଠାରେ "ଦ" ସ୍ଥାନରେ "ମୁ" ଦତ୍ତ ନ ପାରେସାରଇ ) ସଦା ଶଯ୍ୟାରେ ତପତ ( ତାପ ) ରହନ୍ତି, ଏ କି ବାଧ୍ୟ କନକୀ ( ଜନନୀ—ଗାନ ହୋଇଛି ଏଠାରେ "ନ" ସ୍ଥାନରେ "ମ" ଦତ୍ତ ) ଗୋଟର ନୁହଇ, ଏଣୁ ସମସ୍ତେ ବାଧିରେ ଚାନ୍ଦାକୁ କହୁଛନ୍ତି ।

୧୭—ତାପସୀ ( ଅବଧୂତା ) ଏପଦ ଭାବାର୍ଥ—ସ ସ୍ରସ୍ୟୋଗେ ( ସୁଯୋଗ ସମ୍ପନ୍ନ ) ହେଲେ ଏ ତାପ ହରନ୍ତ ଏ ଶାନ୍ତିକି ଲଭିବ । ଚତୁର୍ଥୀ ଭାସିଲ ଯେତେବେଳେ ସ୍ୱପ୍ନୋକ୍ତ କଲ୍ପଣି ସବୁ ବୁଝି ନପାରେ ( ନପା ବୁଝିବାରେ ଭଣାପନ୍ନ ଭାସିଲା, ପୁଣି ସେ ତାହାଙ୍କୁ କିଲ ବୋଲି ପୁଚ୍ଛିଲେ । ଏ ସ୍ନାନ ତାହାଙ୍କୁ (ପ୍ରଶ୍ନକର୍ତ୍ତାଙ୍କୁ) ଉଦ୍ଧାରକ, ସଂଶ୍ରିତ ସପୂର୍ବନ୍ତୁ କର୍ପୂର ଅଣି ଭଲ୍ଲ ବୋଲନ୍ତେ ସେ କହାଉଛ ଭଲେ ଅଛି ।

୧୮—ଏ ଭାବର କି ଅଛି ? ସେ ଧୀରେ ଗିରେ ( ବାକ୍ୟରେ ) ଜଳାଇ—( କହିଲେ ) ଯେଣୁ ସୁନ୍ଦର ନବ ସରସୀ ( ସୁନ୍ଦରୀ ) ତା ହୃଦପଦ୍ମ ( ସମ୍ମିଳିତ ହୃଦୟ ) ପାଣି ଚରଣ ( ପାଣିଗ୍ରହଣ ସହ ) ଓ ଅଙ୍ଗୁଷ୍ଠ ( ଅଙ୍ଗଦେଶାସ୍ତିକ ) ଶୀତଳକ ( କର୍ପୂର ) ହୃତହେବ । ଅନର୍ଥ-ସୁନ୍ଦରୀ ଯେଉଁ ସୁନ୍ଦରଠାରେ ନବ ସଙ୍ଗୀତ ( ନୂତନରସିକ ) ତାହାର ହୃଦପଦ୍ମ ସଙ୍ଗୀ, ତା ପାଣି ଚରଣ ( ଜସ୍ମୂର୍ଣ୍ଣ ) ଏବଂ ଅଙ୍ଗୁଷ୍ଠ ( ଦେହସ୍ଥିତ ) ଶୀତଳକ ( କର୍ପୂର ) ହୃତ ହେବ । ଏ କଥା ଶୁଣି ନୃପଜ ( ରାଜପୁତ୍ର ) ଓ ମନ୍ତ୍ରୀକ ( ମନ୍ତ୍ରୀପୁତ୍ର ) ବିଦ୍ୟାନନ୍ଦକ ସନ୍ନିଧିକ ( ସମୀପକୁ ) ଯିବାକୁ ସମ୍ମତ ( ସମ୍ମତସୂଚକ ) ମଥା ହେଲେ ଗୁଳିଲେ ।

ସେ ଯାଇ ବୋଇଲ୍ଲ କି ଭାଗ୍ୟ ହୋଇବ ସର୍ବଜ୍ଞ ବାଞ୍ଛିତ ଅଗତ ।
ନ ଥିଲା ନାହିଁ ହୋଇବ ବାସବରୂପେ ଦେଖିଲି ଅମ୍ବୁ ନୃପସୁତ ।
ଚନ୍ଦ୍ରରେ । କଳେବର ଜାଣେ ନିର୍ମିତ ।
ଦ୍ୱିତୀୟା ଚତୁର୍ଥୀ ଅଷ୍ଟମୀ ପୂର୍ଣ୍ଣମୀ ଚନ୍ଦ୍ର ଏକାବେଳେ ଉଦିତ । ୧୯
ସେ ଚନ୍ଦ୍ର ମଧ୍ୟେ ଅମଳ ଶୁକ ବନ୍ଧୁ କମଳ ଭାସୁଛି ବଦନ ।
ମହାଅଦ୍ଭୁତ ସ୍ୱପ୍ନ ଏ ବୁଦ୍ଧିମନ୍ତ ସ୍ତମ୍ଭିତ କରୁଅଛି ମନ ।
ଅଶ୍ରୁଏ । ବହୁଛି କୁନ୍ତଳ ମାଳେ ।
ବେଣୀ ଶିଖରୀ ତହିଁ ପରେ ମାଧୁରୀ ନଳ ରଶ୍ମି ପ୍ରାନ୍ତେ କଳେ । ୨୦
ସେ ପୁଣି ସୁବର୍ଣ୍ଣ ଚମ୍ପାମାଳା ଦୋଳା ଗଳାରେ ପକାଇ ଥୋଇଛି ।
ସତ୍ୟରେ ଦ୍ୱାପର କେମେ କଳି କର ଅଭି ଯୁଗ ଯେଣୁ ନୋହୁଛି ।
କାମନା । ପୂର୍ବେ ସେ ମଣ୍ଡପ ମଧ୍ୟରେ ।
ଯୁକ୍ତ ଅପୂର୍ବ ତନୁଖେଦ ଅବସ୍ଥା ମୃତ ପ୍ରାନ୍ତେ ଅଛି ଏଥିରେ ॥ ୨୧

---

୧୯—ସେ ଯାଇ କହିଲେ କି ଭାଗ୍ୟ ହୋଇ ସର୍ବଜ୍ଞ ( କପାଳୀ ) ବାଞ୍ଛିତ ( କଳ୍ପେ ରୂପେ ଜାଣି ) ଅଗତ । ଏପରି ରୂପ ନ ଥିଲା, ନାହିଁ ବା ହୋଇବ । ଅମ୍ବୁ ନୃପସୁତଙ୍କ ବାସବରୂପେ ( ଅଷ୍ଟର୍ପଂରୂପେ ) ଦେଖିଲି । କଳେବର ( ରାଜକୁମାରଙ୍କର ଦେହ ) ଚନ୍ଦ୍ରରେ ଶାସ୍ତ୍ର ନିର୍ମିତ । ତେଣୁ ଏହାଙ୍କ ଦେହରେ ଦ୍ୱିତୀୟା, ଚତୁର୍ଥୀ, ଅଷ୍ଟମୀ, ଓ ପୂର୍ଣ୍ଣିମାଚନ୍ଦ୍ର ଏକାବେଳେ ଉଦିତ ହୋଇଛନ୍ତି । ( ଦ୍ୱିତୀୟାଚନ୍ଦ୍ରପରି ନଖ, ଚତୁର୍ଥୀଚନ୍ଦ୍ରପରି ଗଣ୍ଡ, ଅଷ୍ଟମୀଚନ୍ଦ୍ରପରି ଭାଲ, ପୂର୍ଣ୍ଣିମାଚନ୍ଦ୍ରପରି ମୁଖମଣ୍ଡଳ ) ।

୨୦—ସେହିପରି ଚନ୍ଦ୍ରମଧ୍ୟରେ କମଳ ଅମଳ ଶୁକ ବନ୍ଧୁ (ମଞ୍ଜୁଳ ନସାର) ବଦନ (ଭାସ) କରୁଛି ନେତ୍ର । ଏ ବୁଦ୍ଧିମନ୍ତ ମହାଅଦ୍ଭୁତ ଏହା ଦ୍ୱାରା ତାଙ୍କମନ ସ୍ତମ୍ଭିତ କରୁଛି । ସୁନ୍ଦରୀ ଅଶ୍ରୁଏ ( ଅଶ୍ରୁପରିମିତ ଅତି ସୂକ୍ଷ୍ମ ) ରୋମାଳୀରୂପ କୁନ୍ତଳ ( କେଶ ) ମାଳଟିଏ ବହୁଛି, ତହିଁପରେ, ମଧ୍ୟନାଳ ( ଛୁନ ) ରୂପ ବେଣୀଶିଖରୀ (ପର୍ବତ) ବହୁଳପରି କଲେ ( ଶୋଭା ପାଉଛି ) ।

୨୧—ସେ ସୁନ୍ଦରୀ ପୁଣି ସୁବର୍ଣ୍ଣ ଚମ୍ପାମାଳାକୁ ଦୋଳି ତାଙ୍କୁ ଏ ରାଜସୁତ ଗଳାରେ ପକାଇ ଥୋଇଛି, ସତ୍ୟରେ ( ସତ୍ୟ କଥାରେ ) ଦ୍ୱାପର ( ସନ୍ଦେହ ) କେମେ କଳି କର ଯେଣୁ ଅଭି ଯୁଗ ( ମିଳନ ) ନୋହୁଛି ତେଣୁ ପୂର୍ବେ ମଣ୍ଡପ ମଧ୍ୟରେ ସେ ସୁନ୍ଦରୀକୁ ଦେଖିଲେ ତାକୁ ପାଇବା କାମନା ପ୍ରବଳ ହେଉଛି; ଅ-ପୂର୍ବତନୁ ( ଅତନୁ-କାମ ) ଖେଦ ( ସନ୍ତାପ ) ଯୁକ୍ତ ହୋଇଛି, ବୋଧହୁଏ ଏଥିରେ ମୃତପ୍ରାନ୍ତେ ଅବସ୍ଥା ( ମୃତ ଅବସ୍ଥା ) ଅଛି ।

ମନ୍ଦ ରକ୍ତ ଫୁଲ ହାର ନେତ୍ରେ ଥୋଇ ସେ ବଧୂ ଚାହାନ୍ତି ସର୍ବଙ୍କୁ ।
ଏଥିଁ କି ହୋଇବ ଏ ପ୍ରଶ୍ନ କହିବ ପୁଂସଙ୍କୁ ଭାବେ ଈର୍ଷ୍ୟଦେବଙ୍କୁ ।
ଈର୍ଷ୍ୟକୁ । ଶୁଣି ସର୍ବଜ୍ଞ କହେ ଜବ ।
ପୃଚ୍ଛା କଲ ଯା ହୋଇଛି ଦର୍ବ ରସ ଏ ଭାବ ଏକନାମ ହେବ । ୨୨
ଭେଦେ ବିଶ୍ୱକର୍ମା ନିର୍ମାଣେ ମୋହନପ୍ରତିମା ସେ ବଶ ହେବାର ।
ଗୁପ୍ତମନ୍ତ୍ରର ଅନୁଷ୍ଠାନେ ଅଛି ଦେବା ଜପ କଲୁ କୁମାର ।
ଫଳଦ । ଏମନ୍ତ ପ୍ରକାରେ ହୋଇବ ।
ବଦନବା ମାର ଭେଦିବ ଧନୁ ଶର ଏ ତା ବକ୍ଷସ୍ଥଳ ଲଭିବ । ୨୩
ଦ୍ୱିଜ ଶୁଣି ଅବଧାନ କର ହୋଇଲ ଆଉ ବାମା କର ଧରିଲ ।
କଳ୍ପିଣୀ ଧରି ଅକ୍ଷିଣୀଧର୍ମାଠାରୁ ଅଣ ପିବା ଶୁଭ ବୋଇଲ ।
ଈଶ୍ୱର । ପ୍ରାପତ କାନ୍ତଙ୍କୁ ମନ୍ତ୍ରରେ
ଅଟନ୍ତୁ ଲକ୍ଷଣାଙ୍କ ଜନ ପିନା ବେଶଲକ୍ଷଣା ଦେଲ ସୁମନାରେ । ୨୪

---

୨୨—ମନ୍ଦ ( ଅଳ୍ପ ) ରକ୍ତ ( ଲାଲଅଳ୍ପ ) ଏ ଫୁଲକୁ ହାର କରି ନେତ୍ରରେ ଥୋଇ ସେ ବଧୂ ସର୍ବଙ୍କୁ ( ସମସ୍ତଙ୍କୁ ) ଚାହାନ୍ତି, ଏଥିଁ କି ହୋଇବ ଏ ପ୍ରଶ୍ନ କହି ପୁରୁଷଙ୍କୁ ଈର୍ଷ୍ୟଦେବଙ୍କୁ ଭାବନ୍ତି, ( ଅର୍ଥାତ୍ ଏଥିରୁ କଣ ମିଳିବ ଏ ପ୍ରଶ୍ନ କରି ପୁରୁଷଙ୍କୁ ଈର୍ଷ୍ୟଦେବଙ୍କୁ ଚିନ୍ତା କଲେ ) ଏ କଥା ସର୍ବଜ୍ଞ ଈର୍ଷ୍ୟନ୍ତୁ ଶୁଣି ଜବ ( ବେଗରେ ) କହନ୍ତି । ତୁମ୍ଭେ ଯାହା ପୃଚ୍ଛାକଲ ( ପଚାରିଲ ) ଦର୍ବ ରସ ( ଜଳ୍ପନରସ ) ହୋଇଛି ( ଅର୍ଥାତ୍ ଭାବସୁଦ୍ଧି ହୋଇଛି ) ଏ ଭାବ ( ଭଉଣୀ—ଭକ୍ତି ଭାବ ) ଏକନାମ ( ଭକ୍ତି-ଭାବ ) ହେବ ।

୨୩—ବିଶ୍ୱକର୍ମା ଭେଦେ ରୂପ ନିର୍ମାଣ କରି ଏ ମୋହନ ପ୍ରତିମା ନିର୍ମାଣ କରି ଅଛନ୍ତି, ସେ ମୋହନପ୍ରତିମା ବଶହେବାର ଗୁପ୍ତମନ୍ତ୍ର ଅନୁଷ୍ଠାନରେ ଅଛି, ଦେବା, କୁମାର ତାଙ୍କୁ ଜପକଲେ, ଏମନ୍ତ ପ୍ରକାରେ ଫଳଦ ହୋଇବ ଯେ ମାର ( କାମ ) ବଦନ କରିଥିବା ଧନୁଶରକୁ ଭେଦିବ ଏ କୁମର ତା ବକ୍ଷସ୍ଥଳ ( କାମସ୍ତ୍ରୀ-ରତିଙ୍କୁ ) ଲଭିବ ।

୨୪—ଦ୍ୱିଜ ( ବ୍ରାହ୍ମଣ ସ୍ୱପ୍ନଦ୍ରଷ୍ଟା ) ଏହା ଶୁଣି ଅବଧାନ କରି ଏହା ବୋଇଁ ଆଉ ବାମା ( ଜନ୍ମାଧାରୀ ) କର ଧରିଲ, କଳ୍ପିଣୀ ଧରି ( ସଂସ୍କାରକରି ) ଅକ୍ଷିଣୀଧର୍ମା ଠାରୁ ( ସୁନ୍ଦରୀ ନାୟିକାଙ୍କୁ ) ଅଣପିବା ଶୁଭ ଏହା କହିବାରୁ ସେ ( ସର୍ବଜ୍ଞ ଅବଧୂତ ) ଈଶ୍ୱର କଲ, କାନ୍ତଙ୍କୁ ( କୁମାରଙ୍କୁ ) ମନ୍ତ୍ରରେ ( କୋଟିଏ ମନ୍ତ୍ର ) ପ୍ରାପତ ( ମିଳିଛି ), ଅଟନ୍ତୁ ଏକ ଲକ୍ଷଣାଙ୍କ ଜନ ( ଅର୍ଥାତ୍ ସ୍ତ୍ରୀ ଲୋକ ) ପିନା ବେଶଲକ୍ଷଣା ( ସ୍ତ୍ରୀ ପୁଂସଲକ୍ଷଣା ଯୋଗ୍ୟ ) ସୁମନାରେ ( ପୁଷ୍ପମଧ୍ୟରେ ) ପୁରୁଷ ମଙ୍ଗଳରୂପ ଟୀକାଇ ଦେଲନ୍ତି ।

ଭଲ୍ଲ ଦେଖ ପ୍ରମାଣ ମାଣବକ-ମୃଗନେତ୍ରାର ହେଲା ମାଣବକ ।
ତୂର୍ଣ୍ଣେ ଭାବେ ସେ ପୂର୍ଣ୍ଣେ ମାଳା ପାଇବ ନିଶ୍ଚେ ଭର ଏହା ଭାବେଭ ।
ଢେଢେବଟି । ଧବଳପକ୍ଷ ପଥ ପାଇ ।
ସକଳରୂପେ କଦାହେଲେ ଇନ୍ଦୁକି ଷୋଳ କଳା ପୂର୍ଣ୍ଣ ନୋହି । ୨୫
ନାଗସୁ ଭୁଜ ଧର ସେତୁଁ କୁମାର ଯୋଗଲ୍ସୁଭ୍ର ଧରିଥିଲା
ଗଜସ୍ତ୍ରୁ କଥା-ରସ ବର୍ଣ୍ଣ-ବଦନେ ଅଶନକୁ ଉଠି ବସିଲା ।
ବ୍ରହ୍ମାସ୍ତ୍ର । ଶାମିତ ଜାମ୍ବବନ୍ତ ତଳ ।
ଚନ୍ଦ୍ରାର୍ଥୀ ମର୍କଟ ଏ କଥା ଔଷଧି ଗନ୍ଧପବନ ବଳେ ଭଲ । ୨୬
ଏକାଳେ ମିତ୍ରମେଳେ ମିଳେ ସେ ବେଳା ଅଧରକୁ ଚାହିଁ ବସିଲେ ।
ମୋଦପ୍ରଦ ମୁଦ ଦେବାରେ ସିଦ୍ଧିରେ ଛାପିଲେ ଏମନ୍ତ ଯୋଗିଲେ ।
ଶାକଟେ । ଈଶ୍ୱରସମ୍ପତ୍ତି ପାଇବ ।
ସୁରତ-ଅର୍ଦ୍ଧାଙ୍ଗ ଧରବାସ ବାମକାନ୍ତ ହୋଇ ଭାଳ ପାଇବ । ୨୭

---

୨୫—ମାଣବକ ମୃଗନେତ୍ରାର ( ଶିଶୁ ମୃଗନୟନାର ) ଗାଲବା ଦେଖ ପ୍ରମାଣଲ, ମାଣବକ ( ଅର୍ଦ୍ଧମଳ ) ମାଣବକ ( ଅର୍ଦ୍ଧମାଳପର ) ହେଲା । ତହିଁ ସେ ତୂର୍ଣ୍ଣ ( ଶୀଘ୍ର ) ଭାବିଲେ-ଯେବେ ଅର୍ଦ୍ଧମାଳ ପାଉଛି ତେବେ ନିଶ୍ଚୟ ପୂର୍ଣ୍ଣ ମାଳ ପାଇବ ଏହା ଭାବେଭ ଭର । ଧବଳପକ୍ଷ ( ଶୁକ୍ଳପକ୍ଷ ) ପଥ (ସନ୍ଧ୍ୟା) ପାଇ ସକଳରୂପେ ( ଷୋଡ଼ଶ କଳା ସମ୍ପନ୍ନରେ ) ଇନ୍ଦୁ କଦାପି ହେଲେ ମଣ୍ଡଳ କଳା ପୂର୍ଣ୍ଣ ନୁହଇ କି ? ଅର୍ଥାତ୍ ଅପୂର୍ଣ୍ଣ ଚନ୍ଦ୍ର ପୂର୍ଣ୍ଣ ହୁଏ ।

୨୬—ନାଗସୁ ଭୁଜ ଭର ଧର ସେତୁଁ ( ଶିବ ସେବାରୁ ) କୁମାର ଯୋଗଲ୍ସୁଭ୍ର ଧରିଥିଲା, ଗଜସ୍ତ୍ରୁ ( ଗଜପୂର୍ଣ୍ଣାର ) କଥାରସ ବର୍ଣ୍ଣରୂପ ବଦନରେ ଅଶନକୁ ( ଭୋଜନ କରିବାକୁ ) ବ୍ରହ୍ମାସ୍ତ୍ର ଶମିତ ଲକ୍ଷ୍ମଣ ପରି ଉଠି ବସିଲା । ମର୍କଟ ( ମର୍କଟନ ) ଜାମ୍ବବନ୍ତ ପରି ଚନ୍ଦ୍ରାର୍ଥୀ ହୋଇଥିଲା, ଲକ୍ଷ୍ମଣ ଗନ୍ଧପବନ ବଳରେ ଉଠିଲା ପରି ଏ କୁମାର କଥା ଔଷଧିବଳରେ ଉଠିଲେ ।

୨୭—ଏ ସମୟରେ ମିତ୍ରମାନଙ୍କ ସଙ୍ଗ ମିଳିଲେ ସେ ବେଳା ( ଚତୁର୍ଦ୍ଦଶୀ ଓ ଜ୍ୟୋତ୍ସ୍ନା ) ଅଧରକୁ ଚାହିଁ ବସିଲେ । ମୋଦପ୍ରଦ ( ଆନନ୍ଦ ଦାୟକ ) ମୁଦ (ଗଣ୍ଠି) ଦେବାରେ ସିଦ୍ଧିହେବ ବୋଲି ଛାପିଲେ ଏବଂ ଏମନ୍ତ ଯୋଗିଲେ ଯେ ଶାକଟେରେ ତୁମ୍ଭେ ଈଶ୍ୱର ସମ୍ପତ୍ତି ପାଇବ । ସେ ଯୋଗର ସୁରତ ଅର୍ଦ୍ଧାଙ୍ଗ ଧର ଦାସ ( ଭଲଙ୍ଗ ) ଓ ବାମକାନ୍ତ ( ବାମକାନ୍ତି ) ହୋଇ ଭାଳ ପାଇଲେ ତୁମ୍ଭେ ସେହିପରି ହୋଇ ଭାଳ ପାଇବ ।

ହୋଇ କୃତ କୃତ୍ୟ ଭର ତୋରଣକିତ କର ନୃପସୁତ ସେନନ୍ତ୍ରେ ।
ପବମାନ ପଥ ଖଦ୍ୟାଙ୍କୁ ଅତଶ ଗମନ କଲେ ସେ ଭୁବନେ ।
ପ୍ରବେଶ । ମାଳମାନଗରୀ ନାଗରୀ—
ଉଦ୍ଦରେ ଉହ୍ନାଲେ ପଦ୍ମପୂର୍ବ କର ଭଦନ୍ତ ଦେବାର ଗୁରୁଣୀ ॥ ୨୮
କୁମାରବର ନାମ ସାର୍ଥ ତାଠାରେ ଏ ପଦକୁ ଅଛି ଆତଶ ।
ବର୍ଣ୍ଣେକ ପଲଙ୍କ ଦ୍ଵିବର୍ଣ୍ଣ ଅତନୁ ଜନମାଇ ଧବା ଶର୍ବରୀ ।
ପ୍ରାନ୍ତର । କୁଳବର୍ଣ୍ଣ କେହୁ ସଞ୍ଚର ।
କୋଟିବ୍ରହ୍ମାଣ୍ଡସୁନ୍ଦରୀର ହୋଇବ ନିରନ୍ତର ଏହୁ ବଗୁର ॥ ୨୯
କୁରଙ୍ଗରେ କର ସୁଧାଂଶୁ ଏ ବେନି ନାମ ଯୁକ୍ତ ନାମ ସୁମର ।
ନରେନ୍ଦ୍ର ଉପେନ୍ଦ୍ର ଭଞ୍ଜ କବି ଗାୟକର ପଦର ସେ ମାଧୁରୀ ।
ଏ ଛାନ୍ଦ । ଧ୍ୱନି କାକୁ-ବକ୍ର ରୂପକ ।
ଶ୍ଳେଷ ଲୁପ୍ତବର୍ଣ୍ଣ ବ୍ୟୁତଦାଷ୍ଟସର ଅନ୍ତର୍ଲିପିକା ଆଦି ତର୍କ ॥ ୩୦

———

୨୮—ନୃପ ସୁତ କୃତ କୃତ୍ୟ ହୋଇ ଭର ତୋରଣକିତ (ଅଞ୍ଚଳ) ଭର ଥଇଲୁ ସେନନ୍ତ୍ରେ ସେ ଭୁତଙ୍କ୍ଷି ଖଦ୍ୟାଙ୍କୁ ଅତର ପବମାନ (ପବନ) ପଥ ଭୁବନେ ଗମନ କଲେ ଏବଂ ମାଳମାନଗରୀରେ ପ୍ରବେଶ କରି ନାଗରୀଉଦ୍ଦରେ ଭଦନ୍ତ (ବାର୍ତ୍ତା) ଦେବାର ଗୁରୁଣୀ ପଦ୍ମ ପୂର୍ବକ କହିଲେ ।

୨୯—ତାଠାରେ କୁମାରବର ଏହି ନାମ ସାର୍ଥକ ହୋଇଛି । ଏଣୁ ଏ ପଦକୁ ଅତରଣ୍ଡ (ଅନ୍ତର୍ଲିପି) କୁ-ମାର-ବର ବର୍ଣ୍ଣେକ (ଏକବର୍ଣ୍ଣ କୁ-ପୃଥ୍ୱୀ) କୁ ପଲଙ୍କ କରନ୍ତୁ (ଉଲେ ଶୋଇଛନ୍ତି) ଧବା ଶର୍ବରୀରେ (ଧନ ରାତ୍ରି) ଦ୍ଵିବର୍ଣ୍ଣ (ମାର) ଅତନୁ (କାମ) ଜନ୍ମାଉଛନ୍ତି, କେହୁ (କାପଡ଼) ପ୍ରାନ୍ତର କୁଳବର୍ଣ୍ଣ (ଦଶମବର୍ଣ୍ଣ ଧୃଷ୍ଟ ବର) କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ହୋଇବା ନିରନ୍ତର ଏହି ବଗୁର କରୁଛି ।

୩୦—କୁରଙ୍ଗରେ ସୁଧାଂଶୁ ଏ ବେନି ନାମ (କୁରଙ୍ଗ—ଶାମ, ସୁଧାଂଶୁ—ଚନ୍ଦ୍ର) ଯୁକ୍ତ କର (ଶ୍ୟାମଚନ୍ଦ୍ର) ନାମ ସୁମର କବି ଗାୟକର ଉପେନ୍ଦ୍ରଭଞ୍ଜ ପଦର ମାଧୁରୀ କହିବ । ଏ ଛାନ୍ଦରେ ଧ୍ୱନି, କାକୁକ୍ତି ରୂପକ ଓ ଶ୍ଳେଷ, ଅଳଙ୍କାର ଓ ଲୁପ୍ତବର୍ଣ୍ଣ ବ୍ୟୁତଦାଷ୍ଟସର, ଅନ୍ତର୍ଲିପିକା ପ୍ରଭୃତିର ତର୍କ (ବିଚାର) ହୋଇଅଛି ।

# ଚତୁର୍ତ୍ରିଂଶ ଛାନ୍ଦ

## ରାଗ—ଚିନ୍ତାଭୈରବ

ଦେନ ଉପାଧ୍ୟୀ ନାଶ୍ୟ ଭୂଷଣ । ଭଙ୍ଗ ହେବାକୁ ଅନ୍ତର୍ହିତ ।
ମନ୍ତ୍ରର ଲକ୍ଷଣେ କି ପ୍ରେମପତ୍ର ଦେଲେ ବାକ୍ୟରେ ଅନ୍ତର-
ଗତ ସେ ସୁନ୍ଦର ॥ ୧

ହେଲା ସେ ପଦ ସୁଖସାଗର । ମଜ୍ଜିବାକୁ ନେତ୍ର ତତ୍ପର ।
ଶୋଭିବାକୁ ସ୍ନେହ ବାଣୀ ରତ୍ନମଣି ମନ ଉଦ୍ୟମ କଲା ପ୍ରଚୁର ସେ ॥ ୨
ସାର ରସିକ ଚନ୍ଦ୍ର ତା ଭାଷ । ମୁଦ-କୁମୁଦ କଲା ବିସ୍ତାର ।
ସନ୍ଦେହ-ତମକୁ ଦୂର କରି ଦେଇ ପ୍ରସନ୍ନତା ହାସ୍ୟ ମନୋହର ସେ ॥ ୩
ବର୍ଣ୍ଣଭିନ୍ନ ହାରଦ୍ର କାଗଜ । ବର୍ଣ୍ଣ ମଞ୍ଜିଷ୍ଠାରଙ୍ଗେ ଲକ୍ଷିତ ।
ଅନୁରାଗସାର ପଦ୍ମରାଗହାର ବୃନ୍ଦ ସୁବର୍ଣ୍ଣଭୂମିରେ ଜାତ ସେ ॥ ୪
ଫଳ୍ଗୁ ଅବକାଶରଙ୍କୁ ବନ୍ଧ । ପଦ ଭଙ୍ଗୀମତ୍ରେ ଫଳି ଶୋଭ ।
ହୃଦ୍ରେ ଶଣ କି ସମ୍ମୋହନଶର ଫଳ ପଙ୍କଜେ ଶମ୍ଭୀଣ ସେହ୍ନ ସେ ॥ ୫

---

୧—ଦେନ ଉପାଧ୍ୟୀନାଶ୍ୟ ( ଉପାଧ୍ୟୀ ଓ ଅବଧୂତ ) ଭଙ୍ଗ ହୋଇବେ ଅନ୍ତର୍ହିତ ହେବାକୁ ସେ ସୁନ୍ଦର ରାଜପୁତ୍ର ମନ୍ତ୍ର ଲକ୍ଷଣେ ( ଛଳରେ ) ପ୍ରେମପତ୍ର ଦେଲେ ବୋଲି ଅନ୍ତର୍ଗତରେ ବାକ୍ୟର କହେ ।

୨—ସେ ପଦ ସୁଖ ସାଗର ହେଲା ଯହିଁରେ ନେତ୍ର ମଜ୍ଜିବାକୁ ( ବୁଡ଼ିବାକୁ ) ତତ୍ପର ହେଲା, ମନ ସ୍ନେହ ବାଣୀ ରୂପକ ରତ୍ନମଣି ( ଶ୍ରେଷ୍ଠ ) ଶୋଭିବାକୁ ଉଦ୍ୟମ ପ୍ରଚୁର କଲା ।

୩—ସାର ( ଶ୍ରେଷ୍ଠ ) ରସିକ ଚନ୍ଦ୍ରହେଲେ, ତାହାଙ୍କର ଭାଷ ରୂପ କର ( କିରଣ ) ମୁଦ ( ଆନନ୍ଦରୂପକ ) କୁମୁଦ ( କଇଁ ) କୁ ବିସ୍ତାର କଲା ( ଫିଟାଇଲା, ଫୁଟାଇଲା ) ସନ୍ଦେହରୂପ ତମ ( ଅନ୍ଧକାରକୁ ) ଦୂର କରି ଦେଇ ହାସ୍ୟରେ ମନୋହର ପ୍ରସନ୍ନତା ( ନିର୍ମଳାଲୋକ ) ଉପୁଜିଲା ।

୪—ନିଜ ଦେହ ବର୍ଣ୍ଣଭିନ୍ନକୁ ହାରଦ୍ର ( କଳଦିଆ ) କାଗଜରେ ମଞ୍ଜିଷ୍ଠାରଙ୍ଗରେ ଲକ୍ଷିତ ଅନୁରାଗ ସାର ( ସ୍ନେହ ପ୍ରକାଶ କରିବାରେ ପ୍ରଧାନ ) ବର୍ଣ୍ଣମାନ ସୁବର୍ଣ୍ଣଭୂମିରେ ଜାତ ପଦ୍ମରାଗ ହାର ( ପଦ୍ମରାଗ ମଣିଯୁକ୍ତ ) ପରି ବୃନ୍ଦ ( ମନୋହର ) ଦିଶୁଛି ।

ଶୁଣି ଏ ଭାବନାମାନ କଲା । ଅଙ୍ଗ ପୁଲକ ସଙ୍ଗ ହୋଇଲା ।
ଦର୍ବହାସିନୀ ସଦର୍ପ-ଭାଷା ଉପଗର୍ବ ପଠନକୁ ଆରମ୍ଭିଲା ସେ ॥ ୬
ବାଳେ ସୁବାବୃନ୍ଦପୁରନ୍ଦର । ଶୀଘ୍ର ପ୍ରାପତକୁ ସୁରେଶ୍ୱର ।
ନେବତ ମୋ ପଦା ନ ପୁଣି ସମ୍ପଦା ହରିବ ଏ ଦିନେ ପୁଲକ ହୁଏ ସେ ॥ ୭
ଚନ୍ଦ୍ର ନାଗର ଗଣେ ଅପଣା । ପ୍ରତିବିମ୍ବ-ଧାରଣ ଦର୍ପଣା ।
ଯୋଗ୍ୟ ନୋହୁ ପୂର୍ଣ୍ଣଚନ୍ଦ୍ରମା କଳଙ୍କୀ ଭବ ଅମାର୍ଜନ ବସ୍ତୁଁ ଜାଣ ହେ ॥ ୮
ବାଳେ ତନୁଶୋଭା ଅତିଶୟ । ତନୁ ଶୋଭା କନ୍ଦର୍ପ କଦନ୍ୟ ।
ଗଉର ଶ୍ୟାମ କାନ୍ତିକି ଅନୁମାନ ତୁମ୍ଭେ ଦେଖ ସେ ସ୍ଥିର ନିଶ୍ଚୟ ହେ ॥ ୯
ହୋଇ ନୃପଜ ସଂସାର ସାର । ଜାତ କାରଣ ପ୍ରେମସୁଧାର ।
ଉପମା-ଉଦଧି ମନ୍ଥନ ମନ୍ଦର ବା ପୁଣ୍ୟଜନ ଦେବଙ୍କର ହେ ॥ ୧୦

---

୫—ଫଳ୍ଗୁ ( ଧାନ୍ତ୍ର ) ଅବନି ( ସକଳ ) ଭୂବନକୁ ବହୁଛି, ତହିଁ ବଣ୍ଟାମାତ୍ରେ ( ଶେଷରେ ) ଫୁଲ ( କେତକୀଫୁଲ ବିଶେଷ ) ଶୋଭି ପାଉଛି, ରଙ୍ଗବର୍ଣ୍ଣ ଅସରଧାଙ୍କ ଭ୍ରମର ସମୋହନ ରେ ଭୃଙ୍ଗ କରେ ନିବିଡ ଏବଂ ସେହୁ ଶେଷର ଫଳ ପଙ୍କଜେ ( ପଦ୍ମରେ ) ମିଶ୍ରିତ ହୋଇଛି କି ?

୬—ସେ ସୁନ୍ଦର ରାଜପୁତ୍ର ପଣକୁ ଶୁଣି ଏ ଭାବନା ମାନ କଲା, ତାହାର ଅଙ୍ଗ ପୁଲକ ସଙ୍ଗ (ରୋମାଞ୍ଚଯୁକ୍ତ ) ହେଲା । ସେ ଦର୍ବହାସିନୀ ( କାଣହାସିନୀର ସଦର୍ପ ( ଦ୍ରବଗର୍ବ ) ଉପଗର୍ବ ଭାଷା ପଠନକୁ ଆରମ୍ଭିଲା ।

୭—ହେ ବାଳେ ! ତୁମ୍ଭେ ସୁବାବୃନ୍ଦରେ ପୁରନ୍ଦର ( ଇନ୍ଦ୍ର ) ଶୀଘ୍ର ପ୍ରାପ୍ତ ହେବାକୁ, ସୁରେଶ୍ୱର ( ଇନ୍ଦ୍ର ) ମୋ ପଦାନ୍ତ ନେବ, ପୁଣି ମୋ ସମ୍ପଦ ହରଣ ନ କରେ ଏ ଦିନେ ( ବସ୍ତରେ ) ନେଣବୁ ପଲକ ହୁଏ କରୁଛି ( ଦେବତା ମାନଙ୍କର ପଲକ ପଡେ଼ ନାହିଁ )

୮—ଅପଣା ନାଗର ଗଣରେ ଚନ୍ଦ୍ର ହେବାକୁ ପୂର୍ଣ୍ଣଚନ୍ଦ୍ର ଦର୍ପଣଯୋଗ୍ୟ ( ଅରଶି ପରି ) ପ୍ରତିବିମ୍ବ ଧାରଣଯୋଗ୍ୟ ନୋହୁ ଅମାର୍ଜନା ବଶରୁ ଭବ କଳଙ୍କୀ ( କଳଙ୍କଯୁକ୍ତ ) ହେଲା ।

୯—ହେ ବାଳେ ! ତୁମ୍ଭର ତନୁ ( ଦେହ ) ଶୋଭା ଅତିଶୟ ଅଟେ, କନ୍ଦର୍ପ ପାଖରେ ଶୋଭା ତନୁ ( ଅଙ୍ଗ ) କଦନ୍ୟ ହୋଇଛି । ତୁମର ଗୌର କାନ୍ତି କନ୍ଦର୍ପର ଶ୍ୟାମ କାନ୍ତିକି ଅନୁମାନ ଯେ ତୁମ୍ଭ ଦେଖ ସେ ସ୍ଥିର ଏହା ନିଶ୍ଚୟ ।

୧୦—ଆପଣ ନୃପଜ ସଂସାର ସାର ( ରାଜପୁତ୍ର ସୃଷ୍ଟିରେ ଶ୍ରେଷ୍ଠ ) ହୋଇ ଉପମା ରୂପ ଉଦଧି ( ସମୁଦ୍ର ) କୁ ମନ୍ଥନ କରିବାରେ ମନ୍ଦର ପର୍ବତ ସଦୃଶ ଓ ପ୍ରେମରୂପ ସୁଧା ( ଅମୃତ ) ର ଜାତ କାରଣ ହୋଇଛ, ଏଣୁ ପୁଣ୍ୟଜନ (ରାକ୍ଷସ) ଓ ଦେବତା ମାନଙ୍କର ବନ୍ଦ୍ୟ (ପୂଜ୍ୟ) ଅଟ ।

ମହାମହ ପଣ୍ଡିତ ଏମନ୍ତେ । ଲକ୍ଷିମାହି ଚଉଶଣ ଦେମନ୍ତେ ।
ଖଣ୍ଡିତ ହୋଇ ମଣ୍ଡିତ ଗଜମୁଣ୍ଡ ମୁହିଁ ଏହି ସ୍ତବ ତାଙ୍କ ମତେ ହେ ॥ ୧୧

ବୀରଶ୍ରେଷ୍ଠ ମହାବଳବାନ । ଅଥ ବାଗୁରେ ଅଧୋଭୁବନ ।
ସ୍ଥାନ କରି ଦେଲେ ବଳୀକି ବାମନ ସଦା ଲୁଚି ସେ ନେଉଛି ଧନ ହେ ॥ ୧୨

ଭାନୁ ଲଙ୍ଘିବା କି ନ ଲଙ୍ଘିବା । ତେଜ ସମେ କାହାକୁ ଚାହିଁବା ।
ଉଦୟ ଅସ୍ତ ଅଛି, ଦର୍ଶନେ ମୋହୁଛି ଯେଣୁ ପଦ୍ମିଣୀ ଅନୁସରବା ହେ ॥ ୧୩

ଦାତାଗୁଣି ମାଳତୀ ବିକାଶ । ସଉରଭ ଦିଗନ୍ତେ ପ୍ରକାଶ ।
ମାର୍ଗଣି ଭ୍ରମରଗଣେ ଅନୁଗତେ ଦାନ ମଧୁରେ ଲଭନ୍ତି ତୋଷ ହେ ॥ ୧୪

କାଞ୍ଚୀ-ସ୍ୱାତିଜଳ-ପତନରେ । ମୁକ୍ତା କରୁଛ ଶ୍ରୁତି ଶୁକ୍ତିରେ ।
ବାଣୀ ଯେ ତୁମ୍ଭ ବାଣିଜ୍ୟ ବ୍ୟବହରେ ଅନେକ ନ ବସେ କଦାଚିତରେ ହେ ॥ ୧୫

---

୧୧—ଚଉଶଣ ଏମନ୍ତ [ ଅପଣ୍ଡିତଙ୍କ ) ମହାମହା ପଣ୍ଡିତ ହୋଇ ହେମନ୍ତେ ଲକ୍ଷିମାନ୍ତି, ଚଉଶଣ ଏହାଙ୍କ ସମ୍ମୁଖ ପଣରେ ସେମାନ କୋହୁବାରୁ ଖଣ୍ଡିତ ହୋଇ ଗଜମୁଣ୍ଡରେ ମଣ୍ଡିତ ହୋଇଛନ୍ତି, ତାଙ୍କ ପକ୍ଷରେ ମୁଁ ଏହିକଥା ଭାବୁଛି ।

୧୨—ବୀରଶ୍ରେଷ୍ଠ ମହାବଳବାନ ବଳୀ ତୁମ୍ଭଠାରୁ ଅଥ ( ନିକୃଷ୍ଟ ) ହେବା ବାଗୁରରେ ବାମନ ବଳୀକି ଅଧୋଭୁବନ ( ପାତାଳରେ ) ସ୍ଥାନ କରି ଦେଲେ, ସେ ସେଠାରେ ଲୁଚିକରି ଧନ ନେଉଛନ୍ତି ।

୧୩—ତେଜ ସମେ ଭାନୁ ( ସୂର୍ଯ୍ୟ ) କୁ ଲଙ୍ଘିବା, କି ନ ଲଙ୍ଘିବା ଆଉ କାହାକୁ ଚାହିଁବା ସୂର୍ଯ୍ୟଙ୍କର ଉଦୟ ଅସ୍ତ ଅଛି, କିନ୍ତୁ ତୁମ୍ଭର ନାହିଁ । ସେ ସୂର୍ଯ୍ୟ ଦର୍ଶନେ ( ଦର୍ଶନ ଦେଇ ) ପଦ୍ମିନୀକି ମୋହୁଛି ଏ ଯେଣୁ ଅମ୍ଭ ପରି ପଦ୍ମିନୀର ତୁମ୍ଭଙ୍କୁ ଅନୁସରବା ହୋଇଛି ।

୧୪—ମାଳତୀ ବିକାଶରେ ସୌରଭ ( ସୁଗନ୍ଧ ) ଦିଗନ୍ତରେ ପ୍ରକାଶ ପାଇଲା ପରି ତୁମର ଦାତା ଗୁଣ ଦିଗନ୍ତରେ ପ୍ରକାଶ ପାଉଛି । ଭ୍ରମରଗଣ ମାଳତୀ ପୁଷ୍ପର ମଧୁରେ ତୋଷଲାଭ କଲାପରି ମାର୍ଗଣ (ଯାଚକ) ଗଣ ଅନୁଗତହୋଇ ଦାନରେ ସନ୍ତୋଷ ଲଭୁଛନ୍ତି ।

୧୫—ସ୍ୱାତୀ ଜଳ ପତନରେ ଶୁକ୍ତିରେ ( ଶାମୁକାରେ ) ମୁକ୍ତା କରୁଛ ଏ ବାଣୀ ଶ୍ରୁତି (ବେଦରେ) ଅଛି । ତୁମ୍ଭ କାଞ୍ଚୀରୂପ ସ୍ୱାତୀଜଳ ପତନରେ ଅମ୍ଭ ପକ୍ଷୀ ମୁକ୍ତା ( ମୋକ୍ଷପ୍ରାପ୍ତ ) ହେବା ନିମିତ୍ତ ତୁମ୍ଭ କାଞ୍ଚୀ ବାଣିଜ୍ୟ ବ୍ୟବହାରେ ଅନେକ କଦାଚିତ ନ ବସଇ ।

ଘେନ ମୋହନ ପାଶରେ ଯାଇ । କେତେ ମନ ଥିବ ବନ୍ଦୀ ହୋଇ ।
କି ଆଶ୍ଚର୍ଯ୍ୟବନ୍ତ ମନାଇ ତବ ଶତ୍ରୁ ଯେହ୍ନେ ଉଦନ୍ତ ଦେଲା ଲେଖାଇ ହେ । ୧୬
ହେଉ ପୀରତି କି ବଳାତ୍କାର । ଯେ ଲଭିଲା ସେ ପ୍ରେମପଦର ।
ତାହା ହାନିଲାଭ କାହାର ହୋଇବ ବିବେକରେ କହିବ ବିଜ୍ଞବର ହେ । ୧୭
ଦେଖନ୍ତେ ପ୍ରେଷିତ ଯେ ନେତ୍ର-ଦୂତୀ । ସଙ୍ଗେ ଲଭିଲା ସୁଖସମ୍ପତ୍ତି ।
ଉଜାଗର ଭଙ୍ଗୁ ଜାଣି ତାପ ତୁଙ୍ଗୁ ଅଙ୍ଗୀକାର ପ୍ରଧାନ ସ୍ୱବଶ ହେ । ୧୮
ତାରକର ପକ୍ଷପାତ ପାଇଁ । କୂଳେ ଭେଳା ପୁଣି ଭାସିଯାଇ ।
ଏଥୁଁ ଚମତ୍କାର ଅଛି କି ବିଶ୍ୱର ଏବେ ଜୀଉଟେ ହୋଇବ ନାହିଁ ହେ । ୧୯
କୃପା-କଳ୍ପଦ୍ରୁମ ଯେ ବୋଲଇ । ଅବସାନର ଫଳକୁ ନ ଦେଇ ।
ଆଶା କରି ଜନ କର୍ମ ଅପଦରେ 'ଏଥୁଁ ଅସିବ କେଉଁ ବଜାର ହେ । ୨୦

---

୧୬—ହେ ମୋହନ ! ଘେନ (ଶୁଣ) ଅମ୍ଭ ସଖୀ ମନ ଯାଇ ତୁମ୍ଭପାଶରେ କେତେଦିନ ବନ୍ଦୀ ହୋଇ ରହିଥିବ । ସେ (ମନ) ତବ ଶତ୍ରୁ ମନାଇ ତୁମ୍ଭଦ୍ୱାରେ ଅତି ଉଦନ୍ତ ପତ୍ର କାଢ଼ି ଲେଖାଇ ଦେଲା । ଏହ ସାମାନ୍ୟ ଆଶ୍ଚର୍ଯ୍ୟ କି ?

୧୭—ପ୍ରୀତିରେ ହେଉ ବା ବଳପୂର୍ବକ ହେଉ ଯେ ସେ ପ୍ରେମପଦକୁ ଲଭିଲା ତାହାର ହାନି ବା ଲାଭ କାହାର ହୋଇବ ବିବେକରେ ଏହା ବିଜ୍ଞ କହିବ ।

୧୮—ଦେଖନ୍ତେ (ଆସନ୍ତ ବେଳେ) ଯେଉଁ ନେତ୍ର ରୂପ ଦୂତୀକି ପଠାଇଥିଲା ସେ ତୁମ୍ଭ ସଙ୍ଗରେ ରହି ସୁଖ ସମ୍ପତ୍ତିକୁ ଲଭିଲା । ସେ ନେତ୍ରରେ ଉଜାଗର ଭଙ୍ଗକୁ ଏହା ଜାଣିଲି (ସେ ନେତ୍ର ସର୍ବଦା ଉଜାଗର ଥିବାରୁ ତୁମ୍ଭ ସଙ୍ଗେ ରତି ଭୋଗ କରୁଥିବାର ଅନୁମାନ କାଣିଲି), କିନ୍ତୁ ସେ ନେତ୍ର ଦୂତୀ ପ୍ରଧାନ ସ୍ୱବଶ ନୁହଁଇ, ତୁମ୍ଭର ତାପ (କାମପୀଡ଼ା) ତୁଙ୍ଗ (ପ୍ରବଳ) ହୋଇଥିବାରୁ ତୁମ୍ଭେ ତା ପ୍ରୀତିକି ଅଙ୍ଗୀକାର କଲ ।

୧୯—ତାରକ (ଜୁଆର କର୍ତ୍ତା) ପକ୍ଷପାତ କଲେ ଭେଳା କୂଳରେ ଲାଗିଥିଲେ ମଧ୍ୟ ପୁଣି ଭାସିଯାଏ । ଏଥୁଁ ଅଧିକ ବିଶ୍ୱର ଚମତ୍କାର ଅଛି, ଏବେ ସୁନ୍ଦରୀ ଜୀଇବ ନାହିଁ ପାରିବ ।

୨୦—ଯେ କୃପା କଳ୍ପତରୁ ବୋଲାଇ ପ୍ରାର୍ଥୀର ବାଞ୍ଛା ଫଳକୁ ନ ଦିଅନ୍ତି, ଏତ ଅବସାନର (ଅଜଣା କଥା) । ଆଶା କରିଥିବା ଲୋକ ଯେବେ କର୍ମକୁ ଅପଦରେ (ଅର୍ଥାତ୍ ତୋ କର୍ମରେ ନଥିବାରୁ ମିଳିଲା ନାହିଁ କହେ) ତେବେ କଳ୍ପତରୁ ଏଥୁରୁ ଆଉ କେଉଁ ଶୋଭା ଅସିବ ।

କରୁଣାର ଚନ୍ଦ୍ରାତପ ହୋଇ । ଯେଉଁ-କଳା-ରଙ୍ଗ-ବନ୍ଧୁଦାସୀ ।
କେବଳ ମଜ୍ଜିଲା ଜନ ଜର୍ଜର କେବେ ତୃଷ୍ଣା ତୃଷା ନ ତୁଟିବ ହେ । ୨୧
କରି ଚରକ ସୂତ୍ର ଭାବ । ନାନା ରସ ସଂଗ୍ରହର ଠାବ ।
ଅଶ୍ରୁତ ବ୍ୟାଧି ପ୍ରଦାନ ବିନାରେ ଅନୁଭବର କି ବିନାଶିବ ହେ । ୨୨
ସେ ବଜ୍ରାଙ୍ଗ ତ୍ରିପୁରବିଜୟୀ । ପୁଷ୍ପବାଣରେ ଅତନୁ ତହିଁ ।
କି ଭେଦ କରିବ, ଅବଳା କୋମଳା ଗାତ୍ରେ ଅବିଳମ୍ବେ ଗଳିଯାଇ ହେ । ୨୩
ପ୍ରାଣ ରକ୍ଷା ହୋଇଛି କେବଳ । ମର୍ମସ୍ଥାନ ସେ ହୃଦୟସ୍ଥଳ ।
ଅହେ ମୋହନ ତାହା ତୁମ୍ଭ ନିବାସ କରିଅଛି ଯେଣୁ ଭାଗ୍ୟବଳ ହେ । ୨୪
ଏତେବେ କନ୍ଦର୍ପ ପିନା ଅଛି । କରତଳେ ବାଟି ହେବା ପରି ।
ଛୁଇଁ ତାଠାରେ ପରେ ପରିଚୟ ପାଇବାର କାହାକୁ ଅଜାଣି ହେ । ୨୫

---

୨୧—ଯେଉଁ କରୁଣାର ( ଦୟାର ) ଚନ୍ଦ୍ରାତପ ସେ କଳା ରଙ୍ଗ ବନ୍ଧୁର ଦାସୀ ( ଦାସ ) ନୁହେଁ କି ? ତେବେ ତୁମ୍ଭେ କାହିଁକି କଳାରଙ୍ଗ ( କାମ କେଳି ) ରୂପ ବନ୍ଧୁଦାସୀ ହେଉ ନାହିଁ । ତୁମ୍ଭଠାରେ ମଜ୍ଜିଲା ଜନ କେବଳ ରସରେ ଜର୍ଜର ହୁଅଇ, କେବେ ତାହାର ତୃଷ୍ଣା ( ଆଶା ରୂପ ) ତୃଷା ନ ତୁଟିଲା ।

୨୨—ତୁମ୍ଭେ କେବଳ ଚରକ ସୂତ୍ର ( ବୈଦ୍ୟ ଶାସ୍ତ୍ର ) ର ଭାବ ( ଅର୍ଥ ) କରି ନାନାରସ ( ରସାୟନ ଔଷଧ ) ସମସ୍ତ ସଂଗ୍ରହର ଠାବ ହୋଇଛ । ପକ୍ଷାନ୍ତରେ—ତୁମ୍ଭେ ଚରମାନଙ୍କ ନାନାପ୍ରକାର ଅର୍ଥ ଶୁଣି କରି ନାନାରସ ( ଶୃଙ୍ଗାର ରସ ) ସମସ୍ତ ସଂଗ୍ରହ କରୁଅଛ । କିନ୍ତୁ ଯେଉଁ ବ୍ୟାଧି ଅଶ୍ରୁତ ( ବୈଦ୍ୟ ଶାସ୍ତ୍ରରେ ନାହିଁ-ଜାଣ ବ୍ୟାଧି ) ଅନୁଭବ ହେଉଛି ସେହିବ୍ୟାଧିକୁ ବିନା ରସ ( ଶୃଙ୍ଗାରରସ ) ରୂପ ଔଷଧ ଦାନରେ ନାଶ କରି ପାରିବ କି ?

୨୩—ସେ ( ତୁମ୍ଭେ ) ବଜ୍ରାଙ୍ଗ ( ବଜ୍ରପରି କର୍କଶ ଶରୀର ) ଏବଂ ତ୍ରିପୁର ବିଜୟୀ ( ତ୍ରିପୁର ଜେତା ) ବୀର ତହିଁ ( ତୁମ୍ଭଠାରେ ) ଅତନୁ ( ଯାହାର ଶରୀର ନାହିଁ ସେ କାମ ) ପୁଷ୍ପ ବାଣରେ ( ଫୁଲବାଣରେ ) ଭେଦ କରି ପାରିବ କି ? କିନ୍ତୁ ଆମ୍ଭ ସଖୀ ଅବଳା, ପୁଣି କୋମଳାଙ୍ଗୀ, ତାହାର ଶରୀରରେ ଶର ଅବିଳମ୍ବେ ଗଳିଯାଉଅଛି । ଗାତ୍ର ( ଶରୀର ) ।

୨୪—ଅହେ ମୋହନ, ଯେଣୁ ଭାଗ୍ୟ ବଳରୁ କେବଳ ତାହାର ମର୍ମସ୍ଥାନ ହୃଦୟସ୍ଥଳକୁ ତୁମ୍ଭର ନିବାସ ସ୍ଥଳ କରିଥିବାରୁ ପ୍ରାଣରକ୍ଷା ହୋଇଛି ।

୨୫—ଏତେବେ କରତଳେ ବାଟି ହେଲାପରି ଅନଙ୍ଗ କନ୍ଦର୍ପ ଚୋର ପିନା, ଯାହାକୁ ଛୁଇଁଲେ ତାହାଠାରୁ ପରେ ପରିଚୟ ପାଇଲେ ସେ ଅଜାଣି ଥାଉ କାହାକୁ ହେବ ।

ପ୍ରୀତି ହୋଇ ଯେ ନାସ୍ତା ସେ ଜଳ । ଜନ୍ମି ଜନମ ସିନା ଅନଳ ।
ଜଣାଏ ପରଶ ବିନା ଦରଶନେ କେବେ କରି ନ ପାରେ ଶୀତଳ ହେ । ୨୬
ଏଣୁ ବିରହ ଅନଳ ସହି । ସୁଦା ସୁଦତୀ ଗିରି ବଲ୍ଲୀ ।
ଯାହାଁରେ ସଞ୍ଚରି ଯାହା ଭସ୍ମ କରି ନାସ୍ତେ ନୀଡକୁ ସମସ୍ତେ ମାରି ହେ । ୨୭
ଯାହା ସୁକୀର୍ତ୍ତି ସୁନୀତିସୁତ । ଧ୍ରୁବ ପର୍ଯ୍ୟନ୍ତେ ନିତ ବ୍ୟାପିତ ।
ସେହି ଲଭ୍ୟ ଜନ ସେହିକ ଭବର ତାଙ୍କ ଶରଣ୍ୟ ଭବ୍ୟ ରଚିତ ହେ । ୨୮
ଏବେ କ୍ଷମାନାଥ ଦ୍ୱିଜେ ଗୁଣୀ । ପ୍ରଣି ରସିକ ମୁକୁଟମଣି ।
ଲେଶ କଥାକୁ ବାଖାଣଣରେ ଯେଣିଲେ ବ୍ୟର୍ଥ ନୋହିବ ବାଳିଶ ବାଣୀ ହେ । ୨୯
ହୃଦ୍ୟ ପଢ଼ି ବଦାନ୍ୟ-ବଂଶର । ସୁତ ନେଣ ଯେ ନାଗରବର ।
ମିଥୁନଯୁଗଳଙ୍କ କହେ ଏ କବତ ହେଲା ମଧୁର ଖରମଦର ହେ । ସୁପାଦ । ୩୦

---

୨୬—ନାସ୍ତା ( ନାସ୍ତୁଣ୍ଡୁ ) ଯାହା ପ୍ରୀତି ତାହା ଜଳ, ଜନ୍ମି ସିନା ଅନଳର ଜନ୍ମ ( ସମୁଦ୍ରରୁ ବାଡ଼ବାନଳର ଓ ମେଘରୁ ବିଜୁଳିର ଜନ୍ମ ) ଏହା ଜଣାଉଛନ୍ତି, ବିନା ସ୍ପର୍ଶରେ କେବଳ ଦର୍ଶନରେ ଜଳ ଅଗ୍ନିକୁ ଶୀତଳ କରି ନ ପାରେ ।

୨୭—ଏଣୁ ବିରହ ଅନଳ ସମାନ; ସୁଦା ଗିରି (ପର୍ବତ) ସୁଦତୀ ବଲ୍ଲୀ (ଲତା) ସେ ଅଗ୍ନି ଯାହାଁରେ ସଞ୍ଚାର କରି ଯାହାକୁ ମାରେ ( ଅର୍ଥାତ୍ ପର୍ବତରୁ ଜନ୍ମି ଲତାକୁ ଭସ୍ମ କରେ ) ଅତଏବ ସମସ୍ତେ ନୀଡକୁ ମାରନ୍ତି ଏହା ପ୍ରମାଣ ।

୨୮—ଯାହାର ସୁକୀର୍ତ୍ତି ( ସଦାଚାର ) ସୁନୀତି-ସୁତ ଧ୍ରୁବ ( ଧ୍ରୁବ ମଣ୍ଡଳ ) ପର୍ଯ୍ୟନ୍ତ ବ୍ୟାପିତ ହୋଇଛି, ଏମନ୍ତ ସେହି ( ପ୍ରସିଦ୍ଧିକ ) ଲାଭ କରିଥିବା ଲୋକ ଅନେକ କାମନା ସିଦ୍ଧି କରିବ, ଅତଏବ ତାଙ୍କ ଶରଣ୍ୟ ରଚିତ କରିବାକୁ ହେଲା ।

୨୯—ଏବେ ଆପଣ କ୍ଷମାନାଥ ଦ୍ୱିଜେ ( ଦ୍ୱିଜଶ୍ରେଷ୍ଠ ) ଗୁଣୀ, ପ୍ରଣି ରସିକ ମାନଙ୍କ ମଧ୍ୟରେ ମୁକୁଟମଣି ( ଶ୍ରେଷ୍ଠ ) ଏହି ଲେଶ କଥାକୁ ବାଖାଣି କରି ଯେଣିଲେ ବାଳିଶ ( ମୂର୍ଖ ) ର ବାଣୀ ବ୍ୟର୍ଥ ହେବ ନାହିଁ ।

୩୦—ସେହି ନାଗରବରର ବଦାନ୍ୟ ବଂଶର ପାଦ ହୃଦ୍ୟ ପଢ଼ିବାକୁ ( ଜାଣିଲା ପରି ) ତାହାଙ୍କର ନେଣ ସୁତ ( ତାହାଙ୍କୁ ବୋଲିବ ବହୁଳ ) । ତତ୍ପରେ ସେ ମିଥୁନ ଯୁଗଳଙ୍କ କହିଲେ ହେ ସୁପାଦ । ମଧୁର ଖର ମଦର ଏ କବିର ମୋହର କବତ (ସାନ୍ତ୍ୱ) ହେଲା, ଅର୍ଥାତ୍ ଈଶ୍ୱରଙ୍କୁ ଏଣିକି କାମରେ ବେଢ଼ କରି ପାରିବ ନାହିଁ ) ।

ଶୁଭେ ଦର୍ଶ ବଦନ ପ୍ରକାର । ପ୍ରଭେ ହୋଏ ଏ ରସିକାଙ୍କର ।
ପଦାବେ ପଦବେ କେଉଁ ସ୍ଥାନ ହେବ ହୃଦ ଗୋଟିଏ ସିନା ମୋ ହର ॥ ୩୧
ମେଘମାନେ ଚର୍ଣ୍ଣୀକୃତ ରୂପ । କରି ପଞ୍ଚେଷୁ ପ୍ରହାରେ ରୋପ ।
ଦେଖି ଦେଖି ଜାତ ସାଙ୍ଗିକ ବଧାର ଦୁଃଖ ସୁଖ ନୋହିଲା ସଂକ୍ଷେପ କୋବିଦେ ॥ ୩୨
ଯାହେ କୋପ ମକର କେତନ । ତାର ରକ୍ଷା ହେବ କାହିଁ ସ୍ଥାନ ।
ଭୂଷିତ-ଅମ୍ବର ସେହି ନୀଳକଣ୍ଠ ନୃପ ନନ୍ଦନ କରନ୍ତି ଧ୍ୟାନ ହେ । କୋବିଦେ ॥ ୩୩

---

## ଷଟ୍‌ତ୍ରିଂଶ ଛାନ୍ଦ

ରାଗ—ଚିତ୍ରାଦେଶାକ୍ଷ, କାଫିକାମୋଦୀ, ମାଳବଗଉଡ଼ ।

ଆଷାର ସଘନ କାଳ ହୋଇ ଉଦୟ ।
ଅହିତ ପକ୍ଷବଳରୁ ଦାରୁଣମୟ ॥ ୧
ସ୍ତନିତ ହିଁ ଦ୍ଧୁ ଟ କଳକଣ୍ଠ ସନ୍ତୁଷ୍ଟ । ଅନିରନ୍ତ୍ରରେ ହିଁ ତାର ଘଟଣ ଦୃଢ଼ରେ ॥ ୨

---

୩୧—ମଣି ଦର୍ଶନପର ସ୍ୱଚ୍ଛନ୍ଦ, ରସିକାଙ୍କ ବାଞ୍ଛାପର ପ୍ରକଟ ହେଉଛନ୍ତି, ପଦାବଳୀ (ଗୋଟିଏ ପଦାରେ) ପଦାବେ (ଗୋଟିଏ ଅଳଙ୍କାର) କାହାର ସ୍ଥାନ ହେବ, ମୋହର ଗୋଟିଏ ସିନା ହୃଦୟ ।

୩୨—ମେଘ ସମୂହରେ ପଞ୍ଚେଷୁ (କାମ) ରୂପ (ଧନୁକୁ) ଚର୍ଣ୍ଣୀକୃତ କରି (ଟଙ୍କାର) ରୋପ ଗୁଣଦେଇ ପ୍ରହାରିଲା, ଦେଖି ୨ ସାଙ୍ଗିକ ବଧାର ଦୁଃଖ ସୁଖ ଜାତ ହେଲା, ହେ କୋବିଦେ । (ପଣ୍ଡିତମାନେ) ତାହା ସଂକ୍ଷେପ (ଅଳ୍ପ) ନୋହିଲା ।

୩୩—ମକର କେତନ (କାମ) ଯାହାଠାରେ କୋପ କରିବେ ତାହାର କେଉଁଠାରେ ରକ୍ଷା ହେବ । ହେ କୋବିଦେ, ଭୂଷିତ ଅମ୍ବର (ହଳଦିଆ ଲୁଗା) ଧାରୀ ଶ୍ରୀକୃଷ୍ଣଙ୍କୁ ନୀଳକଣ୍ଠ ରାଜାପୁତ୍ର କବି ଉପେନ୍ଦ୍ରଭଞ୍ଜ ଧ୍ୟାନ କରେ ।

---

ଏ ଛାନ୍ଦରେ ପ୍ରଥମ ଚିତ୍ରାଦେଶାକ୍ଷ, ବର୍ଷାକାଳ ଅର୍ଥ, ପ୍ରତ୍ୟେକ ପଦରୁ ଗୋଟିଏ ୨ ଅକ୍ଷର କାଟିଲେ ୨ୟରାଗ କାଫିକାମୋଦୀ ଶୀତକାଳ ଅର୍ଥ ପୁଣି ଆଉ ଏକ ଏକ ଅକ୍ଷର କାଟିଦେଲେ ତୃତୀୟ ମାଳବଗଉଡ଼ ଗ୍ରୀଷ୍ମକାଳ ଅର୍ଥ ।

୧।୨—ଅଷାଢ଼ (ଧାରାପାତ) ସଘନ (ନିବିଡ଼) ହେବାର କାଳ (ବର୍ଷାକାଳ) ଉଦୟ ହୋଇ ଅହିତ (କୃଷ୍ଣବର୍ଣ୍ଣ) ପ୍ରବଳ ହେବାରୁ ଦାରୁଣମୟ (ଦର୍ଶ-ଅମାବାସ୍ୟା ପରି ଅନ୍ଧକାରମୟ) ହେଲା । ସ୍ତନିତ (ମେଘ ଗର୍ଜନ)ହିଁ (ଶବ୍ଦ)

କେକାର ସଙ୍ଗୀତରେ କାମୁକ ଉଲ୍ଲାସ । ଧରମଣି ଅଚ୍ଛାଦନେ ଘନ ବିଳାସ ॥ ୩
ନୀପବନ ସୁଖ ଦାନକର ବହୁଶେ । ସ୍ତୋକରଟ ମସୃଣ ଯେ ଝିଲ୍ଲିକା ବଶେ ॥ ୪
ସେ ଅନ୍ଧ ମକର ଭର ଦର୍ପ ମୋହିଲ । ନଦୀ ବେଗ ସଲିଳେ ଅଧିକ ବୋଳିଲା ॥ ୫
ଗାଢ଼ ରଚନ୍ତ୍ର କାମରେ ଉଦ୍ୟୋଗୀ ଗଣି । ଯେଣୁ ସା ରଚ ରତେ ଯେ ଅଙ୍ଗ ହସନ୍ତି ॥ ୬

---

ସ୍ଫୁର୍ତ୍ତି ( ପ୍ରକାଶ ) ପାଇଲା । କଳକଣ୍ଠ ( ମୟୂରମାନେ ) ସନ୍ନତ ( ଶବ୍ଦ-ସହିତ ) ହୋଇଲେ, ଧରେଶ ( ଧରମାନଙ୍କରେ ) ଅଚିର ପ୍ରଭା ( ବିଜୁଳି ) ଭାର ( ଉଜ୍ଜ୍ୱଳ ) ଦିଶିଲେ ।

ସାହସ-ଘନ ( ସାହସଘ୍ନ—ପଦ୍ମନାଶକ ) କାଳ ( ଶୀତକାଳ ) ଉଦୟ ହୋଇ ଶୀତ ପ୍ରବଳରୁ କୁନ୍ଦୁଭନର ଦର ( ଶଙ୍ଖ ) ପ୍ରାୟ ଶୁକ୍ଳ ସମସ୍ତ ହେଲା । ନାଭ ( ଭଗବତ୍‌ପାଦପୃଷ୍ଠ ) ସ୍ଫୁର୍ତ୍ତି ହେଲା କଳକଣ୍ଠ ( ଶୁକ୍ଳ ) ସନ୍ନତ ( ଧ୍ୱନିଯୁକ୍ତ ) ହୋଇଲେ । ତାର ( ନକ୍ଷତ୍ର-ମାନେ ) ଚିରପ୍ରଭା ( ସ୍ଥାୟିଶୋଭା ) ଧରିଲେ ଧବଳ ଦିଶିଲେ ।

ନାଗଘ୍ନ (ଜଳନାଶକ) କାଳ ( ଗ୍ରୀଷ୍ମକାଳ ) ଉଦୟ ହୋଇ ତପର (ଗ୍ରୀଷ୍ମର) ବଳରୁ ଦର ( ଭୟର ) ସମସ୍ତ ହେଲା । ଉଦ୍ଧ୍ୱ ( ସେ ସମୟରେ ) ସନ୍ନତ ( ରବଯୁକ୍ତ ) କଳକଣ୍ଠ ( କୋକିଳ ) ମାନେ ସ୍ଫୁର୍ତ୍ତି (ପ୍ରକାଶିତ) ହେଲେ । ଧରେଶ ( ଧରଣୀ ପର୍ବତମାନଙ୍କରେ ) ର ( ଅଗ୍ନି ) ପ୍ରଭା ଭାର ( ଉଜ୍ଜ୍ୱଳ ) ଦିଶିଲା ।

୩।୪—କେକା ( ମୟୂର )ର ସଙ୍ଗୀତରେ କାମୀ ପୁରୁଷମାନେ ଉଲ୍ଲସିତ ହେଲେ । ଘନ ( ମେଘ ) ଧରମଣି ( ପର୍ବତଶ୍ରେଷ୍ଠ ସବୁକୁ) ଅଚ୍ଛାଦନ ( ଘୋଡ଼ାଇ ) ବିଳାସ କଲେ । ନୀପବନ ( କଦମ୍ବବନ ) ଫୁଲ୍ଲଫୁଟି ବହୁଶେ ( ଶୀଘ୍ର ) ସୁଖଦାନ କାରକ ହେଲେ । ସ୍ତୋକରଟ [ ଗୁଡକଧ୍ୱନି ] ମସୃଣ ( ମଧୁର ) ହେଲା । ଝିଲ୍ଲିକା [ ଖଦ୍ୟୋତମାନେ ] ବୃକ୍ଷରେ ବସିଲେ । କାର (ଶୁକର) ପୂର୍ବବତ୍ ରସିକମାନେ ରମଣୀକୁ ଘେନି ବସ୍ତ୍ର ଅଚ୍ଛାଦନରେ ( ଶୀତନ୍ତ୍ରି-ବସ୍ତ୍ର ) ଘନ (ଶାଗଡ଼ି )ବିଳାସ କଲେ । ପବନ [ ଶୀତଳବାୟୁ ] ବହୁଶେ ସୁଖ ଦାନକରେ [ଶୀତନବାୟୁ ହେଲା । କରଟ [ କାକମାନେ ] ଝିଲ୍ଲିକା [ ଝିଲ୍ଲିକ ] ବଶରେ ମସୃଣ [ ଚିକ୍କଣ ] ଦିଶିଲେ । ରସଙ୍ଗୀତରେ [ ରସ-ଗୀତରେ ] କାମୁକମାନେ ଉଲ୍ଲସିତ ହେଲେ, ଘନ [ ଅଧିକଲୋକ ] ମଣି ଅଚ୍ଛାଦନରେ ( ଶୀତଳ ବନ୍ଧାର ଭୂଷଣରେ ] ବିଳାସ କଲେ । ବନ ବାହାର ବହୁଶେ ସୁଖଦାନ କାରକ ହେଲା । ଝିଲ୍ଲିକାବଶେ [ ଝିଙ୍କାର-ଯୋଗରେ ] ଗୁହଅନ୍ଦର ରଟ [ ଧ୍ୱନି ] ମସୃଣ [ ମଧୁର ] ହେଲା ।

୫।୬—ସେ ବର୍ଷାକାଳ ଅନ୍ଧ [ସର୍ପ] ମକର ( ମଗର ) ଏବଂ ଦର୍ଦ୍ଦୁର ( ଭେକ ) ମାନଙ୍କର ଦର୍ପକୁ ମୋହିଲା । ନଦୀ ଅଧିକ ସଲିଳେ [ ଜଳରେ ବେଗଶାଳୀ

ବାଳତରୁ ଗୁଚ୍ଛ ଫୁଲସବେ ମଣ୍ଡନ । ଦମ୍ପତି ଉପକାରକ ବିଦେଶୀ ଛଳ ॥ ୭
ଅଣନାପାତ ପଥ ସେ ଏକା ଗୋଚରେ । ସୁମନପାନ୍ଥ ପାନ୍ଥ ସ୍ତ୍ରୀଙ୍କୁ ବାଞ୍ଛେ ॥ ୮

---

ପକ୍ଷିମାନଙ୍କ ଦ୍ୱାରା ନାଦ [ ଶବ୍ଦ ] ଉଠିତ ହେଲା । ବିୟୋଗୀ [ ବିରହି-ମାନେ] ଭାବରେ ଶଙ୍କିଲେ, ପବନରେ ସେ ବାପ [ଜଳର] ଅଂଶ କୁହ୍ନ ଆସିଲ ସେ ର [ଅଗ୍ନି] କି ? ଏମନ୍ତ ଯେନ ବିରହୀମାନେ ହାହାରବ କଲେ । ଅନୁପମକର [ ସୂର୍ଯ୍ୟଙ୍କର ] କର [ କିରଣ ] ଶୀତକୁ ମୋହିଲା । ଧାତସ ସଲିଳେ ଅଧିକ ସୁଖକର ହେଲା, ବିୟୋଗିମାନେ ଚିତ୍ତରେ ଭାବରେ ଶଙ୍କେ ଉର [ ବକ୍ଷ ] ଫାଳିବାକୁ ସେ କପୋଳ ଯେ କାହାର [ଭାବର] ଧରଣର ତାଙ୍କୁ ଦେଖି ଏ କାପ ଯୋଡି ଅସଲ କି ? ଏହା ଭାବି ଶଙ୍କିଲେ [ ଡରାଇଲେ ]

ଦ୍ୱିମକର [ ଚନ୍ଦ୍ରଙ୍କର ] କର [କିରଣ] ଶୀତକୁ ମୋହିଲା, ଶୀତ ସଲିଳେ [ ଜଳରେ ] ଅଧିକ ବଳ ହେଲା । ବିୟୋଗିମାନେ ଭାବରେ ଉଠିତ [ଭାବକୁଭ] ପୀଡ଼ାରେ ଶଙ୍କିଲେ । ସେମାନେ ହାରବକୁ ଏ ଅଶୀବିଷ-[ ସର୍ପ ] ବୋଲି ମଣିଲେ ।

୭।୮—ବାଳତରୁ [ ଅଙ୍କୁରିତବୃକ୍ଷ ] ଗୁଚ୍ଛ [ ମନୋହର ] ଫୁଲରେ ସବେ [ ଶେଷ-ପର୍ଯ୍ୟନ୍ତ ] ମଣ୍ଡିତ ହେଲା । ସେ କାଳ ଦମ୍ପତି [ ସ୍ତ୍ରୀ ପୁରୁଷ ] ଙ୍କ ପକ୍ଷରେ ଉପକାରକ ହେଲା । ବିଦେଶିଙ୍କ ଛଳ କଲା । ଅଣନାପାତ [ ବକ୍ରପତନ ] ପଥ ସେ [ ପୀଡ଼ାକୁ ] ଏକା ଗୋଚରେ [ ପର୍ବତକୁ ] ଦେଲା । ପାନ୍ଥମାନେ ସ୍ତ୍ରୀଙ୍କୁ ହୋଇ ବନ୍ଧୁ ବସ୍ତ୍ରକୁ କଥା ପାଇବା ପାଇଁ ସୁମନ ପାନ୍ଥ [ରକ୍ଷାକର] ବୋଲି ଧାଇଁ ଧାଇ କହିଲେ ।

ବାଳ-ତରୁଗୁଚ୍ଛ [ ସମ୍ମୋହ ଇଚ୍ଛାର୍ଥ ] ଫୁଲଗଣରେ ମଣ୍ଡନ [ଭୂଷିତ] ପକ୍ଷିମାନଙ୍କ ପକ୍ଷରେ ସେ କାଳ ଉପ କାରକ ହେଲା ସେ ବିଦେଶୀମାନଙ୍କ ସନ୍ନିପାତ ଜ୍ୱରପରି ଛଳ [ ଜଞ୍ଜାଳ ] କରାଇଲା ପାନ୍ଥମାନେ ଏକା [ ବିୟୋଗୀ ] ହୋଇ ଗୋଚରେ [ପଥରେ] ବାଞ୍ଛିଲେ ଏ କଷ୍ଟରୁ ସ୍ତ୍ରୀଙ୍କୁ [ ସ୍ତ୍ରୀ ] ମନପଥ ପା [ ରକ୍ଷା କରିବାକୁ ] ଦୂତ ଅଟେ ।

ତରୁମାନେ ନବ ପତ୍ର ପୁଷ୍ପରେ ଗୁଚ୍ଛ [ ସୁନ୍ଦର ] ହେଲେ, ସବେ [ ପୁଷ୍ପ-ରଣୀ ସବୁ ] ଶୀତ କାଳରେ ନଷ୍ଟହୋଇ ଯାଇଥିବା ପଦ୍ମାଦି ଫୁଲରେ ମଣ୍ଡିତ ହେଲେ । ସେ କାଳରେ ବିଦେଶୀମାନେ ଶଙ୍କାତ ( ମରଣ ) ହେବ ପରି ଭାବ ଛଳ ହୋଇ କାଳର ଉପକାରକ ହେଲେ, ପାନ୍ଥ ସ୍ତ୍ରୀଙ୍କୁ [ପଥିକ ସ୍ତ୍ରୀ ମାନେ ] ବାଞ୍ଛିଲେ—ଏକାଳରେ ଏକା ( ବିରହିଣୀ ) ହୋଇ ଗୋଚରେ ( କୁଳରେ ) ରହିବାକୁ ଜପ [ ଲଜ୍ଜା ] ଏକା ଦୂତ ହେବ ।

କାଶ ସପ୍ତଚ୍ଛଦ ସୁମନା ପ୍ରକାଶ ହୋଇ । ମତ୍ତ ହଂସ ବଂଶର ନିବାସ ତହିଁ । ୯
ଦଶାର୍ଣ୍ଣ ସ୍ଥାନେ ସ୍ଥାନେ ହେଲ ସଞ୍ଚାର । ଦୁର୍ଦ୍ଦିନରେ ଅନ୍ଧ ଋତରେ ରହିଲ । ୧୦
ଘନବୃନ୍ଦଙ୍କୁ ଝଟିତରେ ପ୍ରକାଶେ । ଏଣାବାଳ ହୃଦ୍ ଶ୍ରୀଯୁକ୍ତ ପରଶେ । ୧୧

---

୯—କାଶ [ କାଶିଆ ପୁଷ୍ପ ] ସପ୍ତଚ୍ଛଦ [ କଦମ୍ବ ପୁଷ୍ପ ] ସୁମନା [ ମାଳତୀ ପୁଷ୍ପ ] ପ୍ରକାଶ ପାଇବାରୁ ତହିଁରେ ପରମ ବଂଶର [ ଭ୍ରମରର ] ମତ୍ତ ( ମତ୍ତର ) ନିବାସ ହେଲା ।

ସପ୍ତଚ୍ଛଦ [ ଛତିଆଣ ପୁଷ୍ପ ] ସୁମନା [ ଜାଇପୁଷ୍ପ ] ପ୍ରକାଶ ହୋଇ ( ପ୍ରକଟିତ ) ତହିଁ ( ସେ ସ୍ଥାନରେ ) ନିବାସ ( ଗୃହ ) ହଂସ ( ଆନନ୍ଦ ଜନକ ) ଧ୍ୟାନରେ ସେବକ ( ଭ୍ରମରର ) ହେଲା ।

ପୁଷ୍ପ ମୂଳେ ( ପୁଷ୍ପ ପ୍ରସ୍ଥମାନେ ) ପ୍ରକଟିତ, ତହିଁ ( ପୁଷ୍ପିତ ବୃକ୍ଷମାନ ଥିବାସ୍ଥଳେ ) ନିବାସ କରିବାକୁ ପରମ ହେତୁ ( ଅତ୍ୟନ୍ତ ଭ୍ରମରର ) ହେଲା ।

୧୦—ସ୍ଥାନେ ସ୍ଥାନେ ଦଶାର୍ଣ୍ଣ ( ବେଣା ) ସଞ୍ଚାର ହେଲା, ଦୁର୍ଦ୍ଦିନରେ ( ମେଘାଚ୍ଛନ୍ନ ଦିନରେ ) ଅନ୍ଧ ( ଅନ୍ଧ ) ଚୋଷୁରେ ବନ୍ଧିବାକୁ ଋତୁରେ ( ଶୃଙ୍ଗାରରେ ) ରହିଲ ହେବ ।

ସାରସ ( ହଂସମାନଙ୍କର ) ଲୀଳା ସ୍ଥାନେ ସ୍ଥାନେ ସଞ୍ଚାର ହେଲା, ଦୀନବନ୍ଧୁ [ ଅନ୍ଧ ଧାରଦ ମାନେ ] ଶୀତରେ ଅନ୍ଧରତରେ ( ସର୍ବଦା ) ରହିଲ ହେଲେ ( ରହିଲେ )

ବର୍ଷା ବୃଷ୍ଟ୍ୟାଦି ସ୍ଥାନେ ସ୍ଥାନେ ସଞ୍ଚାର ହେଲା, ନବଲବ ( ନବଲ-ମାନଙ୍କରେ ) କେତେ ଅଧିକ କୋଳରା ଉଦର [ ଋତୁରେ ] ରହିଲ ହେଲେ ।

୧୧—ଘନ ଆଳ ଘନ ବୃନ୍ଦାକୁ [ କୃଷ୍ଣ ପଥରକୁ ] ଝଟିତରେ ପ୍ରକାଶ କରେ । ଏଣାବାଳ [ ନାନା ଶ୍ରେଷ୍ଠ ମାନେ ] ଶ୍ରୀଯୁକ୍ତ ( ସମ୍ପତ୍ତିଶାଳୀ ) ହୋଇ ଥିବାରୁ ସେ ବାଳକର ହୃଦ୍ ( ମଙ୍ଗଳକୁ ) ସ୍ପର୍ଶକଲେ ।

ଝଟିତରେ ( କ୍ଷୁଦ୍ର ବର୍ତ୍ତରେ ) ଦୃଷ୍ଟିତ ନ ପ୍ରକାଶେ [ ଦର୍ଶନୀୟ ପଦାର୍ଥ ଦେଖାଗଲା ନାହିଁ ] ହୃଦ୍ ଲୋକମାନେ ଜାଣିବ ( ଶୀତବସ୍ତ୍ର ) ପରଶେ [ ସ୍ପର୍ଶାଦାରେ ] ଶ୍ରୀଯୁକ୍ତ [ ଶୋଭିତ ] ହେଲେ ।

ଗ୍ରୀଷ୍ମକାଳ ଅଗ୍ନି ଦ୍ଵାରା ଦଗ୍ଧ ( ପର୍ବତ—ପର୍ବତକୁ ) ଝଟିତରେ ପ୍ରକାଶ କରେ । ଶ୍ରୀଯୁକ୍ତ ( ଧନବନ୍ତମାନେ ) ସାର ( ବଢ଼ିଆ ) ବସ୍ତ୍ର [ ଶ୍ଵେତ ବସନ ] ପରଶେ ( ବୋଲାହେଲେ ) ।

ସୁସଂକେତକା ତହେ ଉତ୍ଫୁଲ୍ଲ ପୁଲକ । ବନ୍ଧୁ୍ୟସ୍ୱଭାବ ଯେ ଭ୍ରମରେ ମେଳକ ॥ ୧୬
ଅବଶ୍ୟେ କାଳକଣ୍ଟକ ଦଳେ ଶରଣ୍ଡୀ । ବାମା ଶାଶ୍ୱାଳୀ ଯେ କାନ୍ତେ ସ୍ୱପନ ବନ୍ଧ୍ୟା ॥ ୧୭
ଭେକା ତବ ସ୍ଫୁଟ ଘନେ କରେ ପୁରାଣ୍ଡି । କଙ୍କ କେଳି ପ୍ରକଟ ହେଲା ବହୁତ ॥ ୧୮

---

୧୬—ସୁ ସଂକେତକା ( ସଂଯୋଗିମାନେ ) ଉତ୍ଫୁଲ୍ଲ ହୋଇ ପୁଲକ ( ରୋମାଞ୍ଚ ) ବହିଲେ । ଭ୍ରମରେ ( କାମୁକ ମାନେ ) ବନ୍ଧ୍ୟ ସ୍ୱଭାବ ( ବାନ୍ଧୁଳି ସଦୃଶ ) ସେମାନଙ୍କୁ ଦେଖି ମେଳକ ( ସ୍ତ୍ରୀ ସହିତ ମିଳିତ ) ହେଲେ ।
ଶୀତକାଳରେ ବସ୍ତ୍ରାଚ୍ଛାଦନ ହେତୁ ଜଣା ନ ପଡ଼ୁଥିବା ହେତୁ ସଂକେତକା ( ସଂକେତ କାରିଣୀ ମାନେ ) ଉତ୍ଫୁଲ୍ଲ ହୋଇ ପୁଲକକୁ ବହିଲେ । ଶୀତରେ ଯେତେ ଧୂମ ( ଅଗ୍ନିର ) ସଦ୍ଭାବ ( ସାହାଯ୍ୟ ) ନେଉଥିଲେ । ଶରଣ୍ଡମାନେ ଭ୍ରମରେ ମେଳକ ( ମିଳିତ ) ହେଲେ ।
କେତକୀ ପୁଲକକୁ ବହିବ ପର ଉତ୍ଫୁଲ୍ଲ ( ସ୍ଫୁଟିତ ) ସଦ୍ଭାବ ( ଅସ୍ଥିର ) ବନ୍ଧୁଳିତ ହେବାରୁ ଭ୍ରମରମାନଙ୍କ ସହ ମିଳିତ ହେଲେ ।
୧୭—କାଳ କଣ୍ଟକ ( ତାମ୍ରକମାନେ ) ଅବଶ୍ୟେ ( ନିର୍ଦ୍ଦୟରେ ) ଡାକ ଦେଇ ଶରଣ୍ଡମାନଙ୍କୁ ଦଳନ କଲେ । ଯେ ବାମା ( ଯେଉଁ ସ୍ତ୍ରୀମାନେ ) ଶାଶ୍ୱାଳୀ ( ପତ୍ନୀ ବନ୍ଧିତ ହୋଇଥିଲେ ) ସେମାନେ କାନ୍ତଦ୍ୱାରେ ସ୍ୱପନ ବନ୍ଧ ( ସ୍ୱପ୍ନ ଲୁଚିତା ହେଲେ ) ।
ଶୀତକାଳ ଶାବଣ୍ଡୀ ( ଶାରମାନଙ୍କ ମଧ୍ୟ ) କଣ୍ଟକ ( ଶତ୍ରୁ ) ସ୍ଥାପ୍ୟ ଚାତୁରେ ଦଳନ କଲା, ଶାଶ୍ୱାଳୀ ( ମାନିନୀ ସ୍ତ୍ରୀ ମାନେ ) ଅନ୍ତର ହୋଇ ରହି ନ ପାରି କାନ୍ତପାରେ ସ୍ୱପନ ବନ୍ଧ [ ସ୍ୱପ୍ନଳା ହେଲେ ] ।
ଏ କାଳ, କଣ୍ଟକ [ ଗ୍ରୀଷ୍ମକାଳରେ ଶୁଭକୁ ଆସିବାକୁ କଷ୍ଟ କରିଥିବା ] ଶରଣ୍ଡ ମାନଙ୍କୁ ଦଳନ କଲା, ଶାଶ୍ୱାଳୀରୂପ କାନ୍ତେ [ କପଟାଦୃ ରୂପେ ], ସ୍ୱପନ [ ସ୍ୱପ୍ନକୁ ] ବନ୍ଧ [ ଧାରଣା କଲା ] ।
୧୮—ଭେକା [ ବେଙ୍ଗମାନଙ୍କର ] ତବ [ ସ୍ତବଯୁକ୍ତ ବାକ୍ୟ ] ଘନେ [ ନିବିଡ଼ ରୂପେ ] ସ୍ଫୁଟହୋଇ ପୁରାଣ୍ଡି କରେ [ ମନ ଚଳିତ କଲା ] କଙ୍କମାନଙ୍କର କେଳି [ କ୍ରୀଡ଼ା ] ବହୁତ ପ୍ରକଟ ହେଲା ।
କାତର [ ଦୁଃଖୀ ଲୋକ ] ଘନେ [ ବହୁତ ରୂପେ ] ସ୍ଫୁଟ ( ପ୍ରକଟିତ ) ହେଲେ ତାହାକୁ ନେଇ ପୁରାଣ୍ଡି ( ଉତ୍ସବ ମନରେ ) କରେ ( ମହାଦେବଙ୍କୁ ) ଦେଲେ । କଙ୍କପକ୍ଷୀର କେଳି ବହୁତ ପ୍ରକଟ ହେଲା ।
ଯେତେ ପୁରାଣ୍ଡି ( ଅଶ୍ୱମେଧରେ ) ଘରେ ( ଶିବଙ୍କ ) କରିବା ତବ ( ସ୍ତବ ) ଘନେ [ ନିବିଡ଼ ରୂପେ ] ସ୍ଫୁଟ ହେଲା । କ-କେଳି(ଜଳକେଳି) ବହୁତ ପ୍ରକଟ ହେଲା ।

ବନ୍ଧରେ ଏ ସମୟେ ଶନ୍ତା କାତର । ସୁକୁମାର ତନୁ ତାପି ଦବାଗ୍ନିର ॥ ୧୫
ଅନ ଜନ ମ୍ଳାନଦଶା ଦେଖିବେ ଯୋର । ଘନରସେ କାନ୍ତାଲିଙ୍ଗନକୁ ଧାଅଇ ॥ ୧୬
ସନ୍ତାପିତ ମଞ୍ଜୁ କଳରବେ ନିନ୍ଦଇ । ଅପାଙ୍ଗରେ ସ୍ୱରଭଙ୍ଗ ପୁଲକ ବହଇ ॥ ୧୭
ଦେହକ୍ଳାନ୍ତ ସିଦ୍ଧି କର ହେ କାଳକାନ୍ତ । ପ୍ରବାସ ବିଧିରେ ଯୋଗୀବାକ୍ୟ ସନ୍ତପ୍ତ ॥ ୧୮

---

୧୫—ଏ ସମୟରେ ସୁନ୍ଦର ସୁନ୍ଦରୀ ଦୁହେଁ ବନ୍ଧରେ ଶନ୍ତା କାତର ହେଲେ, ତାହାଙ୍କର ସୁକୁମାର ତନୁ (ଦେହ) ଦବାଗ୍ନି ତାପିତ ହେଲା ।

ଏ ସମୟରେ ବନ୍ଧରେ ( ଏ ଭାବରେ ) କୁମାର ଶନ୍ତାକାତର ହେବାରୁ ଏବଂ କୁମାରୀ କୁମାର ଶନ୍ତାରେ କାତର ହେବାରୁ ଉଭୟଙ୍କର ତନୁ ଦବାଗ୍ନି ତାପିତ ହେଲା ।

ଏ ସମୟେ ଦୁହେଁ ହର ( ଶିବଙ୍କ ) ଚିନ୍ତା କରି କାତର ହେଲେ ମାର ( କାମ ) ଦବାଗ୍ନି ତାପିତ କରି ତନୁ ( କୃଶ ) କଲା ।

୧୬—ନଦୀମାନେ ଘନରସେ ( ଜଳରେ ) ପୂର୍ଣ୍ଣ ହୋଇ କାନ୍ତ ( ସମୁଦ୍ରକୁ ) ଆଲିଙ୍ଗନ କରିବାକୁ ଧାଇଁଲେ ଅର୍ଥାତ୍ ସମୁଦ୍ର ଆଡ଼କୁ ଗଡ଼ିଗଲେ । ଏହାର ବ୍ୟବହାରେ ଅନ୍ୟମାନଙ୍କର ଦଶା ମ୍ଳାନ ହେବାର ଜାଣି କାମୀ କାମିନୀ ଦୁହିଙ୍କର ଜ୍ଞାନ ନାଶ ହେଲା ଅର୍ଥାତ୍ ବିଭ୍ରମ ଜାତ ହେଲା ।

ନଜ୍ଞାନ ( ଜ୍ଞାନ ନଥିବାରୁ ) ଦେଖିବେ ( ନିତ୍ୟ କର୍ମର ବ୍ୟବହାରରେ ) ମ୍ଳାନ ଦଶାହେଲା, ସ୍ତ୍ରୀ ପୁରୁଷ କାନ୍ତ ଓ କାନ୍ତାଲିଙ୍ଗନକୁ ଧାଇଁ ଆଉ କାହିଁରେ ନ ରହିଲେ ।

ଦୁହେଁ ନବଳ କାନ୍ତ ( ମନୋହର ) ଆଲିଙ୍ଗନକୁ ଧାଇଁ ରସେ ( ରସିଲେ ) ବ୍ୟବହାରରେ ଜ୍ଞାନମ୍ଳାନ ( ନଷ୍ଟଚେଷ୍ଟା ) ଦଶା କଲା ।

୧୭—ସନ୍ତାପିତ ( ମନସ୍ତାପ ଯୁକ୍ତ ) ହେବାରୁ ମଞ୍ଜୁ ( ମନୋହର ) କଳରବେ ( ମଧୁର ଧ୍ୱନିକି ) ନିନ୍ଦା କରନ୍ତି । ବିଚ୍ଛେଦ ଅପାଙ୍ଗରେ ସ୍ୱରଭଙ୍ଗ ଓ ପୁଲକ ( ରୋମାଞ୍ଚକୁ ବହନ୍ତି ) ।

ତାପିତ ( ତାପଯୁକ୍ତ ) ହେବାରୁ ମଞ୍ଜୁ କଳରବେ ( ପାରାଧ୍ୱନିକି ) ନିନ୍ଦା କରନ୍ତି । ଶୀତର ପଦରେ ( ଅଧୀନତାରେ ) ପୁଲକ ( କମ୍ପ ) ବହିବାରୁ ସ୍ୱରଭଙ୍ଗ ହୁଅଇ ।

ପିକର ମଞ୍ଜୁ କଳରବେ ( ମଧୁରଧ୍ୱନିକି ) ନିନ୍ଦା କରନ୍ତି । ପାଦେ ( ଭୟରେ ) ସ୍ୱରଭଙ୍ଗ ହୁଅଇ, ଦେହ ପୁଲକ ( କମ୍ପକୁ ) ବହଇ ।

୧୮—ବର୍ଷାକାଳ ପ୍ରବାସ ବିଧିରେ ( ନିଜ ମନରେ ପୀଡ଼ା ଦେବା ବ୍ୟାପାର ମାନଙ୍କରେ ) ସନ୍ତପ୍ତ ( ଯୁକ୍ତ ) ହେବାରୁ କହିଲେ—ହେ କାନ୍ତ ( କମନୀୟ ) ବର୍ଷାକାଳ ! ତୁମ୍ଭେ କାଳ ( ଯମ ) କି ? ମୋହରେ ଦେହକ୍ଳାନ୍ତ ( ଅତି ମ୍ଳାନ ) ଦଶାକୁ କାହିଁକି ସିଦ୍ଧ କରୁଛ ?

ଦାଦୁ ରତ ମଦନଜନ୍ମା କୁବୁଦ୍ଧି ମନ୍ତ୍ରୀ । ସେହୁ ମକର କେତନେ ମେଳ ହୁଳାଉ ।୧୯
ସ୍ୱାବ ଛଳବଚନ ଏ ପ୍ରକାରେ କହୁ । ପଥର ସମତରେ ସେ କଷଣୀ ସହୁ ।। ୨୦

ତ୍ରାସ ( ମନଃ ପୀଡ଼ା ) କେତୁ ବାଧୁରେ ( ଅଧୁରତାରେ ) ସନ୍ଧୁତ ହେବାକୁ କହିଲେ—ହେ ଶୀତ କାଳ ! ତୁ ସମସ୍ତଙ୍କ ପ୍ରାଣ ଜାନ୍ତ ( ଅସ୍ଥିର ) କରିବାକୁ ତୋହର ଭୁବନ ନାମକୁ ଶିଖି କରୁଛୁକି ? ( ଶୀତକାଳର-ନାମ୍ ଭୁବନ ) ।

ସ ( ପବନ ( ବାଧୁରେ ( ବିଶେଷ ଧୀରତାରେ ) ସନ୍ଧୁତହୋଇ ବହିବାକୁ କହିଲେ, ହେ କାଳ ଜାନ୍ତ ! ତୁ ପ୍ରାଣ ଶିଖି କି ( ବିରହୀ ବିରହିଣୀ ପୀଡ଼ା ରୂପ ) କାହିଁକି କରୁଛୁ ।

୧୯।୨୦—ଦର୍ଦ୍ଦୁର ( ଭେକ ) ତ ମଦନଜନ୍ମା ( ମେଘଜନ୍ମା ) ଅଟେ, ସେହୁ ମକର କେତନ ( ଜଳରେ ) ମେଳ ହେବାକୁ ଜଣାଉଛି ଲଭି କୁବୁଦ୍ଧି ମନ୍ତ୍ରୀପରି ହୋଇଛି ।

ହେ ଶୀତକାଳ ! ମଦ ( କୁମ୍ଭୀର୍ଯ୍ୟ ) ଜନ୍ମାଇବାକୁ ତୁ କୁବୁଦ୍ଧି ମନ୍ତ୍ରୀପରି ( କୁରନ୍ତ ) ହୋଇ ଭ୍ରମକର ( ଚନ୍ଦ୍ରମଣ୍ଡଳରେ ) କେତନ ( ମୃଗଙ୍କର ) ଭୂଲତରେ ମେଳ ହୋଇଛୁ ।

ହେ ମଦନଜନ୍ମା ( କୋକିଳ ) ତୁ ମକରକେତନେ ( କନ୍ଦର୍ପଙ୍କେ ) ମେଳ ହେବାକୁ ଜଣାଉଛୁ ଲଭିଛୁ ।

ସ୍ୱାବ (ଭାବନାକର) ଏ ପ୍ରକାର ଛଳ (ଗୁଞ୍ଜୁରୁ) ବଚନ କହୁ ପଥରସମତରେ ( ପଥର ସମାନ ) ସେ କଷଣୀ ସହିଲେ ।

ସେ ଏ ପ୍ରକାର ବତ୍ସଳ ( ବତ୍ସଳ-ସ୍ନେହଯୁକ୍ତ ) ବଚନକୁ କହୁ ଥର ସମତ ସେ ଏ ପ୍ରକାର ଛଳ [ବ୍ୟାଜ] ବଚନ କହୁ ଉପମଣ୍ଡରେ [ବିସହୋଇ ମନ୍ଥରେ ) କଷଣୀ ସହିଲେ ।

୨୧—ଶିବପୁର ଗଜପତି ସୁଶୋଭା ( ସୁନ୍ଦର୍ଯ୍ୟ ) ନାମ ଏବଂ ଗଜପତି ରାଜତେଜମା । ସୁଶୋଭା ( ସୁନ୍ଦରରାଜପୁତ୍ର ) ନାମ କଥିତ । ଅଥ ଯହିଁ ଚେପର ପଦାର୍ଥରେ ) ମନୀଷା ( ବୁଦ୍ଧି-ବାଞ୍ଛା ) କରେ ତହିଁରେ ଅଲୁଚ ପ୍ରକାଶ କରଇ ।

ଯହିଁ ( ଯେଉଁ ଶୀତକାଳରେ ) ନିଶାକରେ (ଚନ୍ଦ୍ରମାରେ) ଅଲୁଚ ପ୍ରକାଶ ହୁଅଇ ସେକାଳରେ ଜଗତୀ ସୁଶୋଭାର ( ଜଗତ୍ସୁନ୍ଦରୀ ରାଜତନ୍ୟାର ) ନାମ ରାଜପୁତ୍ର ଏବଂ ସୁନ୍ଦରର ନାମ ରାଜପୁଣ୍ୟ କଥଇ ।

ଯେଉଁ କାଳରେ ଶାକରେ ( ଗୁଡ଼ଜାତ ଦ୍ରବ୍ୟରେ ବସନ୍ତରେ ଗୁଡ଼ଜାତ ଦ୍ରବ୍ୟ ବ୍ୟାଧି ଜନ୍ମାଏ ) ଅଲୁଚ ପ୍ରକାଶ ହୁଏ ସେ କାଳରେ ଲୁହେଁ ଲୁହାଙ୍କ ନାମକୁ ଗତ ( କନ୍ଦାପୋଷ୍ମ ) ଲୁହଁ କପ କରନ୍ତି ।

ପଛପତ୍ତି ସୂତ୍ରଣାଗ୍ରର ନାମ ଜପଇ । ମଣୀଷା ଭରେ ଅଦ୍ଭୁତ ପ୍ରଭାଣ ବହି । ୨୧
ଖଗନାଥ ଶୋକପୂର୍ଣ୍ଣ ଗୃହେଁ ଅଶାରେ । କେବେ ଶେଷରଞ୍ଜନ ହର ସାଧୁ ସ୍ମରେ । ୨୨
ଗୀରଜଣୀକରେ ସେ ଶସ୍ୟନ ରଚନା । ଋଷିବାରେ ସ୍ତୁତ ଶିବେ କରେ ଅର୍ଚ୍ଚନା । ୨୩
ବ୍ୟଜନ ରସିତ ଉପକରଣ କାଳେ । ଉଡ଼ପଣ୍ଡ ଗର ଭୁକ୍ତି ଅବ୍ଜ ମୃଣାଳେ । ୨୪
ରସନିଧି ପ୍ରତିମା ସେ ତାହାର ହେଲେ । ବଙ୍କ ହେବ ଭାବଳମ୍ବ ବାଣୀ ଶୁଣିଲେ । ୨୫

---

୨୨—ଖଗନାଥ (ବିଶେଷରେ ନାଥ) ଶୋକରେ ପୂର୍ଣ୍ଣହୋଇ ଅଶାରେ ( ଜଳ-ଧାରକୁ) ଗୃହାନ୍ତି । ଶେଷରଞ୍ଜନ ( ବାସୁକି ଭୂଷଣ ) ହର ( ଶିବଙ୍କୁ ) କେବେ ସାଧୁ ସାଧୁ ବୋଲି ସ୍ମରଣ କରନ୍ତି ।
ପୂର୍ଣ୍ଣଶୋକ ଜନିତ ହେବାରୁ ଅଶାରେ ( ଭଗନାଦଙ୍କୁ ) ଗୃହାନ୍ତି । ତାହାଙ୍କର ବଶ୍ୟ ଶପଥର ଓ କେଶ ହର ( ସୂର୍ଯ୍ୟରେ ) ସରଞ୍ଜନ ଏମନ୍ତ ଯେ ଶିବ ତାଙ୍କୁ ସାଧୁ ସାଧୁ ବୋଲି ସ୍ମରଣ କରନ୍ତି ।
ନାଥ ( ନାଥ୍ୟ ) ପୂର୍ଣ୍ଣଶୋକ ହୋଇ ଅଶା କର ଗୃହାନ୍ତି, ଶେଷ ରଞ୍ଜନ ( ଅନୁରାଗ ପୂର୍ଣ୍ଣ ) ହର ( ଶିବଙ୍କୁ ) ସାଧୁ ସାଧୁ ବୋଲି ସ୍ମରଣ କରନ୍ତି ।
୨୩—ସେ ନୀରଜ ନିକରେ ( ପଦ୍ମ ସମୂହରେ ) ଶୟନ ରଚନା କରନ୍ତି । ସ୍ତୁତି-ପରେ ଋଣ କହୁଁ ଋଷିବାରେ ( ଋଷି ସମୂହରେ ) ଶିବଙ୍କ ଅର୍ଚ୍ଚନା କରନ୍ତି । ସେ ରଜଣୀକରେ ( ଧୂଳିରେ ) ଶୟନ ରଚନା କରନ୍ତି । ସ୍ତୁତିପରେ ଶିବାରେ ( ପାର୍ବତୀଙ୍କ ) ଅର୍ଚ୍ଚନା କରନ୍ତି ।
ସେ ଶୟନ ରଚନା କରି ଶୋକରୁ ଭରେ ( ଜଳରୁ—ଅଗ୍ନିରୁ ) କଣ ( ନାଶ ) କରନ୍ତି । ବାରେ ( ବାର ମାନଙ୍କରେ ) ସ୍ତୁତିପରେ ଦେବୀଙ୍କୁ ଅର୍ଚ୍ଚନା କରନ୍ତି ।
୨୪—ବିରହ ତାପରୁ ଉପକରଣ କାଳେ ( ଉପଭୋଗ୍ୟ ସାମଗ୍ରୀ ସମୂହ ମଧ୍ୟରେ ) ବ୍ୟଜନ ( ବିଞ୍ଚଣାରେ ) ରସିଲେ ଅବ୍ଜ ( ପଦ୍ମ ) ଏବଂ ମୃଣାଳରେ ଗର ( ବିଷ ) ଭୁକ୍ତି ଉତ୍ପନ୍ନ ହେଲା ।
ସେହି ଶୀତକାଳରେ କେବଳ ଶୀତୋପକରଣରେ ରସିଲେ ସେ କାଳେ ଅବ୍ଜ ( ପଦ୍ମ ) ମୃଣାଳ ( ବେଣୀରେଚରରେ ) ଉଦନ ( ସୂର୍ଯ୍ୟ ) ଏବଂ ଗର ( ବିଷ ) ଭୁକ୍ତି ହେଲା ।
ଉପକରଣ ସମୂହରେ ଅଳ୍ପ ନ ରସିତ ( ରସିଲେ ତାହାଙ୍କ ଅବ୍ଜମୃଣାଳରେ ( ପଦ୍ମ ନାଡ଼ରେ ) ପନ୍ନଗର [ ସର୍ପର ] ଭୁକ୍ତି ଜାତ ହେଲା ।
୨୫—ସେ ରସନିଧି [ ରସପୂର୍ଣ୍ଣ ] ପ୍ରତିମା, ମୁଁ ତାହାର ହେଲି ଏବଂ ଭାବଳମ୍ବ ( ଭାବମିଶ୍ରିତ ) ମୋ ବାଣୀ ସେ ଶୁଣିଲେ ମୁଁ ବଙ୍କହେବି, ଏହା ପରସ୍ପର ଭାବିଲେ ।

ଭାଗ୍ୟ ବରଣ କରିବା ମନେ ଚିନ୍ତା । କମଳର ଜାତି ଏ କଥାରେ ଅଭିଜ୍ଞ ॥ ୧୬
ସୁବାସ ସୁମନେ ପାଣ ହେବାରେ ଥାଇ । କୃତାର୍ଥ ବସନ୍ତ ସର୍ବଦା ସେହି ॥ ୧୭
ନବରସଜ୍ଞତା ନାହିଁ ସଙ୍ଗ ତାହାର । ସନ୍ତତ ରସରେ ଯୁକ୍ତ ଅନୁକ୍ଷଣର ॥ ୨୮

---

ସେ ସଖୀ ( ଶୌର୍ଯ୍ୟ ଯୁକ୍ତ ) ପ୍ରଥମେ ମୁଁ ତାହାର ଦେଖିଲି ଏବଂ ଭଗିନୀସ୍ତ୍ରୀ ବାଣୀ ସେ ଶୁଣିଲେ ମୁଁ କି କହିବି ପରିମ୍ଲାନ ଏହା ଭାବିଲି ।

ସେ ଶଖୀ ପ୍ରଥମେ ମୁଁ ତାହାର ଦେଖିଲେ ଏବଂ ବାଣୀ ଶୁଣିଲେ ସ୍ୱଭାବସ୍ତ୍ରୀ ( ସ୍ୱଭାବୋନ୍ମତ୍ତ ) ହେବା ଜାଣୁଥିଲେ ।

୧୬—ଭାଗ୍ୟବାନ୍ତିକା କମିନୀ ଲକ୍ଷ୍ମୀ (ଭ୍ରମର) ବରଣ କରିବାକୁ ମନରେ ଚିନ୍ତା କରନ୍ତି । ରମଣୀମାନଙ୍କର ଭ୍ରମରର ଜାତିର ଜାତି ( ପ୍ରବୃତ୍ତ ସ୍ତ୍ରୀ ଏବଂ ସ୍ତ୍ରୀର ପ୍ରବୃତ୍ତ ଜାତି ) ଏହି କଥାରେ ଅଭିଜ୍ଞ ହୋଇଲେ ।

ଭଗ୍ନ୍ୟରମ୍ଭ ମାନଲେ କେବଳ ପ୍ରକାରୀ ( ଶୀଘ୍ର ବାସ୍ତୁ ) ପ୍ରାପ୍ତ କରିବାକୁ ମନରେ ଚିନ୍ତା କରନ୍ତି । ଜାତି ଭ୍ରମର ଏହି କଥାରେ କେବଳ ଅଭିଜ୍ଞ ହୋଇଛନ୍ତି ।

ବରଣ କରିବା କମ୍ପ କେବଳ ମନରେ ଚିନ୍ତନ୍ତି ଏବଂ ଭ୍ରମରଜାତି ଜଣ ଏହି କଥାରେ ଅଭିଜ୍ଞ ହୋଇଛନ୍ତି ।

୧୭—ସୁବାସ ସୁମନେ ( ବାସନା ଯୁକ୍ତ ମାଳତୀ ପୁଷ୍ପସବୁ ) ପାଣ ହେବାରେ (ଶାଖ-ରେ ମିଳିବାକୁ ) ସର୍ବଦା ଥାଇଲେ—ସେହି ବସନ୍ତ ସହିତ କାମର କୃତାର୍ଥ ( ମିଳନ ) ହେବ ।

ତାହେ ( ବସ୍ତ୍ରରେ) ସୁମନେ ( ପୁଷ୍ପ ମାନଙ୍କରେ ) ପାନକୁଣ୍ଡ ହେବାରେ ଥାଇଲେ ସର୍ବଦା ସେହି ବସନ୍ତ ପାଇ ( ତାହାର କାନ୍ତି ) ତ ।

ସେ ସୁମନେ ( ଭ୍ରମର ମନରେ ) ପାଣ ନିକଟ ହେବାକୁ ଥାଇଲେ ସର୍ବଦା ସେହି ବସନ୍ତ ହୃତ ।

୨୮—ପ୍ରବୃତ୍ତ ନବରସଜ୍ଞ ( ନୂତନରସଜ୍ଞ ) ଯୁବକ ମୋର ତା ସଙ୍ଗ ନାହିଁ, ସ୍ତ୍ରୀ ସୋହାଗ ନବରସଜ୍ଞତା [ ନବରସ ପଣ୍ଡିତ ] ସ୍ୱଭାବିକ ସଙ୍ଗ ନାହିଁ, କାମର ଅନୁକ୍ଷଣ ତାହାର ସନ୍ତତ ରସରେ ଯୁକ୍ତ ହେବ ।

କେବେ ତାହାର ସଙ୍ଗ ହେବ, ପ୍ରୀତ ହେବାର ପରେ ଅନୁକ୍ଷଣ ଯୁକ୍ତ ହେବ ଏ କଥା କହିବାକୁ ବର୍ଣ୍ଣଜ୍ଞତା ( ବର୍ଣ୍ଣମାନଙ୍କର କଥା ଜାଣିବା ଲୋକ ) ହେଉନାହିଁ ।

( ପ୍ରବୃତ୍ତ ) ଯୁବତୀ ରସଜ୍ଞ ତା ସଙ୍ଗ ମୋର ନାହିଁ ( ସ୍ତ୍ରୀ ) ରସଜ୍ଞତା ପ୍ରବୃତ୍ତ ସଙ୍ଗ ମୋର ନାହିଁ । ଅତଏବ ଅନୁକ୍ଷଣ ଉତ୍ସବରେ ( ଉଲ୍ଲାସତାରେ) ଯୁକ୍ତ ହୁଅନ୍ତି ।

ସ୍ୱରୂପ ଋତୁଗଣ ଙ୍କ ନିକାଳ ସ୍ତବନ । ବସୁଦେବଜତୋଷଦାତା ଉପେନ୍ଦ୍ର ବନ୍ଦେ ॥ ୨୯
ଶୀଘ୍ର ଉପରେ ଲକ୍ଷ୍ମି ଲୁବ୍ଧବର୍ତ୍ତିକ । ସୁମନରେ ମୋଦେ ଭଜିସ୍ତୁଦ ବ ଭୂପ ॥ ୩୦

---

## ଷଡ଼ବିଂଶ ଛାନ୍ଦ

ରାଗ—କୁମ୍ଭକାମୋଦୀ ।

ଶୁଣି ଗୁଣୀଚନ୍ଦ୍ରେ ପ୍ରଶ୍ନ ଏ ଉତ୍ତର ପରମ ରହସ୍ୟ ।
ରହେ ଚମ କଟକ ସନ୍ନିବା ମାଳିନୀନଗର-ନରେଶ ॥ ୧

ବରବରନାକୁ ଦେଖି କି କହିବା ସମ୍ଭ୍ରମ ମନରେ ।
ହରଷ ନାରଦ ବୀଣାପ୍ତନ ଶୁଣି ଏକାନ୍ତେ ଗଗନେ ॥ ୨

---

୨୯—ବସୁଦେବଜ ତୋଷଦାତା ( ଶ୍ରୀକୃଷ୍ଣଙ୍କ ) ସ୍ୱରୂପ ଋତୁଗଣଙ୍କ ନିକାଳ ସ୍ତବନ ( ବର୍ଷା, ଶୀତ, ଗ୍ରୀଷ୍ମ ତିନିକାଳର ସ୍ତବକୁ ) ବନ୍ଦେ ( ବନ୍ଦନା କରିବାକୁ ) ବନ୍ଦନା କରନ୍ତି ।
ସୁରେନ୍ଦ୍ର ତୋଷଦାତା ( ବାମନ ରୂପେ ଦେବତା ମାନଙ୍କର ତୋଷଦାତା ଉପେନ୍ଦ୍ର ) । ନନ୍ଦର ତୋଷଦାତା ( କୃଷ୍ଣ ) ।

୩୦—ହେ ନରେ ! ସୁମନରେ ( ଉତ୍ତମ ମନରେ ) ମୋଦେ ( ଆନନ୍ଦରେ ) ଲୁବ୍ଧ ବର୍ତ୍ତିକ ( ଅଧର ଚୋପର ) ବାଶ୍ୟାଢ ଭଜିସ୍ତୁଦଙ୍କୁ ଉପରେ ଲକ୍ଷ୍ମି ବାନ୍ଧୁର କର ।
ଶ୍ୟାଢ, ମନରେ, ଉଚ୍ଚେ ( ଶୀଘ୍ର ) ନରେ ।

---

କୁଞ୍ଜର କୁଞ୍ଜର ପୁଞ୍ଜର ଗମନେ ସୁମନେ ସୁମନେଶ ସ୍ମରିଲ ।
ପକ୍ଷହନ୍ତା ମୁହିଁ ଜାତା ପକ୍ଷ ପାଇ ଅଚଳ ଅଚଳାରେ ଚଳେ ।
ସବର୍ଣ୍ଣ । ଅବର୍ଣ୍ଣ ରୂପକୁ ଧାଇଁ ।
ଦନ୍ତ-କଣ୍ଟକ ତୁଙ୍ଗ ସ୍ଥୂଳକାୟ ଶିକଳୀ-ଧାତୁଧାରେ ଶୋଭେ । ୪

---

୨—ନାଗରାଜ ( ଶିବ ) ଓ ଧନୁର୍ଦ୍ଧାରୀ ରାଜବଂଶୀୟ ରତ୍ନାକର ( ସମୁଦ୍ର ) ଜନ୍ମାବଳୀ ଲବ୍ଧର ଅବେଳରେ ( ଅଶାରେ ) ପୁରବେଶ ହୋଇ ରମାବତୀପୁରରେ ପ୍ରବେଶ ହେଲେ । ଯେଉଁ ଗାବନ୍ଧୁରର ଶବଦରେ ବ୍ରହ୍ମାଣ୍ଡଖଣ୍ଡ ଦୁନ୍ଦୁଭିରେ ( ଶୀଘ୍ର ) ପୂର୍ଣ୍ଣହେଲା ଅମରେ ( ଦେବତାମାନେ ) ତାହାଙ୍କୁ ଗୃହିଁ ପ୍ରବୃଦ୍ଧ ହୋଇ ବନ୍ଦିଲେ ।

୩—ପତଙ୍ଗହସ୍ତ ( ସୂର୍ଯ୍ୟଙ୍କର ଘୋଡ଼ାମାନେ ) ଓ ପତଙ୍ଗ ( ପକ୍ଷିମାନେ ) ଶାଳ୍ମଳ ( ପତାକା ) ତହିଁରେ ଦଣ୍ଡପନ୍ତିକ ଦେଖି ପତାକା ( ପାଶ ) ଦଣ୍ଡ ( କାଣ୍ଡିଅନଳ ) ଭ୍ରମରେ ଛନ୍ଦହେବା ଏବଂ ବନ୍ଧହେବା ହୋଇ ଜଦ୍ରବତ ( ଚଞ୍ଚଳ ) ହେଲେ ଏବଂ ଗଣ ଚଳେ । ପାଦାନ୍ତି ( ପଦାଗ୍ରୁସ୍ଥ ସୈନ୍ୟମାନେ ) ବଳ ପ୍ରବଳରେ ଗମନ୍ତେ ରେଣୁଏ ( ଧୂଳିମାନେ ) ଅକାଶର ପ୍ରକାଶନିମନ୍ତେ ଅନ୍ତେ ଛିଦ୍ର ରଖିଲେ ନାହିଁ, ଅର୍ଥାତ୍ ଧୂଳିରେ ଘୋଟି ଯିବାରୁ ଅକାଶ ଟିକିଏ ମାତ୍ର ଦିଶିଲା ନାହିଁ ।

୪—କୁଞ୍ଜର କୁଞ୍ଜର ପୁଞ୍ଜର (ହସ୍ତୀଶ୍ରେଷ୍ଠ ସମୂହର) ଗମନରେ ସୁମନେଶ (ଦେବେନ୍ଦ୍ର) ମନରେ ସ୍ମରିଲ—ମୁଁ ପର୍ବତମାନଙ୍କର ପକ୍ଷହନ୍ତା ଯେ ଅଚଳ ( ପର୍ବତମାନେ ) ଏବେ ତାହାର ପକ୍ଷ ( ସହାୟ ) ପାଇ ଅଚଳାରେ (ପୃଥିବୀରେ) ଚଳନ୍ତି । ଏମାନେ ସବର୍ଣ୍ଣ, ଅବର୍ଣ୍ଣ, ରୂପ ପ୍ରକାର ରୂପକୁ ଧାଇଁ ( ଅନୁକୂଳଥାଇଁ ) ହସ୍ତୀ ଦନ୍ତକଣ୍ଟକ ( ଦନ୍ତବଳୟ ) ଓ ଶିକଳୀ ( ଶାଙ୍କୁଳୀ ଓ ଧାତୁଧାର ( ମଦଧାର ) ରେ ଶୋଭନ୍ତି, ପୁଣି ତୁଙ୍ଗ ( ଉଚ୍ଚ ) ସ୍ଥୂଳକାୟ ( ପାର୍ଶ୍ୱଶରୀର ) ପର୍ବତ ଦନ୍ତ ( ଶୃଙ୍ଗ ) କଣ୍ଟକ (ଚିହ୍ନାତମ୍ଭ)ରେ ଓ ଗୌରବଦାଦ ଶିକଳୀଧାତୁ ଧାରରେ ଶୋଭନ୍ତି, ପୁଣି ତୁଙ୍ଗ ଓ ସ୍ଥୂଳ-

ସିନ୍ଧୁ ଜାତକୁଳେ ପ୍ରବଳ ଉଦ୍ଧତେ ବାଡ଼ବ ରଙ୍ଗେ ଭ୍ରମବନ୍ଧ ।
ସିନ୍ଧୁ ଜାତକୁଳେ ପ୍ରବଳ ଉଦ୍ଧତେ ବାଡ଼ବ ରଙ୍ଗେ ଭ୍ରମ ବନ୍ଧ ।
ତାଣ୍ଡବେ । ସର୍ବଜନଙ୍କ ଭାବ ଇଚ୍ଛି ।
ମେଳ ତ୍ରିବେଣୀ ରଙ୍ଗ ଧରେଣ କା ବଟେ ଅକାଳେ ପ୍ରଳୟ ହେଉଛି ॥ ୫
ରଥେ ଘନ ଘନପଥେ ଯେ ଗମନ ଅମ୍ବରମଣ୍ଡଳେ ଲୁଚଇ ।
ଗୂଢ-ଦର୍ଶୀ ଝଟ ଝଟ ଝଟକେ ନେଇ ଅଟକ ନିବର୍ତ୍ତଇ ।
ପ୍ରକଟ । ତଡ଼ି ଭଟକଟ କଟରେ ॥
କେକୀ ଟେକୀ ପୁଚ୍ଛ ଗଣକ ଗଣିଲେ କି ହେଉଛି କୁଜସ୍ତମ୍ଭରେ ॥ ୬

---

କାବ୍ୟ ଦଣ୍ଡକଙ୍କ ସିଦ୍ଧାନ୍ତାନୁସାରେ ସବଙ୍ଗ ଓ ଭଙ୍ଗ ସ୍ଥୂଳ-କାୟରେ ଅଛନ୍ତି ।

୫—ଯେ ସ୍ଥାନ ସିନ୍ଧୁପାର ହୋଇଛି—ସିନ୍ଧୁ ( ସମୁଦ୍ର ) ପ୍ରବଳ ଉଦ୍ଧତେ ( ଉତ୍କଟ ଲହରୀ ) ଭୂଇରେ ଏବଂ ବାଡ଼ବରଙ୍ଗେ ( ବାଡ଼ବାଗ୍ନି ଶିଖାକୁ ) ଓ ଭ୍ରମ ( ଭଉଁରୀ ) ବନ୍ଧ ର ମଧ୍ୟରେ ତାଣ୍ଡବ କରଇ । ଏଠାରେ-ସିନ୍ଧୁଜାତକୁଳେ ( ସିନ୍ଧୁ ଦେଶୀୟ ଘୋଡ଼ା ମାନେ ) ଏବଂ ବାଡ଼ବ ( ଅନ୍ୟାନ୍ୟ ଘୋଡ଼ା ମାନେ ) ପ୍ରବଳ ଉଦ୍ଧତେ ( ଅତି ଚଞ୍ଚଳତାରେ ) ରଙ୍ଗେ ଭ୍ରମବନ୍ଧ ( ନାଚ-ଦେବା ବନ୍ଧନ ) କରୁଛନ୍ତି । ତାଣ୍ଡବ ଏହାପର ସର୍ବ ଜନଙ୍କ ଭାବକୁ ଇଚ୍ଛା କରୁଥାଇ, ସୁନ୍ଦି ରଙ୍ଗ ଧରଣ ( କଳା ଧଳା ରଙ୍ଗ ତିନିବର୍ଣ୍ଣ ହୋଇ ) ଧରୁଥାଇ ଏ କା ବଟେ ( ତ୍ରିବେଣୀ—ଗଙ୍ଗା, ଯମୁନା, ସରସ୍ୱତୀ ) ମେଳହୋଇ ଅକାଳେ ପ୍ରଳୟ ହେଉଛି ?

୬—ରଥେ ( ରଥମାନେ ) ଘନ ( ମେଘ ) ଅଟନ୍ତି ମେଘ ଘନପଥରେ ( ଆକାଶରେ ) ଗମନ କରନ୍ତି ଏମାନେ ଘନ ( ନିବିଡ଼ ଭାବରେ ) ପଥରେ ଗମନ କରୁଅଛନ୍ତି, ଯେ ମେଘ ଅମ୍ବର ( ଆକାଶକୁ ) ଏ ରଥ ଅମ୍ବର ( ବସ୍ତ୍ର ) ମଣ୍ଡନରେ ମନୋହର । ମେଘରେ ଥିବା ବିଜୁଳୀପରି ରଥରେ ଥିବା ଗୂଢ ଦର୍ଶୀ ଝଟଝଟ ଝଟକେ ନେଇ ଗତିକୁ ନିବର୍ତ୍ତନ ଅଟକ କରୁଛି । ମେଘ ଗର୍ଜନ ସଦୃଶ ପ୍ରକଟ ହେଉଥିବା ରଥର ଭଟ ଭଟ ରଡ଼ରେ ( ଶବ୍ଦରେ ) କେକୀ ( ମୟୂର ମାନେ ) ବର୍ଷାକାଳ ହେଲା ବୋଲି ପୁଚ୍ଛକୁ ଟେକିଲେ । ଏ ସବୁ ଦେଖି ଗଣକ ( ଜ୍ୟୋତିଷମାନେ ) ଗଣିଲେ—କୁ-ଜ ( ମଙ୍ଗଳ ) ସ୍ତମ୍ଭରେ ଅଛନ୍ତି ବର୍ଷାର ଅଗମ କିପରି ହେଉଛି । ମଙ୍ଗଳ ସ୍ତମ୍ଭ ହେଲେ ବର୍ଷା ହୁଏ ନାହିଁ ।

ମନ୍ତ୍ରୀବର କେଶ କହେ ନୃପବର୍ଗ ଅଭିଧାନ ବାଖାନଦକ୍ଷ ।
କାନ୍ତାଦି କାଣ୍ଡ ପ୍ରକାଶ ତିନିଲୋକ ଗୀତ କୃତ-ଶ୍ଳୋକବୃନ୍ଦଙ୍କୁ ।
ଉତ୍ତମ । ବର୍ଣ୍ଣ ଉଜ୍ଜ୍ୱଳ ସର୍ବେ ଜହିଁ ।
ଉପବନ ହେବ ପ୍ରସ୍ତାବେ ପୁସ୍ତକ ଲେଖା ଭାବେ ଦେବା ରଖାଇ । ୭
ଯୁବା ସମ୍ପ୍ରତି ନୋହୁଁ ତେ ଶତପଞ୍ଚ ଶତ କୃଦନ୍ତ ହେବା ଅଛୁ ।
ଗୁଣ ସଂଯୋଗରେ ପୂଜନ କରିବା ଗଣେଶ୍ୱରଜାତ ଅଛୁଁ ।
ସଚିବ । ଜାଣିଲୁ ଯେ ଯେତେ ରାଜନ ।
କେତେକ ଅଧିକ କହ ଲକ୍ଷି ଉଦ୍ୟାନେ ରତ୍ନ ଭାଷ ଦେଲ କହନ । ୮

---

୭—ରାଜପୁତ୍ରମାନଙ୍କୁ ଦେଖି ମନ୍ତ୍ରିବର ବ୍ୟାଖ୍ୟାନଦକ୍ଷ ରାଜାଙ୍କୁ କେଶରେ କହିଲା, ଏ ନୃପ-ବର୍ଗ ଅଭିଧାନ ଶାସ୍ତ୍ର ଅନ୍ତେ, ଅଭିଧାନ କାନ୍ତାଦି କାଣ୍ଡ (ବର୍ଗ) ଓ ତିନିଲୋକରେ (ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ) ଗୀତ (ସ୍ତୁତ) ଶ୍ଳୋକ ବୃନ୍ଦଙ୍କୁ ପ୍ରକାଶ କରେ, ଯହିଁରେ ଉତ୍ତମ ବର୍ଣ୍ଣ ଓ ସର୍ବେ (ସର୍ବନାମ ମାନେ) ଉଜ୍ଜ୍ୱଳ ହୋଇଥାନ୍ତି । ରାଜପୁତ୍ର ମାନେ ଏଥିପୂର୍ବ ସ୍ୱର୍ଗ, କାନ୍ତାଦି (ବେଶ ଭୂଷାଦି) ଓ କାଣ୍ଡ ପ୍ରକରଣରେ (ଶାସ୍ତ୍ର ପ୍ରକରଣରେ) ପ୍ରକାଶ ପାଉଛନ୍ତି, କୃତ ଶ୍ଳୋକ ବୃନ୍ଦଙ୍କୁ (ଧାର୍ମିକମାନଙ୍କୁ) ତିନି ଲୋକରେ ଗୀତ (କୀର୍ତ୍ତିତନ୍ତି) ସର୍ବେ ଉତ୍ତମ ବର୍ଣ୍ଣ (ସଦ୍‌ବଂଶୀୟ) ଏବଂ ଉଜ୍ଜ୍ୱଳ (କଳଙ୍କ ହୀନ) ଏମନ୍ତ ରାଜବୃନ୍ଦଙ୍କୁ, ଉପବନ ପ୍ରସ୍ତାବରେ ପୁସ୍ତକ ହେବ, ତହିଁରେ ଏହି ରାଜାମାନଙ୍କୁ ଲେଖା ଭାବେ (ଅପର ଧାଡ଼ିରେ ଶ୍ରେଣୀ ବନ୍ଧରେ) ରଖାଇ ଦେବା ।

୮—ଏ କଥାରେ ଯୁବା ସମ୍ପ୍ରତି ହୋଇ ନୋହୁଁ ତେ କହିଲେ—ପୁସ୍ତକର ଶତ-ପଞ୍ଚରେ ଶତ କୃଦନ୍ତ ହୁଏ ଅର୍ଥାତ୍ ଶତପଞ୍ଚଟି ରଚିତ ହୁଏ ଓ ସେ ଗୁଣ (ଭୋଗ) ସଂଯୋଗରେ ଗଣେଶ୍ୱର ଜାତ (ଗଣେଶ ଚତୁର୍ଥୀ ପାଠାରେ) ପୂଜନ ହୁଏ । ଯୋଗୁଁ ଗଣେଶ୍ୱର ଜାତ (ଯାହା ଗଣେଶ୍ୱର ପ୍ରାପ୍ତି ସାଗର ରାଜାଙ୍କର ପୁତ୍ର ପ୍ରସୂତେଲ୍ଲା) ଅଛୁଁ, ସେ ସଚିବ (ଯାନ-ସନ୍ଧାନ) ହୋଇ ଶତ (ଅସ୍ତ୍ରଣ ରୂପେ କୃଦନ୍ତ ପ୍ରକରଣ) ଭରିବାର ଅଛି, ଅତଏବ ସେ ରାଜପୁତ୍ରଙ୍କୁ ଓ ଅନ୍ୟାନ୍ୟମାନଙ୍କ ଗୁଣସଂଯୋଗରେ (ଶୌର୍ଯ୍ୟାଦି ଗୁଣାନୁସାରେ) ପୂଜନ କରିବା ଉଚିତ ହେଉଛି । ଏମନ୍ତ ଶୁଣି ସଚିବ (ମନ୍ତ୍ରୀ) ଯେ ଯେତେ ରାଜା ତାହା ତ ଜାଣିଲୁ, ତାଙ୍କୁ କେତେକ ଅଧିକ କହ ଉଦ୍ୟାନେ ଲକ୍ଷି ବହନ ରତ୍ନ ଭାଷ ଦେଲ ।

ସେ ବନ ନନ୍ଦନ ସମାନ ବନ୍ଦନ ସଦା ସୁମନାବର ଥାଇ ।
ପାଶେ କଉଶିକା ସେ ମନ୍ଦାକିନୀ କି ସୁରସନ୍ତାପକୁ ହରଇ ।
ଦେଖନ୍ତି । ରାଜନେ ଦୁହିଙ୍କ ଶୋଭନ ।
କରନ୍ତି ସଲ୍ଲୀଳେ ପରଭୃତ ସ୍ତନ ସଲିଳେ ପରଭୃତ ସ୍ନାନ ॥ ୯
କେଳୁଛନ୍ତି କଳକଣ୍ଠ ଚଳୁଛନ୍ତି କଳକଣ୍ଠ ଅନବରତ ।
କାହିଁ କୁମୁଦ ଗନ୍ଧସାର ସୁସ୍ୱାଦ କାହିଁ କୁମୁଦ ଗନ୍ଧସାର ।
ଭ୍ରମରେ । ରାଜିତ ଭ୍ରମରେ ରାଜିତ ।
ଏକ ମଧୁର ବାସ ଏକ ମଧୁର ବାସ ବେନି ମଧୁର ବାସ ସତ ॥ ୧୦
ମାଳିନୀପୁର ମାଳିନୀ ଫୁଲ ତୋଳନ୍ତି ସେ ବନେ ମାଳିକା ରଚନେ ।
ଲକ୍ଷ ନୃପତି ଲକ୍ଷ୍ୟ ଲୋଭେ ପ୍ରବେଶ ସ୍ୱୀକାରି ମୋହିତ ଦେଖି ରଙ୍ଗବନେ ।
ବ୍ୟାଘ୍ରତୁଣ୍ଡି । ମଗଧଦେଶ ମର୍ଯ୍ୟସୁତ ।
ଯେଉଁ ଫୁଲ ମାଳି ତହିଁରେ ସବୁରି ନୃପଛାଉରେ ହେବ ଖ୍ୟାତ ॥ ୧୧

---

୯—ସେ ବନ ନନ୍ଦନ ସମାନ ବନ୍ଦନୀୟ ହୋଇଛି, ନନ୍ଦନ ବନରେ ସଦା ସୁମନାବର ( ଦେବେନ୍ଦ୍ର ) ଥାଏ, ଏଠାରେ ସୁମନାବର ( ଉତ୍କୃଷ୍ଟ ପୁଷ୍ପମାନ ) ଅଛି, ସେ ବନର ପାଶରେ ଥିବା କୌଶିକାନଦୀ ମନ୍ଦାକିନୀ ( ସ୍ୱର୍ଗଙ୍ଗା ) କି ? ମନ୍ଦାକିନୀ ସୁର ( ଦେବତା ମାନଙ୍କର ) ସନ୍ତାପକୁ ହରଇ, ଏ ସୁର ( ସୂର୍ଯ୍ୟଙ୍କର ) ସନ୍ତାପକୁ ( ପ୍ରଖର କିରଣ ତାପକୁ ) ହରୁଛି । ରାଜାମାନେ ଦୁହିଁଙ୍କର ( ବନ ଓ ନଦୀର ) ଶୋଭାକୁ ଦେଖୁଛନ୍ତି । ବନରେ ପରଭୃତ ( କୋକିଳମାନେ ) ସଲ୍ଲୀଳ ( କ୍ରୀଡ଼ା ସହିତରେ ) ସ୍ୱନ କରନ୍ତି, ନଦୀରେ ପରଭୃତ ( ରାଜାଙ୍କ ପାଳିତ ଲୋକମାନେ ) ସ୍ନାନ କରନ୍ତି ।

୧୦—ଅନବରତ ( ସର୍ବଦା ) ବନରେ କଳକଣ୍ଠ ( ମୟୂରମାନେ ) କେଳୁଛନ୍ତି, ନଦୀରେ କଳକଣ୍ଠ ( ହଂସମାନେ ) ଚଳୁଛନ୍ତି ( ପହଁରୁଛନ୍ତି ) କାହିଁ ( ବନର କେଉଁଠାରେ ) କୁମୁଦ ( ଚନ୍ଦ୍ରାଳିବା ଆଢଙ୍କା ବୃକ୍ଷ ) ଗନ୍ଧସାର ( ଚନ୍ଦନବୃକ୍ଷ ) ସୁସ୍ୱାଦ ( ସୁସ୍ୱାଦୁ ) ହୋଇଛନ୍ତି ଓ କାହିଁ [ ନଦୀର କେଉଁଠାରେ , କୁମୁଦର ଗନ୍ଧ ( ବାସନା ) ସାର ହୋଇଛି, ବନ ଭ୍ରମରରେ ରାଜିତ ( ଶୋଭିତ ) ନଦୀ ଭ୍ରମରେ ( ଜଳଭଉଁରିରେ ) ଶୋଭିତ । ଏକ ( ବନରେ ) ମଧୁର ( ବସନ୍ତ କାଳର ) ବାସ (ବାସସ୍ଥାନ) ଓ ଏକ [ ନଦୀରେ ] ମଧୁର [ ଜଳର ] ବାସସ୍ଥାନ ସତ । ଦୁହେଁ ମଧୁର [ ସୌନ୍ଦର୍ଯ୍ୟର ବାସସ୍ଥାନ ]

୧୧—ମାଳିନୀ ପୁର [ ଚମ୍ପାପୁର ] ମାଳିନୀ ମାଳିକାରଚନେ [ ହାର ଗୁନ୍ଥିବାକୁ ] ସେ ବଣରେ ଫୁଲତୋଳନ୍ତି ଲକ୍ଷ ସଂଖ୍ୟକ ନୃପତି ଲକ୍ଷ୍ୟ ଲୋଭେ [ ଲକ୍ଷ ବସ୍ତୁ ଲୋଭରେ ] ପ୍ରବେଶ କଲେ । ମାଳିନୀ ଦେଶର ରାଜାଙ୍କ ନାମ ଶୁଣି

ସୁକାନ୍ତେ କ୍ଷେମା-ସଖୀ କଥା ଏକାନ୍ତେ ନବକାମ ବୃତ୍ତ ଲଗନେ ।
ଅର୍ପିଲେ କି ନାହିଁ କପଟ କାଳିମା ଶୁଣି ରମଣୀମଣି ସ୍ୱତେଷ ।
ପୁଷ୍ପାନ । ନ କରିଥିଲେ ଟେଷ ପ୍ରସ୍ଥାନ ।
କରିବ କି କି ଶମନ-ଭବନକୁ ଜୀବନ ଭୁଞ୍ଜ ଏ ବିଧାନ । ୧୨
ବାଣୀକା କହୁ ସାରଙ୍ଗ ଟଳିଲାଣି ଗ୍ରହ ଅଶଙ୍କା ଏଥି ନାହିଁ ।
ଅବଧି ବରଷେ ତା ଜାଣ ଦୃଷ୍ଟାନ୍ତି ଜାଣି ସାରଙ୍ଗ ଥାଏ ଯହିଁ ।
ନୋହିଲେ । ଜଳଦ ବୋଲନ୍ତେ କେ ଘନେ ।
ସେ ରସଦାନ୍ତୁଁ ଭ୍ରୂ ତାହା ଦୃଷ୍ଟାନ୍ତି ଅର୍ପିବେଣି ରସ ପ୍ରଦାନେ । ୧୩
କହେ କାଦମ୍ବିନୀ ସମସ୍ତ ହେଲଣି ଦର୍ପଣ-ନନ୍ଦା ଉତ୍ଫୁଲ୍ଲାକ ।
ନୀର-ବକ ଅସ୍ତବ୍ୟସ୍ତ ଲଭି ଲଜ୍ଜା-ହଂସ ଦୂରକୁ ପଳାଇବ ।
କି ଗୁଣି । ମାଳିନୀ ଏକାଳେ ଅଇଲା ।
ଶୋଭିଲା ଫୁଲମାଳା ଭୃଙ୍ଗ ଅଙ୍ଗ ଅଳ୍ପ କାହିଁକି ପଶୁଥିଲା । ୧୪

---

ଏହେତୁ ରାଜାଙ୍କ କେତେକେ ଦେଖି ଥାଉନ୍ତୁ, ମଦାଧଦୋଷ ପରୀକ୍ଷିତ ଯେଉଁ ଫୁଲମାଳି ଯହିଁରେ ସଙ୍ଗୀ [ ସ୍ନେହ ] ହେଲ, ମାଳିନୀ ଯାଇ ସ୍ୱୀକାରରେ କହିବା ବେଳେ ତାହା ଜ୍ୟାତ ହେବ ।

୧୨—ନବକାମ ସଦୃଶ ପୁଷ୍ପକେତୁ ବୃତ୍ତ ସଦୃଶ କୋଟିବ୍ରହ୍ମାଣ୍ଡସୁନ୍ଦରୀର ଲଗନରେ ଅର୍ପିଲେ କି ନାହିଁ କପଟ କାଳିମା ଏ କଥା ସୁକାନ୍ତରେ [ ଅନ୍ତଃପୁରରେ ] କ୍ଷେମାସଖୀ ଏକାନ୍ତେ କହନ୍ତେ ରମଣୀମଣି ତାହା ଶୁଣି ସ୍ୱତେ ସେ ପୁଷ୍ପ ପ୍ରସ୍ଥାନ କର ନ ଥିଲେ [ ନ ଅର୍ପିଥିଲେ ] ମୋ ଜୀବନ ଶମନଭବନକୁ ( ଯମାଳୟକୁ ) ପ୍ରସ୍ଥାନ କରିବଟି କି,ଏ ବିଧାନ ଭୁଞ୍ଜ ।

୧୩—ବାଣୀକା ସଖୀ କହୁଛି—ତେଉ ସାରଙ୍ଗ [ ଖଞ୍ଜନ ] ଟଳିଲାଣି । ଏଥିରେ ଗ୍ରହଦୋଷ ଆଶଙ୍କା ଅବଧି [ ପର୍ଯ୍ୟନ୍ତ ]ନାହିଁ । ଯେପରି ଦୃଷ୍ଟାନ୍ତି ସାରଙ୍ଗ [ ଭ୍ରମର ] ଯହିଁ ଥାଇ ତାହା ଜାଣି ମେଘ ତା ଜାଣ ବର୍ଷଇ, ନୋହିଲେ ଘନେ [ ମେଘକୁ ] କେହି ଜଳଦ ବୋଲନ୍ତେ କି ? ସେହିପରି ସେ ସୁନ୍ଦର ରସମୂର୍ତ୍ତି, ଭ୍ରୂ ତାହା ପାଶ ଦୃଷ୍ଟାନ୍ତିମାନ ଅବଶ୍ୟ ସେ ରସ ପ୍ରଦାନେ ଅର୍ପିବେଣି ।

୧୪—କାଦମ୍ବିନୀ ସଖୀ କହୁଛି—ସମସ୍ତ ହେଲଣି ଦର୍ପଣରୂପନନ୍ଦା ଏଥର ଉତ୍ଫୁଲ୍ଲାକ ନୀରବକରୂପ ବକ ଅସ୍ତବ୍ୟସ୍ତ ଲଭିବ, ଲଜ୍ଜାରୂପ ହଂସ ଦୂରକୁ ପଳାଇବ ମାଳିନୀ କି ଗୁଣି ( କାରଣ ) ଏ କାଳେ ଅଇଲା, ଶୋଭିଲା ସଖୀ ଫୁଲ-ମାଳାକୁ ଭୃଙ୍ଗ ଅଙ୍ଗ ଅଳ୍ପ କାହିଁ କି ପଶୁଥିଲା ।

ପଦ୍ମବନ୍ଧୁ ଦ୍ୱିଷାରିକା ପ୍ରସ୍ତ ଅନଳେ ସେ କେଳିକାନନେ ।
ନବନାୟକ ଯେତେକ ପୃଥ୍ୱୀପାଳ ପୂର୍ବ ଗଲେ ତହିଁ ସଦନେ ।
ଦେଖି ମୁଁ । ଜାଣିଲି ଜଣା ତଥ୍ୟ କର ।
ସମ୍ଭେଦେ ମଦେ ପ୍ରମୋଦେ ଗାରପଦେ ଅଧିକ କହୁଛି ବାରୁଷ । ୧୫
ଶତେଷ୍ଟ ତ୍ରିପୁର ଜିଣିଛି କାଶୀଶ୍ୱର ନୁହଇ କାଶୀଶ୍ୱର ସେହୁ ।
ବିଦେହ ରାଜା ଅଛିଅଛି ଶତେଦାହରାଜା ଏଥି ଏ ବେଳ ନାହିଁ ।
କୋଦଣ୍ଡ । ଭାଣ୍ଡ ଯହିଁରେ ତା ନିର୍ମିଣ ।
ସେ ପୁର ନୃପଳ ବାଟେ ଚନ୍ଦ୍ରପ୍ରଭା ସ୍ୱଭାବେ ସେ କୌତୁକରଞ୍ଜଣ ॥ ୧୬
ଶୁକ୍ଳ ଭବ ଭର ମିଶ୍ରବେଣୀ ବେଣୀ ପାଶେ ଥିଲେ ମୋତେ ଦିଶିଲା ।
ଦୃଷ୍ଟି ଏ ତନ୍ତୁ ତୋଟିଏକ ଖସିଲା ମୋର ନିକଟକୁ ଆସିଲା ।
ମୋ ନେତ୍ର । ମୀନ ସୂତ୍ର ଶୋଭା ଅଣିଲା ।
ମାଟିନ ସ୍ୱଳସ୍ପୃଳ ଯେତେ ତେଲ ତହିଁରୁ କାଟି ନ ପେଲା । ୧୭

---

୧୫—ପଦ୍ମବନ୍ଧୁ ( ଏକଥା ପଦ୍ମବନ୍ଧୁ ବା କେଶବକୁ ) ପ୍ରସନ୍ନ ( ଅନେକ ପ୍ରସନ୍ନ-ବଦନରେ ) ନାଳିନୀ ଉଚ୍ଚାରିଲା ( କହିଲା ), ସେ କେଳିକାନନେ ପୃଥ୍ୱୀପାଳ ଯେତେକଜଣର ନାୟକ ( ରାଜା ) ସଦନେ ପୂର୍ବଗଲେ । ମୁଁ ସେମାନଙ୍କୁ ଦେଖି ତହିଁ ମଧ୍ୟରୁ ସମ୍ଭେଦେ ( ଭାଗ୍ୟରେ ) ମଦେ ( ଅହଙ୍କାରରେ ) ପ୍ରମୋଦେ ( ଆନନ୍ଦରେ ) ଏବଂ ଗାରପଦେ ( ଗାର-ପଦରେ ) ଅଧିକ ବୋଲି ଯେଉଁ ଜଣଜଣଙ୍କୁ ତଥ୍ୟ କରି ଜାଣିଲି ତାଙ୍କ ବାରୁଷ କହୁଛି ।

୧୬—କାଶୀଶ୍ୱର ( କାଶୀରାଜା ) ଶତେଷ୍ଟ ତ୍ରିପୁର ( ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ) କୁ ଜିଣିଛି କିନ୍ତୁ ସେ କାଶୀଶ୍ୱର ( ତ୍ରିପୁରହର କାଶୀପତି ଶିବ ) ନୁହଇଁ, ଅନ୍ୟ ବିଦେହ ଦେଶ ରାଜା ଅଛିଛି ସେ ଅତିଶୟ ସୁନ୍ଦର ଏ ବେଳେ ବିଦେହ ରାଜା ( କନ୍ଦର୍ପ ) ଏଥିରେ ନାହିଁ, ତା ( କନ୍ଦର୍ପର ) କୋଦଣ୍ଡ ଭାଣ୍ଡ ( ଧନୁରେ ) ଯହିଁରେ ନିର୍ମିଣ ସେ ପୁର ( ଚମ୍ପାପୁର ) ନୃପତି ( ରାଜପୁତ୍ର ପୁଷ୍ପକେତୁ ) ଚନ୍ଦ୍ରପ୍ରଭା ( ଚନ୍ଦ୍ରତୁଲ୍ୟ ଦୀପ୍ତିବା ) ଧରି ବସନ୍ତି ଜଣଛନ୍ତି, ତାଙ୍କ ସ୍ୱଭାବରେ ସେ ରାଜା କୁହନ୍ତି କୌତୁକରଞ୍ଜଣ ଖଦ୍ୟୋତପରି ନିଷ୍ପ୍ରଭ ଦିଶୁଛନ୍ତି ।

୧୭—ଶୁକ୍ଳ ( ଧୂସର ) ଭବ ( ଶିବ ) ପୁଷ୍ପିଙ୍କର ଛବି ( କାନ୍ତି ) ଧରି ବେଣୀମିଶ୍ର ବେଣୀ ପାଶେ ଥିଲେ ମୋତେ ଦିଶିଲା, ତହୁଁ ଏ ଦୃଷ୍ଟି ( ଏଗଣ-ଦୃଷ୍ଟିକ ) ତନ୍ତୁ ତୋଟିଏ ଖସିଲା ଏବଂ ମୋ ନିକଟକୁ ଆସିଲା, ମୋ ନେତ୍ରରୂପ ମୀନର ସୂତ୍ରଶୋଭାକୁ ଆଣିଲା, ଅର୍ଥାତ୍ କୌତୁକ ମଧ୍ୟରେ ଦୃଷ୍ଟି-ସୂତ୍ରଙ୍କର ମୀନ ସ୍ଥ ସୂତ୍ର, ଏବଂ ଶୁକ୍ଳ ମୀନରେ ଲୁଗା ଏ ଯେଉଁ ଜଣାଯାଉଛି

ମୁଁ ବୋଲୁଥିଲି ଯାହା ଇଚ୍ଛା ତାହା ନାଅ ଉଦ୍‌ବେଗେ ଲକ୍ଷାଏକୁ ବନ୍ଧୁ ।
ଗୁନ୍ଥିଲୁ ରାଶି କେଳ ଚମ୍ପା ବକୁଳ ସୂତାରେ ସାରବଶ ବଧୂ ।
ମୋହିଲୁ । ଭୁବନ ବର୍ଣ୍ଣମଙ୍ଗଳରେ ।
ସେଠାରେ ବସି କି ରସିକ କୁମାର ଶିବମଣ୍ଡନା କଲୁ ଧୀରେ ॥ ୧୮
ମିଥ୍ୟା କପଟ ପୁର କି କରୁ ଜାଣିଲି ଯେଣିକ ବା ହୃଦକୁଟରେ ।
ଫୁଲ ମାଗିବା ପ୍ରଶ୍ନରେ ପଚାରୁଛି ତୁମ୍ଭ ଗୃହ କେଉଁ ନଗରେ ।
କହିଲୁ । ହସିଲୁ ହୋଇ ସେ କୁତୂହଳ ।
ଗୁରୁବର୍ଣ୍ଣ ଗୁରୁଅଙ୍କ ହୋଇ ଭଲେ ପାଟଳୀପତ୍ର ଏଣିକେ ॥ ୧୯
ମୋ ସବଦ୍ଧୁ ଥିଲୁ ଯୋଷା ପର ଯୋଷାଏ ତହିଁ ଧଇଗ ସେ ବନ୍ଧୁଥିବ ।
କାନ୍ତ ନଳିନୀ ଶଙ୍ଖିଣି ମାଳିନୀ ଏ ତେଣୁ ବାରଣକଲି ଏ ଭାବ ।
ବାଳା ହେ ! ପଦ୍ମରସାଳ ପଥ୍ୟ ଦେଖ ।
ଭଣ୍ଡ ପ୍ରବେଶ ଶ୍ରବଣରେ କନକ-କଣ୍ଟକାଫଳ ଲକ୍ଷ୍ୟ ବନ୍ଧୁ ॥ ୨୦

---

ଜାଣି ଅସି ମୋ କେଶ ପାଶର ମୁଖ ଦେଖାଇ ଏଣିଲ । ଫୁଲ ମାଗିଲ, ମୁଁ ଯେତେ ଫୁଲ ଦେଲି ସେ ତହିଁରୁ କିଛି ନେଲାନାହିଁ ।

୧୮—ମୁଁ, ଯାହା ଇଚ୍ଛା ତାହା ନାଅ, ଏହା ବୋଲୁଥିଲି । ଉଦ୍‌ବେଗରେ ଲକ୍ଷାଏକୁ ବନ୍ଧୁ ଚମ୍ପା ବକୁଳ ରାଶିକେଳି ସୂତାରେ ଗୁନ୍ଥିଲ ଏବଂ କହିଲ—ଏଥିରେ ସାର ( ରାଜପୁତ୍ର ) ବସୁ; ଅର୍ଥାତ୍ ତମାପୁଣ ଜେମାଠାରେ ରାଜପୁତ୍ର ବଶ ବୋଲି ଜଣାଇଲ; ଆଉ ଦେଖିଲି ବର୍ଣ୍ଣ ମଙ୍ଗଳରେ ( ରୂପ ଶୋଭାରେ ) ଭୁବନ ମୋହୁଛି ଏପରି ଏକ ରାଜପୁତ୍ର ସେଠାରେ ବସିଛି, ସେ କି ରସିକ, ସେ ମାଳାକୁ ନେଇ ଧୀରେ ଶିବ ମଣ୍ଡନା କଲ ।

୧୯—ହୃଦକୁଟରେ, ଯେଣିକ ଏ ଯେ ମିଥ୍ୟା କପଟ ଭାରଣୀ ଭାବର ପୁର ( ନଗର ) ଏ କପଟ ଜାଣିଲି; କିନ୍ତୁ ଯେଉଁ ପ୍ରଶ୍ନ ଫୁଲ ମାଗିଲ ତାକୁ ମୁଁ ପଚାରୁଛି, ତୁମ୍ଭ ଗୃହ କେଉଁ ନଗରେ ? ଏହି ପ୍ରଶ୍ନ ହସିଲ ହୋଇ କୁତୂହଳ ( କୋମଳ ଭାବରେ ) କହିଲୁ ପାଟଳିପତ୍ର ଗୁରୁବର୍ଣ୍ଣ ( ଚତୁର୍ଥ ବର୍ଣ୍ଣ, ଘ ) ଭଲେ ଗୁରୁଅଙ୍କ ( ହ୍ରସ୍ୱ ଉକାର ) ଏଣିକେ ସେ ନଗର ନାମ ହେବ, ଅର୍ଥାତ୍ ପାଟଳିପୁର ।

୨୦—ମୋ ସବଦ୍ଧୁ (ସୁଦୃଢରେ ) ଏକବର୍ଣ୍ଣକାଳ ବନ୍ଧୁଥିବା ଯୋଷା ( ନପୁଂସକ-ପୁରୁଷ ) ପର ଜଣେ ସେଠାରେ ବସିଲ କାନ୍ତ ନଳିନୀ ( ପଦ୍ମିନୀ କାନ୍ତ-ଶଙ୍ଖିନୀମାନେ ) ଏ ଶଙ୍ଖିଣି ମାଳିନୀ ଏପରି ସେ ଯୋଷା ବନ୍ଧୁଥିବ, ତେଣୁ ଏ ଭାବ ବାରଣକଲି । ହେ ବାଳା ପଦ୍ମରସାଳ ( ଆମ୍ବ ) ପ୍ରାୟ ଦେଖ ( ଦେଖିଲୁ ଥିଲୁଅଛୁ ) ସେ ଭଣ୍ଡ ସମସ୍ତରେ ପ୍ରବେଶ ହେବାର ଶୁଣି କନକ କଣ୍ଟକାଫଳ ( ସୁବର୍ଣ୍ଣ ପଣସ ) ର ତୁଲ୍ୟ ( ତୁଳନାକୁ ) ବାନ୍ଧୁଛ ।

ହେଉ ଶାଢ଼ୀ ଚୁଡ଼ି ଗୁଣା ମୁଦି ବଳା ସୁବର୍ଣ୍ଣ ରଜତେ ତାଟଙ୍କ ।
ମାଗଣା କରିବ କୃପାଙ୍କୁ ଶିବଙ୍କୁ ଯା ଜଣା ସଖୀଏ କହନ୍ତେ ।
ସେ ଧନ । ପ୍ରାପତ ହେଉ ଏ ତୋହାରେ ।
ପ୍ରେମ-ବାଣିଜ୍ୟ ଲଭ ଲବ୍ଧ ଶୋଧନ କରୁ ବାରହ ବୁଦ୍ଧ୍ୟାରେ । ୨୧
ଯାହାକୁ ଧନ ସେ ଚାହିଁ ଲଭ କେହୁ ପାଇବ ବେଘେନ ତୁ ଗୁଣିବୁ ।
ଓଷ୍ଠ ମାଣିକ୍ୟକୁ କାହ କରିବତ ଅନୁରାଗ-ବାଣୀ ମାଣିକ୍ୟ ।
ସୁହାସ । ମୋତି କରିବ ଅତଯାଚେ ।
ହର-କଣ୍ଠାରେ ଅର୍ଜନ ଦନ୍ତ-ହୀରା ଥୁଆଇ ହୋଇବ ତୃପତ । ୨୨
ଏମନ୍ତ ଶୁଣି ସେ ମାଳତୀତରୁଣୀ ମେଲାଣି ହୋଇ ଦିବାବେଳେ ।
ତଟିନୀ ତଟରେ ସୁବାସରେ ଲେଉଟି ଲେଉଟି ଭୃଙ୍ଗ ଶ୍ରେଣୀ ମିଳେ ।
କହନ୍ତି । ଅପରାଧ କ୍ଷମା କରିବ ।
ଦୟା କରି ବାନ୍ଧୁ ଭାମୁନ ପଦ୍ମଦଳ ନୟନାକୁ ଚଳ୍ ଚାହିଁ ପାରି । ୨୩

---

୨୧—ସଖୀମାନେ ମାଳତୀଙ୍କ ଶାଢ଼ୀ, ସୁବର୍ଣ୍ଣ ଓ ରଜତର ନିର୍ମିତ, ଚୁଡ଼ି, ଗୁଣା, ମୁଦି, ବଳା, ତାଟଙ୍କ ହେଉ କହିଲେ, ତୁ ଯା ଶିବଙ୍କୁ ଓ କୃପାଙ୍କୁ ମାଗଣା କରିଲୁ ଜଣା, ସେ ଧନ ଏ ତୋହର ପ୍ରାପ୍ତ ହେଉ, ପ୍ରେମବାଣିଜ୍ୟରେ ଲବ୍ଧ ନିଜ ବାରହ ବୁଦ୍ଧ୍ୟାରେ ଶୋଧନ ( ବିନାଶ ) କରୁ ।

୨୨—ତୁ ଅବା ମନରେ ଯାହାକୁ ସେ ଧନ ଚାହିଁ, କେହୁ (କପଟ) ଅବା ସେ ଲବ୍ଧ ପାଇବ, ତୁଭ ଗୁଣିବୁ, ବେଘେନ ( ବାଉଳ କର ) ସୁନ୍ଦରୀ ପାଟଳପୁର ରାଜପୁତ୍ରକୁ ପାଇଲେ ଓଷ୍ଠ ମାଣିକ୍ୟକୁ ( ମାଣିକ୍ୟତୁଲ୍ୟ ରଙ୍ଗ ଅଧରକୁ ) ଅନୁରାଗ ବାଣୀ ( ସ୍ନେହବାଣୀରୂପେ ) ମାଣିକ୍ୟ କାହ କରିବବ, ସୁହାସ ମୋତି ( ମୋତି ତୁଲ୍ୟ ଶୁକ୍ଳ ହାସ ) ଅତଯାଚ ( ଅତିଶୟ ) କରିବ ହରକଣ୍ଠାରେ ( କଣ୍ଠମୂଳରେ ) ଅର୍ଜନ (ଲଭ) ରୂପେ ଦନ୍ତ ହୀରା ଥୁଆଇ (ଦନ୍ତକ୍ଷତ କରିବ ) ତୃପ୍ତ ହୋଇବ ।

୨୩—ସେ ମାଳତୀ ତରୁଣୀ ( ମାଳତୀ ) ଏମନ୍ତ ଶୁଣି ମେଲାଣି ହୋଇ ଦିବା- ବେଳେ ତଟିନୀତଟରେ ( ନଦୀକୂଳରେ ) ସୁବାସରେ ( ପୁଷ୍ପଗନ୍ଧରୁ ) ଲେଉଟି ଲେଉଟି ଅସୁମ୍ଭା ଭୃଙ୍ଗ ଶ୍ରେଣୀ ( ଭ୍ରମର ଦଳ ) ମିଳିଲେ ଏବଂ କହନ୍ତି ଅପରାଧ କ୍ଷମା କରିବ ଦୟା କରିବାକୁ ଭାମୁନ ଓ ପଦ୍ମଦଳ ନୟନାକୁ ଚାହିଁ (ପଦ୍ମଦଳପାଖି) ଗଲେ ।

ସେ ବିମ୍ବାଧର ଶଠୋଗ ପାନ ଧରି ନିନ୍ଦାନ୍ତି ସନାଳ ସାରସ ।
ଭଉଁରେ କୂଳାନ୍ତି କୋଟିଏ କୂଳରେ ବକୁଳ ତଳରେ ପ୍ରବେଶ ।
  କଟଳ-ବଦନ ରାଜନନ୍ଦନେ ।
ଦେଖି ନ ଥିବ ତାହା ଆଖି ଯେମନ୍ତ ସୁନ୍ଦର ଚନ୍ଦ୍ରବିମ୍ବବନେ । ୨୪
ତାହାଙ୍କ ଉଦ୍ରଙ୍କ ତୁଲା କେ ଭଜିବ ଏସନ ପ୍ରସନ୍ନ ବଦନ ।
ସେହୁ ବପ୍ର ଗୃହୀ ହରଷ୍ଟ ଗର୍ବ ନ ରଖି ବୋଲାଇ ମଦନ ।
  ପୁରୁଷ-ରତନ ସେ ନାହିଁ ଅଛନ୍ତି ।
ନନ୍ଦନୀ ତୁନ୍ଦ ଗୋପାଳ-ଶ୍ରେଷ୍ଠଙ୍କର ଲକ୍ଷଣା ଇଚ୍ଛା ତୋ ସଙ୍ଗତି । ୨୫
ଗଙ୍ଗାଧରଙ୍କ ତାଳିଲି ଯେ ନୀରଜନେତ୍ର ଦ୍ୱିଜମିଶ୍ର ଉପରେ ।
ସେ ମୋହେତ ପ୍ରତିଲି କେହୁ ବାଳେ ଏ ହୃତ ନୋହେଟି କଦା ହେତୁକରେ ।
  ସହୁକେ । ଏ କଞ୍ଜପ୍ରସୂନ ବୋଲାଇ ।
ଭବଗ୍ରହଣଯୋଗ୍ୟ ଜନ ନ ମିଳି ପ୍ରବୃତ୍ତି ଜ୍ଞାତ ଅଛି ତାଇ । ୨୬

---

୨୪—ସେହି ବିମ୍ବାଧର ଶଠୋଗ ( ଶାଠିଁ ) ପାନ ଧରି ସନାଳ ( ନାଡ଼ ସହିତ ) ସାରସ ( ପଦ୍ମ ) ଭଉଁରେ ( ଭଡ଼ୀ ନଦୀକୁ କୂଳାନ୍ତି ନଦୀ କୂଳରେ କୋଟିଏ ବକୁଳତଳରେ କଟଳନନ୍ଦନ ( ମୁଖ୍ୟ ) ରାଜନନ୍ଦନ ପ୍ରବେଶ ହେଲେ, ତାହା ଆଖି ଯେମନ୍ତ ସୁନ୍ଦର ଚନ୍ଦ୍ରବିମ୍ବବନେ ଦେଖିନଥିବ ।
୨୫—ତାହାଙ୍କର ପ୍ରସନ୍ନବଦନ ସଦୃଶ ଉଦ୍ରଙ୍କ ଭଳିକେ କେ ତୁଲା ଭଜିବ ( ସମାନ କରିବ ) ସେହୁ ବପ୍ର ( ଶ୍ରେଷ୍ଠ ) ଗୃହୀ, ହରଷ୍ଟ ( କାମ ) ଗର୍ବ ନ ଦେଖି ମଦନ ବୋଲାଇ ଅର୍ଥାତ୍ ମଦ ( ଗର୍ବ ) ନ ( ନାହିଁ ) ସେ ନାହିଁ ପୁରୁଷ ରତନ ( ଶ୍ରେଷ୍ଠ ) ଅଛନ୍ତି ସୁତରାଂ ରତନ ( ଭୂଷଣ ) ହେଲେ, ତୁନ୍ଦ ଗୋପାଳଶ୍ରେଷ୍ଠ ( ଭୂପତିଶ୍ରେଷ୍ଠଙ୍କର ) ସୁଲକ୍ଷଣା ନନ୍ଦନୀ ( ଦୁହିତା ) ସୁତରାଂ ସେ ଗୋପାଳଶ୍ରେଷ୍ଠ ( ଗଜପତିଶ୍ରେଷ୍ଠ ) ହେଲେ ତୁ ତାଙ୍କର ନନ୍ଦନୀ ( ପୁତ୍ରବଧୂ ) ହେବୁ ଅତଏବ ପୁରୁଷ ଭୂଷଣ ତୋ ସଙ୍ଗତି ( ସଙ୍ଗମ ) ଇଚ୍ଛା କରଇ ।
୨୬—ଗଙ୍ଗାଧରଙ୍କ ( ଗଙ୍ଗାଧରଙ୍କ ପୁତ୍ର ) ଦ୍ୱିଜ ( ବ୍ରାହ୍ମଣ ) ମିଶ୍ରଙ୍କ ଉପରେ ଯେ ନୀରଜନେତ୍ର ( ପଦ୍ମନେତ୍ର ) ତାଳିଲେ ଅର୍ଥାତ୍ ଦ୍ୱିଜମିଶ୍ରଙ୍କ ଆଖିରେ ଠାର ଦେଲେ ତହିଁ ସେ ମୋହେତ ପ୍ରତିଲେ—କେହୁ ବାଳେ, ଏ ( ପଦ୍ମପତ୍ର ), କଦାପି ହେତୁକରେ ହୃତ ନୋହେଟି ( ହୃତ କାହା ହେବନାହିଁ ) ଏ ସହୁକେ କଞ୍ଜପ୍ରସୂନ ( ପଦ୍ମ ) ବୋଲାଏ ସୁତରାଂ କଞ୍ଜ ପ୍ରସୂନ ( କଞ୍ଜଫୁଲ ) ହୋଇ-ଛୁଏ । ଭବଗ୍ରହଣଯୋଗ୍ୟ ( ସୁନ୍ଦର ) ନ ମିଳିବାରୁ ଦେଖ ପ୍ରବୃତ୍ତିଜ୍ଞାତ ( ବୃଦ୍ଧିଶୁଦ୍ଧ ) ଅଛନ୍ତି, ଶ୍ଳେଷାର୍ଥ—ଭବ ଗ୍ରହଣ ଯୋଗ୍ୟଜନ ( ପାଣି-ଗ୍ରହଣ କରିବା ଭଳି ଯୋଗ୍ୟ ଜନ ସ୍ୱାମୀ ) ନମିଳିବାରୁ ହେତୁକର ( କାମକୁଞ୍ଜ ) ବୃଦ୍ଧି ହୋଇଅଛି, ସେ ପଦ୍ମ ପତ୍ରରେ ଜଳ ଗମ ଲଭିବ ନାହିଁ ।

ଜଳପର୍ଣ୍ଣ ଫଳ ରସାଳସ୍ତୁଦସ୍ତ ପତ୍ର କର୍କଶ ମଧ୍ୟେ ଥାଇ ।
ଜାତ ଜାମ୍ବୁତେ ଏ ମୃତ ହେବ କାଅ ଏମନ୍ତ ବ୍ୟାଧି ଥିଲେଣି ହୋଇ ।
ସଙ୍କେତ । ଦେଖି ବୋଇଲି ଧାଅ ଦେଖିଲ ।
ପୂର୍ବେର ତବକଣ୍ଠେ ଥିଲା ସୁରଭି ସୁରଭିମାଳା ଜାଉ ଗଲେ ॥ ୧୭
ଧରିଲି ସ୍ୱରତବର୍ଣ୍ଣରୁ ଜାଣିଲି ଦେହା ରେଣୁ ଏ ଗୋଶୀର୍ଷରେ ।
ଖଣ୍ଡୁ ଏ ଫଳସ୍ତ ଦେଖ ଚତୁର ଏ ଫଳ ହେବ କେଉଁ ବାଟରେ ।
ଦେଖି ସେ । ଅଳୀ ଅଙ୍ଗୁଳି ଘାତ କଲା ।
ସ୍ତୁଦସ୍ତ କୁଚସ୍ତ କଠିନକୁ ଜାଣି ଭୁଞ୍ଜି ଶୋଭାଙ୍ଗୀ ହସ୍ତେ ଦେଲା ॥ ୧୮
ସୁନା ପଟା ଖୋଲା ବାହାର ପର୍ବତ ମିନା ଫୁଙ୍କା ଲିପି ଝଳକ ।
ଅଦ୍ଭୁତ ଦେଖିଲା ପର୍ଣ୍ଣେ ଅଳ ଅଳ ହୋଇ କି ମିଳନ୍ତ ମିଳନ୍ତ ।
ପଞ୍ଚଶ । ଯୋଗ ହୋଇଥିଲା ପତ୍ରରେ ।
ସେହ ଭଟସାର ଶେଷ ଚାହିଁ ବହୁଛି ରୋମାଞ୍ଚ ଉତ୍କଣ୍ଠ ଶରୀରେ ॥ ୧୯

---

୧୭—ରସାଳ ସ୍ତୁଦସ୍ତ ( ଅଣ୍ଟାକୁଡ଼ା ) ପତ୍ର କର୍କଶ ( କଠିନ ଖୋଳ ) ମଧ୍ୟରେ ରହିଛି । ଜାମ୍ବୁତେ ( ପର୍ବତେ ) ଜାତ ଏ ଜଳପର୍ଣ୍ଣଫଳ ( ନଡ଼ିଆଫଳ ) ଏମନ୍ତ ବ୍ୟାଧି ( ଜ୍ୱରରୋଗ ରୋଗ ) ହୋଇଥିଲେ କାଅ ମୃତ ହେବ । ମୁଁ ସଙ୍କେତ ଦେଖି ବୋଇଲି, ଧାଅ—ସେ ଦେଖିଲା । ପୂର୍ବେ ତବ କଣ୍ଠେ ଯେଉଁ ସୁରଭିମାଳା (ସୁବର୍ଣ୍ଣଚମ୍ପକମାଳା) ଥିଲା ତାହା ବାହୁଲତାରେ ଅଛି ।

୧୮—ମୁଁ ଯେ ଦେଇଥିବା ରେଣୁକୁ ଧରିଲି ଓ ସ୍ୱରତ ବର୍ଣ୍ଣରୁ ( ଲଗୁଡ଼ ପୀତବର୍ଣ୍ଣ ଦେଖିବାରୁ ) ଜାଣିଲି—ଏ ଘୋଷ ହୋଇଥିବା ଗୋଶୀର୍ଷରେ ( ଗୋରୋଚନାରେ ) ଦେହା ରେଣୁ । ଅତଏ ଚତୁର । ଏବେ ଦେଖ, ଏ କେଉଁ ବାଟରେ ( କାରଣରେ ଫଳହେବ, ମୋର ଏ ଫଳସ୍ତ ଖଣ୍ଡ ( ଖଣ୍ଡିତ-ହେଉ ) । ଅଳୀ ( ସଖୀ ) ତାହା ଦେଖି ଅଙ୍ଗୁଳିଘାତ କଲେ ସ୍ତୁଦସ୍ତ କୁଚସ୍ତ କଠିନକୁ ଜାଣି ଅର୍ଥାତ୍ ତନ୍ତୁମଧ୍ୟରେ ଥିବା ଶଂଖାଳକୁ ଭୁଞ୍ଜି ଭକ୍ଷଣ କରି ଶୋଭାଙ୍ଗୀ ( ସୁନ୍ଦରୀ ) ହସ୍ତେ ଦେଲା ।

୧୯—ସୁନାପଟା ଖୋଲା ହୋଇ ବାହାରେ ପର୍ବତ ସହିତ ମିନା (କାରୁକାର୍ଯ୍ୟ) ଫୁଙ୍କା ହୋଇ (ଝଳିତ ହେବାରେ) ଝଳଝଳ କାଗଜରେ ଲିପି (ଅକ୍ଷରପନ୍ତି) ବ୍ୟକ୍ତ ହୋଇ ଅଛି । ଅଦ୍ଭୁତ ( ଆଶ୍ଚର୍ଯ୍ୟ କଥା ) ଦେଖିଲା ପତ୍ରରେ ଅଳ ଅଳ ( ଧାଡ଼ି ୨ ) ହୋଇ ମିଳନ୍ତ ( ଭ୍ରମର ) ମିଳନ୍ତ ହୋଇଛନ୍ତି କି ? ତାଙ୍କ ଦେହରେ ପଞ୍ଚଶ ( ସୁନ୍ଦରୀଙ୍କୁ ) ଯୋଗହେଲାପରି ସେ ତୋହ ଗନ୍ଧ ଦାନ (ତଦନ) ଶେଷ ଚାହିଁ ବହୁଛି ( କେଉଁ ଠାରୁ ଲଭିଛି ) ଏମନ୍ତ ତାଙ୍କୁ ଉତ୍କଣ୍ଠା ( ରୋମାଞ୍ଚ ) ଶରୀରରେ ପଡ଼ିଲା ।

ଶ୍ୟାମ ଯେମନ୍ତ ଅଭିଖ୍ୟା ତେମନ୍ତ ନାମ ପୃଥ୍ୱୀ ଶବ୍ଦ ବାନ୍ଧିଲା ।
ଉର୍ବଶୀ ଅପୂର୍ବ ସୁନ୍ଦରୀ ସ୍ୱର୍ଗରେ ଥୋଇବା ଯୋଗୁ ଏବେ ହୋଇଲା ।
ସୁକେଶୀ । ଅରମ୍ଭା ଅକାର ସ୍ଥାନରେ ।
ରମ୍ଭା ବୋଲାଇଲା ତିଳୋତ୍ତମା ହେଲା ତିଳେ ସୁଷମା ସମାନରେ । ୩୦
ଗୁଣୀ ତୁଳନାରେ ତୁଳନା ନୋହୁଛି ଋତେ ଏଣୁ ବୋଲୁଅଛି ।
ଭସ୍ମକାଳୁଁ ଘାଟାଠାରେ ଥିବା ନାହା ପଞ୍ଚବାଣିଏ ବତାଇଛି ।
ତୋ ନେତ୍ରେ । ତହୁଁ ସେ ସାକ୍ଷାତ ଉଦୟ ।
ନୀଳାମ୍ବର ଥିଲା ଲୀଳାମ୍ବର ହେଲା ନାଭ ତରଙ୍ଗେ କୁବଳୟ । ୩୧
ବର୍ଣ୍ଣନାଛିଦ୍ର ପିଛି ଭକ୍ତ ଉରରୁ ହୃଦେ ହୋଇ ବନମାଳିକା ।
ଶ୍ରବଣେ ଋଷୀ ବନରେ ଗ୍ରଥିତ ହୋଇ ବ୍ୟାପି ସେ ଯାଉଥିବ ଏକା ।
କାଶ୍ୟପ । ଶ୍ରୀରାମ ଉପମା ସୃଷ୍ଟିରେ ।
ଲୋକଙ୍କ ଜନ ମୁଁ ଅବଶ୍ୟ ଜନମ୍ମୁ ସମ୍ପୂର୍ଣ୍ଣ ଭାବନା ଦୃଷ୍ଟିରେ । ୩୨

---

୩୦—[illegible]—ହେ ଶ୍ୟାମ ! ତୁ ଯେମନ୍ତ ଅଭିଖ୍ୟା (ସୁନ୍ଦରୀ) ଶବ୍ଦ ପୃଥ୍ୱୀ ତୋର ତେମନ୍ତ ନାମ ( କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ) ବାନ୍ଧିଲା, ପୂର୍ବରେ ଅପୂର୍ବ ସୁନ୍ଦରୀ ଉର୍ବଶୀ ଥୋଇଥିବା ଯୋଗୁଁ ଏବେ ଅ-ପୂର୍ବ ସୁନ୍ଦରୀ (ଅସୁନ୍ଦରୀ) ବୋଲାଇଲା, ଆଉ ଏକ ସୁକେଶୀ ଅରମ୍ଭା ( ସୌନ୍ଦର୍ଯ୍ୟ ଗର୍ବିତା ) ଅପସରା ଏ-କାର ସ୍ଥାନରେ ( ରୂପରେ ମ୍ଳାନ ହେବାରୁ ଅ-ମ୍ଳାନା ହୋଇ ) ରମ୍ଭା ବୋଲାଇଲା । ଅନ୍ୟ ଏକ ଅପ୍ସରା ତିଳମାତ୍ର ସୁଷମାରେ ସମାନ ହେବାରୁ ତାହାର ନାମ ତିଳୋତ୍ତମା ହେଲା ।

୩୧—କାମସ୍ତ୍ରୀ ସୁନ୍ଦରୀର ଗୁଣ ତୁଳନାରେ ସମ୍ପୂର୍ଣ୍ଣ ସମାନ ନୋହୁ ଅତଏ ମାତ୍ର ତୁଳନୀୟା ହେବାରୁ ଉକ୍ତ ନାମ ଧରୁଛି । ଏବଂ କାମ ଭସ୍ମହେବା କାଳରୁ ଘାଟାଠାରେ ( ଘଟଠାରେ ) ଥିବା ନିଜ ନାହା ( ସ୍ୱାମୀକୁ ) ପଞ୍ଚ ବାଣିରେ ( ପଞ୍ଚବାଣରେ—ନୀଳୋତ୍ପଳ, ନବମଲ୍ଲିକା, ଚୂତ, ପଦ୍ମ ଓ ଅଶୋକ ଶରରେ ) ସେ ( ରତି ) ତୋଷେ ବଢାଇଛି ( ପୂଜା କରୁଛି ) । ତହୁଁ ସେ ( ଶଇସନ୍ତୁ ) ତୋ ନେତ୍ରରେ ସାକ୍ଷାତ ଉଦୟ ( ପ୍ରକାଶ ) ପାଉଛି । ତୋ ଦେହର ନୀଳାମ୍ବର ( ନୀଳଶାଢ଼ୀ ) ପୂର୍ବରୁ ଥିଲା, ତାଲୁ ନଭ ଶରମାନ-ନରର ବଢାଇବାରୁ ତରଙ୍ଗରେ ( ଲହରୀରେ ) କୁବଳୟ ( ନୀଳପଦ୍ମ ) ଦିଶିଲା ଭଳିପରି ଲୀଳାମ୍ବର ( ଚଞ୍ଚଳ ଶରୀର ଭଙ୍ଗୀ ) ଜାତ ହେଲା ।

୩୨—ଭକ୍ତମାନଙ୍କ ହୃଦୟରେ ବନମାଳିକା ( ବନଫୁଲମାଳା ) ପରି ହୋଇ ବର୍ଣ୍ଣନା ଛିଦ୍ରମାନଙ୍କୁ ପିଛିଲା, ଅର୍ଥାତ୍ ଭକ୍ତମାନେ ତୁମ୍ଭର ବର୍ଣ୍ଣନା ବାଧକ ହୃଦରେ ଧାରଣ କଲେ । ସେ ତହୁଁ ବନବାସୀ ଋଷି ମାନଙ୍କର ଶ୍ରବଣ ଶମିଛି ସେବ-

ନିବଳୀ ନିପଅଣା ପାଶେ ଉଦରେ ରୋମାଳୀ କଳ୍ପବୃକ୍ଷ ଜାତ ।
ଅଧର ମନ୍ଦାର ଶ୍ରୀଅଙ୍ଗ ସୁଗନ୍ଧ ପାରିଜାତକ ଅମୋଦିତ ।
କଣ୍ଠାଗ୍ରେ । ସୁଣ ସନ୍ତାନ ଜାତ କରୁ ।
ଶୀତଳତା ହରିଚନ୍ଦନ କାମଦା ନୋହୁଁରୁ ପାଞ୍ଚ ସୁରତରୁ ॥ ୫୩
ମୂଳପଣ୍ଡ ପୁଚ୍ଛ କଦା ନୋହେ ଲକ୍ଷ୍ୟ ତୋ କେଶ ଗର୍ଭକ କିମନ୍ତେ ।
ଛେଦନ କରି ନିବେଦନ କରିବି ଏ ଦୋଷ କ୍ଷମା କଲେ ମୋତେ ।
ତୋ ଇଚ୍ଛା । ଚୂଡ଼ା ବନ୍ଧନ କରିବାରେ ।
ଥିଲେ ଚନ୍ଦ୍ର ଉରେ ବସିଲ ପ୍ରକାରେ ଯୋଗ ଦେଖାଉଛି ଏହାରେ ॥ ୫୪
ହେଲା ଅତଃସ୍ତ ସଂଶୟ ଅନ୍ତର ଅନ୍ତରଗତକୁ ବାଳାର ।
ଶ୍ରବଣେ କର ସୀତା ସ୍ୱପ୍ନ ଭାବନା ସଜନୀ ନଖ ଜଗଜର ।

---

ନରେ ବୃକ୍ଷ ହୋଇ ( ଅନୁକୂଳ ରୂପରେ ) ଏଣା ବ୍ୟାପି ଯାଇଥିବ । ତୁମ୍ଭ ସୃଷ୍ଟିରେ ଚନ୍ଦ୍ର ନିଶ୍ଚୟ ରଚନାର ( ପଦ୍ମ ) । ମୁଁ ତୋତେ ରଜାଙ୍କ ଜନ୍ମ, ତୋ ଦୃଷ୍ଟିରେ ଅଶୋକ ( ଶୋକଶୂନ୍ୟ ଅବସ୍ଥା ) ହେଉଁ, ମୋ କାମନା ସମ୍ପୂର୍ଣ୍ଣ ହେଉ ।

୫୩—ସ୍ୱର୍ଣ୍ଣ୍ୟା କୂଳରେ କଳ୍ପବୃକ୍ଷ ପରି ନିବଳୀ ରୂପ ନିପଅଣା ( ଲଙ୍କା ) ପାଶରେ ଉଦରରେ ରୋମାଳି ରୂପ କଳ୍ପବୃକ୍ଷ ଜାତ ହୋଇଛି, ଅଧର ମନ୍ଦାର ସଦୃଶ ଶ୍ରୀଅଙ୍ଗର ସୁଗନ୍ଧ ପାରିଜାତକ ପରି ଅମୋଦିତ ( ଆନନ୍ଦିତ ) କରୁଛି, ତୁ କଣ୍ଠାଗ୍ରେ ( ଗ୍ରୀବାଶିରେ ) ସୁଣକୁ ସନ୍ତାନ ରୂପେ ଜାତ କରୁଛୁ, ତୋହର ଦେହ ଶୀତଳତା ହରିଚନ୍ଦନ ( ଶ୍ରୀଚନ୍ଦନଗନ୍ଧ ). ଏମନ୍ତେ ତୁ ପାଞ୍ଚ ସୁର-ତରୁ ( ଦେବତରୁ—କଳ୍ପବୃକ୍ଷ, ମନ୍ଦାର, ପାରିଜାତକ, ସନ୍ତାନ ଓ ହରି-ଚନ୍ଦନ ) ହେଲୁ ତେବେ କାମଦା ( ବାଞ୍ଛିତଫଳ ଦାୟିନୀ ) ନୋହୁଁରୁ କି ?

୫୪—ମୂଳର ସନ୍ଧି ପୁଚ୍ଛ ତୋ କେଶଗର୍ଭକ ( ଗର୍ଭ ) କିମନ୍ତେ କଦାପି ଲକ୍ଷ୍ୟ ନୋହେ, ମୋତେ ( ମୋ ପକ୍ଷରେ ) ଏ ଦୋଷ କ୍ଷମା କଲେ ପୁଚ୍ଛ ଛେଦନ କରି ନିବେଦନ କରିବି, ଯଦିରେ ତୋହର ଚୂଡ଼ା ବନ୍ଧନ କରିବାର ଇଚ୍ଛା ଥିଲେ କରିବୁ । ଚନ୍ଦ୍ର ଉପରେ ( ବକ୍ଷରେ ) ମୃଗ ବସିଲା ପ୍ରକାରେ ଯୋଗ ମଧ୍ୟ ଏହାଠାରେ ଦେଖାଉଛି ।

୫୫—ଏହା ଶ୍ରବଣେ ବାଳାର ଅନ୍ତର୍ଗତକୁ ଅତଃସ୍ତ ସଂଶୟ ଅନ୍ତର ହେଲା, ତନି ସଜନୀ (ସଖୀ) ସୀତାସ୍ୱପ୍ନ ଭାବନା କରି ହର୍ଷରେ ଜଗଜର ହେଲେ । ସେ ସୀତା ପୁଣି ଯୋଜନ କଲା ଏବଂ ସୁବୁଦ୍ଧିରେ ( ମନୋହର ରୂପରେ ) ଜନକ ଋଷିଙ୍କର ଦୋଷ ସ୍ଥାନରେ ଉତ୍ପନ୍ନ ହୋଇଥିଲେ, ସେ ସ୍ୱପ୍ନ ପୁଣି

ସେ ସୁଖି । ଯୋଜନଗନ୍ଧା ସୁନ୍ଦରୀରେ ।
ଜନକ କୋଷ ଦାନରେ ତତପର ସେବାଇ ଭଞ୍ଜ ଗାଇବରେ ॥ ୨୫

---

## ଊନତ୍ରିଂଶ ଛାନ୍ଦ

ରାଗ—ବରାଡ଼ିଦେଶାକ୍ଷ

ହେ ରସିକଜନ ମଜ୍ଜନ କର ମନ ସଖୀ ଶିଖାଇଲେ ଧୀର ।

ଲେଖ ଲୋ ଛଟାଇ ଅନ୍ଧାର ଭୁଞ୍ଜାଇ ଝୋଟାଇ ଧାମ-ଅନ୍ଧାର ସେ ।
ଚରମ-ଶିଖରୀ ଶିଖ । ଭୂଷଣ ପୂଷଣ ଦେଖ ସେ ॥ ୧

ହେ ଚର୍ଚ୍ଚି ଚତୁର ଭାରତଭୂମି ପରି କାଳନ କରି ଅଶକ୍ତ ।
ବୀରକିରୀଟ କରିପୃଷ୍ଠେ କରବ କର୍ଣ୍ଣ-ଦ୍ରୋଣ-ରକ୍ତ ବ୍ୟକ୍ତ ସେ ।
କୃଷ୍ଣ ପ୍ରବଳ ପ୍ରକାଶ । ଉଡୁର ଦେବ ସନ୍ତୋଷ ସେ ॥ ୨

---

ଯୋଜନ ଗନ୍ଧା ଶ୍ରୀରାଙ୍କ ଚନ୍ଦ୍ରଭ ସୁନ୍ଦରୀରେ ( ମନୋହର ହୋଇ ) ଜନକ ( ପିତା ଦଶରଥଙ୍କର ) କୋଷ ଦାନରେ ତତ୍ପର ହୋଇଥିଲେ ।

---

୧—ହେ ରସିକ ଜନମାନେ ! ଏ ଗୀତରେ ମନକୁ ମଜ୍ଜନ କର । ସଖୀମାନେ ଧୀର କରି ଶିଖାଇଲେ—ଅଗୋ ସୁନ୍ଦରି ! ଛଟାଇ ଲେଖ, ସେ ସନ୍ଧ୍ୟା ଅନ୍ଧକାରକୁ ଭୁଞ୍ଜାଇ ଏବଂ ଧାମ ଅନ୍ଧକାରକୁ ଝୋଟାଇ । ଦେଖ ଚରମ ଶିଖରୀ ଶିଖ ( ଅସ୍ତାଚଳ ଶିଖରକୁ ) ପୂଷଣ ( ସୂର୍ଯ୍ୟ ) ଭୂଷଣ କଲେଣି, ଅର୍ଥାତ୍ ସୂର୍ଯ୍ୟ ଅସ୍ତ ହେଲେଣି ।

୨—ଚତୁର ଚର୍ଚ୍ଚି ଭାରତ ଭୂମିପରି କାଳକୁ କରିବାକୁ ଅଶକ୍ତ ( ଦୁର୍ବଳ ) ହେଲେ । ଭାରତଭୂମିରେ ବୀର କିରୀଟ ( ଅର୍ଜ୍ଜୁନ ) କରିପୃଷ୍ଠେ ( ହସ୍ତୀ-ଧୀନରେ ) କର୍ଣ୍ଣ, ଦ୍ରୋଣ ପ୍ରଭୃତି ବୀରମାନଙ୍କର ରକ୍ତକୁ ବ୍ୟକ୍ତ କରିଥିଲେ ଅର୍ଜ୍ଜୁନ କୃଷ୍ଣ ପ୍ରବଳ ( ଶ୍ରୀ କୃଷ୍ଣଙ୍କ ବଳରେ ) ପ୍ରକାଶିତ ହୋଇଥିଲେ, ସେ ଯୁଦ୍ଧରେ ଉଡୁର ( ନକ୍ଷତ୍ର ) ଏବଂ ଦେବତା ମାନେ ସନ୍ତୋଷକୁ ଲଭି ଥିଲେ । କାଳେ ବୀର କିରୀଟ ( ବୀର ଶ୍ରେଷ୍ଠ ସୂର୍ଯ୍ୟ କେତୁର ) କରିପୃଷ୍ଠେ ( ହସ୍ତାଧୀନରେ ) କର୍ଣ୍ଣଦ୍ରୋଣ ( କାନଧାର୍ଯ୍ୟ ) ରକ୍ତ ଲକ୍ଷିତ ଅମ୍ବରମାନଙ୍କ ବ୍ୟକ୍ତ କରବ । କୃଷ୍ଣ ପ୍ରବଳେ ( ଅନ୍ଧକାରରେ ) ପ୍ରକାଶ ପାଇବ ( ଦିଶିବ ) ଓ ସନ୍ତୋଷ ଜନକ ଉଡୁରକୁ ଦେବ ।

ହେ ବାଳାମଣି ଦେଖ ବାଳାଙ୍ଗନା ଯେନ୍ତ ବିଦ୍ୟାନିଧି ହେଉଛି ସୁଖୀ ।
ଏ କିସ ପଚାରୁଁ ଉତ୍ତରେ ଏ ସନ୍ଧ୍ୟା-ବଦନା ବୋଲି ସେ ଦେଖି ।
ଚାନ୍ଦ୍ରସୁନ୍ଦରୀ ଏହି । ହେବ ବୋଲି ଗଲେ ଦେଇ ସେ ॥ ୩

ହେ ଦେଲେ ଯେ କୁମାରେ ସେ ଅଙ୍କୁର ମାରେ ଶିର ପ୍ରହାରିବା ବେଳେ ।
ବୋଇଲେ ପୁଣି କିସ ଏଥି ଲେଖିବା ଶୁଣି ଯଶୋଚନ୍ଦ୍ର ଭାଷନ୍ତି ସେ ।
ଅନନ୍ତ ନୋହୁ ଏ ପଦ । ହେବ ତାରକରେ ଲିଖ ସେ ॥ ୪

ହେ ଅଙ୍ଗୁଳି କାଟି ଯୋଡ଼ିଲେ ହୃଦେ ଅଣି ଭେଦ ନୋହିବା ଉଦ୍ଦେଶେ ।
ଏ କାଳେ ରଜନୀମୁଖ ପଦକ୍ଷି ଘୋଟିଲା ଗୃହଦ୍ୱାରେ ସେ ।
ତମ ତା ସଙ୍ଗେ ବାହାର । ଲୋକ ଭଳା ଲଜ୍ଜା ଭଜ ସେ ॥ ୫

ହେ ଉତ୍ତରେ ହିମାଦ୍ରି କାଳୀ ଜନ୍ମସ୍ଥାନ ଭ୍ରମଣି ହେଲ ତା ହୋଇ ।
ଦକ୍ଷିଣରେ କାଳପୁର ସୁର୍ଯ୍ୟଙ୍କୁ ସନ୍ଧ୍ୟା ସୁନ୍ଦରୀ ଆସିଲ ସେ ।
ଏଣୁ କାଳ ସୃଷ୍ଟି କି ସେ । ଦୁଇ ଦିଗରେ ବ୍ରହ୍ମାଣ୍ଡ ॥ ୬

---

୩—ବାଳାମଣି ଦେଖ, ବାଳାଙ୍ଗନା (ବାଳିକା) ଯାହା ଦେଲେ । ତାକୁ ବିଦ୍ୟାନିଧି ହେଉଛି ସୁଖୀହୋଇ ଏ କିସ ପଚାରନ୍ତେ, ଉତ୍ତରରେ (ଶିବରେ) ଏ ସନ୍ଧ୍ୟା ବଦନା ବୋଲି ସେ ଦେଖିଲ । ପୁଣି ବାଳାଙ୍ଗନା ଏ ପଦ ଚାନ୍ଦ୍ରସୁନ୍ଦରୀକୁ ହେବ ବୋଲି ଲିପି ଦେଇଥିଲେ ।

୪—ବିଦ୍ୟାନିଧି ସେ ପଦ ନେଇ କୁମାରଙ୍କୁ ଦେଲେ, ସେ ହେ ପ୍ରହାରିବାବେଳରେ ମାରେ ( ମାଥରେ ) ଅଙ୍କୁର ହୋଇଛି,ଯାହା ଲାଗିଲ ଦେଖି ବୋଇଲେ—ଏଥିରେ ପୁଣି କିସ ଲେଖିବା ? ଶୁଣି ଯଶୋଚନ୍ଦ୍ର ଭାଷିଲେ—ଏ ମୂର୍ଚ୍ଛା ହେଉଛି ପଦ, ଏହାର ନୋହୁ ଅନନ୍ତ (ଆକାଶ) ପଦ । ଆକାଶ ରାତିରେ ତାରକରେ (ନକ୍ଷତ୍ର ମାନଙ୍କରେ) ଲିଖିତ ହେଲାପରି ଏ ରାତିରେ ଉଜ୍ଜ୍ୱଳ-ତର ରୂପ ଲିଖିତ ହେବ ଅର୍ଥାତ ଅନ୍ଧକାରରେ ପଡ଼ାଯିବ ।

୫—କୁମାର ସେ ପତ୍ରକୁ ଅଙ୍ଗୁଳି କାଟି ଆପଣର ଭେଦ ନୋହିବା ନିମିତ୍ତ ଉଦ୍ଦେଶେ ( ଉଦ୍ଦେଶ୍ୟରେ ) ହୃଦେ ଆଣି ଯୋଡ଼ିଲେ । ଏକାଳେ ରଜନୀ ମୁଖ ( ସନ୍ଧ୍ୟା ) ପ୍ରବେଶି ଗୃହଦ୍ୱାରରେ ଘୋଟିଲା, ତା ସଙ୍ଗେ ତମ ( ଅନ୍ଧକାର ) ବାହାର ଲୋକ ( ଦ୍ୱାରୀଙ୍କୁ ) ଭଳା ଭଜିବାକୁ ଲଜ୍ଜା କଲା ।

୬—ଉତ୍ତରେ ହିମାଦ୍ରି ( ହିମାଳୟ ) କାଳୀଙ୍କର ଜନ୍ମସ୍ଥାନ, ତାହାର ଭ୍ରମଣି ହେଲ ହେବାକୁ ସେ ଭ୍ରମଣ କରିବାକୁ ବାହାରିଲେ । ଦକ୍ଷିଣରେ କାଳପୁର ( ଯମପୁର ) ସେ ସୂର୍ଯ୍ୟଙ୍କୁ ସନ୍ଧ୍ୟାସୁନ୍ଦରୀ ( ସନ୍ଧ୍ୟାସୁନ୍ଦରୀ ) ଭେଟିବାକୁ ଆସିଲେ । ଏଣୁ ଉତ୍ତର ଦକ୍ଷିଣ ଦୁଇ ଦିଗରେ କାଳ ( କାଳରାତ୍ରି ) ବ୍ରହ୍ମାଣ୍ଡରେ ପୂରିଲା କି ?

ହେ ଅରୁଣ ପଙ୍କ ବାରୁଣୀ ରଙ୍ଗ ସୌଧ-ପ୍ରାସାଦ ପୂର୍ବ ଧବଳ ।
ଗୃହଦ୍ୱାର ନାଗ୍ର ନ ଦିଶୁ ହେମାଳୀ ବିଦ୍ରୁମ ମୁକ୍ତାମାଳୀ ।
ଉଦରେ ଧରିଲେ ଶୋଭା । ପ୍ରେମବଳେ ଭୁଜଙ୍ଗ ମଜ୍ଜି ॥ ୭
ହେ ଜଗତୀ ନିଶ୍ଚେ ଜଗତୀ ଗୃହଦ୍ୱାର ଗୃହଦ୍ୱାରେ ଲକ୍ଷ ଠିକ ।
ଜଳା ଧଳା ବର୍ଣ୍ଣ ତ୍ରିଗୁଣ ଲେପନ ପ୍ରକୋଷ୍ଠେ ଶାଳିକ ଏକ ।
ଊର୍ଦ୍ଧ୍ୱେ ଉଦେ ଏକତାସ୍ତ । ମଦନ-ପ୍ରଦୀପ ସହ ॥ ୮
ହେ ଏମନ୍ତ ସାୟଂକାଳେ ନବ ପ୍ରେମପଥ ସୁବର୍ଣ୍ଣ ଗୁପ୍ତସ୍ଥାନ ।
ଦେବାକୁ ବ୍ୟାପିଲା ସ୍ୱଚ୍ଛ ପ୍ରଭାବରେ ଲୁଟିବା ଭ୍ରମର ମନ ।
ପୁଲକ ଦୃଷ୍ଟିରେ ପୃଷ୍ଠି । ପଡ଼ିଲ କୁସୁମମଣି ॥ ୯

---

୭—ଅରୁଣ ପଙ୍କରୁ ବାରୁଣୀ (ପଶ୍ଚିମଦ୍ୱାର) ରଙ୍ଗ ବର୍ଣ୍ଣ ହେଲା, ସୌଧପ୍ରାସାଦ (ଚନ୍ଦ୍ର ପ୍ରକୋଷ୍ଠ) ପୂର୍ବ ଦ୍ୱାରକୁ ଧବଳାୟ ଦଶ । ଉତ୍ତର ଓ ଦକ୍ଷିଣ ଦ୍ୱାରର ନାଗଙ୍କର ହେମାଳୀ, ପଶ୍ଚିମ ଓ ପୂର୍ବଦ୍ୱାରରେ ନାଗଙ୍କର ବିଦ୍ରୁମ (ପୋହଳାମାଳୀ) ଓ ମୁକ୍ତାମାଳୀ ନ ଦିଶି ସେମାନେ ହେମାଳୀକି ଉଦରେ ଓ ବିଦ୍ରୁମ ମାଳୀ ମୁକ୍ତାମାଳୀକୁ ଉଦରେ (ମୁଖରେ) ଶୋଭା ପ୍ରେମବଳରେ ଭୁଜରେ ମଜ୍ଜିଲେ ।

୮—ଜଗତୀ (ସଂସାର) ନିଶ୍ଚେ ଜଗତୀ (ଅଟ୍ଟାଳିକା) ହେଲା, ସେ ଗୃହଦ୍ୱାରରେ (ଗୃହପ୍ରବେଶପଥରେ) ଠିକ ହୋଇଛି, ଉତ୍ତର ଦକ୍ଷିଣ ଓ ପୂର୍ବ ଏ ତ୍ରିଗୁଣ (ତିନି) ଦ୍ୱାରରେ ଜଳାଧଳା ବର୍ଣ୍ଣଲେପନ ହୋଇଛି. ପଶ୍ଚିମରେ ଏକ ଦ୍ୱାରକୋଣରେ ଶାଳିକ (ଶଙ୍ଖ ଭଙ୍ଗ) ହୋଇଛି । ଊର୍ଦ୍ଧ୍ୱ ଭାଗରେ ମଦନ ପ୍ରଦୀପ (କାମଦୀପ ବା ମନଦୀପ) ସହ ଏକତାସ୍ତ ଉଦୟ ହୋଇଛି ।

୯—ଏମନ୍ତ ସାୟଂକାଳରେ ନବ ପ୍ରେମ ପଥ ସୁବର୍ଣ୍ଣ (ସୁନା ଓ ଉତ୍ତମ ବର୍ଣ୍ଣ)ର ଗୁପ୍ତସ୍ଥାନ ଦେବାକୁ (ସୁନାର ଶୋଭାସ୍ଥାନ ଏବଂ ଉତ୍ତମ ବର୍ଣ୍ଣ ମାନଙ୍କର ସ୍ଥାନ ହେବାକୁ) ସ୍ୱଚ୍ଛ (ଶୁଦ୍ଧ) ପ୍ରଭାବରେ ବ୍ୟାପିଲା ଅର୍ଥାତ୍ ଯେପରି ଏକସ୍ଥାନରେ ସୁନା ବର୍ଣ୍ଣ ଦାନକୁ ଚୋରା ହୋଇଥିଲେ ତାହା ଜଣା ହୋଇ ପାରିବେ ସେ ସ୍ଥାନକୁ ପ୍ରକାଶ କରେ ସେହିପରି ସେ ପ୍ରେମ ପଥ ଦାନ ସିଦ୍ଧରକ୍ତ ଲୁଚିତ ବର୍ଣ୍ଣ ମାନଙ୍କରେ ସୃଷ୍ଟିରେ ଜଳ ଜଳ ହୋଇ ଦିଶିଲା ଏବଂ ଭ୍ରମରର ମନକୁ ଲୁଟି କରିବାକୁ ବସିଲା । ସେ କୁସୁମମଣି ପୃଷ୍ଠି ପୁଲକିତ ଦୃଷ୍ଟିରେ (ନିଶ୍ଚଳ ନେତ୍ରରେ) ପଡ଼ିଲା ।

ହେ ହେମନ୍ତ ସମ୍ଭବରେ ଶ୍ରେଷ୍ଠ ହୋଇ ଅଛି ସଂସାରେ ତୁ ସାର ବାଣୀ ।
ସୁଶିଶର-ଦର ଭୋଗ ହେଲା ଅଳ୍ପ ଜଡ଼ଭାବ ଭଜେ ପ୍ରାଣୀ ।
ଏ ଯେନ କାଳ ବାସନା । ଦୀନ କ୍ଷୀଣଗୁଣ ପିନା । ୧୦
ହେ ଦେବ ଅଗ୍ରତେ ବସନ୍ତେ ସୁଖଦାଙ୍ଗ ଗ୍ରୀଷ୍ମ ସମ ସ୍ତନଶୋଭା ।
ତଦନ୍ତେ ଅଭେଦ ଧରା ଶଶୀ ହେବ ଘନରସମୟ ଲଭି ।
ଏହି କଳ୍ପନା ଥାଇ । କବି ଦେଖନ୍ତି ସ୍ଥାଇ । ୧୧
ହେ କାଞ୍ଚନଶୋଭ ସୁଦଶ୍ମ ସଂପୂଟ କାତର ଭାବରେ ନିର୍ମିତ ।
ଗ୍ରୀଷ୍ମ ଏହ ମାଣିକ୍ୟ ଗୁଚ୍ଛେ ରଞ୍ଜିଲେ ଅଳୁସ୍ଥିତ କାମ୍ୟ ଖ୍ୟାତ ।
ବାଣୀ-ହ୍ରଦାନ୍ତେ ବିଳାସ । ସଦା କରେ କାନ୍ତି-ହଂସ । ୧୨

---

୧୦।୧୧—ହେମନ୍ତ ( ଶୀତକାଳ ) ସମ୍ଭବରେ ଶ୍ରେଷ୍ଠ ହୋଇଅଛି ବୋଲି ସଂସାରରେ ତୁ ସାର ( ତୁମ୍ଭେ ହେଉଛ ଶ୍ରେଷ୍ଠ ) ଏହି ବାଣୀ ଅଛି ସର୍ବ ମୁଖରେ ଅଛି ଅତଏବ ସୁ-ଶି-ଶର-ଦର ( ଭାଦ୍ରମାସ ଶୀତ ଦଶା ) ଅଳ୍ପ ଭୋଗ ହେଲା ପ୍ରାଣୀ ଜଡ଼ଭାବ ( ସ୍ତମ୍ଭାଦି ସାତ୍ତ୍ୱିକ ଭାବ ) ଭଜିଲେ ଏ ଯେନ କାମବାସନା ( କାଳକଳ୍ପନା ) ଦୀନ ( ଦୁଃଖୀ ) ହୋଇ କ୍ଷୀଣ ଗୁଣ ( ଦୁର୍ବଳତା ) ଭଜିଲେ ପିନା । ଗ୍ରୀଷ୍ମ ସମ ସ୍ତନଶୋଭା ତୁମ୍ଭ ଅଗ୍ରତେ ବସନ୍ତେ କାଳରେ ସୁଖୀ ହୋଇ ତୁମ୍ଭର ସୁଖଦାନ କରିବ । ତଦନ୍ତେ ଘନରସମୟ ( ଶାରଦ୍ ଜ୍ୟୋତ୍ସ୍ନାର ରସପୂର୍ଣ୍ଣ ) ଅବସ୍ଥା ଲଭିବାରୁ ତୁମ୍ଭଙ୍କର ଧରାଶଶୀ ଅଭେଦ (ମିଳନ) ହେବ । ଏହି କଳ୍ପନା କେବଳ ମନରେ ଥାଇ ( ରହିଛି ) ଏ ଯୋଗକୁ କବି ସ୍ଥାଇ ଦେଖନ୍ତି । କାଳପର୍ଯ୍ୟାୟ-ସୂତ୍ର ( ସୃଷ୍ଟିଭବ ) ସଂସାରରେ ଏ ବାଣୀ ଅଛି-ଅଳ୍ପ ଋତୁକାଳର ଭୋଗ ହେଲା ଜଡ଼ଙ୍କୁ ତୁଷାର ( ହେମନ୍ତ ) ସ୍ପର୍ଶ. ପ୍ରାଣୀ ଏହି ଜଡ଼ଭାବ ଭଜନ୍ତି ( ଶୀତକାଳ ରୂପ ଧରନ୍ତି) ଏ ଯେନ ଏ କାଳ ଦଶ ହୋଇ ଦୀନ କ୍ଷୀଣଭାବ (ସାନ) ହୁଏ ପିନା । ତୁମ୍ଭ ତୁମ୍ଭଙ୍କୁ ଅଗ୍ରତେ ( ଆଗରେ ) ସୁଖଦାୟୀ ବସନ୍ତ କାଳ ଦେଖାନ୍ତୁ ଗ୍ରୀଷ୍ମକାଳ ହୁଏ, ସେ ସମୟରେ ସ୍ତ୍ରୀମାନେ ପଦାବଳୀ ଗଣରେ ସ୍ତନ ଶୋଭା ହୁଅନ୍ତି ତଦନ୍ତେ ଘନ ( ମେଘ ) ରସମୟ ( ଜଳମୟ ) ଅବସ୍ଥା ଲଭିବାରୁ ଧରା-ଶଶୀ ଅଭେଦ ହୁଏ ଅର୍ଥାତ୍ ଜଣାପଡ଼େ ନା ।

୧୨—କାଞ୍ଚନଶୋଭ ଅମ୍ଭ ସର୍ବୀୟ ହୃଦସ୍ଥରୂପ ସଂପୁଟ ( ପଦ୍ମ ) କାତର ଭାବରେ ନିର୍ମିତ ହୋଇଛି । ଯହିଁରେ ପ୍ରତିରୂପ ମାଣିକ୍ୟକୁ ଗୁଚ୍ଛରେ ରଞ୍ଜିଲେ ମୁକ୍ତା ଅଳୁସ୍ଥିତ କାମ୍ୟ ( ସ୍ନେହରୂପ ପ୍ରତିବିମ୍ବ ) ଖ୍ୟାତ ( ପ୍ରକାଶ ) ହୋଇ ପଡ଼ୁଛି ଏବଂ ତୁମ୍ଭ କାନ୍ତିରୂପ ହଂସ ବାଣୀ ହ୍ରଦାନ୍ତରେ ( ବାକ୍ୟ-ସ୍ରୋତରେ ) ସର୍ବଦା ବିଳାସ କରୁଛି, ଅର୍ଥାତ୍ ସବୁବେଳେ ତୁମ୍ଭ ଗୁଣ ଗାଉଛି ।

ହେ ଦ୍ରବଣ କରଇ ଶାଉଳୁ ତାଳନ୍ତ ଶ୍ରବଣେ ପଡ଼ନ୍ତ ମାତ୍ର ।
ଯିବା ଜୀବକୁ ଲେଉଟାଇ ରଖଇ ହୋଇ ସଞ୍ଜୀବନ ମନ୍ତ୍ର ।
ଏତିକି ଦେବବନ୍ଦନ । ନୋହେ ପଦ୍ୟ ପଠନ ।     ୧୩

ହେ ରସିକ-ଈଶ୍ୱର ଶୋଭା-ମନ୍ଦର ଭଳ ପଦ୍ମନେତ୍ର ଦେଲ ।
ଏଡ଼େ ଅନୁଗ୍ରହ ଯେ ମୁଣି ଶ୍ରୀହସ୍ତେ ଦେବ ଅନୁଗ୍ରହ ପାଇ ।
ମସ୍ତକେ ମଣ୍ଡିବ ନାହିଁ । ଏ ଗର୍ବ ଖଳନ୍ତୁ କାହିଁ ।     ୧୪

ହେ ପଣ୍ଡିତ ମାନସେ ଗୁହ୍ୟଙ୍କ ମିତ୍ରରେ ଶୋଭିଲା ଘନଜଘନା ।
ଯେସନେ ଲେଖଇ ଚିତ୍ରୁ ଶ୍ରୀଗ୍ରୁଣୀ ବଡ଼ ଶୋଭା ପେଖନ ।
ତାଠାର ସ୍ତ୍ରୀଗ୍ରନ୍ଥରେ ସ୍ୱର । ନାହିଁ ନ ଥିଲ ନୋହିବ ।     ୧୫

ହେ ଅଭ ଝଦର୍ଭ ସନ୍ଦର୍ଭ ଲୀଳାରେ ଯା କାଣୀ ଜଳ୍ପି ମୋହିତ ।
ସ୍ନେହେ ମ୍ଳାନ ଭଳ ବଚନ ମାନଙ୍କ ପୁନଃପୁନଃ ଏ ନାମରେ ।
ନବଳଳନା ଲେଖଇ । ସେ ପ୍ରଭୁ ମୁଁ ତା କିଙ୍କରୀ ।     ୧୬

ହେ ସଉବସୁତ କହିଲ ନ ସେନ କି କାଣା ସେବକଙ୍କୁ ପୋଷି ।
ଶୁଣ୍ଡ-ମୁଖେ ପାନ କରିବାକୁ ଦେଲେ ଏବେ ଗଳ ପାଏ ସୁଧାରାଶି ।
ପ୍ରମାଣ ଏକଥା ଜିତ । ବୋଲି ବାଇ କୁଳହ୍ରଦ ।     ୧୭

---

୧୩—ଯେଉଁ ସୁନ୍ଦରୀର ତାଳନ୍ତ ଶ୍ରବଣେ (କର୍ଣ୍ଣରେ) ପଡ଼ନ୍ତମାତ୍ରେ ଶାଉଳୁ ଦ୍ରବଣ (ତରଳ) କରଇ, ଏବଂ ସଞ୍ଜୀବନମନ୍ତ୍ର ହୋଇ ଯିବା ଜୀବକୁ [ଯାଉଥିବା ପ୍ରାଣକୁ] ଲେଉଟାଇ ରଖଇ ସେ ସୁନ୍ଦରୀ ନିଶ୍ଚୟ ଦେବତାଙ୍କୁ ବନ୍ଦନୀୟା, କେବଳ ଦେବତାମାନଙ୍କର ପଦ୍ୟ ପଢ଼ନ୍ତି ନାହିଁ ଏତିକି ଦେବ ବନ୍ଦନ [ ଦେବତାଙ୍କର ପ୍ରଶଂସା ] ।

୧୪—ହେ ରସିକ ଈଶ୍ୱର ( ରସିକଶ୍ରେଷ୍ଠ ) । ଆମ୍ଭ ସଖୀ ପଦ୍ମନେତ୍ରକୁ ତୁମ୍ଭର ଶୋଭାମନ୍ଦର ଭଳ ଦେଲ । ଖଳନ୍ତି ( ବଗୁଲ ଭଳ ) ଯେ ଏଡ଼େ ଅନୁଗ୍ରହକୁ ସେ ମୁଣି ତୁମ୍ଭ ଶ୍ରୀହସ୍ତେ ଦେଲ ଅନୁଗ୍ରହ ( ମୁଦ୍ରାଗୁଚ୍ଛ ) ପାଇଲେ ମସ୍ତକେ ମଣ୍ଡିବ ନାହିଁ ଏ ଗର୍ବ କାହିଁ ?

୧୫—ପଣ୍ଡିତମାନଙ୍କ ମିତ୍ରକୁ ଗୁହ୍ୟଙ୍କ ଏବଂ ଶୋଭଣ—ଚିତ୍ରୁ ଘନଜଘନା ଯେସନେ ଚିତ୍ରପଟରେ ଲେଖାଇ ତାହା ବଡ଼ ଶୋଭା ଦେଲା । ଆଦ ସ୍ତ୍ରୀ-ମାନଙ୍କ ମଧ୍ୟରେ ତାପର ନାହିଁ ନଥିଲ ବା ନୋହିବ ।

୧୬—ଅଭିନବଗର୍ଭ ସନ୍ଦର୍ଭ (ରଚନା) ଲୀଳାରେ ( ଗୋଟିଏ ମାତ୍ର କଥାରେ ) ମୋହିତ ଯା କାଣୀ ଜଳ୍ପି, ନବଳଳନା ( ନୂତନା ସ୍ତ୍ରୀ ) ସ୍ନେହେ ମ୍ଳାନ ଭଳ ବଚନ ମାନଙ୍କ ନାମରେ ପୁନଃ ପୁନଃ ଲେଖଇ ସେ ପ୍ରଭୁ ମୁଁ ତାହାର କିଙ୍କରୀ ଅଟଇ ।

୧୭—ସଉର ସୁତ ( ମହୀସୁତ ) କହିଲେ—ନ ସେନ କି ପ୍ରଭୁ କାଣା ସେବକଙ୍କୁ ପୋଷି ଶୁଣ୍ଡମୁଖେ ( କର୍ଣ୍ଣରେ ) ପାନ କରିବାକୁ ଦେଲେ ସୁଧାରାଶି

ଦେଖ ଏସମୟେ ସନ୍ଧ୍ୟା ଅନ୍ତର ଭୁବନେ ତମିସ୍ର ଭରିଲା ପୂର୍ଣ୍ଣ ।
ମିଶିଗଲା ଶଶୀପ୍ରଭା ବେଣୀପଞ୍ଚ ହୋଇଲେ କି ଧଳାଧଳ ।
ପ୍ରଦୋଷରେ ଧୂଳିଝାମ୍ପ । କପୋତ ହୁଁ କୁହରେ କର ॥ ୧୮
ହେ ପଲ୍ଲବ ସ୍ଥଳ କାଞ୍ଚନଫଳ ଦୁଇ ଲବଙ୍ଗୀ ଲତା ଧାରୀ ।
ସେ କି ଶିଷ୍ୟଗଣ ଭଜନ୍ତି ବନାଣି ବଳବାନ କଣ୍ଠାଦରି ।
ପ୍ରଭଞ୍ଜ ପବନେ ଉଡ଼ି । କେ କାହାକୁ ଟେଲି ଦେଇ । ୧୯
ହେ ଶାଖୀ ଶାଖୀ ସବୁ ପୁଷ୍ପ-ହାସ ଧରି ଭଜିଛନ୍ତି ଅବଧାନୀ ।
ଶୃଙ୍ଗାରରେ ଗାରବସ ବ୍ୟଞ୍ଜନର ଲକ୍ଷଣା ସମସ୍ତ ସେନା ।
ରତି ରସ ରସି ବୋଲାଇ । ତା ପ୍ରକାଶ କାଳ ଏହି ॥ ୨୦
ହେ ଶ୍ରୀଚୈତନ୍ୟ ନୃପସୁତ ସାର ଲଭେ ଏଣୁ ଏ ବର୍ଣ୍ଣନା ସିଦ୍ଧି ।
କୋଟିବ୍ରହ୍ମାଣ୍ଡସୁନ୍ଦରୀ ନୋଖର୍ଣ୍ଣବେ ଭ୍ରମାଇ ଦେଉଛି ବୁଦ୍ଧି ।
ମୁଗ୍ଧବର କହୋଳ ବଦି । ଗୁରୁ-ପାଦପଦ୍ମ ଭକ୍ତି ॥ ୨୧

---

ଦାସ, ହେ ମିତ୍ର ! ଏକଥା ପ୍ରମାଣି ଏହା କହିଲି ସାର କୁଳବୃତ୍ତୀ ନଗଲା ।

୧୮—ଏସମୟରେ ସନ୍ଧ୍ୟା ଅନ୍ତର ହେବା ଭୁବନେ ତମିସ୍ର (ଅନ୍ଧକାର) ପୂର୍ଣ୍ଣ ହେଲା, ତାସଙ୍ଗେ ଶଶୀପ୍ରଭା (ଚନ୍ଦ୍ରଜ୍ୟୋତି) ମିଶିଗଲା, ଏପରି ଦିଶିଲା—କୃଷ୍ଣ ନଶୀର ବେଣୀପଞ୍ଚ ଧଳାଧଳ ହୋଇଲେ କି ? ସନ୍ଧ୍ୟାସମୟରେ ପ୍ରଦୋଷରେ ଲାଗିଲା ଏ କୃଷ୍ଣବର୍ଣ୍ଣ ମଞ୍ଜ କୁହେଁ କପୋତର ହୁଁ କୁହରେ କରି ପ୍ରଦୋଷରେ ଧୂଳିଝାମ୍ପ ହୋଇଅଛନ୍ତି ।

୧୯—ପଲ୍ଲବସ୍ଥଳ (ପତ୍ରସ୍ଥଳ) ଏବଂ କାଞ୍ଚନଫଳ, ଏ ଦୁଇଟି ଲବଙ୍ଗୀ ଲତାର ଧାରିକ କି ଦୁଇ ପଲ୍ଲବ ଶିଷ୍ୟଗଣ, କିଏ ବଳବାନ ଏହା କଣ୍ଠା ଭଙ୍ଗି (ଲୁଚାଲୁଚି) ଦେବାକୁ ମଞ୍ଜ ବନାଣି ଭଜନ୍ତି ? ଉଡ଼ି (ସେଠାରେ) ଲସ ସବୁ ପବନରେ ଭମିବା ଦ୍ୱାରା କେ କାହାକୁ ଟେଲି ଦଉଛ କି ?

୨୦—ଶାଖା (ବୃକ୍ଷମାନେ) ସାରା ଲୋକଙ୍କର ପୁଷ୍ପହାସକୁ ଧରି ଦେଖିଲେ ଭଜିବାନର ଅବଧାନୀ (ମନୋଯୋଗୀ) ହୋଇଛନ୍ତି । ଏଠାରେ ଶୃଙ୍ଗାରରେ ଗାରବସ ବର୍ଣ୍ଣନା ବ୍ୟଞ୍ଜନର ଲକ୍ଷଣା ହେଲା ଜାଣ୍ଣୁ ଶକ୍ତିସମସ୍ତ ସେନା ଏଣେ ବୋଧ ହୋଇଛି, କାରଣ, ରତି (ଶୃଙ୍ଗାର) ସେ ସେ ରସ (ମୁଖ୍ୟ) ବୋଲାଏ । ତାହାର ପ୍ରକାଶକାଳ ଏହି ଅଟେ ।

୨୧—କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ନୋଖର୍ଣ୍ଣବେ (ନିଃଶ୍ୱାସସମୁଦ୍ରରେ) ସାର ନୃପସୁତ ବୁଦ୍ଧିକି ଭ୍ରମାଇ ଦେଉଛି ବୋଲି ଶ୍ରୀଚୈତନ୍ୟ (ଶୃଙ୍ଗାର ରସରେ) ଲଭେ (ଲଭିଛି), ଏଣୁ ଏ (ଶୃଙ୍ଗାରରେ ଗାରବସ) ବର୍ଣ୍ଣନା ସିଦ୍ଧି ହେଲା । ସେ ନୃପସୁତ ମୁଗ୍ଧ ବଡ଼ହୋଇ ଗୁରୁମାନଙ୍କରେ ଭକ୍ତିକ୍ ।

ହେ ସ୍ମର ଚକ୍ରନାଥ ଧନକୁ ବୋଲିବା ମନକୁ ସହଜେ ମୋହ ।
ସ୍ମର-ଚକ୍ର-ନାଥ ନୟନ କୃପଟେ ଲୀଳା କରେ ସଦା ରହି ।
ମୂଳ ହେଲା ଲଭିବାର । ହୋଇଲା ସ୍ଥାନ ଗୋଚର ॥ ୨୨
ହେ ଦଣ୍ଡକବନବାସୀ ଦେଇଛନ୍ତି ଏ ବର ଜାଣିଲି ମୋତେ ।
ଦଣ୍ଡକ ବନବାସୀ ହୋଇଥିବ ବନ୍ଧୁ ସଖୀ ସଙ୍ଗତେ ।
ଯିବ ମୋ ଲୋଚନ ପଡ଼ି । ଥିବ ଦେହେ ଶାଢ଼ୀ ଜଡ଼ି ॥ ୨୩
ହେ ବଶ ମଦାକ୍ଷି କରିଥିବ ଉରଜ ଜଘନ ବ୍ୟକତ ସ୍ଥିତ ।
ବଶ ମଦାକ୍ଷି-କୋଣେ ଚାହିଁ ଦେବାରେ କରୁଥିବ ମୋର ଚିତ୍ତ ।
ସେ କାଳ ଯୋଗକୁ ଚିନ୍ତେ । ସ୍ୱର୍ଗଭୋଗ ହୋଇ କେତେ ॥ ୨୪
ହେ କରୁ କଳ୍ପ ସ୍ମର ଭାବନା କରୁଣା ବରୁଣାଳୟ ପ୍ରିୟାର ।
କେମନ୍ତ କେମନ୍ତ ନିଶାମାନଙ୍କୁ ଶେଷ କରିବ ହୋଇ ଉଜାଗର ।
ଊଷା ଯେମନ୍ତେ ପ୍ରଭାତେ । ସହସ୍ରକର ସକାଶେ ॥ ୨୫

---

୨୨—ସ୍ମର (ଭାବନାଭର) ଧନକୁ (ସୁନ୍ଦରୀକୁ) ଅନ୍ତରରୁ ନବଣୀଦୁର୍ଲ୍ଲଭା ବୋଲିବା କାରଣ, ଚକ୍ର ଓ ନାଥମାନଙ୍କପରି ସେ ସହଜରେ ମନକୁ ମୋହନ କରଇ । ସେ ସୁନ୍ଦରୀ ସ୍ମରଚକ୍ର ନାଥ ( ସ୍ୱାଦାଦ ରତିର ସ୍ଥାନ ), ମୋ ନୟନ କୃପଟରେ ( ନେତ୍ରରେ ) ରହି ସଦା ଲୀଳା ( ଖେଳ ) କରଇ । ଏବେ ତାର ସ୍ଥାନ ଗୋଚର ହୋଇଲା, ଅତଏବ ତାକୁ ଲଭିବାର ମୂଳ ( କାରଣ ) ହେଲା ।

୨୩—ଦଣ୍ଡକବନବାସୀ ( ରାମଚନ୍ଦ୍ର ) ମୋତେ ଏ ବର ( ତାକୁ ଲଭିବାବର ) ଦେଇଛନ୍ତି ଏହା ମୁଁ ଜାଣିଲି । ବନ୍ଧୁ ସଖୀସଙ୍ଗତରେ ଦଣ୍ଡକ (ଦଣ୍ଡମାତ୍ର) ବନବାସୀ ( ଜଳବିହାରୀ ) ହୋଇଥିବ, ତା ଦେହରେ ଶାଢ଼ୀ ଜଡ଼ିଯାଇ ଥିବ ସେତେବେଳେ ମୋ ଲୋଚନ ତା ଉପରେ ପଡ଼ିଯିବ ।

୨୪—ଉରଜ ( ସ୍ତନ ), ଓ ଜଘନ ବ୍ୟକତ ( ଦିଶିବା ) ସ୍ଥିତ (ସ୍ଥିତିରେ) ମଦାକ୍ଷି ( ଲଜ୍ଜା ) ତାକୁ ବଶ ( ଅଧୀନ ) କରିଥିବ । ମଦାକ୍ଷିକୋଣେ (ମନ୍ଦ ମନ୍ଦ କରି ଆଖି କୋଣରେ) ଚାହିଁଦେବାରେ ମୋର ଚିତ୍ତ ବଶ କରୁଥିବ । ବର୍ତ୍ତମାନ ମୁଁ ସେହି ଯୋଗକୁ ଚିନ୍ତା କରୁଛି, ତାସଙ୍ଗେ ସ୍ୱର୍ଗଭୋଗ ଅଟେ କେତେ ହୋଇବ !

୨୫—କରୁଣା ବରୁଣାଳୟ ( ଦୟାସାଗର ) ପ୍ରିୟାର ଭାବନା କଳ୍ପ ୨ ଉଜାଗର ହୋଇ କେମନ୍ତ ୨ ନିଶାମାନଙ୍କୁ ( ରାତିକୁ ) ଶେଷ କରିବ । ଯେପରି ସହସ୍ର କର ସହସ୍ରବାହୁ (ବାଣାସୁର) ସକାଶେ ଊଷା ( ଊଷାନାମ୍ନୀ ତାହାର କନ୍ୟା ) ପ୍ରଭାତେ ଯେପରି ସହସ୍ରକର ( ସୂର୍ଯ୍ୟକର ) ସକାଶେ ( ପ୍ରାତଃକାଳ ଚାହିଁଲା ଏ ପ୍ରକାରି ।

ହେ କୁମୁଦ ବିକାଶ ଛୁଟି ଛୁଟି ଯାଉ ପଦ୍ମ ଫୁଟି ଫୁଟି ଅବସେ ।
ହରଷ ବିରସ ପାଲଟା ପାଲଟି ମଧୁଲିଟ ବିଟ କି ବସେ ।
ବେଶି ରବେ ଯୋଉ ଗର୍ଭ । ହେଉଛନ୍ତି ଗତାଗତ ॥ ୨୬
ହେ କୁକୁଟ ରଟେ କି ଅନ୍ଧାର ହୃତ ତୁ ନକ୍ଷତ୍ରୁ ନବୀନା ଗର୍ଭୁଁ ।
ଘୋଡ଼ିଥିଲୁ ଯେ ବାହୁଡ଼ି ଅଲୋକ ସାହାରେ ତୋ ନାଶ ହେଉ ।
ତୁ ଗୋଷ୍ପଦରେ ଲୁଚ । ପାରୁ କି ତାକୁ ପାଞ୍ଚ ॥ ୨୭
ହେ ଶିବାଳୟେ ଶଙ୍ଖ ବାଜିଲେ ବାଜିଲେ ନାହିଁଟି ଉଜିଲେ କାହେ ।
ପଦ୍ମସଦନେ ଅନ୍ତନୁ ଫୁଲ କାଣ୍ଡ ଭିତରେ ଲୁଚିଥିଲୁ ଯାହେ —
ଲୋହକାଣ୍ଡ ତନୁଦନ୍ତ । ଦେଖି କରେ ହେଇଟି ହତ ॥ ୨୮
ହେ ଏବେ ଲେ ପୂର୍ଣ୍ଣି କୁମର କର ପ୍ରାତଃସ୍ମରଣୀ ବାଳାକୁ ଭଜ ।
ପାଇଛନ୍ତି ବାଳ-ଅରୁଣ ଲକ୍ଷ୍ମୀଙ୍କୁ ନେତ୍ରେ ସ୍ମୃତି-କଞ୍ଜ ଛବି ।
ଅମ୍ବର-ମଞ୍ଜୁଳକାନ୍ତି । ଅଲୋକେ ସୁଖ ବିସ୍ତାର ॥ ୨୯

---

୨୬—କୁମୁଦ ବିକାଶ (କଇଁଫୁଟିବା) ଛୁଟିଯାଉ ପଦ୍ମ ଫୁଟିଯାଉ ଅବସର । ମଧୁଲିଟ (ଭ୍ରମର) ବିଟ (ଲମ୍ପଟ) ଦୁହେଁ ହର୍ଷ ଓ ବିରସକୁ ପାଲଟା ପାଲଟି (ବଦଳା ବଦଳି) କରନ୍ତି କି ? ସେ ଦୁହେଁ ବେଶୀରବେ (ଉର୍ଦ୍ଧ ସ୍ୱରରେ କିଭଳି ରବରେ) ଗର୍ଭ ଦେଇ ଗତାଗତ କରୁଛନ୍ତି । ଅର୍ଥାତ୍ ପ୍ରଭାତରେ ଭ୍ରମରମାନେ ଆନନ୍ଦିତ ହେଲେ ଏବଂ ବିଟ ପ୍ରଲମ୍ପଟମାନେ ଦୁଃଖିତ ହେଲେ ।

୨୭—ହେ ଅନ୍ଧାରହୃତ । ତୁ ନବୀନାମାନଙ୍କର ଗର୍ଭରୁ ଲୋକଙ୍କୁ ଘୋଡ଼ିଥିଲୁ, ଏବେ ତୋ ନାଶହେଲୁ ସେ ଅଲୋକ ସାହାରେ (ସାହାଯ୍ୟରେ) ବାହୁଡ଼ିଛି, ତୁ ଗୋଷ୍ପଦରେ ରହି ତାକୁ ଲୁଚେଇପାରିବୁ କି ? କୁକ୍କୁଟ ଏହାପାଇଁ ରଟେ କି ?

୨୮—ଶିବାଳୟରେ ଶଙ୍ଖ ବାଜିଲେ, ସେ ଶଙ୍ଖ ବାଜିଲେ ନାହିଁ କାହେ (କାହିଁକି ପ୍ରଲମ୍ପଟମାନଙ୍କ) ଉଜିଲେ—ତୁ ଅନନ୍ତ (କାମର) ଫୁଲ କାଣ୍ଡ ଭିତରେ ପଦ୍ମସଦନେ (ପଦ୍ମଘରେ) ଲୁଚିଥିଲୁ, ଏବେ ଯା, ନୋହିଲେ ତନୁଦନ୍ତ (ଦେହଦନ୍ତ ଲୋକେ) ଲୋକେ ଦେଖି ଲୋହକାଣ୍ଡରେ ହତ କରିବେଟି ?

୨୯—ପୂର୍ଣ୍ଣି ଏବେ ଲେ କୁମର ବାଳାକୁ ପ୍ରାତଃସ୍ମର ଭଜ ଭାବନ୍ତି, ବାଳାର ଓଷ୍ଠରେ ବାଳ ଅରୁଣ ଲକ୍ଷ୍ମୀଙ୍କୁ ନେତ୍ରରେ ସ୍ମୃତି କଞ୍ଜ (ବିକଶିତପଦ୍ମ) ର ଛବିକୁ ପାଇଲା ସେ ବାଳା ପ୍ରାତଃକାଳ ପରି ଅମ୍ବର ମଞ୍ଜୁଳ କାନ୍ତି (ନିର୍ମଳ ଆକାଶ ଉଜ୍ଜଳକାନ୍ତି, ବାଳା ବସ୍ତ୍ରରେ ମନୋହାରିଣୀ) ଏବଂ ନିର୍ମଳ ଆଲୋକ ଦ୍ୱାରା ସୁଖ ବିସ୍ତାରଇ ବାଳା ଅଲୋକେ (ଦର୍ଶନମାତ୍ରେ) ସୁଖକୁ ବିସ୍ତାରଇ ।

ହେ ଉପେନ୍ଦ୍ର ପ୍ରାତଃସ୍ମରଣୀ ଯେ ଘନବନ୍ଧୁ ଉଦିତ ସଂସାରେ ।
ସ୍ୱନାମ ତରତେ ଚନ୍ଦ୍ର ଲଭିବାକୁ ଭବତମ ନାଶିବାରେ ।
ମୁଖାବ୍ଜକେ ସ୍ମିତ ଶ୍ରୀ ସ୍ଥିତ । ଦେଖି ବାଣ୍ଛାସଣେ ଦତ୍ତ । ୩୦
ହେ ନବପଦ ରକ୍ତାମ୍ବୁଜ ଯେଣ ଅଦ୍ଭୁତ ସମ୍ଭୃତ ବସନ୍ତ ।
ଖ୍ୟାତ ହର ଧନୁଭଙ୍ଗରେ ଅଙ୍ଗଣା ଧାରଣେ ନୀଳାବ୍ଜମୂର୍ତ୍ତି ।
ରଞ୍ଜନ ମୁନି ରଞ୍ଜାଇ । ଏହୁ ପଞ୍ଚରତ୍ନ ଧ୍ୟାଏ । ୩୧

---

୩୦।୩୧—ଭବତମ ( ସଂସାରରେ ଅନ୍ଧକାର ) ନାଶିବାରେ ଘନବନ୍ଧୁ ( ସୂର୍ଯ୍ୟ ) ସଂସାରରେ ଉଦିତ ହେଲେ, ଅବ୍ଜକରେ ( ପଦ୍ମରେ ) ସ୍ମିତ ଶ୍ରୀ ( ବିକଶିତ ଶୋଭାକୁ ) ସ୍ଥିତ କଲେ, ଦେଖି ( ଦେଖିବାମାତ୍ରେ ) ବା ( ଯେତେବେଳେକି ) ସ୍ଥାଣୁ (ହୃଦ୍କୁ) ଦଣ୍ଡ କଲେ, ନବ ପଦ ( କିରଣ ବିକିରଣଦ୍ୱାରା ) ରକ୍ତାମ୍ବୁଜ ( ରକ୍ତପଦ୍ମରେ ) ଯେବେ ଅଦ୍ଭୁତ ରୂପେ ସମ୍ଭୃତ କଲେ ଓ ନୀଳାବ୍ଜ ( ନୀଳପଦ୍ମ ) କୁ ରଞ୍ଜନ ( ବିକଶିତ କଲେ ) ନିଜ ଘନବନ୍ଧୁ ( କୃଷ୍ଣ ) ସେ ସ୍ୱନାମ (ରାମ) ତରତେ ( ଶୀଘ୍ର ) ଚନ୍ଦ୍ର ଲଭିବାକୁ ( ରାମଚନ୍ଦ୍ର-ରୂପରେ ) ଅବତୀର୍ଣ୍ଣ ହୋଇ ଭବତମ ( ସଂସାରପାପ ) ନାଶ କରିବାରେ ଏପରି ହୋଇଥିଲେ, ତାଙ୍କ ମୁଖାବ୍ଜ ( ମୁଖ ପଦ୍ମରେ ) ଯେଉଁ ସ୍ମିତ ଶ୍ରୀ ( ମନୋହର ଶୋଭା ) ସେ ସ୍ଥିତ ଶ୍ରୀ ( ଅନନ୍ତ ସମ୍ପତ୍ତି ) ହେଲା, ତାକୁ ଦେଖି ( ଦର୍ଶନମାତ୍ରକେ ) ବାଞ୍ଛାସଣୀକୁ ଦତ୍ତ କରୁଥିଲେ, ହର ଧନୁ ଭଙ୍ଗରେ ( ଶିବଧନୁ ଭାଙ୍ଗିବାରେ ) ଏବଂ ଅଙ୍ଗଣା ଧାରଣରେ ରକ୍ତାମ୍ବୁଜ ( ରକ୍ତପଦ୍ମ ) ସଦୃଶ କର ଓ ପଦର ଯେଣ ଅଦ୍ଭୁତ ରୂପ ସମ୍ଭୃତ ( ଜାତ ) ହୋଇ ବସନ୍ତ ( ସ୍ଥିତ ) ଖ୍ୟାତ ( ପ୍ରକାଶ ) କରନ୍ତି ଏବଂ ରଞ୍ଜନ ( ଅନୁ-ରାଗ ଜନକ ) ନୀଳାବ୍ଜମୂର୍ତ୍ତି ( ନୀଳପଦ୍ମସଦୃଶରୂପ ) ମୁନିମାନଙ୍କ ମନ ମଜ୍ଜାଇ ହେଉଥିଲା ଅର୍ଥାତ୍ ସେମାନେ ସ୍ତ୍ରୀରୂପରେ ସହବାସ ସୁଖ କାମନା କରୁଥିଲେ, ଏହୁ ପଞ୍ଚରତ୍ନ ରୂପ ( ହୀରା, ନୀଳକ ଓ ମୁକ୍ତାପଟି, ରକ୍ତପଦ୍ମ, ପଦ୍ମରାଗ ମଣି ଓ ପ୍ରବାଳ ପତ୍ର, ଓ ମୂର୍ତ୍ତି ନୀଳମଣିରତ୍ନ ) ରାମଚନ୍ଦ୍ରଙ୍କ ଚରିତ୍ରରେ ଧ୍ୟାଇବା ହିଁ ଉପେନ୍ଦ୍ରଙ୍କ ପ୍ରାତଃସ୍ମରଣୀ କଲା ।

## ତ୍ରିଂଶ ଛାନ୍ଦ

ରାଗ—ହିନ୍ଦୁ ଦେଶାକ୍ଷ

ରସିବେ ରସିକ କୋବିଦ ଜନେ ଯେ ଏ ଛାନ୍ଦ ଶୃଙ୍ଖଳା ଶୁଣି ।
ପ୍ରଭୃତରେ ପ୍ରଭୃତରେ ଶାତମ୍ବୁଖ ଅଗାଢ଼ ଶବଦ ଶୁଣି ।
ସେ ନୃପେ । ଯାନମାନଙ୍କ ଅରୋହ ।
ପନ୍ତି ପନ୍ତି ଗତ ପୁରେ ପଶୁଥନ୍ତି ଚମତ୍କୃ ଭ୍ରମଇ କାହିଁ ॥ ୦
ସେହି ନଗର ନାଗରୀ ଶ୍ରେଣୀ ଶ୍ରେଣୀ ଦେଖିବା ଲୋଭେ ବାହାର ।
ଶ୍ୟାମଳା ଉଚଳ ଗୌରୀ ସେ ସ୍ୱଧାନେ ସାବର୍ଣ୍ଣା ସେହି ପ୍ରକାର ।
ସେ ରାମା । କାହିଁରେ ନ ମିଶେ କେହି ।
ପଡ଼େ ଯାହାଠାରେ ନେତ୍ର ତାହାଠାରେ ଜଡ଼େ ଅନ ଲୋଡ଼େ ନାହିଁ ॥ ୨
ସୁରମଣି-ମଣି ବର୍ଣ୍ଣନା ରମଣୀ ବର୍ଣ୍ଣନା ତେଣୁ କରୁ ଶେଷ ।
ଅଙ୍ଗ କି କହିବା ରୂପବନ୍ତ ଯହିଁ ହୋଇଛନ୍ତି ପ୍ରଥମବୟସ ।
ସେ ବାମା । ଖାଲୁଛନ୍ତି ନେତ୍ର ଡୋଳା ।
ପବନେ ଚଳେ କି ଜବନେ ଉତ୍କଳ ଉଦବର ଭୃଙ୍ଗମେଳା ॥ ୩

---

୧—ରସିକ କୋବିଦ (ପଣ୍ଡିତ) ଜନମାନେ ଏ ଛାନ୍ଦ ଶୃଙ୍ଖଳା ଶୁଣି ରସିବେ । ସେ ନୃପମାନେ, ପ୍ରଭୃତରେ (ଅନେକକମରେ) ପ୍ରଭୃତରେ ଶାତମ୍ବୁଖ (ଅଶ୍ୱର୍ମ-ଦେବୀମୁଖ) ଅଗାଢ଼ ଶବ୍ଦ ଶୁଣି ଯାନମାନଙ୍କ ଅରୋହ (ଚଢ଼ି) ପନ୍ତି-ପନ୍ତି (ଧାଡ଼ି ଧାଡ଼ି) ହୋଇ ଗତ କରି ପୁରମାନଙ୍କ ପଶୁଥନ୍ତି—ଚମତ୍କୃ (ମୁଗ୍ଧ) କାହିଁ ଭ୍ରମଇ ?

୨—ସେହି ନଗରର ନାଗରୀମାନେ ଦେଖିବା ଲୋଭରେ ଶ୍ରେଣୀ ଶ୍ରେଣୀ (ଦଳ୨) ହୋଇ ବାହାର ହେଲେ । ଶ୍ୟାମଳା (କାଳୀ) ମାନେ ଉଚଳ ଗୌରୀ (ଗୋରୀ)ମାନେ ଉଚଳ ସେହି ସ୍ୱଧାନରେ ସାବର୍ଣ୍ଣା (ସାଦେଲ୍ଲ) ମାନେ ସେହିପ୍ରକାର ସେ ରାମା (ରମଣୀମାନେ) କେହି କାହିଁରେ ନ ମିଶେ । ନେତ୍ର ଯାହାଠାରେ ପଡ଼େ ତାହାଠାରେ ଜଡ଼ିଯାଏ ଅନକୁ ଲୋଡ଼େନାହିଁ ।

୩—ଯାହାଙ୍କର ବର୍ଣ୍ଣନା ସୁରମଣି ମଣି (ଇନ୍ଦ୍ରନୀଳମଣି) ସେ କାଳୀ ସ୍ତ୍ରୀ ମାନଙ୍କର ବର୍ଣ୍ଣନା ତେଣୁ ଶେଷ କରୁଅଛେ । ଅଙ୍ଗ କି କହିବା, ଯହିଁ (ଯେଉଁମାନଙ୍କଠାରେ) ପ୍ରଥମ ବୟ (ଯୌବନ ବୟସ) ରୂପବନ୍ତ (ମୂର୍ତ୍ତିମାନ) ହୋଇଛନ୍ତି । ସେ ବାମାମାନେ ନେତ୍ର ଡୋଳା ଖାଲୁଛନ୍ତି । ଭୃଙ୍ଗମେଳା (ଭ୍ରମର ସମୂହ) ଉଦବର (ନୀଳପଦ୍ମ) ପବନେ ଜବନେ ଜବ (ଅତିବେଗରେ) ଚଳେ କି ?

ନାସା ଫୁଲ୍‌ଅଛି ପ୍ରବାଳ ମାଣିକ୍ୟ ବଣଣି ଦେଖୁଛି ଯେହ୍ନ ।
ସେ କାର୍ ଅଧର୍-ବିମ୍ବକୁ ଖାଏଁ କି ଉତ୍‌ପୁଚ୍ଛେ ଶୁକେ ଚୋଟିକି
ସେ ଶ୍ୟାମା । ଘନ କାନ୍ତେଁ ମଞ୍ଜୁକେଶ୍ ।
ଖୋସା ମାଧୁରୀ ସହୁ ଗୁହ୍ନି ଧୈର୍ଯ୍ୟ-ବିଧୁକୁ କବଳ କରି । ୪
ଅଧ ଅଧ ଡଗାଡଗରେ ସେ ଡାକ ପକାଉଅଛନ୍ତି ପିକେ ।
ପକ୍ଷୀ ଶୁଣିବେଲେ ଅଜାର କରଇ ଜନଙ୍କୁ ହୃଦୟଯାକେ ।
ସେ ଶ୍ୟାମା । କଳା ମୃଦୁ ନାଦ ଜିଣି ।
ସେହୁ ଶବଦ ସ୍ତବଧ ଧ୍ୟାନ ଛଳେ ଯୋଗିବୃନ୍ଦରେ କି ଦେଲ । ୫
ମଞ୍ଜୁ ବନ୍ଧ୍ୟକାନ୍ତି କନକବ୍ରତତୀ ଗତ-ହଂସ ବନ୍ଧୁ ଚଳଳ ।
ସେହୁଣୀ ସଙ୍ଗ ହରିଦ୍ରାଙ୍କିତ ଅଙ୍ଗ ଉଦେ କି ଇନ୍ଦୁ ନିର୍ମଳେ ।
ସେ ଗୋରୀ । ମୁଖଶୋଭା ସେ ଲକ୍ଷ୍ମୀ ।
ନାସା ଫୁଲବାରେ ତରଳ ସ୍ୱାସବଶା କୁନ୍ଦନଣିବାଡ଼ ଗୁଣା । ୬

---

୪—ନାସା ଫୁଲ୍‌ଅଛି ତହିଁରେ ଥିବା ପ୍ରବାଳ ମାଣିକ୍ୟ ବଣଣି ଯେହ୍ନ ଦେଖୁଛି, ସେ (ନାସା) କାଉ (ଶୁକପକ୍ଷୀ) ତଣ୍ଟିରେ ଥିବା କଣଣି ଚୋଟି (ଥଣ୍ଟ) ଅଧର ବିମ୍ବଫଳ, ସେ କାର ଅଧର ରୂପ ବିମ୍ବଫଳକୁ ଖାଇବାକୁ ଥଣ୍ଟକୁ ଉତ୍‌ପୁକ୍ଷହୋଇ ଶୁକେ କି ? ସେ ଶ୍ୟାମା ରମଣୀର ଘନ କାନ୍ତିପୂ ମଞ୍ଜୁକେଶ— ଖୋସା (ମୁଣ୍ଡ ଜୁଡ଼ା) ମାଧୁରୀ ସହୁ, ତାଳୁ, ଗୁହ୍ନି (ଗୁହ୍ନିବା ମାନେ) ଧୈର୍ଯ୍ୟରୂପ ବିଧୁ (ଚନ୍ଦ୍ରକୁ) ସେ କେବଳ (ଗ୍ରାସ) କରି ଦେଉଛି ।

୫—ଅଧ ଅଧ ଡଗା ଡଗରେ ସେମାନେ ପିକେ (କୋକିଳମାନଙ୍କ) ଡାକ ପକାଉଛନ୍ତି । ସେ ଶବ୍ଦ ଶୁଣିବାଲେ (ଶୁଣି ସାରିବେ) ହୃଦୟ ଯାକେ ପକ୍ଷୀ ଜନଙ୍କୁ ଅଜାର କରଇ । ସେ ଶ୍ୟାମାର କଳା ଓ ମୃଦୁର ନାଦ (ଶବ୍ଦ) ଜିଣି, ସେହି ଶବ୍ଦ ଧ୍ୟାନଛଳରେ ଯୋଗି ବୃନ୍ଦରେ ସ୍ତବ୍ଧ (ମୌନାବସ୍ଥାକୁ) ଦେଲ୍ଲ ।

୬—ମଞ୍ଜୁ (ମନୋହାରଣୀ) ବନ୍ଧ୍ୟକାନ୍ତି (ଗୌରବର୍ଣ୍ଣା) ସ୍ତ୍ରୀମାନେ କନକ ବ୍ରତତୀ (ସୁବର୍ଣ୍ଣଲତା) ସେମାନଙ୍କର ଗତି ରୂପକ ହଂସ ରାଜ୍ୟ ବନ୍ଧ (ବନ୍ଧନ କରି) ଚଳନ୍ତି ଯାଇ ଧରୁଛି । ସେହୁଣୀ (ନାୟିକା) ସଙ୍ଗ (ସହବାସକୁ) ହରିଦ୍ରାଙ୍କିତ ଅଙ୍ଗ (ହରିଦ୍ରାଯୁକ୍ତ ଶରୀର) ଇନ୍ଦୁ (ଚନ୍ଦ୍ର) ନିର୍ମଳରେ ଉଦୟ ହେଲେ କି ? ସେ ଗୋରୀର ମୁଖ ଶୋଭା ସେ ଲକ୍ଷ୍ମୀ (ଲାବଣ୍ୟକୁ) ଧରଛି । ତାଙ୍କର ନାସା ଫୁଲବାକୁ ସ୍ୱାସବଶା କୁନ୍ଦନଣିବାଡ଼ ଗୁଣୀ ତରଳ ।

ଅପୂର୍ବ ସିଂହାଣୀ ଜଘନଠବଙ୍ଗ ଗ୍ରୁହିଁଣି ହୋଇଛି ସଙ୍ଗ ।
ଏଣିକ ତେଣିକି ଏକାକି କରୁଛି ସ୍ୱଚ୍ଛନ୍ଦାବଶରେ ରଙ୍ଗ ।
ସେ ଗୋସ୍ୱ । ଭକ୍ତକୁଳ ମନ ମୋହୁ ।
ପ୍ରେମ ରତ୍ନ ଭର କାମ'ଭଣ୍ଡାରେ କି ହେମସଂପୁଟକ ଥୋଇ । ୭
ଦରବିକାଶ ଫୁଲ ତୁଲ ସୁହାସ କଥାକୁହା ଭଙ୍ଗି ସେହୁ ।
ସ୍ୱର ଶୁଣିଥିଲେ ତରୁଣୀକୁଳ ସେ କୂଳରେ ରହନ୍ତେ ନାହିଁ ।
ସେ ଗୋସ୍ୱ । କ୍ରୀଡ଼ାଛବି ଶୀନଚୂଡ଼ା ।
ସେହୁ ବକଟେ ବଦନ ଚାହିଁ ମନ ଆନ ନ କରଇ ଲୋଡ଼ା । ୮
ପାହୁଡ଼ ହୁଡ଼ନା ବୋଲି କି ପଦନ୍ତ ମଣାଉଛି ବାର ବାର ।
ହିଙ୍କାର ଝଙ୍କାରେ ବାଧା ହୋଇଅଛି ହଂସଦମ୍ଭ ଯାହାର ।
ସେ ଗୋସ୍ୱ । ସଜନେ ମୋହନ ଛବି ।
ଯାବତ ଭବରେ ଯାହା ଗୁଲ୍ଫକ ବର୍ଣ୍ଣନା କରନ୍ତି କବି । ୯
ଜମ୍ବୁ-କମ୍ବାଳ-ପିଚ୍ଛୁଳା ପରେ ତାଳ ବଧି ନୀଳମଣି ଭାତ ।
ଛଟସ୍ୟ ଏ ପରି ଘଣ୍ଟିକୁ ପ୍ରକାଶି ସାହେବ ବଣାରୁ ପାଇ ।
ସେ ବାମା । ଗୁରୁଜ ପୁଅଳ ତୁଙ୍ଗ ।
କୀରଦନ୍ତର ଅନ୍ତର ଜାଣେ ଯାଇ ଆସିଲି କି ପାତୁଳଙ୍ଗ । ୧୦

---

୭—ଅପୂର୍ବମଧ୍ୟ ସେ ସିଂହାଣୀ (ଚତୁର୍ଥୀର) ଜଘନଠବଙ୍ଗ ଗ୍ରହଣର ସଙ୍ଗହୋଇଛି ଏଣୀ ( ହରିଣୀ ) ସ୍ୱଚ୍ଛନ୍ଦାବଶରେ ଏଣିକି ତେଣିକି ଗ୍ରୀବା ରଙ୍ଗ ( କ୍ରୀଡ଼ା ) କରୁଛି କି ? ସେ ଗୋସ୍ୱର ଭକ୍ତକୁଳ ମନକୁ ମୋହୁଛି । କାମ ପ୍ରେମରତ୍ନ ଭର ( ପୂର୍ଣ୍ଣକର ) ହେମ ସମ୍ପୁଟକ ( ସୁବର୍ଣ୍ଣ ପେଡ଼ିଅକୁ ) ନିଜ ଭଣ୍ଡାରେ ଥୋଇଛି କି ?

୮—ସୁହାସ ଓ କଥା କୁହା ଭଙ୍ଗି ଦର ବିକାଶ ( ଅଳ୍ପ ପ୍ରସ୍ଫୁଟିତ ) ଫୁଲ ତୁଲ ( ସମାନ ) ସେହୁ ସ୍ୱର ଶୁଣିଲେ ତରୁଣୀକୁଳ କୂଳରେ ରହନ୍ତେ ନାହିଁ । ସେ ଗୋସ୍ୱର କ୍ରୀଡ଼ା ଛବି ଶୀନଚୂଡ଼ା ଅଟେ, କ୍ରୀଡ଼ା ବନନରେ ପଦ ବଦନ ଚାହିଁ ଆନ ଲୋଡ଼ା ନ କରଇ ।

୯—ପାହୁଡ଼ (ଅଳଙ୍କାର ବିଶେଷ) ହୁଡ଼ନା ବୋଲି ବାରବାର ପଦନ୍ତ ମଣାଉଛି କି? ଯାହାର ହଂସର ମଦ (ହଂସଚାଲିର ମଦ) ହିଙ୍କାର ପଣିର ଝଙ୍କାରଣରେ ବାଧା ହୋଇଛି, ସେ ଗୋସ୍ୱ ସଜନରେ ମୋହନ ଛବି ଅଟେ । କବିମାନେ ଯାହାର ଗୁଲ୍ଫଙ୍କ ଯାବତ ଭବରେ ( ସମସ୍ତ ଭାବଭାବରେ ବର୍ଣ୍ଣନା କରନ୍ତି ।

୧୦—ବଧି ଜମ୍ବୁକମ୍ବାଳ ପିଚ୍ଛୁଳା ( ସୁବର୍ଣ୍ଣ ପିଚ୍ଛୁଳା ) ଉପରେ ନୀଳମଣି ଭାତ ତାଳକୁ ପରି ସାହେବୀ ସ୍ତ୍ରୀମାନଙ୍କର ଟୁଟସ୍ୟ ( ଭାନ୍ତି ) ଦଶୁଛି । ତାହାର

ଫଳକ ପତନ ଧବର୍ଣ୍ଣ ଲଗ୍ନିନ କଟାକ୍ଷ ଏସନ ଧନେ ।
ନେତ୍ର ଅଞ୍ଜନବୃତ-ଧନା ଖଞ୍ଜନ ପୁଣି କ୍ରୀଡ଼ ପୁଣି କରେ ।
ହେ ବାମା । କାହାରେ ବସ୍ତକେ ନଥ ।
ଚୂର୍ଣ୍ଣୀର ଉପରେ ସ୍ଥବିର କଷଣୀ ଥୋଇଛନ୍ତି କି ମନମଥ । ୧୧
ସରଣୀ-ସବରେ ତରଣୀ ଗ୍ରୀଷ୍ମ ସଦ୍ୟେ ଗତ ପ୍ରମାଣ ।
ବେଣୀ-ପଙ୍କିଳ କି ଦେଖାନ୍ତି ମାନସ୍କୁ ଏ ଯେନ୍ତି କଚତ ଲଣ ।
ହେ ବାମା । ଢୋଡ଼ିର ଗୁଣ୍ଡି ଅ ଲଗ୍ନ ।
ଝମ ଝମ ନାଦ ଦମ ଦମ ହୃଦ ଶ୍ରବଣେ କମ୍ପଇ ଦେଲୁ । ୧୨
ଶୁଣି ହେଲେ ଗୁଣି ହେଲେ ନୂପୁରଣେ ପୁଣି ସୁନ୍ଦରେ ବସି ।
ଧନ୍ୟ ପ୍ରଶଂସାରେ ଯସାରେ ନିବଦ୍ଧ ସୁକାନ୍ତି ତନ୍ନୁଣୀଶ୍ରେଣୀ ।
ହେ ସାଧୁ । ଏବେ ଏତେ ମନୋହର ।
ସମସ୍ତେ କରେ ଲୋଚନ କରିବାରେ ନିବେଦନ ହେଲେ ହର । ୧୩

---

ସ୍ତନକୁ ( ଦାଡ଼ିମ୍ବ ) ପ୍ରକାଶି କରେବ ବଣୀକୁ ପାଣି । ହେ ବାମାର ସ୍ତୁଟନ ଓ ଲୁଙ୍ଗ ( ବୃନ୍ତ ) ଜୃବଚ ( ସ୍ତନ ) ବାବଜୁଦ ଅନ୍ତର ନାଶ କରିବାକୁ ପାଞ୍ଚିଲଙ୍କ (ଚକ୍ର) ଯାଉ ଅଛନ୍ତି କି ?

୧୧—ଗ୍ରୀବ ବେଣୀ ଲଗ୍ନିନ ଫଳକ ପତନ ଓ କଟାକ୍ଷ ( ଗ୍ରୀବା ) ଏବନ ଧନେ ଅଞ୍ଜନବୃତ ମୁଖରେ ଧନା ନେତ୍ର ଖଞ୍ଜନ ପକ୍ଷୀ ( କଜ୍ଜଳପାତ ) ପୁଣି କ୍ରୀଡ଼ା ପୁଣି କରେ, ହେ ବାମାର କାହାରେ ନଥ ଏପରି ବସ୍ତକ ମନ୍ମଥ (କାମ) ଚୂର୍ଣ୍ଣୀର ( କେଶଗୁଚ୍ଛ ) ଉପରେ ସ୍ଥବିର କଷଣି ( ଧନୁର୍ଗୁଣ ଆକର୍ଷଣ କରିବା ପାଇଁ ଅଙ୍ଗୁଳିରେ ଥିବା ମୁଦ୍ରା ବଳୟେକୁ ) ଥୋଇଛନ୍ତି କି ? ନାସା ଚୂର୍ଣ୍ଣୀର ପର ନଥ ସୁନ୍ଦର ।

୧୨—ସବରେ ( ନଦୀରେ ) ତରଣୀ ( ନୌକା ) ଗମନ ପ୍ରାୟ ସରଣୀରେ ( ବାଟରେ ) ଗତ କରିବା ପ୍ରମାଣ ଅଛି । ହେ ବାମାର ଢୋଡ଼ିର ନାମକ ପାଦଭୂଷା ଗୁଣ୍ଡି ପଦର ମାନସ୍କୁ ବେଣୀରୂପ ପଙ୍କିଳ (ଜଳ୍ପ) ଦେଖାନ୍ତି କି ? ଏବଂ ଝମ ଝମ ନାଦ ଶ୍ରବଣରେ ହୃଦକୁ ଦମ ଦମ କମ୍ପଇ ଦେଇ ଏ ଯେନ୍ତି କଚତ ଲଣ ବୋଲି ମାନସ୍କୁ କହନ୍ତି ।

୧୩—ନୂପୁରଣେ ହେଉଛ ଶୁଣି ଗୁଣିହେଲେ ପୁଣି ସୁନ୍ଦରେ (ମିଳକୁ ) ବସିଲେ ସୁକାନ୍ତି ( ସୁନ୍ଦର ) ଏହି ନିବଦ୍ଧ ତନ୍ନୁଣୀ ଶ୍ରେଣୀ ଯସାରେ ପ୍ରଶଂସାରେ ଧନ୍ୟ ଅଟନ୍ତି । ହେ ସାଧୁ ! ଏମାନେ ଏତେ ଏତେ ମନୋହର ହର ଏହି ନିବଦ୍ଧ ତନ୍ନୁଣୀଙ୍କୁ ସମସ୍ତେ ନେତ୍ରରେ ଲୋଚନ ( ଦର୍ଶନ ) କରିବାରେ ନିବେଦନ ହେଲେ ।

ମହେଶ ମୋହେ ବନ୍ଧୁ ଭାଳି ଚଉରୀ ଦ୍ୱିବିଧରୂପକୁ ଜମା ।
ପରସ୍ପର ପ୍ରତିବିମ୍ବରେ ଦେଖାଇ ପୁଣି ସାବର୍ଣ୍ଣ୍ୟ ସୁଷମା ।
ହେ ସାଧୁ ! ନିଶ୍ଚେ କଲେ ଏ ନାରିଙ୍କା ।
ଚମ୍ପାବତୀ ପୁରୀ ଗ୍ରାମଟୀକା ପଦ ଅମରାବତୀ ଅଲକା ॥ ୧୪
ଶୋଭାରେ ଅପସରାଇ ଅପସରୀ ଏଥି ପ୍ରମଦାଏ ସତ ।
ମଣ୍ଡି ଅପସର ସେହି ଅପସରୀ ସବୁ କୋହ୍ନ ସ୍ୱର୍ଗସ୍ଥିତ ।
ହେ ସାଧୁ ! କିନ୍ନରୀମାନେ କି ନାରୀ ।
ବୋଲିବା ମାନେ ଗୁରୁଙ୍ଗାସେଏ ଭଜିଲେ କୁବେରକୁ ଅଶେଷ କରି ॥ ୧୫
ପାଦ ସାମନ୍ତବନ୍ଧସ୍ୱାଏ ବଢ଼ାଇ ଏ ଭାଳେ ଶୋଭିତ କଲ୍ଲି ।
ଜେତେ ବ୍ୟବହାର ସାରି ଗମ ପଦ ଶିଳେ ପ୍ରଶୁଲ୍ଲି ପ୍ରଶୁଲ୍ଲି ।
ହେ ସାଧୁ ! ନାରଦ ବୀଣା ବଜାଇ ।
ସ୍ୱର୍ଗେ ଗମନ ଯେନ ମନେ ଗୁହିଁଲେ ସାରିବର୍ଣ୍ଣେ ମଗ୍ନ ହୋଇ ॥ ୧୬

---

୧୪—ଜମା ଏମନ୍ତ ଦେଖି ମହେଶଙ୍କୁ ମୋହିବା ପାଇଁ ଭାଳି ଗୌରୀ ଦ୍ୱିବିଧ ରୂପକୁ ବହିଲେ, ପୁଣି ପରସ୍ପରର ପ୍ରତିବିମ୍ବରେ ( ଉଭୟ ମୂର୍ତ୍ତିରେ ଅର୍ଦ୍ଧ-ନାରୀ ମୂର୍ତ୍ତିରେ ) ସାବର୍ଣ୍ଣ୍ୟ ( ସାବେଳାଙ୍କର ) ସୁଷମା ,(ଶୋଭାକୁ ) ଦେଖାଇଲେ । ହେ ସାଧୁ ! ଏହି ନାରୀଙ୍କାମାନେ ନିଶ୍ଚେ ଚମ୍ପାବତୀ କି ପୁରୀ(ନଗରୀ) କଲେ, ଅମରାବତୀ ( ଇନ୍ଦ୍ରପୁରୀ ) ଓ ଅଲକା ( କୁବେରପୁରୀ ) ଏ ଦୁହେଁ ଏହା ତୁଳନାରେ ଗ୍ରାମଟୀକା ( ଖଣ୍ଡି ଏ ଖଣ୍ଡି ଏ ଶ୍ରେଷ୍ଠ ଗ୍ରାମ ) ପଦ କାହୁଁ ନଗରୀ ନୁହେଁ ।

୧୫—ଏଥିରେ ପ୍ରମଦାଏ ( ସ୍ତ୍ରୀମାନେ ) ଶୋଭାରେ ଅପ୍ସରାମାନଙ୍କୁ ଅପସରାଇ ( ଘୁଞ୍ଚାଇ ) ଦେଲେ, ଏହା ସତ । ସେହି ଅପ୍ସରାମାନେ ଏମାନଙ୍କ ସବୁ କୋହ୍ନ ମଣ୍ଡିକୁ ଅପସରିଯାଇ ସ୍ୱର୍ଗସ୍ଥିତ ହେଲେ । ହେ ସାଧୁ ! କିନ୍ନରୀମାନେ ଏମାନଙ୍କୁ ଦେଖି ଅମ୍ଭେ କି ନାରୀ ବୋଲିବାରୁ ଏହି ମାନେ (ଅଭିମାନରେ) କୁବେରଙ୍କୁ ( କୁ+ବେର=କୁତ୍ସିତ ଦେହ ହେତୁ କୁବେର ନାମକୁ ) ଅଶେଷ କରି ଗୁରୁଙ୍ଗାସେଏ ( ଘୋଟକମୁଖ କିନ୍ନରମାନଙ୍କୁ ) ଭଜିଲେ ।

୧୬—ଏଭାଳେ ପାଦ ସାମନ୍ତଙ୍କ ବନ୍ଧସ୍ୱାଏ ( ସ୍ତ୍ରୀମାନେ ) ଜେତେ ବ୍ୟବହାର ସାରି ଗମ ( ଗୁଳ ) ଏ ପଦ ( ଏ ବାକ୍ୟ ) ଶିଳେ ପ୍ରଶୁଲ୍ଲି ପ୍ରଶୁଲ୍ଲି ( କହୁଁ କହୁଁ ) ବଢ଼ାଇ ଶୋଭିତ କଲ୍ଲି ଅର୍ଥାତ୍ ବୋଠାଭୂପର ଗୃହରେ ଅବେଶନ କଲ୍ଲି ସ୍ୱଜାମାନେ ତାଙ୍କର ମଧୁରକଣ୍ଠ ନିଃସୃତ ସାରିବର୍ଣ୍ଣ ( ସା ରି ଗ ମ ପ ଧ ନି ) ରେ ମଗ୍ନ ହୋଇ ନାରଦ ବୀଣାବଜାଇ ସ୍ୱର୍ଗେ ଗମନ କରନ୍ତୁ କି ଏହା ମନେ ଯେନ ଗୁହିଁଲେ ।

ନାସ୍ତି ତାର ବାଣୀ ଭୂପେ ଭଣି ଯୋଷା ଈର୍ଷା ଛାଡ଼ି ନ ପାର ।
ସ୍ୱର୍ଗ ସଙ୍କଟରେ ସୁରସୁନ୍ଦରୀଙ୍କି ହେଲେ ଗମନ ଅଦର ।
ହେ ବନ୍ଧୁ ! ବୋଲି ଗୃହଭିତ୍ତି ଶ୍ରବଣେ ।
ଏ ସତ୍ୟ ରମ୍ଭାକୁ କାନ୍ତ-ଅର୍ଗଳରେ ବାନ୍ଧିଲେଣି ଛନ ବାଣେ । ୧୭
ପ୍ରତ୍ୟକ୍ଷର ପରମ ମନୋହର ରମଣୀଙ୍କ ସ୍ଥାନ ଏତ ।
କୋଟିବ୍ରହ୍ମାଣ୍ଡସୁନ୍ଦରୀ ସେ ଏମନ୍ତ ଶୋଭା ଥିବ ପୁଣି ବହୁ ।
ହେ ସାଧୁ ! ଲକ୍ଷ୍ୟ ନ ପାରିବେ କରି ।
ବ୍ୟାସ ବାଲ୍ମୀକି କାବ୍ୟ ଧାତା ଗଣେଶ ଶେଷ ସାରଦା ଶଗୁର । ୧୮
ରମ୍ଭା-ନବର ଯେବେ ସ୍ୱପ୍ନର କରିଆନ୍ତେ ଦେଖନ୍ତାରି ।
ରଙ୍ଗ ପିଞ୍ଜୁଳା କରି ନେତ୍ର-ପିଞ୍ଜୁଳା ଭିତର ତାହା ନେଇନ୍ତାରି ।
ହେ ସାଧୁ ! ମନେ ସଦା ରଖନ୍ତାରି ।
ଯେ ଲଭନ୍ତା ତାକୁ କୋଟି ପୁରନ୍ଦରପଦ ନେଲ ଯୋଷନ୍ତାରି । ୧୯

---

୧୭—ହେ ଭୂପତି (ଶୁକାମାନେ) ଶେଷକୁ ଏ ନାସ୍ତି ବାଣୀ ବୋଲି କହି ଭଣିଲେ—ଯୋଷା (ଏ ସ୍ତ୍ରୀମାନେ) ଈର୍ଷା ଛାଡ଼ି ନ ପାର ସୁରସୁନ୍ଦରୀଙ୍କି (ଅପ୍‌ସରାମାନଙ୍କ) ସ୍ୱର୍ଗ ସଙ୍କଟରେ ବୋଲି କେଉଁଠି ଗମନ ଅଦର ହେଲେ କି ? ଏମନ୍ତ ଶ୍ରୁତି ଗୃହଭିତ୍ତି (ଶୁକାଙ୍କ ନିକଟରେ ଥିବା ପରଦାମାନେ) ଶୁଣିଲେ-ହେ ବନ୍ଧୁ ! ଏହା ସତ୍ୟ, ଏଣିକେ ରମ୍ଭାକୁ ବାଣେ (ବାଣରେ) ଛନ କାନ୍ତ ଅର୍ଗଳରେ ଅଣି ବାନ୍ଧିଲେଣି । ରମ୍ଭା (ଅପ୍‌ସରାବିଶେଷ ଓ କଦଳୀବୃକ୍ଷ) ସ୍ତ୍ରୀମାନଙ୍କର ଜଙ୍ଘ ପ୍ରଦେଶକୁ କଦଳୀ ବୃକ୍ଷ ସହିତ ତୁଳନା କରାଯାଏ ।

୧୮—ଶୁକାମାନେ ପ୍ରତ୍ୟୁତ୍ତର କଲେ—ଏଡୁ ଉତ୍ତମ ପରମ ମନୋହର ରମଣୀମାନଙ୍କର ସ୍ଥାନ ଅଟେ ପୁଣି କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଯେ କେମନ୍ତ ଶୋଭା ବହୁଥିବ । ହେ ସାଧୁ ! ବ୍ୟାସଦେବ, ବାଲ୍ମୀକି, କାବ୍ୟ (ଶୁକ୍ର) ଶେଷ (ବାସୁକି) ସାରଦା (ସରସ୍ୱତୀ) ଧାତା (ବିଧାତା) ଗଣେଶ ଏମାନେ ଶଗୁର ଲକ୍ଷ୍ୟ (ତୁଳନା) କରି ନ ପାରିବେ ।

୧୯—ତମାନଙ୍କର ନବଳ (ଶୁକା) ଯେବେ ସ୍ୱପ୍ନର ସତ୍ତ୍ୱ କରିଆନ୍ତେ ତେବେ ତାହାକୁ ଦେଖନ୍ତାରି ଏବଂ ତାହାକୁ ରଙ୍ଗ ପିଞ୍ଜୁଳା କରି ନେତ୍ର ପିଞ୍ଜୁଳା ଭିତରେ ନେଇନ୍ତାରି । ହେ ସାଧୁ ! ସଦା ମନେ ରଖନ୍ତାରି ତାକୁ ଯେ ଲଭନ୍ତା ସେ କୋଟି ପୁରନ୍ଦର (ଇନ୍ଦ୍ର) ପଦ ନେଲା ବୋଲି ଯୋଷନ୍ତାରି (ମନେ କରନ୍ତେ) ।

ଏ ଭାବେ ମିଳି ନେମା ପାଶେ କଲ୍ୟାଣୀ ପ୍ରକାଶି ମଧୁର ଭାଷ ।
ଜଗତମୋହିନୀ ବିଳମ୍ବ ନ କର ଜଗତୀ ପତିରେ ରସ ।
ରେ ବାଳା ! ସୀତା ଧନୁ-ସ୍ୱୟମ୍ବରେ ।
କେତେ ରଚାଥିଲେ ଶ୍ରୀରାମ ଭାଙ୍ଗିଲେ ପୁଣି କହେ ଦୃଷ୍ଟାନ୍ତରେ ॥ ୨୦
ଦନ୍ତ ତୁଳ ପାଇ ସୂଚୀଭେଦ ହୋଇ କେତେ ମୋତି ହେଲେ ହାର ।
କେତେ ଶୁକ୍ତିଯୋଗେ ଚୂର୍ଣ୍ଣ ପାନ ସଙ୍ଗେ ସଙ୍ଗ ହୋଇଲା ତାଙ୍କର ।
ରେ ବାଳା ! ଯେତେକ ଏତେକ ନୋହି ।
ବ୍ୟର୍ଥ ହୋଇଲେ କାୟକ୍ଲେଶ ବିନା ମନୋରଥ ସାର୍ଥ କାହିଁ ॥ ୨୧
କାମଶରେ ବିନ୍ଧା ବିରହ-ଅନଳେ ଦଗ୍ଧ ହେଉଅଛି ନିତି ।
ତୋ ହେତୁ ପୁଷ୍ପକେତୁ ନାମ କୁମାର ଧୈର୍ଯ୍ୟ ନ କରୁ ମତି ।
ରେ ବାଳା । ତୋତେ ସେ ଲଭିବ ସତ
ଶୁଣି ସେ ସଖୀ ସେବକା ସଙ୍ଗେ ରଙ୍ଗେ ବଢ଼ାଇ ମଣ୍ଡେ ଭୂଷଣ ॥ ୨୨

---

୨୦—କଲ୍ୟାଣୀ ( ମାଙ୍ଗଲ୍ୟା ସଖୀ ) ଏଭାବେ ନେମାପାଶେ ମିଳି ମଧୁରଭାଷ ( ବାଣୀ ) ପ୍ରକାଶିଲେ—ହେ ଜଗତ ମୋହିନି ! ବିଳମ୍ବ ନ କର ଜଗତୀ ପତିରେ ରସ ( କୋଠାଭୂପଙ୍କୁ ଯାଅ ), ହେ ବାଳା ! ସୀତାଙ୍କର ସ୍ୱୟମ୍ବର ଧନୁଃସ୍ୱୟମ୍ବରରେ କେତେ କେତେ ରଚା ଥିଲେ, କିନ୍ତୁ ଶ୍ରୀରାମ ଧନୁ ଭାଙ୍ଗିଲେ ସେହିପରି ତୋହର ଅଭିଳଷିତ ପ୍ରସ୍ତୁତ ମୁଦ୍ରେପ୍ସ ହରଣୀ କରିବ ଏହା ପୁଣି ଦୃଷ୍ଟାନ୍ତରେ କହିଲେ ।

୨୧—ତୋ ଦନ୍ତସଙ୍ଗେ ତୁଳ (ସମାନ) ହେବାପାଇଁ କେତେ ମୋତି ସୂଚୀଭେଦ ( ଛିଦ୍ରରେ ଫୋଡ଼ା ) ହୋଇ ତୋର ହାର ହେଲେ ଓ କେତେ ଶୁକ୍ତି ( ଶାମୁକା ) ଯୋଗେ ( ଯୋଗକରି ) ଚୂର୍ଣ୍ଣହେଲେ, ଚୂନରୂପେ ପାନସଙ୍ଗେ ତାଙ୍କର ତୋ ସଙ୍ଗ ଲଭ ହୋଇଲା । ରେ ବାଳା । ଯେତେକ ମୋତି ଓ ଶାମୁକା ଏତେକ ( ଫୋଡ଼ା ଓ ଯୋଡ଼ା ) ନୋହିଲେ ସେମାନେ ବ୍ୟର୍ଥ ହୋଇଲେ ( ତୋ ସଙ୍ଗ ନ ପାଇଲେ ), ଅତଏବ କାୟକ୍ଲେଶ ବିନା ମନୋରଥ ସାର୍ଥ ( ସଫଳ ) କେଉଁଠାରେ ।

୨୨—ପୁଷ୍ପକେତୁ ନାମକ କୁମାର ତୋ ହେତୁ ନିତି କାମଶରେ ବିନ୍ଧାହୋଇଛନ୍ତି ଓ ବିରହ ଅନଳେ ଦଗ୍ଧ ହେଉଅଛନ୍ତି ସେ ଏହା ମତ ( ମନରେ ) ଧୈର୍ଯ୍ୟ କରୁ ନାହିଁ । ରେ ବାଳା । ତୋତେ ସେ ଲଭିବ ଏହା ସତ ଅଟେ । ସେ ସଖୀ ଏହା ଶୁଣି ସେବକା ( ଦାସୀ ) ସଙ୍ଗେ ରଙ୍ଗେ ( ଆନନ୍ଦରେ ) ଭୂଷଣ ବଢ଼ାଇ ( ଅଳଙ୍କାରକୁ ) ମଣ୍ଡନ କଲେ ।

ପଞ୍ଚଶାଖା ପଦ୍ମ ଦେଇ ନୟନ ବାହାସ୍ଥଳେ ଗୁହ୍ନିବାରେ ।
ଯନ୍ତ୍ରା ଗଳାଇ ଶରଜ କଙ୍କପତ୍ର ଗୋଟ ଶବଳ ଛଡ଼ାରେ ।
ସେ ତେଣୁ । ଚଣ୍ଡୀ ନାମକୁ ସୁସ୍ଥିତ ।
ମଧ୍ମାଣ ଲକ୍ଷେ ଖ-ଭେଦ କରିବାରେ ଶରପ୍ରହାର ଅଦ୍ଭୁତ । ୨୩
ଜଗତ୍ରୀ ଦବାରେ ଦଶେ କିଛି କିଛି ମୃଗ ହାସ ମନୋହର ।
ପୂର୍ବାଦ୍ରି ଲତାନ୍ତରେ ହୃଦେ ଉଦ୍ଭ କି ଜଳୋପତେ ଫଳ ଭର ।
ସେ ବାସେ । ପାଶେ ମିଳେ ଅଳିଅଳୀ ।
ହୁଙ୍କାରେ ଉଠି ଫମକ୍କ ମନସିଜ ପିଙ୍ଗିଲ ପର ଯାଚେକ । ୨୪
ସୁନ୍ଦରୀଙ୍କ ଦୃଷ୍ଟି ଭଳ ସେଠାରୁ ଗୁହ୍ନି ଗୁହ୍ନି ହେଲେ ଯନ୍ତ୍ରି ।
କାଗଜଚିଙ୍କି ଜଡ଼ୁଙ୍କା ଚେକ ଜନେଇଲା ପରି ଭନ୍ତି ।
ସେ ନେଜ । ପିଚ୍ଛଡ଼ା ଛଡ଼ାଇ ଦେଲେ ।
ଏଥି ସୁନ୍ଦରଶିରୋମଣି ରମଣୀ ଭଲେ ଏ ଖେଦେଭ ହେଲେ । ୨୫

---

୨୩—ଚକ୍ଷୁସ୍ଥିତ ଶାଖାପଦ୍ମ ବାହାସ୍ଥଳେ (କଦାକଦାଚିତ୍‌ରେ) ନୟନଦେଇ ଗୁହ୍ନିବାରେ ଯନ୍ତ୍ରାରେ ଗଳାଇ ଶରଜ କଙ୍କପତ୍ରତୋଳ (ଶରସମୂହ) ଶବଳ ଛଡ଼ାରେ ଦେଖିଲା । ସେ ଯେ ଚଣ୍ଡୀ (ମାନିନୀ) ନାମକୁ ସୁସ୍ଥିତ (ପ୍ରାପ୍ତ) ହୋଇଛି ତେଣୁ ଚଣ୍ଡୀ (ଦୁର୍ଗା) ହେଲା । ମଧ୍ମାଣ (ହଜାମାନେ) ଖ-ଭେଦ (ଆକାଶରେ ଖ) କରିବାରେ ମଗ୍ନଚିତ୍ତ ହେଲେ ତାଙ୍କ ଲକ୍ଷେ (ଲକ୍ଷ୍ୟକର) ତକ୍ଷଣର ପ୍ରହାର କରିବା କଥା ଅଦ୍ଭୁତ ହେଲା ।

୨୪—ଜଗତ୍ରୀ (ଅହଂକାର) ଦବାରେ (କଦାକଦାଚିତ୍‌ରେ) ହାସରେ ମନୋହର ହୋଇଥିବା ମୃଗ କିଛି କିଛି (ଅଳ୍ପ ଅଳ୍ପ) ଦଶେ, ପୂର୍ବାଦ୍ରି (ହୃଦୟସ୍ଥିତ) ଲତାନ୍ତରେ (ଲତାମଧ୍ୟରେ) ଉଦ୍ଭବ ହୋଇଛି କି ? ତାହାର ଭର (କାରଣ) ଫଳ ଜଳୋପତେ କି ? ସେ ପୂର୍ଣ୍ଣଚନ୍ଦ୍ରା ଭଳରେ ଥାଇ ଏପରି ଦିଶିଲା । ମୃଗ କଳଙ୍କପରି, ହୋଇ ଲତାପରି, ହାସ କିରଣପରି, ତୋଟା ପୂର୍ବାଦ୍ରିପରି । ସେ ନୂଆର ବାସରେ ଅଳିଅଳି (ଭ୍ରମର ଶ୍ରେଣୀ) ପାଶରେ ମିଳିଲେ ଓ ହୁଙ୍କାରିଲେ, ମନସିଜ (କାମ) ତାହାର ଯାଚେକ ଅମୃତ୍ତ ଫମକ (ଚିଙ୍କି) ପିଙ୍ଗିଲପରି ଦେଖାଗଲା ।

୨୫—ଯନ୍ତ୍ରି ସେଠାରୁ ଗୁହ୍ନି ଗୁହ୍ନି ଦୃଷ୍ଟି ଯାକ ସୁନ୍ଦରୀଙ୍କର ଦୃଷ୍ଟି ଭଳ (ଭଲ), ଯନ୍ତ୍ରି ସେ ସୁନ୍ଦରୀ କୌତୁକା ହୋଇ କାଗଜ ଚଙ୍କି ଚେକ ଜନେଇଲା ପରି ନେଜ ପିଚ୍ଛଡ଼ାକୁ ଛଡ଼ାଇ ଦେଲେ । ତାହାପରେ ସୁନ୍ଦରଶିରୋମଣି ରମଣୀ ଏଥିରେ ଏ ଖେଦେଭ ସେମାନଙ୍କର ହେଲା ।

ଲବଣୀ-ସାଗରୁ ପ୍ରଚଣ୍ଡ-ଲହରୀ କାଳ-ମାର୍ଗେ କି ବହଇ ।
ଚତୁର ନୟନ-ତରଙ୍ଗ ଶୁଭ୍ରର ବାଢାସୁନେ ସେହୁପରି ।
ସେ ଧାମେ । ଏ ତସ୍ତୁ ଫଂସ ତହିଁକି ।
କି ଭାଗ୍ୟ ଅମ୍ଭ ପରେ ବାଳା ଲକ୍ଷଣ ପତନ ହୋଇଲା ଟିକି । ୧୬
ସିନ୍ଧୁରେ ରତ୍ନାକର ପଦ ସେବନରେ ମଜ୍ଜି ଉଠି ନ ପାରିଲେ ।
ସ୍ନାନ ଷଡ୍‌ରସଫଳ ନୋହେ ବିଫଳ ଏ କଥା ବେଦବତ କଲେ ।
ସେ ଅଜ । ସାର୍ଥ ହେବ ଜାତ କଷ୍ଟ ।
ଶ୍ରବଣ କରିବ ଅମ୍ଭ ନାମ ବାଳା ଦେଶୁ ଦେଉଥିଲେ ଦଣ୍ଡ । ୧୭
ସେ ବଶ ହେବାକୁ ସଂସାରେ କେ ଅଛି ଯେ ଅଛି ସେ ନାହିଁ ଏଥି ।
ଜଗତମୋହନ ମୂରତି ମାଧବ ବର୍ଣ୍ଣିଲୁଭ ମନମଥ ।
ସେ ବାଳା । ହୋଇ ଯେ ବହୁସ୍ୟ ବଶ ।
ଏକେ ଏକେ ଏକେ ବୋଲି ପୁଚ୍ଛୁଥିବ କି ଶୁଣୁଥିବ ସେ ଭୃତ । ୧୮
ମୋହନସ୍ୱର ପୂର୍ଣ୍ଣ କୃଷ୍ଣ-ବେଣୁରେ କୃଷ୍ଣକେଶୀ ବଦନରେ ।
ପଶୁ ପାଷାଣର ବଶ ତରଳକୁ କରୁଥିବ ରଚନରେ ।
ସେ ସ୍ୱରେ । ହୋଇଲାଣି ବଡ଼ ନୋହି ।
ଅନେକ ଷଣ୍ଣିନାଦେ ଚନ୍ଦ୍ର ଦର୍ଶନେ ବଶ ତରଙ୍ଗ ସେତୁ । ୧୯

---

୧୬—ଲବଣୀ ସାଗରରୁ ପ୍ରଚଣ୍ଡ ( ପାତ୍ର ) ରୂପ ଲହରୀ କାଳମାର୍ଗରେ ବହୁଅଛି କି ? ସେହିପରି ଚତୁରୀର ନୟନ-ତରଙ୍ଗ ଶୁଭ୍ରର ବାଢାସୁନେ ( ଜଳା-ଭରାଟି ଶୁଦ୍ଧରେ ) ବହୁଅଛି । ଅତଏବ ସେ ସ୍ଥାନକୁ ଅମ୍ଭମାନଙ୍କର ଏ ତସ୍ତୁରୂପ ଫଂସ (ମୀନ) ଧାପେ (ଧାଉଛି) । ଅମ୍ଭର କି ଭାଗ୍ୟଟି, ଅମ୍ଭ ଉପରେ ବାଳାର ଲକ୍ଷଣ ପତନ ହୋଇଲା ଟିକି ?

୧୭—ରତ୍ନାକର ପଦ ସେବନରେ ସିନ୍ଧୁରେ ( ସମୁଦ୍ରରେ ) ମଜ୍ଜି ( ବୁଡ଼ି ) ଉଠି ନ ପାରିଲେ ମଧ୍ୟ ସ୍ନାନ ଷଡ୍‌ରସଫଳ ବିଫଳ ନୋହେ, ଏ କଥା କଲେ ବେଦବତ । ଅଜ ଜାତକ ( କଷ୍ଟ ) ହିଁ ( ନିଶ୍ଚୟ ) ସାର୍ଥ ( ସଫଳ ) ହେବ, ଅମ୍ଭ ନାମ ଦେଶୁ ଦଣ୍ଡ ଦେଉଥିଲେ ସେ ବାଳା ଶ୍ରବଣ କରିବ ।

